DHARITRI
ଭୁବନେଶ୍ୱର, ଶୁକ୍ରବାର, ଜୁଲାଇ ୧୪/୨୦୨୩ (୧୬ ପୃଷ୍ଠା) Bhubaneswar, Friday, July 14/2023 Page 16 ₹ 7.00
www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul
୪୯ଶ ଭାଗ ୨୨୯ ସଂଖ୍ୟା VOLUME 49 ISSUE 229 ମୂଲ୍ୟ₹୭/-

# ଲାଞ୍ଚ ନେଇ ଜେଲଗଲେ ଏଏସ୍ଆଇ

**ପୋଲିସର କାର୍ଯ୍ୟଦକ୍ଷତାକୁ ନେଇ ଏବେ ପ୍ରଶ୍ନ ଉଠିଲାଣି। କେଉଁଠି କୋହଳ ସୁରକ୍ଷା ବ୍ୟବସ୍ଥାରୁ ଅଭିଯୁକ୍ତ ପୋଲିସ ହେପାଜତରୁ ଖସିଯାଉଛନ୍ତି ତ ଆଉ କେଉଁଠି ଲାଞ୍ଚଖୋର ଅଭ୍ୟାସ ପୋଲିସ ମନରୁ ଯାଉନାହିଁ। ଫଳରେ ଅନେକେ ଲାଞ୍ଚ ନେଇ ଧରାପଡୁଥିବା ଖବର ବାରମ୍ବାର ଶୁଣିବାକୁ ମିଳୁଛି। ତେବେ ରାଜଧାନୀରେ ମାମଲା ରଫାଦଫା କରିବା ପାଇଁ ଜଣେ ବୃଦ୍ଧାଙ୍କ ଠାରୁ ମହିଳା ପୋଲିସ କର୍ମଚାରୀ ୧୫ହଜାର ଟଙ୍କା ଲାଞ୍ଚ ନେଇ ଭିଜିଲାନ୍ସ ହାତରେ ଧରାପଡ଼ି ଜେଲଯିବା ଘଟଣା ଏବେ ଚାରିଆଡ଼େ ଚର୍ଚ୍ଚାର ବିଷୟ ପାଲଟିଛି।**

- **ମାମଲା ରଫାଦଫା ପାଇଁ ବୃଦ୍ଧାଙ୍କଠୁ ୧୫ ହଜାର ଲାଞ୍ଚ ନେଉଥିଲେ**
- **ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ନେଇ ଭିଜିଲାନ୍ସ ଟିମ୍‌ର ଚଢ଼ାଉ ଜାରି**

ଭୁବନେଶ୍ୱର, ୧୩।୭(ସତ୍ୟଜିତ ରାଉତ)

ମାମଲା ରଫାଦଫା କରିଦେବାକୁ କହି ଜଣେ ୭୦ ବର୍ଷୀୟା ବୃଦ୍ଧାଙ୍କଠାରୁ ୧୫ହଜାର ଟଙ୍କା ଲାଞ୍ଚ ନେବାବେଳେ କମିଶନରେଟ ପୋଲିସର ଶହୀଦନଗର ଥାନା ଆସିଷ୍ଟାଣ୍ଟ ସବ୍‌ଇନ୍ସପେକ୍ଟର (ଏଏସ୍ଆଇ) ମମତା ବସ୍ତିଆ ଗୁରୁବାର ଭିଜିଲାନ୍ସ ଜାଲରେ ଧରାପଡ଼ିଛନ୍ତି। ଏନେଇ ଭୁବନେଶ୍ୱର ଭିଜିଲାନ୍ସ ଥାନାରେ ଏକ ମାମଲା (ନଂ.୧୭/୨୦୨୩) ରୁଜୁ ହୋଇଛି। ଭିଜିଲାନ୍ସ ଟିମ୍ ଅଭିଯୁକ୍ତା ମମତାଙ୍କ ନିକଟରୁ ଲାଞ୍ଚ ଟଙ୍କା ଜବତ କରିବା ପରେ ତାଙ୍କୁ ଭୁବନେଶ୍ୱର ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟକୁ ଚାଲାଣ କରିଥିଲା। ଜାମିନ ନାମଞ୍ଜୁର ପରେ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ତେବେ ଏହି ମାମଲାରେ ଆୟ ବହିର୍ଭୁତ ସମ୍ପତ୍ତି ଠୁଳ ଦିଗକୁ ନେଇ ମମତାଙ୍କ କଟକ ସିଡିଏଠାରେ ଥିବା ଏକ ଆପାର୍ଟମେଣ୍ଟସ୍ଥିତ ବାସଭବନ ଓ ଜଗତ୍‌ସିଂହପୁର ଜିଲା ରଘୁନାଥପୁର ଥାନା ଅନ୍ତର୍ଗତ ବିରାଡି କଟକ ଗ୍ରାମସ୍ଥିତ ପୈତୃକ ଘରେ ଭିଜିଲାନ୍ସ ପକ୍ଷରୁ ଚଢ଼ାଉ ଜାରି ରହିଛି। ଅନ୍ୟପକ୍ଷରେ ଏହି ମାମଲାକୁ ଆଧାର କରି କମିଶନରେଟ ପୋଲିସ ପକ୍ଷରୁ ମମତାଙ୍କୁ ଦିନେ କିମ୍ବା ୨ଦିନ ମଧ୍ୟରେ କାର୍ଯ୍ୟରୁ ନିଲମ୍ବନ କରାଯିବ ବୋଲି ସୂଚନା ମିଳିଛି। ☞ପୃଷ୍ଠା-୪



ଶହୀଦନଗର ଥାନା ଏଏସ୍ଆଇ ମମତା ବସ୍ତିଆ

## ପୋଲିସକୁ ଚକ୍‌ମା ଦେଖାଇ ଅଭିଯୁକ୍ତ ଚମ୍ପଟ

**ପାଇଖାନା ସ୍କାଏଲାଇଟ୍ ବାଟେ ଖସିଗଲେ**

ସମ୍ବଲପୁର, ୧୩।୭(ଶୁଭାଶିଷ ପାଢୀ)

ସମ୍ବଲପୁର ଜିଲା ଜଜ୍‌ଙ୍କ କୋର୍ଟରେ ହାଜର ହେବାକୁ ଯାଉଥିବା ଜଣେ ଅଭିଯୁକ୍ତ ଗୁରୁବାର ପୋଲିସକୁ ଚକ୍‌ମା ଦେଖାଇ ଚମ୍ପଟ ମାରିଛନ୍ତି। ସେ ହେଲେ ସଦର ଥାନା କୁମ୍ଭାରପଡ଼ାର ଗୁଲଗୁଲା ଖାନ (୫୮)। ସୂଚନା ଅନୁସାରେ, ୨୦୦୦ ରେ ସଲିମ ନାମକ ଜଣେ ଯୁବକଙ୍କୁ ଗୁଲଗୁଲା ଓ ତାଙ୍କ ସହଯୋଗୀ ମିଶି ହତ୍ୟା କରିଥିଲେ। ହତ୍ୟା ଅଭିଯୋଗରେ ଗୁଲଗୁଲା ଗିରଫ ହୋଇ ଜେଲରେ ଥିଲେ। ୨୦୧୦ରେ ସେ ଜାମିନରେ ଆସିଥିଲେ। ହେଲେ ପରେ ସେ କୋର୍ଟରେ ହାଜର ହେଉ ନ ଥିଲେ। ତେଣୁ ତାଙ୍କ ନାମରେ କୋର୍ଟ ୱାରେଣ୍ଟ ଜାରି କରିଥିଲେ। ଟାଉନ ଥାନା ପୋଲିସ ତାଙ୍କୁ ଗିରଫ କରିବା ପାଇଁ ତନାଘନା ଜାରି ରଖିଥିଲା। ଏପରିସ୍ଥଳେ ଗୁରୁବାର କୁମ୍ଭାରପଡା ସାଲିଆ ବଗିଚାରୁ ପୋଲିସ ଟିମ୍ ତାଙ୍କୁ ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

ଉପନିବେଶବାଦର ପ୍ରଭାବ

୨୫ରେ ଓଡ଼ିଶା ଆସିବେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ | ପୃଷ୍ଠା-୫

TPCODL | TPNODL | TPSODL | TPWODL
(ଟାଟା ପାୱାର ଓ ଓଡ଼ିଶା ସରକାରଙ୍କ ଏକ ଯୌଥ ଉଦ୍ୟୋଗ)

ଓଡ଼ିଶା, ଏକତ୍ର
ଆମେ ଶକ୍ତିଶାଳୀ



ପ୍ରକୃତ ଚାମ୍ପିଅନ ସେମାନେ ଯେଉଁମାନେ କଠିନତମ ପରିସ୍ଥିତିରେ ମଧ୍ୟ ନିଜଠାରୁ ଅଧିକ କାର୍ଯ୍ୟ ସମ୍ପାଦନ କରନ୍ତି । ଓଡ଼ିଶାର ଜନସାଧାରଣଙ୍କୁ ନିରନ୍ତର ବିଦ୍ୟୁତ ଯୋଗାଣରେ TPCODL, TPNODL, TPSODL ଏବଂ TPWODL ର ପାୱାର୍ ହିରୋମାନଙ୍କର ଅବିସ୍ମରଣୀୟ ଉତ୍ସର୍ଗ ହୃଦୟସ୍ପର୍ଶୀ ।

ଏବର୍ଷ କାଳବୈଶାଖୀ ଗୁଡିକର ପ୍ରତିକୂଳ ପ୍ରଭାବ ପ୍ରାୟ ଦ୍ୱିଗୁଣିତ ହୋଇଥିଲା, 2022 ମସିହାରେ 1,022 ତୁଳନାରେ ପ୍ରାୟ 1,766 ଘଟଣା ଘଟିଥିଲା ।

ପରିସ୍ଥିତିର ମୁକାବିଲା କରିବା ପାଇଁ 26,400 ରୁ ଅଧିକ କୁଶଳୀ ଏବଂ ଦୃଢ ପରିକର ସ୍ଥାନୀୟ କର୍ମଚାରୀ, ଲାଇନମେନ ଏବଂ ଇଞ୍ଜିନିୟରମାନେ ସେମାନଙ୍କ ପ୍ରତିବଦ୍ଧତା ପାଳନ କରି ଦିନରାତି କାର୍ଯ୍ୟ କରିଥିଲେ ।

ଏହି ଅସାଧାରଣ କୃତିତ୍ୱ ଏବଂ ଦୃଢ ବିଶ୍ୱାସ ମୋତେ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଆଶୀର୍ବାଦ ଏବଂ ଆପଣଙ୍କ ସହଯୋଗରେ ଇଣ୍ଡିଆ-ୱେଷ୍ଟଇଣ୍ଡିଜ ସିରିଜରେ ମୋର ସର୍ବଶ୍ରେଷ୍ଠ ପ୍ରଦାନ କରିବାକୁ ପ୍ରେରଣା ଦେଇଛି ।

ଆସନ୍ତୁ ଏକାଠି ଓଡ଼ିଶାକୁ ବିଦ୍ୟୁତ୍ ଶକ୍ତି ଯୋଗାଇ ଦେବା ।

ଶାର୍ଦ୍ଦୁଳ ଠାକୁର
ଭାରତୀୟ କ୍ରିକେଟର ଏବଂ ଟାଟା ପାୱାର କର୍ମଚାରୀ

- 26,400 ରୁ ଅଧିକ କର୍ମଚାରୀ ନିୟୋଜିତ ହୋଇଛନ୍ତି
- 5,215 ବିଦ୍ୟୁତ୍ ଖମ୍ବ ପୁନଃ ସ୍ଥାପିତ ହେଲା
- 485 ଟ୍ରାନ୍ସଫର୍ମର୍ସ ର ମରାମତି ହେଲା
- 144 DP ଷ୍ଟ୍ରକ୍ଚର୍ସ ର ମରାମତି ହେଲା
- 93% ମାମଲା ର ଅଳ୍ପ କେତେ ଘଣ୍ଟା ମଧ୍ୟରେ ସମାଧାନ ହେଲା



rediffusion.in

DSPL - 146

ଓଡ଼ିଶା ସରକାର

WODC

ଉଦ୍‌ଘାଟନ ଓ ଭିତ୍ତିପ୍ରସ୍ତର ସ୍ଥାପନ
ଉନ୍ନତିମୂଳକ ପ୍ରକଳ୍ପ

ଶୁଭାରମ୍ଭ
ମୁଖ୍ୟମନ୍ତ୍ରୀ ସଭାଘର
(୧୨୫ କୋଟି ଟଙ୍କା)

୧୪ ଜୁଲାଇ ୨୦୨୩

୨୩ କୋଟି ୮୫ ଲକ୍ଷ ଟଙ୍କାର
୭ଟି ଉନ୍ନତିମୂଳକ ପ୍ରକଳ୍ପର
ଉଦ୍‌ଘାଟନ

ବଲାଙ୍ଗିର ଜିଲ୍ଲାରେ ଗଡ଼ିଆଯୋର ନୂତନ ହାଇଲେଭଲ୍ ସେତୁ :
୬ କୋଟି ୬୨ ଲକ୍ଷ ୪୦ ହଜାର ଟଙ୍କା

ବଲାଙ୍ଗିର ଜିଲ୍ଲାରେ ନବ ନିର୍ମିତ ଟାଉନ୍ ହଲ୍, ଟିଟିଲାଗଡ଼ :
୧ କୋଟି ୫୦ ଲକ୍ଷ ଟଙ୍କା

ବରଗଡ଼ ଜିଲ୍ଲା ବାରବଖରା ଜଳପ୍ରପାତ ଓ ଗୁମ୍ଫା ନିକଟରେ ନୂତନ ଇକୋ ଟୁରିଜିମ୍ ଭିତ୍ତିଭୂମି :
୭୫ ଲକ୍ଷ ୬୭ ହଜାର ଟଙ୍କା

ଦେବଗଡ଼ ଜିଲ୍ଲା ଦେବଗଡ଼ ମହାବିଦ୍ୟାଳୟରେ ନବ ନିର୍ମିତ ପ୍ରେକ୍ଷାଳୟ :
୩ କୋଟି ୯୧ ଲକ୍ଷ ୫୬ ହଜାର ୭ ଶହ ଟଙ୍କା

କଳାହାଣ୍ଡି ଜିଲ୍ଲା ବ୍ରଜମୋହନ ହାଇସ୍କୁଲ୍‌ରେ ନବ ନିର୍ମିତ ୧୦୦ ସିଟ୍ ବିଶିଷ୍ଟ ଛାତ୍ରାବାସ :
୮୮ ଲକ୍ଷ ୭୩ ହଜାର ୮ ଶହ ଟଙ୍କା

ସମ୍ବଲପୁର ଜିଲ୍ଲା ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟରେ ନବ ନିର୍ମିତ ପ୍ରେକ୍ଷାଳୟ :
୧୨ କୋଟି ୪୧ ଲକ୍ଷ ୯୩ ହଜାର ଟଙ୍କା

ସମ୍ବଲପୁର ଜିଲ୍ଲା କୁଚିଣ୍ଡା ମହାବିଦ୍ୟାଳୟରେ ନବ ନିର୍ମିତ ପ୍ରେକ୍ଷାଳୟ :
୧ କୋଟି ୬୫ ଲକ୍ଷ ୯୬ ହଜାର ୮୮୭ ଟଙ୍କା

୫ କୋଟି ୮୩ ଲକ୍ଷ ଟଙ୍କାର
୬ଟି ଉନ୍ନତିମୂଳକ ପ୍ରକଳ୍ପର
ଭିତ୍ତିପ୍ରସ୍ତର ସ୍ଥାପନ

ବରଗଡ଼ ଜିଲ୍ଲାରେ ଜାଣ୍ଡୋଲ ଗ୍ରାମ କମ୍ୟୁନିଟି ହଲ୍ :
୮୦ ଲକ୍ଷ ଟଙ୍କା

ବରଗଡ଼ ଜିଲ୍ଲା କଳାଗ୍ରାମ ବୁରୋମୁଣ୍ଡା :
୮୪ ଲକ୍ଷ ୪୪ ହଜାର ୩ ଶହ ଟଙ୍କା

ବରଗଡ଼ ଜିଲ୍ଲା କଟାବାହାଲ୍‌ଠାରେ ପର୍ଯ୍ୟଟନ ଭିତ୍ତିଭୂମି ବିକାଶ :
୨୫ ଲକ୍ଷ ଟଙ୍କା

ଦେବଗଡ଼ ଜିଲ୍ଲା ଛାଲ୍‌ବାହାଦୁର ବନ୍ଧ ପୁନରୁଦ୍ଧାର :
୧ କୋଟି ୪୮ ଲକ୍ଷ ୮୪ ହଜାର ୩ ଶହ ଟଙ୍କା

କଳାହାଣ୍ଡି ଜିଲ୍ଲା ମତ୍ସ୍ୟାଧିକାରୀଙ୍କ କାର୍ଯ୍ୟାଳୟ ଓ ବିମଳା କନଭେଣ୍ଟ ସ୍କୁଲ୍ ନିକଟସ୍ଥ ପୁଷ୍କରିଣୀ ସୌନ୍ଦର୍ଯ୍ୟକରଣ :
୧ କୋଟି ୯୪ ଲକ୍ଷ ୭ ହଜାର ୩ ଶହ ଟଙ୍କା

ସମ୍ବଲପୁର ଜିଲ୍ଲା କେଶେଇବାହାଲଠାରେ ନୂତନ ବହୁମୁଖୀ ହଲ୍ ନିର୍ମାଣ :
୫୦ ଲକ୍ଷ ଟଙ୍କା



ମୁଖ୍ୟ ଅତିଥି
ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ
ମାନ୍ୟବର ମୁଖ୍ୟମନ୍ତ୍ରୀ, ଓଡ଼ିଶା

ପଶ୍ଚିମ ଓଡ଼ିଶା ବିକାଶ ପରିଷଦ

OIPR-21015/13/0002/2324

**ବନ୍ୟାଞ୍ଚଳ ପରିଦର୍ଶନରେ ଯାଇଥିବା ବିଧାୟକଙ୍କୁ ମହିଳାଙ୍କ ଚାପୁଡ଼ା**

ହରିୟାଣାର କୈଥାଲ ଜିଲାରେ ବନ୍ୟା ପାଣି ଘେରରେ ଥିବା ଜଣେ ମହିଳା ଜନନାୟକ ଜନତା ଦଳ ବିଧାୟକ ଈଶ୍ୱର ସିଂଙ୍କୁ ଚାପୁଡ଼ା ମାରିଛନ୍ତି। ବିଧାୟକ ବନ୍ୟା ପ୍ରଭାବିତ ଗୁହଲା ଅଞ୍ଚଳ ପରିଦର୍ଶନ କରିଥିବାବେଳେ ଲୋକେ ତାଙ୍କୁ ଘେରିଯାଇଥିଲେ। ଉପଯୁକ୍ତ ଡ୍ରେନେଜ୍ ବ୍ୟବସ୍ଥା ନ ଥିବାରୁ ବନ୍ୟାଜଳ ଘରେ ପଶିଥିବା ସେମାନେ ଅଭିଯୋଗ କରିଥିଲେ। ବିଧାୟକ ଆଜିଯାଏ କେଉଁଠି ଥିଲେ ବୋଲି ଉତ୍ୟକ୍ତ ଲୋକେ ପ୍ରଶ୍ନ କରୁଥିବାବେଳେ ମହିଳା ଜଣକ ତାଙ୍କୁ ଚାପୁଡ଼ା ମାରିଥିଲେ।



## ସଂକ୍ଷେପରେ

### ବେଲୁଚିସ୍ତାନ: ଆତଙ୍କବାଦୀଙ୍କ ଗୁଳିରେ ୧୨ ସୈନ୍ୟ ନିହତ

**ଇସ୍‌ଲାମାବାଦ,୧୩।୭(ପି.ଟି.) :** ପାକିସ୍ତାନର ବେଲୁଚିସ୍ତାନ ପ୍ରଦେଶରେ ଆତଙ୍କବାଦୀଙ୍କ ସହ ଏନ୍‌କାଉଣ୍ଟର ବେଳେ ୧୨ ଜଣ ସୈନ୍ୟ ନିହତ ହେବା ସହ ଅନ୍ୟ ୫ ଜଣ ଆହତ ହୋଇଛନ୍ତି। ଗୋଟିଏ ଦିନରେ ଆତଙ୍କବାଦୀଙ୍କ ଗୁଳିରେ ପାକ୍ ସେନାର ଏହା ସର୍ବାଧିକ କ୍ଷତି। ବେଲୁଚିସ୍ତାନର ସୁଇ ଏବଂ ଝୋବ୍ ଅଞ୍ଚଳରେ ସୈନ୍ୟ ଓ ଆତଙ୍କବାଦୀଙ୍କ ମଧ୍ୟରେ ଗୁଳି ବିନିମୟ ହୋଇଥିଲା। ଦୁଇଟି ଏନ୍‌କାଉଣ୍ଟରରେ ୭ ଆତଙ୍କବାଦୀ ନିହତ ହୋଇଛନ୍ତି। ସୁଇରେ ଆତଙ୍କବାଦୀଙ୍କ ଆକ୍ରମଣରେ ୩ ସୈନ୍ୟଙ୍କ ମୃତ୍ୟୁ ହେବା ସହ ୫ ଜଣ ଆହତ ହୋଇଥିଲେ। ସେହିପରି ଝୋବ୍‌ରେ ଆତଙ୍କବାଦୀଙ୍କ ଗୁଳିରେ ୯ ସୈନ୍ୟ ପ୍ରାଣ ହରାଇଥିଲେ। ଝୋବ୍ ଆକ୍ରମଣ ପାଇଁ ତେହରିକ୍ -ଇ-ଜିହାଦ ପାକିସ୍ତାନ ନାମକ ଆତଙ୍କବାଦୀ ସଂଗଠନ ନିଜକୁ ଦାୟୀ କରିଛି।

### ସୀମା ହାଇଦରଙ୍କୁ ନ ଫେରାଇଲେ ୨୬/୧୧ ଆକ୍ରମଣ ଧମକ

**ମୁମ୍ବାଇ, ୧୩।୭ :** ପ୍ରେମିକଙ୍କୁ ବିବାହ କରିବା ଲାଗି ଭାରତ ପଳାଇଆସିଥିବା ପାକିସ୍ତାନୀ ମହିଳା ସୀମା ହାଇଦରଙ୍କୁ ଯଦି ଫେରାଇ ଦିଆ ନ ଯାଏ, ତେବେ୨୬/୧୧ ଆତଙ୍କବାଦୀ ଆକ୍ରମଣର ପୁନରାବୃତ୍ତି ହେବ। ମୁମ୍ବାଇ ଟ୍ରାଫିକ୍ କଣ୍ଟ୍ରୋଲ ରୁମ୍‌କୁ ଏଭଳି ଏକ ଧମକପୂର୍ଣ୍ଣ ଫୋନ୍ କଲ୍ ଆସିଛି। ଜଣେ ଅଜଣା ବ୍ୟକ୍ତି ଉର୍ଦ୍ଦୁରେ ଫୋନ୍ କରିଥିଲେ। 'ଅଗର ସୀମା ହାଇଦର ୱାପସ ନହି ଆୟି, ତୋ ଭାରତ କା ନାଶ ହୋଗା' ବୋଲି ସେ କହିଥିଲେ। ୨୬/୧୧ ଭଳି ଆକ୍ରମଣ ପାଇଁ ପ୍ରସ୍ତୁତ ରହିବାକୁ ସେ କହିବା ସହ ଏଥିପାଇଁ ଉତ୍ତରପ୍ରଦେଶ ସରକାର ଦାୟୀ ରହିବେ ବୋଲି କହିଛନ୍ତି।

### ଯୁବବର୍ଗଙ୍କ ନିଯୁକ୍ତି ଚୋରି କରିଛି ଭାଜପା: ରାହୁଲ

**ଭୋପାଳ, ୧୩।୭ :** ଭାଜପା ପ୍ରଥମେ ମଧ୍ୟପ୍ରଦେଶର ନିର୍ବାଚିତ ସରକାରଙ୍କୁ ଚୋରାଇଥିଲା, ଏବେ ଯୁବବର୍ଗଙ୍କ ନିଯୁକ୍ତି ସୁଯୋଗ ଓ ଛାତ୍ରୀଛାତ୍ରଙ୍କ ଅଧିକାରକୁ ଚୋରାଇନେଇଛି ବୋଲି କଂଗ୍ରେସ ନେତା ରାହୁଲ ଗାନ୍ଧୀ ଗୁରୁବାର ଅଭିଯୋଗ କରିଛନ୍ତି। ବିଧାନସଭା ନିର୍ବାଚନ ହେବାକୁ ଥିବା ମଧ୍ୟପ୍ରଦେଶର ଭୋପାଳ, ଇନ୍ଦୋର ସମେତ ବିଭିନ୍ନ ସ୍ଥାନରେ ଯୁବଗୋଷ୍ଠୀ ଗୁରୁବାର ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ବିକ୍ଷୋଭର ଭିଡିଓ ଟୁଇଟ୍ କରି ରାହୁଲ କହିଛନ୍ତି, ମଧ୍ୟପ୍ରଦେଶରେ ଭାଜପା କେବଳ ଯୁବବର୍ଗଙ୍କଠାରୁ ଚୋରି କରିବାରେ ସମ୍ପୃକ୍ତ ରହିଛି। ପଟୱାରି ପରୀକ୍ଷା ଦୁର୍ନୀତି, ବ୍ୟାପମ ସ୍କାମ୍ ୨.୦ ଦ୍ୱାରା ରାଜ୍ୟର ଲକ୍ଷାଧିକ ଯୁବତୀ ଯୁବକଙ୍କ ଭବିଷ୍ୟତ ସହ ଖେଳାଯାଉଛି। ପଟୱାରି ପରୀକ୍ଷାକୁ ବାତିଲ କରାଯାଇ ଏଥିରେ ହୋଇଥିବା ଅନିୟମିତତାର ସିବିଆଇ ତଦନ୍ତ ଦାବିରେ ଭୋପାଳସ୍ଥିତ ଏମ୍‌ପିଇଏସ୍‌ବି କାର୍ଯ୍ୟାଳୟ ଆଗରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା।



### ୱାଗନର ମୁଖ୍ୟଙ୍କ ମୃତ୍ୟୁ ଆଶଙ୍କା କଲେ ଆମେରିକାର ପୂର୍ବତନ ଜେନେରାଲ

**ୱାଶିଂଟନ, ୧୩।୭ :** ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍‌ଙ୍କ ବିରୋଧରେ ସଶସ୍ତ୍ର ବିଦ୍ରୋହ ଆରମ୍ଭ କରି ବିଫଳ ହୋଇଥିବା ଘରୋଇ ସେନା ୱାଗ୍‌ନର ଗ୍ରୁପ୍‌ର ମୁଖ୍ୟ ୟେଭ୍‌ଗେନି ପ୍ରିଗୋଝିନ୍‌ଙ୍କର ମୃତ୍ୟୁ ହୋଇଥାଇପାରେ କିମ୍ବା ତାଙ୍କୁ ଜେଲରେ ରଖାଯାଇଥାଇପାରେ ବୋଲି ଆମେରିକା ସେନାର ଜଣେ ପୂର୍ବତନ ଜେନେରାଲ ଦାବି କରିଛନ୍ତି। ବିଦ୍ରୋହର ୫ ଦିନ ପରେ ପୁଟିନ୍ ପ୍ରିଗୋଝିନ୍‌ଙ୍କୁ ଭେଟିଥିଲେ ବୋଲି ମସ୍କୋ ପକ୍ଷରୁ ଏକ ବିବୃତି ଜାରି ହେବା ପରେ ଏହାକୁ ନେଇ ସନ୍ଦେହ ପ୍ରକାଶ ପାଇଛି। ସମ୍ଭବତଃ ଏଭଳି ବୈଠକର ଆୟୋଜନ କରାଯାଇଥିଲା ବୋଲି ପୂର୍ବତନ ଆମେରିକା ଜେନେରାଲ ରବର୍ଟ ଆବ୍ରାମ୍ସ ଏକ ନ୍ୟୁଜ୍ ଚ୍ୟାନେଲକୁ କହିଛନ୍ତି। ପ୍ରିଗୋଜିନ ହୁଏତ ଲୁଚିଛନ୍ତି କିମ୍ବା ତାଙ୍କୁ ଜେଲ ପଠାଯାଇଛି ଅଥବା ତାଙ୍କ ସହ ଅନ୍ୟ କିଛି କରାଯାଇଛି। ତାଙ୍କୁ ଆଉଥରେ ସର୍ବସାଧାରଣରେ ଦେଖିବା ନେଇ ସେ ସନ୍ଦେହ ପ୍ରକାଶ କରୁଥିବା ରବର୍ଟ କହିଛନ୍ତି।



ୟେଭ୍‌ଗେନି ପ୍ରିଗୋଝିନ୍

# ତୃତୀୟ ଚନ୍ଦ୍ରାଭିଯାନ




- ➢ଗତି ନିର୍ଦ୍ଧାରଣ ପାଇଁ ଲାଗିଛି ସେନ୍ସର
- ➢ଏଲ୍‌ଭିଏମ୍ ଅଧିକ ଓଜନ ପରିବହନ କରିବାରେ ସକ୍ଷମ
- ➢ଲ୍ୟାଣ୍ଡର ଓ ରୋଭର ଜୀବନକାଳ ୧ ଲୁନାର ଡେ' ଅର୍ଥାତ୍ ୧୪ ଦିନ
- ➢ପ୍ରପଲଶନ୍ ମୋଡ୍ୟୁଲର ଜୀବନକାଳ ୩ରୁ ୬ ମାସ
- ➢ଚନ୍ଦ୍ରପୃଷ୍ଠ ସଂରଞ୍ଚନା ସମ୍ପର୍କରେ ତଥ୍ୟ ହାସଲ କରିବା ମୁଖ୍ୟ ଉଦ୍ଦେଶ୍ୟ
- ➢ଚନ୍ଦ୍ରପୃଷ୍ଠରେ ଲ୍ୟାଣ୍ଡିଂ ପାଇଁ ୪୨ ଦିନ ଲାଗିବ
- ➢ମିଶନ୍‌ରେ ୬୧୫ କୋଟି ଖର୍ଚ୍ଚ
- ➢ଚନ୍ଦ୍ରୟାନ-୩ର ଓଜନ ୩,୯୦୦ କିଲୋଗ୍ରାମ

## ଜହ୍ନ ରାଇଜର ରହସ୍ୟ ଫିଟାଇବ ଚନ୍ଦ୍ରୟାନ-୩

ମଣିଷ ବସବାସ କରୁଥିବା ପୃଥିବୀ ବାହାର ଦୁନିଆ ସମ୍ପର୍କରେ ଜାଣିବା ପାଇଁ ସମସ୍ତଙ୍କ ଉତ୍ସୁକତା ରହିଛି। କେଉଁଠି ଜୀବସତ୍ତା ତ ଆଉ କେଉଁଠି ଜଳ ଓ ମଣିଷକୁ ବଞ୍ଚାଇବା ଭଳି ଅମ୍ଳଜାନ ରହିଛି, ତାହା ଏବେ ମଧ ବିଶ୍ୱବାସୀଙ୍କ ପାଇଁ ଏକ ଗୂଢ଼ ରହସ୍ୟ। ପୃଥିବୀବାସୀଙ୍କ ପାଇଁ ଜହ୍ନ ଏକ ଅଜଣା ଆକର୍ଷଣ। ଚନ୍ଦ୍ର ଆମର ନିକଟତମ ପ୍ରାକୃତିକ ଉପଗ୍ରହ ହୋଇଥିବାରୁ ଏହା ସମ୍ପର୍କରେ ଅଧିକ ତଥ୍ୟ ହାସଲ ନିମନ୍ତେ ଜିଜ୍ଞାସା ବଢ଼ିବା ସ୍ୱାଭାବିକ। ଏବେ ବି ଜହ୍ନ ରାଇଜର ଠେକୁଆ ଗପ ଶୁଣି ଅଝଟ ଶିଶୁର ଆଖିରେ ନିଦ ଆସିଯାଏ। ବିଜ୍ଞାନର ଅଗ୍ରଗତି ମଣିଷକୁ ଜହ୍ନରେ ପାଦ ଥାପିବା ପାଇଁ ପ୍ରେରିତ କରିଆସିଛି। ଭାରତୀୟ ମହାକାଶ ଗବେଷଣା ସଙ୍ଗଠନ (ଇସ୍ରୋ) ପକ୍ଷରୁ ଚାଲିଥିବା ମୁନ୍ ମିଶନ୍ ଚନ୍ଦ୍ରୟାନ-୩ର ଅବଗଣନା ଆରମ୍ଭ ହୋଇଛି। ଚନ୍ଦ୍ରର ଅନ୍ଧାରି ଦୁନିଆ ଉପରୁ ପରଦା ହଟାଇ ସ୍ପେସ୍ ରିସର୍ଚ୍ଚ କ୍ଷେତ୍ରରେ ବୈଜ୍ଞାନିକମାନଙ୍କୁ ନୂଆ ଖୋରାକ ଯୋଗାଇବା ନେଇ ଏହା ବିପୁଳ ସମ୍ଭାବନା ବହନ କରେ।

ବେଙ୍ଗାଲୁରୁ/ନୂଆଦିଲ୍ଲୀ, ୧୩।୭

**(ପ୍ରସ୍ତୁତି: ଜ୍ୟୋତିର୍ମୟୀ ସେଠୀ/ଦୁର୍ଯ୍ୟୋଧନ ମିଶ୍ର)**

ଅଦ୍ୟାବଧି ରୁଷିଆ, ଆମେରିକା, ଜାପାନ, ୟୁରୋପିଆନ୍ ସ୍ପେସ୍ ଏଜେନ୍ସି, ଚାଇନା, ଲକ୍ସେମବର୍ଗ, ଇସ୍ରାଏଲ୍, ଇଟାଲୀ, ଦକ୍ଷିଣ କୋରିଆ ଏବଂ ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ) ପକ୍ଷରୁ ପୃଥକ୍ 'ମୁନ୍ ମିଶନ୍' କରାଯାଇଛି। ପୂର୍ବତନ ପ୍ରଧାନମନ୍ତ୍ରୀ ମନମୋହନ ସିଂଙ୍କ ଅମଳରେ ୩୮୬ କୋଟି ଟଙ୍କା ଖର୍ଚ୍ଚରେ ଭାରତ ନିଜର ପ୍ରଥମ ଚନ୍ଦ୍ରାଭିଯାନ ଆରମ୍ଭ କରିଥିଲା ୨୦୦୮ ଅକ୍ଟୋବର ୨୨ରେ। ଚନ୍ଦ୍ରରେ ଜୀବସତ୍ତା ଓ ଜଳର ସନ୍ଧାନ ନେଇ ଭାରତକୁ ଏହି ମିଶନରୁ ପ୍ରଥମ ଥର ପାଇଁ ସୂଚନା ମିଳିଥିଲା। ଚନ୍ଦ୍ରୟାନ-୧ର ଅଧୁରା କାର୍ଯ୍ୟକୁ ସମ୍ପୂର୍ଣ୍ଣ କରିବା ପାଇଁ ପ୍ରାୟ ୧୧ ବର୍ଷ ପରେ ୨୦୧୯ ଜୁଲାଇ ୨୨ ଅପରାହ୍ନ ୪ଟା ୪୩ରେ ଆନ୍ଧ୍ରପ୍ରଦେଶର ଶ୍ରୀହରିକୋଟାସ୍ଥିତ ସତୀଶ ଧୱନ ମହାକାଶ କେନ୍ଦ୍ରରୁ ଚନ୍ଦ୍ରୟାନ-୨ ଲଞ୍ଚ କରାଯାଇଥିଲା। ୯୭୮ କୋଟି ଟଙ୍କା ଖର୍ଚ୍ଚରେ କରାଯାଇଥିବା ଭାରତର ଦ୍ୱିତୀୟ 'ଚନ୍ଦ୍ର ମିଶନ'ର ସଫଳତା ଉପରେ ବିଶ୍ୱବାସୀଙ୍କ ନଜର ରହିଥିଲା। ସେହିବର୍ଷ ସେପ୍ଟେମ୍ବର ୬ ମଧ୍ୟରାତ୍ରିରେ ଚନ୍ଦ୍ରୟାନ-୨ର ଲ୍ୟାଣ୍ଡର ବିକ୍ରମ ଚନ୍ଦ୍ରପୃଷ୍ଠରେ ପାଦ ଥାପିବାକୁ ଯାଉଥିବାବେଳେ ଇସ୍ରୋ ସହ ଏହାର ଯୋଗାଯୋଗ ବିଚ୍ଛିନ୍ନ ହୋଇଯାଇଥିଲା। ଫଳରେ ବିକ୍ରମର ସୂକ୍ଷ୍ମ ଚନ୍ଦ୍ରାବତରଣ (ସଫ୍ଟ ମୁନ୍ ଲ୍ୟାଣ୍ଡିଂ) ବିଫଳ ହୋଇଥିଲା। ଦ୍ୱିତୀୟ ମିଶନ ବିଫଳତାର ପ୍ରାୟ ୪ ବର୍ଷ ପରେ ତୃତୀୟ ବିଧିବଦ୍ଧ ପଦକ୍ଷେପ ସ୍ୱରୂପ ଦେଶ ଚନ୍ଦ୍ରୟାନ-୩ ଆରମ୍ଭ କରିଛି। ୨୦୨୩ ଜୁଲାଇ ୧୪ (ଶୁକ୍ରବାର) ଅପରାହ୍ନ ୨ଟା ୩୫ରେ ସତୀଶ ଧୱନ ସ୍ପେସ୍ ସେଣ୍ଟରରୁ ଏଲ୍‌ଭିଏମ୍-୩ ରକେଟ୍ ଜରିଆରେ ଉତ୍କ୍ଷେପଣ କରାଯିବ। ଏହି ମିଶନ କେବଳ ଚନ୍ଦ୍ର ନୁହେଁ, ଅନ୍ୟ ଗ୍ରହଗୁଡ଼ିକରେ ମଧ ଜୀବସତ୍ତା ସନ୍ଧାନରେ ସହାୟକ ହେବା ଆଶା କରାଯାଉଛି।

### ଓଡ଼ିଶାର ଅବଦାନ

ଚନ୍ଦ୍ରୟାନ-୩ର ଲାଣ୍ଡର, ରୋଭର ଏବଂ ସ୍ପେସ୍‌କ୍ରାଫ୍ଟରେ ବ୍ୟବହୃତ ୨୩ ପ୍ରକାର ସରଞ୍ଜାମ ଭୁବନେଶ୍ୱରସ୍ଥିତ ସେଣ୍ଟ୍ରାଲ ଟୁଲ୍ ରୁମ୍ ଆଣ୍ଡ ଟ୍ରେନିଂ ସେଣ୍ଟର (ସିଟିଟିସି)ରେ ୧୨ କୋଟି ଟଙ୍କା ବ୍ୟୟରେ ନିର୍ମାଣ କରାଯାଇଛି। ମିଶନରେ ବ୍ୟବହାର ହୋଇଥିବା ଇଣ୍ଟରନାଲ ନେଭିଗେଶନ୍ ସିଷ୍ଟମ, ଟେମ୍ପରେଚର ସେନ୍ସର, ପ୍ରିଜର୍ଭ ୱାଲ ଭଳି ୭୫,୦୦୦ ଉପକରଣ ମଧ ସିଟିଟିସିରେ ନିର୍ମାଣ କରାଯାଇଥିବା ଏହାର ଜେନେରାଲ ମ୍ୟାନେଜର ଏଲ୍. ରାଜଶେଖର କହିଛନ୍ତି। ଇସ୍ରୋ ସହିତ ମିଳିତ ଭାବେ ପାଖାପାଖି ୨ ବର୍ଷ ହେବ ସିଟିଟିସିର ୧୦୦ରୁ ଊର୍ଦ୍ଧ୍ୱ କର୍ମଚାରୀ କାମ କରୁଛନ୍ତି।

### ଏଲ୍‌ଭିଏମ୍-୩

ଚନ୍ଦ୍ରୟାନ-୩ ଉତ୍କ୍ଷେପଣର ମାଧ୍ୟମ ହେବାକୁଥିବା ଏଲ୍‌ଭିଏମ୍-୩ (ଦି ଲଞ୍ଚ ଭେହିକଲ ମାର୍କ-୩)ର ଲମ୍ବ ୪୩.୫ ମିଟର। ଏହି ରକେଟ୍‌କୁ 'ଫ୍ୟାଟ୍ ବୟ' କୁହାଯାଏ। ଏଲ୍‌ଭିଏମ୍-୩ ରକେଟ୍ ପ୍ରପଲଶନ, ଲ୍ୟାଣ୍ଡର ଏବଂ ରୋଭର ମୋଡ୍ୟୁଲ୍‌କୁ ନେଇ ଗଠିତ। ସଲିଡ୍ ଇନ୍ଧନ ଜରିଆରେ ରକେଟ୍ ପ୍ରଥମ ଉଡାଣ ଭରିବ। ଏହା ଶେଷ ହୋଇଗଲେ ଲିକ୍ୟୁଡ୍ ଫୁଏଲ୍ ଜରିଆରେ ଏଲ୍‌ଭିଏମ୍ ଆଉ କିଛି ଦୂର ଯିବ। ଶେଷ ପର୍ଯ୍ୟାୟରେ କ୍ରିଓଜେନିକ୍ ଇଞ୍ଜିନ୍ ତରଳ ହାଇଡ୍ରୋଜେନ୍ ଓ ଅକ୍ସିଜେନ ଦ୍ୱାରା ରକେଟ୍ ଚନ୍ଦ୍ରୟାନ-୩କୁ ଚନ୍ଦ୍ର ପୃଷ୍ଠରେ ପହଞ୍ଚାଇବ। ଉତ୍କ୍ଷେପଣର ପ୍ରଥମ ୧୬ ମିନିଟ୍‌ରେ ରକେଟ୍ ୧୭୯ କି.ମି. ଉଚ୍ଚତାକୁ ଉଠିବ। ୫ରୁ୬ ଥର ପାଖାପାଖି ୧୭୦ କି.ମି. ପର୍ଯ୍ୟନ୍ତ ପୃଥିବୀ ଚାରିପଟେ ଘୂରିବା ପରେ ୩୬,୫୦୦ କି.ମି. ବେଗରେ ଚନ୍ଦ୍ର କକ୍ଷପଥ ଅଭିମୁଖେ ଏଲ୍‌ଭିଏମ୍-୩ ଅଗ୍ରସର ହେବ। ଲିଫ୍ଟ ରକେଟ୍‌କୁ ଭାରତୀୟ ମହାକାଶ ଗବେଷଣା ସଙ୍ଗଠନ ପକ୍ଷରୁ ନିର୍ମାଣ କରାଯାଇଛି। ଏହି ରକେଟର ମୂଳ ଉଦ୍ଦେଶ୍ୟ ଜିଓଷ୍ଟେଶନାରି ଅର୍ବିଟ୍‌ରେ ଯୋଗାଯୋଗ ସାଟେଲାଇଟ୍‌ଗୁଡ଼ିକୁ ଲଞ୍ଚ କରିବା। ଭବିଷ୍ୟତରେ ଏଲ୍‌ଭିଏମ୍-୩ ରକେଟ୍ ଲୋକଙ୍କୁ ନେଇ ଉଡ଼ାଣ ଭରିବାର ଯୋଜନା ରହିଛି। ୨୦୧୪ ଡିସେମ୍ବର ୧୮ରେ ଏଲ୍‌ଭିଏମ୍‌ର ସଫଳ ପରୀକ୍ଷଣ କରାଯାଇଥିଲା। ଏହାର ନିର୍ମାଣରେ ମୋଟ ୨,୯୬୨.୭୮ କୋଟି ଟଙ୍କା ବ୍ୟୟ କରାଯାଇଥିଲା।

### ମିଶନର ବିଶେଷତ୍ୱ

ଚନ୍ଦ୍ରୟାନ-୩ର ଉତ୍କ୍ଷେପଣ ଲାଗି ଇସ୍ରୋ ବୈଜ୍ଞାନିକଙ୍କ ତରଫରୁ ସମସ୍ତ ପ୍ରକାର ପ୍ରସ୍ତୁତି ଶେଷ ହୋଇସାରିଛି। ଅଭିଯାନର ସଫଳତା ପାଇଁ ଚନ୍ଦ୍ରୟାନ-୩ର ରିସର୍ଚ୍ଚ ଟିମ୍, ନ୍ୟାଶନାଲ ଆଟ୍‌ମୋସ୍ଫିଅରିକ୍ ରିସର୍ଚ୍ଚ ଲାବୋରେଟରି (ଏନ୍‌ଏଆର୍‌ଏଲ୍) ନିର୍ଦ୍ଦେଶକ ଅମିତ କୁମାର ପାତ୍ର, ଚନ୍ଦ୍ରୟାନ-୩ର ପ୍ରୋଜେକ୍ଟ ଡିରେକ୍ଟର ଭୀରମୁଥୁ ଭେଲ୍ ଏବଂ ଇସ୍ରୋର ସାଇଣ୍ଟିଫିକ୍ ସେକ୍ରେଟାରି ଆନ୍ଧ୍ରପ୍ରଦେଶର ତିରୁପତି ଭେଙ୍କଟଚାଲାପଥି ମନ୍ଦିର ଦର୍ଶନ କରିଛନ୍ତି। ଚନ୍ଦ୍ରପୃଷ୍ଠର ସୂର୍ଯ୍ୟଉଦୟ ସମୟକୁ ଲକ୍ଷ୍ୟ କରି ଚନ୍ଦ୍ରୟାନ-୩ର ଉତ୍କ୍ଷେପଣ ସମୟ ନିର୍ଦ୍ଧାରଣ କରାଯାଇଛି। ୬୧୫ କୋଟି ଟଙ୍କାରେ ନିର୍ମିତ ମୁନ୍ ମିଶନ ଚନ୍ଦ୍ରୟାନ-୩ ଲଞ୍ଚ ସଫଳ ହେଲେ ଏୟାରକ୍ରାଫ୍ଟ ଅଗଷ୍ଟ ୨୩ରେ ଚନ୍ଦ୍ରରେ ଅବତରଣ କରିବ ବୋଲି ଇସ୍ରୋ ନିର୍ଦ୍ଦେଶକ ଏସ୍. ସୋମନାଥ କହିଛନ୍ତି। ତେବେ ୩.୮୪ ଲକ୍ଷ କି.ମି. ଦୂର ଚନ୍ଦ୍ରପୃଷ୍ଠର ଦକ୍ଷିଣ ମେରୁରେ ଚନ୍ଦ୍ରୟାନ-୩ ଲ୍ୟାଣ୍ଡରର ସଫ୍ଟ ଲ୍ୟାଣ୍ଡିଂ ପାଇଁ ବୈଜ୍ଞାନିକଙ୍କ ଆଶା ରହିଛି। କାରଣ ଉତ୍ତର ମେରୁ ଅପେକ୍ଷା ଦକ୍ଷିଣ ମେରୁରେ ଅପେକ୍ଷାକୃତ ଅଧିକ ସ୍ଥାନ ରହିଛି। ଉକ୍ତ ସ୍ଥାନରେ ତାପମାତ୍ରା କମ୍ ରହିବା ସହ ସୂର୍ଯ୍ୟଙ୍କ ତେରଛା କିରଣ ପଡ଼େ। ଦକ୍ଷିଣ ମେରୁର ପରିବେଶ ଚନ୍ଦ୍ରୟାନ-୩ ପାଇଁ ଅନୁକୂଳ ବୋଲି କୁହାଯାଉଛି। ଉତ୍କ୍ଷେପଣବେଳେ ଏହାକୁ ସାଧାରଣ ଲୋକେ ଦେଖିପାରିବାର ସୁବିଧା ରହିଛି। ଇସ୍ରୋ ହେଡ୍ କ୍ୱାର୍ଟର୍ସ ଗ୍ୟାଲେରିରେ ସାଧାରଣ ଲୋକଙ୍କୁ ପ୍ରବେଶ ଅନୁମତି ଦିଆଯାଇଥିବାବେଳେ ଇସ୍ରୋ ୱେବ୍ ସାଇଟ୍ ଏବଂ ୟୁଟ୍ୟୁବ୍ ଜରିଆରେ ଘରେ ବସି ଉତ୍କ୍ଷେପଣ ବେଳର ଦୃଶ୍ୟ ଦେଖିପାରିବେ। ସତୀଶ ଧୱନ ସ୍ପେସ୍ ସେଣ୍ଟରରେ ମଧ ସାଧାରଣ ଲୋକଙ୍କ ପାଇଁ ବ୍ୟବସ୍ଥା କରାଯାଇଛି। ଚନ୍ଦ୍ରୟାନ-୩ ଉତ୍କ୍ଷେପଣ ଦେଖାଇବା ଲାଗି ଲଦାଖ ସାଇନ୍ସ ଫାଉଣ୍ଡେଶନ୍ (ଏଲ୍‌ଏସ୍‌ଏଫ୍) ବେଙ୍ଗାଲୁରୁର ୧୩୦ ଜଣ ଲୋକଙ୍କୁ ନେବାର ବ୍ୟବସ୍ଥା କରିଛି। ଏମାନଙ୍କୁ ସଂସ୍ଥା ପକ୍ଷରୁ ସ୍ୱତନ୍ତ୍ର ପରିଚୟପତ୍ର ପ୍ରଦାନ କରାଯାଇଛି। ପାଖାପାଖି ୫୦୦ ଜଣ ଏ ନେଇ ଆବେଦନ କରିଥିବାବେଳେ ୨୦୦ ଜଣଙ୍କୁ ଚୟନ କରାଯାଇଥିବା ଏଲ୍‌ଏସ୍‌ଏଫ୍ ପ୍ରତିଷ୍ଠାତା ନିର୍ଦ୍ଦେଶକ କହିଛନ୍ତି।

## ପୋଲିସ ଲାଠିମାଡ଼ରେ ଭାଜପା ନେତାଙ୍କ ମୃତ୍ୟୁ

**ପାଟନା, ୧୩।୭:** ବିହାର ପୋଲିସର ଲାଠିମାଡ଼ରେ ଜେହନାବାଦ ଭାଜପା ଜିଲା ସାଧାରଣ ସମ୍ପାଦକ ବିଜୟ କୁମାର ସିଂଙ୍କର ଗୁରୁବାର ମୃତ୍ୟୁ ଘଟିଛି। ଭାଜପା ନେତା ଓ କର୍ମୀମାନେ ବିଧାନସଭା ଅଭିମୁଖେ ଶୋଭାଯାତ୍ରାରେ ବାହାରିଥିବାବେଳେ ସେମାନଙ୍କୁ ଅଟକାଇବାକୁ ଯାଇ ପୋଲିସ ଲାଠିଚାଳନା କରିଥିଲା। ଲାଠିମାଡ଼ରେ ଗୁରୁତର ଆହତ ବିଜୟଙ୍କୁ ପାଟନା ମେଡିକାଲ କଲେଜ ହସ୍ପିଟାଲରେ ଭର୍ତ୍ତି କରାଯାଇଥିବାବେଳେ ସେଠାରେ ତାଙ୍କର ମୃତ୍ୟୁ ହୋଇଥିବା ରାଜ୍ୟ ସଭା ସଦସ୍ୟ ସୁଶୀଲ କୁମାର ମୋଦି ଟୁଇଟ୍ କରିଛନ୍ତି। ଅନ୍ୟପକ୍ଷରେ ଲାଠିଚାଳନାରେ ଭାଜପା ନେତାଙ୍କ ମୃତ୍ୟୁକୁ ପାଟନା ପୋଲିସ ଏବଂ ଜିଲା ପ୍ରଶାସନ ସ୍ପଷ୍ଟ କରିନାହିଁ। ମୃତ୍ୟୁର କାରଣ ଏଯାଏ ଜଣାପଡ଼ି ନ ଥିବା ଜଣେ ବରିଷ୍ଠ ପୋଲିସ ଅଧିକାରୀ କହିଛନ୍ତି। ଶିକ୍ଷକ ନିଯୁକ୍ତି ପ୍ରସଙ୍ଗ ସମେତ ରେଲୱେରେ ଚାକିରି ପାଇଁ ଜମି ଦୁର୍ନୀତି ମାମଲାରେ ଉପମୁଖ୍ୟମନ୍ତ୍ରୀ ତେଜସ୍ୱୀ ଯାଦବଙ୍କ ନାଁରେ ସିବିଆଇ ଚାର୍ଜଶିଟ୍ ଦାଖଲ କରିଥିବାରୁ ତାଙ୍କ ଇସ୍ତଫା ଦାବିରେ ଗାନ୍ଧୀ ମଇଦାନରୁ ଭାଜପା ବିଧାନସଭା ଅଭିଯାନ ଆରମ୍ଭ କରିଥିଲା। ଏଥିରେ ସୁଶୀଲ ମୋଦିଙ୍କ ସମେତ ଦଳର ରାଜ୍ୟ ସଭାପତି ସମ୍ରାଟ ଚୌଧରୀ, ବହୁ ଏମ୍‌ପି, ବିଧାୟକ ସାମିଲ ହୋଇଥିଲେ।



ପାଟନାରେ ଭାଜପାର ଜେହନାବାଦ ଜିଲା ସାଧାରଣ ସମ୍ପାଦକ ବିଜୟ କୁମାର ସିଂଙ୍କୁ ପୋଲିସ ଲାଠିମାଡ଼ କରୁଥିବା ବେଳର ଦୃଶ୍ୟ।

## ପିଲାଙ୍କୁ ଅବୈଧ କୁହାଯାଇ ପାରିବ ନାହିଁ: ଏନ୍‌ସିଡବ୍ଲ୍ୟୁ ଅଧ୍ୟକ୍ଷା

**ମୁମ୍ବାଇ, ୧୩।୭**

ଯୌନକର୍ମୀମାନଙ୍କ ପିଲାମାନଙ୍କୁ ମର୍ଯ୍ୟାଦା ପ୍ରଦାନ ଓ ସମାନତା ଉପରେ ଜାତୀୟ ମହିଳା କମିଶନ (ଏନ୍‌ସିଡବ୍ଲ୍ୟୁ)ଅଧ୍ୟକ୍ଷା ରେଖା ଶର୍ମା ଗୁରୁତ୍ୱାରୋପ କରିଛନ୍ତି। ଏପରିକି ବୈବାହିକ ସମ୍ପର୍କ ବିନା ଜନ୍ମିତ ପିଲାଙ୍କୁ ମଧ ଅବୈଧ କୁହାଯାଇପାରିବ ନାହିଁ ବୋଲି ସେ ଏକ ସେମିନାରରେ କହିଛନ୍ତି। ସମାଜରେ ଯୌନ କର୍ମୀ ଓ ସେମାନଙ୍କ ପିଲା ଶିକ୍ଷା, ସ୍ୱାସ୍ଥ୍ୟଠାରୁ ଆରମ୍ଭ କରି ଆଇନଗତ ସହାୟତା ଆଦି ବିଭିନ୍ନ ଚ୍ୟାଲେଞ୍ଜର ସମ୍ମୁଖୀନ ହେଉଛନ୍ତି। ଏନ୍‌ସିଡବ୍ଲ୍ୟୁ ଦ୍ୱାରା ଆୟୋଜିତ ସେମିନାରରେ ବର୍ତ୍ତମାନର ଆଇନ ଏବଂ ଅସମାନତା ଦୂର କରି ସମସ୍ତଙ୍କୁ ସମାନତା ଅଧିକାର ପ୍ରଦାନ ଲାଗି ଆଇନଗତ ସେବା ଉପରେ ଆଲୋଚନା କରାଯାଇଥିଲା। ଏଥିରେ ମହାରାଷ୍ଟ୍ର ପୋଲିସ ଆଇଜି ଦୀପକ ପାଣ୍ଡେ, ମହିଳା ଓ ଶିଶୁ ବିକାଶ ସଚିବ ଅନୁପ କୁମାର ଯାଦବ ପ୍ରମୁଖ ଭାଗ ନେଇଥିଲେ।



ରେଖା ଶର୍ମା

# ନୌସେନା ପାଇଁ ଫ୍ରାନ୍ସରୁ ଆସିବ ୨୬ ରାଫାଲ ଜେଟ୍

ଭାରତ-ଫ୍ରାନ୍ସ ରଣନୈତିକ ସହଭାଗିତାର ୨୫ ବର୍ଷ ପୂର୍ତ୍ତି ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗୁରୁବାର ପ୍ୟାରିସ୍ ଗସ୍ତ କରିଛନ୍ତି। ଫ୍ରାନ୍ସର ଜାତୀୟ ଦିବସ (ବାଷ୍ଟିଲ୍ ଡେ) ପାଳନ ଉପଲକ୍ଷେ ଆୟୋଜନ ହେବାକୁ ଥିବା କାର୍ଯ୍ୟକ୍ରମରେ ମୋଦି ସମ୍ମାନିତ ଅତିଥି ଭାବେ ଯୋଗଦେବେ। ପ୍ରଧାନମନ୍ତ୍ରୀଙ୍କ ଏହି ୨ଦିନିଆ ଗସ୍ତବେଳେ ବନ୍ଧୁରାଷ୍ଟ୍ର ସହ ପ୍ରତିରକ୍ଷା, ମହାକାଶ, ଭିତ୍ତିଭୂମି ଓ ସାଂସ୍କୃତିକ ସମ୍ପର୍କ ଆହୁରି ମଜଭୁତ ହେବା ଆଶା କରାଯାଉଛି।

**ନୂଆଦିଲ୍ଲୀ/ପ୍ୟାରିସ୍,୧୩।୭**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗୁରୁବାର ପ୍ୟାରିସ୍ ବିମାନବନ୍ଦରରେ ପହଞ୍ଚିବା ପରେ ତାଙ୍କୁ ଫ୍ରାନ୍ସ ପ୍ରଧାନମନ୍ତ୍ରୀ ଏଲିଜାବେଥ ବୋର୍ନ ରେଡ୍ କାର୍ପେଟରେ ସ୍ୱାଗତ କରିଥିଲେ। ଗାର୍ଡ ଅଫ୍ ଅନରରେ ଅଭିବାଦନ ଗ୍ରହଣ କରିବା ପରେ ମୋଦି ଫ୍ରାନ୍ସ ସିନେଟ୍ ପରିଦର୍ଶନ କରି ସଦନର ଅଧ୍ୟକ୍ଷ ଗେରାଡ୍ ଲାର୍ଚରଙ୍କୁ ସାକ୍ଷାତ କରିଛନ୍ତି। ସେ ଭାରତୀୟ ସମୟ ରାତି ପ୍ରାୟ ୧୧ଟାରେ ଲା ସିନ୍ ମ୍ୟୁଜିକାଲରେ ଭାରତୀୟ ବଂଶୋଦ୍ଭବମାନଙ୍କୁ ସମ୍ବୋଧିତ କରିଛନ୍ତି। ପରେ ରାଷ୍ଟ୍ରପତି ଭବନରେ ରାଷ୍ଟ୍ରପତି ଇମାନ୍ୱେଲ ମାକ୍ରଁ ତାଙ୍କୁ ନୈଶଭୋଜିରେ ଆପ୍ୟାୟିତ କରିଛନ୍ତି। ଶୁକ୍ରବାର ବାଷ୍ଟିଲ ଡେ' ସେଲିବ୍ରେଶନ ପରେ ଦୁଇନେତାଙ୍କ ମଧ୍ୟରେ ଦ୍ୱିପାକ୍ଷିକ ଆଲୋଚନା ହେବ। ସୁରକ୍ଷା, କାରିଗରି, ଆତଙ୍କବାଦ ନିରୋଧୀ ଅଭିଯାନ, ସାଇବର ସିକ୍ୟୁରିଟି, ଜଳବାୟୁ ପରିବର୍ତ୍ତନ ଓ ମହାକାଶ ଗବେଷଣା ଆଦି କ୍ଷେତ୍ର ଆଲୋଚନା କାର୍ଯ୍ୟସୂଚୀରେ ରହିଛି। ମାକ୍ରଁ ମୋଦିଙ୍କୁ ପ୍ରତିଷ୍ଠିତ ଲୋଭ୍‌ରେ ମ୍ୟୁଜିୟମ୍ ବୁଲାଇବା ପରେ ମୋନାଲିସା ପେଣ୍ଟିଂ ନିକଟରେ ଦୁହେଁ ଫଟୋ ପାଇଁ ପୋଜ୍ ଦେବେ। ଏଥିସହ ମୋଦିଙ୍କ ଫ୍ରାନ୍ସ ଗସ୍ତ ଶେଷ ହେବ। ଫ୍ରାନ୍ସର ରାଜନୈତିକ ନେତୃବୃନ୍ଦଙ୍କ ସହ ମିଳାମିଶାର ଏହି ସୁଯୋଗ ଦ୍ୱିପାକ୍ଷିକ ସମ୍ପର୍କକୁ ନୂଆ ସୋପାନକୁ ଉନ୍ନୀତ କରିବା ପାଇଁ ଦୁଇଦେଶର ପ୍ରତିଶ୍ରୁତିବଦ୍ଧତାର ପ୍ରମାଣ ଦେଉଛି। ପ୍ରଧାନମନ୍ତ୍ରୀ ମୋଦି ୨୦୨୨ରେ ଫ୍ରାନ୍ସ ଗସ୍ତ କରିବା ପରଠୁ ଦୁଇନେତାଙ୍କ ମଧ୍ୟରେ ଅନେକ ଥର ସାକ୍ଷାତ ହେଲାଣି। ୨୦୨୩ ମେ'ରେ ଜାପାନର ହିରୋଶିମାରେ ଜି-୭ ସମ୍ମିଳନୀ ଅବସରରେ ସଦ୍ୟ ସାକ୍ଷାତ ହୋଇଥିଲା। ମୋଦି ଫ୍ରାନ୍ସରୁ ପ୍ରତ୍ୟାବର୍ତ୍ତନ କରିବାବେଳେ ଶନିବାର ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ) ଗସ୍ତ କରିବେ। ସେଠାରେ ସେ ୟୁଏଇ ରାଷ୍ଟ୍ରପତି ତଥା ଆବୁଧାବି ଶାସକ ଶେଖ୍ ମହମ୍ମଦ ବିନ୍ ଅଲ୍ ନହ୍ୟାନ୍‌ଙ୍କୁ ଭେଟିବା କାର୍ଯ୍ୟକ୍ରମ ରହିଛି।

### ଅଧିଗ୍ରହଣକୁ ଭାରତର ମଞ୍ଜୁରୀ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ହାଇପ୍ରୋଫାଇଲ୍ ଫ୍ରାନ୍ସ ଗସ୍ତବେଳେ ଭାରତ ଏହି ବନ୍ଧୁରାଷ୍ଟ୍ରରୁ ୨୬ଟି ନାଭାଲ୍ ଭାରିଆଣ୍ଟ ରାଫାଲ ଜେଟ୍ ଓ ୩ ସ୍କୋର୍ପିଆନ୍ ଶ୍ରେଣୀର ବୁଡ଼ାଜାହାଜ ଅଧିଗ୍ରହଣକୁ ମଞ୍ଜୁରୀ ଦେଇଛି। ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂଙ୍କ ଅଧ୍ୟକ୍ଷତାରେ ପ୍ରତିରକ୍ଷା ଅଧିଗ୍ରହଣ ପରିଷଦ (ଡିଏସି) ଏହି ପ୍ରସ୍ତାବକୁ ଅନୁମୋଦନ କରିଛି। ଚୁକ୍ତି ସମ୍ପାଦନର ୩ ବର୍ଷ ମଧ୍ୟରେ ଏହି ଏୟାରକ୍ରାଫ୍ଟଗୁଡ଼ିକ ଭାରତକୁ ଆସିବ। ଭାରତ ପାଖରେ ବର୍ତ୍ତମାନ ୩୬ଟି ରାଫାଲ ସି (ଏୟାର ଫୋର୍ସ) ଭାରିଆଣ୍ଟ ଜେଟ୍ ଥିବାବେଳେ ୨୬ଟି ରାଫାଲ ଏମ୍ (ମେରାଇନ୍) ଆସିବ। ଦାସଲ୍ଟ ଆଭିଏଶନ୍ ଦ୍ୱାରା ନିର୍ମିତ ରାଫାଲ ଏମ୍‌କୁ ନୌସେନା ଫାଇଟର୍ସଙ୍କ ପାଇଁ ଅନ୍ୟତମ ଅତ୍ୟାଧୁନିକ ଯୁଦ୍ଧବିମାନ ବିବେଚନା କରାଯାଉଛି।



ଫ୍ରାନ୍ସ ପ୍ରଧାନମନ୍ତ୍ରୀ ଏଲିଜାବେଥ ବୋର୍ନ ପ୍ୟାରିସ୍ ବିମାନବନ୍ଦରରେ ଭାରତୀୟ ପ୍ରତିପକ୍ଷ ନରେନ୍ଦ୍ର ମୋଦିଙ୍କୁ ସ୍ୱାଗତ କରିନେଉଛନ୍ତି।

# ଘରେ ପଶି ନାବାଳିକାଙ୍କ ତଣ୍ଟିକାଟି ହତ୍ୟା

**ବଲାଙ୍ଗୀର, ୧୩।୭(ବୀରେନ୍ଦ୍ର କୁମାର ଝାଙ୍କର)**

- ମୃତଦେହ ପାଖରେ ରହିଛି ଏକ କଣ୍ଢେଇ
- ମୃତ୍ୟୁର ଦିନକ ପୂର୍ବରୁ ଯୁକ୍ତ୨ରେ ନାମ ଲେଖାଇଥିଲେ ନାବାଳିକା

ବଲାଙ୍ଗୀର ସହର କେନ୍ଦ୍ରୀୟ ବିଦ୍ୟାଳୟ ନିକଟସ୍ଥ ନିଖିଳନଗରରେ ଗୁରୁବାର ଜଣେ ବ୍ୟକ୍ତିଙ୍କ ଘରେ ପଶି ଦୁର୍ବୃତ୍ତ ଜଣେ ନାବାଳିକା ଝିଅର ତଣ୍ଟିକାଟି ହତ୍ୟା କରିଛନ୍ତି। ଘଟଣା ସହରରେ ଚାଞ୍ଚଲ୍ୟ ଖେଳିଯାଇଛି। ପୋଲିସ ସାଇଣ୍ଟିଫିକ୍ ଟିମ୍ ଏବଂ ସନ୍ଧାନୀ କୁକୁର ସହାୟତାରେ ଘଟଣାସ୍ଥଳରେ ପହଞ୍ଚି ଛାନଭିନ୍ କରିଛି। ମୃତାଙ୍କ ନାମ ଶେଷାଦ୍ରୀ ନାଗ (୧୫)। ଚଳିତବର୍ଷ ମାଟ୍ରିକ୍ ପରୀକ୍ଷାରେ ସେ ପାସ୍ କରିଥିଲେ ଏବଂ ବୁଧବାର ସ୍ଥାନୀୟ ଏକ କମର୍ସ କଲେଜରେ ଯୁକ୍ତ୨ଶ୍ରେଣୀରେ ନାମ ଲେଖାଇଥିଲେ। ତାଙ୍କ ପିତା ମକରଧ୍ୱଜ ନାଗ ଜଣେ ମିସ୍ତ୍ରି ଏବଂ ମାତା ପୂର୍ଣ୍ଣମୀ ନାଗ ସ୍ଥାନୀୟ ମ୍ୟୁନିସିପାଲିଟି ବର୍ଜ୍ୟବସ୍ତୁ ପରିଚାଳନା କେନ୍ଦ୍ରରେ କର୍ମଚାରୀ ଭାବେ କାର୍ଯ୍ୟ କରନ୍ତି। ସବୁଦିନ ଭଳି ଗୁରୁବାର ମକରଧ୍ୱଜ ଓ ପୂର୍ଣ୍ଣିମା କାମକୁ ଚାଲିଯିବା ପରେ ନିଖିଳନଗରସ୍ଥିତ ଘରେ ଶେଷାଦ୍ରୀ ଏକାକୀ ଥିଲେ। ଏହାର ସୁଯୋଗ ନେଇ କେହି ଘରେ ପଶି ଏକ ଧାରୁଆ ଅସ୍ତ୍ରରେ ତାଙ୍କ ତଣ୍ଟି କାଟିବା ସହ ମୁଣ୍ଡ, ବେକ ଏବଂ ଶରୀରର ଅନ୍ୟ ସ୍ଥାନରେ ଆଘାତ କରିଥିଲେ। ଅପରାହ୍ଣ ପ୍ରାୟ ୧ଟାରେ ମାତାପିତା କାମରୁ ଘରକୁ ଆସିଥିଲେ। ଘରେ ପହଞ୍ଚିବା ପରେ ଶେଷାଦ୍ରୀଙ୍କ ରକ୍ତାକ୍ତ ମୃତଦେହ ଚଟାଣରେ ପଡିଥିବା ସେମାନେ ଦେଖିଥିଲେ। ଖବର ପାଇ ଟାଉନ୍ ଥାନା ଆଇଆଇସି ବିଶ୍ୱଜିତ ମନବୋଧ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ। ଏସ୍‌ପି ଋଷିକେଶ ଖିଲାରି ଘଟଣାସ୍ଥଳ ପରିଦର୍ଶନ କରିବା ସହ ହତ୍ୟାକାରୀଙ୍କୁ ଗିରଫ କରିବା ପାଇଁ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରିଛନ୍ତି। ଏସ୍‌ଡିପିଓ ତୋଫାନ ବାଗ ଘଟଣା ସମ୍ପର୍କରେ ସୂଚନା ଦେଇ ଏହା ଏକ ହତ୍ୟାକାଣ୍ଡ ଏବଂ ସ୍ୱତନ୍ତ୍ର ଟିମ୍ ଘଟଣା ସମ୍ପର୍କରେ ତଦନ୍ତ ଆରମ୍ଭ କରିଛି ବୋଲି କହିଛନ୍ତି।


ମୃତ ନାବାଳିକାଙ୍କ ଘରେ ପୋଲିସ ତଦନ୍ତ ଜାରି ରହିଛି।

ନାବାଳିକାଙ୍କ ମୃତଦେହ ପଡ଼ିଥିବା ଘର ଚଟାଣ ପାଖରେ ଗୋଟିଏ କଣ୍ଢେଇ ପଡ଼ିଛି। କିଏ ଏହି କଣ୍ଢେଇ ଏଠାକୁ ଆଣିଲା ଓ ତାଙ୍କୁ କେଉଁ କାରଣରୁ ହତ୍ୟା କଲା ଜଣାପଡିନାହିଁ। ଶେଷାଦ୍ରୀ ପାଠପଢ଼ାରେ ମନ ଦେଉଥିଲେ ଏବଂ ଦିନକ ତଳେ ଏକ କଲେଜରେ ଯୁକ୍ତ୨ରେ ନାମ ଲେଖାଇଥିବା ମୃତାଙ୍କ ପଡ଼ୋଶୀମାନେ ସୂଚନା ଦେଇଛନ୍ତି। ଶେଷାଦ୍ରୀ ମକରଧ୍ୱଜଙ୍କ ଚତୁର୍ଥ ସନ୍ତାନ। ପୂର୍ବରୁ ସେ ଦୁଇ ଝିଅଙ୍କୁ ବିବାହ ଦେଇସାରିଛନ୍ତି। ଗୋଟିଏ ପୁଅ ଅଛି। ଏହି ପରିବାରର କାହା ସହିତ କୌଣସି ଶତ୍ରୁତା ନାହିଁ ବୋଲି ପଡୋଶୀମାନେ କହିଛନ୍ତି। ମୃତଦେହ ବ୍ୟବଚ୍ଛେଦ ପାଇଁ ଭୀମ ଭୋଇ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲକୁ ପଠାଯାଇଥିବା ପୋଲିସ ସୂଚନା ଦେଇଛି।

## ଆଜି ଯୁକ୍ତ ୩ ପ୍ରଥମ ପର୍ଯ୍ୟାୟ ମେଧାତାଲିକା

**ଭୁବନେଶ୍ୱର, ୧୩।୭ (ଅନୁରାଧା ମହାରଣା)** - ଯୁକ୍ତ୩ ପ୍ରଥମ ବର୍ଷ କଳା, ବିଜ୍ଞାନ, ବାଣିଜ୍ୟ ଓ ସେଲ୍ଫ ଫାଇନାନସିଂରେ ନାମଲେଖା ପାଇଁ ପ୍ରଥମ ପର୍ଯ୍ୟାୟ ମେଧା ତାଲିକା ଶୁକ୍ରବାର ପ୍ରକାଶ ପାଇବ। ୨୦୨୩-୨୪ ଶିକ୍ଷାବର୍ଷରେ ରାଜ୍ୟର ୧୦୪୨ଟି ଡିଗ୍ରୀ କଲେଜର ୨ ଲକ୍ଷ ୭୦ହଜାର ୫୪୭ ସିଟ୍ ରହିଥିବାବେଳେ ୨ ଲକ୍ଷ ୨୩ ହଜାର ୩୬୪ଜଣ ଅନଲାଇନ୍ ପଞ୍ଜୀକରଣ କରିଥିଲେ। ମାତ୍ର ସେମାନଙ୍କ ମଧ୍ୟରୁ ୨ ଲକ୍ଷ ୨୨ହଜାର ୨୮୨ ଜଣ ଅନ୍‌ଲାଇନରେ ଦେୟ ପୈଠ କରିଛନ୍ତି। ସୂଚନାଥାଉ କି, ଦ୍ୱିତୀୟ ପର୍ଯ୍ୟାୟ ମେଧା ତାଲିକା ଜୁଲାଇ ୨୭ରେ, ତୃତୀୟ ପର୍ଯ୍ୟାୟ ଅଗଷ୍ଟ ୯, ଚତୁର୍ଥ ପର୍ଯ୍ୟାୟ ଅଗଷ୍ଟ ୨୧, ପଞ୍ଚମ ପର୍ଯ୍ୟାୟ ସେପ୍ଟେମ୍ବର ୧ ଓ ଶେଷ ପର୍ଯ୍ୟାୟ ମେଧା ତାଲିକା ସେପ୍ଟେମ୍ବର ୧୩ରେ ପ୍ରକାଶ ପାଇବ।




# ଝାଡ଼େଶ୍ୱର କଲେଜ ଛାତ୍ରୀ ମୃତ୍ୟୁ ଘଟଣା | ୱାର୍ଡେନଙ୍କ ନାଁରେ ମାମଲା

**ବାଲେଶ୍ୱର, ୧୩।୭(ମାନସ ବିଶ୍ୱାଳ)**

- ଆତ୍ମହତ୍ୟା ପାଇଁ ପ୍ରବର୍ତ୍ତାଇବା ଅଭିଯୋଗରେ ମାମଲା ରୁଜୁ
- ହସ୍ତକ୍ଷେପ କଲେ ପୋଲିସ ଉଚ୍ଚ ଅଧିକାରୀ
- କଲେଜ କର୍ତ୍ତୃପକ୍ଷ, ସୁପରିଣ୍ଟେଣ୍ଡେଣ୍ଟଙ୍କ ନାମ ବାଦ୍‌କୁ ନେଇ ଅସନ୍ତୋଷ

ବାଲେଶ୍ୱର ଜିଲା ରେମୁଣା ବ୍ଲକ ଅନ୍ତର୍ଗତ ସୂତେଇବଡ଼ଗାଁସ୍ଥିତ ଝାଡ଼େଶ୍ୱର ଯୁକ୍ତ ୨ ବିଜ୍ଞାନ କଲେଜ ପ୍ରଥମ ବର୍ଷର ଛାତ୍ରୀ ସମୀକ୍ଷା ମହାନ୍ତିଙ୍କ ମୃତ୍ୟୁ ଘଟଣା ଭିନ୍ନମୋଡ଼ ନେଇଛି। ପୋଲିସ ଉଚ୍ଚ ଅଧିକାରୀଙ୍କ ହସ୍ତକ୍ଷେପ ଓ ମୃତ ଛାତ୍ରୀଙ୍କ ଦାଦା ମନୋଜ କୁମାର ମହାନ୍ତିଙ୍କ ଲିଖିତ ଅଭିଯୋଗକୁ ଭିତ୍ତିକରି ଶିଳ୍ପାଞ୍ଚଳ ଥାନାରେ କଲେଜର ୱାର୍ଡେନ ଚନ୍ଦ୍ରିକାଙ୍କ ନାଁରେ ଆଇପିସି ଦଫା ୩୦୬ (ଆତ୍ମହତ୍ୟା ପାଇଁ ପ୍ରବର୍ତ୍ତାଇବା)ରେ ଏକ ମାମଲା (ନଂ.୧୨୨/୨୩) ରୁଜୁ ହୋଇଛି। ତେବେ ସମୀକ୍ଷାଙ୍କ ମୃତ୍ୟୁର ୪ଦିନ ପରେ ଗୁରୁବାର କେବଳ ୱାର୍ଡେନଙ୍କ ନାଁରେ ପୋଲିସ ମାମଲା ରୁଜୁ କରିଥିବାବେଳେ କଲେଜ କର୍ତ୍ତୃପକ୍ଷ ଏବଂ ଛାତ୍ରୀ ନିବାସ ସୁପରିଣ୍ଟେଣ୍ଡେଣ୍ଟଙ୍କ ନାମ ବାଦ୍ ପଡ଼ିଛି। ଏହାକୁ ନେଇ ପରିବାର ଲୋକେ ଅସନ୍ତୋଷ ପ୍ରକାଶ କରିଛନ୍ତି। ଝିଅ ମୃତ୍ୟୁ ପାଇଁ ଦାୟୀ ସମସ୍ତଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଏସ୍‌ପିଙ୍କୁ ଭେଟି ଜଣାଇବେ ବୋଲି ପରିବାର ପକ୍ଷରୁ କୁହାଯାଇଛି।

ସୂଚନା ଅନୁଯାୟୀ, ଗତ ୧୦ ତାରିଖରେ ଶିଳ୍ପାଞ୍ଚଳ ଥାନା ପୋଲିସ ସମୀକ୍ଷାଙ୍କ ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇବା ସହ ଏକ ଅପମୃତ୍ୟୁ ମାମଲା (ନଂ.୧୯/୨୩) ରୁଜୁ କରି ଚୁପ୍ ହୋଇ ବସିଥିଲା। ମୃତ ଛାତ୍ରୀଙ୍କ ଦାଦା ମନୋଜ ତାଙ୍କ ଝିଆରୀକୁ ଛାତ୍ରୀ ନିବାସର ୱାର୍ଡେନ ଚନ୍ଦ୍ରିକା, ସୁପରିଣ୍ଟେଣ୍ଡେଣ୍ଟ ଏବଂ କଲେଜ କର୍ତ୍ତୃପକ୍ଷ ନିର୍ଯାତନା ଦେବା ସହ ମାଡ଼ ମାରିବା, ଗାଳିଗୁଲଜ କରିବା ଏବଂ ବିଭିନ୍ନ ପ୍ରକାରର ଚାପ ଦେଇଥିବା ନେଇ ଘଟଣା ଦିନ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏହି ଅଭିଯୋଗକୁ ଅଣଦେଖା କରି ଶବ ବ୍ୟବଚ୍ଛେଦ ରିପୋର୍ଟ ମିଳିଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଥାନା ଆଇଆଇସି ସାଲଖାନ ମୁର୍ମୁ ମୃତ ଛାତ୍ରୀଙ୍କ ଦାଦାଙ୍କୁ କହିଥିଲେ। ଏଥିରେ ଅସନ୍ତୁଷ୍ଟ ହୋଇ ପରିବାର ଲୋକେ ପୋଲିସ ବିଭାଗର ଉପରିସ୍ଥ ଅଧିକାରୀଙ୍କୁ ଜଣାଇଥିଲେ। ପୂର୍ବାଞ୍ଚଳ ଆଇଜି ହିମାଂଶୁ ଲାଲ ଏ ବିଷୟରେ ଜିଲା ଆରକ୍ଷୀ ଅଧୀକ୍ଷକ ସାଗରିକା ନାଥଙ୍କ ସହ ଆଲୋଚନା କରିଥିଲେ। ଆରକ୍ଷୀ ଅଧୀକ୍ଷକ ଉକ୍ତ ମାମଲାକୁ ସଦର ଏସ୍‌ଡିପିଓ ଶଶାଙ୍କ ଶେଖର ବେହେରାଙ୍କୁ ସ୍ୱତନ୍ତ୍ର ଭାବେ ତଦନ୍ତ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ତେବେ ଘଟଣା ଦିନ ପରିବାର ଲୋକଙ୍କ ଲିଖିତ ଅଭିଯୋଗ ଆଧାରରେ ମାମଲା ରୁଜୁ କରା ନ ଯିବା, ପରେ ଉପରିସ୍ଥ ପୋଲିସ ଅଧିକାରୀଙ୍କ ହସ୍ତକ୍ଷେପ ଯୋଗୁ ୪ ଦିନ ପରେ ଦଫା ୩୦୬ରେ ମାମଲା ରୁଜୁ ହେବା ଏବଂ କଲେଜ କର୍ତ୍ତୃପକ୍ଷ ଓ ଛାତ୍ରୀ ନିବାସ ସୁପରିଣ୍ଟେଣ୍ଡେଣ୍ଟଙ୍କ ବିରୋଧରେ ମାମଲା ରୁଜୁ ନ ହେବାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏନେଇ ମାମଲାର ତଦନ୍ତକାରୀ ଅଧିକାରୀ ଏସ୍‌ଆଇ ସାଧୁ ସିଂ କହନ୍ତି, ଘଟଣାର ସମସ୍ତ ଦିଗକୁ ନେଇ ପୁଙ୍ଖାନୁପୁଙ୍ଖ ତଦନ୍ତ କରାଯାଉଛି। କୌଣସି ଦିଗକୁ ଅଣଦେଖା କରାଯିବ ନାହିଁ। ଦୋଷୀକୁ ଦଣ୍ଡ ନିଶ୍ଚିତ ମିଳିବ ବୋଲି ସେ ପ୍ରକାଶ କରିଛନ୍ତି।

ଉଲ୍ଲେଖଯୋଗ୍ୟ, ଗତ ୯ ତାରିଖରେ ଝାଡ଼େଶ୍ୱର ଯୁକ୍ତ୨ ବିଜ୍ଞାନ କଲେଜ ଛାତ୍ରୀନିବାସରେ ପ୍ରଥମ ବର୍ଷର ଛାତ୍ରୀ ସମୀକ୍ଷା ଖାଇପିଇ ଶୋଇବାକୁ ଯାଇଥିଲେ। ଭୋର ସମୟରେ ତାଙ୍କ ମୃତଦେହ ରୁମ୍ ନଂ.୬ରେ ଫ୍ୟାନ୍‌ରେ ଝୁଲୁଥିବା ଦେଖିବାକୁ ମିଳିଥିଲା। ସେ ଆତ୍ମହତ୍ୟା କରିଥିବା କଲେଜ କର୍ତ୍ତୃପକ୍ଷ ସଫେଇ ଦେଇଥିବା ବେଳେ କଲେଜ ୱାର୍ଡେନ, ସୁପରିଣ୍ଟେଣ୍ଡେଣ୍ଟ ଓ କଲେଜ କର୍ତ୍ତୃପକ୍ଷଙ୍କ ମାନସିକ ଚାପ, ନିର୍ଯାତନା ଯୋଗୁ ସମୀକ୍ଷା ଆତ୍ମହତ୍ୟା କରିବାକୁ ବାଧ ହୋଇଥିବା ତାଙ୍କ ପରିବାର ଲୋକେ ଅଭିଯୋଗ କରିଥିଲେ।



**ଆଜିର ମନ୍ତବ୍ୟ**

ଋଣ ସଙ୍କଟରେ ବୁଡିଥିବା ବୈଶ୍ୱିକ ଅର୍ଥ ବ୍ୟବସ୍ଥାରେ ସଂସ୍କାର ଆଣିବା ପାଇଁ ଭାରତ ଅଧ୍ୟକ୍ଷତାରେ ଜି୨୦ ସମ୍ମିଳନୀର ଆୟୋଜନ ଏକ ସୁଯୋଗ।
**-ଆଣ୍ଟୋନିଓ ଗୁଟେରସ୍, ଜାତିସଂଘ ମହାସଚିବ**



# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଛାଞ୍ଚୁଣି ବିକିଲି ଦରପଣ କଲି**
**କୁଲା ବିକି କଲି ଚାତର**
**ମା' ବିକୁଥିଲା ଧୋବଲି ଶୁଖୁଆ**
**ବାପ ବିକୁଥିଲା ପତର।**

ମନୁଷ୍ୟ ନିଜର ପୂର୍ବାବସ୍ଥା ବା ଅତୀତକୁ ଭୁଲିଯିବା ଅନୁଚିତ। ବହୁ କ୍ଷେତ୍ରରେ ଅତି ଦରିଦ୍ର ଭାବେ ଜୀବନଯାପନ କରିଥିବା ମନୁଷ୍ୟଟି ସମୟକ୍ରମେ ବିତ୍ତଶାଳୀ ଓ ଯଶସ୍ୱୀ ହୋଇଯିବା ପରେ ଉକ୍ତ ମନୁଷ୍ୟଟି ନିଜ ଅତୀତରେ କଟାଇଥିବା ଦୁଃସ୍ଥ ଜୀବନଯାପନକୁ ଭୁଲିଯିବା ସହ ବର୍ତ୍ତମାନ ଅବସ୍ଥାରେ ଅହଙ୍କାରୀ ହୋଇଯାଉଥିବାର ଦେଖିବାକୁ ମିଳୁଥିବା ଅର୍ଥରେ ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

**ଛୋଟୀ**
**ମାଣକ ଧାନକୁ ଓଳିଏ କୁଟିଲା**
**ପାହାରେ ପାହାରେ କୁଟି।**

ସାଧାରଣତଃ ଶାରୀରିକ ସ୍ତରରେ ଅକ୍ଷମ ଥିବା ବ୍ୟକ୍ତି କୌଣସି ଏକ କାର୍ଯ୍ୟ କଲାବେଳେ ନିଜକୁ ଅସହାୟ ମନେକରିଥାନ୍ତି । ଏପରିସ୍ଥଳେ ଅକ୍ଷମ ଲୋକର ଶକ୍ତି ସାମର୍ଥ୍ୟକୁ ଏଠାରେ ଉପହାସ ଶୈଳୀରେ ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗ ଢମାଳି ଓ ରୁଢ଼ି ପ୍ରୟୋଗ – ଏ .କେ. ମିଶ୍ର ପବ୍ଲିଶର୍ସ ପ୍ରା :ଲିଃ




## ପ୍ରଥମ ପୃଷ୍ଠାରୁ...

## ପୋଲିସକୁ ଚକ୍‌ମା ...

ଗିରଫ କରିବାରେ ସଫଳ ହୋଇଥିଲା। ପରେ ଅପରାହ୍ନ ପ୍ରାୟ ୧ଟା ସମୟରେ ଅତିରିକ୍ତ ଜିଲା ଜଜ୍‌ଙ୍କ ପାଖରେ ହାଜର କରିବାକୁ ପୋଲିସ ତାଙ୍କୁ କୋର୍ଟକୁ ନେଇଥିଲା। ସେ ସମୟରେ ଗୁଲଗୁଲା ଶୌଚ ଯିବାକୁ କହିଥିଲେ। ସାଙ୍ଗରେ ଥିବା ଦୁଇଜଣ କନଷ୍ଟେବଳ କୋର୍ଟ ପରିସରରେ ଥିବା ପାଇଖାନାକୁ ନେଇ ବାହାରେ ଅପେକ୍ଷା କରିଥିଲେ। ହେଲେ ପାଇଖାନା ଭିତରେ ଥିବା ସ୍କାଏଲାଇଟ କାଚ ଖୋଲି ସେ ଫେରାର ହୋଇଯାଇଥିଲେ। ବିଳମ୍ବ ହେବାରୁ ପୋଲିସ କର୍ମଚାରୀ କବାଟ ଖୋଲି


ଗୁଲଗୁଲା ଖାନ

ଦେଖିବା ପରେ ଫେରାର ଥିବା ଜାଣିବାକୁ ପାଇଥିଲେ। ୫୮ବର୍ଷର ଜଣେ ବ୍ୟକ୍ତି ପୋଲିସ ଆଖିରେ ଧୂଳିଦେଇ ଖସିଯିବା ଘଟଣା ଦାୟିତ୍ୱରେ ଥିବା କର୍ମଚାରୀଙ୍କ କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ସବୁଆଡେ ଖୋଜାଖୋଜି କରି ନ ପାଇବାରୁ ଦୁଇ କନଷ୍ଟେବଲ ଥାନାରେ ଜଣାଇଥିଲେ। ପୋଲିସ ତାଙ୍କୁ ଧରିବା ପାଇଁ ବିଭିନ୍ନ ସ୍ଥାନରେ ଚଢାଉ ଜାରିରଖିଛି। ଏ ସମ୍ପର୍କରେ ଟାଉନ ଥାନା ଅଧିକାରୀ ପ୍ରକାଶ କର୍ଣ୍ଣ କହିଛନ୍ତି, ଗୁଲଗୁଲା କୋର୍ଟ ପରିସରରୁ ଫେରାର ହୋଇଯାଇଛନ୍ତି। ଏ ନେଇ ଆଉ ଏକ ମାମଲା ରୁଜୁ କରାଯାଇଛି। ଶୀଘ୍ର ଗିରଫ କରାଯିବ ବୋଲି କହିଥିଲେ। ସୂଚନାଯୋଗ୍ୟ, ଗୁଲଗୁଲାଙ୍କ ନାମରେ ପୂର୍ବରୁ ବିଭିନ୍ନ ଥାନାରେ ମାରପିଟ, ଲୁଟ୍, ଦାଦାବଟି ଅସୁଲି ଭଳି ଏକାଧିକ ମାମଲା ରହିଛି।

## ଲାଞ୍ଚ ନେଇ ଜେଲଗଲେ ...

ଅଭିଯୋଗକାରିଣୀ ଶୁଭଶ୍ରୀ ମିଶ୍ରଙ୍କ ଶହୀଦନଗରରେ ଏକ ଦୁଇ ମହଲା କୋଠା ରହିଛି। ତାଙ୍କ ଘରେ ଜଣେ ବ୍ୟକ୍ତି ପରିବାର ସହ ୮ରୁ ଊର୍ଦ୍ଧ୍ୱ ବର୍ଷ ହେବ ରହିଆସୁଛନ୍ତି। ତେବେ ୨୦୧୮ରୁ କୌଣସି କାରଣକୁ ନେଇ ଶୁଭଶ୍ରୀଙ୍କୁ ଭଡ଼ାଟିଆ ଘର ଭଡ଼ା ବାବଦକୁ ଟଙ୍କା ଦେଇ ନ ଥିଲେ। ବହୁବାର କହିବା ପରେ ମଧ୍ୟ ଭଡ଼ାଟିଆ ଉକ୍ତ ଘରେ ବଳପୂର୍ବକ ରହିଆସୁଛନ୍ତି। ଏନେଇ ସିଭିଲ୍ କୋର୍ଟରେ ମଧ୍ୟ ମାମଲା ଚାଲିଛି। ଏହାକୁ ନେଇ ଉଭୟ ପକ୍ଷଙ୍କ ମଧ୍ୟରେ ଅନେକ ସମୟରେ ବଚସା ଲାଗି ଲହୁଥିଲା। ତେବେ ଇତିମଧ୍ୟରେ ଭଡ଼ାଟିଆ ଜଣଙ୍କ ଶୁଭଶ୍ରୀଙ୍କ ନାଁରେ କୋର୍ଟରେ କେସ୍ କରିଥିଲେ। ଶୁଭଶ୍ରୀ ତାଙ୍କୁ ମାଡ଼ ମାରିବା ସହ ଗାଳିଗୁଲଜ ଓ ଧମକ ଦେଇଥିବା ସେ ଅଭିଯୋଗରେ ଦର୍ଶାଇଥିଲେ। ଏହାପରେ କୋର୍ଟଙ୍କ ନିର୍ଦ୍ଦେଶକ୍ରମେ ଗତ ମାସ ଶହୀଦନଗର ଥାନା ପକ୍ଷରୁ ଶୁଭଶ୍ରୀଙ୍କ ବିରୋଧରେ ଏକ ମାମଲା ରୁଜୁ କରାଯାଇଥିଲା। ଯେଉଁ ମାମଲାର ତଦନ୍ତକାରୀ ଅଧିକାରିଣୀ ରହିଥିଲେ ଏଏସ୍ଆଇ ମମତା ବସ୍ତିଆ। ତେବେ ଉକ୍ତ ମାମଲାରେ ଶୁଭଶ୍ରୀଙ୍କୁ ଗିରଫ କରିଦେବାକୁ ଧମକ ଦେଇ ମମତା ତାଙ୍କୁ ୧୫ ହଜାର ଟଙ୍କା ଦାବି କରିଥିଲେ। ଟଙ୍କା ଦେଲେ ମାମଲାକୁ ରଫାଦଫା କରିଦେବେ ବୋଲି ମମତା କହିଥିଲେ। ତେବେ ଏହାକୁ ନେଇ ଶୁଭଶ୍ରୀ ଭିଜିଲାନ୍ସ ନିକଟରେ ଅଭିଯୋଗ କରିଥିଲେ। ପରେ ମମତାଙ୍କୁ ଭିଜିଲାନ୍ସ ଟିମ୍ ଧରିବା ପାଇଁ ପୂର୍ବପ୍ରସ୍ତୁତି କରିଥିଲା। ଗୁରୁବାର ଶୁଭଶ୍ରୀଙ୍କ ଘରକୁ ଯାଇ ମମତା ଲାଞ୍ଚ ଟଙ୍କା ଗ୍ରହଣ କରିବା ସମୟରେ ଭିଜିଲାନ୍ସ ଟିମ୍ ତାଙ୍କୁ ଗିରଫ କରିଥିଲା। ସୂଚନା ଅନୁଯାୟୀ, ମମତା କନଷ୍ଟେବଳରୁ ପଦନ୍ନୋତି ପାଇ ଏଏସ୍ଆଇ ହୋଇଥିଲେ। କମିଶନରେଟ୍ ପୋଲିସର ବିଭିନ୍ନ ଥାନାରେ କାର୍ଯ୍ୟ କରି ଗତ ଦେଢ଼ବର୍ଷ ହେଲା ଶହୀଦନଗର ଥାନାରେ ଥିଲେ। ଉଲ୍ଲେଖଯୋଗ୍ୟ, ଏହା ପୂର୍ବରୁ ଏପ୍ରିଲ ୬ରେ ମଧ୍ୟ ଲାଞ୍ଚ ନେଇ ଖଣ୍ଡଗିରି ଥାନା ସବ୍‌ଇନ୍ସପେକ୍ଟର (ଏସ୍ଆଇ) ସୁଶାନ୍ତ କୁମାର ସ୍ୱାଇଁ ଏବଂ ଥାନାର ଅସ୍ଥାୟୀ ଭାବେ କାର୍ଯ୍ୟରତ କମ୍ପ୍ୟୁଟର ଅପରେଟର ଚିରଞ୍ଜୀବ ବଳ ଭିଜିଲାନ୍ସଦ୍ୱାରା ଗିରଫ ହୋଇଥିଲେ।

## ଏଏସ୍ଆଇ, ୨ କନଷ୍ଟେବଲଙ୍କ ବଦଳି

ଆନନ୍ଦପୁର,୧୩।୭(ସନ୍ତୋଷ ରାଉତ): କେନ୍ଦୁଝର ଜିଲା ଆନନ୍ଦପୁର ଥାନାରୁ ଜଣେ ଅଭିଯୁକ୍ତ ଚମ୍ପଟ ମାରିବା ଘଟଣାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ହୋଇଛି। ଏଏସ୍ଆଇ ଅନୁପ କୁମାର ଲୁଗୁନ, କନଷ୍ଟେବଲ ମିନାକ୍ଷୀ ମଲ୍ଲିକ ଓ ବିଜୟ ନାୟକଙ୍କୁ ଜିଲା ମୁଖ୍ୟାଳୟକୁ ବଦଳି ହୋଇଛି। ଦାୟିତ୍ୱରେ ଅବହେଳା ପାଇଁ ଜିଲା ଆରକ୍ଷୀ ଅଧୀକ୍ଷକଙ୍କ ଦ୍ୱାରା ଏଭଳି ପଦକ୍ଷେପ ଗ୍ରହଣ କରାଯାଇଥିବା ଆଲୋଚନା ହେଉଛି। ସୂଚନା ଅନୁଯାୟୀ, ମୋବାଇଲ ଲୁଟ୍ ଓ ପାନ ଦୋକାନରୁ ଚୋରି ମାମଲା(ନଂ. ୧୪୨/୨୩)ରେ ପୋଲିସ ମଙ୍ଗଳବାର ଫକୀରପୁର ଗ୍ରାମର ଅମର ସାହୁଙ୍କୁ ଗିରଫ କରିଥିଲା। ବୁଧବାର ସକାଳେ ଚଞ୍ଚଳତାପୂର୍ଣ୍ଣ ଭାବେ ଅଭିଯୁକ୍ତ ଥାନାରୁ ଚମ୍ପଟ ମାରିଥିଲେ। ପରବର୍ତ୍ତୀ ସମୟରେ ପୋଲିସ ତନାଘନା କରି ଅଭିଯୁକ୍ତଙ୍କୁ ଆନନ୍ଦପୁର ପୌରପରିଷଦ ଫକୀରପୁର ଅଞ୍ଚଳର ବୈତରଣୀ ନଦୀ ବନ୍ଧ ରାସ୍ତାରୁ ଗିରଫ କରିବାରେ ସଫଳ ହୋଇଥିଲା। ଏ ନେଇ ଥାନାରେ ଅନ୍ୟ ଏକ ମାମଲା (ନଂ.୧୪୩/୨୩) ରୁଜୁ କରାଯାଇ କୋର୍ଟଚାଲାଣ କରାଯାଇଥିଲା। ତେବେ ଥାନା ପରିସରରୁ ଅଭିଯୁକ୍ତ ଫେରାର ଘଟଣା ଚର୍ଚ୍ଚାକୁ ଆସିବା ପରେ ଜିଲା ଆରକ୍ଷୀ ଅଧୀକ୍ଷକଙ୍କ ଦ୍ୱାରା କାର୍ଯ୍ୟାନୁଷ୍ଠାନ ସ୍ୱରୂପ ବଦଳି ଆଦେଶ ଜାରି କରିଛନ୍ତି। ଏସ୍‌ଡିପିଓ ପ୍ରଶାନ୍ତ କୁମାର ବେହେରା ବଦଳି ନିର୍ଦ୍ଦେଶ ସମ୍ପର୍କରେ ସ୍ପଷ୍ଟ କରିଥିବା ବେଳେ ଅଭିଯୁକ୍ତ ଚମ୍ପଟକୁ ନେଇ କାର୍ଯ୍ୟାନୁଷ୍ଠାନ ସମ୍ପର୍କରେ କିଛି କହି ନ ଥିଲେ।

# ସେତୁ ଯୋଜନାରେ ସ୍ୱାଭିମାନ ଅଞ୍ଚଳର ୧୦ ପଞ୍ଚାୟତ

### ବ୍ୟୟ ଅଟକଳ ୫୦ରୁ ୧୦୦ କୋଟିକୁ ବୃଦ୍ଧି

ଭୁବନେଶ୍ୱର, ୧୩।୭ (ଅନିଲ ଦାସ)

ମାଲକାନଗିରି ଜିଲାର ସ୍ୱାଭିମାନ ଅଞ୍ଚଳରେ ଦ୍ରୁତ ପରିବର୍ତ୍ତନକୁ ଉପଲକ୍ଷି କରି ଚିତ୍ରକୋଣ୍ଡା ବ୍ଲକର ଅବଶିଷ୍ଟ ୯ଟି ପଞ୍ଚାୟତକୁ ସେତୁ (ସୋସିଓ-ଇକୋନୋମିକ ଟ୍ରାନ୍ସଫର୍ମେଶନ ଆଣ୍ଡ ଅପ୍‌ଲିଫ୍ଟମେଣ୍ଟ) ଯୋଜନାରେ ଅନ୍ତର୍ଭୁକ୍ତ କରାଯିବ। ସମ୍ପୃକ୍ତ ପଞ୍ଚାୟତଗୁଡ଼ିକ ହେଲା ଅଣ୍ଡ୍ରାପାଲ୍ଲି, ପଣସପୁଟ, ଜୋଡ଼ାମ୍ବୋ, ରାଳିଗାଡ଼ା, ପେପରମେଟଲା, ବଡ଼ପଦା, ଗଜଲମାମୁଡି, ଯନ୍ତ୍ରୀ, ଧୂଳିପୁଟ। ସେହିପରି କୋରୁକୋଣ୍ଡା ବ୍ଲକର ନାକାମାମୁଡି ପଞ୍ଚାୟତ ମଧ୍ୟ ଏହି ଯୋଜନାରେ ସାମିଲ ହେବ। ସେତୁ ଯୋଜନାରେ ବ୍ୟୟ ଅଟକଳ ୫୦ କୋଟିରୁ ୧୦୦ କୋଟିକୁ କରିବା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗୁରୁବାର ନିର୍ଦ୍ଦେଶ ଦେଇଛନ୍ତି।

ଚିତ୍ରକୋଣ୍ଡା ବ୍ଲକର ୯ ବିଚ୍ଛିନ୍ନାଞ୍ଚଳ ପଞ୍ଚାୟତକୁ ଗୁରୁପ୍ରିୟା ସେତୁ ଦ୍ୱାରା ସଂଯୋଗ କରାଯାଇଛି, ଯାହା ସ୍ୱାଭିମାନ ଅଞ୍ଚଳ ନାମରେ ନାମିତ। ଏହି ଅନୁନ୍ନତ ଅଞ୍ଚଳର ଲୋକମାନଙ୍କ ସାମାଜିକ ଓ ଅର୍ଥନୈତିକ ବିକାଶ ପାଇଁ ସେତୁ ଯୋଜନା ୨୦୧୮ରୁ କାର୍ଯ୍ୟକାରୀ କରାଯାଇଛି। ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ କ୍ରମେ '୫-ଟି' ସଚିବ ଓ ଅନ୍ୟାନ୍ୟ ବରିଷ୍ଠ ପଦାଧିକାରୀ ୨୦୨୩ ମାର୍ଚ୍ଚ ୨୮ରେ ମାଲକାନଗିରିର ଚିତ୍ରକୋଣ୍ଡା ବ୍ଲକ ପରିଦର୍ଶନ କରି ଲୋକଙ୍କ ଅଭାବ ଅସୁବିଧା ସମ୍ପର୍କରେ ଆଲୋଚନା କରିଥିଲେ। ଅଞ୍ଚଳର ଶାନ୍ତି ଓ ସୁରକ୍ଷା ପାଇଁ ନିୟୋଜିତ ଅର୍ଦ୍ଧସାମରିକ ବାହିନୀ ପ୍ରତିଷ୍ଠାନର ଭିତ୍ତିଭୂମି ଉନ୍ନତୀକରଣ ଓ ସମ୍ପ୍ରସାରଣ ପାଇଁ ସେତୁ ଯୋଜନାରେ ୯ କୋଟି ୬୦ ଲକ୍ଷ ଟଙ୍କା ମୁଖ୍ୟମନ୍ତ୍ରୀ ଅନୁମୋଦନ କରିଛନ୍ତି।

# ଜୁଲାଇ ୩୧ ସୁଦ୍ଧା ସାକ୍ଷ୍ୟ ଗ୍ରହଣ ଶେଷ କର: ହାଇକୋର୍ଟ

### ଅନୁଭବ-ବର୍ଷା ବିବାହ ବିଚ୍ଛେଦ ମାମଲାର ତ୍ୱରିତ ଶୁଣାଣି ମାମଲା

### ୩ ମାସରେ ରାୟ ପ୍ରକାଶ ପାଇବ

କଟକ,୧୩।୭(କାର୍ତ୍ତିକ ସାହୁ)

କଟକ ପରିବାର ଅଦାଲତରେ ଏମ୍‌ପି ତଥା ଅଭିନେତା ଅନୁଭବ ମହାନ୍ତି ଓ ତାଙ୍କ ସ୍ତ୍ରୀ ଅଭିନେତ୍ରୀ ବର୍ଷା ପ୍ରିୟଦର୍ଶନୀଙ୍କ ଛାଡ଼ପତ୍ର ମାମଲାର ରାୟ ପ୍ରକାଶ ୩ ମାସ ମଧ୍ୟରେ କରିବାକୁ ହାଇକୋର୍ଟ ଗୁରୁବାର ନିର୍ଦ୍ଦେଶ ଦେଇଛନ୍ତି। ପରିବାର ଅଦାଲତରେ ମାମଲାର ଶୁଣାଣି ବିଳମ୍ବ ହେଉଥିବା ଦର୍ଶାଇ ଅନୁଭବଙ୍କ ପକ୍ଷରୁ ଆଗତ ଆବେଦନର ଶୁଣାଣି କରି ହାଇକୋର୍ଟର ମୁଖ୍ୟ ବିଚାରପତି ଡ. ଏସ୍. ମୁରଲୀଧରଙ୍କ ଖଣ୍ଡପୀଠ ଉପରୋକ୍ତ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ଜୁଲାଇ ୩୧ ସୁଦ୍ଧା ବର୍ଷାଙ୍କ ସାକ୍ଷ୍ୟଗ୍ରହଣ ଶେଷ କରିବାକୁ ମଧ୍ୟ କଟକ ପରିବାର ଅଦାଲତକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି।

ମାମଲାର ବିବରଣୀ ଅନୁସାରେ, କଟକ ପରିବାର ଅଦାଲତରେ ଅନୁଭବ-ବର୍ଷାଙ୍କ ଛାଡ଼ପତ୍ର ମାମଲାର ବିଳମ୍ବ ହେଉଥିବା ଦର୍ଶାଇ ମାମଲାକୁ ଖୋର୍ଦ୍ଧା ପରିବାର ଅଦାଲତକୁ ସ୍ଥାନାନ୍ତର କରିବା ପାଇଁ ଅନୁଭବଙ୍କ ପକ୍ଷରୁ ହାଇକୋର୍ଟରେ




ଆବେଦନ କରାଯାଇଥିଲା। କଟକ ପରିବାର ଅଦାଲତ ବର୍ଷାଙ୍କ ପ୍ରତି ଅହେତୁକ ଅନୁକମ୍ପା ପ୍ରଦର୍ଶନ କରୁଥିବା ଓ ଜାଣିଶୁଣି ବର୍ଷାଙ୍କ ସାକ୍ଷ୍ୟଗ୍ରହଣରେ ମହଲତ ଦେଉଥିବା ଅନୁଭବ ଦର୍ଶାଇଥିଲେ। ହେଲେ ଖୋର୍ଦ୍ଧା ପରିବାର ଅଦାଲତକୁ ମାମଲା ସ୍ଥାନାନ୍ତର ପାଇଁ ଅନୁଭବଙ୍କ ପକ୍ଷରୁ ହୋଇଥିବା ଆବେଦନକୁ ହାଇକୋର୍ଟ ଅଗ୍ରାହ୍ୟ କରିଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ଅନୁଭବ ତାଙ୍କ ସ୍ତ୍ରୀ ବର୍ଷା ପ୍ରିୟଦର୍ଶିନୀଙ୍କୁ ଛାଡ଼ପତ୍ର ଦେବା ନିମନ୍ତେ ଦିଲ୍ଲୀର ପଟିଆଲା କୋର୍ଟରେ ଏକ ମାମଲା ରୁଜୁ କରିଥିଲେ। ସେ ତାଙ୍କ ଆବେଦନରେ ଦର୍ଶାଇଥିଲେ ଯେ ୨୦୧୪ ଫେବୃଆରୀ ୮ରେ ହିନ୍ଦୁ ରୀତିନୀତି ଅନୁସାରେ ଉଭୟ ପରିବାରର ସମ୍ମତି କ୍ରମେ ଅନୁଭବ-ବର୍ଷାଙ୍କ ବିବାହ ହୋଇଥିଲା। ବିଭିନ୍ନ ବିବାଦରୁ ୨୦୧୯ ମଇ ୧ ତାରିଖଠାରୁ ଉଭୟେ ଅଲଗା ରହୁଛନ୍ତି। ବର୍ଷାଙ୍କ ଆବେଦନ ଅନୁସାରେ ପଟିଆଲା କୋର୍ଟରୁ କଟକ ପରିବାର ଅଦାଲତକୁ ମାମଲା ସ୍ଥାନାନ୍ତର ହୋଇଥିଲା। କଟକ ପରିବାର ଅଦାଲତରେ ଏହି ମାମଲାରେ ଅନୁଭବଙ୍କୁ ଜେରା ଶେଷ ହୋଇଥିବାବେଳେ ବର୍ଷାଙ୍କୁ ଜେରା ଚାଲିଛି।

# କୋର୍ଟରେ ହାଜର ଗୋପାଳ, ମାମଲା ଲଢ଼ିବେ

### ମନ୍ତ୍ରୀ ନବ ଦାସ ହତ୍ୟା ଘଟଣା

- ଶୀଘ୍ର ଜିଲା ଜଜ୍‌ଙ୍କ ପାଖରେ ଚାର୍ଜଫ୍ରେମ୍
- ଖୋଲୁନି ହତ୍ୟା ରହସ୍ୟ

ସମ୍ବଲପୁର,୧୩।୭(ଶୁଭାଶିଷ ପାଢ଼ୀ)

ପୂର୍ବତନ ମନ୍ତ୍ରୀ ନବ ଦାସ ହତ୍ୟା ଘଟଣାରେ ଗୁରୁବାର କ୍ରାଇମବ୍ରାଞ୍ଚ ଝାରସୁଗୁଡ଼ା ଜେଏମ୍ଏଫ୍‌ସି କୋର୍ଟରେ ଅଭିଯୁକ୍ତ ବହିଷ୍କୃତ ପୋଲିସ ଏଏସ୍ଆଇ ଗୋପାଳ ଦାସଙ୍କୁ ହାଜର କରିଥିଲା। ପ୍ରାୟ ୧୦ ମିନିଟ୍ ଧରି କୋର୍ଟ କାର୍ଯ୍ୟ ଚାଲିଥିଲା। ପରେ ଏହି ମାମଲା ଜିଲା ଜଜ୍‌ଙ୍କ ପାଖକୁ ହସ୍ତାନ୍ତର କରାଯାଇଥିଲା। କ୍ରାଇମବ୍ରାଞ୍ଚ ଖୁବ୍‌ଶୀଘ୍ର ଜିଲା ଜଜ୍‌ଙ୍କ ପାଖରେ ଚାର୍ଜଫ୍ରେମ୍ ଦାଖଲ କରିବ ବୋଲି ଜଣାପଡ଼ିଛି। ଅନ୍ୟପଟେ କୋର୍ଟରେ ଅଭିଯୁକ୍ତ ଗୋପାଳ ଆଗକୁ ମାମଲା ଲଢ଼ିବାକୁ ବିଚାରପତିଙ୍କ ନିକଟରେ ରାଜି ହୋଇଥିଲେ। ଗୋପାଳଙ୍କ ଓକିଲ ଦୟାନିଧି ଚାନ୍ଦ କହିଛନ୍ତି, ସ୍ୱାସ୍ଥ୍ୟମନ୍ତ୍ରୀ ଦାସଙ୍କ ହତ୍ୟା ମାମଲାରେ ଅଭିଯୁକ୍ତ ଗୋପାଳଙ୍କୁ ଗୁରୁବାର କୋର୍ଟରେ ହାଜର କରାଯାଇଥିଲା। ଆଗକୁ ମାମଲା ଲଢ଼ିବାକୁ ସେ ବିଚାରପତିଙ୍କ ନିକଟରେ ଇଚ୍ଛା ପ୍ରକାଶ କରିଥିଲେ। ଏହି ମାମଲା ଜେଏମ୍ଏଫ୍‌ସିରୁ ଉପର କୋର୍ଟ ଜିଲା ଜଜ୍‌ଙ୍କ ପାଖକୁ ହସ୍ତାନ୍ତର କରାଯାଇଛି। ଚାର୍ଜଶିଟ୍‌ର ନକଲ ଅଭିଯୁକ୍ତ ଗୋପାଳଙ୍କୁ ଦିଆଯାଇଛି। ଚାର୍ଜଫ୍ରେମ୍ ପରେ ଶୁଣାଣି ଆରମ୍ଭ ହୋଇଯିବ ବୋଲି ଓକିଲ ଚାନ୍ଦ କହିଥିଲେ। ଅନ୍ୟପଟେ ଘଟଣାକୁ ୧୬୬ ଦିନ ବିତିଯାଇଥିଲେ ମଧ୍ୟ କ୍ରାଇମବ୍ରାଞ୍ଚ ହତ୍ୟାର ରହସ୍ୟ ଉନ୍ମୋଚନ କରିପାରି ନାହିଁ। ବ୍ୟକ୍ତିଗତ କାରଣରୁ ହତ୍ୟା କରିଥିବା ନେଇ ଚାର୍ଜଶିଟ୍‌ରେ



ଉଲ୍ଲେଖ ରହିଛି। ହେଲେ କେଉଁ କାରଣରୁ ଜଣେ ପୋଲିସ ଏଏସ୍ଆଇଙ୍କ ମନରେ ହତ୍ୟା କରିବା ଭଳି ଭାବନା ଆସିଲା ତାହାକୁ କ୍ରାଇମବ୍ରାଞ୍ଚ ସ୍ପଷ୍ଟ କରିପାରି ନାହିଁ। ସୂଚନାଯୋଗ୍ୟ, ଜାନୁୟାରୀ ୨୯ରେ ମନ୍ତ୍ରୀ ନବ ଦାସ ଝାରସୁଗୁଡ଼ା ଜିଲା ବ୍ରଜରାଜନଗର ଗସ୍ତରେ ଯାଇଥିବା ବେଳେ ଗାନ୍ଧୀ ଛକରେ ତତ୍କାଳୀନ ପୋଲିସ ଏଏସ୍ଆଇ ଗୋପାଳ ଦାସ ନିଜ ସର୍ଭିସ୍ ବନ୍ଧୁକରୁ ଗୁଳିକରି ତାଙ୍କୁ ହତ୍ୟା କରିଥିଲେ। ଗୋପାଳଙ୍କୁ ଗିରଫ କରାଯିବା ପରେ ପ୍ରଥମେ ଝାରସୁଗୁଡ଼ା ଜେଲରେ ରଖାଯାଇଥିଲା। ପରେ ତାଙ୍କୁ ଚୌଦ୍ୱାର ଜେଲକୁ ସ୍ଥାନାନ୍ତର କରାଯାଇଛି। ଘଟଣାର ତଦନ୍ତ ଭାର ରାଜ୍ୟ ସରକାର କ୍ରାଇମବ୍ରାଞ୍ଚକୁ ଦେଇଥିଲେ। ହତ୍ୟାକାଣ୍ଡର ୧୧୮ଦିନ ପରେ କ୍ରାଇମବ୍ରାଞ୍ଚ କୋର୍ଟରେ ୫୩୪ ପୃଷ୍ଠାର ଚାର୍ଜଶିଟ୍ ଦାଖଲ କରିଛି। ବ୍ୟକ୍ତିଗତ ଆକ୍ରୋଶ ରଖି ସମ୍ପୂର୍ଣ୍ଣ ସୁସ୍ଥ ମସ୍ତିଷ୍କରେ ନବଙ୍କୁ ଗୋପାଳ ହତ୍ୟା କରିଥିବା ଚାର୍ଜଶିଟ୍‌ରେ ଉଲ୍ଲେଖ ରହିଛି। ଯଦି ବ୍ୟକ୍ତିଗତ କାରଣ, ତାହା ପାରିବାରିକ କିମ୍ବା ଚାକିରି କ୍ଷେତ୍ରକୁ ନେଇ ଥିଲା ତାହା ସ୍ପଷ୍ଟ ହୋଇନାହିଁ। ପୂର୍ବରୁ କ୍ରାଇମବ୍ରାଞ୍ଚର ତଦନ୍ତ ପ୍ରକ୍ରିୟା, ପାଇଖାନା ଟାଙ୍କି ଖୋଲିବା, ଭାଜପା ଶାସିତ ରାଜ୍ୟ ଗୁଜରାଟରେ ଲାଏ ଡିଟେକ୍ସନ କରିବା, ମାନସିକ ରୋଗୀ କି ନୁହେଁ ପରୀକ୍ଷା ପାଇଁ ବାରମ୍ବାର କୋର୍ଟଙ୍କ ଦ୍ୱାରସ୍ଥ ହେବା, ବିଭିନ୍ନ ସମୟରେ ବିଭ୍ରାନ୍ତିକର ତଥ୍ୟ ଦେବା, ଏପରି କି ପୋଲିସ ଡିଜି ପ୍ରଭୁ ଜଗନ୍ନାଥ କେବଳ ହତ୍ୟାର କାରଣ ଜାଣିଥିବେ ଭଳି ବୟାନ ଦେବା ଘଟଣା ରାଜ୍ୟ ସରକାର ଓ ପୋଲିସ ବିଭାଗକୁ ସନ୍ଦେହଘେରକୁ ଟାଣିଆଣିଥିଲା।

# ଜାତୀୟ ଅନୁସୂଚିତ ଜନଜାତି ଆୟୋଗଙ୍କ ରିପୋର୍ଟ ତଲବ

### ଓଡ଼ିଆ ଶ୍ରମିକଙ୍କ ଦୁଇ ହାତ କଟାଯିବା ଘଟଣା

ବାଲିଗୁଡ଼ା,୧୩।୭(ସଞ୍ଜୟ କୁମାର ପାଣିଗ୍ରାହୀ)

କନ୍ଧମାଳ ଜିଲା ବାଲିଗୁଡ଼ା ଥାନା ଅନ୍ତର୍ଗତ ଡହଲପଡ଼ିର ଅଙ୍ଗଦ ମଳିକ ଶ୍ରମିକ କାମ କରିବା ପାଇଁ ମୁମ୍ବାଇ ଯାଇଥିବା ବେଳେ ସେଠାରେ ତାଙ୍କର ଦୁଇ ହାତ କାଟି ଦିଆଯାଇଥିଲା। ଏହି ଘଟଣାକୁ ଜାତୀୟ ଅନୁସୂଚିତ ଜନଜାତି ଆୟୋଗ ଗୁରୁତର ସହ ନେଇ ଏହାର ସବିଶେଷ ରିପୋର୍ଟ ମୁଖ୍ୟ ଶାସନ ସଚିବ ଓ ପୋଲିସ ଡିଜିଙ୍କୁ ମାଗିଛନ୍ତି। ତେଣୁ ଗୁରୁବାର ଲେବର କମିଶନର ନରୋତ୍ତମ ଦାସ, ସହକାରୀ ଲେବର କମିଶନର ନିରଞ୍ଜନ ଜେନା, କନ୍ଧମାଳ ଜିଲା ଶ୍ରମ ଅଧିକାରୀ ତେଜ କୁମାର ବାଗେ, ସହକାରୀ ଶ୍ରମ ଅଧିକାରୀ ଶୁଭଦର୍ଶନୀ ନାଏକ ଡହଲପଡ଼ିରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ସେମାନେ ଅଙ୍ଗଦଙ୍କ ପରିବାରକୁ ଭେଟି ଘଟଣା ସଂପର୍କରେ ସବିଶେଷ ରିପୋର୍ଟ ସଂଗ୍ରହ କରିଛନ୍ତି। ଅଙ୍ଗଦଙ୍କୁ ସରକାରଙ୍କ ସମସ୍ତ ସହାୟତା ଯୋଗାଇ ଦିଆଯିବ ବୋଲି ସହକାରୀ ଲେବର କମିଶନର ଜେନା ପ୍ରକାଶ କରିଛନ୍ତି। ସୂଚନାଯୋଗ୍ୟ, ଗତ ଏପ୍ରିଲ ୨୭ ତାରିଖରେ ଅଙ୍ଗଦ ୮ହଜାର ଟଙ୍କା ଅଗ୍ରିମ ନେଇ ସ୍ଥାନୀୟ ଅଞ୍ଚଳର ଜଣେ ଯୁବକଙ୍କ ସହାୟତାରେ ମୁମ୍ବାଇକୁ ଶ୍ରମିକ କାମ କରିବା ପାଇଁ ଯାଇଥିଲେ। ଏ ସମ୍ପର୍କରେ ପରିବାର ଲୋକଙ୍କୁ ସେ ଜଣାଇ ନ ଥିଲେ। ଏପଟେ ଅଙ୍ଗଦଙ୍କୁ ନ ପାଇ ପରିବାର ଲୋକ ଦୁଇଦିନ ପରେ ବାଲିଗୁଡ଼ା ଥାନାରେ ନିଖୋଜ ଏତଲା ଦେଇଥିଲେ। ଏତଲାକୁ ଭିତ୍ତି କରି ବାଲିଗୁଡା ପୋଲିସ ତଦନ୍ତ କରିଥିଲା। ଅଙ୍ଗଦ ଗୁଜୁରାଟରେ ଏକ ଘରୋଇ ସ୍ୱେଚ୍ଛାସେବୀ ଅନୁଷ୍ଠାନରେ ରହି ଚିକିତ୍ସିତ ହେଉଥିବା ପୋଲିସ ସୂଚନା ପାଇଥିଲା। ଏହାପରେ ଗତ ମାସରେ ପରିବାର ଲୋକେ ତାଙ୍କୁ ଆଣିବାକୁ ଯାଇଥିବା ବେଳେ ଅଙ୍ଗଦଙ୍କ ଦୁଇ ହାତ କଟି ଯାଇଥିବା ଦେଖି ସ୍ତବ୍ଧ ହୋଇଯାଇଥିଲେ। ଅଙ୍ଗଦ କହିଥିଲେ ଯେ, କାମ କରିବାକୁ ନେଇଥିବା ବ୍ୟକ୍ତି ଜଣକ ମୁମ୍ବାଇରେ ଛାଡ଼ି କେଉଁଆଡ଼େ ଚାଲି ଯାଇଥିଲେ। ପରେ କିଛି ବ୍ୟକ୍ତି ଆସି ତାଙ୍କୁ ମାଡ଼ମାରି ଦୁଇ ହାତ କାଟି ଫିଙ୍ଗି ଦେଇଥିଲେ। ରେଲୱେ ପୋଲିସ ଗୁରୁତର ଅବସ୍ଥାରେ ତାଙ୍କୁ ଉଦ୍ଧାର କରିଥିଲା। ଅଙ୍ଗଦଙ୍କୁ ମୁମ୍ବାଇ ନେଇଥିବା ବ୍ୟକ୍ତି ଜଣଙ୍କୁ ବାଲିଗୁଡ଼ା ଥାନା ପୋଲିସ ଅଟକ ରଖି ପଚରାଉଚରା ପରେ ଛାଡ଼ି ଦେଇଛି। ଘଟଣାର ତଦନ୍ତ ପାଇଁ ପୋଲିସର ଏକ ଟିମ ମଧ୍ୟ ମୁମ୍ବାଇ ଯାଇଛି।

# ଆଜିର ରାଶିଫଳ


ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com


**ମେଷ** ଆଜି ଯାହା କରିବା କଥା ସକାଳୁ ସକାଳୁ ଶୀଘ୍ର ଶେଷ କରିବା ଭଲ ହେବ। କୃତ୍ତିକା ନକ୍ଷତ୍ର କର୍ମକ୍ଷେତ୍ରର କୌଣସି ସମସ୍ୟା ଭିତରେ ଛନ୍ଦି ହୋଇପାରନ୍ତି। ଅବଶ୍ୟ ଆଜି ପ୍ରତ୍ୟୁଷ ଯାତ୍ରାରୁ ସୁଫଳ ପାଇବେ ଏବଂ ଅଭିଳଷିତ ଜିନିଷ ପାଇପାରନ୍ତି। ଶିଳ୍ପ, ପରିବହନ, ବ୍ୟବସାୟ ଓ ବାଣିଜ୍ୟ କ୍ଷେତ୍ରରେ ସୁଫଳ ପ୍ରାପ୍ତି ହୋଇପାରେ।

**ବୃଷ** ନିଜ ଚତୁଃପାର୍ଶ୍ୱରେ ରହୁଥିବା ବ୍ୟକ୍ତିବିଶେଷଙ୍କ ସାହାଯ୍ୟ ଲାଭକରି ଆଶ୍ୱସ୍ତି ଅନୁଭବ କରିବେ। ଚେଷ୍ଟା କରୁଥିବା କାମଟି ହାସଲ କରିବା ସକାଶେ କଠିନ ଶ୍ରମ କରିବାକୁ ପଡ଼ିବ। ରପ୍ତାନି ବାଣିଜ୍ୟ ତଥା ପରିବହନ ପାଇଁ ବିଶେଷ ଅସୁବିଧା ହେବ ନାହିଁ। କିନ୍ତୁ ମୃଗଶିରା ନକ୍ଷତ୍ର ନିଜକୁ ନିୟନ୍ତ୍ରଣ ମଧ୍ୟରେ ରଖିବାପାଇଁ ସମର୍ଥ ହେବେ।

**ମିଥୁନ** ଭୁଲ୍‌ବଶତଃ ସ୍ଥଗିତ କାମ ପାଇଁ ଅନ୍ୟମାନଙ୍କ ନିକଟରେ ମୁଣ୍ଡ ନୁଆଁଇବାକୁ ପଡ଼ିପାରେ। କୌଣସି ବନ୍ଧୁଙ୍କ ସାହାଯ୍ୟରୁ ଜଟିଳ ପରିସ୍ଥିତିକୁ ସ୍ୱାଭାବିକ କରିପାରନ୍ତି। ନିକଟ ସମ୍ପର୍କୀୟମାନଙ୍କ ସହ ମିତ୍ରତା ବନ୍ଧନରେ ଆବଦ୍ଧ ହେବେ। ଆରଦ୍ରା ନକ୍ଷତ୍ରର ଗୃହସଜ୍ଜା ପ୍ରତି ଆଗ୍ରହ ବଢ଼ିପାରେ।

**କର୍କଟ** ସମସ୍ୟାଗୁଡ଼ିକ ସୁପ୍ତ ଅବସ୍ଥାରେ ରହିଯିବ, କିନ୍ତୁ ଉନ୍ନତିମୂଳକ କାମ ଗତାନୁଗତିକ ରୀତିରେ ଗଡ଼ିଚାଲିବ। ପ୍ରତିବେଶୀଙ୍କ ସୌହାର୍ଦ୍ଦ୍ୟରୁ ଉପକୃତ ହେବେ। ଯେତେ ଭଲ କାମ କଲେ ମଧ୍ୟ କର୍ମକ୍ଷେତ୍ରରେ ଅଶ୍ଳେଷା ନକ୍ଷତ୍ର ସମାଲୋଚନାର ପାତ୍ର ହେବାକୁ ପଡ଼ିପାରେ। ପାରିବାରିକ ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କ ସାହାଯ୍ୟ ମାଗିପାରନ୍ତି।

**ସିଂହ** ଆଗଭଳି ସମସ୍ୟା ଉତ୍କଟ ନ ହେଲେ ମଧ୍ୟ ସମ୍ପୂର୍ଣ୍ଣ ଟେନ୍‌ସନ ମୁକ୍ତ ହୋଇପାରିବେ ନାହିଁ। ଇଚ୍ଛା ଥିଲେ ମଧ୍ୟ ଦୈହିକ ଦୁର୍ବଳତା କର୍ମକ୍ଷେତ୍ରକୁ ମନ୍ଥର କରିବ। ଅଭାବ ଓ ଅସୁବିଧା ପ୍ରଭୃତିରେ ମନର ଆବେଗିକ କଥାକୁ ସହକର୍ମୀଟି ବୁଝିପାରିବ ନାହିଁ। ମଘା ନକ୍ଷତ୍ର ରୋଗ, ଋଣ ଓ ପରୋକ୍ଷ ଶତ୍ରୁତା ଯୋଗୁ ବ୍ୟସ୍ତ ରହିପାରନ୍ତି।

**କନ୍ୟା** କର୍ମକ୍ଷେତ୍ରରେ କଠିନ ପରିଶ୍ରମ ହେତୁକ କ୍ଲାନ୍ତି ଓ ଅବସାଦ ଦେଖାଦେଇପାରେ। ଉତ୍ତରାଫାଲ୍‌ଗୁନୀ ନକ୍ଷତ୍ର କିନ୍ତୁ ବନ୍ଧୁଙ୍କ ଦ୍ୱାରା ପ୍ରଭାବିତ ହୋଇ ସତ୍‌ସଙ୍ଗ ଓ ଧର୍ମଚର୍ଚ୍ଚା ଦିଗକୁ ମନ ବଳାଇବେ। ବ୍ୟବସାୟିକ କ୍ଷେତ୍ରରେ ସମସ୍ୟା ସମାଧାନରେ ରାସ୍ତା ପାଇବାରେ ସମର୍ଥ ହେବେ। ପାରିବାରିକ ସ୍ଥିତି ପୂର୍ବ ପରି ରହିବା ହେତୁ ଖୁସି ରହିବେ।

**ତୁଳା** ପାରସ୍ପରିକ ଉତ୍ତମ ବୁଝାମଣା ହେତୁ ପରିବାରରେ ସୁଖ ଶାନ୍ତି ରାଜୁତିକରିବ। କର୍ମକ୍ଷେତ୍ରରେ କୌଣସି ଗୁରୁତ୍ୱପୂର୍ଣ୍ଣ ସୁଯୋଗ ହରାଇବା ସକାଶେ ବ୍ୟଥିତ ହୋଇପାରନ୍ତି। ସହକର୍ମୀଙ୍କ ସହ ବଚସା କାରଣରୁ ମତ ପାର୍ଥକ୍ୟ ଦେଖାଦେଇପାରେ। ସ୍ୱାତୀ ନକ୍ଷତ୍ର ସାଧାରଣ କଥାରେ ଆତ୍ମୀୟସ୍ୱଜନ ମୁହଁ ଫେରାଇ ନେଇପାରନ୍ତି।

**ବିଛା** ପରିସ୍ଥିତି ବିଗିଡ଼ିଯାଉଥିବା କାରଣରୁ ବାରମ୍ବାର ମତ ପରିବର୍ତ୍ତନ କରିବାକୁ ବାଧ୍ୟ ହେବେ। ଜ୍ୟେଷ୍ଠା ନକ୍ଷତ୍ର ଆଲୋଚନା ପରିସରରେ ସାହସିକତା ପ୍ରଦର୍ଶନକରି ପ୍ରଶଂସିତ ହେବେ। ସାହିତ୍ୟ, ସଙ୍ଗୀତ ଓ ଆନୁଷ୍ଠାନିକ କାମରେ ସମସ୍ୟା ସମାଧାନ ହେବ। ଅନୁରାଧା ନକ୍ଷତ୍ର ସରକାରୀ କାମ ଓ ପଦସ୍ଥ ବ୍ୟକ୍ତିଙ୍କ କ୍ଷେତ୍ରରୁ ଉପକୃତ ହେବେ।

**ଧନୁ** ପାରିବାରିକ ସ୍ତରରେ ସନ୍ଦେହ ଓ ଭୁଲ୍ ବୁଝାମଣା ହେତୁ ନିଜର ଲୋକଟି ଦୂରେଇ ରହିପାରେ। କର୍ମହାନିଜନିତ ପ୍ରତିଟି କ୍ଷେତ୍ରରେ ଭାବପ୍ରବଣତା ଯୋଗୁ ମନୋବଳ ହ୍ରାସ ପାଇବ। ଅଜଣା ଲୋକଙ୍କ ଶୁଣାକଥାକୁ ବିଶ୍ୱାସ କଲେ ଅସୁବିଧାର ସମ୍ମୁଖୀନ ହୋଇପାରନ୍ତି। ମୂଳା ନକ୍ଷତ୍ର କୌଣସି ସୂତ୍ରରୁ ପାଇବାକୁ ଥିବା ବକେୟା ଅର୍ଥ ଆଦାୟ କରିବେ।

**ମକର** ଦୀର୍ଘଦିନରୁ ଅଟକି ରହିଥିବା କୌଣସି କାର୍ଯ୍ୟ ଆଜି ଆରମ୍ଭ କରିବାକୁ ସ୍ଥିର କରିପାରନ୍ତି। ବିବାଦୀୟ ଘଟଣା ପରିପ୍ରେକ୍ଷୀରେ ଅପ୍ରୀତିକର ଘଟଣାର ଦିଗ ପରିବର୍ତ୍ତନ ହୋଇପାରେ। ଶ୍ରବଣା ନକ୍ଷତ୍ର ସକାଶେ ବନ୍ଧୁ ଦୂରେଇରହିବା ହେତୁ ମନସ୍ତାପ ବଢ଼ିବ। ବ୍ୟବସାୟ, ଯୋଗାଯୋଗ, ପରିବହନ କ୍ଷେତ୍ରରେ ସଫଳତା ହାସଲ କରିବେ।

**କୁମ୍ଭ** ବନ୍ଧୁମାନଙ୍କ ସାହାଯ୍ୟ ଲାଭକରି ଅକସ୍ମାତ୍ ମୂଲ୍ୟବାନ୍ ଦ୍ରବ୍ୟ ଲାଭ ହୋଇପାରେ। ଶତଭିଷା ନକ୍ଷତ୍ର ଆଜି ସୁବିଧାରେ କାମ ହାସଲ କରିବା କଷ୍ଟକର ହୋଇପଡ଼ିବ। ଅବଶ୍ୟ ପରିସ୍ଥିତିକୁ ହୃଦୟଙ୍ଗମ କରି ପାଖ ପଡ଼ୋଶୀମାନେ ସହାନୁଭୂତି ପ୍ରଦର୍ଶନ କରିପାରନ୍ତି। ସହକର୍ମୀଙ୍କ ଆଭ୍ୟନ୍ତରୀଣ ବ୍ୟାପାରରେ ମୁଣ୍ଡ ପୂରାନ୍ତୁ ନାହିଁ।

**ମୀନ** ପ୍ରତ୍ୟେକ କ୍ଷେତ୍ରରେ ଦେଖିଚାହିଁ କାମ ନ କଲେ ପରିସ୍ଥିତି ଜଟିଳତା ଆଡ଼କୁ ଗତି କରିପାରେ। ପରିବାରରେ ନୀରବଦ୍ରଷ୍ଟା ଭଳି କାମକରି ଅନୁତପ୍ତ ହୋଇପାରନ୍ତି। ସହକର୍ମୀଙ୍କ ସହାନୁଭୂତି ଯୋଗୁ କାମଗୁଡ଼ିକ ସମ୍ପନ୍ନ କରିବାରେ ବିଶେଷ ଅସୁବିଧା ହେବ ନାହିଁ। ଆନୁଷ୍ଠାନିକ କାମରେ ନିଜକୁ ନିୟୋଜିତ କରିବା ସୁଯୋଗ ପାଇପାରନ୍ତି।

ଆଜି ଶ୍ରାବଣ କୃଷ୍ଣ ଦ୍ୱାଦଶୀ ଶୁକ୍ରବାର, ଜୁଲାଇ ୧୪ ତାରିଖ। ରାଶି ନକ୍ଷତ୍ର-ରୋହିଣୀ/ବୃଷ, ଦ୍ୱାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଆଜି ବ୍ରତୋପନୟନ, ଗୃହାରମ୍ଭ ଓ ଗୃହପ୍ରବେଶ ପାଇଁ ଶୁଭଦିନ। ଦିବା ଘ.୦୬।୧୧ ଗତେ, ଘ.୦୭।୦୪ ମଧ୍ୟେ, ଘ.୧୨।୧୮ ଗତେ, ଘ.୦୨।୫୫ ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୧୦।୧୪ ଗତେ, ଘ.୧୧।୫୨ ମଧ୍ୟେ ରାହୁକାଳ।

# ରେଭେନ୍ସାରେ ହେବ ଅମ୍ଳଜାନ ଶୁଦ୍ଧତା ପରୀକ୍ଷା

■ ରାଜ୍ୟର ପ୍ରଥମ ବିଶ୍ୱବିଦ୍ୟାଳୟ
■ ମିଳିଲା ଏନ୍ଏବିଏଲ୍ ମାନ୍ୟତା





କଟକ, ୧୩।୭ (ସୁପ୍ରିୟା ପ୍ରିୟଦର୍ଶିନୀ)

ଭାରତ ସରକାରଙ୍କ ନ୍ୟାଶନାଲ ଆକ୍ରିଡିଏଶନ ବୋର୍ଡ ଫର୍ ଟେଷ୍ଟିଂ ଆଣ୍ଡ୍ କାଲିବ୍ରେଶନ ଲାବୋରୋଟୋରିଜ୍ (ଏନ୍ଏବିଏଲ୍)ରୁ ରେଭେନ୍ସା ବିଶ୍ୱବିଦ୍ୟାଳୟକୁ ମାନ୍ୟତା ମିଳିଛି। ରାଜ୍ୟର ପ୍ରଥମ ବିଶ୍ୱବିଦ୍ୟାଳୟ ଭାବେ ରେଭେନ୍ସା ଏହି ମାନ୍ୟତା ପାଇଛି। ଏଥିସହ ରେଭେନ୍ସା ବିଶ୍ୱବିଦ୍ୟାଳୟର ଇତିହାସରେ ଆଉ ଏକ ନୂତନ ଫର୍ଦ୍ଦ ଯୋଡ଼ି ହୋଇଛି। ଏଣିକି ରେଭେନ୍ସାରେ ଅକ୍ସିଜେନର ଶୁଦ୍ଧତା ପରୀକ୍ଷା କରାଯାଇପାରିବ। ରସାୟନ ବିଜ୍ଞାନ ବିଭାଗରେ ଏହାର ଲାବୋରେଟୋରି କାର୍ଯ୍ୟ ଆରମ୍ଭ ହୋଇଛି। ବିଭିନ୍ନ ସରକାରୀ ଓ ଘରୋଇ ମେଡିକାଲରେ ରୋଗୀସେବା କ୍ଷେତ୍ରରେ ବ୍ୟବହାର ହେଉଥିବା ଅକ୍ସିଜେନର ଶୁଦ୍ଧତା ଓ ମାନକୁ ଏହି ଲାବୋରେଟୋରିଜ୍‌ରେ ପରୀକ୍ଷା କରାଯାଇ ସାର୍ଟିଫିକେଟ ହାସଲ କରିପାରିବେ। ଭାରତ ସରକାରଙ୍କ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ବିଭାଗ ପକ୍ଷରୁ ପ୍ରଦତ୍ତ ୫୫ ଲକ୍ଷ ଟଙ୍କା ବ୍ୟୟରେ ଏହା ରେଭେନ୍ସା ବିଶ୍ୱବିଦ୍ୟାଳୟରେ ସ୍ଥାପନ କରାଯାଇଛି।

ଏହି ପଦ୍ଧତି ଅନୁଯାୟୀ ଏକ ଅମ୍ଳଜାନ ସିଲିଣ୍ଡରରେ କେତେ ପ୍ରତିଶତ ଅମ୍ଳଜାନ, କାର୍ବନ ଡାଇଅକ୍ସାଇଡ, ନାଇଟ୍ରୋଜେନ ଓ କାର୍ବନ ମନୋଅକ୍ସାଇଡ୍ ରହିଛି ତାହାକୁ ଯାଞ୍ଚ କରାଯିବ। ସାଧାରଣତଃ ରୋଗୀସେବା କ୍ଷେତ୍ରରେ ବ୍ୟବହୃତ ଅକ୍ସିଜେନ ସିଲିଣ୍ଡରରେ ୯୩ ପ୍ରତିଶତ ଅମ୍ଳଜାନ, ୫ ପିପିଏମ୍ କାର୍ବନ ମନୋଅକ୍ସାଇଡ, ୩୦୦ ପିପିଏମ୍ କାର୍ବନ ଡାଇଅକ୍ସାଇଡ ଏବଂ ନାଇଟ୍ରୋଜେନ ୫ରୁ ୬ ପ୍ରତିଶତ ରହିବା ଆବଶ୍ୟକ। ଏହାଠାରୁ ଅଧିକ ଥିଲେ, ଲୋକଙ୍କ ଜୀବନ ପ୍ରତି ବିପଦ ରହିଛି ବୋଲି ସୂଚନା ମିଳିପାରିବ।

ଏଭଳି ପଦ୍ଧତି ଦ୍ୱାରା କଟକ ସମେତ ରାଜ୍ୟର ବିଭିନ୍ନ ମେଡିକାଲରେ ବ୍ୟବହୃତ ହେଉଥିବା ଅକ୍ସିଜେନ ସିଲିଣ୍ଡରଗୁଡ଼ିକର ମାନ ଓ ଶୁଦ୍ଧତା ପରୀକ୍ଷା କରାଯାଇ ପାରିବ। ୨୦୧୬ ମସିହାରେ ରେଭେନ୍ସା ବିଶ୍ୱବିଦ୍ୟାଳୟର ରସାୟନ ବିଜ୍ଞାନ ବିଭାଗରେ ଗ୍ୟାସ୍ କ୍ରୋମାଟୋଗ୍ରାଫି-ମାସ୍ ସ୍ପେକ୍ଟ୍ରୋମେଟ୍ରି (ଜିସି-ଏମ୍ଏସ୍) ଲ୍ୟାବ୍ ପ୍ରତିଷ୍ଠା କରାଯାଇଥିଲା। ଏହା ଛାତ୍ରୀଛାତ୍ରଙ୍କ ଗବେଷଣା ଅଧ୍ୟୟନ ନିମନ୍ତେ ବ୍ୟବହାର ହେଉଥିଲା। ତେବେ କରୋନା ସମୟରେ ରାଜ୍ୟରେ ଅମ୍ଳଜାନର ଅଭାବ ଦେଖାଦେଇଥିଲା। ଏହି ସମୟରେ କେତେଜଣ ପ୍ରଫେସର ଏବଂ ବହୁ ଘରୋଇ ସଂସ୍ଥା ରେଭେନ୍ସାରେ ଅମ୍ଳଜାନ ଶୁଦ୍ଧତା ପରୀକ୍ଷା ସୁବିଧା କରିବାକୁ ପ୍ରସ୍ତାବ ଦେଇଥିଲେ। ପରେ ବିଭାଗ ଦ୍ୱାରା ପ୍ରୟାସ ଆରମ୍ଭ ହୋଇଥିଲା। ତତ୍କାଳୀନ ବିଭାଗୀୟ ମୁଖ୍ୟ ପ୍ରଫେସର ଡ. ସିଦ୍ଧାର୍ଥ ଭରଦ୍ୱାଜ, ଆସୋସିଏଟ୍ ପ୍ରଫେସର ଡ. ପୂର୍ଣ୍ଣେନ୍ଦୁ ପାଢ଼ୀ ଏବଂ ଡ. ଜୟ ପ୍ରକାଶ ଦାସ ମିଳିତ ଭାବେ ଏ ଦିଗରେ ଗବେଷଣା କରି ଏକ ପଦ୍ଧତି ପ୍ରସ୍ତୁତ କରିଥିଲେ। ଏଥିପାଇଁ ସେମାନଙ୍କୁ ପ୍ରାୟ ୧୨ ମାସ ସମୟ ଲାଗିଥିଲା। ଏହାପରେ ଏନ୍ଏବିଏଲ୍‌ର ଦୁଇଜଣିଆ ଟିମ୍ ରେଭେନ୍ସାକୁ ସର୍ଭେ କରିବାକୁ ଆସିଥିଲେ। ଅମ୍ଳଜାନ ପରୀକ୍ଷାର ସୁବିଧା ଏବଂ ପରୀକ୍ଷା ପଦ୍ଧତିକୁ ଯାଞ୍ଚ କରିବା ପରେ ଗତ ଜୁନରେ ଏହି ମାନ୍ୟତା ପ୍ରଦାନ କରାଯାଇଛି ବୋଲି ବରିଷ୍ଠ ଆସୋସିଏଟ୍ ପ୍ରଫେସର ଡ. ଦାସ ସୂଚନା ଦେଇଛନ୍ତି। ତେବେ ଏହାଦ୍ୱାରା ଓଡ଼ିଶାକୁ ଅକ୍ସିଜେନ ଶୁଦ୍ଧତା ପରୀକ୍ଷା ନିମନ୍ତେ ଆଉ ବାହାର ରାଜ୍ୟ ଉପରେ ନିର୍ଭର କରିବାକୁ ପଡ଼ିବ ନାହିଁ। ଓଡ଼ିଶା ନିଜେ ଆତ୍ମନିର୍ଭରଶୀଳ ହୋଇପାରିବ ବୋଲି ଡ. ଦାସ କହିଛନ୍ତି।

# ୨୫ରେ ଓଡ଼ିଶା ଆସିବେ ରାଷ୍ଟ୍ରପତି

■ ଭୁବନେଶ୍ୱର, କଟକ, ଭଦ୍ରକରେ ୩ ଦିନିଆ କାର୍ଯ୍ୟକ୍ରମ
■ ଭଦ୍ରକ କଲେଜ ପ୍ଲାଟିନମ୍ ଜୁବିଲି ଉତ୍ସବରେ ଯୋଗଦେବେ



ଦ୍ରୌପଦୀ ମୁର୍ମୁ

କଟକ (କାର୍ତ୍ତିକ ସାହୁ)/ଭଦ୍ରକ (ସନାତନ ରାଉତ), ୧୩।୭

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଜୁଲାଇ ୨୫ରୁ ୨୭ ତାରିଖ ପର୍ଯ୍ୟନ୍ତ ତିନିଦିନିଆ ଓଡ଼ିଶା ଗସ୍ତରେ ଆସୁଛନ୍ତି। ରାଷ୍ଟ୍ରପତିଙ୍କ ଗସ୍ତ ପାଇଁ ସରକାରୀ ସ୍ତରରେ ତତ୍ପରତା ପ୍ରକାଶ ପାଇଛି। ରାଷ୍ଟ୍ରପତି ୨୫ ତାରିଖ ଅପରାହ୍ନ ୩ଟାରେ ରାଷ୍ଟ୍ରପତି ଭବନରୁ ବାହାରି ନୂଆଦିଲ୍ଲୀର ପାଲାମା ବିମାନବନ୍ଦରରୁ ୩ଟା ୨୫ରେ ବିମାନ ଯୋଗେ ଆସି ଭୁବନେଶ୍ୱରସ୍ଥିତ ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରରେ ଅପରାହ୍ନ ୫ଟା ୪୫ରେ ଅବତରଣ କରିବେ। ସେଠାରୁ ରାଜଭବନ ଯାଇ ୬ଟା ୦୫ରେ ପହଞ୍ଚିବେ। ସେଠାରେ ସନ୍ଧ୍ୟାରେ ପାର୍ଟିକୁଲାର୍ଲି ଭଲନେରେବଲ୍ ଟ୍ରାଇବାଲ ଗ୍ରୁପ୍ ଓ ଏଚ୍ଚିଭୁଟି ବନ୍ଧନ ପରିବାରର ମେଡିକାଲ ଛାତ୍ରୀଛାତ୍ରଙ୍କ ସହ ଭାବବିନିମୟ କରିବେ। ପରେ ରାଜଭବନରେ ରାତ୍ରିଯାପନ କରିବେ। ପରଦିନ ଅର୍ଥାତ୍ ୨୬ ତାରିଖ ସକାଳ ୮ଟା ୧୦ରେ ରାଜଭବନରୁ ବାହାରି ଭୁବନେଶ୍ୱର ବିମାନବନ୍ଦରରୁ ୮ଟା ୨୦ରେ ହେଲିକପ୍ଟର ଯୋଗେ ଆସି କଟକ ନରାଜସ୍ଥିତ ହେଲିପ୍ୟାଡ୍‌ରେ ଅବତରଣ କରିବେ। ସେଠାରୁ ରାଷ୍ଟ୍ରପତି ସଡ଼କ ପଥରେ ଆସି କଟକଚଣ୍ଡୀଙ୍କ ଦର୍ଶନ କରିବା ପରେ ମଧୁସୂଦନ ଦାସଙ୍କ ବାସଭବନରେ ମଧୁବାବୁଙ୍କୁ ପୁଷ୍ପାର୍ଘ୍ୟ, ପୂର୍ବାହ୍ନ ୧୦ଟା ୩୫ରେ ନେତାଜୀ ଜନ୍ମସ୍ଥାନ ସଂଗ୍ରହାଳୟରେ ନେତାଜୀଙ୍କୁ ପୁଷ୍ପମାଲ୍ୟ ସହ ସଂଗ୍ରହାଳୟ ପରିଦର୍ଶନ କରିବେ। କିଛି ସମୟର ବିରତି ନେବା ପରେ ମଧ୍ୟାହ୍ନ ୧୨ଟାରେ ଓଡ଼ିଶା ହାଇକୋର୍ଟରେ ୭୫ତମ ପୂର୍ତ୍ତି ଉଦ୍‌ଯାପନୀ ସମାରୋହରେ ଯୋଗଦେବେ। ମଧ୍ୟାହ୍ନଭୋଜନ ଶେଷ କରିବା ପରେ ଅପରାହ୍ନ ୨ଟା ୫୦ରେ ଜାତୀୟ ଆଇନ ବିଶ୍ୱବିଦ୍ୟାଳୟର ସମାବର୍ତ୍ତନ ଉତ୍ସବରେ ଯୋଗଦେବେ। ପରେ ଏସ୍‌ସିବି ମେଡିକାଲ କଲେଜର ବାର୍ଷିକ ଉତ୍ସବରେ ଯୋଗଦେଇ ରାଜଭବନକୁ ସନ୍ଧ୍ୟାରେ ପ୍ରତ୍ୟାବର୍ତ୍ତନ କରିବେ। ପରଦିନ ୨୭ ତାରିଖରେ ଭୁବନେଶ୍ୱର ବିମାନବନ୍ଦରରୁ ହେଲିକପ୍ଟର ଯୋଗେ ବାହାରି ପୂର୍ବାହ୍ନ ୧୦ଟାରେ ଭଦ୍ରକସ୍ଥିତ ଅସ୍ଥାୟୀ ହେଲିପ୍ୟାଡ୍‌ରେ ପହଞ୍ଚି ସଡ଼କ ପଥରେ ଯାଇ ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟର ପ୍ଲାଟିନମ୍ ଜୁବିଲି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ରାଷ୍ଟ୍ରପତି ମୁର୍ମୁ ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟ ପ୍ଲାଟିନମ୍ ଜୁବିଲି ଉତ୍ସବରେ ଯୋଗଦେବାର କାର୍ଯ୍ୟକ୍ରମ ନେଇ ରାଷ୍ଟ୍ରପତି ଭବନରୁ ଭଦ୍ରକ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଚିଠି ଆସିଛି। ଏଥିପାଇଁ ଭଦ୍ରକ କଲେଜ ଓ ପ୍ରଶାସନ ଚଳଚଞ୍ଚଳ ହୋଇଉଠିଛି। ୨ଦିନ ଧରି କଲେଜ ପରିସରରେ ଉତ୍ସବ ପାଳନ କରାଯିବ। ପ୍ରଥମ ଦିନରେ ରାଷ୍ଟ୍ରପତି ଯୋଗଦେବେ। ଏଥିପାଇଁ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି। ବୁଧବାର କଲେଜ ଅଧ୍ୟକ୍ଷ ଡ. ସୁବୋଧ ଚନ୍ଦ୍ର ମିଶ୍ରଙ୍କ ନେତୃତ୍ୱରେ ପ୍ରାଧ୍ୟାପକ ଡ. ଦୁର୍ଗାଶଙ୍କର ଦାସ, ଡ. ସନ୍ତୋଷ କୁମାର ସେଠୀ, ଡ. ପଦ୍ମନାଭ ପତ୍ରୀ, ଡ. ଲକ୍ଷ୍ମୀକାନ୍ତ ନାୟକ ପ୍ରମୁଖଙ୍କୁ ନେଇ ଏକ ପ୍ରତିନିଧି ଦଳ ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦରଙ୍କୁ ଭେଟି କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରିଛନ୍ତି। ଜିଲାପାଳଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ଏହି ବୈଠକରେ ଆଇନଶୃଙ୍ଖଳା ରକ୍ଷା, ଟ୍ରାଫିକ ଓ ଆଲୋକ ବ୍ୟବସ୍ଥା ଉପରେ ଗୁରୁତ୍ୱ ଦିଆଯାଇଛି।

# କୋଇଲା ବୋଝେଇ ଟ୍ରେନ୍‌ରେ ନିଆଁ



ଅଗ୍ନିଶମ କର୍ମଚାରୀ ନିଆଁ ଲିଭାଉଛନ୍ତି।

କେନ୍ଦୁଝର, ୧୩।୭ (ନରେଶ ଚନ୍ଦ୍ର ପଟ୍ଟନାୟକ)

ଯାଜପୁର ଜିଲା ସୁକିନ୍ଦାରୁ କୋଇଲା ବୋଝେଇ କରି କେନ୍ଦୁଝର ଜିଲା ବାଂଶପାଣିକୁ ଆସୁଥିବା ମାଲବାହୀ ଟ୍ରେନରେ ଯଖପୁରା- ବାଂଶପାଣି ରେଳପଥରେ ନିଆଁ ଲାଗିଛି। ହରିଚନ୍ଦନପୁର ଅଗ୍ନିଶମ ବିଭାଗ ପକ୍ଷରୁ ନିଆଁ ଲିଭାଇବା ପରେ ଟ୍ରେନ୍ ଗନ୍ତବ୍ୟ ସ୍ଥଳକୁ ଯାଇଥିଲା। ଲୋକପାଇଲଟଙ୍କ ଉପସ୍ଥିତ ବୁଦ୍ଧି ଯୋଗୁ ବଡ଼ ଦୁର୍ଘଟଣା ଏଡ଼ାଇ ଯାଇଥିଲା।

ସୂଚନା ଅନୁଯାୟୀ, ବାଂଶପାଣି ଅଭିମୁଖେ ଯାଇଥିବା କୋଇଲା ବୋଝେଇ ଟ୍ରେନର ୬ଟି ବଗିରୁ ଗୁରୁବାର ଅପରାହ୍ନରେ ଧୂଆଁ ବାହାରୁଥିବା ଲୋକପାଇଲଟ ଦେଖି ହରିଚନ୍ଦନପୁର ରେଳ ଷ୍ଟେଶନକୁ ସୂଚନା ଦେଇଥିଲେ। ହରିଚନ୍ଦନପୁର ରେଳ ଷ୍ଟେଶନରେ ଟ୍ରେନ୍‌ଟି ପ୍ରାୟ ୧.୩୦ରେ ପହଞ୍ଚିଥିଲା। ଷ୍ଟେଶନ ମାଷ୍ଟରଙ୍କଠାରୁ ଖବର ପାଇ ହରିଚନ୍ଦନପୁର ଦମକଳ ବାହିନୀ ପହଞ୍ଚି ନିଆଁ ଲିଭାଇଥିଲା। ପାଖାପାଖି ୫ ଟାରେ ନିଆଁ ଲିଭିବା ପରେ ଟ୍ରେନ୍‌ଟି ଯାତ୍ରା ଆରମ୍ଭ କରିଥିଲା। ନିଆଁ ଲାଗିବାର କାରଣ ଜଣାପଡ଼ିନାହିଁ। ଏ ନେଇ ହରିଚନ୍ଦନପୁର ରେଳ ଷ୍ଟେଶନ ମାଷ୍ଟର ସୁରେଶ କୁମାର ପଲେଇ କହିଛନ୍ତି, ଖରା ଦିନରେ କୋଇଲା ବୋଝେଇ ଟ୍ରେନ୍ ଅନେକ ସମୟରେ ପବନ ବାଜି ଆପେ ନିଆଁ ଲାଗିଯାଇଥାଏ। ତେବେ ନିଆଁ ଲିଭିବା ପରେ ଟ୍ରେନ୍‌କୁ ଛଡ଼ାଯାଇଛି। କୌଣସି ଅଘଟଣ ଘଟିନାହିଁ।

# ୩ ବିଭାଗରେ ନିଯୁକ୍ତ ହେଲେ ୧୮୧ ଅଫିସର

■ ନବନିଯୁକ୍ତ ଅଧିକାରୀମାନଙ୍କୁ ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶ
■ ନୂତନ ସଶକ୍ତ ଓଡ଼ିଶା ଗଠନରେ ଦକ୍ଷତା ପ୍ରତିପାଦନ କର



ନବନିଯୁକ୍ତ ଅଧିକାରୀମାନଙ୍କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପରାମର୍ଶ ଦେଉଛନ୍ତି।

ଭୁବନେଶ୍ୱର, ୧୩।୭ (ଅନିଲ ଦାସ)

ରାଜ୍ୟ ସରକାରଙ୍କ ୩ ବିଭାଗରେ ୧୮୧ ଜଣଙ୍କୁ ନୂଆ ନିଯୁକ୍ତି ମିଳିଛି। ସେମାନଙ୍କ ମଧ୍ୟରେ ୧୦୪ ଶିକ୍ଷକ ପ୍ରଶିକ୍ଷକ, ୬୨ ସହକାରୀ ନିର୍ଦ୍ଦେଶକ (ବିଧି) ଏବଂ ୧୫ ସହକାରୀ ପରିସଂଖ୍ୟାନ ନିର୍ଦ୍ଦେଶକଙ୍କୁ ନିଯୁକ୍ତି ଦିଆଯାଇଛି। ଗୁରୁବାର ଲୋକସେବା ଭବନ କନ୍‌ଭେନଶନ ସେଣ୍ଟରରେ ଅନୁଷ୍ଠିତ ଏହି ନିଯୁକ୍ତି ପର୍ବ କାର୍ଯ୍ୟକ୍ରମରେ ଯୋଗ ଦେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓଡ଼ିଶାର ରୂପାନ୍ତରକୁ ଆହୁରି ଦ୍ରୁତ ବେଗରେ ଆଗେଇ ନେବା ପାଇଁ ଉଦ୍ୟମ କରିବାକୁ ନବନିଯୁକ୍ତ ଅଧିକାରୀମାନଙ୍କୁ ପରାମର୍ଶ ଦେଇଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଓଡ଼ିଶାର ରୂପାନ୍ତରଣକୁ ତ୍ୱରିତ ଗତିରେ ଆଗେଇ ନେବାକୁ ଆମ ସମସ୍ତଙ୍କର ଏକମାତ୍ର ଲକ୍ଷ୍ୟ ହେବା ଦରକାର। ଏଥିପାଇଁ ଆବେଗର ସହ କାର୍ଯ୍ୟ କରିବାକୁ ପଡ଼ିବ। ମାତୃଭୂମିର ରୂପାନ୍ତର ଦେଖିବା ଖୁସିଠାରୁ ଆଉ ବଡ଼ କିଛି ନାହିଁ। ନୂଆ ନିଯୁକ୍ତି ନୂତନ କ୍ୟାରିୟର ଆରମ୍ଭ କରିବା ପାଇଁ ଯେପରି ଶକ୍ତି ଯୋଗାଇଥାଏ ସେହିପରି ନୂତନ ସଶକ୍ତ ଓଡ଼ିଶା ଗଠନ ଦିଗରେ ନିଜର ଦକ୍ଷତା ପ୍ରତିପାଦନ କରିବାକୁ ନବନିଯୁକ୍ତ ଅଧିକାରୀମାନଙ୍କୁ ମୁଖ୍ୟମନ୍ତ୍ରୀ ଆହ୍ୱାନ ଦେଇଛନ୍ତି। ୫-ଟି କାର୍ଯ୍ୟକ୍ରମ ରାଜ୍ୟର ବିକାଶର ଗତିକୁ ତ୍ୱରାନ୍ୱିତ କରିବାରେ ସାହାଯ୍ୟ କରୁଛି। ଏହାକୁ ଅନୁସରଣ କରିବାକୁ ମୁଖ୍ୟମନ୍ତ୍ରୀ ନବନିଯୁକ୍ତ ଅଧିକାରୀଙ୍କୁ ପରାମର୍ଶ ଦେଇଛନ୍ତି। ନବନିଯୁକ୍ତ ଅଧିକାରୀମାନେ ଉଚ୍ଚଶିକ୍ଷିତ ଓ ମେଧାବୀ। ସେମାନଙ୍କ ଉପରେ ସମ୍ପୂର୍ଣ୍ଣ ଭରସା ରହିଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ରାଜ୍ୟରେ ପିଲାମାନଙ୍କର ପାଠ୍ୟଖସଡ଼ା ପ୍ରସ୍ତୁତ କ୍ଷେତ୍ରରେ ଶିକ୍ଷକ ପ୍ରଶିକ୍ଷକମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ସ୍କୁଲ ଓ ଗଣଶିକ୍ଷା ମନ୍ତ୍ରୀ ସୁଦାମ ମାରାଣ୍ଡି, ଯୋଜନା ଓ ସଂଯୋଜନ ମନ୍ତ୍ରୀ ରାଜେନ୍ଦ୍ର ଢୋଲକିଆ ପ୍ରମୁଖ ଯୋଗଦେଇ ଏହି ନିଯୁକ୍ତି ଦ୍ୱାରା ନିଜ ବିଭାଗରେ ସରକାରଙ୍କ ଲକ୍ଷ୍ୟ ପୂରଣ ହୋଇପାରିବ ବୋଲି କହିଛନ୍ତି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନା ଯୋଗଦେଇ ରାଜ୍ୟର ବିକାଶ ପାଇଁ ମନପ୍ରାଣ ଦେଇ କାର୍ଯ୍ୟ କରିବାକୁ ନବନିଯୁକ୍ତ ଅଧିକାରୀମାନଙ୍କୁ ପରାମର୍ଶ ଦେଇଛନ୍ତି। ଏହି କାର୍ଯ୍ୟକ୍ରମରେ ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡି. କେ. ସିଂ ସ୍ୱାଗତ ଭାଷଣ ଦେଇଥିବା ବେଳେ ସ୍କୁଲ ଓ ଗଣଶିକ୍ଷା ବିଭାଗ ସଚିବ ଅଶ୍ୱଥି ଏସ୍ ଧନ୍ୟବାଦ ଦେଇଥିଲେ।

# ଶୁଣାଣି ଶେଷ, ରାୟ ସଂରକ୍ଷିତ

**ଏଏସ୍‌ଓ ପରୀକ୍ଷାରେ ଅନିୟମିତତା ମାମଲା**

କଟକ, ୧୩।୭ (କାର୍ତ୍ତିକ ସାହୁ)

ଓଡ଼ିଶା ଲୋକସେବା ଆୟୋଗ (ଓପିଏସ୍‌ସି) ଦ୍ୱାରା ପରିଚାଳିତ ଆସିଷ୍ଟାଣ୍ଟ ସେକ୍ସନ ଅଫିସର (ଏଏସ୍‌ଓ) ପରୀକ୍ଷାରେ ଅନିୟମିତତା ମାମଲାର ଶୁଣାଣି ଶେଷ ହୋଇଛି। ଗୁରୁବାର ହାଇକୋର୍ଟ ବିଚାରପତି ଆଦିତ୍ୟ କୁମାର ମହାପାତ୍ର ଏହି ମାମଲାର ଶୁଣାଣି ଶେଷ କରି ରାୟ ସଂରକ୍ଷିତ ରଖିଛନ୍ତି। ଓପିଏସ୍‌ସି ପକ୍ଷରୁ ପ୍ରକାଶିତ ଏଏସ୍‌ଓ ପରୀକ୍ଷାର ମେରିଟ ଲିଷ୍ଟକୁ ହାଇକୋର୍ଟରେ ରିଟ୍ ଓ ରିଭ୍ୟୁ ଭାବେ ଦୁଇଟି ଆବେଦନ କରାଯାଇଥିଲା। ଦୁଇଟିଯାକ ପିଟିଶନର ଏକାଠି ଶୁଣାଣି କରିବାକୁ ହାଇକୋର୍ଟ ଜୁନ୍ ୨୬ରେ ନିର୍ଦ୍ଦେଶ ଦେଇଥିଲେ।

ପ୍ରକାଶ ଯେ, ଓପିଏସ୍‌ସି ଦ୍ୱାରା ପରିଚାଳିତ ଏଏସ୍‌ଓ ନିଯୁକ୍ତି ପରୀକ୍ଷାରେ ପ୍ରକାଶିତ ମେରିଟ ଲିଷ୍ଟକୁ ହାଇକୋର୍ଟ ଖାରଜ କରି ସାନି ତାଲିକା ପ୍ରକାଶ ପାଇଁ ନିର୍ଦ୍ଦେଶ ଦେଇଥିଲେ। ବିଷୟଭିତ୍ତିକ ସର୍ବନିମ୍ନ ମାର୍କ ନିୟମ ଲାଗୁ କରାଯିବା ନିଯୁକ୍ତି ନିୟମ ଅନୁସାରେ ଗ୍ରହଣୀୟ ନୁହେଁ। ଓଡ଼ିଶା ସେକ୍ରେଟାରିଏଟ୍‌ର ଏଏସ୍‌ଓ ନିଯୁକ୍ତି ପ୍ରଣାଳୀ ଓ ସର୍ଭିସ ସର୍ତ୍ତାବଳୀ, ୨୦୧୬କୁ ଉଲ୍ଲଂଘନ କରାଯାଇ ବିଷୟଭିତ୍ତିକ ସର୍ବନିମ୍ନ ମାର୍କ ବ୍ୟବସ୍ଥା ଲାଗୁ କରାଯାଇଥିବାରୁ ପ୍ରକାଶିତ ମେରିଷ୍ଟ ଲିଷ୍ଟ ରଦ୍ଦ କରାଯାଉଛି ବୋଲି ହାଇକୋର୍ଟ ନିର୍ଦ୍ଦେଶ ଦେବା ସହ ୨୦୧୬ର ନିୟମ ପାଳନ କରି ସାନି ତାଲିକା ୨ମାସ ଭିତରେ ପ୍ରକାଶ କରିବାକୁ କହିଥିଲେ। ଏଥିସହ ହାଇକୋର୍ଟଙ୍କ ବିନା ଅନୁମତିରେ ପରବର୍ତ୍ତୀ ନିର୍ଦ୍ଦେଶନାମା ପର୍ଯ୍ୟନ୍ତ ଚୂଡ଼ାନ୍ତ ମେରିଷ୍ଟ ଲିଷ୍ଟ ପ୍ରକାଶ ପାଇପାରିବ ନାହିଁ ବୋଲି ଆଦେଶରେ ସ୍ପଷ୍ଟ କରିଥିଲେ। ତେବେ କମ୍ପ୍ୟୁଟର ଦକ୍ଷତା ପରୀକ୍ଷା ଜାରିରହିବ ବୋଲି ହାଇକୋର୍ଟ କହିଥିଲେ। ଏନେଇ କେତେଜଣ ପରୀକ୍ଷାର୍ଥୀ ଏକ ରିଟ୍ ପିଟିଶନ୍ ଦାଖଲ କରି ଦର୍ଶାଇଥିଲେ ଯେ, ଏଏସ୍‌ଓ ପରୀକ୍ଷାରେ ଅନିୟମିତତା ଯୋଗୁ ସେମାନେ ପ୍ରଭାବିତ ହୋଇଛନ୍ତି। ହାଇକୋର୍ଟ ଉକ୍ତ ମାମଲାରେ ସେମାନଙ୍କ ଆବେଦନର ଶୁଣାଣି ନ କରି ରାୟ ପ୍ରକାଶ କରିଥିବାରୁ ସେମାନଙ୍କୁ ମାମଲାରେ ପକ୍ଷଭୁକ୍ତ ହେବା ପାଇଁ ଅନୁମତି ଦେବାକୁ ପ୍ରାର୍ଥନା କରିଥିଲେ। ଅପରପକ୍ଷରେ ପୂର୍ବ ମେରିଟ୍ ଲିଷ୍ଟରେ ସ୍ଥାନ ପାଇଥିବା ରୁକ୍‌ସାନା ଆରା ବେଗମ୍‌ଙ୍କ ସମେତ ମୋଟ ୫ ଜଣ ପରୀକ୍ଷାର୍ଥୀଙ୍କ ପକ୍ଷରୁ ଦାଏର ରିଭ୍ୟୁ ପିଟିଶନକୁ ନେଇ ଜୁନ୍ ୨୨ରେ ଏକ ମାମଲା ରୁଜୁ ହୋଇଛି।

ଉଲ୍ଲେଖଯୋଗ୍ୟ, ୭୯୬ଟି ଏଏସ୍‌ଓ ପଦ ପାଇଁ ୨୦୨୨ ଅଗଷ୍ଟ ୨୭ରେ ଲିଖିତ ପରୀକ୍ଷା ହୋଇଥିଲା। ମୋଟ ୧ଲକ୍ଷ ୪୮ହଜାର ୮୮୮ଜଣ ଆବେଦନକାରୀ ପରୀକ୍ଷା ଦେଇଥିଲେ। ସେମାନଙ୍କ ମଧ୍ୟରୁ ୧୧୦୪ଜଣ ଲିଖିତ ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ନେଇ ୨୦୨୨ ନଭେମ୍ବର ୭ରେ ଓପିଏସ୍‌ସି ବିଜ୍ଞପ୍ତି ପ୍ରକାଶ କରିଥିଲା। ଏହି ତାଲିକାରେ ସ୍ଥାନ ପାଇଥିବା ପ୍ରାର୍ଥୀଙ୍କୁ ସାର୍ଟିଫିକେଟ/ନଥିପତ୍ର ଯାଞ୍ଚ ଓ କମ୍ପ୍ୟୁଟର (ପ୍ରାକ୍ଟିକାଲ) ସ୍କିଲ ଟେଷ୍ଟ ପାଇଁ ଡକାଯାଇଥିଲା। ଆରମ୍ଭରୁ ବିବାଦରେ ରହିଥିବା ଏଏସ୍‌ଓ ପରୀକ୍ଷାକୁ ନେଇ କେତେଜଣ ପ୍ରାର୍ଥୀ ଧାରଣା ଦେଇଥିଲେ। ଏ ନେଇ ପୂର୍ବରୁ ହାଇକୋର୍ଟରେ ଏକାଧିକ ମାମଲା ଦାଏର ହୋଇଥିଲା।

# ଗାଡ଼ି କିଣି ନ ଥିବା କର୍ମଚାରୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନିର୍ଦ୍ଦେଶ

**ଇ-ଯାନ ପ୍ରୋତ୍ସାହନ ଅର୍ଥ ଦୁରୁପଯୋଗ ଅଭିଯୋଗ**

ଭୁବନେଶ୍ୱର, ୧୩।୭ (ଅନିଲ ଦାସ): ରାଜ୍ୟରେ ଇଲେକ୍ଟ୍ରିକ୍ ଭେହିକିଲ (ଇ-ଯାନ)କୁ ପ୍ରୋତ୍ସାହିତ କରିବା ପାଇଁ ରାଜ୍ୟ ସରକାର ନିଜର କର୍ମଚାରୀମାନଙ୍କୁ ବିନା ସୁଧରେ ଅଗ୍ରିମ ଦେବାକୁ ନିଷ୍ପତ୍ତି ନେଇଛନ୍ତି। ୨ ଚକିଆ ଯାନରୁ ଆରମ୍ଭ କରି ୪ ଚକିଆ ପାଇଁ ୨ରୁ ୧୫ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସୁଧମୁକ୍ତ ଅଗ୍ରିମ ଅର୍ଥ ଦେବା ବ୍ୟବସ୍ଥା କରିଛନ୍ତି। ତେବେ କର୍ମଚାରୀମାନେ ଅଗ୍ରିମ ନେଇ ଇଲେକ୍ଟ୍ରିକ୍ ଯାନ ନ କିଣି ସେହି ଅର୍ଥର ଦୁରୁପଯୋଗ କରୁଥିବା ଅଭିଯୋଗ ଆସିବା ପରେ ରାଜ୍ୟ ସରକାର କଠୋର ଆଭିମୁଖ୍ୟ ଗ୍ରହଣ କରିଛନ୍ତି। ଇଲେକ୍ଟ୍ରିକ୍ ଗାଡ଼ି କିଣିବା ନାଁରେ ଆଡ୍‌ଭାନ୍ସ ଟଙ୍କା ନେଇ ଦୁରୁପଯୋଗ କରିଥିବା ଅଧିକାରୀ ଓ କର୍ମଚାରୀଙ୍କଠୁ ବାର୍ଷିକ ୧୨.୫% ସୁଧ ସହ ସମସ୍ତ ଅଗ୍ରିମ ଟଙ୍କା ଚଳିତ ମାସ ଶେଷ ସୁଦ୍ଧା ଆଦାୟ କରିବା ସହିତ ସେମାନଙ୍କ ବିରୋଧରେ ବିଭାଗୀୟ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅର୍ଥ ବିଭାଗ ନିର୍ଦ୍ଦେଶ ଦେଇଛି।

ଏ ନେଇ ଅର୍ଥ ବିଭାଗ ପକ୍ଷରୁ ସମସ୍ତ ବିଭାଗର ସଚିବ, ଅତିରିକ୍ତ ମୁଖ୍ୟ ଶାସନ ସଚିବମାନଙ୍କୁ ଚିଠି ଲେଖାଯାଇଛି। ଚିଠିରେ ଉଲ୍ଲେଖ କରାଯାଇଛି ଯେ ରାଜ୍ୟ ସରକାରୀ କର୍ମଚାରୀମାନେ ଇଲେକ୍ଟ୍ରିକ୍ ମୋଟର ଯାନ ଅଗ୍ରିମ ଟଙ୍କା ନେଇ ତା'ର ଦୁରୁପଯୋଗ କରୁଥିବା ସରକାରଙ୍କ ଦୃଷ୍ଟିକୁ ଆସିଛି। ଯେଉଁ କର୍ମଚାରୀମାନେ ଅଗ୍ରିମ ଟଙ୍କା ନେଇଛନ୍ତି ସେମାନେ ଏହି ଟଙ୍କା ନେବାର ୩ ମାସ ମଧ୍ୟରେ ଗାଡ଼ି କିଣାର ବିଲ୍, ରେଜିଷ୍ଟ୍ରେଶନ ସାର୍ଟିଫିକେଟ୍ ଓ ବୀମା ଦସ୍ତାବିଜ୍ ନିଜର କର୍ତ୍ତୃପକ୍ଷଙ୍କ ନିକଟରେ ଦାଖଲ କରିବେ। ଯେଉଁମାନେ ଏଥିରୁ ବିଚ୍ୟୁତ ହେବେ ସେମାନଙ୍କଠାରୁ ବାର୍ଷିକ ୧୨.୫ ପ୍ରତିଶତ ସୁଧ ହାରରେ ଅଗ୍ରିମ ଅର୍ଥ ଆଦାୟ କରାଯିବ।

# ଆଇଆଇଏସ୍ ପାଇଲେ ସସ୍ମିତା



ସସ୍ମିତା ପାଇକରାୟ

ଭୁବନେଶ୍ୱର, ୧୩।୭ (ଶର୍ମିଷ୍ଠା ପାଣିଗ୍ରାହୀ)

କେନ୍ଦ୍ର ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ଅଧୀନ ଭାରତୀୟ ସୂଚନା ସେବା (ଆଇଆଇଏସ୍) ସିନିୟର ଗ୍ରେଡ୍ ପଦବୀ ପାଇଁ କେନ୍ଦ୍ର ଲୋକସେବା ଆୟୋଗ (ୟୁପିଏସ୍‌ସି) ଦ୍ୱାରା ପରିଚାଳିତ ନିଯୁକ୍ତି ପରୀକ୍ଷାରେ ଓଡ଼ିଆ ଭାଷା ବର୍ଗରୁ 'ଧରିତ୍ରୀ'ର ପୂର୍ବତନ ଖବରଦାତା ସସ୍ମିତା ପାଇକରାୟ କୃତକାର୍ଯ୍ୟ ହୋଇଛନ୍ତି। ବିଭିନ୍ନ ଭାଷାରେ ମୋଟ ୩୪ଟି ପଦବୀ ପାଇଁ ଏହି ପରୀକ୍ଷା ଅନୁଷ୍ଠିତ ହୋଇଥିଲା। ସେଥିରୁ ୨୯ ଜଣ ସଫଳତା ହାସଲ କରିଛନ୍ତି। ପୁରୀର ସର୍ବୋଦୟ ନଗରରେ ଜନ୍ମିତ ସସ୍ମିତା ୨୦୧୪ରେ ଆଇଆଇଏମ୍‌ସି, ଢେଙ୍କାନାଳରୁ ସାମ୍ବାଦିକତାରେ ଡିଗ୍ରୀ ହାସଲ କରିବା ପରେ ଧରିତ୍ରୀରେ ଖବରଦାତା ଭାବେ ଯୋଗଦେଇ ୭ ବର୍ଷ କାର୍ଯ୍ୟ କରିଥିଲେ। ଏଥିସହିତ ଓଡ଼ିଆ ଭାଷା ବର୍ଗରେ ଅନ୍ୟ ୨ ଜଣ ମଧ୍ୟ କୃତକାର୍ଯ୍ୟ ହୋଇଛନ୍ତି। ସେମାନେ ହେଲେ ପଦ୍ମଲୋଚନ ପ୍ରଧାନ ଏବଂ ଆଲୋକ ଚନ୍ଦ୍ର ବାରିକ।




# ସରିଲା ଯୁକ୍ତ୨ ପ୍ରଥମ ପର୍ଯ୍ୟାୟ ନାମଲେଖା

**୧୯ରେ ଦ୍ୱିତୀୟ ପର୍ଯ୍ୟାୟ ମେଧା ତାଲିକା**

ଭୁବନେଶ୍ୱର, ୧୩।୭ (ଅନୁରାଧା ମହାରଣା)

ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ପରିଚାଳିତ ଯୁକ୍ତ୨ ପ୍ରଥମବର୍ଷ କଳା, ବିଜ୍ଞାନ, ବାଣିଜ୍ୟ ଓ ଧନ୍ଦାମୂଳକ ବିଷୟରେ ପ୍ରଥମ ପର୍ଯ୍ୟାୟ ନାମଲେଖା ପ୍ରକ୍ରିୟା ଗୁରୁବାର ଶେଷ ହୋଇଛି। ରାଜ୍ୟର ୨୧୫୮ଟି ଜୁନିୟର କଲେଜରେ ୫ଲକ୍ଷ ୮ ହଜାର ୪୮୧ଟି ସିଟ୍ ରହିଥିବାବେଳେ ୪ଲକ୍ଷ ୭୨ ହଜାର ୨୭୯ ଜଣ ଆବେଦନ କରିଥିଲେ। ତେବେ ପ୍ରଥମ ପର୍ଯ୍ୟାୟରେ ୪ ଲକ୍ଷ ୧୨ହଜାର ୩୬୮ ପିଲାଙ୍କୁ ପ୍ରଥମ ପର୍ଯ୍ୟାୟରେ ସିଟ୍ ଆବଣ୍ଟନ କରାଯାଇଥିଲା। ଗୁରୁବାର ରାତି ୭ଟା ୩୦ ସୁଦ୍ଧା ୩ଲକ୍ଷ ୪୨ ହଜାର ୧୮୦ ଛାତ୍ରୀଛାତ୍ର ନାମଲେଖାଇଛନ୍ତି ଓ ୧ ଲକ୍ଷ ୬ ହଜାର ୩୦୧ ସିଟ୍ ଖାଲି ରହିଛି।

କଳାରେ ୨ଲକ୍ଷ ୮୯ ହଜାର ୪୬୬ ସିଟ୍ ରହିଥିବାବେଳେ ୨ଲକ୍ଷ ୫୩ ହଜାର ୧୬୮ ଜଣ ମନୋନୀତ ହୋଇଥିଲେ। ୨ଲକ୍ଷ ୧୫ ହଜାର ୨୦୨ଜଣ ଛାତ୍ରୀଛାତ୍ର ନାମଲେଖାଇଥିବାବେଳେ ୭୪ ହଜାର ୨୬୪ ଟି ସିଟ୍ ବଳକା ରହିଛି। ସେହିପରି ବିଜ୍ଞାନରେ ୧ଲକ୍ଷ ୫୬ ହଜାର ୬୩୫ ସିଟ୍ ରହିଥିବାବେଳେ ୧ଲକ୍ଷ ୨୧ହଜାର ୨୩ଜଣ ମନୋନୀତ ହୋଇଥିଲେ। ତେବେ ୯୫ ହଜାର ୮୫୧ ଜଣ ନାମଲେଖାଇଛନ୍ତି ଓ ୬୦ ହଜାର ୭୮୪ ସିଟ୍ ବଳକା ରହିଛି। ବାଣିଜ୍ୟରେ ୩୯ ହଜାର ୨୧୬ ସିଟ୍ ରହିଥିବାବେଳେ ୨୫ ହଜାର ୧୬୮ଜଣ ମନୋନୀତ ହୋଇଥିଲେ। ଏମାନଙ୍କ ମଧ୍ୟରୁ ୨୦ହଜାର ୭୦୯ଜଣ ନାମଲେଖାଇଛନ୍ତି ଓ ୧୮ ହଜାର ୫୦୭ ସିଟ୍ ଖାଲି ରହିଛି। ସଂସ୍କୃତରେ ୧୨ ହଜାର ୬୭୨ ସିଟ୍ ରହିଥିବାବେଳେ ୭ହଜାର ୭୭୯ଜଣ ମନୋନୀତ ହୋଇଥିଲେ। ଏମାନଙ୍କ ମଧ୍ୟରୁ ୬ହଜାର ୩୪୪ଜଣ ନାମଲେଖାଇଛନ୍ତି ଓ ୬ ହଜାର ୩୨୮ ସିଟ୍ ବଳକା ରହିଛି। ଧନ୍ଦାମୂଳକ ଶିକ୍ଷାରେ ୧୦ ହଜାର ୪୯୨ଟି ସିଟ୍ ରହିଥିବାବେଳେ ୫ ହଜାର ୨୨୦ ଜଣ ମନୋନୀତ ହୋଇଥିଲେ। ଏମାନଙ୍କ ମଧ୍ୟରୁ ମାତ୍ର ୪ ହଜାର ୭୪ ଜଣ ନାମଲେଖାଇଛନ୍ତି ଓ ୬ ହଜାର ୪୧୮ଟି ସିଟ ଖାଲି ରହିଥିବା ଜଣାପଡ଼ିଛି।

ଅନ୍ୟପକ୍ଷରେ ଦ୍ୱିତୀୟ ପର୍ଯ୍ୟାୟ ମେଧା ତାଲିକା ଜୁଲାଇ ୧୯ରେ ପ୍ରକାଶ ପାଇବ। ଏହାର ନାମଲେଖା ପ୍ରକ୍ରିୟା ଜୁଲାଇ ୨୨ ସୁଦ୍ଧା ସରିବ। ସେହିପରି ଅନ୍‌ଲାଇନ୍ ସ୍ପଟ୍ ନାମଲେଖା ପ୍ରକ୍ରିୟା ଜୁଲାଇ ୨୧ରୁ ଆରମ୍ଭ ହୋଇ ଜୁଲାଇ ୨୭ ସୁଦ୍ଧା ସରିବ। ଅଗଷ୍ଟ ୧ରୁ ଯୁକ୍ତ୨ ପ୍ରଥମ ବର୍ଷର ପାଠପଢ଼ା ଆରମ୍ଭ ହେବ।

ଅନ୍ୟମାନଙ୍କଠାରୁ ଯାହା ଆସେ –ତାହାଦ୍ୱାରା ବିକ୍ଷୁବ୍ଧ ନ ହୋଇ– ଯେତେବେଳେ ଆମ୍ଭେମାନେ କେବଳ ଭଗବାନଙ୍କ କୋଳରେ ସ୍ଥିର ହୋଇ ରହୁ– ସେତେବେଳେ ଆଗେ ତାଙ୍କର ଅକୁଣ୍ଠ କ୍ଷମତାକୁ ଦେଖିପାରୁ। ଅନୁଭବ ମଧ୍ୟ କରିପାରୁ। ତାଙ୍କ ପ୍ରତି ଆମର ପ୍ରେମରେ ହିଁ ରହିଛି ଆମର ନିରାପତ୍ତା। –ଶ୍ରୀମା



# ଉପନିବେଶବାଦର ପ୍ରଭାବ



ନାନି ଜନ୍‌ସେନ୍ ରେଭେଣ୍ଟଲୋ

ଶେଷରେ, ୟୁରୋପୀୟ ଦେଶଗୁଡ଼ିକ ସେମାନଙ୍କର ଉପନିବେଶିକ ଉତ୍ତରାଧିକାରୀର ଜଟିଳ ସମସ୍ୟାକୁ ହୃଦୟଙ୍ଗମ କରିବା ଆରମ୍ଭ କରିଛନ୍ତି। ନେଦରଲାଣ୍ଡରେ ସରକାର ବିଶ୍ୱସ୍ତରୀୟ କ୍ରୀତଦାସ ବେପାରରେ ଦେଶର ଭୂମିକାକୁ ନେଇ କ୍ଷମା ପ୍ରାର୍ଥନା କରିଛନ୍ତି। ଏହି ଦେଶର ରାଜା ମଧ୍ୟ କ୍ଷମା ମାଗିଛନ୍ତି। ଆଦିବାସୀଙ୍କ ଅଧିକାର ଉପରେ ଜାତିସଂଘର ସ୍ୱତନ୍ତ୍ର ଦୂତ ଗ୍ରୀନ୍‌ଲାଣ୍ଡର ଉପନିବେଶକରଣର ନକାରାତ୍ମକ ପ୍ରଭାବକୁ ସମାଧାନ କରିବାକୁ ଡେନ୍‌ମାର୍କକୁ କହିଛନ୍ତି। ଏହା ସହ ବ୍ରିଟେନ୍‌ରେ ଗଣମାଧ୍ୟମ ସଂସ୍ଥା, ଇଂଲଣ୍ଡର ଚର୍ଚ୍ଚ ଏବଂ ମାଞ୍ଚେଷ୍ଟର ଭଳି ସହର ସେମାନଙ୍କର ଧନ ଏବଂ ଶକ୍ତି କ୍ରୀତଦାସମାନଙ୍କ ଦ୍ୱାରା ସମ୍ଭବ ହୋଇଛି ବୋଲି ସ୍ୱୀକାର କରିଛନ୍ତି। ଉକ୍ତ ପଦକ୍ଷେପକୁ ଐତିହାସିକ ବୋଲି ସ୍ୱୀକାର କରାଯାଉଥିବାବେଳେ ପ୍ରଭାବିତ ସମୁଦାୟଙ୍କ ସହ ଆଲୋଚନାର ଅଭାବ ଏବଂ ଏଥିରେ ଗୁରୁତ୍ୱପୂର୍ଣ୍ଣ ସୁଧାର ଆଣିବାରେ ସମ୍ପୂର୍ଣ୍ଣ ନିଷ୍କ୍ରିୟତାକୁ ନେଇ ସମାଲୋଚନାର ସ୍ୱର ମଧ୍ୟ ଉଠିଛି। ଅବଶ୍ୟ, ଏହିସବୁ ମନ୍ତବ୍ୟ ଏବଂ କ୍ଷମାମାଗିବା ଧାରା ଉପନିବେଶକରଣର ପ୍ରଭାବ ଉପରେ କି ସୁଧାର ଅଣାଯାଇପାରିବ ତାହାକୁ ଅଣଦେଖା କରିଆସିଛି।

ଏହା ନିଶ୍ଚିତ ଯେ,ଏଭଳି ସାର୍ବଜନୀନ କ୍ଷମା ପ୍ରାର୍ଥନା ସମ୍ପର୍କରେ ଆଲୋଚନା କରାଗଲେ ତାହା ସାଧାରଣରେ ସାମ୍ରାଜ୍ୟବାଦର ଭୟାବହତା ସମ୍ପର୍କରେ ସଚେତନତା ବଢ଼ାଇବାରେ ସାହାଯ୍ୟ କରିବ। ତେବେ ସେମାନଙ୍କ ପ୍ରୋତ୍ସାହନରେ ହେଉଥିବା ଆଲୋଚନା ଗୁରୁତ୍ୱପୂର୍ଣ୍ଣ ଏବଂ ବାସ୍ତବତା ଏହା ଯେ, ସେହି ସବୁ ଆଲୋଚନା ୟୁରୋପର ପ୍ରତିଷ୍ଠିତ ସଂସ୍ଥା ଯଥା ରାଜପ୍ରାସାଦ, ମ୍ୟୁଜିୟମ, ବହୁ ପୁରୁଣା ପ୍ରତିଷ୍ଠାନ ଓ ଗଣମାଧ୍ୟମ ସମୂହରେ ହିଁ ଅନୁଷ୍ଠିତ ହେଉଛି। ବୁଝିବାକୁ ହେବ ଯେ,ଏଭଳି ଆଲୋଚନା ଏକ କ୍ଷତିକାରକ ଇତିହାସକୁ ଗୁପ୍ତ ରଖିବା ପାଇଁ ନିରବଚ୍ଛିନ୍ନ ପ୍ରୟାସର ପ୍ରମାଣକୁ ସୂଚିତ କରୁଛି। କିନ୍ତୁ ଜର୍ଜଟାଉନ ୟୁନିଭର୍ସିଟିର ପ୍ରାଧ୍ୟାପକ ଓଲ୍ୟୁଫେମି ଟେଓ 'ଏଲାଇଟ କ୍ୟାପ୍‌ଚର' (କିଛି ଆଗୁଆ ଗୋଷ୍ଠୀର ବ୍ୟକ୍ତି ସଂସାଧନ ଓ ସଙ୍ଗଠନର ରାଜନୈତିକ ଦିଗକୁ ସଞ୍ଚାଳନ କରିଥାନ୍ତି) ବୋଲି ଯାହା କହିଛନ୍ତି ସେଥିପ୍ରତି ଆମେ ସତର୍କ ରହିବା ଦରକାର। ଏଥିରେ ସମ୍ଭାବ୍ୟ ପରିବର୍ତ୍ତନଶୀଳ ତଥା ମୁକ୍ତ ବିଚାରଧାରାଗୁଡ଼ିକ ସେମାନଙ୍କର ମୌଳିକ ବିଷୟରୁ ହଟିଯାଇଛନ୍ତି ଏବଂ ସେଗୁଡ଼ିକ ରାଜନୈତିକ, ସାମାଜିକ ଏବଂ ଅର୍ଥନୈତିକ ଶକ୍ତି ଦ୍ୱାରା ଉପଯୋଗ ହୋଇଛନ୍ତି। ଅନେକ ଉପାୟରେ, ପ୍ରତିକାର ସମ୍ପର୍କିତ ଆଲୋଚନା ମଧ୍ୟ ଏହି ବାଟରେ ସ୍ୱୀକୃତ ହୋଇସାରିଛି। ଆଜିର ସମୟରେ ଦାସତ୍ୱ, ଉପନିବେଶବାଦ, ସାମ୍ରାଜ୍ୟବାଦ ଏବଂ ଉତ୍ତରାଧିକାରୀ ପୁଞ୍ଜିବାଦକୁ ମୁକାବିଲା କରିବା ଗୁରୁତ୍ୱପୂର୍ଣ୍ଣ। କିନ୍ତୁ ଏହାକୁ ନେଇ ପ୍ରକାଶ ପାଉଥିବା ସାମ୍ପ୍ରତିକ ସ୍ୱୀକାରୋକ୍ତି ଏବଂ କ୍ଷମା ପ୍ରାର୍ଥନା ମଧ୍ୟରୁ କୌଣସିଟି ଚେଷ୍ଟିତ ନୁହନ୍ତି। ତେବେ ସରକାରୀ ଭାବେ ଏଭଳି କ୍ଷମା ପ୍ରାର୍ଥନା ଏକ ଉତ୍ତମ ପ୍ରାରମ୍ଭ ଭାବେ କାର୍ଯ୍ୟ କରିପାରିବ। କିନ୍ତୁ କ୍ଷମତାରେ ଥିବା ବ୍ୟକ୍ତିଙ୍କୁ ପ୍ରକୃତ ଉତ୍ତରଦାୟିତ୍ୱରୁ ଦୂରେଇଯିବା ପାଇଁ ଉପନିବେଶୀୟ ଅତ୍ୟାଚାର କରିବାକୁ ଅନୁମତି ଦିଆଯିବା ଉଚିତ ନୁହେଁ।



ଐତିହାସିକ ଅନ୍ୟାୟର ପ୍ରଭାବ ଓ ବିପଦଗୁଡ଼ିକୁ ସ୍ୱୀକାର ନ କରି କେବଳ ଏଗୁଡ଼ିକୁ ମନେପକାଇବା ଓ କ୍ଷମା ମାଗିବା ଅର୍ଥ ଢାଞ୍ଚାଗତ ଅସମାନତାକୁ ଜାରି ରଖିବା। ଉପନିବେଶବାଦ ଅନ୍ତର୍ଜାତୀୟ ଆର୍ଥିକ ବ୍ୟବସ୍ଥାକୁ ସହଯୋଗ କରିଥିଲା। କୃଷ୍ଣକାୟ ଯୁବକଙ୍କର ଅତ୍ୟଧିକ ଅପରାଧୀକରଣ, ଅତ୍ୟଧିକ ଅଣଶ୍ୱେତାଙ୍ଗ ମାତୃ ମୃତ୍ୟୁହାର, କର୍ମସ୍ଥଳୀରେ ଅସମାନତା, ପ୍ରବାସୀଙ୍କ ପାଇଁ ସାମାଜିକ ସେବାର ସୀମିତ ଉପଲବ୍ଧତା ଏବଂ ୟୁରୋପରେ ରାଜକୀୟ ବ୍ୟବସ୍ଥାର ସାମାଜିକ ଓ ରାଜନୈତିକ କ୍ଷମତାର ପ୍ରୟୋଗ ହିଁ ୟୁରୋପକୁ ସମୃଦ୍ଧ କରିଥିବା ଫାସିବାଦ ସାମ୍ରାଜ୍ୟବାଦ ପରିଣାମର ଗୋଟିଏ ଗୋଟିଏ ଅଂଶ। ଏହି ଅନ୍ୟାୟକୁ ଦୂରକରିବା ପାଇଁ ଆମକୁ ସ୍ୱୀକାର କରିବାକୁ ହେବ ଯେ କ୍ଷତିପୂରଣ ବିଷୟରେ ସାମ୍ପ୍ରତିକ ବିତର୍କରେ ଆର୍ଥିକ ପୁନଃ ସ୍ଥାପନ ଉପରେ ଯେଉଁ ଗୁରୁତ୍ୱ ଦିଆଯାଉଛି ସେଥିରେ ସମସ୍ୟା ରହିଛି। ଯଦି ଆମେ ସତର୍କ ନାହୁଁ, ସରକାର ଏବଂ ଅନୁଷ୍ଠାନଗୁଡ଼ିକ ନିଜ ଦାୟିତ୍ୱରୁ କୌଣସି ପ୍ରକାରେ ବାହାରିଯିବାକୁ କ୍ଷତିପୂରଣ ବା ପ୍ରତିକାରର ଅର୍ଥ-କେନ୍ଦ୍ରିକ ପରିଭାଷାକୁ ବ୍ୟବହାର କରିପାରନ୍ତି। କାରଣ ଆମେ ଅନ୍ତର୍ଜାତୀୟ ଆଇନରୁ ଜାଣିଛୁ ଯେ ଆଇନ, ନୀତି ଏବଂ କାର୍ଯ୍ୟକାରିତାରେ ସଂଶୋଧନ କରିବା ଭଳି ମହତ୍ତ୍ୱପୂର୍ଣ୍ଣ ପଦକ୍ଷେପ ନେବା ପରିବର୍ତ୍ତେ ଦେଶଗୁଡ଼ିକ ମାନବିକ ଅଧିକାରର ଉଲ୍ଲଂଘନ ପାଇଁ କ୍ଷତିପୂରଣ ଦେବାକୁ ପସନ୍ଦ କରନ୍ତି। ଆମ କାର୍ଯ୍ୟକଳାପର ମୌଳିକ ସ୍ଥିତି ସଫଳତାକୁ ନିର୍ଦ୍ଦିଷ୍ଟ କରିବା ସହ ଏକ ନ୍ୟାୟପୂର୍ଣ୍ଣ ପୃଥିବୀ ପାଇଁ ଧନ ପୁନଃ ଆବଣ୍ଟନର ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ କମାଇଦେବ ନାହିଁ। କିନ୍ତୁ ଯେଉଁମାନେ ନ୍ୟାୟ ପାଇଁ ସ୍ୱର ଉଠାଉଛନ୍ତି କେବଳ ସେମାନଙ୍କୁ ଶାନ୍ତ କରିବାକୁ ଚାହୁଁଥିବା ଆର୍ଥିକ ବୁଝାମଣାଗୁଡ଼ିକ କେବେହେଲେ ବ୍ୟବସ୍ଥାଗତ ଅସମାନତାକୁ ଟାର୍ଗେଟ କରୁଥିବା ପୁନଃ ଆବଣ୍ଟିତ ନୀତିଗୁଡ଼ିକ ସହ ସମାନ ନୁହେଁ। ଏଯାବତ ୟୁରୋପୀୟ ସରକାର ଓ ସଂସ୍ଥାଗୁଡ଼ିକ ଏହି ଦୁଇଟି ମଧ୍ୟରେ ଥିବା ପ୍ରଭେଦକୁ ଅସ୍ପଷ୍ଟ ରଖିବା ଲାଗି ଉତ୍ସାହିତ ହୋଇପଡ଼ିଛନ୍ତି।

ୟୁରୋପରେ ଥିବା ଏଷ୍ଟର ଷ୍ଟାନ୍‌ଫୋର୍ଡ-ଜୋସି ଏବଂ ପାନ୍-ଆଫ୍ରିକାନ୍ ରିପାରେଶନ କୋଆଲିଏସନ ଯୁକ୍ତି ବାଢ଼ିଛନ୍ତି ଯେ ପ୍ରତିକାରର ଆର୍ଥିକ ଦିଗ ଯଦି ସମଗ୍ର ଉଦ୍ଦେଶ୍ୟକୁ ପୂରଣ କରେ ଏବଂ ଆମର ଆତ୍ମ-ସଂଶୋଧନ ପ୍ରକ୍ରିୟାର ଶକ୍ତି ହୁଏ, ତେବେ ତାହା ଅର୍ଥପୂର୍ଣ୍ଣ ହେବ। ଅନ୍ୟ ଶବ୍ଦରେ, ଯେକୌଣସି ପ୍ରକାର କ୍ଷତିପୂରଣ ସମ୍ପ୍ରଦାୟଗୁଡ଼ିକୁ ସେମାନଙ୍କର ଅଂଶଧନ ଏବଂ ସମ୍ବଳ ଉପରେ କ୍ଷମତା ସମ୍ମାନ ଏବଂ ପରିଚାଳନାଗତ ଦାୟିତ୍ୱରେ ସକ୍ଷମ କରିବାକୁ ପଡ଼ିବ। ଯଦି ପ୍ରତିକାର ବ୍ୟବସ୍ଥା କିମ୍ବା କ୍ଷତିପୂରଣ କେବଳ ଅତୀତ ଉପରେ ଗୁରୁତ୍ୱ ଦିଏ, ତେବେ ଆମେ ବର୍ତ୍ତମାନକୁ ଅବହେଳା କରିବା ଏବଂ ସେମାନଙ୍କର ମୁକ୍ତି ସମ୍ଭାବନାକୁ ଦୁର୍ବଳ କରିବା। କ୍ଷତିପୂରଣର ଉଦ୍ଦେଶ୍ୟ ହେଉଛି ଏକ ଅଧିକ ସମାନତାର ବିଶ୍ୱ ଗଠନ କରିବା ପାଇଁ ସାହାଯ୍ୟ କରିବା। ଏହିପରି ଏକ ଦୁନିଆକୁ ପରିବର୍ତ୍ତନ କେବେ ମୂଲ୍ୟହୀନ ହେବ ନାହିଁ ଏବଂ ଏଥିପାଇଁ ତ୍ୟାଗ ଆବଶ୍ୟକ। ଅଧିକ ନ୍ୟାୟପୂର୍ଣ୍ଣ ଭବିଷ୍ୟତ ପାଇଁ ଆମକୁ ପ୍ରଥମେ ଉପନିବେଶବାଦକୁ ମୁକାବିଲା କରୁଥିବା ସମ୍ପ୍ରଦାୟର ଜରୁରୀ ଆବଶ୍ୟକତା ପୂରଣ କରିବାକୁ ପଡ଼ିବ। ଏହାର ଅର୍ଥ ଆମର ଆଇନଗତ, ଶିକ୍ଷା, ସ୍ୱାସ୍ଥ୍ୟ-ଯତ୍ନ ଏବଂ ରାଜନୈତିକ ବ୍ୟବସ୍ଥାରେ ଅସମାନ କ୍ଷମତାର ବ୍ୟବସ୍ଥାକୁ ଭାଙ୍ଗିବା ସହ କାର୍ଯ୍ୟକ୍ଷେତ୍ର ଏବଂ ସାର୍ବଜନୀନ ସେବାରୁ ଏହାକୁ ଦୂରେଇବାକୁ ହେବ।

ଅତ୍ୟାଚାରର ସଂରଚନାକୁ ସମାଧାନ କରିବା ପାଇଁ ଏକ ଗୋଷ୍ଠୀ କୈନ୍ଦ୍ରିକ ଦୃଷ୍ଟିକୋଣ ଗ୍ରହଣ କରି ନିଶ୍ଚିତ କରିପାରିବା ଯେ, ବଞ୍ଚିତ ବର୍ଗଙ୍କ ପାଇଁ ଅତ୍ୟାବଶ୍ୟକ ସାମଗ୍ରୀର ସମାନ ସୁବିଧା ରହିଛି। କିନ୍ତୁ ଏକ କ୍ଷତିକାରକ ଏବଂ ନିଷ୍କ୍ରିୟ ବ୍ୟବସ୍ଥାକୁ ଚ୍ୟାଲେଞ୍ଜ କରିବାକୁ ଆଗ୍ରହୀ ହେବା ଆବଶ୍ୟକ। ସରଳରେ କହିବାକୁ ଗଲେ, ବଞ୍ଚିତ ଗୋଷ୍ଠୀ ଉପରେ ପ୍ରଭାବ ପକାଉଥିବା କୌଣସି ଢାଞ୍ଚା, ଅନୁଷ୍ଠାନ, କିମ୍ବା ପ୍ରକ୍ରିୟାକୁ ଆମେ ଏଯାବତ୍ ଗ୍ରହଣ କରିପାରିନାହୁଁ। ବରଂ ସେମାନଙ୍କ ମହତ୍ତ୍ୱପୂର୍ଣ୍ଣ ଭାଗୀଦାରି ବିନା ଆମେ ସେଗୁଡ଼ିକୁ ସ୍ଥାପନ କରିଛୁ କିମ୍ବା ପରିଚାଳନା କରୁଛୁ। ଐତିହାସିକ ଅନ୍ୟାୟକୁ ସୁଧାରିବା ଅର୍ଥ କେବଳ ଅତୀତର ତ୍ରୁଟିକୁ ଠିକ୍ କରିବା। ଏକ ଅଧିକ ସମାନତା ସମାଜ ସୃଷ୍ଟି କରିବାକୁ, ଆମକୁ ଏବକାର ଉପନିବେଶବାଦର ପ୍ରଭାବକୁ ସମାଧାନ କରିବାକୁ ପଡ଼ିବ।

**ମାନବ ଅଧିକାର ଆଇନଜୀବୀ ତଥା ସିଷ୍ଟେମିକ୍ ଜଷ୍ଟିସ(ଏନ୍‌ଜିଓ)ର ପ୍ରତିଷ୍ଠାତା**

## ଏଇ ଭାରତରେ

ସଡ଼କ ପଥରେ ଲମ୍ବା ଯାତ୍ରାରେ ଯିବା ସମୟରେ ମହିଳା ଯାତ୍ରୀମାନେ ବିଶ୍ରାମ ଓ ଶୌଚ ଆଦିରେ ନାନା ସମସ୍ୟାର ସମ୍ମୁଖୀନ ହୋଇଥାନ୍ତି। କୋଲକାତାର ସାମ୍ବାଦିକ ଦୀପ୍ତେନ୍ଦୁ ରୟ ତାଙ୍କ ସ୍ତ୍ରୀ ସହ ସଡ଼କ ପଥରେ ଛତିଶଗଡ଼ ଯିବା ସମୟରେ ଏଭଳି ସମସ୍ୟା ଦେଖିଥିଲେ। ପରେ ସେ ଚାକିରି ଛାଡ଼ି ଦୂରଯାତ୍ରା କରୁଥିବା ମହିଳାଙ୍କ ସୁବିଧା ଲାଗି ଏକ ନୂତନ ଉପାୟ ଆପଣାଇଛନ୍ତି। ଦୀପ୍ତେନ୍ଦୁ ପୁରୁଣା ତଥା ଅଦରକାରୀ ବସ୍‌ଗୁଡ଼ିକରେ ଶୌଚାଳୟ, ବିଶ୍ରାମାଗାର, ପୋଷାକ ବଦଳାଇବା ଲାଗି ରୁମ୍ ଏପରିକି ମା'ମାନେ ପିଲାଙ୍କୁ ସ୍ତନ୍ୟପାନ କରାଇବା ଲାଗି ସ୍ୱତନ୍ତ୍ର ରୁମ୍ କରିଛନ୍ତି। ଏହି ଅଭିଯାନର ନାମ ରଖାଯାଇଛି ଏଲୋ। ପ୍ରଥମେ ସେ ବସ୍‌ରେ ରେଷ୍ଟରୁମ୍ କରିବା ପରେ ତାହାକୁ ଶାନ୍ତି ନିକେତନରେ ରଖିଥିଲେ। ପରେ ଆଉ କେତୋଟି ନିର୍ମାଣ କରି ସେଗୁଡ଼ିକୁ ଛତିଶଗଡ଼ ରାଜପଥ କଡ଼ରେ ରଖାଯାଇଛି। ଏହିସବୁ ବସ୍‌ର ପରିଚାଳନା ଦାୟିତ୍ୱ ସ୍ୱୟଂ ସହାୟିକା ଗୋଷ୍ଠୀଙ୍କୁ ଦିଆଯାଇଛି। ସେମାନେ ଏହାକୁ ଠିକ୍ ଭାବେ ପରିଚାଳନା କରିବା ସହ ଏହାର ସ୍ୱଚ୍ଛତା ମଧ୍ୟ ରଖିପାରିଛନ୍ତି। ଉକ୍ତ ବସ୍‌ଗୁଡ଼ିକର ସମ୍ମୁଖ ଭାଗରେ ଯାତ୍ରୀମାନଙ୍କ ପାଇଁ ଆବଶ୍ୟକ ସାମଗ୍ରୀ ବିକ୍ରି କରାଯିବାର ବ୍ୟବସ୍ଥା ହୋଇଛି। ଯାହା ବିକ୍ରି ହେଉଛି ସେଥିରେ ଏହି ବସ୍‌ଗୁଡ଼ିକର ରକ୍ଷଣାବେକ୍ଷଣରେ ଖର୍ଚ୍ଚ ହେବା ସହ ସ୍ୱୟଂ ସହାୟିକା ଗୋଷ୍ଠୀଙ୍କ ଆୟ ମଧ୍ୟ ବଢ଼ିପାରୁଛି।

## ୨୫ ବର୍ଷ ତଳର ଧରିତ୍ରୀ

୧୪ ଜୁଲାଇ ୧୯୯୮

- ଭାରତର ଡେଭିସ୍ କପ୍ ତାରକା ତଥା ଟପ୍‌ସିଡ୍ ଲିଆଣ୍ଡର ପେସ୍‌ଙ୍କ ପ୍ରଥମ ଏଟିପି ଟାଇଟଲ ହାସଲ।
- ବ୍ୟାପକ ଅର୍ଥନୈତିକ ସଙ୍କଟ ମଧ୍ୟଦେଇ ଗତି କରୁଥିବାବେଳେ ଦେଶରେ ଆର୍ଥିକ ସ୍ଥିରତା ଆଣିବା ପାଇଁ ଉଭୟ ରୁଷିଆ ଏବଂ ଆନ୍ତର୍ଜାତୀୟ ମୁଦ୍ରାପାଣ୍ଠି (ଆଇଏମ୍‌ଏଫ୍) ମଧ୍ୟରେ ଏକ ଗୁରୁତ୍ୱପୂର୍ଣ୍ଣ ଚୁକ୍ତିନାମା।
- ଜାପାନରେ ସମ୍ପ୍ରତି ଶେଷ ହୋଇଥିବା ନିର୍ବାଚନରେ ଶାସକ ଦଳ ଲିବରାଲ ଡେମୋକ୍ରାଟିକ୍ ପାର୍ଟିର ଶୋଚନୀୟ ପରାଜୟ ଯୋଗୁ ପ୍ରଧାନମନ୍ତ୍ରୀ ପଦରୁ ର୍‍ୟୁତାରୋ ହାଶିମୋତୋଙ୍କ ଇସ୍ତଫା ପ୍ରଦାନ।

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | | | | 6 | 1 |
| 1 | 4 | | 3 | | | 7 | | |
| | | 2 | | | | 8 | | |
| | | | | | 3 | 9 | 2 | 8 |
| | 3 | | | | | | | 6 |
| | | | | 4 | 5 | | | |
| | | 5 | 7 | | | | | 9 |
| 7 | 9 | 1 | | | | 3 | | |
| 3 | 2 | | | | | | 1 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 6 | 2 | 7 | 8 | 3 | 9 | 4 | 5 | 1 |
| 5 | 8 | 9 | 6 | 4 | 1 | 2 | 3 | 7 |
| 1 | 3 | 4 | 7 | 5 | 2 | 6 | 8 | 9 |
| 7 | 6 | 2 | 5 | 1 | 8 | 3 | 9 | 4 |
| 8 | 9 | 1 | 3 | 6 | 4 | 7 | 2 | 5 |
| 4 | 5 | 3 | 2 | 9 | 7 | 1 | 6 | 8 |
| 3 | 1 | 6 | 4 | 8 | 5 | 9 | 7 | 2 |
| 2 | 4 | 8 | 9 | 7 | 6 | 5 | 1 | 3 |
| 9 | 7 | 5 | 1 | 2 | 3 | 8 | 4 | 6 |

ଗତକାଲିର ଉତ୍ତର

# ଡାଳି ଖାଇ ଛେଳି ଗିରଫ



ନିରଞ୍ଜନ ସାହୁ

କିଛିଦିନ ତଳେ ଗଞ୍ଜାମ ଜିଲାରେ ଘଟିଥିବା ଘଟଣାଟିଏ ଖବରକାଗଜର ଶିରୋନାମା ପାଲଟିଥିଲା। ଅବଶ୍ୟ ବେଳେବେଳେ ପାଠକଙ୍କ ଦୃଷ୍ଟି ଆକର୍ଷଣ କରିବା ପାଇଁ ଖବରଦାତାମାନଙ୍କୁ ନାଟକୀୟତା ସୃଷ୍ଟି କରିବାକୁ ପଡ଼ିଥାଏ, ମାତ୍ର ଏଇ ଘଟଣାରେ ବନ ବିଭାଗର ମାତ୍ରାଧିକ ତତ୍ପରତାକୁ ଯେଉଁଭଳି ଭାବରେ ଦର୍ଶାଯାଇଥିଲା ତାହା ତାତ୍ପର୍ଯ୍ୟପୂର୍ଣ୍ଣ।

ଲୋକକଥାରେ କୁହାଯାଏ – ପାଗଳ କି ନ କହେ, ଛାଗଳ କି ନ ଖାଏ ? ଯେତେ ଖାଇଲେ ବି ଛେଳିର କ୍ଷୁଧା ପୂରଣ ହୁଏନି, ସେ ଖାଇ ଚାଲିଥାଏ, ପାକୁଳି କରିଚାଲିଥାଏ ଅନବରତ । ବିଶେଷ କରି ବର୍ଷାଦିନେ ଯେତେବେଳେ ଗଛପତ୍ରରେ ନୂଆପତ୍ର କଅଁଳେ ସେତେବେଳେ ଛେଳିମାନଙ୍କର କଚେବାର। ଆଜିକାଲି ଛେଳି ଚାଷକୁ ସରକାର ମଧ୍ୟ ପ୍ରୋତ୍ସାହିତ କରୁଛନ୍ତି। ଗରିବ ଲୋକଙ୍କୁ ଲୋନ୍ ଦେଉଛନ୍ତି, ଯାହାଫଳରେ ସେମାନେ ଛେଳି ଚାଷ କରି ନିଜର ଅର୍ଥନୈତିକ ପ୍ରଗତି କରିପାରିବେ।

ଆମ ରାଜ୍ୟର ମୟୂରଭଞ୍ଜ, କେନ୍ଦୁଝର ଅଞ୍ଚଳରେ ଗୋଟିଏ ବିଶେଷ ପ୍ରଜାତିର ଛେଳି ମିଳନ୍ତି। ତାକୁ ବ୍ଲାକ୍ ବେଙ୍ଗଲ ପ୍ରଜାତିର ବୋଲି କୁହାଯାଏ ଏବଂ ସେଗୁଡ଼ିକର ମାଂସ ଅଧିକ ସ୍ୱାଦିଷ୍ଟ ବୋଲି ଜୀବବିଜ୍ଞାନୀମାନେ ମତ ଦିଅନ୍ତି। ବଡ଼ ବଡ଼ ଭୋଜି ପାଇଁ ଜଙ୍ଗଲୀ ପତ୍ର ଖାଉଥିବା ଅଣ୍ଡିରା ଛେଳି ବା ଖାସିମାନଙ୍କର ଖୋଜା ପଡ଼ିବା ସ୍ୱାଭାବିକ।

ଖବର ସୃଷ୍ଟି କରିଥିବା ଛେଳିର ମାଲିକ ବୋଧହୁଏ ବର୍ଷାଦିନରେ ଚାରିଆଡ଼େ ଜଙ୍ଗଲିଆ ହୋଇ ଯାଇଥିବାରୁ ଛେଳିକୁ ଛାଡ଼ି ଦେଇଥିବେ ଗଞ୍ଜାମ ହିଞ୍ଜିଳିକାଟୁ ଅଞ୍ଚଳରେ। ଆଉ ଛେଳିଟି ବନ ବିଭାଗ ଦ୍ୱାରା ରୋପିତ ହୋଇଥିବା ଗଛର କିଛି ନୂଆ ନୂଆ କଅଁଳ ପତ୍ରକୁ ଖାଇ ଦେଇଥିବ। ସେଥିରେ କ୍ରୋଧାନ୍ୱିତ ହୋଇ ବନ ବିଭାଗର ବଡ଼ ହାକିମଙ୍କ ନିର୍ଦ୍ଦେଶରେ ବିଚରା ଛେଳିକୁ ଗିରଫ କରାଯାଇଛି। ଏଇ ଖବର ଖାଲି ରୋଚକ ନୁହେଁ, ବରଂ ଅନେକ କଥା କହି ଦେଉଛି ଯାହା ଲେଖାଯାଇନାହିଁ।

ଆମର ବନସମ୍ପଦ ରକ୍ଷା କେବଳ ବନ ବିଭାଗର କର୍ମଚାରୀ କରିପାରିବେ ନାହିଁ ଏହା ସତ, ଏଥିରେ ସମୁଦାୟ ସମାଜ ଓ ଗୋଷ୍ଠୀର ସଚେତନତା ଜରୁରୀ। ଆଗରୁ କିପରି ସମଗ୍ର ଅଞ୍ଚଳ ବନ ଅରଣ୍ୟାନିରେ ଭରି ରହିଥିଲା ତାହା କାହାକୁ ଅଜଣା ନାହିଁ। କ୍ରମଶଃ ସଭ୍ୟତାର ବିକାଶ ନାଁରେ ଜଙ୍ଗଲ କମି କମି ଗଲା। ପ୍ରଥମେ ସେଇ ଅଞ୍ଚଳ ନେଲା କୃଷି ବିସ୍ତାରରେ। କ୍ରମେ କେତେବେଳେ ରାସ୍ତା ପାଇଁ ଜଙ୍ଗଲ କମିଲା ତ କେଉଁଠି ଶିଳ୍ପ ପାଇଁ ଜଙ୍ଗଲକୁ ବଳି ଦେବାକୁ ହେଲା ଏବଂ ଜଙ୍ଗଲର ଦ୍ରୁତପତନ ପରେ ଚେତା ପଶିଲା ସରକାରଙ୍କୁ ଯେ ଆମର ବନୀକରଣ ନିହାତି ଜରୁରୀ? ଯେଉଁ ବନ ବିଭାଗର ବାବୁମାନେ ଜଙ୍ଗଲ ସଂରକ୍ଷଣ ପାଇଁ ଅଣ୍ଟାଭିଡ଼ି ପରାସ୍ତ ହୋଇଥିଲେ ଏବେ ସେମାନେ ଗାଁରେ, ସହରରେ ଅଥବା ପଥପାର୍ଶ୍ୱରେ ବନୀକରଣ କରିବା ପାଇଁ ସହରମୁହାଁ ହେଲେ। ବନୀକରଣରେ ଲାଭ ଖୁବ୍। ଯଦି ଆପଣ ସେଇ ବିଭାଗର ଗଛଟିଏ ବଞ୍ଚାଇବାକୁ କେତେ ପଇସା ଖର୍ଚ୍ଚ କରାଯାଉଛି ତା'ର ଅନୁଧ୍ୟାନ କରିବେ ତା'ହେଲେ ଆପଣ ହତାଶ ଅନୁଭବ କରିବେ, ତା'ର ବଡ଼ କାରଣ ହେଲା ଆମେ ଗୋଷ୍ଠୀକୁ ଆମ ସାଥିରେ ନେଇପାରିନାହୁଁ।

ଆଜକୁ ପ୍ରାୟ ପଚିଶ ବର୍ଷ ତଳେ ଗୋଟିଏ ବନୀକରଣ ପ୍ରକଳ୍ପ ବୁଲିବାକୁ ଯାଇଥିଲି ଜଣେ ୟୁରୋପୀୟ ଅତିଥିଙ୍କ ସହିତ। ଆମର ଗଛମାନଙ୍କୁ ଯେଉଁପରି ତାରବାଡ଼ ଭିତରେ ରଖାଯାଇଥାଏ ତାହା ଦେଖି ସେ ହଠାତ୍ ବୁଝିପାରିଲେ ନାହିଁ। ମୋତେ ବୁଝାଇବାକୁ ପଡ଼ିଲା ଯେ ବୁଲା ଗୋରୁ, ଛେଳି ମେଣ୍ଢାଙ୍କ ଦାଉରୁ ଗଛକୁ ରକ୍ଷା କରିବା ପାଇଁ ଏଇ ବ୍ୟବସ୍ଥା କରାଯାଇଛି। ସେଦିନ କ୍ଷେତ୍ର ପରିଦର୍ଶନ କଲାବେଳେ ସେ ମହାଶୟ ତାଙ୍କର ଅନୁଭୂତି ବର୍ଣ୍ଣନା କରିବା ବେଳେ ରୋଚକ ଢଙ୍ଗରେ କହିଲେ, ତାଙ୍କ ଦେଶରେ ଗୋମହିଷାଦି ପ୍ରାଣୀମାନଙ୍କୁ ଆବଦ୍ଧ କରି ରଖାଯାଏ, ମାତ୍ର ଆମ ଦେଶରେ ଗଛମାନଙ୍କୁ ଆବଦ୍ଧ କରି ରଖାଯାଉଛି, ଏତିକି ହିଁ ପାର୍ଥକ୍ୟ।



ଯେହେତୁ ସବୁବେଳେ ତାହା ଏକ ନିରୁପଦ୍ରୁତ ବ୍ୟବସ୍ଥା ନୁହେଁ ଆମର ବିଭାଗୀୟ ଅଧିକାରୀମାନେ ଏପରି ଗଛ ଲଗେଇବାକୁ ଚାହୁଁଛନ୍ତି, ଯାହାକି ଗାଈ ବା ଛେଳି ଖାଇବେ ନାହିଁ। ଏହି କ୍ରମରେ ଭଲ ଗଛ ବା ଫଳଗଛ ପ୍ରାୟତଃ ରୋପଣ ହେଉନାହିଁ। ଯେଉଁ ସଅଳ ବଢ଼ିବା ଗଛମାନ ଲଗାଯାଉଛି ତାହା ଭୂତଳ ଜଳସ୍ତର ଶୋଷି ନେବାରେ ପ୍ରବୀଣ। ଆମର ପୂର୍ବପୁରୁଷମାନେ ରାସ୍ତା କଡ଼ରେ କେତେ ଫଳଗଛ ରୋପଣ କରିଥିଲେ। ରାସ୍ତା ପ୍ରଶସ୍ତୀକରଣ ନାଁରେ ଆମେ ସେସବୁ ଗଛରୁ ବହୁଳାଂଶ ଲୋପ କରିସାରିଲେଣି, ମାତ୍ର କେଉଁଠି କେମିତି ରହିଯାଇଛି କିଛି ବିଶାଳ ଆମ୍ବଗଛ, ବେଲଗଛ, ପଣସଗଛ ଇତ୍ୟାଦି। ମାତ୍ର ଆଜିକାଲି ବନୀକରଣରେ ଏମିତି ଗଛସବୁ ନିଷିଦ୍ଧାତ୍ମକ ତାଲିକାରେ!

ଛେଳି ପ୍ରସଙ୍ଗକୁ ପୁନରାୟ ପ୍ରବେଶ କରିବା। ଛେଳି ଗୋଟିଏ ନିରୀହ ପ୍ରାଣୀ। ସେମାନେ ଜନ୍ମ ହୋଇଥାନ୍ତି କେବଳ ମରିବା ପାଇଁ। ଅନ୍ୟ କାହାର ଆହାର ହେବା ପାଇଁ। ଛେଳିମାନେ ଦୁର୍ବଳ ବୋଲି ବଳିପଡ଼ନ୍ତି। କେବେ ବାଘ ବା ସିଂହ ବଳି ପଡୁଥିବାର ଆପଣ ଶୁଣି ନ ଥିବେ। ଛେଳିଟିକୁ ଗିରଫ କରିଦେଲେ ବନ ବିଭାଗର କର୍ମଚାରୀ ଓ ଅଧିକାରୀ। କାରଣ ସିଏ ଦୁର୍ବଳ। ଛେଳିଟାକୁ ଧରି ଆଣି ଖୁଆଡ଼ରେ ରଖିଦେବା ଭାରି ସହଜ କାମ; ମାତ୍ର ବନୀକରଣ କାହିଁକି ଆଶାନୁରୂପ ହୋଇପାରୁନି ଏବଂ ତା'ର ଯେଉଁ ଚିତ୍ର ସିଏଜି ତାଙ୍କ ରିପୋର୍ଟରେ ଦର୍ଶାଇଛନ୍ତି ତାହା ଭିତରେ ଛେଳି ଏକ ଅନ୍ୟତମ କାରଣ ନୁହେଁ ତ। ଅଥଚ ସବୁଦିନ ଜଙ୍ଗଲ କଟାଚାଲିଛି। କେଉଁଠି ଜଙ୍ଗଲ ମାଫିଆ ସହିତ ସଲାସୁତୁରା କରି ଶାଗୁଆନ ଜଙ୍ଗଲ ସଫା ହୋଇଗଲାଣି ତ ଆଉ କେଉଁଠି ହାତୀକୁ ମାରି ଦେଇ ତା'ର ଦାନ୍ତ କାଟି ନେଲେଣି ଦୁର୍ବୃତ୍ତ। ୟେ ସବୁ କ୍ରମାଗତ ବିଫଳତା କେବେ ବି ଆମ ଜଙ୍ଗଲ ବିଭାଗର ବାବୁମାନଙ୍କୁ ଆକ୍ରାନ୍ତ କରୁନାହିଁ କିମ୍ବା ଆଗରୁ ଯେଉଁପରି ନିଷ୍ପାପର ଜଙ୍ଗଲ ସେବା ଅଧିକାରୀ ଥିଲେ ସେମାନେ ଆଜିକାଲି ମରିହଜି ଗଲେଣି କିମ୍ବା ଆଜିକାଲିର ବ୍ୟବସ୍ଥାରେ ସେମାନେ ନିଷ୍ପ୍ରଭ ଓ ନିର୍ବାକ।

ଛେଳି ଗିରଫ ଘଟଣାଟି ମନେପକେଇ ଦେଉଛି ସମସ୍ୟାକୁ ଆମେ କିପରି ଦେଖୁଛେ। ବଡ଼ ବଡ଼ ସମସ୍ୟାରେ ଆମେ ମୁଣ୍ଡ ନ ପୂରେଇ ମାମୁଲି ଖୁରୁରା କଥାରେ ସମୟ ବିତଉଛୁ। ଯେତେବେଳେ ସାରା ଦୁନିଆ କରୋନା ସାଙ୍ଗରେ ଯୁଝୁଥିଲା, ଯେତେବେଳେ ରାସ୍ତାଘାଟ ବଜାର ସବୁ ଆପଣାଛାଏଁ ବନ୍ଦ ହୋଇ ଯାଇଥିଲା ସେତେବେଳେ ଜଣେ ବନ ବିଭାଗର ତୁଙ୍ଗ ଅଧିକାରୀ କିପରି ବ୍ୟକ୍ତିଗତ ବିମାନରେ ବନ୍ଧୁ ପରିବାରଙ୍କ ସହିତ ବିଭିନ୍ନ ଦେଶ ପରିଭ୍ରମଣ କରି ଅୟସ କରୁଥିଲେ ତାହା କାହାକୁ ଅଜଣା ନାହିଁ। ଅବଶ୍ୟ ଗୋଟିଏ ଖବର ଯେତେବେଳେ ପ୍ରକାଶିତ ହୁଏ ଓ ସାମାଜିକ ଗଣମାଧ୍ୟମରେ ବେଶି ଚର୍ଚ୍ଚା ହୁଏ ତା' ଉପରେ, ସେତେବେଳେ ତାହା ଆଉ ଲୁଚିରହିପାରେନା। ସେଇ କ୍ରମରେ ସଂପୃକ୍ତ ଛେଳିକୁ ଖଲାସ କରିଦେଇଛନ୍ତି ସମ୍ପୃକ୍ତ ଅଧିକାରୀ। ଆଶା କ୍ରମାଗତ ଲଘୁଚାପ ବର୍ଷାରେ ଛେଳି ଖାଇଥିବା ଡାଳ ଏବେ ପୁନର୍ବାର କଅଁଳ ଉଠିଥିବ। ଆଉ ତା' ସହିତ ପୁନର୍ଜାଗ୍ରତ ହୋଇଥାଉ ସମ୍ପୃକ୍ତ ଅଧିକାରୀଙ୍କ ଅପହୃତ ବିବେକ।

**ମୋ : ୯୪୩୮୪୮୨୯୧୧**

**ପୂର୍ବତନ ଭାରତୀୟ ପ୍ରଶାସନିକ ଅଧିକାରୀ**

# ଆତ୍ମପ୍ରଚାର ସର୍ବସ୍ୱ ମଣିଷ



ଇବ୍ରାର ଖାଁ

ଆତ୍ମପ୍ରଚାରରେ ନିମଗ୍ନ ମଣିଷ ଭୁଲିଯାଉଛି ଯେ ଜୀବନର ଲକ୍ଷ୍ୟ କେବଳ ସ୍ୱାର୍ଥ ସାଧନ ପାଇଁ ଉଦ୍ଦିଷ୍ଟ ନୁହେଁ ବରଂ ଅନ୍ୟର ନିଃସ୍ୱାର୍ଥପର ସେବା ଏବଂ ଉପକାର କରିବାରେ ତାହା ସାର୍ଥକ ହୋଇଥାଏ। ଏହା ହିଁ ମାନବବାଦର ମୂଳମନ୍ତ୍ର, ଯାହାକି ମଣିଷକୁ ପଶୁଠାରୁ ଭିନ୍ନ ବୋଲି ପରିଭାଷିତ କରାଏ। ମାନବିକତାକୁ ଉଜାଗର କରିବା ପାଇଁ ସତ୍ୟ, ନିଷ୍ଠା ଓ ତ୍ୟାଗର ଆବଶ୍ୟକତା ଅପରିହାର୍ଯ୍ୟ ହୋଇଥିବା ବେଳେ ସେଥିରେ ଆତ୍ମପ୍ରଚାରର କୌଣସି ସ୍ଥାନ ନ ଥାଏ। ଉତ୍ସର୍ଗୀକୃତ ସେବା ମନୋବୃତ୍ତି ସାଙ୍ଗକୁ ହୃଦୟରେ ଭରି ରହିଥିବା ଉଦାରତା ମଣିଷକୁ ଦେବତାରେ ପରିଣତ କରିଦିଏ। କିନ୍ତୁ ଯେଉଁମାନେ ଆତ୍ମପ୍ରଚାରରେ ଲିପ୍ତ ରହି ଛଳନାତ୍ମକ ଭାବେ ମାନବ ସେବାର ଅଭିନୟ କରନ୍ତି ସେମାନେ ସାମାଜିକ ଜୀବନରେ କିଛି ସମୟ ପାଇଁ ସମ୍ମାନିତ ହୋଇପାରୁଥିଲେ ମଧ୍ୟ ଶେଷରେ ସେମାନଙ୍କ ଚିରତ୍ରର କୁତ୍ସିତ ଆଭିମୁଖ୍ୟ ଉଜାଗର ହୋଇ ଜନମାନସରେ ସେମାନେ ଅପଦସ୍ଥ ହେବା ସହ ସମାଜରେ ନିନ୍ଦିତ ହୁଅନ୍ତି। କିନ୍ତୁ ଦୁନିଆରେ ଏମିତି ଅନେକ ଲୋକ ଅଛନ୍ତି ଯେଉଁମାନେ କୌଣସି ପଦପଦବୀରେ ନ ଥାଇ ମଧ୍ୟ ନିଜର ମହତ୍ କାର୍ଯ୍ୟ, ଉଦାରତାପୂର୍ଣ୍ଣ ଆଚରଣ, ସ୍ନେହ, କରୁଣାରେ ଭରା ହୃଦୟ ସହ ବଳିଷ୍ଠ ବ୍ୟକ୍ତିତ୍ୱର ପରାକାଷ୍ଠାରେ ମାନବ ସମାଜକୁ ନୂତନ ଦିଗ୍‌ଦର୍ଶନ ଦେଇ ଅତି ମାନବରେ ପରିଣତ ହୋଇଯାଇଛନ୍ତି। ନିଜକୁ ମାନବସେବା ପାଇଁ ଉତ୍ସର୍ଗ କରିଥିବା ଏହି ମହାନାୟକମାନେ କିଛି ପାଇବାର ଆଶା ନ ରଖି ସବୁ କିଛିକୁ ତ୍ୟାଗ କରିବାର ସଂକଳ୍ପ ନେଇ ଯେଉଁ କାର୍ଯ୍ୟମାନ ସମ୍ପାଦନ କରୁଥିଲେ ସେଥିରେ ସମାଜର ସମୂହ କଲ୍ୟାଣ ସାଧିତ ହେଉଥିଲା। ଏହି ଦୃଷ୍ଟିରୁ ସମଗ୍ର ସମାଜ ସେମାନଙ୍କୁ ନିଜର ଆଦର୍ଶ ଏବଂ ପୂଜ୍ୟ ଭାବେ ଗ୍ରହଣକରି ଏବେ ବି ମହିମାମଣ୍ଡିତ କରିଚାଲିଛି। କିନ୍ତୁ ଆଜିର ସମସ୍ୟା ବହୁଳ ସମାଜରେ ଆନ୍ତରିକତା ଥାଉ ବା ନ ଥାଉ ଲୋକଦେଖାଣିଆ ମନୋଭାବ ନେଇ କେତେଜଣ ତଥାକଥିତ ସାମାଜିକ କର୍ମୀ ନିଜକୁ ଜନସେବକ ରୂପେ ଉପସ୍ଥାପିତ କରି ନିଜ ଆତ୍ମପ୍ରଚାର ସହ ସେବା ନାଁରେ ଯେପରି ସ୍ୱାର୍ଥ ସାଧନ ପାଇଁ ଉଦ୍ୟମ କରୁଛନ୍ତି ତାହା ସମାଜରେ ଦୁର୍ନୀତିକୁ ପରିବ୍ୟାପ୍ତ କରିବାରେ ସହାୟକ ହେଉଛି କହିଲେ ଅତ୍ୟୁକ୍ତି ହେବ ନାହିଁ।

କୁହାଯାଏ ପ୍ରାଣିଜଗତରେ ମଣିଷ ହିଁ ସବୁଠାରୁ ଶ୍ରେଷ୍ଠ ଜୀବ। ଶ୍ରେଷ୍ଠତ୍ୱ ପ୍ରତିପାଦିତ କରିବା ପାଇଁ ଧନ ଆଉ କ୍ଷମତାର ଆବଶ୍ୟକତା ନ ଥାଏ। ଆବଶ୍ୟକତା ଥାଏ କେବଳ ମାନବିକତାରେ ପରିପୂର୍ଣ୍ଣ ଏକ ଦରଦୀ ହୃଦୟ , ଯାହା ବିପଦ ଆପଦ ବେଳେ ଲୋକଙ୍କ ଦୁଃଖ ଦୁର୍ଦ୍ଦଶାରେ ସାମିଲହୋଇ ନିଜର ସବୁ କିଛିକୁ ତ୍ୟାଗକରି ପୀଡ଼ିତ ଲୋକ ମୁହଁରେ ହସ ଫୁଟାଇବାକୁ ଯଥାସମ୍ଭବ ଉଦ୍ୟମ କରେ। ନିଷ୍ପେଷିତ, ନିରାଶ୍ରୟ, ବୁଭୁକ୍ଷୁ ଜନତାଙ୍କୁ ବଞ୍ଚିବାର ରାହା ଦେଖାଏ। ଏହି କାରଣରୁ ପୁଣ୍ୟାତ୍ମା ପଣ୍ଡିତ ଗୋପବନ୍ଧୁ ନିଜର ଏକମାତ୍ର ରୋଗଣା ଶିଶୁପୁତ୍ରକୁ ମରଣମୁହଁକୁ ଠେଲି ବନ୍ୟା ପୀଡ଼ିତ ହଜାର ହଜାର ଜନତାଙ୍କ ସେବା ପାଇଁ ବର୍ଷା ବତାସକୁ ଭୟ ନ କରି ଚୁଡ଼ା, ଚାଉଳ ଧରି ଘରୁ ବାହାରିଯାଇଥିଲେ। ଏମିତି ଆହୁରି ଅନେକେ ଅଛନ୍ତି ଯେଉଁମାନେ ନିଜ ଜୀବନକୁ ବାଜିଲଗାଇ ବିପନ୍ନ ଲୋକମାନଙ୍କୁ ମରଣମୁହଁରୁ ଟାଣି ଆଣିବାକୁ ସକ୍ଷମ ହୋଇଛନ୍ତି। ସେମାନେ ପ୍ରଶଂସା ପଛରେ ନ ଧାଇଁ କିଛି ମହତ୍ କାର୍ଯ୍ୟ କରି ଯେଉଁ ଆତ୍ମସନ୍ତୋଷ ଲାଭ କରନ୍ତି ତାହା ତାଙ୍କ ପାଇଁ ପ୍ରଶଂସାଠାରୁ କାହିଁ କେତେ ଗୁଣ ଅଧିକ ମୂଲ୍ୟବାନ୍ ବୋଲି ବିବେଚିତ ହୋଇଥାଏ।

ପର ଆଗରେ ଦେଖେଇହେବାର ମନୋବୃତ୍ତି ଆମକୁ ପ୍ରଚାର ପାଇଁ ପ୍ରେରିତ କରୁଥିବାରୁ ଆମର କିଛିଟା ଉପଲବ୍ଧିକୁ ଅତିରଞ୍ଜିତ କରି ସମାଜ ଆଗରେ ବଖାଣି ଆମେ ଯେପରି ଆତ୍ମସନ୍ତୋଷ ଲାଭ ପାଇଁ ଉଦ୍ୟମ କରୁ ତାହା ନିରର୍ଥକ ମନେହୁଏ। କାରଣ ଅନ୍ୟମାନଙ୍କ ଦ୍ୱାରା କରାଯାଉଥିବା ସାମାନ୍ୟ ପ୍ରଶଂସାର ଯେତିକି ମହତ୍ତ୍ୱ ଥାଏ ନିଜ ମୁଖରେ ନିଜର ଯେତେ ପ୍ରଶଂସା କଲେ ମଧ୍ୟ ତାହା ମୂଲ୍ୟହୀନ ହୋଇ ନିନ୍ଦାରେ ପରିଣତ ହୁଏ। ଯଦି ଅନ୍ୟମାନେ ଆମ କର୍ମର ମୂଲ୍ୟାୟନ କରି ଆମକୁ ସାଧୁବାଦ ଜଣାଇ ପ୍ରଶଂସା କରନ୍ତି ସେଥିରେ ଆମର ମାନସମ୍ମାନ ବୃଦ୍ଧି ପାଇଥାଏ। କିନ୍ତୁ ଆତ୍ମପ୍ରଶଂସା ସବୁବେଳେ ନିନ୍ଦା ସହ ସମାନ, ଏହା ସମସ୍ତଙ୍କ ପାଇଁ ବୁଝିବାର ଆବଶ୍ୟକତା ରହିଛି। ତେଣୁ ଆତ୍ମପ୍ରଚାର ସର୍ବସ୍ୱ ମାନସିକତାକୁ ପରିହାରକରି ବ୍ୟକ୍ତିକୈନ୍ଦ୍ରିକ ଜୀବନରେ ନିଃସ୍ୱାର୍ଥପର ମନୋଭାବ ନେଇ ଜନକଲ୍ୟାଣ କାର୍ଯ୍ୟରେ ନିଜ ଯୋଗଦାନକୁ ସୁନିଶ୍ଚିତ କରିପାରିଲେ ସମାଜର ଉନ୍ନତି ହେବ ।

**ବରଦାପଡ଼ା, ବିଶ୍ୱାଳପଡ଼ା, ରେଞ୍ଜ, ଖୋର୍ଦ୍ଧା**

**ମୋ-୯୩୩୭୬୦୧୭୦୫**

## ଚିରନ୍ତନୀ

ନାହିଁରେ ଲାଭ ଜୀବନେ ଲେଖି
କାରଣହୀନ ଦୁଃଖ
ମରଣ ଶୋକେ ବିକଳେ ସଦା ଚାହିଁ
ଅମର ହେବା ମାନସେ ଖାଲି
ବିରସ କରି ମୁଖ
ଜୀବନ ପରେ ନାହିଁରେ କିଛି ନାହିଁ!
(ଅମର ଆଶା)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ମାତୃଭାଷା ପ୍ରତି ବିମୁଖତା

ମହାଶୟ,

ସଂଶୋଧିତ ଓଡ଼ିଆ ଭାଷା ଆଇନ ୨୦୧୯ ଅଗଷ୍ଟ ୧୪ରୁ ରାଜ୍ୟରେ ଲାଗୁ ହୋଇଛି। ଏହି ଆଇନରେ ସରକାରୀ କାର୍ଯ୍ୟରେ ଓଡ଼ିଆ ଭାଷାର ବ୍ୟାପକ ପ୍ରୟୋଗ ହେବାର ଲକ୍ଷ୍ୟ ନେଇ ସରକାର ଦଣ୍ଡବିଧାନ ଓ ପୁରସ୍କାର ପ୍ରଦାନ ବ୍ୟବସ୍ଥା ରଖିଥିଲେ। ପଞ୍ଚାୟତଠାରୁ ସଚିବାଳୟ ପର୍ଯ୍ୟନ୍ତ ସବୁଠାରେ ସମସ୍ତ ଚିଠି ଓ ନଥି ଓଡ଼ିଆରେ ଲେଖାଯିବା ପାଇଁ ବ୍ୟବସ୍ଥା ଥିଲା। ଯେଉଁମାନେ ଏଥିରେ ଅବହେଳା କରିବେ ସେମାନଙ୍କୁ ଦଣ୍ଡିତ କରିବା ଓ ଯେଉଁମାନେ ବହୁଳ ବ୍ୟବହାର କରିବେ ତାଙ୍କୁ ପୁରସ୍କୃତ କରିବା ବ୍ୟବସ୍ଥା ରଖାଗଲା। ମାତ୍ର ଗତ ୪ ବର୍ଷ ମଧ୍ୟରେ ଜଣେ କେହି ଦଣ୍ଡିତ ବା ପୁରସ୍କୃତ ହୋଇଥିବା ସୂଚନା ମିଳିନାହିଁ। ଏଥିରୁ ସ୍ପଷ୍ଟ ଜଣାପଡୁଛି, ସଂଶୋଧିତ ଭାଷା ଆଇନ ବସ୍ତୁତଃ କାର୍ଯ୍ୟକାରୀ ହେଉନାହିଁ। କିଏ ଓଡ଼ିଆ ଭାଷାର ବ୍ୟବହାର କରୁଛନ୍ତି ଓ କିଏ ଏଥିରେ ଅବହେଳା କରୁଛନ୍ତି ତାହା ନିର୍ଣ୍ଣୟ କରିବାର କୌଣସି ବ୍ୟବସ୍ଥା ନାହିଁ। ଏହା ମାତୃଭାଷା ବିମୁଖତାକୁ ପ୍ରମାଣିତ କରୁଛି। ସରକାରଙ୍କ ଏଭଳି ଆଭିମୁଖ୍ୟ ରାଜ୍ୟର ଭାଷାପ୍ରେମୀଙ୍କୁ ନିରାଶ କରିଛି।

**– ଅକ୍ଷୟ କୁମାର ମହାନ୍ତି, ହାଜିପୁର, ବିରିଡ଼ି, ଜଗତ୍‌ସିଂହପୁର**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

**ଅଜିତ ପାୱାରଙ୍କୁ ମିଳିପାରେ ଅର୍ଥ ବିଭାଗ**

ମହାରାଷ୍ଟ୍ର ମନ୍ତ୍ରୀମାନଙ୍କ ବିଭାଗ ବଣ୍ଟନ ଶୁକ୍ରବାର ହୋଇପାରେ ବୋଲି ଶାସକ ଶିବସେନା ପକ୍ଷରୁ ସୂଚନା ଦିଆଯାଇଛି। ବର୍ତ୍ତମାନ ଅର୍ଥ ବିଭାଗ ଉପମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ୍‌ନବିସଙ୍କ ହାତରେ ଥିବାବେଳେ ଏହା ଏନ୍‌ସିପି ନେତା ତଥା ଅନ୍ୟତମ ଉପମୁଖ୍ୟମନ୍ତ୍ରୀ ଅଜିତ୍ ପାୱାରଙ୍କୁ ମିଳିପାରେ। ମୁଖ୍ୟମନ୍ତ୍ରୀ ଏକନାଥ ଶିନ୍ଦେ ଓ ଉପମୁଖ୍ୟମନ୍ତ୍ରୀ ଫଡ୍‌ନବିସଙ୍କ ସହ ବୈଠକରେ ଅଜିତ ତାଙ୍କ ଦଳ ପାଇଁ ଗୁରୁତ୍ୱପୂର୍ଣ୍ଣ ବିଭାଗ ନିମନ୍ତେ ଲବି କରିଥିଲେ।



**ଦିଲ୍ଲୀରେ ବନ୍ୟା**

# ମେଟ୍ରୋ ସେବା ପ୍ରଭାବିତ, ଶିକ୍ଷାନୁଷ୍ଠାନ ବନ୍ଦ



ଯମୁନା ନଦୀ ବନ୍ୟାଜଳରେ ଦିଲ୍ଲୀ ରାସ୍ତା ଜଳାର୍ଣ୍ଣବ। ଉଦ୍ଧାର କାର୍ଯ୍ୟରେ ଏନ୍‌ଡିଆର୍‌ଏଫ୍ ଟିମ୍। (ଫଟୋ: ଚମନ ଗୌତମ)

**ନୂଆଦିଲ୍ଲୀ, ୧୩।୭**

ଯମୁନା ନଦୀ ଜଳସ୍ତର ବୁଧବାର ରାତିରେ ଅଧିକ ବଢ଼ିବା ଫଳରେ ଦିଲ୍ଲୀରେ ବନ୍ୟା ସ୍ଥିତି ସୃଷ୍ଟି ହୋଇଛି। ଖାଲୁଆ ଅଞ୍ଚଳଗୁଡ଼ିକରେ ଲୋକଙ୍କ ଘରେ ପାଣି ପଶିଯାଇଛି। ରାସ୍ତାଘାଟ ପାଣିରେ ବୁଡ଼ିରହିଥିବାରୁ ପରିବହନ ସେବା ଗୁରୁତର ବାଧାପ୍ରାପ୍ତ ହୋଇଛି। ବନ୍ୟାରେ ଦିଲ୍ଲୀର ୬ଟି ଜିଲା ପ୍ରଭାବିତ ହୋଇଛି। ବନ୍ୟାସ୍ଥିତି ଯୋଗୁ ଲାଲ୍ କିଲ୍ଲାକୁ ଗୁରୁବାର ମଧ୍ୟାହ୍ନରୁ ଶୁକ୍ରବାର ପର୍ଯ୍ୟନ୍ତ ପର୍ଯ୍ୟଟକଙ୍କ ପାଇଁ ବନ୍ଦ ଘୋଷଣା କରାଯାଇଛି। ହରିୟାଣାର ହାଥନିକୁଣ୍ଡ ବ୍ୟାରେଜ୍‌ରୁ କ୍ରମାଗତ ଜଳ ନିଷ୍କାସନ ଯୋଗୁ ଗୁରୁବାର ଅପରାହ୍ନରେ ଯମୁନା ନଦୀର ଜଳସ୍ତର ୨୦୮.୬୨ ମିଟରରେ ପହଞ୍ଚିଛି। ବର୍ତ୍ତମାନ ବିପଦ ସଙ୍କେତର ୩ ମିଟରରୁ ଅଧିକ ଉଚ୍ଚରେ ଜଳ ପ୍ରବାହିତ ହେଉଛି। ହରିୟାଣା ଜଳ ଛାଡ଼ିବା ବନ୍ଦ କରିବାକୁ କେନ୍ଦ୍ର ସରକାର ହସ୍ତକ୍ଷେପ ନିଅନ୍ତୁ ବୋଲି ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ ନିବେଦନ କରିଛନ୍ତି। ହିମାଚଳପ୍ରଦେଶରେ ପ୍ରବଳ ବର୍ଷା ଯୋଗୁ ହରିୟାଣା ବ୍ୟାରେଜ୍ ଭର୍ତ୍ତି ହୋଇଯାଇଛି। ନଦୀଜଳ ଜନବସତି ଅଞ୍ଚଳକୁ ଆସିଯିବାରୁ ଦିଲ୍ଲୀର ସିଭିଲ ଲାଇନ୍ ଅଞ୍ଚଳ ଜଳାର୍ଣ୍ଣବ ହୋଇଯାଇଛି। ମୁଖ୍ୟମନ୍ତ୍ରୀ କେଜ୍‌ରିୱାଲ ଏବଂ ଦିଲ୍ଲୀ ବିଧାନସଭାଠାରୁ ୩୫୦ ମିଟର ଦୂରରେ ବନ୍ୟାଜଳ ରହିଛି। ବନ୍ୟାପାଣି ଯୋଗୁ ଆଉଟର ରିଙ୍ଗ୍ ରୋଡ୍ ସମେତ ବହୁ ରାସ୍ତାରେ ଗାଡ଼ି ଚଳାଚଳ ବାଧାପ୍ରାପ୍ତ ହୋଇ ଟ୍ରାଫିକ୍ ଜାମ୍ ସମସ୍ୟା ସୃଷ୍ଟି ହୋଇଛି। ମେଟ୍ରୋ ସେବା ପ୍ରଭାବିତ ହୋଇଥିବାବେଳେ ବ୍ଲୁ ଲାଇନରେ ପାଣି ଜମିରହିବାରୁ ଯମୁନାକୂଳ ମେଟ୍ରୋ ଷ୍ଟେଶନକୁ ବନ୍ଦ କରିଦିଆଯାଇଛି। ବନ୍ୟାସ୍ଥିତିର ମୁକାବିଲା ଲାଗି ୧୬ଟି ଏନ୍‌ଡିଆର୍‌ଏଫ୍ ଟିମ୍‌କୁ ମୁତୟନ କରାଯାଇଛି। ଶୁକ୍ରବାର ସକାଳକୁ ସ୍ଥିତିରେ ଉନ୍ନତି ଆସିବ ବୋଲି ଆଶା କରାଯାଉଛି। ପୂର୍ବ ଏବଂ ଉତ୍ତରପୂର୍ବ ଦିଲ୍ଲୀରେ ୩ଟି ଲେଖାଏ ଟିମ୍‌କୁ ନିୟୋଜିତ କରାଯାଇଥିବାବେଳେ ଦକ୍ଷିଣପୂର୍ବ ଦିଲ୍ଲୀରେ ୫, କେନ୍ଦ୍ରୀୟ ଦିଲ୍ଲୀରେ ୪ ଏବଂ ଶହଦରା ଅଞ୍ଚଳରେ ଗୋଟିଏ ଟିମ୍ ମୁତୟନ ରହିଛି।

ଦିଲ୍ଲୀ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷଙ୍କ ସହ ଆଲୋଚନା ପରେ ରବିବାର ପର୍ଯ୍ୟନ୍ତ ସ୍କୁଲ୍ କଲେଜ ବନ୍ଦ ରଖିବାକୁ ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି। ଜରୁରୀ ସେବାରେ ନ ଥିବା ସରକାରୀ କର୍ମଚାରୀ ଓ ଘରୋଇ କର୍ମଚାରୀମାନଙ୍କୁ ଘରେ ରହି କାମ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ବନ୍ୟାପାଣି ମାଡ଼ିଯାଇଥିବା ଅଞ୍ଚଳରୁ ଲୋକମାନଙ୍କୁ ବୋଟ୍ ଯୋଗେ ଉଦ୍ଧାର କରାଯାଉଛି। ଉଦ୍ଧାର କାର୍ଯ୍ୟରେ ସହଯୋଗ ଲାଗି ମୁଖ୍ୟମନ୍ତ୍ରୀ ଜନସାଧାରଣଙ୍କୁ ନିବେଦନ କରିଛନ୍ତି। ରେଳ ଲାଇନ ପାଣିରେ ବୁଡ଼ିଥିବାରୁ ୩୦୦ରୁ ଊର୍ଦ୍ଧ୍ୱ ମେଲ୍ ଓ ଏକ୍ସପ୍ରେସ୍ ଟ୍ରେନ୍ ଏବଂ ୪୦୬ ପାସେଞ୍ଜର ଟ୍ରେନ୍‌କୁ ୧୫ ତାରିଖ ପର୍ଯ୍ୟନ୍ତ ବାତିଲ କରାଯାଇଛି।

## ମଣିପୁର ହିଂସା ବନ୍ଦ ଲାଗି ୟୁରୋପୀୟ ପାର୍ଲାମେଣ୍ଟରେ ପ୍ରସ୍ତାବ ଗୃହୀତ

**ନୂଆଦିଲ୍ଲୀ, ୧୩।୭**

ମଣିପୁର ହିଂସା ବନ୍ଦ ସାଙ୍ଗକୁ ଧର୍ମୀୟ ସଂଖ୍ୟାଲଘୁ ବିଶେଷ କରି ଖ୍ରୀଷ୍ଟିୟାନମାନଙ୍କ ସୁରକ୍ଷା ଲାଗି ଭାରତ ସରକାର ସମସ୍ତ ଆବଶ୍ୟକ ପଦକ୍ଷେପ ନେବାକୁ ଆହ୍ୱାନ ଦେଇ ୟୁରୋପୀୟ ପାର୍ଲାମେଣ୍ଟରେ ଗୁରୁବାର ପ୍ରସ୍ତାବ ଗୃହୀତ ହୋଇଛି। ୫ ରାଜନୈତିକ ସଂଗଠନ ପକ୍ଷରୁ ୟୁରୋପୀୟ ପାର୍ଲାମେଣ୍ଟରେ ପ୍ରସ୍ତାବ ଅଣାଯାଇଥିଲା। ମଣିପୁର ଜାତିଆଣ ସଂଘର୍ଷରେ ୧୨୦ ଲୋକଙ୍କ ଜୀବନ ଯିବା ଓ ୫୦ ହଜାର ଲୋକ ଘରଦ୍ୱାର ଛାଡ଼ି ଅନ୍ୟତ୍ର ଆଶ୍ରୟ ନେବା ଘଟଣାରେ ଉଦ୍‌ବେଗ ପ୍ରକାଶ କରାଯାଇଥିଲା। ଭାରତର ଆଭ୍ୟନ୍ତରୀଣ ମାମଲାରେ ୟୁରୋପୀୟ ପାର୍ଲାମେଣ୍ଟର ହସ୍ତକ୍ଷେପ ଗ୍ରହଣୀୟ ନୁହେଁ ବୋଲି ନୂଆଦିଲ୍ଲୀ ପକ୍ଷରୁ କୁହାଯାଇଛି। ଏଥିରୁ ଉପନିବେଶୀୟ ମାନସିକତା ପ୍ରତିଫଳିତ ହେଉଥିବା ଭାରତର ବହିର୍ବ୍ୟାପାର ମନ୍ତ୍ରଣାଳୟ ମୁଖପାତ୍ର ଅରିନ୍ଦମ ବାଗ୍‌ଚୀ କହିଛନ୍ତି।



# ‘ବୈଜ୍ଞାନିକ ଗବେଷଣାକୁ ମାରିଦେଲେଣି ମୋଦି’



**୩ ମାସ ଧରି ଗବେଷକଙ୍କୁ ଦେଇନାହାନ୍ତି ଅନୁଦାନ: ଖାର୍ଗେ**

ନୂଆଦିଲ୍ଲୀ,୧୩।୭: ଦେଶରେ ମୋଦି ସରକାର ବୈଜ୍ଞାନିକ ଗବେଷଣାକୁ ମାରିଦେଲେଣି ବୋଲି କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ୍ ଖାର୍ଗେ କହିଛନ୍ତି। ଚଳିତ ଆର୍ଥିକ ବର୍ଷରେ ଦେଶର ବହୁ ଗବେଷଣା ଅନୁଷ୍ଠାନକୁ ସରକାରଙ୍କ ତରଫରୁ କୌଣସି ଅନୁଦାନ ମିଳିନାହିଁ। ବର୍ତ୍ତମାନ ସୁଦ୍ଧା ସେମାନେ ସରକାରଙ୍କଠାରୁ ମିଳିବାକୁ ଥିବା ଅର୍ଥ ଅପେକ୍ଷାରେ ଚାହିଁ ବସିଥିବା ଖାର୍ଗେ ଏକ ଟୁଇଟ୍ ଶେୟାର କରି କହିଛନ୍ତି। ଗୋଟିଏ ପଟେ କେନ୍ଦ୍ର ସରକାର ନ୍ୟାଶନାଲ ରିସର୍ଚ୍ଚ ଫାଉଣ୍ଡେଶନ୍ (ଏନ୍‌ଆର୍‌ଏଫ୍)ର ଉନ୍ନତୀକରଣ କରିବା ନେଇ ପ୍ରତିଶ୍ରୁତି ଦେଉଥିବାବେଳେ ୩ ମାସ ଧରି ରିସର୍ଚ୍ଚ ପ୍ରୋଜେକ୍ଟ ଷ୍ଟାଫ୍‌ମାନଙ୍କୁ ସରକାରଙ୍କ ତରଫରୁ କୌଣସି ଅନୁଦାନ ମିଳି ନାହିଁ। ଅନ୍ୟପକ୍ଷେ ଅର୍ଥାଭାବ ଯୋଗୁ ରିସର୍ଚ୍ଚ ସମ୍ବନ୍ଧୀୟ କିଣାକିଣି ମଧ୍ୟ ଅଟକି ରହିଛି ବୋଲି ଖାର୍ଗେ କହିଛନ୍ତି। ୨୦୨୩ ଆର୍ଥିକ ବର୍ଷରେ ସାଇଣ୍ଟିଫିକ୍ ରିସର୍ଚ୍ଚ କ୍ଷେତ୍ରରେ ସରକାର ୬.୮% ଅନୁଦାନ ରାଶି କମାଇଦେଇଛନ୍ତି। ରିସର୍ଚ୍ଚ ପାଇଁ ସରକାରଙ୍କ ତରଫରୁ ଆବଶ୍ୟକ ଅନୁଦାନ ରାଶି ନ ମିଳିବାରୁ ୨୦୧୭ରେ ୨୭ ସହରରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ମୋଦି ଜୟ ବିଜ୍ଞାନ, ଜୟ ଅନୁସନ୍ଧାନର ନାରା ଦେଇଥିବାବେଳେ ତାଙ୍କ ସରକାର ଦେଶରେ ପରାଜୟ ବିଜ୍ଞାନ, ପରାଜୟ ଅନୁସନ୍ଧାନ କରିବାକୁ ଚାହୁଁଛନ୍ତି। ଅନ୍ୟପକ୍ଷେ କେନ୍ଦ୍ର ସରକାର ନୂଆ ସ୍ଲୋଗାନ୍ ‘କମ୍ ଅର୍ଥରେ ଅଧିକ ଗବେଷଣା’ ବାହାର କରିଥିବା କଂଗ୍ରେସର ବରିଷ୍ଠ ନେତା ପି. ଚିଦାମ୍ବରମ କଟାକ୍ଷ କରି କହିଛନ୍ତି। ଗବେଷଣା ପାଇଁ ସିନିୟର ବୈଜ୍ଞାନିକ ଏସ୍.ସି. ଲାଖୋଟିଆ ନିଜ ହାତରୁ ଅନ୍ୟ କର୍ମଚାରୀଙ୍କୁ ଟଙ୍କା ଦେଉଥିବା ଖାର୍ଗେ ପ୍ରକାଶ କରିଛନ୍ତି।

## ଶିଶୁକୁ ଝୁଣି ମାରିଦେଲା ବୁଲା କୁକୁର

**ରାଜକୋଟ, ୧୩।୭**

ଗୁଜରାଟର ମୋର୍ବି ଜିଲାରେ ଅଢ଼େଇ ବର୍ଷର ଶିଶୁ ସୋହନ ଡାମୋରଙ୍କୁ ଏକ ବୁଲା କୁକୁର ଝୁଣି ମାରିଦେଇଛି। ପିଲାର ମାଆବାପା ମୋଟେଲ ଗ୍ରାମର ସେରାମିକ ଫ୍ୟାକ୍ଟ୍ରିରେ ଶ୍ରମିକ ଭାବେ କାର୍ଯ୍ୟ କରୁଥିବାବେଳେ ପିଲାଟି କାରଖାନା ବାହାରେ ଖେଳୁଥିଲା। ଏହି ସମୟରେ କୁକୁର ଆକ୍ରମଣରେ ତା’ର ମୃତ୍ୟୁ ଘଟିଛି। ସେହିପରି ଜାମନଗରର ଜୋଡ଼ିୟା ସହରରେ ଷଣ୍ଢ ଆକ୍ରମଣରେ ଗୁରୁତର ଆହତ ୭୧ ବର୍ଷୀୟ ଗୋପାଳ ଡାଭେଙ୍କର ବୁଧବାର ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ହୋଇଛି।

## ପୂର୍ବତନ ଏମ୍‌ପି, ସଚିବ ଦୋଷୀ

**କୋଇଲା ଦୁର୍ନୀତି ମାମଲା**

**ନୂଆଦିଲ୍ଲୀ, ୧୩।୭**

ଛତିଶଗଡ଼ରେ କୋଇଲା ବ୍ଲକ୍ ଆବଣ୍ଟନରେ ଅନିୟମିତତା ମାମଲାରେ ଦିଲ୍ଲୀର ଏକ ସ୍ୱତନ୍ତ୍ର ଅଦାଲତ ପୂର୍ବତନ ରାଜ୍ୟ ସଭା ସଦସ୍ୟ ବିଜୟ ଦର୍ଦା, ପୂର୍ବତନ କୋଇଲା ସଚିବ ଏଚ୍.ସି. ଗୁପ୍ତା ଓ ଅନ୍ୟ ୭ ଜଣଙ୍କୁ ଗୁରୁବାର ଦୋଷୀସାବ୍ୟସ୍ତ କରିଛନ୍ତି। କୋଇଲା ଦୁର୍ନୀତି ମାମଲାରେ ଏହା ୧୩ତମ ଦୋଷୀସାବ୍ୟସ୍ତ। ସ୍ୱତନ୍ତ୍ର ବିଚାରପତି ସଞ୍ଜୟ ବଂଶଲ ଏହି ରାୟ ପ୍ରଦାନ କରିଛନ୍ତି। ଦୋଷୀସାବ୍ୟସ୍ତ ହୋଇଥିବା ଅନ୍ୟ ଅଭିଯୁକ୍ତଙ୍କ ମଧ୍ୟରେ ଅଛନ୍ତି ଦାର୍ଦାଙ୍କ ପୁଅ ଦେବେନ୍ଦ୍ର ଦର୍ଦା, ଦୁଇ ବରିଷ୍ଠ ପ୍ରଶାସନିକ ଅଧିକାରୀ କେ.ଏସ୍. କ୍ରୋଫା ଏବଂ କେ.ସି. ସମ୍ରିଆ, ଜେଏଲ୍‌ଡି ୟାଭାତମାଲ ଏନର୍ଜି ପ୍ରା.ଲିଃ ଏବଂ ଏହାର ନିର୍ଦ୍ଦେଶକ ମନୋଜ କୁମାର ଜୟସ୍ୱାଲ। ଆସନ୍ତା ୧୮ରେ ଅଦାଲତ ଦଣ୍ଡାଦେଶ ଶୁଣାଇବେ।

# ଟମାଟୋ ପାଇଁ ଘର ଛାଡ଼ିଲେ ସ୍ତ୍ରୀ

**ଭୋପାଳ, ୧୩।୭**



ଟମାଟୋ ଦର ବର୍ତ୍ତମାନ ଆକାଶଛୁଆଁ। ନିମ୍ନମଧ୍ୟବିତ୍ତ ପରିବାରଗୁଡ଼ିକ ପାଇଁ ରୋଷେଇରେ ଟମାଟୋ ବ୍ୟବହାର କରିବା ସ୍ୱପ୍ନ ପାଲଟିଯାଇଛି। ଏବେର ଦାମୀ ପରିବା ଟମାଟୋକୁ ନେଇ ମଧ୍ୟପ୍ରଦେଶ ଶାହଡୋଲରୁ ଏକ ଅଜବ ଘଟଣା ସାମ୍ନାକୁ ଆସିଛି। ସ୍ତ୍ରୀଙ୍କ ବିନା ଅନୁମତିରେ ସ୍ୱାମୀ ରୋଷେଇରେ ଟମାଟୋ ବ୍ୟବହାର କରିବା ଯୋଗୁ ସ୍ତ୍ରୀ ଘର ଛାଡ଼ି ପଳାଇଛନ୍ତି। ଏବେ ସ୍ତ୍ରୀଙ୍କୁ ଘରକୁ ଫେରାଇ ଆଣିବା ପାଇଁ ସନ୍ଦିପ ଥାନାର ଦ୍ୱାରସ୍ଥ ହୋଇଛନ୍ତି। ସନ୍ଦିପ ବର୍ମନ୍, ପେସାରେ ଜଣେ ହୋଟେଲ ବ୍ୟବସାୟୀ। ତିନିଦିନ ପୂର୍ବେ ସନ୍ଦିପ, ଆରତୀଙ୍କୁ ନ ପଚାରି ଘରେ ଥିବା ୨ଟି ଟମାଟୋ ରୋଷେଇରେ ବ୍ୟବହାର କରିଦେଇଥିଲେ। ଏହାକୁ ନେଇ ଦୁହିଁଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ସ୍ୱାମୀଙ୍କ ଉପରେ ରାଗିଥିବା ଆରତୀ ଝିଅକୁ ନେଇ ଘରଛାଡ଼ି ପଳାଇଥିଲେ। ୩ଦିନ ପର୍ଯ୍ୟନ୍ତ ଆଖପାଖ ଅଞ୍ଚଳରେ ଖୋଜାଖୋଜି କରିବା ପରେ ଆରତୀଙ୍କର କୌଣସି ପତ୍ତା ମିଳି ନ ଥିଲା। ଶେଷରେ ସନ୍ଦିପ ନିକଟସ୍ଥ ଥାନାରେ ଅଭିଯୋଗ କରିଛନ୍ତି। ସ୍ୱାମୀଙ୍କ ଉପରେ ରାଗି ଆରତୀ ଉମାରିଆସ୍ଥିତ ତାଙ୍କ ଭଉଣୀ ଘରକୁ ଯାଇଥିବା ଧନପୁରି ଥାନା ଷ୍ଟେଶନ ହାଉସ୍ ଅଫିସର ସଞ୍ଜୟ ଜୟସ୍ୱାଲ କହିଛନ୍ତି। ପୋଲିସର ହସ୍ତକ୍ଷେପ ପରେ ସନ୍ଦିପ ଓ ଆରତୀ ଫୋନ୍‌ରେ କଥା ହୋଇଛନ୍ତି। ଖୁବ୍‌ଶୀଘ୍ର ସେ ଘରକୁ ଫେରିବେ ବୋଲି ପୋଲିସ କହିଛି। ଅନେକ ସ୍ଥାନରେ ଟମାଟୋ କିଲୋପ୍ରତି ୧୨୦ରୁ ଊର୍ଦ୍ଧ୍ୱ ଟଙ୍କା ଥିବାବେଳେ ଆଉ କିଛି ସ୍ଥାନରେ ୨୫୦ ଟଙ୍କା ପାର୍ କରିଛି। ଟମାଟୋ ଦରକୁ ନେଇ ଲୋକଙ୍କ ମଧ୍ୟରେ ଦେଖାଯାଉଥିବା ଅସନ୍ତୋଷକୁ ଦୂର କରିବା ପାଇଁ କମ୍ ଦରରେ କଣ୍ଟ୍ରୋଲ ଦୋକାନଗୁଡ଼ିକରେ ଟମାଟୋ ବିକ୍ରି କରିବା ଲାଗି ସରକାର ନିଷ୍ପତ୍ତି ନେଇଛନ୍ତି।


CHIEF DISTRICT MEDICAL & PUBLIC HEALTH OFFICER, KEONJHAR
(ZILLA SWASTHYA SAMITI (ZSS), KEONJHAR)
Advt. Letter No. 3227 Date: 12.07.2023
REQUEST FOR PROPOSAL (RFP) FOR OUTSOURCING OF BMW MANAGEMENT SERVICES AT DIFFERENT HEALTH INSTITUTIONS (DHH, SDH, CHC, PHC, HWC-SC) OF KEONJHAR DISTRICT
No. E-257: A Reqeust for Proposal (RFP) is invited from the reputed and experienced Partnership Firm/Trust/Society/Company for "RFP for outsourcing of BMW Management Servies at different health Institutions (DHH, SDH, CHC, PHC, HWC-SC) of Keonjhar district". The eligibility criteria and detailed requirement for said RFP and the formats for submissiopn of proposal are set forth in the RFP document which can be downloaded from the district NIC website i.e. **www.kendujhar.nic.in**. Interested bidders fulfilling the eligibilty criteria may submit their proposal & documents as set forth in this RFP and submit to the undersigned in sealed envelope (s) clearly superscribing "RFP for Outsourcing BMW Management services at different health institutions of Keonjhar distirct". Proposal(s) complete in all respect should reach the Office of the CDM & PHO Keonjhar - 758001 by Speed Post/Regd. Post only on or before Dt.29.07.2023 till 5.00 P.M. The proposal(s) shall be opened on Dt.31.07.2023 at 11.00 A.M. in DTU Mini Conference Hall, DHH, Keonjhar. Incomplete applications received in an open envelope/applications received after the due date will be summarily rejected.
The authority reserves the right cancel or reject the any or all RFP without assigning any reason thereof. No personal query shall be entertained. The decision of the committee will be treated as final.
Sd./- Chief District Medical & Public Health Officer, Keonjhar
OIPR-10033/11/0017/2324



ODISHA PUBLIC SERVICE COMMISSION, CUTTACK
NOTICE
No. 5615/PSC Dt.13.07.2023
1E-06-2023/24 (DR-III)
No. D-82: It is for information of all concerned that the written examination for Special Drive recruitment for SC & ST candidates to the posts of Public Prosecutor (Group - A) in the Odisha State Prosecution Service, pursuant to Advt. No. 10 of 2022-23 shall be held on 26.08.2023 (2nd Sitting) & 27.08.2023 (Two Sittings). The details shall be notified in due course.
The candidates are advised to visit the website of the Commission **http://www.opsc.gov.in** from time to time for further information.
OIPR-12002/11/0059/2324 Sd./- Secretary



ପୂର୍ବ ତଟ ରେଳପଥ
ଇ-ଟେଣ୍ଡର ବିଜ୍ଞପ୍ତି ସଂ. ST-SBP-TENDER-2023-22, ତା.07.07.2023ରିଖ
କାର୍ଯ୍ୟର ନାମ : ପୂର୍ବ ତଟ ରେଳପଥରେ ସମ୍ବଲପୁର ମଣ୍ଡଳର ବରଗଡ଼ ରୋଡ୍, କେସିଙ୍ଗା ଏବଂ କଣ୍ଟାବାଞ୍ଜି ଷ୍ଟେସନ ଠାରେ ସମନ୍ୱିତ ଜରୁରୀକାଳୀନ ପ୍ରତିକ୍ରିୟା ପ୍ରବନ୍ଧନ ପ୍ରଣାଳୀ (ଭିଡିଓ ନିରୀକ୍ଷଣ ପ୍ରଣାଳୀ)ର ବ୍ୟବସ୍ଥା।
ଟେଣ୍ଡର ମୂଲ୍ୟ : ₹ 79,41,621.30, EMD : ₹ 1,58,800/-
ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.31.07.2023ରିଖ 1100 ଘଟିକାରେ।
ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ / କୋରିୟର / ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ **http://www.ireps.gov.in** ରେ ଉପଲବ୍ଧ ଅଟେ।
ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ / ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 (ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।
ମଣ୍ଡଳ ସଙ୍କେତ ଏବଂ ଦୂରସଞ୍ଚାର ଯନ୍ତ୍ରୀ (ସଙ୍କେତ), ସମ୍ବଲପୁର
PR-341/O/23-24



GOVERNMENT OF ODISHA
OFFICE OF THE CHIEF CONSTRUCTION ENGINEER KEONJHAR (R&B) CIRCLE, KEONJHAR
No. 3502 Date: 13.07.2023
INVITATIONS FOR BIDS (IFB)
1st Corrigendum to Bid Identification No. C.C.E.K.C., Keonjhar No. 13/2023-24
No. B-479: The following changes are made to the works invited vide Bid Identification No. C.C.E.K.C., Keonjhar No. 13/2023-24 vide Letter No. 3399 Dt.10.07.2023.
1. The bid documents in the website **www.tendersodisha.gov.in** will be available in the website from 11.00 hours of 15.07.2023 to 16.00 hours of 27.07.2023 for online bidding.
2. Bids shall be received only on "Online" on or before 16.00 hours of 27.07.2023.
3. Bids received "Online" shall be opened at 11.30 hours on 29.07.2023 in the Office of the Chief Construction Engineer, Keonjhar (R&B) Circle, Keonjhar.
4. If the office happens to be closed on the stipulated date of opening of Bids as specified, the bids will be opened on the next working day at the same time and venue.
All other terms & conditions remained unchanged.
Sd./- Chief Construction Engineer Keonjhar (R&B) Circle, Keonjhar
OIPR-34033/11/0026/2324



ODISHA COOPERATIVE TASAR & SILK FEDERATION LTD. (SERIFED)
Sahid Nagar, Janpath, Bhubaneswar-751007, Tel : 0674-2545586 / 2545852 (O), E-mail: serifedodisha@gmail.com, Website: www.serifedodisha.in
BID IDENTIFICATION NO:- VI-46(02)/SERIFED/2023-24/1456 / DT.13.07.2023
TENDER CALL NOTICE
The MANAGING DIRECTOR (SERIFED), Odisha, Bhubaneswar invites sealed tenders in single cover bids from the registered contractors for 02 no of works at Bhubaneswar. The bid documents such as DTCN/BOQ etc. can be seen / downloaded from the website: **www.serifedodisha.in**. during the period **dt. 15.07.2023** to **5.00 PM** up to **21.07.2023**. Tender shall be received till **5.00 PM** on **21.07.2023** & shall beopened at **11.30 AM** on **24.07.2023**. Any addendum / corrigendum / cancellation of tender can also be seen in the said website.
Sd/- MANAGING DIRECTOR



ମୁଖ୍ୟ ନିର୍ମାଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ, ଗ୍ରାମ୍ୟ ନିର୍ମାଣ ମଣ୍ଡଳ, ବ୍ରହ୍ମପୁର
OFFICE OF THE CHIEF CONSTRUCTION ENGINEER, RURAL WORKS CIRCLE, BERHAMPUR
At: Ambapua, P.O.- Engineering School, Near Income Tax Office, Berhampur - 760011
(E-Mail: serwbpr2004@yahoo.com, Tel/Fax: 0680-2404287)
No. e-Tender//2992//RWC//BAM//Dated: 13.07.2023
1st Corrigendum to Bid Identification No. Online Tender/13-2023-24/BPR
No. O-374: The partial modification of Road works under CUVDA vide above identification has been made as follows:

| | | | |
|---|---|---|---|
| 1 | Last date of availability of tender | : | 31.07.2023 upto 3.00 P.M. instead of 18.07.2023 at 3.00 P.M. |
| 2 | Last date & time of seeking tender clarification | : | 29.07.2023 at 2.00 P.M. instead of 15.07.2023 at 2.00 P.M. |
| 3 | Date of opening of Technical Bid | : | 01.08.2023 at 11.00 A.M. instead of 19.07.2023 at 11.00 A.M. |
| 4 | Date of Opening of Financial Bid | : | Will be intimated later on |

All other contents will remain unchanged.
OIPR-25071/11/0018/2324 Sd./- Chief Construction Engineer, R.W. Circle, Berhampur



O/O CHIEF DISTRICT MEDICAL & PUBLIC HEALTH OFFICER
DISTRICT PROGRAMME MANAGEMENT UNIT
NATIONAL HEALTH MISSION, NABARANGPUR
e-mail- dhionab@gmail.com (06858-222057)
Tender No.: 462/NHM/NGP Date: 12.07.2023
Sealed tenders are invited from registered, reputed and experienced Agencies / Firms/ Individuals for providing the following requirements under Six (06) categories. **A) All type of Printing Works, FY 23-24. B) Supply of Food FY 23-24. C) Supply of Office Stationeries FY 23-24. D) Parivar Kalyan Sachetan Rath- FP IEC Van**. Bidders may send their complete bid in double cover system (**Technical & Financial**). Bidders may apply for all or any of the above categories in separate envelopes only. Combined bids will not be considered. Category of supply must be superscribed in the top of the Bid envelope and addressing clearly to the CDM&PHO, Nabarangpur. Tender documents is to be downloaded from the District Website **www.nabarangpur.nic.in**. Last date for receipt of tender documents is 03.08.2023 by 5.00 P.M. only through Speed Post / Regd Post / Courier only and the bids, so received will be opened on 04.08.2023 at 11.30 A.M. in the office chamber of the CDM&PHO, Nabarangpur. Incomplete and late receipt bids will be summarily rejected. The undersigned reserves the right to cancel all or any of the bids without assigning any reason thereof.
Sd./- CDM & PHO cum District Mission Director NHM, Nabarangpur



IN THE COURT OF JRCS (CREDIT) No.LL-38
OFFICE OF THE REGISTRAR OF CO-OPERATIVE SOCIETIES, ODISHA, BHUBANESWAR
Misc Case No. 01 / 2007
Arising out of DISPUTE CASE NO.-69/2002
IN THE MATTER OF:
MANAGING DIRECTOR,
ODISHA STATE COOPERATIVE BANK LTD.................................Petitioner
-:Vrs:-
**Hadibandhu Naik & others** .................................Opp. party(s)
NOTICE
No.10089 Legal- I (D) Dated: 29.05.2023
To,
1. **Hadibandhu Naik**, S/o- Late Tirtha Naik, At present working as S.S.W, Grade-II, NALCO Bhawan, P/1, Nayapalli, Bhubaneswar-15, Dist.- Khordha.
2. **Sarat Chandra Rout**, Corporate Office, NALCO Bhawan, P/1, Nayapalli, Bhubaneswar-15, Dist.- Khordha.
3. **Dillip Kumar Haldar**, Corporate Office, NALCO Bhawan, P/1, Nayapalli, Bhubaneswar- 15, Dist.- Khordha.
Whereas the Odisha State Co-operative Bank Ltd. has preferred the Misc. case to set aside the order dated 08.12.2006 and restore the Dispute Case No.69/2002.
Whereas notice issued you by R.P. with A.D. returned un-served.
Now therefore, take notice through this publication to appear before the Court of JRCS (Credit), Office of the RCS, Odisha, Bhubaneswar at 7th Floor, Heads of Department Building, Bhubaneswar- 1 on 29.07.2023 at 11 A.M. to defend the case failing which the matter shall be decided on merit as per law.
By Order of the Court
Sub - Asst. Registrar Co-operative Societies, (Legal)

IN THE COURT OF JRCS (CREDIT)
OFFICE OF THE REGISTRAR OF CO-OPERATIVE SOCIETIES, ODISHA, BHUBANESWAR
Misc Case No. 02 / 2007
Arising out of DISPUTE CASE NO.-74/2002
IN THE MATTER OF:
MANAGING DIRECTOR,
ODISHA STATE COOPERATIVE BANK LTD.................................Petitioner
-:Vrs:-
**Sadhana Das & others** .................................Opp. party(s)
NOTICE
No.10091 Legal- I (D) Dated: 29.05.2023
To,
1. **Sadhana Das**, W/o-Anil Kumar Jaiswal, At/ P.O./ P.S.-Similiguda, Dist.-Koraput at present Plot No.-530, Chandrasekharpur, Bhubaneswar-16, Dist.-Khordha.
2. **B. Tripathy**, Chief Regional Manager, Lions Finance Corporation, Regional Office, At- A-07, Sector-J, Aliganj, Lucknow (Employer)
3. **Anil Kumar Jaiswal**, Plot No.- 530, Chandrasekharpur, Bhubaneswar-16, Dist.-Khordha.
4. **Markanda Giri**, HIG-159, Phase-I, Kananbihar, Patia, Bhubaneswar-31, Dist.-Khordha.
Whereas the Odisha State Co-operative Bank Ltd. has preferred the Misc. case to set aside the order dated 08.12.2006 and restore the Dispute Case No.74/2002.
Whereas notice issued you by R.P. with A.D. returned un-served.
Now therefore, take notice through this publication to appear before the Court of JRCS (Credit), Office of the RCS, Odisha, Bhubaneswar at 7th Floor, Heads of Department Building, Bhubaneswar- 1 on 29.07.2023 at 11 A.M. to defend the case failing which the matter shall be decided on merit as per law.
By Order of the Court
Sub - Asst. Registrar Co-operative Societies, (Legal)
OIPR-39012/11/0010/2324

## ସଂକ୍ଷେପରେ

### ମାର୍କଶିଟ୍ ଜାଲିଆତି କରି ଚାକିରି କରିବା ଅଭିଯୋଗ

#### ଶିକ୍ଷକଙ୍କ ନାମରେ ବାଙ୍କୀ ଥାନାରେ ଏତଲା

ବାଙ୍କୀ,୧୩।୭(ଜ୍ଞାନେନ୍ଦ୍ର ମୋହନ ମିଶ୍ର)- ଡମପଡ଼ା ବ୍ଲକ ଅନ୍ତର୍ଗତ ସରକାରୀ ଶିଶୁଆ ପ୍ରାଇମେରୀ ସ୍କୁଲର ଶିକ୍ଷକ ବଳରାମ ପାଇକରାୟଙ୍କ ନାମରେ ଜାଲିଆତି ଅଭିଯୋଗ ହୋଇଥିଲା। ସେ ସ୍ନାତକ ପରୀକ୍ଷାର ମାର୍କଶିଟ୍‌ରେ ଜାଲିଆତି କରି ଚାକିରି କରିଥିବା ନେଇ ଅଭିଯୋଗ ଉଲ୍ଲେଖ କରାଯାଇଥିଲା। କଟକ ଡିପିସିଙ୍କ ଚିଠି ନମ୍ବର. ୨୩୫୦ ତା. ୧୦।୭।୨୩ରିଖ ଅନୁସାରେ ଡମପଡ଼ା ବ୍ଲକ ଶିକ୍ଷାଧିକାରୀ ନରେନ୍ଦ୍ର କୁମାର ବେହେରା ଗୁରୁବାର ପାଇକରାୟଙ୍କ ନାମରେ ବାଙ୍କୀ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ଥାନାରେ କେସ୍ ନମ୍ବର(୨୪୨/୧୩-୭-୨୩) ରୁଜୁ କରାଯାଇ ତଦନ୍ତ ଚାଲୁ ରହିଛି।

### ପୋଖରୀରୁ ମିଳିଲା ଯୁବକଙ୍କ ମୃତଦେହ

ଟାଙ୍ଗୀ,୧୩।୭(ରଘୁନାଥ ସାହୁ): ଖୋର୍ଦ୍ଧା ଜିଲା ଟାଙ୍ଗୀ ଗ୍ରାମ ରତ୍ନମାଳି ସାହିରେ ଥିବା ଏକ ପୋଖରୀରୁ ଗୁରୁବାର ଟାଙ୍ଗୀ ଥାନା ପୋଲିସ ଜଣେ ଯୁବକଙ୍କ ମୃତଦେହ ଜବତ କରିଛି। ମୃତକ ହେଲେ ଅମରଜିତ୍ ପଟ୍ଟନାୟକ। ସୂଚନା ମୁତାବକ, ବୁଧବାର ଅମରଜିତ୍ ଗାମୁଛା ପିନ୍ଧି କେଉଁଆଡ଼େ ଯାଇଥିଲେ। ପରିବାର ଲୋକେ ଖୋଜାଖୋଜି କରିଥିଲେ ମଧ୍ୟ ତାଙ୍କ ସନ୍ଧାନ ପାଇ ନ ଥିଲେ। ଗୁରୁବାର ସକାଳେ ତାଙ୍କ ମୃତଦେହ ପୋଖରୀରେ ଭାସୁଥିବା ଦେଖିବାକୁ ମିଳିଥିଲା। ଖବରପାଇ ଟାଙ୍ଗୀ ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି ପୋଲିସ କହିଛି।

### ୧୮ରେ ବରୁଣେଇରେ ହେବ ପାଇକ ସମାବେଶ

ଖୋର୍ଦ୍ଧା,୧୩।୭(ପ୍ରଭାତ ପାଣିଗ୍ରାହୀ): ବରୁଣେଇ ପାହାଡ଼ ପାଦଦେଶରେ ପ୍ରସ୍ତାବିତ ପାଇକ ସ୍ମାରକୀ ନିର୍ମାଣ ବିଳମ୍ବ ନେଇ ପ୍ରତିବାଦ କରିଛି ଓଡ଼ିଶା ରାଜ୍ୟ ପାଇକ ଆଖଡ଼ା ମହାସଂଘ। ପାଇକ ବିଦ୍ରୋହକୁ ପ୍ରଥମ ସ୍ୱାଧୀନତା ସଂଗ୍ରାମ ମାନ୍ୟତା, ପାଇକ ରେଜିମେଣ୍ଟ ଗଠନ ଏବଂ ଭାରତ ବର୍ଷର ଶେଷ ସ୍ୱାଧୀନ ଦୁର୍ଗ ଖୋର୍ଦ୍ଧାଗଡ଼ର ପୁନରୁଦ୍ଧାର ଦାବିରେ ପୁଣି ଥରେ ବରୁଣେଇଠାରେ ଆସନ୍ତା ୧୮ତାରିଖରେ ପାଇକ ସମାବେଶ ଅନୁଷ୍ଠିତ ହେବ। ଉପରୋକ୍ତ ଦାବି ପୂରଣ ନେଇ ଦିଲ୍ଲୀ ଚଲୋ ନିମନ୍ତେ ରାଜ୍ୟସାରା ଜନଜାଗରଣ ପାଇଁ ଶୁଭାରମ୍ଭ କରାଯିବ ବୋଲି ଗୁରୁବାର ଏକ ଘରୋଇ କଲ୍ୟାଣ ମଣ୍ଡପଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ମହାସଂଘ ସମ୍ପାଦକ ତଥା ପୂର୍ବତନ ବିଧାୟକ ଦିଲ୍ଲୀପ ଶ୍ରୀଚନ୍ଦନ କହିଛନ୍ତି। ସେହିପରି ମହାସଂଘ ସଭାପତି ପ୍ରକାଶ ଶ୍ରୀଚନ୍ଦନ କହିଥିଲେ, ପାଇକ ସଂଗ୍ରାମକୁ ଯଥୋଚିତ ସମ୍ମାନ, ଏ ମାଟିର ଅସ୍ମିତାକୁ ବିଶ୍ୱ ଦରବାରରେ ସ୍ୱତନ୍ତ୍ର ପରିଚୟ, ପାଇକ ମାଟିର ଗର୍ବ ଓ ଗୌରବର ଗାଥାକୁ ଲୋକଲୋଚନକୁ ଆଣିବା ଲକ୍ଷ୍ୟ ରହିଛି। ସ୍ମାରକୀ ନିର୍ମାଣ କାର୍ଯ୍ୟକୁ ତ୍ୱରାନ୍ୱିତ ଲାଗି ଉଭୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ନିକଟକୁ ଚିଠି ଲେଖି ଅନୁରୋଧ କରାଯାଇଥିବା ସମ୍ପାଦକ ଶ୍ରୀଚନ୍ଦନ ସୂଚନା ଦେଇଛନ୍ତି।

# ଶ୍ରାବଣରେ ଫାଟିଲା ଭୂଇଁ: ମରୁଡ଼ି ଆଶଙ୍କା

- ମୌସୁମୀରେ ଅନିୟମିତତା ଚିନ୍ତାର କାରଣ ପାଲଟିଛି
- କେନାଲ ଶୁଖିଲା, ବିଲ ଫାଟି ଆଁ କଲାଣି
- ତଳି ପଡ଼ିଥିବା ବିହନ ନଷ୍ଟ ହେବାକୁ ବସିଲାଣି

ନିଶ୍ଚିନ୍ତକୋଇଲି, ୧୩।୭
(ଅଶୋକ କୁମାର ମହାପାତ୍ର)


ବର୍ଷା ଅଭାବରୁ ତଳିବିଲ ଫାଟି ଆଁ କରିଛି।

ଆଷାଢ଼ ଯାଇ ଶ୍ରାବଣ ହେଲାଣି ଏହାସତ୍ତ୍ୱେ ବର୍ଷା ହେଉନାହିଁ। ଫଳରେ ଜ୍ୟେଷ୍ଠ ଓ ଆଷାଢ଼ରୁ ପଡ଼ିଥିବା ତଳି ଏବେ ନଷ୍ଟ ହେବାକୁ ବସିଲାଣି। ଅପରପକ୍ଷେ କେନାଲରେ ପାଣି ଆସୁ ନ ଥିବାରୁ ଏପର୍ଯ୍ୟନ୍ତ ଚାଷ କାର୍ଯ୍ୟ ଆରମ୍ଭ ହୋଇପାରିନାହିଁ। ପାଣିର ଅଭାବ ଫଳରେ ଚଳିତ ଖରିଫ ଋତୁରେ ଚାଷ କାର୍ଯ୍ୟ ପ୍ରଭାବିତ ହୋଇଛି। ଫଳରେ ନିଶ୍ଚିନ୍ତକୋଇଲି ବ୍ଲକରେ ମରୁଡ଼ି ଆଶଙ୍କା ସୃଷ୍ଟି ହୋଇଛି। ଅନେକ ସମୟରେ କଳା ହାଣ୍ଡିଆ ମେଘ ଘୋଟିଆସୁଥିଲେ ମଧ୍ୟ ବର୍ଷା ହେଉନାହିଁ। ଚାଷୀମାନେ କ୍ଷେତ ପ୍ରସ୍ତୁତି କରିଥିଲେ ମଧ୍ୟ ପାଣି ଅଭାବରୁ ରୁଆପୋତା କାର୍ଯ୍ୟ କରିବାକୁ ସାହସ ଜୁଟାଇ ପାରୁନାହାନ୍ତି। କିଛି ସ୍ଥାନରେ ଚାଷୀ ତଳି ବଞ୍ଚାଇବା ପାଇଁ ପାଣି ମୋଟର ସାହାଯ୍ୟରେ ପାଣି ମଡାଉଥିବା ଦେଖିବାକୁ ମିଳିଛି। ଏପରିକି ସଦର କେନାଲରେ ପାଣି ଆସିଥିଲେ ମଧ୍ୟ ଶାଖା କେନାଲ ଏପର୍ଯ୍ୟନ୍ତ ସଫା ନ ହୋଇ ପଡ଼ି ରହିଛି। ଜଳସମ୍ପଦ ବିଭାଗର ଦାୟିତ୍ୱହୀନତା ଓ ଅବହେଳା ଯୋଗୁ ଏଭଳି ପରସ୍ଥିତି ସୃଷ୍ଟି ହୋଇଥିବା ଅଭିଯୋଗ ହୋଇଛି।

ନିଶ୍ଚିନ୍ତକୋଇଲି ଅଞ୍ଚଳର ବହୁ ଲୋକେ ମୁଖ୍ୟତଃ ଚାଷ ଉପରେ ନିର୍ଭରଶୀଳ। ଚଳିତ ବର୍ଷ ଧାନଚାଷ କରିବା ନିମନ୍ତେ ବହୁ ଚାଷୀ ଚଢ଼ା ଦରରେ ବିହନ ଆଣି ପକାଇଥିଲେ। ତେବେ ଚଳିତ ବର୍ଷ ମୌସୁମୀରେ ଅନିୟମିତତା ଦେଖାଦେଇଛି। ଶ୍ରାବଣରେ ବର୍ଷା ପରିବର୍ତ୍ତେ ଅସହ୍ୟ ଗୁଳୁଗୁଳି ଓ ପ୍ରଚଣ୍ଡ ରୌଦ୍ରତାପ ହେଉଛି। ଫଳରେ ଚାଷୀମାନେ ତଳି ନିମନ୍ତେ ପକାଇଥିବା ବିହନଗୁଡିକ ମଧ୍ୟରୁ ଅଧିକାଂଶ ମରିଗଲାଣି। ଏପରିକି କିଛି ବିଲରେ ତଳିଗୁଡ଼ିକ ପାଚି ହଳଦିଆ ପଡ଼ିଗଲାଣି। ବହୁ ସ୍ଥାନରେ ଜଳ ଅଭାବରୁ ବିଲ ଫାଟି ଆଁ କଲାଣି । ଚାଷୀମାନେ ବର୍ଷାକୁ ଅପେକ୍ଷା କରି ନିରାଶ ହୋଇପଡିଲେଣି। ଏପରିସ୍ଥିତିରେ ସ୍ଥାନୀୟ ଜଳ ସମ୍ପଦ ବିଭାଗ ଚାଷୀଙ୍କ ନିମନ୍ତେ କାଳ ସାଜିଛି। ସ୍ଥାନୀୟ କେନ୍ଦୁପାଟଣା,ଛତା, ନଗସପୁର ଓ ବ୍ୟାରେଜ ଡିଭିଜନ ଅଧୀନରେ ଥିବା ମୁଖ୍ୟ କେନାଲ ଓ ଶାଖା କେନାଲ ଗୁଡିକ ମଧ୍ୟରୁ ଅଧିକାଂଶ ଏପର୍ଯ୍ୟନ୍ତ ସଫେଇ ହୋଇନାହିଁ। କେନାଲ ଗୁଡିକ ଘାସ ଓ ଅଳିଆ ଆବର୍ଜନାରେ ଭରି ରହିଛି। ନାମକୁ ମାତ୍ର କିଛି ସ୍ଥାନରେ କେନାଲ ସଫେଇ ହୋଇଛି। ଫଳରେ କେନାଲର ଶେଷ ମୁଣ୍ଡକୁ ପାଣି ଯିବା ନେଇ ଆଶଙ୍କା ପ୍ରକାଶ ପାଇଛି। ଏସମ୍ପର୍କରେ କେନ୍ଦୁପାଟଣା ଜଳ ସମ୍ପଦ ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀ ଅକ୍ଷୟ ମଲିକ କୁହନ୍ତି, ସଦର କେନାଲରେ ପାଣି ଛଡାଯାଇଛି। ବହୁ ଶାଖା କେନାଲର ଉନ୍ନୟନ କାର୍ଯ୍ୟ ଚାଲୁରହିଛି, ଖୁବ ଶୀଘ୍ର ସମସ୍ତ କେନାଲରେ ପାଣି ଛଡାଯିବ।

# 'ମହିଳାଙ୍କ ଅର୍ଥନୈତିକ, ସାମାଜିକ ଅଭିବୃଦ୍ଧିରେ ଦେଶର ପ୍ରଗତି ହେବ'

ବଡ଼ମ୍ବା,୧୩।୭(ମାୟାଧର ମଲ୍ଲିକ )

ମହିଳାଙ୍କ ଅର୍ଥନୈତିକ, ସାମାଜିକ ଅଭିବୃଦ୍ଧି ହେଲେ ଦେଶର ପ୍ରଗତିରେ ସହାୟକ ହେବ ବୋଲି ବିଧାୟକ ଦେବୀ ପ୍ରସାଦ ମିଶ୍ର କହିଛନ୍ତି। ଗୁରୁବାର ବଡ଼ମ୍ବା ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସରରେ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀଙ୍କ ନିମନ୍ତେ ବ୍ୟାଙ୍କ ଋଣ ଓ ସୁଧ ଫେରସ୍ତ ବ୍ୟବସ୍ଥା ସମ୍ପର୍କିତ ଏକ ସଚେତନତା କାର୍ଯ୍ୟକ୍ରମ କରାଯାଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ବଡ଼ମ୍ବା ବିଧାୟକ ଦେବୀ ପ୍ରସାଦ ମିଶ୍ର ଯୋଗଦେଇ ଉପସ୍ଥିତ ମହିଳା ଗୋଷ୍ଠୀ କର୍ମକର୍ତ୍ତା ଓ ସଦସ୍ୟାମାନଙ୍କୁ ଉପରୋକ୍ତ ମନ୍ତବ୍ୟ ଦେଇଥିଲେ। ବ୍ୟାଙ୍କରୁ ବିନା ସୁଧରେ ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ନେଇ ସାମାଜିକସ୍ତରରେ ସ୍ୱାବଲମ୍ବୀ ହେବାକୁ ସେ ମହିଳାମାନଙ୍କୁ ପରାମର୍ଶ ଦେଇଥିଲେ। ଅନ୍ୟତମ ଅତିଥି ଭାବେ ମିଶନ ଶକ୍ତିର ଜିଲା ପ୍ରକଳ୍ପ ସଂଯୋଜିକା ସ୍ୱାଗତିକା ପରିଡା ଯୋଗଦେଇ ସ୍ୱୟଂ ସହାୟିକା ଗୋଷ୍ଠୀ ସଦସ୍ୟାମାନଙ୍କୁ ମିଳୁଥିବା ସହାୟତା ସମ୍ପର୍କରେ ବୁଝାଇଥିଲେ। ସମ୍ମାନିତ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷ ରଘୁପତି ମହାନ୍ତି, ଉପାଧ୍ୟକ୍ଷା ସ୍ୱର୍ଣ୍ଣଲତା ବେହେରା, ଜିଲା ପରିଷଦ ସଭ୍ୟ ରବୀନ୍ଦ୍ର କୁମାର ସାହୁ, କଟକ ଏମ୍‌ପିଙ୍କ ପ୍ରତିନିଧି ସଦାନନ୍ଦ ସ୍ୱାଇଁ, ଜିଲାପରିଷଦ ଙ୍କ ପ୍ରତିନିଧି ମଙ୍ଗୁଳି ସାହୁ, ସିଡିପିଓ ନମିତା ପଣ୍ଡା, ଭାରତୀୟ ଷ୍ଟେଟ ବ୍ୟାଙ୍କ ବଡ଼ମ୍ବା ଶାଖା ପରିଚାଳକ ସୂର୍ଯ୍ୟକାନ୍ତ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ବ୍ଲକ ଅତିରିକ୍ତ ମଣ୍ଡଳ ଉନ୍ନୟନ ଅଧିକାରୀ ଯାଜ୍ଞସେନୀ ଗୋଚ୍ଛାୟତ ଏହାକୁ ସଂଯୋଜନା କରିଥିଲେ। କାର୍ଯ୍ୟକ୍ରମକୁ ବ୍ଲକ ମିଶନଶକ୍ତି ବିପିଏମ ମୋନାଲିସା ତ୍ରିପାଠୀ, ବିପିସି ସ୍ନେହଲତା ପୁହାଣ ପରିଚାଳନା କରିଥିବାବେଳେ ବ୍ଲକ ମହିଳା ମହାସଂଘ ସଭାନେତ୍ରୀ କିରଣ ଆଚାର୍ଯ୍ୟ ଧନ୍ୟବାଦ ଅର୍ପଣ କରିଥିଲେ। ଅପରାହ୍ନରେ ଉପସ୍ଥିତ ମହିଳା ଗୋଷ୍ଠୀଙ୍କୁ ମିଳୁଥିବା ବିଭିନ୍ନ ପ୍ରକାର ସହାୟତା ଓ ତାହାର ଉପଯୋଗିତା ସମ୍ପର୍କରେ ପ୍ରଶିକ୍ଷଣ ଦିଆଯାଇଥିଲା। ବ୍ଲକ ଅନ୍ତର୍ଗତ ବିଭିନ୍ନ ଗ୍ରାମରେ ଶତାଧିକ ମହିଳା ଗୋଷ୍ଠୀଙ୍କୁ ୧୭୮ କୋଟିରୁ ଉର୍ଦ୍ଧ୍ୱ ଋଣ ସହାୟତା ଦିଆଯାଇଛି।

# ବିଦ୍ୟୁତ୍ ସରବରାହରେ ଅବ୍ୟବସ୍ଥା: ଟାୟାର ଜାଳି ରାସ୍ତାରୋକୋ

ବାଙ୍କୀ, ୧୩।୭(ଜ୍ଞାନେନ୍ଦ୍ର ମୋହନ ମିଶ୍ର)


ନୂଆସାହିର ଲୋକେ ରାସ୍ତା ଅବରୋଧ କରିଛନ୍ତି।

ଡମପଡ଼ା ବ୍ଲକ ଅନ୍ତର୍ଗତ ହରିରାଜପୁର ଗ୍ରାମପଞ୍ଚାୟତ ନୂଆ ସାହିରେ ବିଦ୍ୟୁତ୍ ସରବରାହରେ ଅବ୍ୟବସ୍ଥାକୁ ଗୁରୁବାର ବିରୋଧ କରାଯାଇଛି। ପ୍ରତିବାଦରେ ନୂଆ ସାହିର ଉପଭୋକ୍ତାମାନେ ବାଙ୍କୀ-କଟକ ମୁଖ୍ୟରାସ୍ତାକୁ ହରିରାଜପୁରଠାରେ ଟାୟାର ଜାଳି ରାସ୍ତାରୋକୋ କରିଥିଲେ। ଫଳରେ ସକାଳ ୬ଟାରୁ ୯ଟା ପର୍ଯ୍ୟନ୍ତ ସମସ୍ତ ଯାନବାହନ ଚଳାଚଳ ବନ୍ଦ ରହିଥିଲା। ଖବରପାଇ ବିଦ୍ୟୁତ୍ ବିଭାଗର କର୍ତ୍ତୃପକ୍ଷଙ୍କ ନିର୍ଦ୍ଦେଶରେ ଏକ ପ୍ରତିନିଧି ଦଳ ଘଟଣାସ୍ଥଳକୁ ଯାଇ ବିଦ୍ୟୁତ୍ ସରବରାହର ସ୍ଥାୟୀ ସମାଧାନ ପାଇଁ ପ୍ରତିଶ୍ରୁତି ଦେବାପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ଦୀର୍ଘ ଦିନ ହେଲା ବିଦ୍ୟୁତ୍ ସରବରାହରେ ଅବ୍ୟବସ୍ଥା ଯୋଗୁ ସ୍ଥାନୀୟ ଲୋକେ ଲୋ ଭୋଲ୍ଟେଜ୍ ସମସ୍ୟାର ସମ୍ମୁଖୀନ ହେଉଥିଲେ। ଏନେଇ ପୂର୍ବରୁ ୨୨।୪।୨୦୨୩ରେ ହରିରାଜପୁର ନୂଆ ସାହି ୱାର୍ଡ ନଂ.୯ର ଗ୍ରାମବାସୀ ଶୀତଳ କୁମାର ସାହୁ, ଶେଷଦେବ ସାହୁ, କାଶୀନାଥ ସାହୁ, କମଳିନୀ ସାହୁ, ଉମ୍ବରୁଧର ସାହୁ ଓ ଲକ୍ଷ୍ମୀନାରାୟଣ ସାହୁଙ୍କ ସମେତ ବହୁ ଉପଭୋକ୍ତା ଏ ସମ୍ପର୍କରେ ବିଦ୍ୟୁତ୍ ବିଭାଗ କର୍ତ୍ତୃପକ୍ଷଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। କିନ୍ତୁ କୌଣସି ସୁଫଳ ନ ମିଳିବାରୁ ରାସ୍ତାରୋକୋ କରାଯାଇଥିଲା।

# ମାନସିକ ବିକାରଗ୍ରସ୍ତ ମହିଳାଙ୍କୁ ହତ୍ୟା ସିସିଟିଭିରେ କଏଦ ଦୃଶ୍ୟ

ବାଣପୁର(ଶଙ୍କର ବସ୍ତି)/
ଗମ୍ଭାରୀମୁଣ୍ଡା,୧୩।୭(ଦିଲୀପ ସ୍ୱାଇଁ):

ଖୋର୍ଦ୍ଧା ଜିଲା ବାଣପୁର ଥାନା ଅଧୀନ ଗାଲୁଆ ଛକ ଅଳିଆଗଦା ନିକଟରେ ଜଣେ ମାନସିକ ବିକାରଗ୍ରସ୍ତ ମହିଳାଙ୍କୁ ହତ୍ୟା କରାଯାଇଥିବା ସିସିଟିଭି ଫୁଟେଜରେ କଏଦ ହୋଇଛି। ତେବେ ମୃତାଙ୍କ ପରିଚୟ ମିଳିପାରି ନାହିଁ। ଗୁରୁବାର ପୋଲିସ ମୃତଦେହ ଜବତ କରିବା ସହିତ ଏକ ଅପମୃତ୍ୟୁ ମାମଲା (ନଂ.୯/୨୩)ରୁଜୁ କରି ତଦନ୍ତ ଚଳାଇଛି।

ସୂଚନା ମୁତାବକ, ଗାଲୁଆ ଛକରେ ଥିବା ଅଳିଆଗଦାରେ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଜଣେ ମହିଳାଙ୍କ ମୃତଦେହ ପଡ଼ିଥିବା ଦେଖି ଗୁରୁବାର ସକାଳେ ସ୍ଥାନୀୟ ଲୋକେ ପୋଲିସକୁ ଜଣାଇଥିଲେ। ପୋଲିସ ପହଞ୍ଚି ମୃତଦେହ ଜବତ କରିବା ସହ ନିକଟରେ ଲାଗିଥିବା ସିସିଟିଭି ଫୁଟେଜକୁ ଯାଞ୍ଚ କରିଥିଲା। ବୁଧବାର ରାତି ୧ଟା ୨୫ରେ ମହିଳା ଜଣଙ୍କ ଅଳିଆଗଦାରୁ କିଛି ଖାଦ୍ୟ ଖାଉଥିଲେ। ଏହି ସମୟରେ କେହି ଜଣେ ଦୁର୍ବୃତ୍ତ ସେଠାରେ ପହଞ୍ଚି ହଠାତ୍ ଏକ ଖଣ୍ଡାରେ ପଛପଟୁ ମହିଳା ଜଣଙ୍କୁ ଆକ୍ରମଣ କରୁଥିବା ସିସିଟିଭି ଫୁଟେଜରେ ଦେଖିବାକୁ ମିଳିଛି ବୋଲି ଥାନା ଅଧିକାରୀ ଜୟପ୍ରକାଶ ପରିଡ଼ା କହିଛନ୍ତି। ତେବେ ମହିଳା ଜଣଙ୍କ ମାନସିକ ବିକାରଗ୍ରସ୍ତ ହୋଇଥିବା ବେଳେ ତାଙ୍କୁ କାହିଁକି କିଏ ହତ୍ୟା କଲା ଏନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସିସିଟିଭି ଫୁଟେଜ ହସ୍ତଗତ ହୋଇଛି, ତଦନ୍ତ ଜାରି ରହିଛି ବୋଲି ଥାନା ଅଧିକାରୀ ପରିଡ଼ା କହିଛନ୍ତି।

# ପିଏମ୍‌ଏୱାଇ ଗୃହ ନିର୍ମାଣ: ଜନପ୍ରତିନିଧି, କର୍ମଚାରୀଙ୍କୁ ପ୍ରଶିକ୍ଷଣ


ପ୍ରଶିକ୍ଷଣ ଶିବିରରେ ଉପସ୍ଥିତ ଜନପ୍ରତିନିଧି ଓ ପ୍ରଶାସନିକ ଅଧିକାରୀମାନେ।

ରଘୁନାଥପୁର,୧୩।୭
(ରାଜେନ୍ଦ୍ର ନାରାୟଣ ସିଂହ)

ରଘୁନାଥପୁର ପଞ୍ଚାୟତ ସମିତି ସଭାକକ୍ଷରେ ଏବିଡିଓ ଅଶୋକ କୁମାର ମହାନ୍ତିଙ୍କ ପୌରୋହିତ୍ୟରେ ପିଏମଏୱାଇ (ପ୍ରଧାନମନ୍ତ୍ରୀ ଆବାସ ଯୋଜନା)ଗୃହ ନିର୍ମାଣ ନିମନ୍ତେ ଏକ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଭିନ୍ନ ପଞ୍ଚାୟତ ସରପଞ୍ଚ ଓ ସମିତି ସଭ୍ୟା,ସଭ୍ୟ ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ, ଜିଆର୍‌ଏସ ଓ ଯନ୍ତ୍ରୀମାନେ ଉପସ୍ଥିତ ଥିଲେ। ପ୍ରଶିକ୍ଷକ ଭାବେ ଯଜ୍ଞଶରୀ ଯୁବକ ସଂଘ ନିମାପଡାର କର୍ମକର୍ତ୍ତା ରଞ୍ଜନ କୁମାର ମହାନ୍ତି ଓ ଶରତ ଚନ୍ଦ୍ର ନାୟକ ଯୋଗଦେଇ ହିତାଧିକାରୀଙ୍କ ଦ୍ୱାରା ନିର୍ମାଣ ହେଉଥିବା ଘର କାର୍ଯ୍ୟଶୈଳୀ, ସମୟ ଅବଧି ଓ ସରକାରଙ୍କ ପକ୍ଷରୁ ହିତାଧିକାରୀଙ୍କ ପାଇଁ ଥିବା ପ୍ରୋତ୍ସାହନ ରାଶି ସମ୍ପର୍କରେ ଆଲୋଚନା କରିଥିଲେ। ସରକାରଙ୍କ ଗାଇଡଲାଇନ ଅନୁଯାୟୀ, ଜଣେ ହିତାଧିକାରୀ ଚାରିମାସ ମଧ୍ୟରେ ଘର ନିର୍ମାଣ ଶେଷ କଲେ କିପରି ୨୦ ହଜାର ଟଙ୍କା ପ୍ରୋତ୍ସାହନ ସ୍ୱରୂପ ପାଉଛନ୍ତି ସେ ସମ୍ପର୍କରେ ଲୋକଙ୍କୁ ଅବଗତ କରାଇବା ପାଇଁ ପ୍ରଶିକ୍ଷଣ ଦିଆଯାଇଥିଲା। ସେହିପରି ୯୦ ଦିନ ମଧ୍ୟରେ ଏମଜିଏନ୍‌ଆର୍‌ଇଜିଏସ୍ କାର୍ଯ୍ୟ କରି ଅତିରିକ୍ତ ୨୧ ହଜାର ଟଙ୍କା ହିତାଧିକାରୀଙ୍କୁ ପ୍ରଦାନ କରାଯିବା ସମ୍ପର୍କରେ ଆଲୋଚନା ହୋଇଥିଲା। ଏଥିପାଇଁ ସମସ୍ତ ଜନପ୍ରତିନିଧି ଓ ସରକାରୀ କର୍ମଚାରୀମାନେ ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ପାଇଁ ଏବିଡିଓ ମହାନ୍ତି ପ୍ରକାଶ କରିଥିଲେ। ଏଥିସହ ସମୟ ଅନୁସାରେ କାର୍ଯ୍ୟର ତଦାରଖ ଓ ହିତାଧିକାରୀଙ୍କ ନିକଟରେ ପହଞ୍ଚି ସେମାନଙ୍କ ମଧ୍ୟରେ ଉତ୍ସାହ ସୃଷ୍ଟି କରିବା ପାଇଁ ଯନ୍ତ୍ରୀମାନଙ୍କୁ ସହକାରୀ ଯନ୍ତ୍ରୀ ସଫିଲ ପ୍ରଧାନ ପରାମର୍ଶ ଦେଇଥିଲେ।

# ପାଚେରି ଭଙ୍ଗାକୁ କେନ୍ଦ୍ରକରି ମହିଳାଙ୍କୁ ସଂଘବଦ୍ଧ ଆକ୍ରମଣ

ମାହାଙ୍ଗା,୧୩।୭(ଯଯାତି ସିଂହ):

ମାହାଙ୍ଗା ଥାନା କୁମୁଡ଼ାଜୟପୁର ଫାଣ୍ଡି ଅଧୀନ ମଧୁପୁର ପଞ୍ଚାୟତ ଘିସୁଆଁ ଗ୍ରାମରେ ଜଣେ ମହିଳାଙ୍କୁ ସଂଘବଦ୍ଧ ଭାବେ ଆକ୍ରମଣ ହୋଇଛି। ଏନେଇ ଫାଣ୍ଡିରେ ଅଭିଯୋଗ ହେବାପରେ ପୋଲିସ ତଦନ୍ତ ଆରମ୍ଭ କରିଛି। ଆକ୍ରମଣର ଶିକାର ମହିଳା ହେଲେ ଗ୍ରାମର ମହେନ୍ଦ୍ର ବାଗଙ୍କ ସ୍ତ୍ରୀ ଜୟଶ୍ରୀ ବିଶ୍ୱାଳ।

ଅଭିଯୋଗ ମୁତାବକ, ଗୁରୁବାର ସକାଳେ ମହେନ୍ଦ୍ରଙ୍କ ଏକ ପାଚେରିକୁ ସେହି ଗ୍ରାମର ଖଗେଶ୍ୱର ବାଗ, ଅନୁପମ ବାଗ ଓ ରୁଙ୍ଗୁଆ ବାଗ ଭାଙ୍ଗି ନଷ୍ଟ କରୁଥିଲେ। ଏହାକୁ ଜୟଶ୍ରୀ ବିରୋଧ କରିବାରୁ ଖଗେଶ୍ୱର, ଅନୁପମ ଓ ରୁଙ୍ଗୁଆ ଜୟଶ୍ରୀଙ୍କୁ ଏକ ଶାବଳରେ ତାଙ୍କ ମୁଣ୍ଡ ଓ ଗୋଡ଼କୁ ଆକ୍ରମଣ କରିଥିଲେ। ଫଳରେ ଜୟଶ୍ରୀଙ୍କ ମୁଣ୍ଡ ଓ ଗୋଡ଼ରେ ଆଘାତ ଲାଗିଥିଲା। ଏହି ଖବର ଶୁଣି ମହେନ୍ଦ୍ର ଘରକୁ ଆସିଥିଲେ। ମହେନ୍ଦ୍ରଙ୍କୁ ଦେଖି ଖଗେଶ୍ୱର, ଅନୁପମ ଓ ରୁଙ୍ଗୁଆ ତାଙ୍କ ଘରକୁ ଦୌଡ଼ି ଆସି ମାରିବାକୁ ଉଦ୍ୟମ କରିଥିଲେ। ଜୟଶ୍ରୀ ଓ ମହେନ୍ଦ୍ର ଭୟଭୀତ ହୋଇ ଘରେ ପଶି ଯାଇଥିଲେ। ହେଲେ ଗାଁ ଲୋକ ପହଞ୍ଚି ଯିବାରୁ ସେମାନେ ସେଠାରୁ ପଳାଇ ଯାଇଥିଲେ। ପରେ ମହେନ୍ଦ୍ର ତାଙ୍କ ସ୍ତ୍ରୀଙ୍କୁ ଜଗନ୍ନାଥପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଏଥିସହିତ ସେ ଫାଣ୍ଡିରେ ଲିଖିତ ଅଭିଯୋଗ କରିଥିଲେ। ଏ ସମ୍ପର୍କରେ ଫାଣ୍ଡି ଅଧିକାରୀ ଗୋପବନ୍ଧୁ ମଲିକଙ୍କୁ ପଚାରିବାରେ ସେ କହିଛନ୍ତି, ଅଭିଯୋଗ ମିଳିବା ପରେ ପ୍ରାଥମିକ ତଦନ୍ତ ଚାଲୁ ରହିଛି। ତଦନ୍ତରେ ସତ୍ୟାସତ୍ୟ ଜଣାପଡ଼ିଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଅପରପକ୍ଷେ ଆକ୍ରମଣକାରୀଙ୍କ ପକ୍ଷରୁ ମଧ୍ୟ ପାଲଟା ଅଭିଯୋଗ ହୋଇଛି। ତେଣୁ ବିଭାଗୀୟ ଉଚ୍ଚ ଅଧିକାରୀ ଏଥିପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଜୟଶ୍ରୀଙ୍କ ପରିବାର ପକ୍ଷରୁ ନିବେଦନ କରାଯାଇଛି।

# '୪ ନୀତି କାର୍ଯ୍ୟକାରୀ କଲେ ସଙ୍ଗଠନ ମଜଭୁତ ହେବ'

## ବୃଦ୍ଧ ଅହମ୍ମଦିୟା ପକ୍ଷରୁ ତରବିୟତି ସେମିନାର

ଟିଗିରିଆ, ୧୩।୭(ଜାଫର ଖାଁ)


ସେମିନାରରେ ଯୋଗଦେଇଥିବା ଅତିଥି ଓ ଅନ୍ୟମାନେ।

ଟିଗିରିଆ ବ୍ଲକ ଅନ୍ତର୍ଗତ ଜମାତ ଅହମ୍ମଦିୟା ପଙ୍କାଳ ଜାମା ମସ୍‌ଜିଦଠାରେ ବୁଧବାର ସନ୍ଧ୍ୟାରେ ବୃଦ୍ଧ ଅହମ୍ମଦିୟା (୪୦ବର୍ଷରୁ ଅଧିକ)ପଙ୍କାଳ ପକ୍ଷରୁ ତରବିୟତି ସେମିନାର ଅନୁଷ୍ଠିତ ହୋଇଯାଇଛି। ଜମାତ ଅହମ୍ମଦିୟାର ୪ଟି ନୀତିକୁ ଠିକ୍ ଭାବେ କାର୍ଯ୍ୟକାରୀ କଲେ ସଙ୍ଗଠନ ସୁଦୃଢ଼ ହେବ ବୋଲି ମୁଖ୍ୟ ଅତିଥି ମତବ୍ୟକ୍ତ କରିଥିଲେ। ଆୟୋଜିତ ସେମିନାରରେ ବୃଦ୍ଧ ଅହମ୍ମଦିୟା ପଙ୍କାଳର ସଭାପତି ଅବୁବକର ଖାଁ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ କଟକ ଜିଲା ଜମାତ ଅହମ୍ମଦିୟା ମୌଲାନା ହଲିମ ଅହମ୍ମଦ ଯୋଗ ଦେଇ ଜମାତର ୪ ନୀତି ଯଥା ପ୍ରଚାର, ପ୍ରଶିକ୍ଷଣ, ସଙ୍ଗଠନର ନିୟମ ଅନୁଯାୟୀ ଚାଲିବା ଓ ଦରକାର ବେଳେ ସ୍ୱଇଚ୍ଛାରେ ହାତ ଖୋଲି ଅର୍ଥ ଦାନ କରିବା ଦ୍ୱାରା ସଙ୍ଗଠନ ମଜଭୁତ ହେବ ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ କଟକ ଜିଲା ଜମାତ ଅହମ୍ମଦିୟା ସଭାପତି ଅବଦୁଲ ମାଲିକ ଓ ସମ୍ମାନୀତ ଅତିଥି ଭାବେ ପଙ୍କାଳ ଜମାତ ଅହମ୍ମଦିୟା ଜାମା ମସ୍‌ଜିଦ ମୌଲାନା ଏସ. କେ. ଅବଦୁଲ କାଦିର ଯୋଗ ଦେଇଥିଲେ। କାର୍ଯ୍ୟକ୍ରମ ଆରମ୍ଭରେ ଅଫଜଲ ଖାଁ ପବିତ୍ର କୋରାନ ଶ୍ଳୋକ ପାଠ କରିଥିଲେ। ପଙ୍କାଳ ଗ୍ରାମ୍ୟ କମିଟି ସଭାପତି ଅବଦୁଲ ଇସମାଇଲ ଖାଁ ଉପସ୍ଥିତ ସମସ୍ତଙ୍କୁ ବୃଦ୍ଧ ଅହମ୍ମଦିୟା ଶପଥ ପାଠ କରାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜୈନୁଲ ଆବେଦିନ ଖାଁ, ମୌଲାନା ଏସ. କେ. ଇମ୍ରାନ, ମୌଲାନା ଏସ. କେ. ସମସୁଲ, ଗନୀ ଖାଁ, ରୋଶନ ଖାଁ, ୟାମିନ ଖାଁ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ଅମଜାଦ ଖାଁ, ଅବଦୁଲ ସଲିମ ଖାଁ, ଇଜାବୁଲ ହକ ଖାଁ ପ୍ରମୁଖ ଉର୍ଦ୍ଦୁ ଓ ଓଡ଼ିଆ କବିତା ପାଠ କରିଥିଲେ। ଶେଷରେ ବିଶ୍ୱ ଶାନ୍ତି ପାଇଁ ଉପସ୍ଥିତ ବ୍ୟକ୍ତିମାନେ ନୀରବ ପ୍ରାର୍ଥନା କରିଥିଲେ।

# ପରିବର୍ତ୍ତିତ ଶିକ୍ଷା ପଦ୍ଧତି, କୌଶଳ ବିକାଶ ଦିଗରେ ଧ୍ୟାନ ଦେବା ଜରୁରୀ

## ମୋହନ ସୁବୁଦ୍ଧି ମହାବିଦ୍ୟାଳୟର ୬୦ତମ ପ୍ରତିଷ୍ଠା ଉତ୍ସବ

ବଡ଼ମ୍ବା,୧୩।୭(ମାୟାଧର ମଲ୍ଲିକ)



ପ୍ରତିଷ୍ଠା ଉତ୍ସବରେ ଜଣେ କୃତୀ ଛାତ୍ରୀଙ୍କୁ ବିଧାୟକ ଦେବୀପ୍ରସାଦ ମିଶ୍ର ପୁରସ୍କୃତ କରୁଛନ୍ତି।

ବିଦ୍ୟାର୍ଥୀମାନେ ପରିବର୍ତ୍ତିତ ଶିକ୍ଷା ପଦ୍ଧତି ଓ କୌଶଳ ବିକାଶ ଦିଗରେ ଅଧିକ ଧ୍ୟାନ ଦେବା ଜରୁରୀ ବୋଲି ବିଧାୟକ ଦେବୀ ପ୍ରସାଦ ମିଶ୍ର କହିଛନ୍ତି। କଟକ ଜିଲାର ବଡ଼ମ୍ବାସ୍ଥିତ ମୋହନ ସୁବୁଦ୍ଧି ମହାବିଦ୍ୟାଳୟର ୬୦ତମ ପ୍ରତିଷ୍ଠା ଉତ୍ସବରେ ସେ ମୁଖ୍ୟ ଅତିଥିଭାବେ ଯୋଗଦେଇ ଉପରୋକ୍ତ ମନ୍ତବ୍ୟ ଦେଇଥିଲେ। ଉଚ୍ଚ ଶିକ୍ଷା ବିଭାଗରେ ହେଉଥିବା ପରିବର୍ତ୍ତନ ଅନୁଯାୟୀ ଛାତ୍ରୀଛାତ୍ରଙ୍କୁ ଉଚିତ ମାର୍ଗ ଦର୍ଶନ ଦେବା ପାଇଁ ସେ ଅଧ୍ୟାପିକା, ଅଧ୍ୟାପକମାନଙ୍କୁ ପରାମର୍ଶ ଦେଇଥିଲେ। ସେହିପରି ଉକ୍ତ ଶିକ୍ଷାନୁଷ୍ଠାନ ଗଢି ତୋଳିବାରେ ଯେଉଁ ମହାନ୍ ବ୍ୟକ୍ତିବିଶେଷଙ୍କ ପରିକଳ୍ପନା ଥିଲା ସେମାନଙ୍କ ସ୍ୱପ୍ନ ବାସ୍ତବ ରୂପ ନେଇଛି ବୋଲି ବିଧାୟକ ପ୍ରକାଶ କରିଥିଲେ। ରାୟ ସାହେବ ମୋହନ ସୁବୁଦ୍ଧି, ପ୍ରଜା ଆନ୍ଦୋଳନର ମୁଖ୍ୟ ପୁରୋଧା ସ୍ୱର୍ଗତ ପ୍ରତାପ ଚନ୍ଦ୍ର ପଟ୍ଟନାୟକଙ୍କୁ ବିଧାୟକ ମିଶ୍ର ମନେପକାଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସେହିପରି ଦୀର୍ଘ ଦିନର ଦାବିଥିବା ଏକ ଅଡ଼ିଟୋରିଅମ ନିର୍ମାଣ ପାଇଁ ଆବଶ୍ୟକ ଅର୍ଥ ରାଶି ସରକାରଙ୍କ ତରଫରୁ ଯୋଗାଇ ଦିଆଯିବ ବୋଲି ସେ ଘୋଷଣା କରିଥିଲେ। ଏହି ଅବସରରେ ମହାବିଦ୍ୟାଳୟ ପରିସରରେ ନବନିର୍ମିତ ଆଦିବାସୀ ଛାତ୍ରାବାସକୁ ବିଧାୟକ ମିଶ୍ର ଲୋକାର୍ପଣ କରିଥିଲେ। ମହାବିଦ୍ୟାଳୟ ଅଧ୍ୟକ୍ଷା ଡ. ସୁଚିସ୍ମିତା ମହାନ୍ତିଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ଉତ୍ସବରେ ବ୍ଲକ ଅଧ୍ୟକ୍ଷ ରଘୁପତି ମହାନ୍ତି, ଜିଲା ପରିଷଦ ସଭ୍ୟ ରବୀନ୍ଦ୍ର କୁମାର ସାହୁ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ମହାବିଦ୍ୟାଳୟ ପ୍ରଶାସନିକ ଅଧିକାରୀ ପ୍ରାଧ୍ୟାପକ ବିଶ୍ୱନାଥ ପଟ୍ଟନାୟକ ସଭାକାର୍ଯ୍ୟ ପରିଚାଳନା କରିଥିଲେ। ଏହି ଅବସରରେ ମହାବିଦ୍ୟାଳୟର ଯୁକ୍ତ ୨ ଓ ୩ ସ୍ତରର ଟପ୍ପରଙ୍କୁ ମୁଖ୍ୟ ଅତିଥି ଓ ଅନ୍ୟ ଅତିଥିମାନେ ପୁରସ୍କୃତ କରିଥିଲେ। ଛାତ୍ର ସଂସଦ ଉପଦେଷ୍ଟା ତଥା ଇଂଲିଶ୍ ବିଭାଗ ମୁଖ୍ୟ ଅଧ୍ୟାପକ ମାନଗୋବିନ୍ଦ ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ଅତିଥିମାନେ ଚାରାରୋପଣ କରିଥିଲେ।

## ସଂକ୍ଷେପରେ

### କ୍ଷେତ୍ରବାସୀ ଡିଏଭି ମହାବିଦ୍ୟାଳୟ ନୂତନ ପରିଚାଳନାମଣ୍ଡଳୀ ଗଠିତ

ନିରାକାରପୁର,୧୩ା୭(ମାନସ ଚନ୍ଦ୍ର ପଟ୍ଟନାୟକ): ଖୋର୍ଦ୍ଧା ଜିଲା ନିରାକାରପୁର ପଞ୍ଚାୟତରେ ଥିବା କ୍ଷେତ୍ରବାସୀ ଡିଏଭି ମହାବିଦ୍ୟାଳୟର ନୂତନ ପରିଚାଳନାମଣ୍ଡଳୀ ଗଠିତ ହୋଇଛି। ଗତ ୧୨ ତାରିଖରେ ଭୁବନେଶ୍ୱର ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶାଳୟ ପକ୍ଷରୁ ପତ୍ରସଂଖ୍ୟା ୫୩୪୯ରେ ନୂତନ ପରିଚାଳନାମଣ୍ଡଳୀ ମନୋନୀତ ନୂତନ ସଦସ୍ୟଙ୍କ ନାମକୁ ଅନୁମୋଦନ କରାଯାଇ କାର୍ଯ୍ୟକାରୀ କରିବାକୁ ପରିଚାଳନାମଣ୍ଡଳୀ ସଭାପତି ଓ ଅନୁଷ୍ଠାନର ଅଧକ୍ଷାଙ୍କୁ ଚିଠି ହୋଇଛି। ଏହି ଚିଠିରେ ସଭାପତିଭାବେ ଅବସରପ୍ରାପ୍ତ ଅଧକ୍ଷ ଡ. ସଞ୍ଜୟ କୁମାର ମହାପାତ୍ର, ଅନ୍ୟ ସଦସ୍ୟଙ୍କ ମଧ୍ୟରେ ଅଧକ୍ଷା ଡ. ପ୍ରତିଭାମୟୀ ମିତ୍ର, ଶିକ୍ଷକମାନଙ୍କ ପ୍ରତିନିଧିଭାବେ ଅଧାପକ ଡ. ପ୍ରତାପ ଚନ୍ଦ୍ର ପଟ୍ଟନାୟକ, ଅଧାପିକା ବ୍ରତତି ମିଶ୍ର, ଅଣଶିକ୍ଷକମାନଙ୍କ ପ୍ରତିନିଧିଭାବେ ଦେବେନ୍ଦ୍ର କୁମାର ଦାଶ, ଏସ୍‌ସି ସଦସ୍ୟ ମହେଶ୍ୱର ବେହେରା, ସଂଖ୍ୟାଲଘୁ ପ୍ରତିନିଧି ଅବଦୁଲ ଜାକିର ହୁସେନ, ମହିଳା ସଦସ୍ୟଭାବେ ନନ୍ଦିତା ରାୟ, ଦ୍ୱୀପାନ୍ୱିତା ଷଡ଼ଙ୍ଗୀ, ଅଭିଭାବକ ସଦସ୍ୟ ଭାବେ ଅକ୍ଷୟ କୁମାର ମାଣିଆ ଓ ହରପ୍ରିୟା ମହାରଣାଙ୍କ ନାମ ଅନୁମୋଦିତ ହୋଇଛି।

### ଏକାମ୍ର ବରିଷ୍ଠ ନାଗରିକ ସଂଘ ପକ୍ଷରୁ ଚାରାରୋପଣ

ପୁରୁଣା ଭୁବନେଶ୍ୱର,୧୩ା୭(ସୁବାସ ଚନ୍ଦ୍ର ପ୍ରଧାନ): ଏକାମ୍ର ବରିଷ୍ଠ ନାଗରିକ ସଂଘ ପକ୍ଷରୁ ପୁରୁଣା ଭୁବନେଶ୍ୱର କାଳିଗାଡିଆ ଶ୍ମଶାନଠାରେ ବ୍ୟାପକ ଚାରାରୋପଣ କରାଯାଇଛି। ମୁଖ୍ୟତଃ ବର, ଅଶ୍ୱତ୍ଥ, ନିମ୍ବ ଆଦି ଗଛ ଲଗାଯାଇଛି ବୋଲି ଉପଦେଷ୍ଟା ରାଜେନ୍ଦ୍ର ସମର୍ଥା କହିଛନ୍ତି। ବୃକ୍ଷ ହିଁ ଜୀବନ ବୋଲି ସମସ୍ତଙ୍କୁ ସଚେତନ କରାଇବା ସହ ବ୍ୟାପକ ଚାରାରୋପଣ କାର୍ଯ୍ୟକ୍ରମ ହାତକୁ ନେବାକୁ ମତ ପ୍ରକାଶ ପାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ସମ୍ପାଦକ ଧୀରେନ ପଟ୍ଟନାୟକ, ସଂଘ ଉପସଭାପତି ସୁରେନ୍ଦ୍ର ନାଥ ନନ୍ଦ, ଅଶୋକ ଆଚାର୍ଯ୍ୟ, କୋଷାଧକ୍ଷ ରମାକାନ୍ତ ମହାନ୍ତି, ସମୀକ୍ଷକ ପି.ପ୍ରଦୀପ କୁମାର ପାତ୍ର, ବିଷ୍ଣୁ ଚରଣ ମିଶ୍ର, ସୁଧାଂଶୁ ମିଶ୍ର, ବିମଳ ପଟ୍ଟନାୟକ, ଗୋକୁଳ ପ୍ରଧାନ, କ୍ଷୀରୋଦ ଶତପଥୀ, ଦିଗମ୍ବର ସାମଲ, ହରିହର ସାହୁ, ପ୍ରଶାନ୍ତ ମହାପାତ୍ର, ନବୀନ ମହାନ୍ତି, ସୁବାସ ସାହୁ ପ୍ରମୁଖ ଅଂଶଗ୍ରହଣ କରିଥିଲେ।

### ପୂର୍ବ ଶତ୍ରୁତାରୁ ଆକ୍ରମଣ ଅଭିଯୋଗ, ୩ ଅଟକ

ନିମାପଡ଼ା,୧୩ା୭(ବିଚିତ୍ରାନନ୍ଦ ସାହୁ)- ନିମାପଡ଼ା ଥାନା ଅଧୀନ ଅରିଷେଣ ପଞ୍ଚାୟତ ବାମଦେଇପୁର ଗ୍ରାମରେ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ବୁଧବାର ଜଣେ ବ୍ୟକ୍ତିଙ୍କୁ ସଂଘବଦ୍ଧ ଆକ୍ରମଣ କରାଯାଇଛି। ଏନେଇ ଗୁରୁବାର ପୋଲିସ ୬ ଜଣଙ୍କ ବିରୋଧରେ ୨୩୭/୨୩ରେ ଏକ ମାମଲା ରୁଜୁ କରିଛି। ସ୍ୱାଧୀନ ବେହେରା, କାର୍ତ୍ତିକ ବେହେରା, ଗଣେଶ ବେହେରା ପ୍ରମୁଖ ୩ ଜଣଙ୍କୁ ଅଟକ ରଖି ପଚରାଉଚରା ଚଳାଇଛି। ସୂଚନା ମୁତାବକ, ଶରତ ବେହେରା ବୁଧବାର ସନ୍ଧ୍ୟାରେ ଗୋଖାଦ୍ୟ ନେବାକୁ ଲୁନାରେ ଗାଁରୁ ନିମାପଡ଼ା ବଜାରକୁ ଆସିଥିଲେ। ଅମଲାପଡ଼ା ଗ୍ରାମ ଗଳିଠାରେ ଗ୍ରାମର ସ୍ୱାଧୀନ, କାର୍ତ୍ତିକ, ଗଣେଶ, ବିଜୟ ବେହେରା ଓ ଅନ୍ୟ ୨ ଜଣ ମିଶି ଶରତଙ୍କୁ ନିସ୍ତୁକ ମାଡ଼ ମାରିଥିଲେ। ତାଙ୍କ ପକେଟରୁ ଆକ୍ରମଣକାରୀମାନେ ୨ ହଜାର ଟଙ୍କା ନେଇ ଫେରାର ହୋଇଯାଇଥିଲେ। ସ୍ଥାନୀୟ ଲୋକେ ଶରତଙ୍କୁ ଉଦ୍ଧାର କରି ନିମାପଡ଼ା ମେଡିକାଲରେ ଭର୍ତ୍ତି କରିଥିଲେ। ପରେ କ୍ରୋଧାନ୍ୱିତ ହୋଇ ଆକ୍ରମଣକାରୀ ଗ୍ରାମକୁ ଯାଇ ଶରତଙ୍କ ଘରେ ପଶି ତାଙ୍କ ସ୍ତ୍ରୀ ମନୋରମାଙ୍କୁ ମାଡ଼ ମାରିଥିଲେ।

# ମାନସିକ ବିକାରଗ୍ରସ୍ତ ମହିଳାଙ୍କୁ ହତ୍ୟା

■ଅଳିଆ ଗଦାରୁ ଖାଉଥିବା ବେଳେ ପଛରୁ ଆକ୍ରମଣ
■ସିସିଟିଭିରେ କଏଦ ଦୃଶ୍ୟ

ବାଣପୁର(ଶଙ୍କର ବସ୍ତି)/ ଗମ୍ଭାରୀମୁଣ୍ଡା,୧୩ା୭(ଦିଲୀପ ସ୍ୱାଇଁ)

ଖୋର୍ଦ୍ଧା ଜିଲା ବାଣପୁର ଥାନା ଅଧୀନ ଗାଲୁଆ ଛକ ଅଳିଆଗଦା ନିକଟରେ ଜଣେ ମାନସିକ ବିକାରଗ୍ରସ୍ତ ମହିଳାଙ୍କୁ ହତ୍ୟା କରାଯାଇଥିବା ସିସିଟିଭି ଫୁଟେଜରେ କଏଦ ହୋଇଛି। ତେବେ ମୃତାଙ୍କ ପରିଚୟ ମିଳିପାରି ନାହିଁ। ଗୁରୁବାର ପୋଲିସ ମୃତଦେହ ଜବତ କରିବା ସହିତ ଏକ ଅପମୃତ୍ୟୁ ମାମଲା (ନଂ.୯/୨୩)ରୁଜୁ କରି ତଦନ୍ତ ଚଳାଇଛି।

ସୂଚନା ମୁତାବକ, ଗାଲୁଆ ଛକରେ ଥିବା ଅଳିଆଗଦାରେ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଜଣେ ମହିଳାଙ୍କ ମୃତଦେହ ପଡ଼ିଥିବା ଦେଖି ଗୁରୁବାର ସକାଳେ ସ୍ଥାନୀୟ ଲୋକେ ପୋଲିସକୁ ଜଣାଇଥିଲେ। ପୋଲିସ ପହଞ୍ଚି ମୃତଦେହ ଜବତ କରିବା ସହ ନିକଟରେ ଲାଗିଥିବା ସିସିଟିଭି ଫୁଟେଜକୁ ଯାଞ୍ଚ କରିଥିଲା। ବୁଧବାର ରାତି ୧ଟା ୨୫ରେ ମହିଳା ଜଣଙ୍କ ଅଳିଆଗଦାରୁ କିଛି ଖାଦ୍ୟ ଖାଉଥିଲେ। ଏହି ସମୟରେ କେହି ଜଣେ ଦୁର୍ବୃତ୍ତ ସେଠାରେ ପହଞ୍ଚି ହଠାତ୍ ଏକ ଖଣ୍ଡାରେ ପଛପଟୁ ମହିଳା ଜଣଙ୍କୁ ଆକ୍ରମଣ କରୁଥିବା ସିସିଟିଭି ଫୁଟେଜରେ ଦେଖିବାକୁ ମିଳିଛି ବୋଲି ଥାନା ଅଧିକାରୀ ଜୟପ୍ରକାଶ ପରିଡ଼ା କହିଛନ୍ତି। ତେବେ ମହିଳା ଜଣଙ୍କ ମାନସିକ ବିକାରଗ୍ରସ୍ତ ହୋଇଥିବା ବେଳେ ତାଙ୍କୁ କାହିଁକି କିଏ ହତ୍ୟା କଲା ଏନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସିସିଟିଭି ଫୁଟେଜ ହସ୍ତଗତ ହୋଇଛି, ତଦନ୍ତ ଜାରି ରହିଛି ବୋଲି ଥାନା ଅଧିକାରୀ ପରିଡ଼ା କହିଛନ୍ତି।



# ରାସ୍ତାକୁ ଗୋରୁଙ୍କୁ ନ ଛାଡ଼ିବା ପାଇଁ ସଚେତନତା



ସହଯୋଗ ଅନୁଷ୍ଠାନ ପକ୍ଷରୁ ସଚେତନତା କରାଯାଉଛି।

ନିରାକାରପୁର,୧୩ା୭ (ମାନସ ଚନ୍ଦ୍ର ପଟ୍ଟନାୟକ)

ଖୋର୍ଦ୍ଧା ଜିଲା ଟାଙ୍ଗୀ ବ୍ଲକ ଅଞ୍ଚଳରେ ଗାଈଗୋରୁ ଭଳି ଗୃହପାଳିତ ପ୍ରାଣୀମାନେ ରାସ୍ତାରେ ବୁଲିବା ସହ ଶୋଇବା ଫଳରେ ଦୁର୍ଘଟଣାକୁ ଆମନ୍ତ୍ରଣ କରୁଛନ୍ତି। ବୁଧବାର ନିରାକାରପୁର ଥାନା ସମ୍ମୁଖ ନୂଆ ଜଗନ୍ନାଥ ସଡକରେ ଗାଈଗୋଠ ପଲ୍ଲରେ ଗୋଟିଏ ଷଣ୍ଢ ଶୋଇଥିବା ବେଳେ ଏକ ଗାଡି ଧକ୍କାରେ ମୃତ୍ୟୁ ଘଟିଥିଲା। ଏହା ସହିତ ୧୬ ନମ୍ବର ଜାତୀୟ ରାଜପଥରେ ଅନେକ ସମୟରେ ଗାଡି ଧକ୍କାରେ ଗୋରୁଙ୍କ ଜୀବନ ଯାଉଥିବା ନଜିର ରହିଛି। ତେବେ ପ୍ରଶାସନ ପକ୍ଷରୁ ସେଭଳି ପଦକ୍ଷେପ ଗ୍ରହଣ କରାଯାଉ ନାହିଁ କିମ୍ବା ରାସ୍ତାରେ ଛାଡୁଥିବା ମାଲିକମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନାହିଁ। ଫଳରେ ନିରୀହ ପ୍ରାଣୀମାନଙ୍କ ଜୀବନ ଯାଉଛି । ଏନେଇ ସାମାଜିକ ଅନୁଷ୍ଠାନ 'ସହଯୋଗ' ପକ୍ଷରୁ ଲିଫ୍ଲେଟ ମଧ୍ୟମରେ ଗାଈଗୋରୁଙ୍କୁ ରାସ୍ତାକୁ ନ ଛାଡିବା ପାଇଁ ସଚେତନତା କରାଯାଇଛି।

# ୨ ଗିରଫ: ସୁନା,ରୁପା ଅଳଙ୍କାର ଜବତ

## ଝରକା ତାଡ଼ି ଚୋରି ଘଟଣା

ଭୁବନେଶ୍ୱର,୧୩ା୭ (ସୂର୍ଯ୍ୟକାନ୍ତ ବେହେରା)

ମଞ୍ଚେଶ୍ୱର ଥାନା ଅନ୍ତର୍ଗତ ଧିରୀକୁଟି ବସ୍ତିରେ ଜଣଙ୍କ ଘରର ଝରକା ଭାଙ୍ଗି ସୁନା ଓ ରୁପା ଅଳଙ୍କାର ସହ ଟଙ୍କା ଚୋରି ଘଟଣାରେ ପୋଲିସ ୨ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ନୟାଗଡର ରବି ନାୟକ ଓ ଗଞ୍ଜାମର ବିଜୁ ପଲାଇ। ଉଭୟଙ୍କଠାରୁ ଗୋଟିଏ ସୁନା ଚେନ, ସୁନା ମଙ୍ଗଳସୂତ୍ର, ହଳେ ସୁନା ଖଡୁ ଓ ଚୁଡି, ୩ଟି ସୁନା ନାକଫୁଲ, ହଳେ ରୁପା ପାଉଁଜି, ୨ଟି ରୁପା ଚେନ, ରୁପା ଚୁଡି, ଆଧାର କାର୍ଡ ଓ ଅନ୍ୟାନ୍ୟ ଜିନିଷ ଜବତ ହୋଇଛି। ଜାମିନ ନ ମିଳିବାରୁ ସମସ୍ତ ଅଭିଯୁକ୍ତଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି ।

ସୂଚନାନୁସାରେ, ଅଭିଯୋଗକାରିଣୀ ମହିଳା ଜଣକ କୋଲକାତାରେ ବିବାହ କରିଥିବାବେଳେ କିଛିଦିନ ପୂର୍ବରୁ ଧୀରୀକୁଟି ବସ୍ତିରେ ଥିବା ବାପଘରକୁ ବୁଲିବାକୁ ଆସିଥିଲେ। ଘଟଣା ଦିନ ରାତିରେ ସେ ନିଜ ସୁନା ଓ ରୁପା ଗହଣାକୁ ଏକ ରୁମ୍‌ରେ ରଖି ଅନ୍ୟ ଏକ ରୁମରେ ପରିବାର ସଦସ୍ୟଙ୍କ ସହିତ ଶୋଇଥିଲେ। ବିଳମ୍ବିତ ରାତିରେ ଅଭିଯୁକ୍ତଦ୍ୱୟ ଘରର ଝରକା ଗ୍ରିଲ୍ ଭାଙ୍ଗି ଭିତରେ ଥିବା ସୁନା ଓ ରୁପା ଅଳଙ୍କାର ସହିତ ୧୫୦୦ ଟଙ୍କା ଚୋରି କରିନେଇଥିଲେ। ଏନେଇ ଥାନାରେ ଅଭିଯୋଗ ହେବା ପରେ ପୋଲିସ ତଦନ୍ତ କରିବା ସହ ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ଅଭିଯୁକ୍ତ ରବି ନାୟକଙ୍କ ନାମରେ ପୂର୍ବରୁ ମଞ୍ଚେଶ୍ୱର ଥାନାରେ ଗୋଟିଏ ମାମଲା ରହିଥିବାବେଳେ ଅଭିଯୁକ୍ତ ବିଜୁ ପଲେଇଙ୍କ ନାମରେ ମଞ୍ଚେଶ୍ୱର ଥାନାରେ ୫ଟି ଓ ଶହୀଦନଗର ଥାନାରେ ୩ଟି ମାମଲା ରହିଛି।

# ଫାଣ୍ଡିରୁ ଚମ୍ପଟ ଅଭିଯୁକ୍ତ ମାସେ ପରେ ଗିରଫ

ଗୋପ,୧୩ା୭(ଭାରତୀ ଭୂଷଣ ଉପାଧ୍ୟାୟ)

ନୟାହାଟ ଫାଣ୍ଡି ହାଜତରୁ ପୋଲିସ ବଳୟ ମଧ୍ୟରେ ଥିବା ଜଣେ ଚମ୍ପଟ ମାରିଥିବା ଅଭିଯୁକ୍ତଙ୍କୁ ମାସେ ପରେ ଗୁରୁବାର ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ନୟାହାଟ ଫାଣ୍ଡି ଅନ୍ତର୍ଗତ ଧୁମାଳ ଗ୍ରାମର କୁଖ୍ୟାତ ଅପରାଧୀ ଅଜୟ କୁମାର ଖଟୋଇ (୨୮)। ଜାମିନ ଆବେଦନ ଖାରଜ ହେବା ପରେ କୋର୍ଟ ଅଭିଯୁକ୍ତଙ୍କୁ ଜେଲକୁ ପଠାଇ ଦେଇଥିବା ଥାନା ଅଧିକାରୀ ସୁନୀଲ କୁମାର ପ୍ରଧାନ ସୂଚନା ଦେଇଛନ୍ତି। ପ୍ରକାଶ ଯେ, ଅଜୟ ବିଭିନ୍ନ ଥାନା ଅଞ୍ଚଳରେ ଚୋରି, ରାହାଜାନୀ, ଡକାୟତି ସହିତ ୩୦ରୁ ଊର୍ଦ୍ଧ୍ୱ ମାମଲା ରହିଥିଲା। ଗତ ଜୁନ ୧୩ ତାରିଖ ରାତିରେ ଅଭିଯୁକ୍ତ ଅଜୟ ନିକଟସ୍ଥ ଗାଁର ଜଣେ ଯୁବତୀଙ୍କ ୪ଟି ମୋବାଇଲ ସହିତ ସୁନା ଅଳଙ୍କାର ଚୋରି କରି ନେବା ପରେ ଫେରାର୍ ରହିଥିଲା। ଏ ସମ୍ପର୍କରେ ଅଭିଯୋଗ ହେବା ପରେ ଥାନାରେ ମାମଲା(ନଂ. ୨୪୨/୨୩) ରୁଜୁ କରି ପୋଲିସ ଅଜୟଙ୍କୁ ଗିରଫ କରିବା ସହ କେତେକ ଚୋରି ମୋବାଇଲ ଜବତ କରିଥିଲା। ପରଦିନ ନୟାହାଟ ଫାଣ୍ଡିରେ ଥିବାବେଳେ ଅଜୟ କୌଶଳକ୍ରମେ ଚମ୍ପଟ ମାରିଥିଲା।

# ପୋଡ଼ାଡିହରେ ଡାକମେଳା କାର୍ଯ୍ୟକ୍ରମ



ଡାକମେଳା କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଏବଂ ଅନ୍ୟମାନେ।

ବେଗୁନିଆ,୧୩ା୭(ହରପ୍ରସନ୍ନ ପଣ୍ଡା)

ବେଗୁନିଆ ବ୍ଲକ ଅନ୍ତର୍ଗତ ପୋଡାଡିହସ୍ଥିତ ରାଜୀବ ଗାନ୍ଧୀ ସେବାକେନ୍ଦ୍ର ପରିସରରେ ଗୁରୁବାର ଡାକମେଳା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପୋଷ୍ଟମାଷ୍ଟର ମୃତ୍ୟୁଞ୍ଜୟ ହାଁସଦାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ମେଳାରେ ମୁଖ୍ୟ ଶାଖା ପ୍ରବନ୍ଧକ ଆଇପିପିବି ସିମନ୍ତିକା ପ୍ରିୟଦର୍ଶିନୀ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ଭୁବନେଶ୍ୱର ମଣ୍ଡଳ ଡାକ ଅଧୀକ୍ଷକ ବସନ୍ତ କୁମାର ପଣ୍ଡା, ଖୋର୍ଦ୍ଧା ଉପଡାକ ମଣ୍ଡଳ ସହକାରୀ ଅଧୀକ୍ଷକ ଦେବଦତ୍ତ ଜେନା, ଡାକ ବୀମା ଉନ୍ନୟନ ଅଧିକାରୀ ପ୍ରଭାକର ଶତପଥୀ, ପୂର୍ବତନ ସରପଞ୍ଚ ସୁଦର୍ଶନ ମାଣିକ, ଶିକ୍ଷକ ପଠାଣି ସାହୁ, ଖୋର୍ଦ୍ଧା ଡାକଘର ମିଳନ କୁମାର ସାହୁ, ପୋଷ୍ଟାଲ ସୁପର ଭାଇଜର ଅର୍ଜୁନ ସେଠୀ ଓ ବିପିନ ମହାଭୋଇ ପ୍ରମୁଖ ଉପସ୍ଥିତ ଥିଲେ। ମିଳୁଥିବା ସମସ୍ତ ସେବା ଓ ବିଭିନ୍ନ ଯୋଜନା ସମ୍ପର୍କରେ ଆଲୋକପାତ କରାଯାଇଥିଲା। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ପ୍ରବନ୍ଧ ପ୍ରତିଯୋଗିତା କରାଯାଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ସହକାରୀ ପୋଷ୍ଟମାଷ୍ଟର ମୋନାଲିସା ବିଶ୍ୱାଳ ଧନ୍ୟବାଦ ଦେଇଥିଲେ।

# 'ମାତାପିତାଙ୍କ ରୂପରେ ଈଶ୍ୱରଙ୍କ ମହତ ଉଦ୍ଦେଶ୍ୟ ସାଧିତ ହୋଇଥାଏ'



## ସିଭିଲ ସର୍ଭିସ ପରୀକ୍ଷାରେ ଉତ୍ତୀର୍ଣ୍ଣ ୧୪ ଜଣଙ୍କୁ ସମ୍ବର୍ଦ୍ଧନା

ଭୁବନେଶ୍ୱର,୧୩ା୭(ଶର୍ମିଷ୍ଠା ପାଣିଗ୍ରାହୀ)

ସିଭିଲ ସର୍ଭିସ ପରୀକ୍ଷା-୨୦୨୨ରେ ଉତ୍ତୀର୍ଣ୍ଣ ହୋଇଥିବା ଓଡ଼ିଶାର ୧୪ଜଣଙ୍କୁ ଗୁରୁବାର ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ରାଜଭବନରେ ସମ୍ବର୍ଦ୍ଧିତ କରିଛନ୍ତି। ଏହି ଅବସରରେ ରାଜ୍ୟପାଳ କହିଛନ୍ତି, ମାତାପିତାଙ୍କ ରୂପରେ ଈଶ୍ୱରଙ୍କ ମହତ ଉଦ୍ଦେଶ୍ୟ ସାଧିତ ହୋଇଥାଏ। ସେଥିପାଇଁ ମାତାପିତାଙ୍କ ସ୍ଥାନ ସଂସାରରେ ଊର୍ଦ୍ଧ୍ୱରେ। ନିଜ ସନ୍ତାନ ପାଇଁ ସେମାନେ ସାକ୍ଷାତ୍ ଭଗବାନ। ଈଶ୍ୱର ସେମାନଙ୍କୁ ଏପରି ଶକ୍ତି ପ୍ରଦାନ କରିଥାନ୍ତି, ଯାହା ପ୍ରତି ଆହ୍ୱାନକୁ ସଫଳଭାବେ ସମ୍ମୁଖୀନ ହେବାକୁ ସାହସ ଦେଇଥାଏ। ତ୍ୟାଗ ଓ ପରିଶ୍ରମର ଫଳ ନିଜ ସନ୍ତାନଙ୍କ ସଫଳତାରେ ପ୍ରତିଫଳିତ ହୁଏ। ଏହା ଏକ ଦିବ୍ୟ ଆନନ୍ଦ ପ୍ରଦାନ କରିଥାଏ। ଏହି ସମ୍ବର୍ଦ୍ଧନା କାର୍ଯ୍ୟକ୍ରମକୁ ମାତାପିତାଙ୍କୁ ସ୍ୱତନ୍ତ୍ରଭାବେ ନିମନ୍ତ୍ରଣ କରାଯାଇଥିଲା। ରାଜ୍ୟପାଳଙ୍କ ପ୍ରମୁଖ ଶାସନ ସଚିବ ଶାଶ୍ୱତ ମିଶ୍ର ନିଜର ବ୍ୟକ୍ତିଗତ ଅନୁଭୂତି ବର୍ଣ୍ଣନା କରିବା ସହିତ ମଣିଷ ଜୀବନରେ ମା' ବାପାଙ୍କ ଆଶୀର୍ବାଦ ସଫଳତାର ଶିଖରରେ ପହଞ୍ଚାଇ ପାରିବ ବୋଲି କହିଥିଲେ। ବିନମ୍ରତା, ସାଧୁତା, ସେବା ମନୋଭାବ ବ୍ୟକ୍ତିଗତ ଓ ଚାକିରୀ ଜୀବନରେ ଅଶେଷ ଆନନ୍ଦ ପ୍ରଦାନ କରିଥାଏ। ଏହାକୁ ସଫଳ ପ୍ରାର୍ଥୀମାନେ ଆପଣେଇବାକୁ ସେ ପରାମର୍ଶ ଦେଇଥିଲେ। ପରେ ରାଜ୍ୟପାଳ ୧୪ଜଣ ସଫଳପ୍ରାର୍ଥୀଙ୍କ ମାତାପିତାଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ସଫଳ ପ୍ରାର୍ଥୀଙ୍କ ମଧ୍ୟରେ ଅନୁପ ଦାସ, ପ୍ରଣିତା ଦାଶ, କସ୍ତୁରୀ ପଣ୍ଡା, ସୌମ୍ୟରଞ୍ଜନ ଦାଶ, ଦୁର୍ଗା ପ୍ରସାଦ ଅଧିକାରୀ, ଲକ୍ଷ୍ମୀପ୍ରିୟା ଉପାଧ୍ୟାୟ, ସୁଶ୍ରୀ ଶୁଭାଙ୍ଗୀ ଖୁଣ୍ଟିଆ, ସତ୍ୟ ପ୍ରକାଶ ମିଶ୍ର, ତେଜସ୍ୱିନୀ ବେହେରା, ପ୍ରଥମା ପ୍ରତୀକ୍ଷା ପ୍ରଧାନ, ଚନ୍ଦନ ପ୍ରସାଦ, ଶୁଭସ୍ମିଗ୍ଧା ସେଠୀ ଓ ହରେକୃଷ୍ଣ ମେହେର ନିଜ ମାତାପିତାଙ୍କ ସହିତ ଯୋଗଦେଇଥିଲେ।

# ୪ ଆଶ୍ରମ ପରିକ୍ରମା କଲେ ସୁବର୍ଣ୍ଣ ସୁଦର୍ଶନ

## ଶ୍ରୀମନ୍ଦିରରେ ଚକ୍ରବୁଲା ଏକାଦଶୀ ନୀତି ସମ୍ପନ୍ନ

ପୁରୀ, ୧୩ା୭(ଅଜିତ୍ ମହାନ୍ତି):



ଶ୍ରାବଣ କୃଷ୍ଣ ଏକାଦଶୀ କାମଦା ଏକାଦଶୀ ତିଥି ଶୁକ୍ରବାର ଶ୍ରୀମନ୍ଦିରରେ ଚକ୍ରବୁଲା ଏକାଦଶୀ ନୀତି ସମ୍ପନ୍ନ ହୋଇଛି। ମହାପ୍ରଭୁଙ୍କ ଆୟୁଧ ସୁବର୍ଣ୍ଣର ସୁଦର୍ଶନ ଚକ୍ର ଶ୍ରୀକ୍ଷେତ୍ରର ଚାରି ଆଶ୍ରମ ପରିକ୍ରମା କରିଥିଲେ। ଶ୍ରୀମନ୍ଦିରରେ ଶ୍ରୀବିଗ୍ରହମାନଙ୍କର ମଧ୍ୟାହ୍ନ ଧୂପ ଛେକ ଆସିବା ପରେ ଭଣ୍ଡାରଘରୁ ସୁବର୍ଣ୍ଣର ସୁଦର୍ଶନଙ୍କୁ ଭିତରକୁ ବିଜେ କରାଯାଇଥିଲା। ପରେ ଶ୍ରୀବିଗ୍ରହମାନଙ୍କ ମଧ୍ୟାହ୍ନ ଧୂପ ନୀତି ଅନୁଷ୍ଠିତ ହୋଇଥିଲା। ଅନ୍ୟାନ୍ୟ ନୀତି ପରେ ସୁବର୍ଣ୍ଣ ସୁଦର୍ଶନ ଚକ୍ର ମହାପ୍ରଭୁଙ୍କଠାରୁ ଆଜ୍ଞାମାଳ ପାଇ ବିମାନକୁ ବିଜେ କରିଥିଲେ। ବିମାନକୁ ଘଣ୍ଟ, ଛତା, କାହାଳୀ ଏବଂ ସେବାୟତଙ୍କ ଗହଣରେ ବିମାନବଡୁ ସେବାୟତ ନେଇ ସିଂହଦ୍ୱାର ଦେଇ ଶ୍ରୀନଅର ନିକଟକୁ ଯାଇଥିଲେ। ସେଠାରେ ପନ୍ତିଭୋଗ ହୋଇଥିଲା। ପରେ ସୁଦର୍ଶନ ଶ୍ରୀକ୍ଷେତ୍ରର ଚାରି ଆଶ୍ରମ ଯଥା- ମାର୍କଣ୍ଡେଶ୍ୱର ସାହିର ମାର୍କଣ୍ଡେୟ ଆଶ୍ରମ, ଦୋଳମଣ୍ଡପ ସାହି ଜହ୍ନିମୁଣ୍ଡିଆ ଛକ ନିକଟସ୍ଥ ଅଙ୍ଗିରା ଆଶ୍ରମ, ବାଲିସାହିସ୍ଥିତ ଭୃଗୁ ଆଶ୍ରମ ଏବଂ ହରଚଣ୍ଡୀ ସାହି ଶେଷ ଭାଗରେ ଥିବା ଶ୍ରୀଯମେଶ୍ୱର ମହାଦେବଙ୍କ ମନ୍ଦିର ନିକଟସ୍ଥ କଣ୍ଡୁ ଆଶ୍ରମକୁ ବିଜେ କରିଥିଲେ। ଆଶ୍ରମରେ ଚକ୍ରରାଜଙ୍କୁ ଶୀତଳ ଭୋଗ କରାଯିବା ସହ ବନ୍ଦାପନା ନୀତି ଅନୁଷ୍ଠିତ ହୋଇଥିଲା। ନଗର ପରିକ୍ରମା ପରେ ସୁବର୍ଣ୍ଣ ସୁଦର୍ଶନ ଚକ୍ର ଶ୍ରୀମନ୍ଦିରକୁ ବହୁଡ଼ା ବିଜେ କରିଥିଲେ। ପରେ ଶ୍ରୀମନ୍ଦିରରେ ଅନ୍ୟାନ୍ୟ ନୀତି ବଢି ରାତ୍ର ପହୁଡ଼ ସମ୍ପନ୍ନ ହୋଇଥିଲା।

# ବାଇକ୍ ଡିକି ଭାଙ୍ଗି ଦେଢ଼ ଲକ୍ଷ ଟଙ୍କା ଲୁଟ୍

କାକଟପୁର,୧୩ା୭(ଶୁଭଦର୍ଶନ ମିଶ୍ର)

କାକଟପୁର ଥାନା ଅଧୀନ ତେନ୍ତୁଳିଆ ଗ୍ରାମର ସୁଦର୍ଶନ କାଳିଆ କାକଟପୁରସ୍ଥିତ ଷ୍ଟେଟ ବ୍ୟାଙ୍କରୁ ଦେଢ଼ଲକ୍ଷ ଟଙ୍କା ଉଠାଇ ଏକ ଔଷଧ ଷ୍ଟୋର ସମ୍ମୁଖରେ ଗାଡ଼ି ରଖି ଔଷଧ କିଣୁଥିଲେ। ୨ ଦୁର୍ବୃତ୍ତ ତାଙ୍କ ଗାଡ଼ି ଡିକି ଭାଙ୍ଗି ସେଥିରୁ ସବୁ ଟଙ୍କା ଲୁଟି ଫେରାର ହୋଇଯାଇଛନ୍ତି। ସିସିଟିଭି ଫୁଟେଜକୁ ଅନୁଧ୍ୟାନ କରି ପୋଲିସ ଚାରିଛକ ପର୍ଯ୍ୟନ୍ତ ଦୁର୍ବୃତ୍ତଙ୍କୁ ପିଛା କରିଥିଲେ ମଧ୍ୟ ସେମାନଙ୍କ ଟେର ପାଇନାହିଁ। ଅପରାଧୀମାନେ ନିଆଳିଠାରୁ ବନମାଳୀପୁର ଅଞ୍ଚଳ ଦେଇ ଫେରାର ହୋଇଯାଇଥିବା ଅନୁମାନ କରାଯାଉଛି ବୋଲି କାକଟପୁର ଥାନାଧିକାରୀ ରଞ୍ଜନ ମଲ୍ଲିକ କହିଛନ୍ତି। ଆଖପାଖ ଥାନାକୁ ଖବର ଦିଆଯିବା ସହ ଦୁର୍ବୃତ୍ତଙ୍କୁ ଧରିବା ପାଇଁ ଛାନ୍‌ଭିନ ଚାଲୁ ରହିଛି।

# କୃଷ୍ଣପ୍ରସାଦ ବ୍ଲକ ପରିସରରେ ଚାରାରୋପଣ

କୃଷ୍ଣପ୍ରସାଦ,୧୩ା୭ (କୈଳାଶ ଚନ୍ଦ୍ର ପଟ୍ଟନାୟକ)



କୃଷ୍ଣପ୍ରସାଦ ବ୍ଲକ ପରିସରରେ ଚାରାରୋପଣ କରାଯାଉଛି।

ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ପରିସରରେ ଯୁବ ସାମାଜିକ ସଙ୍ଗଠନ ଓ ଚିଲିକା ନୂଆପଡା ବନ୍ୟପ୍ରାଣୀ ବନାଞ୍ଚଳ ପକ୍ଷରୁ ଗୁରୁବାର ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ନୂଆପଡ଼ା ବନାଞ୍ଚଳ ଅଧିକାରୀ କାଶୀନାଥ ହେମ୍ବ୍ରମଙ୍କ ନେତୃତ୍ୱରେ ବ୍ଲକ ସହକାରୀ ଯନ୍ତ୍ରୀ ବିନୋଦ ବିହାରୀ ପୁହାଣ, କନିଷ୍ଠ ଯନ୍ତ୍ରୀ ପଙ୍କଜରାଜ ମିଞ୍ଜ, ମର୍ଦ୍ଦରାଜପୁରର ଯୁବନେତା ଦାଶରଥି ମହାନ୍ତି, ସାମାଜିକ କର୍ମୀ ସୁବାସ ଚନ୍ଦ୍ର ଜେନା, ପିଙ୍କି ଜେନା, ପ୍ରଦ୍ୟୁମ୍ନ କୁମାର ବିଶ୍ୱାଳ, କାର୍ତ୍ତିକ ଦଳେଇ ପ୍ରମୁଖ ସାମିଲ ହୋଇ ବିଭିନ୍ନ କିସମର ଚାରାରୋପଣ କରିଥିଲେ। ବନପାଳ ବିଶ୍ୱନାଥ ଟୁଡୁ, ବନପାଳ ମୀନା କୁମାରୀ ନାୟକ, ଗ୍ରୀନ ପାରିକୁଦର ନକୁଳ ସୁନ୍ଦରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ପ୍ରମାଣପତ୍ର ଯାଞ୍ଚ ବିଳମ୍ବ ଘଟଣା, ଅନଶନ ପ୍ରତ୍ୟାହୃତ

ବୋଲଗଡ଼,୧୩ା୭(ଦେବବ୍ରତ ହୋତା)



ବୋଲଗଡ଼ ବ୍ଲକ ଗେଡିଆପଲ୍ଲୀ ପଞ୍ଚାୟତର ସାଲତରା ଗ୍ରାମରେ ଥିବା ଅଙ୍ଗନୱାଡି କେନ୍ଦ୍ରର ଅଙ୍ଗନୱାଡି କର୍ମୀ ନିଯୁକ୍ତି ପାଇଁ ହେବାକୁ ଥିବା ପ୍ରମାଣପତ୍ର ଯାଞ୍ଚ ଧାର୍ଯ୍ୟ ତାରିଖରେ ନ ହେବା ଏବଂ ଏଥିନେଇ ଆବେଦନ କରିଥିବା ପ୍ରାର୍ଥିନୀମାନଙ୍କୁ କୌଣସି ସୂଚନା ନ ଦେଇ ସମୟ ଗଡ଼ାଇବା ପ୍ରତିବାଦରେ ବୁଧବାରଠାରୁ ସ୍ଥାନୀୟ ବାସିନ୍ଦା ଜୟନ୍ତ ତ୍ରିପାଠୀ ବୋଲଗଡ଼ ସିଡିପିଓଙ୍କ କାର୍ଯ୍ୟାଳୟ ସମ୍ମୁଖରେ କରିଥିବା ଅନଶନ ଗୁରୁବାର ପ୍ରତ୍ୟାହୃତ ହୋଇଛି। ସିଡିପିଓ କ୍ରିଷ୍ଣାପ୍ରିୟା ପ୍ରଧାନ ଓ ବିଡିଓ ଧୋବେଇ ନାଏକଙ୍କ ପକ୍ଷରୁ ବୁଝାଶୁଝା ପରେ ପ୍ରମାଣପତ୍ର ଯାଞ୍ଚ ପାଇଁ ଲିଖିତ ଭାବେ ସିଡିପିଓ କାର୍ଯ୍ୟାଳୟ ପକ୍ଷରୁ ଜଣାଇଦିଆଯିବା ପରେ ଅନଶନ ପ୍ରତ୍ୟାହୃତ ହୋଇଛି। ସୂଚନାଥାଉ କି, ସାଲତରା ଅଙ୍ଗନୱାଡି କର୍ମୀ ନିଯୁକ୍ତି ନେଇ ଶିଶୁବିକାଶ ପ୍ରକଳ୍ପ କାର୍ଯ୍ୟାଳୟ ପକ୍ଷରୁ ପତ୍ର ସଂଖ୍ୟା. ୩୫୮ ତା.୧୩ ୦୭.୨୦୨୩ ରେ ଗେଡିଆପଲ୍ଲୀ ପଞ୍ଚାୟତ ଅଧୀନ ସମସ୍ତ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଇଛି ଯେ, ବିଗତ ଦିନରେ ପ୍ରକାଶ ପାଇଥିବା ସାଲତରା ଅଙ୍ଗନୱାଡି କେନ୍ଦ୍ର କର୍ମୀ ନିମନ୍ତେ ନିଯୁକ୍ତି ଉଦ୍ଦେଶ୍ୟରେ ପ୍ରକାଶ ପାଇଥିବା ବିଜ୍ଞାପନ ସଂଖ୍ୟା ୩୦୧/ତା୧୬.୦୬. ୨୦୨୩ ଅନୁଯାୟୀ ପୂର୍ବରୁ ଏହି ପଦବୀ ପାଇଁ ଆବେଦନ କରିଥିବା ୬ଜଣ ମହିଳାଙ୍କୁ ଏହି ନିଯୁକ୍ତି ପ୍ରକ୍ରିୟାରେ ଅନ୍ତର୍ଭୁକ୍ତ କରି ସେମାନଙ୍କ ପ୍ରମାଣପତ୍ର ଯାଞ୍ଚ କରାଯିବା ତାରିଖ ଓ ଅନ୍ୟାନ୍ୟ ପ୍ରକ୍ରିୟା ସମ୍ପର୍କରେ ଯାଞ୍ଚ କମିଟି ମୁଖ୍ୟ ଉପଜିଲାପାଳ, ଖୋର୍ଦ୍ଧାଙ୍କ ନିର୍ଦ୍ଦେଶ ମୁତାବକ ସମସ୍ତ ଆବେଦନକାରୀଙ୍କୁ ଜଣାଇ ଦିଆଯିବ ବୋଲି ସୂଚନା ମିଳିଛି।

## ସଂକ୍ଷେପରେ

### ବିଜୁ ଛାତ୍ର ଜନତା ଦଳ ପକ୍ଷରୁ ଛାତ୍ରୀଛାତ୍ରଙ୍କ ପାଇଁ ହେଲ୍ପ ଡେସ୍କ

ପୁରୀ, ୧୩।୭(ଅଜିତ୍ ମହାନ୍ତି): ସାମନ୍ତ ଚନ୍ଦ୍ରଶେଖର ସ୍ୱୟଂଶାସିତ ମହାବିଦ୍ୟାଳୟରେ ଛାତ୍ରୀଛାତ୍ରଙ୍କ ପାଇଁ ବିଜୁ ଛାତ୍ର ଜନତା ଦଳ ପକ୍ଷରୁ ହେଲ୍ପ ଡେସ୍କ ଖୋଲାଯାଇଛି। ମହାବିଦ୍ୟାଳୟ ମୁଖ୍ୟ ଫାଟକ ସମ୍ମୁଖରେ ଗୁରୁବାରଠାରୁ ଏହି ହେଲ୍ପ ଡେସ୍କ ଖୋଲାଯାଇଛି। ଯୁକ୍ତ୨ ନାମଲେଖା ଆରମ୍ଭ ହୋଇଥିବା ବେଳେ ଉକ୍ତ କଲେଜରେ ବହୁତ ରୁମ୍ ଥିବାରୁ ନାମଲେଖା ପାଇଁ ଆସିଥିବା ଛାତ୍ରୀଛାତ୍ରଙ୍କୁ ସହାୟତା କରିବା ପାଇଁ ଏହି ହେଲ୍ପ ଡେସ୍କ କାର୍ଯ୍ୟ କରିବ। ବିଶେଷକରି ଛାତ୍ରୀଛାତ୍ର କିଭଳି ନିର୍ଭୁଲରେ ନାମ ଲେଖାଇପାରିବେ, ସେମାନଙ୍କର କୌଣସି ଅସୁବିଧା ହେବ ନାହିଁ, କଲେଜର କେଉଁ ରୁମ୍‌ରେ କେଉଁ କାର୍ଯ୍ୟ କରିବାକୁ ହେବ ସେ ସମ୍ପର୍କରେ ହେଲ୍ପ ଡେସ୍କ ଛାତ୍ରୀଛାତ୍ରଙ୍କୁ ସହାୟତା କରିବ। ଏଥିସହ ଛାତ୍ରୀଛାତ୍ରଙ୍କ ଯେକୌଣସି ସମସ୍ୟାର ସହଜରେ ସମାଧାନ ପାଇଁ ବିଜୁ ଛାତ୍ର ଜନତା ଦଳ କାର୍ଯ୍ୟ କରିବ। ଏ ସମ୍ପର୍କରେ ଛାତ୍ର ବିଜୁ ଜନତା ଦଳର ଉପସଭାପତି ନାରାୟଣ ପ୍ରସାଦ ମହାନ୍ତି ସୂଚନା ଦେଇ କହିଛନ୍ତି, ବର୍ତ୍ତମାନ ମହାବିଦ୍ୟାଳୟରେ ଯୁକ୍ତ୨ ପିଲାଙ୍କ ନାମଲେଖା ଚାଲିଛି। ତେବେ ପ୍ରଥମ କରି ନାମ ଲେଖାଇବାକୁ ଆସିଥିବା ପିଲାମାନେ ଅନେକ ସମୟରେ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହୋଇଥାନ୍ତି। ସେମାନଙ୍କୁ ସାହାଯ୍ୟ କରିବା ପାଇଁ ଏହି ହେଲ୍ପ ଡେସ୍କ ବ୍ୟବସ୍ଥା ହୋଇଛି।

### ମାର୍କଣ୍ଡେଶ୍ୱର ମନ୍ଦିର, ପୁଷ୍କରିଣୀ ଉନ୍ନୟନ କମିଟି ଗୃହ ଉଦ୍‌ଘାଟିତ

ପୁରୀ, ୧୩।୭(ଅଜିତ୍ ମହାନ୍ତି): ମାର୍କଣ୍ଡେଶ୍ୱର ମନ୍ଦିର ଓ ପୁଷ୍କରିଣୀ ଉନ୍ନୟନ କମିଟିର ନୂତନ ଗୃହ ଉଦ୍‌ଘାଟିତ ହୋଇଛି। ବିଧାନସଭାର ପୂର୍ବତନ ବାଚସ୍ପତି ମହେଶ୍ୱର ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗଦେଇ ନବନିର୍ମିତ ଗୋଷ୍ଠୀ ଗୃହକୁ ଲୋକାର୍ପଣ କରିଛନ୍ତି। ପୂର୍ବତନ ପୌରସଦସ୍ୟ ଭକ୍ତଚରଣ ଦାସ ଏବଂ ଜଗନ୍ନାଥ ଗୋଛିକାର ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ସ୍ଥାନୀୟ ଅଧିବାସୀଙ୍କ ସମେତ ମହିଳା ଗୋଷ୍ଠୀର ଶତାଧିକ କର୍ମୀ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ଏହି ଗୃହ ବିଭିନ୍ନ ସାମାଜିକ ଓ ସାଂସ୍କୃତିକ କାର୍ଯ୍ୟରେ ବ୍ୟବହାର କରାଯିବ ବୋଲି ମହାନ୍ତି ସୂଚନା ଦେଇଛନ୍ତି।

### ପୂର୍ବ ଶତ୍ରୁତାରୁ ଆକ୍ରମଣ ଅଭିଯୋଗ, ୩ ଅଟକ

ନିମାପଡ଼ା,୧୩।୭(ବିଚିତ୍ରାନନ୍ଦ ସାହୁ)- ନିମାପଡ଼ା ଥାନା ଅଧୀନ ଅରିଷଣ୍ଡ ପଞ୍ଚାୟତ ବାମଦେଇପୁର ଗ୍ରାମରେ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ବୁଧବାର ଜଣେ ବ୍ୟକ୍ତିଙ୍କୁ ସଂଘବଦ୍ଧ ଆକ୍ରମଣ କରାଯାଇଛି। ଏନେଇ ଗୁରୁବାର ପୋଲିସ ୬ ଜଣଙ୍କ ବିରୋଧରେ ୨୩୭/୨୩ରେ ଏକ ମାମଲା ରୁଜୁ କରିଛି। ସ୍ୱାଧୀନ ବେହେରା, କାର୍ତ୍ତିକ ବେହେରା, ଗଣେଶ ବେହେରା ପ୍ରମୁଖ ୩ ଜଣଙ୍କୁ ଅଟକ ରଖି ପଚରାଉଚରା ଚଳାଇଛି। ସୂଚନା ମୁତାବକ, ଶରତ ବେହେରା ବୁଧବାର ସନ୍ଧ୍ୟାରେ ଗୋଖାଦ୍ୟ ନେବାକୁ ଲୁନାରେ ଗାଁରୁ ନିମାପଡ଼ା ବଜାରକୁ ଆସିଥିଲେ। ଅମଲାପଡ଼ା ଗ୍ରାମ ଗଳିଠାରେ ଗ୍ରାମର ସ୍ୱାଧୀନ, କାର୍ତ୍ତିକ, ଗଣେଶ, ବିଜୟ ବେହେରା ଓ ଅନ୍ୟ ୨ ଜଣ ମିଶି ଶରତଙ୍କୁ ନିସ୍ଫୁକ ମାଡ଼ ମାରିଥିଲେ। ତାଙ୍କ ପକେଟରୁ ଆକ୍ରମଣକାରୀମାନେ ୨ ହଜାର ଟଙ୍କା ନେଇ ଫେରାର ହୋଇଯାଇଥିଲେ। ସ୍ଥାନୀୟ ଲୋକେ ଶରତଙ୍କୁ ଉଦ୍ଧାର କରି ନିମାପଡ଼ା ମେଡିକାଲରେ ଭର୍ତ୍ତି କରିଥିଲେ। ପରେ କ୍ରୋଧାନ୍ୱିତ ହୋଇ ଆକ୍ରମଣକାରୀ ଗ୍ରାମକୁ ଯାଇ ଶରତଙ୍କ ଘରେ ପଶି ତାଙ୍କ ସ୍ତ୍ରୀ ମନୋରମା ବେହେରାଙ୍କୁ ମାଡ଼ ମାରି, ଟଣାଓଟରା କରି ଦୁର୍ବ୍ୟବହାର ପ୍ରଦର୍ଶନ କରିବା ସହ ବିଭିନ୍ନ ଧମକଚମକ ଦେଇଥିଲେ। ଏ ସମ୍ପର୍କରେ ମନୋରମା ୬ ଜଣଙ୍କ ବିରୋଧରେ ଥାନାରେ ଗୁରୁବାର ଅଭିଯୋଗ କରିଥିଲେ।

# ଚିକିତ୍ସା ବିଳମ୍ବ: ଫାର୍ମାସିଷ୍ଟଙ୍କୁ ଆକ୍ରମଣ

**କାକଟପୁର,୧୩।୭(ଶୁଭଦର୍ଶନ ମିଶ୍ର)**


ଭାଇରାଲ ହୋଇଥିବା ଦୃଶ୍ୟ ।

ପୁରୀ ଜିଲା କାକଟପୁରସ୍ଥିତ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସାରେ ବିଳମ୍ବ ଅଭିଯୋଗ କରି ଜଣେ ରୋଗୀଙ୍କ ସମ୍ପର୍କୀୟ କାର୍ଯ୍ୟରତ ଫାର୍ମାସିଷ୍ଟଙ୍କୁ ନିସ୍ଫୁକ ମାଡ଼ ମାରିବା ସହ ସ୍ୱାସ୍ଥ୍ୟକେନ୍ଦ୍ରରେ ଆସବାବପତ୍ର ଭଙ୍ଗାରୁଜା କରିବା ଘଟଣାରେ ଗୁରୁବାର ଗିରଫ ହୋଇଛନ୍ତି। ସେ ହେଲେ ସ୍ଥାନୀୟ ନୀଳକଣ୍ଠପୁର ଗ୍ରାମର ମଣ୍ଟୁ ରାଉତ। ଏନେଇ କାକଟପୁର ପୋଲିସ ୧୪୦/୨୦୨୩ରେ ଦଫା ୩୪୧, ୩୨୩, ୩୩୨ରେ ଏକ ମାମଲା ରୁଜୁ କରି କୋର୍ଟ ଚାଲାଣ କରିଛି। ଆକ୍ରମଣ ଘଟଣାର ଦୃଶ୍ୟ ସିସି କ୍ୟାମେରାରେ କଏଦ ହୋଇଛି।

ସୂଚନା ମୁତାବକ, ନୀଳକଣ୍ଠପୁର ଗ୍ରାମର ଜଣେ ବ୍ୟକ୍ତି ଅସୁସ୍ଥ ଥିବାରୁ ତାଙ୍କ ଭାଇ ମଣ୍ଟୁ ତାଙ୍କୁ କାକଟପୁରସ୍ଥିତ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ବୁଧବାର ସନ୍ଧ୍ୟାରେ ଆଣିଥିଲେ। ଡାକ୍ତରଙ୍କ ଅନୁପସ୍ଥିତିରେ ଆଉଟଡୋରରେ ରୋଗୀ ଦେଖୁଥିବା ଫାର୍ମାସିଷ୍ଟ ଭକ୍ତ ନାରାୟଣ ମହାରଣା ତାଙ୍କୁ ଇଞ୍ଜେକ୍ସନ ଓ ଔଷଧ ଲେଖିଥିଲେ। ଇଞ୍ଜେକ୍ସନ ଦେବା ଦାଇତ୍ୱରେ ଥିବା ନର୍ସ ଅନ୍ୟ ଜଣେ ରୋଗୀର ସାଲାଇନ

#### ଅଭିଯୁକ୍ତ ଗିରଫ

ଲଗାଉଥିଲେ। ଏଥିରେ ମଣ୍ଟୁ ଉତ୍ତ୍ୟକ୍ତ ହୋଇ ସମ୍ପୃକ୍ତ ଫାର୍ମାସିଷ୍ଟଙ୍କୁ ତାଙ୍କର କାହିଁ ଡେରି ହେଉଛି ବୋଲି ପ୍ରଶ୍ନ କରି ଅଭଦ୍ର ଭାଷାରେ ଗାଳିଗୁଲଜ କରିଥିଲେ। ଏଥିସହ ଚେୟାର ଓ ଓପିଡି ଟେବୁଲକୁ ଗୋଇଠା ମାରିବା ପରେ ବିପି ମାପିବା ମେସିନକୁ ତଳେ କଚାଡି ଭାଙ୍ଗି ଦେବା ସହ ରୋଗୀ ବସିବା ଲୁହା ଚୁଲରେ ଫାର୍ମାସିଷ୍ଟଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ଏହାପରେ ତାଙ୍କୁ ତଣ୍ଟିଆ ମାରି ତଳେ ଫୋପାଡ଼ି ପୁଣି ଘୋଷାରି ଘୋଷାରି ୱାର୍ଡ ପର୍ଯ୍ୟନ୍ତ ନେଇ ରୋଗୀକୁ ଇଞ୍ଜେକ୍ସନ ଦେଇଥିଲେ। ଏତିକିରେ ମଣ୍ଟୁଙ୍କ ରାଗ ଶାନ୍ତ ହୋଇ ନ ଥିଲା। ସେ ରୋଗୀ ଶୋଇବା ଲୁହା ଖଟ ଓ ହାତରେ ଧରିଥିବା ଲୁହା ଚୁଲକୁ ଭାଙ୍ଗିବା ସହ ରୋଗୀ ପାଣି ପିଇବା ପାଇଁ ଥିବା ୱାଟର ପ୍ୟୁରିଫାୟାରକୁ ଭାଙ୍ଗି ଦେଇ ଫେରାର ହୋଇଯାଇଥିଲେ। ଏହି ଘଟଣା ସମ୍ପର୍କରେ ଫାର୍ମାସିଷ୍ଟ ଜଣଙ୍କ ଅଭିଯୋଗ କରିଥିଲେ। ତେବେ ଏହି ସ୍ୱାସ୍ଥ୍ୟକେନ୍ଦ୍ର ଉପରେ କାକଟପୁର ନିର୍ବାଚନମଣ୍ଡଳୀର ୫୦ ହଜାରରୁ ଊର୍ଦ୍ଧ୍ୱ ଜନ ସାଧାରଣ ନିର୍ଭର କରିଥାନ୍ତି। କିନ୍ତୁ ଡାକ୍ତରଙ୍କ ପ୍ରାୟ ସମୟ ଅନୁପସ୍ଥିତି ଯୋଗୁ ଫାର୍ମାସିଷ୍ଟ ଜଣଙ୍କ ରୋଗୀଙ୍କ ଚିକିତ୍ସା କରିଥାନ୍ତି। ବାଙ୍ଗୁରୀଗାଁ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନରେ ଏହି ସ୍ୱାସ୍ଥ୍ୟକେନ୍ଦ୍ରଟି ରହିଛି। ଏହାକୁ କାକଟପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ନାମିତ କରିବାକୁ ଅଞ୍ଚଳର ବରିଷ୍ଠ ନାଗରିକ, ସାମାଜିକ କର୍ମୀ ଓ ବୁଦ୍ଧିଜୀବୀ ମହଲରେ ଦାବି ହୋଇଛି।



ପୁରୀର ନନ୍ଦିନୀ ପଟ୍ଟନାୟକ କାର୍ଡବୋର୍ଡରେ ଚନ୍ଦ୍ରାୟନ-୩ର ମଡେଲ ପ୍ରସ୍ତୁତ କରିଛନ୍ତି ।

# ୪ ଆଶ୍ରମ ପରିକ୍ରମା କଲେ ଚକ୍ର ନାରାୟଣ


ଚକ୍ରନାରାୟଣଙ୍କୁ ଚାରିଆଶ୍ରମ ବିଜେ କରାଯାଉଛି ।

**ପୁରୀ, ୧୩।୭(ଅଜିତ୍ ମହାନ୍ତି):**

ଶ୍ରାବଣ କୃଷ୍ଣ ଏକାଦଶୀ କାମଦା ଏକାଦଶୀ ତିଥି ଶୁକ୍ରବାର ଶ୍ରୀମନ୍ଦିରରେ ଚକ୍ରବୁଲା ଏକାଦଶୀ ନୀତି ସମ୍ପନ୍ନ ହୋଇଛି। ମହାପ୍ରଭୁଙ୍କ ଆୟୁଧ ସୁବର୍ଣ୍ଣର ସୁଦର୍ଶନ ଚକ୍ର ତଥା ଚକ୍ରନାରାୟଣ ଶ୍ରୀକ୍ଷେତ୍ରର ଚାରି ଆଶ୍ରମ ପରିକ୍ରମା କରିଥିଲେ। ଶ୍ରୀମନ୍ଦିରରେ ଶ୍ରୀବିଗ୍ରହମାନଙ୍କର ମଧ୍ୟାହ୍ନ ଧୂପ ଛେକ ଆସିବା ପରେ ଭଣ୍ଡାରଘରୁ ଚକ୍ରନାରାୟଣଙ୍କୁ ଭିତରକୁ ବିଜେ କରାଯାଇଥିଲା। ପରେ ଶ୍ରୀବିଗ୍ରହମାନଙ୍କ

#### ଶ୍ରୀମନ୍ଦିରରେ ଚକ୍ରବୁଲା ଏକାଦଶୀ ନୀତି ସମ୍ପନ୍ନ

ମଧ୍ୟାହ୍ନ ଧୂପ ନୀତି ଅନୁଷ୍ଠିତ ହୋଇଥିଲା। ଅନ୍ୟାନ୍ୟ ନୀତି ପରେ ଚକ୍ରନାରାୟଣ ମହାପ୍ରଭୁଙ୍କଠାରୁ ଆଜ୍ଞାମାଳ ପାଇ ବିମାନକୁ ବିଜେ କରିଥିଲେ। ବିମାନକୁ ଘଣ୍ଟ, ଛତା, କାହାଳୀ ଏବଂ ସେବାୟତଙ୍କ ଗହଣରେ ବିମାନବଡୁ ସେବାୟତ ନେଇ ସିଂହଦ୍ୱାର ଦେଇ ଶ୍ରୀନଅର ନିକଟକୁ ଯାଇଥିଲେ। ସେଠାରେ ପନ୍ତିଭୋଗ ହୋଇଥିଲା। ପରେ ଚକ୍ରନାରାୟଣ ଶ୍ରୀକ୍ଷେତ୍ରର ଚାରି ଆଶ୍ରମ ଯଥା-ମାର୍କଣ୍ଡେଶ୍ୱର ସାହିର ମାର୍କଣ୍ଡେୟ ଆଶ୍ରମ, ଦୋଳମଣ୍ଡପ ସାହି ଜହ୍ନିମୁଣ୍ଡିଆ ଛକ ନିକଟସ୍ଥ ଅଙ୍ଗିରା ଆଶ୍ରମ, ବାଲିସାହିସ୍ଥିତ ଭୃଗୁ ଆଶ୍ରମ ଏବଂ ହରଚଣ୍ଡୀ ସାହି ଶେଷ ଭାଗରେ ଥିବା ଶ୍ରୀଯମେଶ୍ୱର ମହାଦେବଙ୍କ ମନ୍ଦିର ନିକଟସ୍ଥ କଣ୍ଡୁ ଆଶ୍ରମକୁ ବିଜେ କରିଥିଲେ। ଆଶ୍ରମରେ ଚକ୍ରନାରାୟଣଙ୍କୁ ଶୀତଳ ଭୋଗ କରାଯିବା ସହ ବନ୍ଦାପନା ନୀତି ଅନୁଷ୍ଠିତ ହୋଇଥିଲା। ନଗର ପରିକ୍ରମା ପରେ ଚକ୍ରନାରାୟଣ ଶ୍ରୀମନ୍ଦିରକୁ ବହୁଡ଼ା ବିଜେ କରିଥିଲେ। ପରେ ଶ୍ରୀମନ୍ଦିରରେ ଅନ୍ୟାନ୍ୟ ନୀତି ବଢି ରାତ୍ର ପହୁଡ଼ ସମ୍ପନ୍ନ ହୋଇଥିଲା।

### ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳୀରେ ମକ୍‌ଡ୍ରିଲ

**ସାକ୍ଷୀଗୋପାଳ, ୧୩।୭(ଭରତ ରାଉତ)**

ସତ୍ୟବାଦୀ ବ୍ଲକ ଅନ୍ତର୍ଗତ ଅଳଗୁମ ପଞ୍ଚାୟତର ବାତ୍ୟା ଆଶ୍ରୟସ୍ଥଳୀସ୍ତରୀୟ ସାମୂହିକ ଅଭ୍ୟାସ (ମକ୍‌ଡ୍ରିଲ) ବୁଧବାର ଅନୁଷ୍ଠିତ ହୋଇଯାଇଛି। ମକ୍‌ଡ୍ରିଲରେ ବନ୍ୟା ଆଶ୍ରୟସ୍ଥଳୀର ସମସ୍ତ ସଦସ୍ୟ, ପରିଚାଳନା କମିଟି, ସ୍ୱେଚ୍ଛାସେବୀ ଗୋଷ୍ଠୀ, ସ୍ଥାନୀୟ ଜନପ୍ରତିନିଧି ଅଂଶଗ୍ରହଣ କରିଥିଲେ। ଆଶ୍ରୟସ୍ଥଳୀରେ ବିପର୍ଯ୍ୟୟ ପ୍ରାକ ପ୍ରସ୍ତୁତି କେମିତି ରହିବ ଓ ସର୍ବସାଧାରଣରେ ବିପର୍ଯ୍ୟୟକୁ କେମିତି ପ୍ରତିହତ କରିହେବ ତାହା ଉପରେ ସମସ୍ତ ଆଶ୍ରୟସ୍ଥଳୀରେ ଜ୍ଞାନକୌଶଳ ପ୍ରଦର୍ଶନ କରାଯାଇଥିଲା। ମକ୍‌ଡ୍ରିଲରେ ପ୍ରାକ ସୂଚନା ଯଥା ପ୍ରସାରଣ, ଆଶ୍ରୟ ସ୍ଥଳୀକୁ ସ୍ଥାନାନ୍ତରିତ, ସମ୍ପୃକ୍ତ ଅଧିକାରୀଙ୍କ ଭୂମିକା, ସନ୍ଧାନ ଓ ଉଦ୍ଧାର, ପ୍ରାଥମିକ ଚିକିତ୍ସା, ଯନ୍ତ୍ର ଓ ଉପକରଣ ବ୍ୟବହାର, ରିଲିଫ ବଣ୍ଟନ ଏବଂ ପ୍ରସ୍ତୁତି ଉପରେ ମୁଖ୍ୟତଃ ଆଧାରିତ ଥିଲା। ଏହି କାର୍ଯ୍ୟକ୍ରମରେ ଅଗ୍ନିଶମ ଅଧିକାରୀ ମନୋଜ କୁମାର ପାତ୍ର, ସରପଞ୍ଚ ପ୍ରତିନିଧି ରଶ୍ମିରଞ୍ଜନ ବିଶାଳ, ସତ୍ୟବ୍ରତ ସିଂ ଦେଓ, ଯଯାତି କେଶରୀ ରାୟ ପ୍ରମୁଖ ଯୋଗଦେଇଥିଲେ। ଶେଷରେ ସର୍ଚ୍ଚ ଆଣ୍ଡ ରେସକ୍ୟୁର ୨୫ଜଣ ପ୍ରଶିକ୍ଷଣକାରୀଙ୍କୁ ମାନପତ୍ର ଦିଆଯାଇଥିଲା। ସଞ୍ଜୟ ନାୟକ, ନିଳୀମା ରଥ, ଶଶାଙ୍କ ଶେଖର ନାୟକ, କୈଳାସ ବିଶାଳ, ଦେବବ୍ରତ ମଲ୍ଲିକ ପ୍ରମୁଖ ସହଯୋଗ କରିଥିଲେ।

# ନକୁଳ ଭୋଇଙ୍କ ପରିବାରକୁ ଆର୍ଥିକ ସହାୟତା ପ୍ରଦାନ

**ପୁରୀ, ୧୩।୭(ଅଜିତ ମହାନ୍ତି):**

ଚଳିତ ବର୍ଷର ବାହୁଡ଼ାଯାତ୍ରାରେ ତାଳଧ୍ୱଜ ରଥ ଦଉଡ଼ି ହାତରୁ ଖସିଯିବାରୁ ଭୋଇ ସେବକ ନକୁଳ ଭୋଇ ପଡ଼ିଯାଇ ଗୁରୁତର ଆହତ ହୋଇଥିଲେ। ତାଙ୍କୁ ପ୍ରଥମେ ପୁରୀ ଜିଲା ମୁଖ୍ୟ ଚିକିତ୍ସାଳୟ ଓ ପରେ ଭୁବନେଶ୍ୱର ଏମ୍ସକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ଜିଲା ପ୍ରଶାସନ ପକ୍ଷରୁ ଗୁରୁବାର ଜିଲାପାଳଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ମୃତ ନକୁଳଙ୍କ ପରିବାରକୁ ସହାୟତା ଅର୍ଥ ପ୍ରଦାନ କରାଯାଇଛି। ଜିଲାପାଳ ସମର୍ଥ ବର୍ମା ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ନକୁଳଙ୍କ ବିଧବା ସ୍ତ୍ରୀ ଇନ୍ଦୁ ଭୋଇଙ୍କୁ ୩ ଲକ୍ଷ ଟଙ୍କାର ଅର୍ଥ ରାଶି ପ୍ରଦାନ କରିବା ସହ ସମବେଦନା ଜଣାଇଛନ୍ତି। ଏହି ଅବସରରେ ଅତିରିକ୍ତ ଜିଲାପାଳ (ପ୍ରଶାସନ) ପ୍ରଦୀପ କୁମାର ସାହୁ, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଜ୍ୟୋତି ଶଙ୍କର ମହାପାତ୍ର, ଉପଜିଲାପାଳ ଭବତାରଣ ସାହୁ, ଡେପୁଟି କଲେକ୍ଟର ଜିତେନ୍ଦ୍ର ପାତ୍ର, ଜିଲା କ୍ରୀଡ଼ା ଅଧିକାରୀ ଚନ୍ଦନ ସାହୁ, ମୃତ ନକୁଳଙ୍କ ପୁତ୍ର କାହ୍ନୁ ଚରଣ ଭୋଇ ପ୍ରମୁଖ ଉପସ୍ଥିତ ଥିଲେ।


ନକୁଳ ଭୋଇଙ୍କ ପରିବାର ଲୋକଙ୍କୁ ଜିଲାପାଳ ଚେକ୍ ପ୍ରଦାନ କରୁଛନ୍ତି ।

# ଇ-ବ୍ୟବସ୍ଥା ଆଣିଲା ସଫଳତା

**କଟକ,୧୩।୭ (କାର୍ତ୍ତିକ ସାହୁ)**

ଓଡ଼ିଶା ହାଇକୋର୍ଟ ଚଳିତ ବର୍ଷର ପ୍ରଥମାର୍ଦ୍ଧ ଜାନୁୟାରୀରୁ ଜୁନ୍ ପର୍ଯ୍ୟନ୍ତ ମାମଲାଗୁଡ଼ିକର ବିଚାର ଓ ଫଇସଲାରେ ରେକର୍ଡ ସଂଖ୍ୟକ ଫଳ ପ୍ରଦର୍ଶନ କରିଛି। ୨୦୨୧ ଓ ୨୦୨୨ ବର୍ଷ ତୁଳନାରେ ୨୦୨୩ରେ ଅଦ୍ୟାବଧି ବିଚାର ବିଭାଗରେ ଯଥେଷ୍ଟ ଉନ୍ନତି ସାଧିତ ହୋଇଥିବା ଜଣାପଡ଼ିଛି। ହାଇକୋର୍ଟ ପକ୍ଷରୁ ଗ୍ରହଣ କରାଯାଇଥିବା ଇ-କୋର୍ଟ, ଇ-ଫାଇଲିଂ ଆଦି ବ୍ୟବସ୍ଥା ଦ୍ୱାରା ଉଭୟ ହାଇକୋର୍ଟ ଓ ଜିଲା କୋର୍ଟଗୁଡ଼ିକରେ ବିଚାର ପ୍ରକ୍ରିୟା ତ୍ୱରାନ୍ୱିତ ହେବା ସହ ମାମଲା ଫଇସଲା ହାର ବୃଦ୍ଧି ପାଇ ପଡ଼ିରହିଥିବା ମାମଲା ସଂଖ୍ୟା ବହୁ ଭାବେ ହ୍ରାସ ପାଇଥିବା ହାଇକୋର୍ଟ ପକ୍ଷରୁ ପ୍ରଦତ୍ତ ପ୍ରେସ୍ ଇସ୍ତାହାରରୁ ଜଣାଯାଇଛି।

୨୦୨୩ର ପ୍ରଥମାର୍ଦ୍ଧରେ ୧୩୬୮ଟି ରାୟ ପ୍ରକାଶ ପାଇଥିବା ବେଳେ ୨୦୨୧ରେ ୩୪୧ ଓ ୨୦୨୨ରେ ୯୮୨ଟି ରାୟ ପ୍ରକାଶ ପାଇଥିଲା। ୨୦୨୧ରେ ୪୨,୬୭୮ଟି ମାମଲା ପଞ୍ଜୀକରଣ ହୋଇଥିବା ବେଳେ ୩୯,୨୫୯ଟି ଫଇସଲା ହୋଇଥିଲା। ସେହିପରି ୨୦୨୨ରେ ୫୩,୧୫୫ଟି ମାମଲା ପଞ୍ଜୀକରଣ ହୋଇଥିବା ବେଳେ ୫୯,୮୫୦ଟି ମାମଲା ଫଇସଲା ହୋଇଥିଲା। ହେଲେ ୨୦୨୩ ଜୁନ୍ ଯାଏ ୪୯,୬୩୫ ମାମଲା ପଞ୍ଜୀକୃତ ହୋଇଥିବା ବେଳେ ୬୨,୮୬୯ଟି ମାମଲା ଫଇସଲା ହୋଇଛି। ଫଳରେ ମାମଲା ଫଇସଲା ହାର ୨୦୨୧ରେ ୯୨.୮୫%, ୨୦୨୨ରେ ୧୧୨.୫୯% ହୋଇଥିବା ବେଳେ ୨୦୨୩ ପ୍ରଥମାର୍ଦ୍ଧରେ ୧୨୬.୬୬% ହୋଇଛି। ମାମଲା ଫଇସଲା ହାର ବୃଦ୍ଧି ପାଇବା କାରଣରୁ ବିଚାର ନହୋଇ ପଡ଼ିରହିଥିବା ମାମଲା ସଂଖ୍ୟା ବହୁ ଭାବେ ହ୍ରାସ

#### ହାଇକୋର୍ଟରେ ଫଇସଲା ହାର ୧୨୬.୬୬% ବୃଦ୍ଧି

ପାଇଛି। ୨୦୨୨ ଜୁନ୍‌ରେ ପଡ଼ିରହିଥିବା ମାମଲା ସଂଖ୍ୟା ୧,୮୯,୮୪୭ ଥିବା ବେଳେ ୨୦୨୩ ଜୁନ୍ ୩୦ରେ ଏହି ସଂଖ୍ୟା ୧,୪୬,୫୮୨ ହୋଇଛି। ହାଇକୋର୍ଟ ପକ୍ଷରୁ ନିଆଯାଇଥିବା ଇ-ପଦକ୍ଷେପଗୁଡ଼ିକ ଯୋଗୁ ଏସବୁ ସମ୍ଭବ ହୋଇପାରିଛି। କୋର୍ଟରେ କାର୍ଯ୍ୟ ଦିବସ ନଷ୍ଟ ନହୋଇ ବିଚାର ପ୍ରକ୍ରିୟା ତ୍ୱରାନ୍ୱିତ ହୋଇଛି।

ସେହିପରି ଜିଲାର କୋର୍ଟଗୁଡ଼ିକରେ ମଧ୍ୟ ମାମଲା ଫଇସଲାର ହାର ବୃଦ୍ଧି ପାଇଛି। ୨୦୨୧ରେ ୧,୮୯,୩୧୫ ମାମଲା ପଞ୍ଜୀକରଣ ହୋଇଥିବା ବେଳେ ୯୦,୨୩୮ ମାମଲା ଫଇସଲା ହୋଇଥିଲା। ୨୦୨୨ରେ ୨,୩୫,୬୨୦ ମାମଲା ପଞ୍ଜୀକରଣ ହୋଇଥିବାବେଳେ ୧,୫୫,୭୧୨ ମାମଲା ଫଇସଲା ହୋଇଥିଲା। ହେଲେ ୨୦୨୩ ଜୁନ୍ ବେଳକୁ ୨,୩୨,୩୬୩ ମାମଲା ପଞ୍ଜୀକରଣ ହୋଇଥିବା ବେଳେ ୨,୦୨,୨୧୦ ମାମଲା ଫଇସଲା ହୋଇଥିବା ଜଣାଯାଇଛି। ସେହିପରି ଜିଲାର କୋର୍ଟଗୁଡ଼ିକରେ ୨୦୨୧ରେ ୩୬,୪୦୩ଟି, ୨୦୨୨ରେ ୬୦,୬୩୨ଟି ରାୟ ପ୍ରଦାନ ହୋଇଥିବା ବେଳେ ୨୦୨୩ ଜୁନ୍ ସୁଦ୍ଧା ୭୧,୩୬୮ଟି ମାମଲାର ରାୟ ପ୍ରକାଶ ପାଇଛି। ଏଥିସହ ବିଚାର ନ ହୋଇ ପଡ଼ିରହିଥିବା ମାମଲା ସଂଖ୍ୟା ୨୦୨୨ ଜୁନ୍‌ରେ ୧୮,୬୮,୮୯୭ ଥିବା ବେଳେ ୨୦୨୩ ଜୁନ୍‌ରେ ଏହା ୧୮,୫୬,୨୫୩କୁ ହ୍ରାସ ପାଇଛି। ସେହିପରି ବିଭିନ୍ନ କାରଣରୁ କାର୍ଯ୍ୟ ଦିବସ ନଷ୍ଟ ୨୦୨୧ ଓ ୨୦୨୨ ତୁଳନାରେ ୨୦୨୩ରେ ନଗଣ୍ୟ ହୋଇଛି।

# ଜିଲା ଅଗ୍ନିଶମ ଅଧିକାରୀଙ୍କ ଦ୍ୱାରା ତଦନ୍ତ

**ଗୋପ,୧୩।୭(ଭାରତୀ ଭୂଷଣ ଉପାଧ୍ୟାୟ)**

ଗୋପ ଅଗ୍ନିଶମ ବିଭାଗ ପରିସରରୁ ବୁଧବାର ଭୋରୁ ଜଣେ ଯୁବକ ଅଗ୍ନିଶମ ଗାଡ଼ିକୁ ନେଇ ପଳାଇଯାଇଥିଲା। ଏପରି ଏକ ସମ୍ବେଦନଶୀଳ ଘଟଣା ସମ୍ପର୍କରେ ଧରିତ୍ରୀରେ ଖବର ପାଇବା ପରେ ଗୁରୁବାର ପୂର୍ବାହ୍ନରେ ଜିଲା ଅଗ୍ନିଶମ ବିଭାଗ ଅଧିକାରୀ ନାରାୟଣ ଦାସ ଗୋପ ଅଗ୍ନିଶମ ବିଭାଗରେ ପହଞ୍ଚି ଦୀର୍ଘ ଘଣ୍ଟା ଧରି ତଦନ୍ତ କରିବା ସହିତ ଦାୟିତ୍ୱରେ ଥିବା କର୍ମଚାରୀଙ୍କ ସହିତ ଅଗ୍ନିଶମ ଅଧିକାରୀଙ୍କୁ ପଚରାଉଚରା କରିଥିଲେ। ପ୍ରକାଶ ଯେ, ଅଗ୍ନିଶମ ବିଭାଗ ଅଧିକାରୀଙ୍କ ମନମାନି ସହିତ ବିଭିନ୍ନ ଘଟଣାରେ ଘଟଣାସ୍ଥଳରେ ବିଳମ୍ବରେ ଗାଡ଼ି ପହଞ୍ଚିବା ଭଳି ନାନା ଅଭିଯୋଗ ପୂର୍ବରୁ ହୋଇ ଆସୁଥିଲା। ବୁଧବାର ଏପରି ଗାଡ଼ି ଚୋରି ଘଟଣା ମଧ୍ୟ ସମସ୍ତଙ୍କୁ ଚକିତ କରିଥିଲା। କିପରି ଜଣେ ଯୁବକ ଅଫିସ ସମ୍ମୁଖରେ ରହିଥିବା ଅଗ୍ନିଶମ ଗାଡ଼ିକୁ ୧ କିଲୋମିଟର ନେଇ

#### ଅଗ୍ନିଶମ ବିଭାଗ ପରିସରରୁ ଗାଡ଼ି ଚୋରି ଘଟଣା

ପଳାଇଲା। କେହି କର୍ମଚାରୀ ଓ ଅଧିକାରୀ ଜାଣି ପାରିଲେନି ତାହା ମଧ୍ୟ ବିଭାଗୀୟ ଦାୟିତ୍ୱହୀନତାକୁ ନେଇ ପ୍ରଶ୍ନ ଉଠିଛି। ଏପରି ଗାଡ଼ି ନେଇଯିବା ସ୍ଥାନୀୟ ଲୋକମାନେ କହିବା ପରେ ବିଭାଗୀୟ କର୍ମଚାରୀ ଓ ସ୍ଥାନୀୟ ଲୋକମାନେ ଗାଡ଼ିକୁ ଆଣିବା ସହିତ ଗାଡ଼ି ନେଇ ପଳାଇ ଯାଉଥିବା ଯୁବକଙ୍କୁ ଧରିଥିଲେ। ପରେ କର୍ମଚାରୀମାନେ ଉକ୍ତ ଯୁବକଙ୍କୁ ପାଗଳ କହି ଛାଡ଼ି ଦେଇଥିଲେ । ଏ ପ୍ରସଙ୍ଗରେ ଖବରପାଇବା ପରେ ଜିଲା ଅଗ୍ନିଶମ ବିଭାଗ ପକ୍ଷରୁ ତଦନ୍ତ କରାଯାଇଛି। ଏ ସମ୍ପର୍କରେ ଆସିଥିବା ଜିଲା ଅଗ୍ନିଶମ ଅଧିକାରୀ ନାରାୟଣ ଦାସ କହିଛନ୍ତି, ତଦନ୍ତ କରିବା ପରେ ଜୋନ ଅଧିକାରୀଙ୍କୁ ରିପୋର୍ଟ ଦେବି। ଖୁବ୍‌ଶୀଘ୍ର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଥିଲେ।

# 'ଦୁର୍ନୀତିଗ୍ରସ୍ତ, ଭ୍ରଷ୍ଟାଚାରୀ ଶାସନର ଖୁବ୍‌ଶୀଘ୍ର ଅବସାନ ଘଟିବ'

**ନିମାପଡ଼ା,୧୩।୭(ବିଚିତ୍ରାନନ୍ଦ ସାହୁ)**

ନିମାପଡ଼ା ନିର୍ବାଚନମଣ୍ଡଳୀ ସମେତ ସମଗ୍ର ରାଜ୍ୟରେ ଶାସକ ଦଳର ଦୁର୍ନୀତିଗ୍ରସ୍ତ, ଭ୍ରଷ୍ଟାଚାରୀ, କଳଙ୍କିତ, ଏକଚ୍ଛତ୍ରବାଦ ଶାସନର ଖୁବ୍‌ଶୀଘ୍ର ଅବସାନ ଘଟିବ। ନିର୍ବାଚନମଣ୍ଡଳୀର ଶାସକ ଦଳର ନେତାଙ୍କ ଅତ୍ୟାଚାର, ଅଂହ ଭାବରେ ସାଧାରଣ ଜନତା ଅତିଷ୍ଠ ହୋଇପଡ଼ିଲେଣି। ଖୁବ୍‌ଶୀଘ୍ର ଲୋକମାନେ ଏହାର ଉପଯୁକ୍ତ ଜବାବ ଦେବେ, ନିମାପଡ଼ା ନିର୍ବାଚନମଣ୍ଡଳୀରେ ପରିବର୍ତ୍ତନର ହାୱା ବୋହିଲାଣି ବୋଲି ବରିଷ୍ଠ ନେତା ଦିଲୀପ ନାୟକ କହିଛନ୍ତି। ନିମାପଡ଼ାର ଏକ କଲ୍ୟାଣମଣ୍ଡପଠାରେ ଭାଜପା ପକ୍ଷରୁ ଏକ ନିର୍ବାଚନମଣ୍ଡଳୀ ସ୍ତରୀୟ କାର୍ଯ୍ୟକାରିଣୀ ବୈଠକ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ନେତା ନାୟକ ଏହି ବୈଠକର ନେତୃତ୍ୱ ନେଇଥିଲେ। ସମ୍ମାନିତ ଅତିଥି ଭାବେ ଜିଲା ପରିଷଦ ସଭ୍ୟ ପ୍ରମୋଦ ରାୟ, ନିର୍ବାଚନମଣ୍ଡଳୀର ସଂଯୋଜକ ପ୍ରଦୀପ ନାୟକ, ନିରଞ୍ଜନ ମହାପାତ୍ର, ମାନସ ପ୍ରଧାନ, ଅଜୟ ଭୋଇ, ବିଜୟ ପଣ୍ଡା, ଅକ୍ଷୟ ନାୟକ, ପୂର୍ଣ୍ଣଚନ୍ଦ୍ର ସାହୁ, ଗଙ୍ଗାଧର ଜେନା, ସନ୍ଧ୍ୟାରାଣୀ ରଥ, ତିଳୋତ୍ତମା ବାରିକ୍ ପ୍ରମୁଖ ଯୋଗଦେଇ ଶାସକ ଦଳର ମନମୁଖି ନୂତନ ସୂର୍ଯ୍ୟ ଉଇଁବ ବୋଲି ନେତୃବୃନ୍ଦମାନେ କହିଥିଲେ। ମୋଦିଙ୍କ ୯ ବର୍ଷ ଶାସନର ପୂର୍ତ୍ତି ଅବସରରେ କେନ୍ଦ୍ର ସରକାରଙ୍କ ବିଭିନ୍ନ ବିକାଶମୁଖୀ ଜନକଲ୍ୟାଣକାରୀ ଯୋଜନାକୁ ପ୍ରତ୍ୟେକ ଗାଁ ଗଣ୍ଡା, ସହର ବଜାରର ଲୋକଙ୍କ ପାଖରେ ପହଞ୍ଚାଇବାକୁ ବୈଠକରେ ନେତୃବୃନ୍ଦମାନେ ଆହ୍ୱାନ ଦେଇଥିଲେ। ବୈଠକରେ ବହୁ ପଞ୍ଚାୟତ ସଭାପତି, ମଣ୍ଡଳ ସଭାପତି, ନିର୍ବାଚନ ଜନପ୍ରତିନିଧି, ପ୍ରଭାରୀ, ସହପ୍ରଭାରୀ, କାର୍ଯ୍ୟକର୍ତ୍ତାଙ୍କ ସମେତ ପ୍ରାୟ ୩ ଶହ ନେତୃବୃନ୍ଦ ଯୋଗଦେଇଥିଲେ।


କାର୍ଯ୍ୟକାରିଣୀ ବୈଠକରେ ମଞ୍ଚାସୀନ ଭାଜପା ନେତୃବୃନ୍ଦ।

# କୁବେଟା ସବ୍‌ସିଡିରେ ବିଧାୟକଙ୍କ ସମ୍ପୃକ୍ତିକୁ ଖଣ୍ଡନ

**ପିପିଲି,(ପ୍ରଭାତ ମହାପାତ୍ର)/ (ଦୁର୍ଗାମାଧବ ମିଶ୍ର)**

କୁବେଟା ସବ୍‌ସିଡିକୁ ନେଇ ବୁଧବାର ଏକ ଗଣମାଧ୍ୟମରେ ପିପିଲି ବିଧାୟକଙ୍କ ସମ୍ପୃକ୍ତି ଉପରେ ବିରୋଧୀଙ୍କ ଆଙ୍ଗୁଳି ନିର୍ଦ୍ଦେଶକୁ ନେଇ ପିପିଲିରେ ରାଜନୀତି ଜୋର ଧରିଛି। ଏହାକୁ ସମ୍ପୂର୍ଣ୍ଣ ମିଥ୍ୟା ଓ ହିନ ରାଜନୀତି ବୋଲି ଦର୍ଶାଇଛି ବିଜେଡି। ଏ ନେଇ ଗୁରୁବାର ପିପିଲି କୃଷି ପରାମର୍ଶ କେନ୍ଦ୍ର କାର୍ଯ୍ୟାଳୟରେ ଆୟୋଜିତ ଏକ ସଭାରେ ବିଜେଡି ଏହା ଉପରେ ପ୍ରତିକ୍ରିୟା ରଖି ବିରୋଧୀ ଦଳ ନେତାଙ୍କୁ କଟାକ୍ଷ କରିଛନ୍ତି। ଭାଜପା ପୁରୀ ଜିଲା ସଭାପତି ଏକ ଟିଭି ଚ୍ୟାନେଲ ମାଧ୍ୟମରେ କୁବେଟା କମ୍ପାନି ହାରଭେଷ୍ଟରର କିଣା ଓ ଚାଷୀଙ୍କୁ ସବସିଡ଼ିର ଅର୍ଥ ୬ଲକ୍ଷ ଟଙ୍କା ବାଟମାରଣା ହୋଇଥିଲା ବୋଲି ଅଭିଯୋଗ କରିଥିଲେ। ଏଥିରେ ବିଧାୟକ ଓ ପୂର୍ବତନ ଦିବଂଗତ ବିଧାୟକଙ୍କ ସମ୍ପୃକ୍ତି ଥିବା ମନ୍ତବ୍ୟ ଦେଇଥିଲେ। ତେବେ ଏହାକୁ ଘୋର ନିନ୍ଦା କରିବା ସହ ଘଟଣାଟି


ଖବରଦାତା ସମ୍ମିଳନୀରେ ବିଜେଡି କର୍ମକର୍ତ୍ତା ସୂଚନା ଦେଉଛନ୍ତି ।

ସମ୍ପୂର୍ଣ୍ଣ ମିଥ୍ୟା ବୋଲି କହିଛନ୍ତି ପିପିଲି ଆତ୍ମା କମିଟିର ଅଧ୍ୟକ୍ଷ ପ୍ରକାଶ କୁମାର ଧଳ ଓ ଜିଲା ବିଜେଡି ସମ୍ପାଦକ ତଥା ଜିଲା ପରିଷଦ ସଭ୍ୟ ଧରଣୀଧର ସାହୁ। ସେମାନେ କହିଛନ୍ତି, ଏହି ସବସିଡିରେ ପିପିଲି ବିଧାୟକ ଓ ଦିବଂଗତ ବିଧାୟକଙ୍କ କୌଣସି ସମ୍ପର୍କ ନାହିଁ। ବିରୋଧି ଭୋକ ବିକଳରେ ତାଟିଆ କାମୁଡ଼ି ଗଣମାଧ୍ୟମରେ ଭୁଲ ମନ୍ତବ୍ୟ ଦେଉଛନ୍ତି। ବିଧାୟକ ସର୍ବଦା ଚାଷୀମାନଙ୍କ ହିତ ପାଇଁ ଲଢେଇ କରନ୍ତି, ଏଭଳି କୁତ୍ସିତ ରାଜନୀତି କରନ୍ତି ନାହିଁ ବୋଲି ସାହୁ କହିଛନ୍ତି। ପିପିଲିରେ ୨୦୨୧ /୨୨ ଓ ୨୨/୨୩ ଆର୍ଥିକ ବର୍ଷରେ ପିପିଲି ବ୍ଲକରେ ମୋଟ ୮ଜଣଙ୍କୁ ଡିବିଟି (ଡାଇରେକ୍ଟ ବେନିଫିଟ ଟ୍ରାନ୍ସଫର) ମାଧ୍ୟମରେ ଚାଷୀଙ୍କୁ ସବ୍‌ସିଡି ପ୍ରଦାନ କରାଯାଇଛି।କୁବେଟା କମ୍ପାନୀର ହାର୍ଭେଷ୍ଟର କିଣାରେ ଚାଷୀର ୬ ଲକ୍ଷ ସବସିଡି ବାଟମାରଣା ହୋଇଥିବା ନେଇ ଅଭିଯୋଗ କରିଥିଲା ଭାଜପା, ଯାହାକି ସବସିଡି ୬ଲକ୍ଷ ନୁହେଁ ୩ଲକ୍ଷ ଟଙ୍କା ବୋଲି ଧଳ ସ୍ପଷ୍ଟ କରିଛନ୍ତି। ବିରୋଧୀ ଦଳର ନେତାଙ୍କ ଏଭଳି ମନ୍ତବ୍ୟକୁ ସେ ମିଥ୍ୟା ପ୍ରମାଣିତ କରିବା ସହ ଆଗାମୀ ନିର୍ବାଚନକୁ ଦୃଷ୍ଟିରେ ରଖି ବିରୋଧୀ ଅଯଥାରେ ଭିତ୍ତିହୀନ ଅଭିଯୋଗ କରୁଛନ୍ତି ଏବଂ ଏଥିରେ କୌଣସି ସତ୍ୟତା ନାହିଁ ବୋଲି ସେ କହିଛନ୍ତି। ସେପଟେ ଉଠିଥିବା ପ୍ରସଙ୍ଗ ମଧ୍ୟରେ ଯଶୁଆପୁର ପଞ୍ଚାୟତ ସୁବଳପୁର ଗ୍ରାମର ଚାଷୀ ସୁଦର୍ଶନ ପ୍ରଧାନଙ୍କୁ କୁବେଟା କମ୍ପାନୀ ସବ୍‌ସିଡି ଦେଇ ନଥିବା ନେଇ ସେ ହାଇକୋର୍ଟରେ ଦ୍ୱାରସ୍ଥ ହୋଇଥିବା ବେଳେ ଏହା ଉପରେ ଯେଉଁ ଚାଷୀ ସବସିଡି ପାଇବା ପାଇଁ ଅଭିଯୋଗ କରିଛନ୍ତି। ସେ କୁବେଟା କମ୍ପାନୀରୁ ହାର୍ଭେଷ୍ଟର କିଣି ନାହାନ୍ତି। ସେ ଅନ୍ୟ କମ୍ପାନୀରୁ କିଣିବା ସହିତ ତାଙ୍କର ଏସମ୍ପର୍କିତ ଘଟଣା ଅଦାଲତରେ ବିଚାରାଧୀନ ରହିଛି ବୋଲି ଧଳ କହିଥିଲେ।

## ସଂକ୍ଷେପରେ

### ସ୍ତ୍ରୀଙ୍କୁ ନିର୍ଯାତନା ଅଭିଯୋଗରେ ସ୍ୱାମୀ ଗିରଫ

**ଭୁବନେଶ୍ୱର,୧୩।୭(ସତ୍ୟଜିତ୍ ରାଉତ):** ପ୍ରଥମ ସ୍ତ୍ରୀ ଥାଇ ଆଉଜଣଙ୍କୁ ଦ୍ୱିତୀୟ ବିବାହ କରିବା ସହ ନିର୍ଯାତନା ଦେବା ଅଭିଯୋଗରେ ଭୁବନେଶ୍ୱର ମହିଳା ଥାନା ପୋଲିସ ସମ୍ପୃକ୍ତ ଅଭିଯୁକ୍ତ ସ୍ୱାମୀଙ୍କୁ ଗୁରୁବାର ଗିରଫ କରିଛି। ସେ ହେଲେ ଚନ୍ଦ୍ରଶେଖରପୁର ଥାନା ଅନ୍ତର୍ଗତ ଶ୍ରୀବିହାରର ବିଶ୍ୱଦର୍ଶୀ ଦାସ (୪୧)। ବିଶ୍ୱଦର୍ଶୀଙ୍କୁ କୋର୍ଟଚାଲାଣ କରାଯିବା ପରେ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସୂଚନା ଅନୁଯାୟୀ, ବିଶ୍ୱଦର୍ଶୀ ଅବିବାହିତ ଥିବା କହି ୨୦୧୬ ଜୁନ୍ ୨୬ରେ ଅଭିଯୋଗକାରିଣୀ ମହିଳାଙ୍କୁ ବିବାହ କରିଥିଲେ। ପରେ ସେମାନଙ୍କର ଏକ ଝିଅ ହୋଇଥିଲା। ତେବେ ବିଶ୍ୱଦର୍ଶୀ ପୂର୍ବରୁ ବିବାହିତ ଥିବା ଜଣାପଡିବା ପରେ ଏହାକୁ ନେଇ ଉଭୟଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ବିଶ୍ୱଦର୍ଶୀ ବାରମ୍ବାର ନିର୍ଯାତନା ଦେବାରୁ ମହିଳା ଜଣକ ନିଜ ଶିଶୁକନ୍ୟାକୁ ଧରି ଅନ୍ୟତ୍ର ରହିଥିଲେ। ଗତ ଫେବୃୟାରୀ ୧୨ରେ ବିଶ୍ୱଦର୍ଶୀ ସେଠାକୁ ଯାଇ ଗାଳିଗୁଲଜ କରିଥିଲେ। ପରବର୍ତ୍ତୀ ସମୟରେ ବାରମ୍ବାର ସେଠାକୁ ଯାଇ ଗାଳିଗୁଲଜ କରିବାସହ ହତ୍ୟା ଧମକ ଦେଇଥିଲେ। ଏନେଇ ଏତଲା ପରେ ଫେବୃୟାରୀ ୧୫ରେ ପୋଲିସ ଏକ ମାମଲା (ନଂ.୨୩/୨୦୨୩) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା।

### ୨୪ କେଜି ଗଞ୍ଜେଇ ଜବତ, ୫ ଗିରଫ

**ଭୁବନେଶ୍ୱର,୧୩।୭ (ସୂର୍ଯ୍ୟକାନ୍ତ ବେହେରା):** ବେଆଇନ ଭାବେ ଗଞ୍ଜେଇ ବେପାର କରିବା ଅଭିଯୋଗରେ ଏୟାରପୋର୍ଟ ଥାନା ପୋଲିସ ୫ଜଣ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଗଞ୍ଜାମର ସୁନୀଲ କୁମାର ନାୟକ, ପ୍ରସାଦ ପଲାଇ, ସିଲୁ ଦାସ, ମିଥୁନ ପଲାଇ ଓ ସାଗର ପ୍ରଧାନ। ଏମାନଙ୍କଠାରୁ ୨୪ କେଜି ଗଞ୍ଜେଇ ଓ ୨ଟି ମୋବାଇଲ ଫୋନ୍ ଜବତ କରାଯାଇଛି। ଜାମିନ ନାମଞ୍ଜୁର ହେବାରୁ ସମସ୍ତ ଅଭିଯୁକ୍ତଙ୍କୁ ବିଚାରବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସୂଚନାନୁସାରେ, କାର୍ଗିଲ ବସ୍ତି ଅନ୍ତର୍ଗତ ବିବେକାନନ୍ଦ ସ୍କୁଲ ନିକଟସ୍ଥ ଖେଳପଡିଆରେ ଗଞ୍ଜେଇ ବେପାର ଚାଲିଥିବା ସୂଚନା ପାଇବା ପରେ ପୋଲିସ ଟିମ୍ ସେଠାରେ ଚଢ଼ାଉ କରିଥିଲା।

### ଏକାମ୍ର ବରିଷ୍ଠ ନାଗରିକ ସଂଘ ପକ୍ଷରୁ ଚାରାରୋପଣ

**ପୁରୁଣା ଭୁବନେଶ୍ୱର,୧୩।୭(ସୁବାସ ଚନ୍ଦ୍ର ପ୍ରଧାନ):** ଏକାମ୍ର ବରିଷ୍ଠ ନାଗରିକ ସଂଘ ପକ୍ଷରୁ ପୁରୁଣା ଭୁବନେଶ୍ୱର କାଳିଗାଡିଆ ଶ୍ମଶାନଠାରେ ବ୍ୟାପକ ଚାରାରୋପଣ କରାଯାଇଛି। ମୁଖ୍ୟତଃ ବର, ଅଶ୍ୱତ୍ଥ, ନିମ୍ବ ଆଦି ଗଛ ଲଗାଯାଇଛି ବୋଲି ଉପଦେଷ୍ଟା ରାଜେନ୍ଦ୍ର ସମର୍ଥ କହିଛନ୍ତି। ବୃକ୍ଷ ହିଁ ଜୀବନ ବୋଲି ସମସ୍ତଙ୍କୁ ସଚେତନ କରାଇବା ସହ ବ୍ୟାପକ ଚାରାରୋପଣ କାର୍ଯ୍ୟକ୍ରମ ହାତକୁ ନେବାକୁ ମତ ପ୍ରକାଶ ପାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ସମ୍ପାଦକ ଧୀରେନ ପଟ୍ଟନାୟକ, ସଂଘ ଉପସଭାପତି ସୁରେନ୍ଦ୍ର ନାଥ ନନ୍ଦ, ଅଶୋକ ଆଚାର୍ଯ୍ୟ, କୋଷାଧ୍ୟକ୍ଷ ରମାକାନ୍ତ ମହାନ୍ତି, ସମୀକ୍ଷକ ପି.ପ୍ରଦୀପ କୁମାର ପାତ୍ର, ବିଷ୍ଣୁ ଚରଣ ମିଶ୍ର, ସୁଧାଂଶୁ ମିଶ୍ର, ବିମଳ ପଟ୍ଟନାୟକ, ଗୋକୁଳ ପ୍ରଧାନ, କ୍ଷୀରୋଦ ଶତପଥୀ, ଦିଗମ୍ବର ସାମଲ, ହରିହର ସାହୁ, ପ୍ରଶାନ୍ତ ମହାପାତ୍ର, ନବୀନ ମହାନ୍ତି, ସୁବାସ ସାହୁ ଅଂଶଗ୍ରହଣ କରିଥିଲେ।

# ମାର୍କେଟ ବିଲ୍ଡିଂ ଅନିର୍ଦ୍ଦିଷ୍ଟ କାଳ ବନ୍ଦ ରଖିବାକୁ ଚେତାବନୀ

**ଭୁବନେଶ୍ୱର, ୧୩।୭ (ବନ୍ଦନା ସେଠୀ)**




- ଦାବି ସମାଧାନ ପାଇଁ ୩ଦିନ ସମୟ ଦେଲା ସେଣ୍ଟ୍ରାଲ ମାର୍କେଟ ଆସୋସିଏଶନ
- ମେୟର ଓ କମିଶନରଙ୍କ ଘର ଆଗରେ ସପରିବାର ଧାରଣା ଦେବେ
- ବିଏମ୍‌ସି ଅଧିକାରୀଙ୍କ ଇଙ୍ଗିତରେ ଜବରଦଖଲ ହେଉଥିବା ଅଭିଯୋଗ

ମାର୍କେଟ ବିଲ୍ଡିଂରେ ବୁଲା ବିକାଳିଙ୍କ ପସରା ବନ୍ଦ ହେଉନି କି ସ୍ଥାୟୀ ଓ ଅସ୍ଥାୟୀ ଦୋକାନୀଙ୍କ ବିବାଦ ଥମୁନି। ଅନଧିକୃତ ଭାବେ ଭୁବନେଶ୍ୱର ୟୁନିଟ-୨ ମାର୍କେଟ ବିଲ୍ଡିଂରେ ବସୁଥିବା ବ୍ୟବସାୟୀଙ୍କୁ ନେଇ ମାର୍କେଟ ବିଲ୍ଡିଂ ଆସୋସିଏସନ ଅସନ୍ତୋଷ ପ୍ରକାଶ କରିବା ସହ ଏଥିପାଇଁ ବିଏମ୍‌ସି କର୍ତ୍ତୃପକ୍ଷ ଦାୟୀ ଥିବା ସିଧାସଳଖ ଅଭିଯୋଗ କରିଛି। ଏଥିସହ ୩ ଦିନ ଅର୍ଥାତ ସୋମବାର ସୁଦ୍ଧା ସମସ୍ୟାର ସମାଧାନ ନ ହେଲେ ଅନିର୍ଦ୍ଦିଷ୍ଟ କାଳ ଯାଏ ମାର୍କେଟ ବିଲ୍ଡିଂ ବନ୍ଦ ହେବା ନେଇ ଚେତାବନୀ ଦିଆଯାଇଛି। ଗୁରୁବାର ସେଣ୍ଟ୍ରାଲ ମାର୍କେଟ ଆସୋସିଏଶନ ପକ୍ଷରୁ ଆୟୋଜିତ ଖବରଦାତା ସମ୍ମିଳନୀରେ ଏହା କହିବା ସହ ଦାବି ପୂରଣ ହେବା ଯାଏ ମାର୍କେଟ ବିଲ୍ଡିଂର ସ୍ଥାୟୀ ଦୋକାନୀ ସପରିବାର ମେୟର ଓ କମିଶନରଙ୍କ ବାସଭବନ ସମ୍ମୁଖରେ ଧାରଣା ଦେବେ ବୋଲି ଆସୋସିଏଶନର ସଭାପତି ପ୍ରଦ୍ୟୁମ୍ନ କୁମାର ଜେନା କହିଛନ୍ତି।

ଆସୋସିଏଶନର ଅଭିଯୋଗ ଅନୁଯାୟୀ, ଏବେ ପ୍ରାୟ ୨୦୦ ଉଠାଦୋକାନୀଙ୍କ କବଳରେ ମାର୍କେଟ ବିଲ୍ଡିଂ ଥିବାବେଳେ ଆଗକୁ ଏହି ସଂଖ୍ୟା ୩୫୦ ଯାଏ ପହଞ୍ଚାଇବାକୁ ମସୁଧା କରାଯାଇଛି। ବିଏମସି ଅଧିକାରୀ ଓ କିଛି ଅସାଧୁ ବ୍ୟକ୍ତିଙ୍କ ପ୍ରଭାବରେ ମାର୍କେଟ ବିଲ୍ଡିଂରେ ଏବେ ଉଠାଦୋକାନୀଙ୍କ ଆଡ୍ଡା ଜମୁଛି। ଏପରିକି କିଛି ଅଧିକାରୀ ମାସିକିଆ ବଟି ନେଇ ଏଭଳି କରୁଥିବା ଅଭିଯୋଗ କରାଯାଇଛି। ସେହିପରି ମାର୍କେଟ ବିଲ୍ଡିଂରେ ଥିବା ବିନ୍ଦୁ ଓ ପେଲିକନ୍ ଦୋକାନ ଆଗରେ ଉଠାଦୋକାନୀଙ୍କୁ ଉଚ୍ଛେଦ କରାଯାଇ ପାରିବ ନାହିଁ ବୋଲି ନୋଟିସ୍ ଜାରି କରିଛି। ହାଇକୋର୍ଟଙ୍କ ଦ୍ୱାରା ଉଚ୍ଛେଦ ହୋଇ ପାରିବ ନାହିଁ ବୋଲି କୌଣସି ବିଧିବଦ୍ଧ ନିର୍ଦ୍ଦେଶ ଜାରି ହୋଇ ନ ଥିବାବେଳେ ବିଏମସି ଅଧିକାରୀ କୋର୍ଟଙ୍କ ସେହି ନିର୍ଦ୍ଦେଶକୁ ଦେଖାଇ ଉଠାଦୋକାନୀଙ୍କ ହଟାଉ ନାହାନ୍ତି। ଏପରିକି ଖୋଦ ମେୟର ସୁଲୋଚନା ଦାସ ଓ କମିଶନର ବିଜୟ ଅମୃତା କୁଲାଙ୍ଗେ ୨ ଦିନ ମଧ୍ୟରେ ଅସ୍ଥାୟୀ ଉଠାଦୋକାନୀଙ୍କୁ ହଟାଇବା ସହ କୋର୍ଟରେ ମାମଲା କରିଥିବା ଉଠାଦୋକାନୀଙ୍କୁ ଥଇଥାନ କରିବେ ବୋଲି ଜୁଲାଇ ୫ ତାରିଖରେ କହିଥିଲେ। ଏହା ମଧ୍ୟରେ ୮ ଦିନ ବିତିଥିଲେ ବି ମେୟର କିମ୍ବା କମିଶନରଙ୍କ ଏଥିପ୍ରତି ନିଘା ନାହିଁ। ତୁରନ୍ତ ମାର୍କେଟ ବିଲ୍ଡିଂକୁ ସମ୍ପୂର୍ଣ୍ଣ ଭାବେ ଉଠାଦୋକାନୀ ମୁକ୍ତ କରିବାକୁ ଆସୋସିଏଶନ ଦାବି କରିଥିବାବେଳେ ପ୍ଲଟ ନଂ. ୧୩୧, ୧୪୩, ୧୪୬ ଓ ୧୧୮୬ରେ ଦୈନିକ ବେଆଇନ ଭାବେ ବସୁଥିବା ଉଠାଦୋକାନୀଙ୍କୁ ହଟାଇବାକୁ ଦାବି କରାଯାଇଛି। ଉପରୋକ୍ତ ୪ ପ୍ଲଟ ସାଧାରଣ ଓ ପ୍ରଶାସନ ବିଭାଗର ହୋଇଥିବାବେଳେ ପ୍ରାୟ ୧.୨ ଏକର ଜାଗାରେ ଉଠାଦୋକାନୀମାନେ ବେଆଇନ ଭାବେ ବେପାର କରୁଛନ୍ତି। ଫଳରେ ମାର୍କେଟ ବିଲ୍ଡିଂ ଲାଗି ସଂରକ୍ଷିତ ଥିବା ଯାତାୟାତ ରାସ୍ତା ଜବରଦଖଲରେ ରହୁଛି ସେହିପରି ମାର୍କେଟ ବିଲ୍ଡିଂରେ ଗହଳି ହେଉଥିବାବେଳେ ଉଠାଦୋକାନୀମାନେ ଏଣେତେଣେ ଅଳିଆ ଆବର୍ଜନା ଫିଙ୍ଗୁଛନ୍ତି। ବିଏମସି ମେୟର, କମିଶନର, ଅତିରିକ୍ତ କମିଶନର ଓ ଉପାୟୁକ୍ତଙ୍କୁ ମାର୍କେଟ ଆସୋସିଏଶନ ଏକାଧିକ ବାର ଅଭିଯୋଗ କରିଥିଲେ ହେଁ ଏନେଇ କିଛି ସମାଧାନ କରାଯାଉନାହିଁ। ଏପରିକି ବିଏମସି ମୁଖ୍ୟାଳୟରେ ଅଧିକାରୀମାନେ ଆସୋସିଏଶନ କର୍ମକର୍ତ୍ତାଙ୍କୁ ଘଣ୍ଟାଘଣ୍ଟା ଧରି ଅପେକ୍ଷା କରାଉଛନ୍ତି। ସମାଧାନର ପ୍ରତିଶ୍ରୁତି ଆଳରେ ସ୍ଥାୟୀ ବ୍ୟବସାୟୀଙ୍କୁ କେବଳ ଜୁମଲା ଦିଆଯାଉଥିବା ଆସୋସିଏଶନର ଯୁଗ୍ମ ସମ୍ପାଦକ ରଣଜିତ୍ କୁମାର ମହାନ୍ତି ଅଭିଯୋଗ କରିଛନ୍ତି।

# ମାନସିକ ବିକାରଗ୍ରସ୍ତ ମହିଳାଙ୍କୁ ହତ୍ୟା

**ବାଣପୁର(ଶଙ୍କର ବସ୍ତି)/ଗମ୍ଭାରୀମୁଣ୍ଡା, ୧୩।୭(ଦିଲୀପ ସ୍ୱାଇଁ)**

### ସିସିଟିଭିରେ କଏଦ ଦୃଶ୍ୟ



ଖୋର୍ଦ୍ଧା ଜିଲା ବାଣପୁର ଥାନା ଅଧୀନ ଗାଲୁଆ ଛକ ଅଳିଆଗଦା ନିକଟରେ ଜଣେ ମାନସିକ ବିକାରଗ୍ରସ୍ତ ମହିଳାଙ୍କୁ ହତ୍ୟା କରାଯାଇଥିବା ସିସିଟିଭି ଫୁଟେଜରେ କଏଦ ହୋଇଛି। ତେବେ ମୃତାଙ୍କ ପରିଚୟ ମିଳିପାରି ନାହିଁ। ଗୁରୁବାର ପୋଲିସ ମୃତଦେହ ଜବତ କରିବା ସହିତ ଏକ ଅପମୃତ୍ୟୁ ମାମଲା (ନଂ.୯/୨୩)ରୁଜୁ କରି ତଦନ୍ତ ଚଳାଇଛି।

ସୂଚନା ମୁତାବକ, ଗାଲୁଆ ଛକରେ ଥିବା ଅଳିଆଗଦାରେ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଜଣେ ମହିଳାଙ୍କ ମୃତଦେହ ପଡ଼ିଥିବା ଦେଖି ଗୁରୁବାର ସକାଳେ ସ୍ଥାନୀୟ ଲୋକେ ପୋଲିସକୁ ଜଣାଇଥିଲେ। ପୋଲିସ ପହଞ୍ଚି ମୃତଦେହ ଜବତ କରିବା ସହ ନିକଟରେ ଲାଗିଥିବା ସିସିଟିଭି ଫୁଟେଜକୁ ଯାଞ୍ଚ କରିଥିଲା। ବୁଧବାର ରାତି ୧ଟା ୨୫ରେ ମହିଳା ଜଣଙ୍କ ଅଳିଆଗଦାରୁ କିଛି ଖାଦ୍ୟ ଖାଉଥିଲେ। ଏହି ସମୟରେ କେହି ଜଣେ ଦୁର୍ବୃତ୍ତ ସେଠାରେ ପହଞ୍ଚି ହଠାତ୍ ଏକ ଖଣ୍ଡାରେ ପଛପଟୁ ମହିଳା ଜଣଙ୍କୁ ଆକ୍ରମଣ କରୁଥିବା ସିସିଟିଭି ଫୁଟେଜରେ ଦେଖିବାକୁ ମିଳିଛି ବୋଲି ଥାନା ଅଧିକାରୀ ଜୟପ୍ରକାଶ ପରିଡ଼ା କହିଛନ୍ତି। ତେବେ ମହିଳା ଜଣଙ୍କ ମାନସିକ ବିକାରଗ୍ରସ୍ତ ହୋଇଥିବା ବେଳେ ତାଙ୍କୁ କାହିଁକି କିଏ ହତ୍ୟା କଲା ଏନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସିସିଟିଭି ଫୁଟେଜ ହସ୍ତଗତ ହୋଇଛି, ତଦନ୍ତ ଜାରି ରହିଛି ବୋଲି ଥାନା ଅଧିକାରୀ ପରିଡ଼ା କହିଛନ୍ତି।




ମଧୁର ସଙ୍ଗୀତ ପକ୍ଷରୁ ଭୁବନେଶ୍ୱର ସୂଚନା ଭବନରେ ଗୁରୁବାର ଆୟୋଜିତ କାର୍ଯ୍ୟକ୍ରମରେ କଣ୍ଠଶିଳ୍ପୀମାନେ ସଙ୍ଗୀତ ପରିବେଷଣ କରୁଛନ୍ତି। (ଫଟୋ-ମୌସମ ନନ୍ଦ)

# ବିଇଓ ନ ଥିବାରୁ ଶିକ୍ଷା ମଣ୍ଡଳ ପରିଚାଳନା ବ୍ୟାହତ

**ବାଲିପାଟଣା,୧୩।୭(ଅଭିମନ୍ୟୁ ନାୟକ)**

ବାଲିପାଟଣା ବ୍ଲକ ଶିକ୍ଷା ମଣ୍ଡଳରେ ବର୍ତ୍ତମାନ କେହି ବ୍ଲକ ଶିକ୍ଷା ଅଧିକାରୀ(ବିଇଓ) ନାହାନ୍ତି। ଯେଉଁ ଅଧିକାରୀଙ୍କୁ ଦାୟିତ୍ୱ ଦିଆଯାଇଛି, ସେ ଅଧିକାଂଶ ଦିନ କାର୍ଯ୍ୟାଳୟ ଆସୁ ନ ଥିବା ଅଭିଯୋଗ ହେଉଛି। ଫଳରେ ବିଭିନ୍ନ କାର୍ଯ୍ୟ ବିଳମ୍ବ ହେବା ସହ ପରିଚାଳନାରେ ବ୍ୟାହତ ହେଉଛି। ଜୁନ ୧୭ରେ ବାଲିପାଟଣା ବ୍ଲକ ଶିକ୍ଷା ମଣ୍ଡଳ ଅଧିକାରୀ ଶୈଳଧିରାଜ ତନୟା ଶତପଥୀଙ୍କ ବଦଳି ହୋଇଥିଲା। ତାଙ୍କ ବଦଳିର ଠିକ୍ ୧୭ଦିନ ପୂର୍ବରୁ ଏବିଇଓ ଅଜୟ ସାହୁ ଅବସର ନେଇଥିଲେ। ଚଳିତ ମାସରେ ଏବିଇଓ ସରୋଜିନୀ ପାଣିଗ୍ରାହୀ ଅବସର ନେବେ। ଆସନ୍ତା ମାସଠାରୁ ଏବିଇଓ ମଞ୍ଜୁଲତା ରାଉତ ବାଲିପାଟଣା ବ୍ଲକ ଶିକ୍ଷା ଅଧିକାରୀ କାର୍ଯ୍ୟାଳୟ ଦାୟିତ୍ୱ ସମ୍ଭାଳିବେ। ଏହି କାର୍ଯ୍ୟାଳୟ ମାଧ୍ୟମରେ ପ୍ରାଥମିକ, ଉଚ୍ଚ ବିଦ୍ୟାଳୟ ଓ ମାଧ୍ୟମିକ ବିଦ୍ୟାଳୟର ବିଭିନ୍ନ ସୂଚନା ପ୍ରଦାନ କାର୍ଯ୍ୟକ୍ରମ କରାଯିବା ସହିତ ତାଲିମ ପ୍ରଦାନ, ପରୀକ୍ଷା ନିୟନ୍ତ୍ରଣ, ଦରମା ପ୍ରଦାନ, ପୋଷାକ ବଣ୍ଟନ କାର୍ଯ୍ୟ ଆଦି କରାଯାଇଥାଏ। ଯାହାକୁ ଜଣେ ବିଇଓଙ୍କ ସହିତ ୪ଜଣ ଅଧିକାରୀ ନିୟନ୍ତ୍ରଣ କରିଥାନ୍ତି। ଏବେ କିପରି ଜଣେ ଅଧିକାରୀ ପରିଚାଳନା କରିବେ ତାହା ବିଚାରସାପେକ୍ଷ। ତେବେ ଏଠାକୁ ଆସିବାକୁ ଥିବା ନିର୍ଦ୍ଦେଶିତ ବିଇଓ ଅଦ୍ୟାବଧି ଆସୁ ନାହାନ୍ତି, ଯାହାକି ପରିଚାଳନାଗତ ସମସ୍ୟା ଦେଖାଯାଉଛି। ସରକାରୀ ଆଦେଶକୁ ଅବମାନନା କରୁଥିବା କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ସାଧାରଣରେ ଦାବି ହେଉଛି। ଏ ସମ୍ପର୍କରେ ଜିଲା ଶିକ୍ଷାଧିକାରୀ ବିଶ୍ୱନାଥ ତରାଇ କୁହନ୍ତି, ବାଲିପାଟଣା ବ୍ଲକ ଶିକ୍ଷା କାର୍ଯ୍ୟାଳୟକୁ ବଦଳି ହୋଇଥିବା ଶିକ୍ଷା ଅଧିକାରୀ ଆସିବାକୁ ବିଳମ୍ବ କରୁଥିବାରୁ ବାଲିଅନ୍ତା ବ୍ଲକ ଶିକ୍ଷା ଅଧିକାରୀଙ୍କୁ ଅସ୍ଥାୟୀଭାବେ ଦାୟିତ୍ୱ ଦିଆଯାଇଛି।

# ରାଜ୍ୟର ସାମଗ୍ରିକ ବିକାଶ ପାଇଁ ଗୌରୀଶଙ୍କରଙ୍କ ଅବଦାନ ଅବିସ୍ମରଣୀୟ

**ଭୁବନେଶ୍ୱର,୧୩।୭(ଶର୍ମିଷ୍ଠା ପାଣିଗ୍ରାହୀ)**

### ୧୮୫ତମ ଜୟନ୍ତୀ ପାଳିତ

'ଉତ୍କଳ ଦୀପିକା'ର ପ୍ରତିଷ୍ଠାତା, ଓଡ଼ିଆ ଭାଷା ସୁରକ୍ଷା ଆନ୍ଦୋଳନର ଅନ୍ୟତମ ସଂଗ୍ରାମୀ କର୍ମବୀର ଗୌରୀଶଙ୍କର ରାୟଙ୍କ ୧୮୫ତମ ଜୟନ୍ତୀ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଗୁରୁବାର ପିଏମ୍‌ଜି ଛକସ୍ଥିତ ପ୍ରତିମୂର୍ତ୍ତିସ୍ଥଳରେ ପାଳିତ ହୋଇଯାଇଛି। ବିଧାୟକ ପ୍ରଫୁଲ୍ଲ ସାମଲ, ପ୍ରଫେସର ଡ. ରଙ୍ଗାଧର ସାହୁ, ଅଧ୍ୟାପକ ରମେଶ ଚନ୍ଦ୍ର ପାତାଳସିଂହ, ଗିରିଜା ଶଙ୍କର ମହାପାତ୍ର, କର୍ମବୀର ଗୌରୀଶଙ୍କର ସ୍ମୃତି ସଂସଦ ପକ୍ଷରୁ ଉଦୟ ଶଙ୍କର ରାୟ, ସତ୍ୟେନ୍ଦ୍ର ବୋଷ, ବାବାଜୀ ଚାନ୍ଦ ପ୍ରମୁଖ ଉପସ୍ଥିତ ଥିଲେ। କଟକ ଜିଲା ଅସୁରେଶ୍ୱର ନିକଟ ଦୀକ୍ଷିତପଡ଼ାରେ ଜନ୍ମିତ ସ୍ୱର୍ଗତ ରାୟ କଟକରେ ଚାକିରି କରୁଥିବା ସମୟରେ ରାଜ୍ୟରେ ସ୍ୱତନ୍ତ୍ର ଭାଷାଭିତ୍ତିକ ଓଡିଶା ପ୍ରଦେଶ ଗଠନ, ନଅଙ୍କ ଦୁର୍ଭିକ୍ଷର ଚିତ୍ର ସହ ରାଜ୍ୟର ସମସ୍ୟାକୁ ଲୋକଲୋଚନକୁ ଆଣିବାକୁ 'ଉତ୍କଳ ଦୀପିକା' ପ୍ରକାଶନ କରିଥିଲେ। ଏଥିରେ ସାଧାରଣ ଜନତାଙ୍କ ସମସ୍ୟା ଓ ସ୍ୱରକୁ ପ୍ରକାଶନ କରି ବ୍ରିଟିଶ ସରକାରଙ୍କ ଦୃଷ୍ଟି ଆକର୍ଷଣ କରୁଥିଲେ। ରାଜ୍ୟରେ ପୁସ୍ତକ ପ୍ରକାଶନ ଭିତ୍ତିଭୂମି ବିକାଶ ପାଇଁ କଟକ ପ୍ରିଣ୍ଟିଂ କମ୍ପାନୀ ପ୍ରତିଷ୍ଠା କରିଥିଲେ। ଫଳରେ ଓଡ଼ିଆ ଭାଷାରେ ପୁସ୍ତକ ପ୍ରକାଶନ ସୁଗମ ହୋଇଥିଲା। ଓଡ଼ିଆ ଭାଷାର ସୁରକ୍ଷା ପାଇଁ ସେ ନିଜକୁ ଉତ୍କଳ ସମ୍ମିଳନୀ ସହିତ ଯୋଡ଼ିଥିଲେ। ରାଜ୍ୟର ସାମଗ୍ରିକ ବିକାଶ ପାଇଁ ତାଙ୍କ ଅବଦାନ ଅବିସ୍ମରଣୀୟ ବୋଲି ଅତିଥିମାନେ ମତ ପ୍ରକାଶ କରିଥିଲେ। ବିଭାଗୀୟ ପୂର୍ବତନ ଅନୁଶାସନ ସଚିବ ଲକ୍ଷ୍ମୀଧର ବେହେରା କାର୍ଯ୍ୟକ୍ରମ ସଂଯୋଜନା ଓ ସରୋଜ କୁମାର ନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ।



କର୍ମବୀର ଗୌରୀଶଙ୍କର ରାୟଙ୍କ ଜୟନ୍ତୀରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଏବଂ ଉଇ ଫର୍ ଭୁବନେଶ୍ୱର ପକ୍ଷରୁ ଲୋୟର ପିଏମ୍‌ଜିସ୍ଥିତ ତାଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଉଛି। (ଫଟୋ- ମନୋରଞ୍ଜନ ମିଶ୍ର)

# ୨ ଗିରଫ: ସୁନା, ରୁପା ଅଳଙ୍କାର ଜବତ

**ଭୁବନେଶ୍ୱର,୧୩।୭ (ସୂର୍ଯ୍ୟକାନ୍ତ ବେହେରା)**

### ଝରକା ତାଡ଼ି ଚୋରି ଘଟଣା

ମଞ୍ଚେଶ୍ୱର ଥାନା ଅନ୍ତର୍ଗତ ଧିରୀକୁଟି ବସ୍ତିରେ ଜଣଙ୍କ ଘରର ଝରକା ଭାଙ୍ଗି ସୁନା ଓ ରୁପା ଅଳଙ୍କାର ସହ ଟଙ୍କା ଚୋରି ଘଟଣାରେ ପୋଲିସ ୨ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ନୟାଗଡର ରକି ନାୟକ ଓ ଗଞ୍ଜାମର ବିଜୁ ପଲାଇ। ଉଭୟଙ୍କଠାରୁ ଗୋଟିଏ ସୁନା ଚେନ, ସୁନା ମଙ୍ଗଳସୂତ୍ର, ହଳେ ସୁନା ଖଡୁ ଓ ଚୁଡି, ୩ଟି ସୁନା ନାକଫୁଲ, ହଳେ ରୁପା ପାଉଁଜି, ୨ଟି ରୁପା ଚେନ, ରୁପା ଚୁଡି, ଆଧାର କାର୍ଡ ଓ ଅନ୍ୟାନ୍ୟ ଜିନିଷ ଜବତ ହୋଇଛି। ଜାମିନ ନ ମିଳିବାରୁ ସମସ୍ତ ଅଭିଯୁକ୍ତଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି । ସୂଚନାନୁସାରେ, ଅଭିଯୋଗକାରିଣୀ ମହିଳା ଜଣକ କୋଲକାତାରେ ବିବାହ କରିଥିବାବେଳେ କିଛିଦିନ ପୂର୍ବରୁ ଧୀରୀକୁଟି ବସ୍ତିରେ ଥିବା ବାପଘରକୁ ବୁଲିବାକୁ ଆସିଥିଲେ। ଘଟଣା ଦିନ ରାତିରେ ସେ ନିଜ ସୁନା ଓ ରୂପା ଗହଣାକୁ ଏକ ରୁମ୍‌ରେ ରଖି ଅନ୍ୟ ଏକ ରୁମରେ ପରିବାର ସଦସ୍ୟଙ୍କ ସହିତ ଶୋଇଥିଲେ। ବିଳମ୍ବିତ ରାତିରେ ଅଭିଯୁକ୍ତଦ୍ୱୟ ଘରର ଝରକା ଗ୍ରିଲ୍ ଭାଙ୍ଗି ଭିତରେ ଥିବା ସୁନା ଓ ରୁପା ଅଳଙ୍କାର ସହିତ ୧୫୦୦ ଟଙ୍କା ଚୋରି କରିନେଇଥିଲେ। ଏନେଇ ଥାନାରେ ଅଭିଯୋଗ ହେବା ପରେ ପୋଲିସ ତଦନ୍ତ କରିବା ସହ ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ଅଭିଯୁକ୍ତ ରକି ନାୟକଙ୍କ ନାମରେ ପୂର୍ବରୁ ମଞ୍ଚେଶ୍ୱର ଥାନାରେ ଗୋଟିଏ ମାମଲା ରହିଥିବାବେଳେ ଅଭିଯୁକ୍ତ ବିଜୁ ପଲେଇଙ୍କ ନାମରେ ମଞ୍ଚେଶ୍ୱର ଥାନାରେ ୫ଟି ଓ ଶହୀଦନଗର ଥାନାରେ ୩ଟି ମାମଲା ରହିଛି।

# ୧୮ରେ ବରୁଣେଇରେ ପାଇକ ସମାବେଶ

**ଖୋର୍ଦ୍ଧା,୧୩।୭(ପ୍ରଭାତ ପାଣିଗ୍ରାହୀ)**

### ପାଇକ ବିଦ୍ରୋହର ପ୍ରଥମ ସ୍ୱାଧୀନତା ସଂଗ୍ରାମ ମାନ୍ୟତା ଦାବି ତେଜିଲା

- ସ୍ମାରକୀ ନିର୍ମାଣ ତ୍ୱରାନ୍ୱିତ ଲାଗି ରାଜ୍ୟ ଓ କେନ୍ଦ୍ରକୁ ଚିଠି
- ପାଇକ ରେଜିମେଣ୍ଟ, ଖୋର୍ଦ୍ଧାଗଡ଼ର ପୁନରୁଦ୍ଧାର ହେଉ

ବରୁଣେଇ ପାହାଡ଼ ପାଦଦେଶରେ ପ୍ରସ୍ତାବିତ ପାଇକ ସ୍ମାରକୀ ନିର୍ମାଣ ବିଳମ୍ବ ନେଇ ପ୍ରତିବାଦ କରିଛି ଓଡ଼ିଶା ରାଜ୍ୟ ପାଇକ ଆଖଡ଼ା ମହାସଂଘ। ପାଇକ ବିଦ୍ରୋହକୁ ପ୍ରଥମ ସ୍ୱାଧୀନତା ସଂଗ୍ରାମ ମାନ୍ୟତା, ପାଇକ ରେଜିମେଣ୍ଟ ଗଠନ ଏବଂ ଭାରତ ବର୍ଷର ଶେଷ ସ୍ୱାଧୀନ ଦୁର୍ଗ ଖୋର୍ଦ୍ଧାଗଡ଼ର ପୁନରୁଦ୍ଧାର ଦାବିରେ ପୁଣି ଥରେ ବରୁଣେଇଠାରେ ଆସନ୍ତା ୧୮ତାରିଖରେ ପାଇକ ସମାବେଶ ଅନୁଷ୍ଠିତ ହେବ। ଉପରୋକ୍ତ ଦାବି ପୂରଣ ନେଇ ଦିଲ୍ଲୀ ଚଲୋ ନିମନ୍ତେ ରାଜ୍ୟସାରା ଜନଜାଗରଣ ପାଇଁ ଶୁଭାରମ୍ଭ କରାଯିବ ବୋଲି ଗୁରୁବାର ଏକ ଘରୋଇ କଲ୍ୟାଣ ମଣ୍ଡପଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ମହାସଂଘ ସମ୍ପାଦକ ତଥା ପୂର୍ବତନ ବିଧାୟକ ଦିଲ୍ଲୀପ ଶ୍ରୀଚନ୍ଦନ କହିଛନ୍ତି। ଦିଲ୍ଲୀପ ଆହୁରି କହିଥିଲେ ଯେ, ପାଇକ ବିଦ୍ରୋହ ହେଉଛି ଓଡ଼ିଆ ଜାତିର ସ୍ୱାଭିମାନ। ଇଂରେଜମାନଙ୍କ ବିରୋଧରେ ପାଇକମାନଙ୍କ ବୀରତ୍ୱର ଗାଥାକୁ ସାରା ବିଶ୍ୱ ଜାଣିଛି। ପାଇକ ବିଦ୍ରୋହ କେବଳ ଖୋର୍ଦ୍ଧା ମାଟି ନୁହଁ, ବରଂ ସାରା ଭାରତର ଗର୍ବ ଓ ଗୌରବ। ପାଇକ ବୀରଙ୍କ ସ୍ମୃତିରେ ପାଇକ ରେଜିମେଣ୍ଟ ଗଠନ କରିବାକୁ ଦାବି କରିଛନ୍ତି ଶ୍ରୀଚନ୍ଦନ। ସେହିପରି ମହାସଂଘ ସଭାପତି ପ୍ରକାଶ ଶ୍ରୀଚନ୍ଦନ କହିଥିଲେ, ପାଇକ ସଂଗ୍ରାମକୁ ଯଥୋଚିତ ସମ୍ମାନ, ଏ ମାଟିର ଅସ୍ମିତାକୁ ବିଶ୍ୱ ଦରବାରରେ ସ୍ୱତନ୍ତ୍ର ପରିଚୟ, ପାଇକ ମାଟିର ଗର୍ବ ଓ ଗୌରବର ଗାଥାକୁ ଲୋକଲୋଚନକୁ ଆଣିବା ଲକ୍ଷ୍ୟ ରହିଛି। ଅନୁଷ୍ଠାନ ମୁଖ୍ୟ ସଂଯୋଜକ ନରେନ୍ଦ୍ର ପୃଷ୍ଟି କହିଥିଲେ, ପାଇକ ବିଦ୍ରୋହର ଅନ୍ତୁଡ଼ିଶାଳ ହେଉଛି ଖୋର୍ଦ୍ଧାଗଡ଼। ଇଂରେଜ ବିରୋଧରେ ପାଇକମାନେ ଏଠାରୁ ରଣନୀତି ପ୍ରସ୍ତୁତ କରୁଥିଲେ। ଏହାର ପୁନରୁଦ୍ଧାର କରାଗଲେ ଏହାର ଗୌରବ ବଢ଼ିବ।



ଓଡ଼ିଶା ପାଇକ ଆଖଡ଼ା ମହାସଂଘ ପକ୍ଷରୁ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଉଛି।

# ହାଇକୋର୍ଟରେ ଫଇସଲା ହାର ୧୨୬.୬୬% ବୃଦ୍ଧି

**କଟକ,୧୩।୭ (କାର୍ତ୍ତିକ ସାହୁ)**

### ଇ-ବ୍ୟବସ୍ଥା ଆଣିଲା ସଫଳତା



ଓଡ଼ିଶା ହାଇକୋର୍ଟ ଚଳିତ ବର୍ଷର ପ୍ରଥମାର୍ଦ୍ଧ ଜାନୁୟାରୀରୁ ଜୁନ୍ ପର୍ଯ୍ୟନ୍ତ ମାମଲାଗୁଡ଼ିକର ବିଚାର ଓ ଫଇସଲାରେ ରେକର୍ଡ ସଂଖ୍ୟକ ଫଳ ପ୍ରଦର୍ଶନ କରିଛି। ୨୦୨୧ ଓ ୨୦୨୨ ବର୍ଷ ତୁଳନାରେ ୨୦୨୩ରେ ଅଦ୍ୟାବଧି ବିଚାର ବିଭାଗରେ ଯଥେଷ୍ଟ ଉନ୍ନତି ସାଧିତ ହୋଇଥିବା ଜଣାପଡ଼ିଛି। ହାଇକୋର୍ଟ ପକ୍ଷରୁ ଗ୍ରହଣ କରାଯାଇଥିବା ଇ-କୋର୍ଟ, ଇ-ଫାଇଲିଂ ଆଦି ବ୍ୟବସ୍ଥା ଦ୍ୱାରା ଉଭୟ ହାଇକୋର୍ଟ ଓ ଜିଲା କୋର୍ଟଗୁଡ଼ିକରେ ବିଚାର ପ୍ରକ୍ରିୟା ତ୍ୱରାନ୍ୱିତ ହେବା ସହ ମାମଲା ଫଇସଲା ହାର ବୃଦ୍ଧି ପାଇ ପଡ଼ିରହିଥିବା ମାମଲା ସଂଖ୍ୟା ବହୁ ଭାବେ ହ୍ରାସ ପାଇଥିବା ହାଇକୋର୍ଟ ପକ୍ଷରୁ ପ୍ରଦତ୍ତ ପ୍ରେସ୍ ଇସ୍ତାହାରରୁ ଜଣାଯାଇଛି।

୨୦୨୩ର ପ୍ରଥମାର୍ଦ୍ଧରେ ୧୩୬୮ଟି ରାୟ ପ୍ରକାଶ ପାଇଥିବା ବେଳେ ୨୦୨୧ରେ ୩୪୧ ଓ ୨୦୨୨ରେ ୯୮୨ଟି ରାୟ ପ୍ରକାଶ ପାଇଥିଲା। ୨୦୨୧ରେ ୪୨,୨୭୮ଟି ମାମଲା ପଞ୍ଜୀକରଣ ହୋଇଥିବା ବେଳେ ୩୯,୨୫୯ଟି ଫଇସଲା ହୋଇଥିଲା। ସେହିପରି ୨୦୨୨ରେ ୫୩,୧୫୫ଟି ମାମଲା ପଞ୍ଜୀକରଣ ହୋଇଥିବା ବେଳେ ୫୯,୮୫୦ଟି ମାମଲା ଫଇସଲା ହୋଇଥିଲା। ହେଲେ ୨୦୨୩ ଜୁନ୍ ଯାଏ ୪୯,୬୩୫ ମାମଲା ପଞ୍ଜୀକୃତ ହୋଇଥିବା ବେଳେ ୬୨,୮୬୯ଟି ମାମଲା ଫଇସଲା ହୋଇଛି। ଫଳରେ ମାମଲା ଫଇସଲା ହାର ୨୦୨୧ରେ ୯୨.୮୫%, ୨୦୨୨ରେ ୧୧୨.୫୯% ହୋଇଥିବା ବେଳେ ୨୦୨୩ ପ୍ରଥମାର୍ଦ୍ଧରେ ୧୨୬.୬୬% ହୋଇଛି। ମାମଲା ଫଇସଲା ହାର ବୃଦ୍ଧି ପାଇବା କାରଣରୁ ବିଚାର ନହୋଇ ପଡ଼ିରହିଥିବା ମାମଲା ସଂଖ୍ୟା ବହୁ ଭାବେ ହ୍ରାସ ପାଇଛି। ୨୦୨୨ ଜୁନ୍‌ରେ ପଡ଼ିରହିଥିବା ମାମଲା ସଂଖ୍ୟା ୧,୮୯,୮୪୭ ଥିବା ବେଳେ ୨୦୨୩ ଜୁନ୍ ୩୦ରେ ଏହି ସଂଖ୍ୟା ୧,୪୬,୫୮୨ ହୋଇଛି। ହାଇକୋର୍ଟ ପକ୍ଷରୁ ନିଆଯାଇଥିବା ଇ-ପଦକ୍ଷେପଗୁଡ଼ିକ ଯୋଗୁ ଏସବୁ ସମ୍ଭବ ହୋଇପାରିଛି। କୋର୍ଟର କାର୍ଯ୍ୟ ଦିବସ ନଷ୍ଟ ନହୋଇ ବିଚାର ପ୍ରକ୍ରିୟା ତ୍ୱରାନ୍ୱିତ ହୋଇଛି।

ସେହିପରି ଜିଲାର କୋର୍ଟଗୁଡ଼ିକରେ ମଧ୍ୟ ମାମଲା ଫଇସଲାର ହାର ବୃଦ୍ଧି ପାଇଛି। ୨୦୨୧ରେ ୧,୮୯,୩୧୫ ମାମଲା ପଞ୍ଜୀକରଣ ହୋଇଥିବା ବେଳେ ୯୦,୨୩୮ ମାମଲା ଫଇସଲା ହୋଇଥିଲା। ୨୦୨୨ରେ ୨,୩୫,୬୨୦ ମାମଲା ପଞ୍ଜୀକରଣ ହୋଇଥିବାବେଳେ ୧,୫୫,୭୧୨ ମାମଲା ଫଇସଲା ହୋଇଥିଲା। ହେଲେ ୨୦୨୩ ଜୁନ୍ ବେଳକୁ ୨,୩୨,୩୬୩ ମାମଲା ପଞ୍ଜୀକରଣ ହୋଇଥିବା ବେଳେ ୨,୦୨,୨୧୦ ମାମଲା ଫଇସଲା ହୋଇଥିବା ଜଣାଯାଇଛି। ସେହିପରି ଜିଲାର କୋର୍ଟଗୁଡ଼ିକରେ ୨୦୨୧ରେ ୩୬,୪୦୩ଟି, ୨୦୨୨ରେ ୬୦,୬୩୨ଟି ରାୟ ପ୍ରଦାନ ହୋଇଥିବା ବେଳେ ୨୦୨୩ ଜୁନ୍ ସୁଦ୍ଧା ୭୧,୩୬୮ଟି ମାମଲାର ରାୟ ପ୍ରକାଶ ପାଇଛି। ଏଥିସହ ବିଚାର ନ ହୋଇ ପଡ଼ିରହିଥିବା ମାମଲା ସଂଖ୍ୟା ୨୦୨୨ ଜୁନ୍‌ରେ ୧୮,୬୮,୮୯୭ ଥିବା ବେଳେ ୨୦୨୩ ଜୁନ୍‌ରେ ଏହା ୧୮,୫୬,୨୫୩କୁ ହ୍ରାସ ପାଇଛି। ସେହିପରି ବିଭିନ୍ନ କାରଣରୁ କାର୍ଯ୍ୟ ଦିବସ ନଷ୍ଟ ୨୦୨୧ ଓ ୨୦୨୨ ତୁଳନାରେ ୨୦୨୩ରେ ନଗଣ୍ୟ ହୋଇଛି।

## ସରକାରୀ ନିୟମକୁ ଘରୋଇ ବିଦ୍ୟାଳୟର ଅବମାନନା

**କାର୍ଯ୍ୟାନୁଷ୍ଠାନ ଦାବିକଲା ଅଭିଭାବକ ସଂଘ**

ଭୁବନେଶ୍ୱର,୧୩।୭ (ଅନୁରାଧା ମହାରଣା): ଢେଙ୍କାନାଳସ୍ଥିତ ସେଣ୍ଟ ଜାଭିୟର ହାଇସ୍କୁଲ ସରକାରୀ ନିୟମ ଉଲ୍ଲଂଘନ କରୁଥିବା ଅଭିଯୋଗ ପରେ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ପକ୍ଷରୁ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ତାଗିଦ୍ କରାଯାଇଛି। ଶିକ୍ଷା ଅଧିକାର ଆଇନ ୨୦୦୯ର ୨୯ ଧାରା ଅନୁଯାୟୀ ଘରୋଇ ଶିକ୍ଷାନୁଷ୍ଠାନଗୁଡିକ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଏନ୍‌ସିଇଆର୍‌ଟି ବହିରୁ ପାଠ ପଢ଼ାଇବା ବାଧ୍ୟତାମୂଳକ। ମାତ୍ର ଏହି ବିଦ୍ୟାଳୟ ଏନ୍‌ସିଇଆର୍‌ଟି ବଦଳରେ ବେସରକାରୀ ବହି ପ୍ରଚଳନ କରିବା ସହ ଏହାକୁ ଚଢ଼ା ଦରରେ ବିକ୍ରି କରୁଥିବା ଅଭିଯୋଗ ହୋଇଥିଲା। ଏନେଇ ଓଡ଼ିଶା ଅଭିଭାବକ ମହାସଂଘ ଅଧ୍ୟକ୍ଷ ବାସୁଦେବ ଭଟ୍ଟଙ୍କ ଅଭିଯୋଗ ପରେ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକ ତଦନ୍ତ କରିବାକୁ ଢେଙ୍କାନାଳ ଜିଲା ଶିକ୍ଷା ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ତଦନ୍ତ ସମୟରେ ସ୍କୁଲ କର୍ତ୍ତୃପକ୍ଷ ୨୦୨୧-୨୨ ଶିକ୍ଷାବର୍ଷରେ ୧୩ ପ୍ରତିଶତ ଫି’ ବୃଦ୍ଧି କରିଥିବା ଓ ରିଆଡ୍‌ମିଶନ ନାମରେ ୭୧୦୦ ଟଙ୍କା ଆଦାୟ କରିଥିବା ଜଣାପଡ଼ିଥିଲା। ଢେଙ୍କାନାଳ ଜିଲାପାଳ ସରୋଜ କୁମାର ସେଠୀ ଏକ ଯୁଗ୍ମ ବୈଠକ ଡକାଇଥିଲେ। ବିଦ୍ୟାଳୟ କର୍ତ୍ତୃପକ୍ଷ ବିଏସ୍‌ଇ ନିୟମ ମାନୁଛନ୍ତି କି ନାହିଁ ତାହାର ତଦାରଖ କରିବା ସହ ଏକ ରିପୋର୍ଟ ପ୍ରଦାନ ପାଇଁ ଜିଲା ଶିକ୍ଷା ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ମାତ୍ର ଏବେ ବିଦ୍ୟାଳୟ କର୍ତ୍ତୃପକ୍ଷ ପୂର୍ବଭଳି ବ୍ୟବସ୍ଥା ଚଳାଇଥିବା ଅଭିଭାବକ ମହାସଂଘ କହିବା ସହ କାର୍ଯ୍ୟାନୁଷ୍ଠାନ ଦାବି କରିଛି।

# ବିନା ଆଧାରରେ ୬ଶହ କୋଟିର ରାଜସ୍ୱ ଆଦାୟ ଲକ୍ଷ୍ୟ

**ହୋଲ୍ଡିଂ ଟିକସ ନ ଦେଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ**
- ପ୍ରତି ଜୋନ୍‌କୁ ୨ଶହ କୋଟିର ଟାର୍ଗେଟ
- ପ୍ରତି ଶନିବାର ହେବ ରାଜସ୍ୱ ଆଦାୟ ଦିବସ
- ୱାର୍ଡ ଅଫିସରଙ୍କ ମୁଣ୍ଡରେ ଦାୟିତ୍ୱ ଭାର

ଭୁବନେଶ୍ୱର, ୧୩।୭ (ବନ୍ଦନା ସେଠୀ)

ପରିମଳ ପରେ ଏବେ ଟିକସ ଆଦାୟକୁ ନେଇ ଟ୍ୟାକ୍ସ କଲେକ୍ଟର ବା ୱାର୍ଡ ଅଫିସରଙ୍କୁ ତନାଘନା କରାଯାଇଛି। ଟେକ୍ନୋଲୋଜିର ଉପଯୋଗ କରି ସ୍ୱଚ୍ଛତା ରକ୍ଷା କରିବା ଉପରେ ଗୁରୁତ୍ୱାରୋପ କରିବା ସହ ପ୍ରତ୍ୟେକ ଜୋନ୍‌କୁ ୨ଶହ କୋଟି ଟଙ୍କାର ରାଜସ୍ୱ ଆଦାୟ ଲକ୍ଷ୍ୟ ଦିଆଯାଇଛି। ଗତ ମେ’ ମାସରେ ହୋଇଥିବା ବୈଠକରେ ୨୦୨୪-୨୫ ଆର୍ଥିକ ବର୍ଷ ପାଇଁ ବିଏମ୍‌ସି ପକ୍ଷରୁ କେବଳ ହୋଲ୍ଡିଂ ଟିକସ ଆଦାୟ ଲକ୍ଷ୍ୟ ୩ଶହ କୋଟି ରଖାଯାଇ ପ୍ରତି ୱାର୍ଡକୁ ଶହେ କୋଟିର ହୋଲ୍ଡିଂ ଟିକସ ଲକ୍ଷ୍ୟ ଦିଆଯାଇଥିଲା। ୨୦୨୨-୨୩ ଆର୍ଥିକ ବର୍ଷରେ ମୋଟ୍ ହୋଲ୍ଡିଂ ଟିକସ ଲକ୍ଷ୍ୟ ୧୨୦କୋଟି ରଖାଯାଇଥିବାବେଳେ ୮୫କୋଟି ଟଙ୍କା ଟିକସ ଆଦାୟ କରାଯାଇଥିଲା। ତେଣୁ କେଉଁ ଭିତ୍ତିରେ କର୍ତ୍ତୃପକ୍ଷ ପ୍ରତି ଜୋନ୍‌କୁ ଶହେ କୋଟିର ଟିକସ ଆଦାୟ ଲକ୍ଷ୍ୟ ଦେଇଛନ୍ତି ତାହାକୁ ନେଇ ୱାର୍ଡ ଅଫିସରଙ୍କ ମଧ୍ୟରେ ଅସନ୍ତୋଷ ଦେଖା ଦେଇଥିଲା। ମାତ୍ର ଏବେ ପୁଣି ରାଜସ୍ୱ ଆଦାୟ ଲକ୍ଷ୍ୟକୁ ବୃଦ୍ଧି କରି ପ୍ରତି ଜୋନ୍‌କୁ ୨ଶହ କୋଟି ଟଙ୍କାର ଟାର୍ଗେଟ ଦିଆଯାଇଛି। ଅପରପକ୍ଷେ ୨୩ଜଣ ୱାର୍ଡ ଅଫିସରଙ୍କ ବଦଳି କରି ସେମାନଙ୍କୁ ନୂତନ ଜୋନ୍‌କୁ ସ୍ଥାନାନ୍ତର କରାଯାଇଛି। ଫଳରେ ସେମାନଙ୍କୁ ସମ୍ପୃକ୍ତ ଅଞ୍ଚଳରେ ଟିକସଦାତାଙ୍କୁ ଚିହ୍ନିବା ପାଇଁ ସମୟ ଲାଗିବ। ଏଭଳି କ୍ଷେତ୍ରରେ ସେମାନଙ୍କୁ ଆବଶ୍ୟକତା ଠାରୁ ବହୁଗୁଣା ଅଧିକ ଟିକସ ଆଦାୟ ଲକ୍ଷ୍ୟ ପ୍ରଦାନ କରିବା କେତେଦୂର ଯଥାର୍ଥ ତାକୁ ନେଇ ପ୍ରଶ୍ନ ଉଠିଛି। ଅପରପକ୍ଷେ ଲୋକଙ୍କ ପାଖକୁ ଯାଅ, ତାଙ୍କୁ ବୁଝାଅ କେମିତି ବି କର ମାତ୍ର ଧାର୍ଯ୍ୟ ଲକ୍ଷ୍ୟ ପୂରଣ କରିବାକୁ ତାଗିଦ୍ କରିଛି ବିଏମ୍‌ସି। ଜୋନାଲ ଡେପୁଟି କମିଶନରମାନେ ଜୋନ୍‌ୱାରି ଏହି ଟାର୍ଗେଟ ରଖିବା ସହିତ ନିଜ ସ୍ତରରେ ଏସଓପି ଜାରି କରିବା ପାଇଁ କମିଶନର ବିଜୟ ଅମୃତା କୁଲାଙ୍ଗେ ନିର୍ଦ୍ଦେଶ ଦେଇଛନ୍ତି। ଗୁରୁବାର କମିଶନରଙ୍କ ଅଧ୍ୟକ୍ଷତାରେ ବିଏମ୍‌ସି ମୁଖ୍ୟାଳୟରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ନିଜ ନିଜ ଜୋନ୍‌ରେ ରାଜସ୍ୱ ଆଦାୟ ବୃଦ୍ଧି କରିବା ସହ ଲୋକଙ୍କୁ ଅନ୍‌ଲାଇନ୍ ମୋଡ୍ ପ୍ରତି ଆକୃଷ୍ଟ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା।

ସେହିପରି ଭୁବନେଶ୍ୱରରେ ଟିକସ ଆଦାୟକୁ ସମ୍ପୂର୍ଣ୍ଣ ରୂପେ ଅନ୍‌ଲାଇନ୍ ମୋଡ୍ କରାଯାଇଛି। ମାତ୍ର ଏହା ଶତପ୍ରତିଶତ ସଫଳ ହେଉନାହିଁ। ସହରବାସୀ ନିଜ ପକ୍ଷରୁ ଟିକସ ପଇଠ କରିବା ପାଇଁ ଆଗ୍ରହ ଦେଖାଉ ନାହାନ୍ତି। ତେଣୁ କେତେଜଣ ଲୋକ ଟିକସ ଦେଉଛନ୍ତି, କେଉଁମାନେ ଦେଉ ନାହାନ୍ତି, ଏବଂ ହୋଲ୍ଡିଂ ଟିକସ (ବ୍ୟବସାୟିକ, ଘରୋଇ ଭିତ୍ତିରେ) ଠିକ୍ ଭାବେ ଆସୁଛି କି ନାହିଁ ତାହାକୁ ତଦାରଖ କରିବାକୁ ୱାର୍ଡ ଅଫିସରଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଯେଉଁମାନେ ଟିକସ ପଇଠ କରୁ ନାହାନ୍ତି ସେମାନଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ନେଇ ମଧ୍ୟ ନିର୍ଦ୍ଦେଶ ଜାରି କରାଯାଇଛି। ଏଥିସହ ଡୋର୍ ଟୁ ଡୋର୍ ଯାଇ ଚେକିଂ କରିବାକୁ ମଧ୍ୟ ତାଗିଦା କରାଯାଇଛି। ସେହିପରି ହୋଲ୍ଡିଂ ଟିକସ ଆଦାୟ ସହିତ ଆସେସ୍‌ମେଣ୍ଟ, ରି-ଆସେସ୍‌ମେଣ୍ଟ କରିବାକୁ କୁହାଯାଇଛି। ତେବେ ସମସ୍ତ ଉଦ୍ୟମ ସତ୍ତ୍ୱେ ରାଜସ୍ୱ ଆଦାୟ ଧାର୍ଯ୍ୟ ଲକ୍ଷ୍ୟଠାରୁ କମ୍ ରହିଛି । ତେଣୁ ଏବେ ୱାର୍ଡସ୍ତରୀୟ ସଚେତନତା କାର୍ଯ୍ୟକ୍ରମ କରିବା ସହିତ ରାଜସ୍ୱ ଆଦାୟ ବାବଦରେ ଲୋକଙ୍କ ସନ୍ଦେହ ମୋଚନ ପାଇଁ ୱାର୍ଡ କୋର୍ କମିଟିରେ ‘ରାଜସ୍ୱ ଦିବସ’ ପାଳନ କରାଯିବାକୁ ଧାର୍ଯ୍ୟ ହୋଇଛି। ଏବେଠାରୁ କର୍ପୋରେଟରମାନଙ୍କ ସହଯୋଗରେ ଶନିବାର ଦିନ ପ୍ରତି ୱାର୍ଡରେ ରାଜସ୍ୱ ଦିବସ ପାଳନ କରାଯିବ। ପ୍ରତି ୱାର୍ଡରେ ରହିଥିବା ଘର, ଦୋକାନ, ପାର୍କିଂସ୍ଥାନ ଇତ୍ୟାଦି ଚିହ୍ନଟ କରି ସେଗୁଡ଼ିକର ରାଜସ୍ୱ ଅଡିଟ କରାଯିବ। ପ୍ରତ୍ୟେକ ଘରକୁ ଜିଓ ଟ୍ୟାଗିଂ କରିବା କାମ, ପ୍ରତ୍ୟେକ ଘରୁ ବର୍ଜ୍ୟ ସଂଗ୍ରହ କରିବା, ଡିଜିଟାଲ ଡୋର ନମ୍ବରିଂକୁ ଯଥାଶୀଘ୍ର ଆଗେଇ ନେବା ଏବଂ ନାଗରିକମାନେ କିପରି ଏଥିପାଇଁ ଆବେଦନ କରିପାରିବେ ତାହାର ଅନ୍‌ଲାଇନ୍ ବ୍ୟବସ୍ଥା ଓ ପ୍ରଚାର ପାଇଁ ୱାର୍ଡ ଅଫିସରଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ତେବେ ଭୁବନେଶ୍ୱର ମହାନଗର ନିଗମ ଅଧୀନରେ ମୋଟ୍ ୬୭ଟି ୱାର୍ଡ ଥିବାବେଳେ ଏବେ ପ୍ରାୟ ୩୪ଜଣ ୱାର୍ଡ ଅଫିସର ରହିଛନ୍ତି। ଜଣକା ପିଛା ୨ରୁ ୩ଟି ୱାର୍ଡ ରହିଛି। ଜଣେ ୱାର୍ଡଅଫିସର ୱାର୍ଡର ପ୍ରତ୍ୟେକ ଅଞ୍ଚଳ ବୁଲି ଡ୍ରେନ୍ ଠାରୁ ଆରମ୍ଭ କରି ସଫେଇ ବ୍ୟବସ୍ଥା, ଷ୍ଟ୍ରିଟ୍ ଲାଇଟ୍, ପଲିଥିନ୍ ଚେକିଂ ଆଦି ବିଭିନ୍ନ କାର୍ଯ୍ୟରେ ନିୟୋଜିତ ହେଉଛନ୍ତି। ଏହାବାଦ୍ ଘରକୁ ଘର ବୁଲି ଲୋକଙ୍କୁ ଅନ୍‌ଲାଇନ୍‌ରେ ଟିକସ ପଇଠ ପାଇଁ ବୁଝାଇବା, ଡିଡିଏନ୍ ତଦାରଖ କରିବା, ରାଜସ୍ୱ ଦିବସ ପାଳନ କରିବା ଆଦି ବୋଝ ଉପରେ ନଳିତା ବିଡ଼ା ସଦୃଶ ହୋଇଛି ବୋଲି କିଛି ୱାର୍ଡ ଅଫିସର ମତ ପ୍ରକାଶ କରିଛନ୍ତି। ବୈଠକରେ ଅତିରିକ୍ତ କମିଶନର ସୂର୍ଯ୍ୟବଂଶୀ ମୟୂର ବିକାଶ, ଡେପୁଟି କମିଶନର ରାଜସ୍ୱ ସପନ କୁମାର ନନ୍ଦ, ସମସ୍ତ ଜୋନାଲ ଡେପୁଟି କମିଶନର, ୱାର୍ଡ ଅଫିସର, ୱାର୍ଡ ସୁପରଭାଇଜର ପ୍ରମୁଖ ଉପସ୍ଥିତ ଥିଲେ।

# ପୁଣି ଫେରିବ ୟୁଜର୍ସ ଫି’

**ପରିମଳ ସେବା ପାଇଁ ରାଜଧାନୀବାସୀ ଦେବେ ପାଉଣା**

ଭୁବନେଶ୍ୱର, ୧୩।୭ (ବନ୍ଦନା ସେଠୀ)

ପୁଣି ଫେରିବ ୟୁଜର୍ସ ଫି’। ପରିମଳ ସେବା ପାଇବା ପାଇଁ ବିଏମ୍‌ସିକୁ ପାଉଣା ଦେବେ ରାଜଧାନୀବାସୀ। ଏନେଇ ସଜବାଜ ହେଉଛି ବିଏମ୍‌ସି। ଅନ୍‌ଲାଇନ୍‌ରେ କିପରି ୟୁଜର୍ସ ଫି’ ଦାଖଲ କରାଯାଇ ପାରିବ ସେ ନେଇ ପ୍ରସ୍ତୁତି ଚାଲିଥିବାବେଳେ ସବୁକିଛି ଫାଇନାଲ୍ ହେବା ପରେ ଖୁବ୍‌ଶୀଘ୍ର ଲୋକଙ୍କଠାରୁ ଏହା ଆଦାୟ କରାଯିବ ବୋଲି ସୂଚନା ମିଳିଛି। ଏନେଇ ଗୁରୁବାର ବିଏମ୍‌ସି ମୁଖ୍ୟାଳୟରେ ହୋଇଥିବା ରାଜସ୍ୱ ଆଦାୟ ସମୀକ୍ଷା ବୈଠକରେ ଆଲୋଚନା ହେବା ସହ ଖୁବ୍‌ଶୀଘ୍ର ଏହା କାର୍ଯ୍ୟକାରୀ ହେବା ନେଇ କୁହାଯାଇଛି। ସୂଚନାଯୋଗ୍ୟ, ୨୦୧୫-୧୬ରେ ନିରବଚ୍ଛିନ୍ନ ସେବା ଯୋଗାଇଦେବା ପାଇଁ ସହରବାସୀଙ୍କ ଠାରୁ ବିଏମ୍‌ସି ଅଫ୍‌ଲାଇନ୍‌ରେ ୟୁଜର୍ସ ଫି’ ଆଦାୟ ଆରମ୍ଭ କରିଥିଲା। ମାସିକିଆ ହିସାବରେ ବର୍ଷକୁ ଥରେ ଏହି ଫି’ ଆଦାୟ କରାଯାଉଥିଲା। ମହାନଗର ନିଗମ ଅଧୀନରେ ରହିଥିବା ୫ଶହରୁ ୬୦୦ ବର୍ଗଫୁଟ ଅଞ୍ଚଳରେ ଘରଥିବା ଲୋକଙ୍କ ଠାରୁ ୬ଶହ ଟଙ୍କା, ୬ଶହରୁ ୧ହଜାର ବର୍ଗଫୁଟ ଅଞ୍ଚଳର ଘରଥିବା ଲୋକଙ୍କ ଠାରୁ ୧୨ଶହ ଟଙ୍କା ଏବଂ ୧ହଜାରରୁ ଅଧିକ ବର୍ଗଫୁଟ ଅଞ୍ଚଳ ପରିସୀମାରେ ଘରଥିବା ଲୋକଙ୍କ ଠାରୁ ୨୪ଶହ ଟଙ୍କା ଆଦାୟ କରାଯାଉଥିଲା। ପରେ ୨୦୧୮-୧୯ରେ ୟୁଜର୍ସ ଫି’ ଆଦାୟ ବନ୍ଦ କରାଯାଇଥିଲା। ଏହାପରେ ପୁନର୍ବାର ୨୦୨୦-୨୧ରେ ଦର କମାଇ ଯଥାକ୍ରମେ ୪୫୦ଟଙ୍କା, ୯ଶହ ଟଙ୍କା ଏବଂ ୧୨ଶହ ଟଙ୍କା ଫି’ ଆଦାୟ କରାଯାଇଥିଲା। ତେବେ ଡିଜିଟାଇଜେସନ୍‌କୁ ଗୁରୁତ୍ୱ ଦେଇ ସବୁକିଛି ଅନ୍‌ଲାଇନ ମୋଡ୍‌ରେ ଆରମ୍ଭ କରାଯାଉଥିବାରୁ ୟୁଜର୍ସ ଫି’ ମଧ୍ୟ ଅନ୍‌ଲାଇନ୍‌ରେ କରାଯିବା ପାଇଁ ସ୍ଥିର କରାଯାଇଥିଲା। ସେବେଠାରୁ ଏହି ଫି’ ଆଦାୟ ବନ୍ଦ ରହିଛି। ତେବେ ଖୁବ୍‌ଶୀଘ୍ର ଏହା କାର୍ଯ୍ୟକାରୀ ହେବା ନେଇ ସୂଚନା ମିଳିଛି। ସହରବାସୀଙ୍କୁ ନିରବଚ୍ଛିନ୍ନ ସେବା ଯୋଗାଇବା ସହ ସ୍ୱଚ୍ଛ ଓ ସୁନ୍ଦର ସହର ପାଇଁ ବିଏମ୍‌ସି ନିରନ୍ତର ପ୍ରୟାସ କରୁଛି ବିଏମ୍‌ସି। ସହରରେ ବିଭିନ୍ନ ଏମ୍‌ସିସି କାର୍ଯ୍ୟକ୍ଷମ କରାଇ ଘରକୁ ଘର ବୁଲି ବୁଲି ଓଦା, ଶୁଖିଲା ବର୍ଜ୍ୟ ସହ କଠିନ ବର୍ଜ୍ୟବସ୍ତୁ ସଂଗ୍ରହ କରାଯାଉଛି। ଭୁବନେଶ୍ୱର ମହାନଗର ନିଗମ ଅଞ୍ଚଳର ଏମ୍‌ସିସି (ମାଇକ୍ରୋ କମ୍ପୋଷ୍ଟିଂ ସେଣ୍ଟର) କାର୍ଯ୍ୟକ୍ଷମ କରାଯାଇ ଆବର୍ଜନା ପରିଚାଳନା କରାଯାଉଛି। ଏହି ଏମ୍‌ସିସିଗୁଡ଼ିକର ପରିଚାଳନା ତଥା ଘରକୁ ଘର ବୁଲି ବର୍ଜ୍ୟ ସଂଗ୍ରହ ପାଇଁ ପୁଣି ଥରେ ଲୋକଙ୍କଠାରୁ ୟୁଜର୍ସ ଫି’ ଆଦାୟ କରାଯିବ ବୋଲି ସୂଚନା ଦିଆଯାଇଛି।



ରାଜଭବନରେ ସମ୍ବର୍ଦ୍ଧିତ ହେବା ଅବସରରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍‌ଙ୍କ ସହ ସିଭିଲ ସର୍ଭିସ ପରୀକ୍ଷା-୨୦୨୨ରେ ଉତ୍ତୀର୍ଣ୍ଣ ହୋଇଥିବା ଓଡ଼ିଶାର ୧୪ଜଣ ପରୀକ୍ଷାର୍ଥୀ। ନିକଟରେ ଅଛନ୍ତି ଓପିଏସ୍‌ସି ଅଧ୍ୟକ୍ଷ ସତ୍ୟଜିତ୍ ମହାନ୍ତି ଓ ଅନ୍ୟମାନେ।

# ସିଭିଲ ସର୍ଭିସ ପରୀକ୍ଷାରେ ଉତ୍ତୀର୍ଣ୍ଣ ୧୪ ଜଣଙ୍କୁ ସମ୍ବର୍ଦ୍ଧନା

**ମାତାପିତାଙ୍କ ରୂପରେ ଈଶ୍ୱରଙ୍କ ମହତ ଉଦ୍ଦେଶ୍ୟ ସାଧିତ ହୋଇଥାଏ : ରାଜ୍ୟପାଳ**

ଭୁବନେଶ୍ୱର,୧୩।୭(ଶର୍ମିଷ୍ଠା ପାଣିଗ୍ରାହୀ)

ସିଭିଲ ସର୍ଭିସ ପରୀକ୍ଷା-୨୦୨୨ରେ ଉତ୍ତୀର୍ଣ୍ଣ ହୋଇଥିବା ଓଡ଼ିଶାର ୧୪ଜଣଙ୍କୁ ଗୁରୁବାର ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ରାଜଭବନରେ ସମ୍ବର୍ଦ୍ଧିତ କରିଛନ୍ତି। ଏହି ଅବସରରେ ରାଜ୍ୟପାଳ କହିଛନ୍ତି, ମାତାପିତାଙ୍କ ରୂପରେ ଈଶ୍ୱରଙ୍କ ମହତ୍ ଉଦ୍ଦେଶ୍ୟ ସାଧିତ ହୋଇଥାଏ। ସେଥିପାଇଁ ମାତାପିତାଙ୍କ ସ୍ଥାନ ସଂସାରରେ ଉର୍ଦ୍ଧ୍ୱରେ। ନିଜ ସନ୍ତାନ ପାଇଁ ସେମାନେ ସାକ୍ଷାତ୍ ଭଗବାନ୍। ଈଶ୍ୱର ସେମାନଙ୍କୁ ଏପରି ଶକ୍ତି ପ୍ରଦାନ କରିଥାନ୍ତି, ଯାହା ପ୍ରତି ଆହ୍ୱାନକୁ ସଫଳଭାବେ ସମ୍ମୁଖୀନ ହେବାକୁ ସାହସ ଦେଇଥାଏ। ତ୍ୟାଗ ଓ ପରିଶ୍ରମର ଫଳ ନିଜ ସନ୍ତାନଙ୍କ ସଫଳତାରେ ପ୍ରତିଫଳିତ ହୁଏ। ଏହା ଏକ ଦିବ୍ୟ ଆନନ୍ଦ ପ୍ରଦାନ କରିଥାଏ। ଏହି ସମ୍ବର୍ଦ୍ଧନା କାର୍ଯ୍ୟକ୍ରମକୁ ମାତାପିତାଙ୍କୁ ସ୍ୱତନ୍ତ୍ରଭାବେ ନିମନ୍ତ୍ରଣ କରାଯାଇଥିଲା। ରାଜ୍ୟପାଳଙ୍କ ପ୍ରମୁଖ ଶାସନ ସଚିବ ଶାଶ୍ୱତ ମିଶ୍ର ନିଜର ବ୍ୟକ୍ତିଗତ ଅନୁଭୂତି ବର୍ଣ୍ଣନା କରିବା ସହିତ ମଣିଷ ଜୀବନରେ ମା’ ବାପାଙ୍କ ଆଶୀର୍ବାଦ ସଫଳତାର ଶିଖରରେ ପହଞ୍ଚାଇ ପାରିବ ବୋଲି କହିଥିଲେ। ବିନମ୍ରତା, ସାଧୁତା, ସେବା ମନୋଭାବ ବ୍ୟକ୍ତିଗତ ଓ ଚାକିରି ଜୀବନରେ ଅଶେଷ ଆନନ୍ଦ ପ୍ରଦାନ କରିଥାଏ। ଏହାକୁ ସଫଳ ପ୍ରାର୍ଥୀମାନେ ଆପଣେଇବାକୁ ସେ ପରାମର୍ଶ ଦେଇଥିଲେ। ପରେ ରାଜ୍ୟପାଳ ୧୪ଜଣ ସଫଳ ପ୍ରାର୍ଥୀଙ୍କ ମାତାପିତାଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ସଫଳ ଅଧିକାରୀଙ୍କ ମଧ୍ୟରେ ଅନୁପ ଦାସ, ପ୍ରଣିତା ଦାଶ, କସ୍ତୁରୀ ପଣ୍ଡା, ସୌମ୍ୟରଞ୍ଜନ ଦାଶ, ଦୁର୍ଗା ପ୍ରସାଦ ଅଧିକାରୀ, ଲକ୍ଷ୍ମୀପ୍ରିୟା ଉପାଧ୍ୟାୟ, ସୁଶ୍ରୀ ଶୁଭାଙ୍ଗୀ ଖୁଣ୍ଟିଆ, ସତ୍ୟ ପ୍ରକାଶ ମିଶ୍ର, ତେଜସ୍ୱିନୀ ବେହେରା, ପ୍ରଥମା ପ୍ରତୀକ୍ଷା ପ୍ରଧାନ, ଚନ୍ଦନ ପ୍ରସାଦ, ଶୁଭସ୍ମିତା ସେଠୀ ଓ ହରେକୃଷ୍ଣ ମେହେର ନିଜ ମାତାପିତାଙ୍କ ସହିତ ଯୋଗଦେଇଥିଲେ।

# ଥାଇଲାଣ୍ଡରେ ଚମକିଲା ପ୍ରିୟାଂଶୀଙ୍କ ଗୋଟିପୁଅ ନୃତ୍ୟ



ଗୋଟିପୁଅ ନୃତ୍ୟରେ ପ୍ରଥମ ସ୍ଥାନ ଅଧିକାର କରିଥିବା ପ୍ରିୟାଂଶୀ ପୁରସ୍କାର ଗ୍ରହଣ କରୁଛନ୍ତି।

ଭୁବନେଶ୍ୱର,୧୩।୭(ଶର୍ମିଷ୍ଠା ପାଣିଗ୍ରାହୀ)

ନୃତ୍ୟଧାମ କଳା ସମିତି ଭିଲାଇ ଦ୍ୱାରା ଥାଇଲାଣ୍ଡରେ ଗ୍ଲୋବାଲ ଫେଷ୍ଟିଭାଲ ଅଫ୍ ଇଣ୍ଡିଆନ ଆର୍ଟ ଆଣ୍ଡ କଲ୍ଚର ‘ଦେଶ ରାଗ ଭାରତ ସଂସ୍କୃତି ଯାତ୍ରା’ର ୧୮ତମ ଅଭିଶନ ଅନୁଷ୍ଠିତ ହୋଇଥିଲା। ଭାରତରୁ ୧୧୮ଜଣିଆ ପ୍ରତିଯୋଗୀ ଦଳଗତ ଭାବେ ଭାଗ ନେଇଥିଲେ। ଜୁଲାଇ ୫ରୁ ୯ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିବା ନୃତ୍ୟ, ସଙ୍ଗୀତ, ବାଦ୍ୟଯନ୍ତ୍ର, ଚିତ୍ରାଙ୍କନ ଆଦି ସମସ୍ତ ପ୍ରତିଯୋଗିତାରେ ଓଡ଼ିଆ ଝିଅ ତଥା ଲାସ୍ୟକଳା ଡ୍ୟାନ୍ସ ଏକାଡ଼େମୀର ଛାତ୍ରୀ ପ୍ରିୟାଂଶୀ ଜେନା ଭାଗ ନେଇଥିଲେ। ନୃତ୍ୟଗୁରୁ ଶାଶ୍ୱତ ଯୋଶୀ, ସାଗରିକା ମହାନ୍ତି, ସୋନାଲି ଆଚାର୍ଯ୍ୟଙ୍କ ତତ୍ତ୍ୱାବଧାନରେ ପ୍ରତିଭା ପ୍ରଦର୍ଶନ କରିଥିଲେ ପ୍ରିୟାଂଶୀ। ବରିଷ୍ଠ ବର୍ଗର ସମସ୍ତ ପ୍ରତିଯୋଗୀଙ୍କୁ ପଛରେ ପକାଇ ଅର୍ପିତା ଶତପଥୀ ପ୍ରଥମ ସ୍ଥାନ ଅଧିକାର କରିଥିବାବେଳେ କନିଷ୍ଠ ବର୍ଗରେ ପ୍ରିୟାଂଶୀ ଗୋଟିପୁଅ ନୃତ୍ୟ ପରିବେଷଣ କରି ପ୍ରଥମ ସ୍ଥାନ ଅଧିକାର କରି ସାରା ବିଶ୍ୱରେ ଓଡ଼ିଶାକୁ ଗୌରବାନ୍ୱିତ କରିଛନ୍ତି। ଏଥିସହିତ ପ୍ରିୟାଂଶୀ ଅନ୍ତର୍ଜାତୀୟ ସ୍କଲାରଶିପ୍ ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି। ଆଗାମୀ ବର୍ଷରେ ହେବାକୁ ଥିବା ଦୁବାଇ ପ୍ରତିଯୋଗିତାରେ ପ୍ରିୟାଂଶୀ ଅଂଶଗ୍ରହଣ କରିବାକୁ ମନୋନୀତ ହୋଇଛନ୍ତି।

## ବରିଷ୍ଠ ଶିକ୍ଷୟିତ୍ରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ଭୁବନେଶ୍ୱର,୧୩।୭(ଶର୍ମିଷ୍ଠା ପାଣିଗ୍ରାହୀ): ଭୁବନେଶ୍ୱର ୟୁନିଟ୍-୪ସ୍ଥିତ ସରକାରୀ ଉଚ୍ଚ ବାଳିକା ବିଦ୍ୟାଳୟର ବରିଷ୍ଠ ଶିକ୍ଷୟିତ୍ରୀ ଉଷାରାଣୀ ପାଣିଗ୍ରାହୀଙ୍କୁ ବୁଧବାର ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଛି। ଏହି ଉପଲକ୍ଷେ ଆୟୋଜିତ କାର୍ଯ୍ୟକ୍ରମରେ ପ୍ରଧାନ ଶିକ୍ଷୟିତ୍ରୀ ତୃପ୍ତିମୟୀ ଶ୍ରୀଚନ୍ଦନ ଅଧ୍ୟକ୍ଷତା କରିଥିଲେ। ବନାନୀ ପଟ୍ଟନାୟକ, ଅର୍ପିତା ମହାନ୍ତି ଓ ତୃପ୍ତିକୀର୍ତ୍ତି ମହାପାତ୍ର ପ୍ରମୁଖ ଶିକ୍ଷୟିତ୍ରୀ ପାଣିଗ୍ରାହୀଙ୍କ କାର୍ଯ୍ୟକାଳ ସମୟର ସ୍ମୃତିଚାରଣ କରିଥିଲେ। ଏହି ଅବସରରେ ‘ଶିଶୁକଲମ’ ପକ୍ଷରୁ ପ୍ରଦୀପ ସର, ଜିତେନ୍ଦ୍ର ଦାଶ, ଶଙ୍କର୍ଷଣ ସାହୁ, ଜନ୍ମେଜୟ ପ୍ରଧାନ, ଜିତୁ ଜେନା ପ୍ରମୁଖ ଉପସ୍ଥିତ ରହି ଶିକ୍ଷୟିତ୍ରୀ ପାଣିଗ୍ରାହୀଙ୍କୁ ଉତ୍ତରୀୟ, ପୁଷ୍ପଗୁଚ୍ଛ, ମାନପତ୍ର ଓ ଫଳକ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଶେଷରେ ଶିକ୍ଷୟିତ୍ରୀ ପାଣିଗ୍ରାହୀ ନିଜ ଶିକ୍ଷକତା ଜୀବନ ସମ୍ପର୍କରେ ଆଲୋକପାତ କରିଥିଲେ। ସଭା ପ୍ରାରମ୍ଭରେ ଛାତ୍ରୀମାନେ କଣ୍ଠ ସଙ୍ଗୀତ ପରିବେଷଣ କରିଥିଲେ।

# ରାସ୍ତାକଡ଼ରେ ନିର୍ମାଣ, ଭଙ୍ଗାରୁଜା ସାମଗ୍ରୀ ପକାଇଲେ ଗଣିବେ ଦଣ୍ଡ

ଭୁବନେଶ୍ୱର, ୧୩।୭ (ବନ୍ଦନା ସେଠୀ)



ବୈଠକରେ ବିଏମ୍‌ସି କମିଶନର ବିଜୟ ଅମୃତା କୁଲାଙ୍ଗେ ଓ ଅନ୍ୟମାନେ।

ନିର୍ମାଣ ଓ ଭଙ୍ଗାରୁଜା ସାମଗ୍ରୀ ରାସ୍ତାକଡ଼ କିମ୍ବା ସର୍ବସାଧାରଣ ସ୍ଥାନରେ ପକାଇଲେ ବିଏମ୍‌ସି ଜରିମାନା ଆଦାୟ ସହ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ। ସହରର ପରିମଳ ଓ ବାସୋପଯୋଗିତାକୁ ଆଗେଇ ନେବା ସହିତ କଠିନ ବର୍ଜ୍ୟବସ୍ତୁ ପରିଚାଳନାକୁ ଦୃଢ଼ କରିବା ଭିତ୍ତିରେ ବିଏମ୍‌ସି ପକ୍ଷରୁ ନିର୍ମାଣ ଓ ଭଙ୍ଗାରୁଜା ସାମଗ୍ରୀର ଉତ୍ତମ ପରିଚାଳନାକୁ ଗୁରୁତ୍ୱ ଦିଆଯାଇଛି। ଗୁରୁବାର କମିଶନର ବିଜୟ ଅମୃତା କୁଲାଙ୍ଗେଙ୍କ ଅଧ୍ୟକ୍ଷତାରେ ଏନେଇ ବୈଠକ ଅନୁଷ୍ଠିତ ହୋଇ ଯାଇଛି। ବ୍ୟକ୍ତିଗତ, ଆନୁଷ୍ଠାନିକ, ବିଭାଗୀୟ ଏବଂ ଘରୋଇ ସଂସ୍ଥା ସମେତ ସମସ୍ତଙ୍କ ପାଇଁ ଏହି ନିୟମ ସମାନ ଭାବେ ଲାଗୁ ହେବ। ସହରର ରାସ୍ତା, ଗଛମୂଳ, ଡ୍ରେନ ଇତ୍ୟାଦିରେ ନିର୍ମାଣ ଓ ଭଙ୍ଗାରୁଜା ସାମଗ୍ରୀ ଜମା କରାଯାଉଛି। ଏପରିକି ବିଭିନ୍ନ ବିଭାଗୀୟ ଅଧିକାରୀ ନିଜର ପ୍ରକଳ୍ପ କାର୍ଯ୍ୟ ସରିବା ପରେ ଅବଶିଷ୍ଟ ବର୍ଜ୍ୟକୁ ଛାଡିଦେଇ ଚାଲିଯାଉଛନ୍ତି। ଏହା ସାଙ୍ଗକୁ ରାସ୍ତା କଡ଼ରେ ଭଙ୍ଗାରୁଜା ଗାଡି, ଠେଲା, ଭଙ୍ଗା ଖୁଣ୍ଟ, ଦୋକାନ ମାଡି ଆସିବା, ସିମେଣ୍ଟ ପିଣ୍ଡି ନିର୍ମାଣ ଇତ୍ୟାଦି ପରିମଳର ପ୍ରତିବନ୍ଧକ ହେଉଛି। ତେଣୁ ଏଗୁଡ଼ିକୁ ଆଉ ବରଦାସ୍ତ କରାଯିବ ନାହିଁ ବୋଲି କମିଶନର କହିଛନ୍ତି। ଉଲ୍ଲଂଘନକାରୀଙ୍କ ବିରୋଧରେ ବର୍ଜ୍ୟ ପରିଚାଳନା ନିୟମ ୨୦୧୬ ସାଙ୍ଗକୁ ଓଡ଼ିଶା ମ୍ୟୁନିସିପାଲ୍ କର୍ପୋରେଶନ୍ ଅଧିନିୟମ ୨୦୦୩ର ଭାଗ ୪୧୫ ଏବଂ ୬୭୪କୁ ଭିତ୍ତିକରି ପଦକ୍ଷେପ ନିଆଯିବ। କୌଣସି ବ୍ୟକ୍ତି କିମ୍ବା ଅନୁଷ୍ଠାନ ଯଦି ଏହି ପ୍ରକାର ବର୍ଜ୍ୟବସ୍ତୁର ନିଷ୍କାସନ କରିବାକୁ ଚାହୁଁଥାନ୍ତି, ତେବେ ଦେୟଯୁକ୍ତ ସେବା ପାଇଁ ସେମାନେ ‘ସଫା’ ଭୁବନେଶ୍ୱର ଆପ୍ ମାଧ୍ୟମରେ ଯୋଗାଯୋଗ କରି ପାରିବେ ବୋଲି କମିଶନର କହିଛନ୍ତି। ବୈଠକରେ ଅତିରିକ୍ତ କମିଶନର ଶୁଭେନ୍ଦୁ ସାହୁ, ଡେପୁଟି କମିଶନର (ପରିମଳ) ମନୋରଞ୍ଜନ ସାହୁ, ଡେପୁଟି କମିଶନର ଆଇଟି ଅଶୋକ ଲେଙ୍କା, ଜୋନାଲ ଡେପୁଟି କମିଶନର ରବିନାରାୟଣ ଜେଠୀ, ପୁରନ୍ଦର ନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ।

# ମଦ ବୋତଲ, ପୂଜା ଆବର୍ଜନାରେ ଭର୍ତ୍ତି ବରମୁଣ୍ଡା ଐତିହାସିକ ପୁଷ୍କରିଣୀ








୨୦୨୦ରେ ବିଏମ୍‌ସି ପକ୍ଷରୁ ବହୁ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇ ବରମୁଣ୍ଡା ଓଭରବ୍ରିଜ୍ ପାର୍ଶ୍ୱକୁ ଲାଗି ରହିଥିବା ବରମୁଣ୍ଡା ଐତିହାସିକ ପୁଷ୍କରିଣୀର ପୁନରୁଦ୍ଧାର କରାଯାଇଥିଲା। ମନ୍ତ୍ରୀ ଅଶୋକଚନ୍ଦ୍ର ପଣ୍ଡା ଏହାର ଉଦ୍‌ଘାଟନ କରିଥିଲେ। ଏବେ ପୁଷ୍କରିଣୀର ଚିତ୍ରିତ କାନ୍ଥ, ବାଡ଼ ଆଲୋକରେ ଝଲସୁଛି। ଚାରିପାଖରେ ଥିବା ବଗିଚା ଶୋଭାବର୍ଦ୍ଧନ କରୁଥିବାବେଳେ ପୂରା ଅଞ୍ଚଳ ଏବେ ମଦ୍ୟପ ଓ ନିଶାସକ୍ତଙ୍କ ଆଡ୍ଡାସ୍ଥଳ ପାଲଟିଛି। ଏହାର ପବିତ୍ର ଜଳ ମଦ ବୋତଲ, ପୂଜା ସାମଗ୍ରୀ, ପଲିଥିନ, ମେଡିକାଲ ଆବର୍ଜନାରେ ଭର୍ତ୍ତି ହେବା ସହ ଅପବିତ୍ର ହେବାରେ ଲାଗିଛି। ଗାଧୋଇବା ଓ ଅନ୍ୟାନ୍ୟ କାର୍ଯ୍ୟ ପାଇଁ ଏହା ଉପରେ ନିର୍ଭର କରୁଥିବା ସ୍ଥାନୀୟ ଲୋକଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ବିଏମ୍‌ସି ଫଳକ ଲଗାଇ ଏହାର ରକ୍ଷଣାବେକ୍ଷଣ ଓ କାର୍ଯ୍ୟାନୁଷ୍ଠାନ କଥା ଭୁଲିଯାଇଥିବା ଲୋକେ କହୁଛନ୍ତି। **(ଫଟୋ- ବିକାଶ ନାୟକ)**

## ସଂକ୍ଷେପରେ

### ସଞ୍ଜୀବ ବୋଲଗଡ଼ ବ୍ଲକ କଂଗ୍ରେସ ସଭାପତି ନିଯୁକ୍ତ

ବୋଲଗଡ଼,୧୩।୭(ଦେବବ୍ରତ ହୋତା): ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ଖୋର୍ଦ୍ଧା ଜିଲା ଅଧୀନ ବୋଲଗଡ଼ ଓ ବେଗୁନିଆ ବ୍ଲକର ବ୍ଲକ କଂଗ୍ରେସ ସଭାପତି ନିଯୁକ୍ତ କରାଯାଇଛି। ବୋଲଗଡ଼ ବ୍ଲକ କଂଗ୍ରେସ ସଭାପତି ଭାବେ ସଞ୍ଜୀବ ସୁବୁଦ୍ଧି ଓ ବେଗୁନିଆ ବ୍ଲକ କଂଗ୍ରେସ ସଭାପତି ଭାବେ କାଳନ୍ଦୀ ଚରଣ ମହାପାତ୍ରଙ୍କୁ ପିସିସି ସଭାପତି ଶରତ ପଟ୍ଟନାୟକ ନିଯୁକ୍ତି ଦେଇଛନ୍ତି। ଧଳାପଥର ପୂର୍ବତନ ସମିତିସଭ୍ୟ ସଞ୍ଜୀବଙ୍କ ନିଯୁକ୍ତି ନେଇ ସ୍ଥାନୀୟ କଂଗ୍ରେସ କର୍ମୀଙ୍କ ମହଲରେ ଆନନ୍ଦ ପ୍ରକାଶ ପାଇଥିବା ବେଳେ ଆଗାମୀ ନିର୍ବାଚନରେ ତାଙ୍କ ନେତୃତ୍ୱରେ ଦଳ ଭଲ ପ୍ରଦର୍ଶନ କରିବ ବୋଲି ଆଶା କରାଯାଉଛି। ସେବାଦଳ ରାଜ୍ୟ ଉପସଭାପତି ମାଧବ ବିଶ୍ୱାଳ, ସରପଞ୍ଚ ବିଜୟ ସେଠୀ, ପୂର୍ବତନ ସରପଞ୍ଚ ଦୀନବନ୍ଧୁ କର, ରଘୁନାଥ ସାହୁ, ଧିରେଶ ମହାପାତ୍ର, ପୂର୍ଣ୍ଣଚନ୍ଦ୍ର ସୁନ୍ଦରାୟ, ନବକିଶୋର ପ୍ରଧାନ, ଜୟକୃଷ୍ଣ ପ୍ରହରାଜ, ବିବେକାନନ୍ଦ ସ୍ୱାଇଁ, ନବକିଶୋର ପଣ୍ଡା, ସୀମାଞ୍ଚଳ ଖଣ୍ଡାଇ ପ୍ରମୁଖ ସୁବୁଦ୍ଧିଙ୍କ ନିଯୁକ୍ତିକୁ ସ୍ୱାଗତ କରିଛନ୍ତି। ଅନ୍ୟପକ୍ଷରେ ନବନିଯୁକ୍ତ ସଭାପତି ସଞ୍ଜୀବ ସୁବୁଦ୍ଧି ରାଜ୍ୟ କଂଗ୍ରେସ ସଭାପତି ଶରତ ପଟ୍ଟନାୟକ, ଖୋର୍ଦ୍ଧା ଜିଲା ସଭାପତି ସୁରେଶ କୁମାର ରାଉତରାୟ ଏବଂ କଂଗ୍ରେସ ନେତା ପୃଥ୍ୱୀବଲ୍ଲଭ ପଟ୍ଟନାୟକଙ୍କୁ କୃତଜ୍ଞତା ଜଣାଇବା ସହ ଏହି ବ୍ଲକର ୧୯ଟି ପଞ୍ଚାୟତର ନେତା ଓ କର୍ମୀମାନଙ୍କ ମଧ୍ୟରେ ସମନ୍ୱୟ ରକ୍ଷି କାର୍ଯ୍ୟ କରିବେ ବୋଲି କହିଛନ୍ତି।



### ପୋଖରୀରୁ ମିଳିଲା ଯୁବକଙ୍କ ମୃତଦେହ

ଟାଙ୍ଗୀ,୧୩।୭(ରଘୁନାଥ ସାହୁ): ଖୋର୍ଦ୍ଧା ଜିଲା ଟାଙ୍ଗୀ ଗ୍ରାମ ରତ୍ନମାଳି ସାହିରେ ଥିବା ଏକ ପୋଖରୀରୁ ଗୁରୁବାର ଟାଙ୍ଗୀ ଥାନା ପୋଲିସ ଜଣେ ଯୁବକଙ୍କ ମୃତଦେହ ଜବତ କରିଛି। ମୃତକ ହେଲେ ଅମରଜିତ୍ ପଟ୍ଟନାୟକ। ସୂଚନା ମୁତାବକ, ବୁଧବାର ଅମରଜିତ୍ ଗାମୁଛା ପିନ୍ଧି କେଉଁଆଡ଼େ ଯାଇଥିଲେ। ପରିବାର ଲୋକେ ଖୋଜାଖୋଜି କରିଥିଲେ ମଧ୍ୟ ତାଙ୍କ ସନ୍ଧାନ ପାଇ ନ ଥିଲେ। ଗୁରୁବାର ସକାଳେ ତାଙ୍କ ମୃତଦେହ ପୋଖରୀରେ ଭାସୁଥିବା ଦେଖିବାକୁ ମିଳିଥିଲା। ଖବରପାଇ ଟାଙ୍ଗୀ ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି ପୋଲିସ କହିଛି।

### ୨୪ କେଜି ଗଞ୍ଜେଇ ଜବତ

ଭୁବନେଶ୍ୱର,୧୩।୭ (ସୂର୍ଯ୍ୟକାନ୍ତ ବେହେରା): ବେଆଇନ ଭାବେ ଗଞ୍ଜେଇ ବେପାର କରିବା ଅଭିଯୋଗରେ ଏୟାରପୋର୍ଟ ଥାନା ପୋଲିସ ୫ଜଣ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଗଞ୍ଜାମର ସୁନୀଲ କୁମାର ନାୟକ, ପ୍ରସାଦ ପଲାଇ, ସିଲୁ ଦାସ, ମିଥୁନ ପଲାଇ ଓ ସାଗର ପ୍ରଧାନ। ଏମାନଙ୍କଠାରୁ ୨୪ କେଜି ଗଞ୍ଜେଇ ଓ ୨ଟି ମୋବାଇଲ ଫୋନ୍ ଜବତ କରାଯାଇଛି। ଜାମିନ ନାମଞ୍ଜୁର ହେବାରୁ ସମସ୍ତ ଅଭିଯୁକ୍ତଙ୍କୁ ବିଚାରବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସୂଚନାନୁସାରେ, କାର୍ଗିଲ ବସ୍ତି ଅନ୍ତର୍ଗତ ବିବେକାନନ୍ଦ ସ୍କୁଲ ନିକଟସ୍ଥ ଖେଳପଡିଆରେ ଗଞ୍ଜେଇ ବେପାର ଚାଲିଥିବା ସୂଚନା ପାଇବା ପରେ ପୋଲିସ ଟିମ୍ ସେଠାରେ ଚଢ଼ାଉ କରିଥିଲା।

# ୧୮ରେ ବରୁଣେଇରେ ପାଇକ ସମାବେଶ

**ପାଇକ ବିଦ୍ରୋହର ପ୍ରଥମ ସ୍ୱାଧୀନତା ସଂଗ୍ରାମ ମାନ୍ୟତା ଦାବି ତେଜିଲା**

- ସ୍ମାରକୀ ନିର୍ମାଣ ତ୍ୱରାନ୍ୱିତ ଲାଗି ରାଜ୍ୟ ଓ କେନ୍ଦ୍ରକୁ ଚିଠି
- ପାଇକ ରେଜିମେଣ୍ଟ, ଖୋର୍ଦ୍ଧାଗଡ଼ର ପୁନରୁଦ୍ଧାର ହେଉ

ଖୋର୍ଦ୍ଧା,୧୩।୭(ପ୍ରଭାତ ପାଣିଗ୍ରାହୀ)

ବରୁଣେଇ ପାହାଡ଼ ପାଦଦେଶରେ ପ୍ରସ୍ତାବିତ ପାଇକ ସ୍ମାରକୀ ନିର୍ମାଣ ବିଳମ୍ବ ନେଇ ପ୍ରତିବାଦ କରିଛି ଓଡ଼ିଶା ରାଜ୍ୟ ପାଇକ ଆଖଡ଼ା ମହାସଂଘ। ପାଇକ ବିଦ୍ରୋହକୁ ପ୍ରଥମ ସ୍ୱାଧୀନତା ସଂଗ୍ରାମ ମାନ୍ୟତା, ପାଇକ ରେଜିମେଣ୍ଟ ଗଠନ ଏବଂ ଭାରତ ବର୍ଷର ଶେଷ ସ୍ୱାଧୀନ ଦୁର୍ଗ ଖୋର୍ଦ୍ଧାଗଡ଼ର ପୁନରୁଦ୍ଧାର ଦାବିରେ ପୁଣି ଥରେ ବରୁଣେଇଠାରେ ଆସନ୍ତା ୧୮ତାରିଖରେ ପାଇକ ସମାବେଶ ଅନୁଷ୍ଠିତ ହେବ। ଉପରୋକ୍ତ ଦାବି ପୂରଣ ନେଇ ଦିଲ୍ଲୀ ଚଲୋ ନିମନ୍ତେ ରାଜ୍ୟସାରା ଜନଜାଗରଣ ପାଇଁ ଶୁଭାରମ୍ଭ କରାଯିବ ବୋଲି ଗୁରୁବାର ଏକ ଘରୋଇ କଲ୍ୟାଣ ମଣ୍ଡପଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ମହାସଂଘ ସମ୍ପାଦକ ତଥା ପୂର୍ବତନ ବିଧାୟକ ଦିଲ୍ଲୀପ ଶ୍ରୀଚନ୍ଦନ କହିଛନ୍ତି।

ଦିଲ୍ଲୀପ ଆହୁରି କହିଥିଲେ ଯେ, ପାଇକ ବିଦ୍ରୋହ ହେଉଛି ଓଡ଼ିଆ ଜାତିର ସ୍ୱାଭିମାନ। ଇଂରେଜମାନଙ୍କ ବିରୋଧରେ ପାଇକମାନଙ୍କ ବୀରତ୍ୱର ଗାଥାକୁ ସାରା ବିଶ୍ୱ ଜାଣିଛି। ପାଇକ ବିଦ୍ରୋହ କେବଳ ଖୋର୍ଦ୍ଧା ମାଟି ନୁହଁ, ବରଂ ସାରା ଭାରତର ଗର୍ବ ଓ ଗୌରବ। କିଭଳି ଦେଶ ମାତୃକାର ପରାଧୀନତା



ଓଡ଼ିଶା ପାଇକ ଆଖଡ଼ା ମହାସଂଘ ପକ୍ଷରୁ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଉଛି।

ଶୃଙ୍ଖଳକୁ ଛିନ୍ନ ପାଇଁ ସେମାନଙ୍କ ଗୋଟିଏ ଜାତି ବଳିଦାନ ଦେଇଥିଲା। ପାଇକ ବିଦ୍ରୋହର ଦ୍ୱି ଶତବାର୍ଷିକୀ ଅବସରରେ ୨୦୧୭ରେ ନୂଆଦିଲ୍ଲୀଠାରେ ତତ୍କାଳୀନ ରାଷ୍ଟ୍ରପତି ପ୍ରଣବ ମୁଖାର୍ଜୀ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ଓଡ଼ିଶା ମୁଖ୍ୟମନ୍ତ୍ରୀଙ୍କ ଉପସ୍ଥିତିରେ ପାଇକ ବିଦ୍ରୋହର ଦ୍ୱିଶତ ବାର୍ଷିକୀ ସମାରୋହ ଉଦ୍‌ଘାଟନ ହୋଇଥିଲା। ଏକ ବର୍ଷ ବ୍ୟାପୀ ବିଭିନ୍ନ ସ୍ଥାନରେ ଏହି ସମାରୋହ ପାଳନ ହୋଇଥିଲା। ପାଇକମାନଙ୍କ ବଳିଦାନ, ବୀରତ୍ୱ ପାଇଁ ଏ ମାଟି ସର୍ବଦା ସେମାନଙ୍କ ନିକଟରେ ନମସ୍ୟ ହୋଇରହିବ। ପାଇକ ବିଦ୍ରୋହର ଇତିହାସକୁ ଠିକ୍ ଭାବେ ପରିବେଷଣ କରାଯାଇ ନାହିଁ। ଆଜି ମଧ୍ୟ ବିଭିନ୍ନ ପ୍ରସଙ୍ଗ ଅନାଲୋଚିତ ହୋଇ ରହିଯାଇଛି। ୨୦୧୯ ଡିସେମ୍ବର ୮ରେ ପାଇକ ବିଦ୍ରୋହର ସ୍ମୃତି ସ୍ୱରୂପ ବରୁଣେଇ ପାଦଦେଶରେ ତତ୍କାଳୀନ ରାଷ୍ଟ୍ରପତି ରାମନାଥ କୋବିନ୍ଦ ସ୍ମାରକୀ ନିର୍ମାଣ ପାଇଁ ଶିଳାନ୍ୟାସ କରିଥିଲେ। ଜମି ବିବାଦ ପରେ ଜମିର ଫ୍ରି ପ୍ରିମିୟମ ପାଇଁ ବିଭିନ୍ନ ପାଇକ ସଙ୍ଗଠନର ଦାବି ପରେ ରାଜ୍ୟ ସରକାର ବିନା ମୂଲ୍ୟରେ ଫ୍ରି ପ୍ରିମିୟମ କେନ୍ଦ୍ର ସଂସ୍କୃତି ମନ୍ତ୍ରଣାଳୟକୁ ଦେଇଥିଲେ। ତେବେ ଏବେ ପୁଣି ଜଙ୍ଗଲ ବିଭାଗ ଗଛ ଏବଂ ବିଦ୍ୟୁତ୍ ବିଭାଗର ଖୁଣ୍ଟ ସ୍ଥାନାନ୍ତର ସମସ୍ୟା କାରଣରୁ ସ୍ମାରକୀ ନିର୍ମାଣ କାର୍ଯ୍ୟ ଅଟକି ରହିଛି। ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ପରସ୍ପରକୁ ଆରୋପ ପ୍ରତ୍ୟାରୋପ ପରିବର୍ତ୍ତେ ଓଡ଼ିଆ ଜାତିର ଅସ୍ମିତା ପାଇକ ସ୍ମାରକୀ ନିର୍ମାଣ କିପରି ଆରମ୍ଭ ହେବ ସେଥିପ୍ରତି ଗୁରୁତ୍ୱ ଦେବାକୁ ଦାବି କରିଛନ୍ତି। ମହାସଂଘ ସମ୍ପାଦକ ଶ୍ରୀଚନ୍ଦନ କହିଥିଲେ ଯେ, ସିପାହୀ ବିଦ୍ରୋହର ୪୦ବର୍ଷ ପୂର୍ବରୁ ଖୋର୍ଦ୍ଧାରେ ପାଇକ ବିଦ୍ରୋହ ଆରମ୍ଭ ହୋଇସାରିଥିଲା। ପୁଣି ସିପାହୀ ବିଦ୍ରୋହ କେବଳ ବନ୍ଧୁକରେ ଗୋରୁ ଚର୍ବିକୁ ବ୍ୟବହାରକୁ ନେଇ ବିରୋଧ ହୋଇଥିବା ବେଳେ ପାଇକ ବିଦ୍ରୋହ ଏକ ଜାତିକୁ ଇଂରେଜ କବଳରୁ ମୁକ୍ତି ପାଇଁ ସଶସ୍ତ୍ର ସଂଗ୍ରାମ ହୋଇଥିଲା। ଏନ୍‌ସିଆରଟି ପୁସ୍ତକରେ ମଧ୍ୟ ପାଇକ ବିଦ୍ରୋହର ଦୁର୍ଦ୍ଧର୍ଷ ସଂଗ୍ରାମ ବିଷୟରେ ସ୍ଥାନ ପାଇଛି। ପାଇକ ବିଦ୍ରୋହ ପଛରେ ରହିଛି ଜାତୀୟତା, ରାଷ୍ଟ୍ରୀୟତା ଏବଂ ମାଟି ମା'ପାଇଁ ରହିଥିବା କର୍ତ୍ତବ୍ୟବୋଧକୁ ସୂଚାଉଛି। ଏହି ଦୃଷ୍ଟିରୁ ଏହାକୁ ପ୍ରଥମ ସ୍ୱାଧୀନତା ସଂଗ୍ରାମର ମାନ୍ୟତା ଦିଆଯାଉ। ତତ୍‌ସହିତ ପାଇକ ବୀରଙ୍କ ସ୍ମୃତିରେ ପାଇକ ରେଜିମେଣ୍ଟ ଗଠନ କରିବାକୁ ଦାବି କରିଛନ୍ତି ଶ୍ରୀଚନ୍ଦନ। ପଞ୍ଜାବ, ଆସାମ ରାଇଫଲ, ଗୋର୍ଖା ବାହିନୀ ପରି ପାଇକ ରେଜିମେଣ୍ଟ ଗଠନ ହେଲେ ପାଇକ ପୁଅ, ଓଡ଼ିଶାର ଯୁବସମାଜ ଦେଶ ମାତୃକାର ସେବାର ସୁଯୋଗ ପାଇବେ। ସେହିପରି ମହାସଂଘ ସଭାପତି ପ୍ରକାଶ ଶ୍ରୀଚନ୍ଦନ କହିଥିଲେ, ପାଇକ ସଂଗ୍ରାମକୁ ଯଥୋଚିତ ସମ୍ମାନ, ଏ ମାଟିର ଅସ୍ମିତାକୁ ବିଶ୍ୱ ଦରବାରରେ ସ୍ୱତନ୍ତ୍ର ପରିଚୟ, ପାଇକ ମାଟିର ଗର୍ବ ଓ ଗୌରବର ଗାଥାକୁ ଲୋକଲୋଚନକୁ ଆଣିବା ଲକ୍ଷ୍ୟ ରହିଛି। ସ୍ମାରକୀ ନିର୍ମାଣ କାର୍ଯ୍ୟକୁ ତ୍ୱରାନ୍ୱିତ ଲାଗି ଉଭୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ନିକଟକୁ ଚିଠି ଲେଖି ଅନୁରୋଧ କରାଯାଇଥିବା ସମ୍ପାଦକ ଶ୍ରୀଚନ୍ଦନ ସୂଚନା ଦେଇଛନ୍ତି। ଅନୁଷ୍ଠାନ ମୁଖ୍ୟ ସଂଯୋଜକ ନରେନ୍ଦ୍ର ପୃଷ୍ଟି କହିଥିଲେ ଯେ, ପାଇକ ବିଦ୍ରୋହର ଅନ୍ତୁଡ଼ିଶାଳ ହେଉଛି ଖୋର୍ଦ୍ଧାଗଡ଼। ଇଂରେଜ ବିରୋଧରେ ପାଇକମାନେ ଏଠାରୁ ରଣନୀତି ପ୍ରସ୍ତୁତ କରୁଥିଲେ। ସଂଗ୍ରାମର ମୂକସାକ୍ଷୀ ଭାବେ ଦଣ୍ଡାୟମାନ ହୋଇ ରହିଛି ଖୋର୍ଦ୍ଧାଗଡ଼। ଏହାର ପୁନରୁଦ୍ଧାର କରାଗଲେ ଏହାର ଗୌରବ ବଢ଼ିବ। ଏଥିଲାଗି ବାରମ୍ବାର ଦାବି କରାଯାଇଆସୁଛି। ଖୋର୍ଦ୍ଧାଗଡ଼କୁ ଐତିହାସିକଗଡ଼ର ମାନ୍ୟତା ପ୍ରଦାନ କରାଯିବାକୁ ସେ ଦାବି କରିଛନ୍ତି।

### ଜଟଣୀରେ ବଢ଼ୁଛି ଆଖିଧରା ରୋଗ

ଜଟଣୀ,୧୩।୭(ରବୀନ୍ଦ୍ର ନାଥ ମହାକୁଡ଼)

ଜଟଣୀ ସହର ଓ ଏହାର ଆଖପାଖ ଅଞ୍ଚଳରେ ଆଖିଧରା ରୋଗ ବ୍ୟାପିବାରେ ଲାଗିଛି। ହାଟବଜାର, ବାଲିଛକମୁଣ୍ଡିଆ ସାହି, କୁଦିଆରୀ ବଜାର ଏବଂ ଗ୍ରାମ, ବାଛରାପାଟଣା, ଲୋକୋ କଲୋନୀ, ରାଜାବଜାର, ଟ୍ରାଫିକ କଲୋନୀ, ରାମଚନ୍ଦ୍ରପୁର ବଜାର, ରେତଙ୍ଗ କଲୋନୀ, ବଡ଼ନୂଆଗାଁ, କୁସୁମାଟି, ଛଣଘର, ରଥିପୁର, ତରାବୋଇ, ବେଣାପଞ୍ଜରୀ ଭଳି ବହୁ ସ୍ଥାନରେ ପିଲାଙ୍କ ଠାରୁ ବଡ଼ ପର୍ଯ୍ୟନ୍ତ ଆଖିଧରା ସଂକ୍ରମଣରେ ଆକ୍ରାନ୍ତ ହୋଇଛନ୍ତି। ପ୍ରତିଦିନ ଜଟଣୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ୫୦ରୁ ୬୦ ଜଣ ଆଖିଧରା ରୋଗୀ ଆସୁଥିବା ମେଡିକାଲ ପକ୍ଷରୁ କୁହାଯାଇଛି। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀକ୍ଷକ ଡା. ଜିତେନ୍ଦ୍ର ପଣ୍ଡା କହିଛନ୍ତି, ଆଖିଧରା ସଂକ୍ରମିତ ବ୍ୟକ୍ତି ଭୟଭୀତ ହେବାର ଆବଶ୍ୟକତା ନାହିଁ। ଏହି ସଂକ୍ରମଣ ଭାଇରସ ଦ୍ୱାରା ହୋଇଥାଏ। ସଂକ୍ରମିତ ବ୍ୟକ୍ତିଙ୍କ ଗାମୁଛା, ଲୁଗାପଟା ସୁସ୍ଥ ବ୍ୟକ୍ତି ବ୍ୟବହାର କଲେ ସଂକ୍ରମଣ ହୋଇଥାଏ। ବାରମ୍ବାର ଆଖିକୁ ସ୍ପର୍ଶ ନ କରିବା, ସଂକ୍ରମିତ ବ୍ୟକ୍ତିଙ୍କ ସହିତ ସିଧାସଳଖ ସଂସ୍ପର୍ଶରେ ନ ଆସିବା ଆବଶ୍ୟକ। ଏହି ଆଖିଧରା ସଂକ୍ରମଣର ପ୍ରଭାବ ୫ ରୁ ୭ ଦିନ ରହିଥାଏ। ଆଖି ଧରିଲେ ସଙ୍ଗେ ସଙ୍ଗେ ଡାକ୍ତରଙ୍କ ପରାମର୍ଶ ନେବା ଆବଶ୍ୟକ।





ବେଗୁନିଆ ବ୍ଲକ କାର୍ଯ୍ୟାଳୟର ଗୁରୁବାର ଡେଙ୍ଗୁ, ଡାଇରିଆ ଓ ମ୍ୟାଲେରିଆ ନିରାକରଣ ସଚେତନତା ବୈଠକରେ ଉପସ୍ଥିତ ଅଧିକାରୀ।

### ଡି.ଡି.ଏମ୍. ନିରାକରଣ ସଚେତନତା ବୈଠକ

ବେଗୁନିଆ,୧୩।୭(ହର ପ୍ରସନ୍ନ ପଣ୍ଡା)

ଖୋର୍ଦ୍ଧା ଜିଲା ବେଗୁନିଆ ବ୍ଲକ କାର୍ଯ୍ୟାଳୟ ସଭାଗୃହରେ ଡି.ଡି.ଏମ୍.(ଡେଙ୍ଗୁ, ଡାଇରିଆ ଓ ମ୍ୟାଲେରିଆ) ନିରାକରଣ ସଚେତନତା ବୈଠକ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଓ ସିଡିଏମ୍‌ଓଙ୍କ ନିର୍ଦ୍ଦେଶକ୍ରମେ ବୋତଳମା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଆନୁକୂଲ୍ୟରେ ଆୟୋଜିତ ବୈଠକରେ ବିଡିଓ ଲକ୍ଷ୍ମୀଧର ସାହୁ ସଭାପତିତ୍ୱ କରିଥିଲେ। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା.ଦେବାଶିଷ ଆଚାର୍ଯ୍ୟଙ୍କ ସମେତ ବ୍ଲକ ଶିକ୍ଷା ଅଧିକାରୀ, କୃଷି ଅଧିକାରୀ, ଜିପିଇଓ, ମତ୍ସ୍ୟ ସମ୍ପଦ ଅଧିକାରୀ, ସିଡିପିଓ ଉପସ୍ଥିତ ଥିଲେ। ସାଧାରଣତଃ ବର୍ଷା ଋତୁରେ ଡେଙ୍ଗୁ, ଡାଇରିଆ ଓ ମ୍ୟାଲେରିଆ ରୋଗ ଦେଖାଦେଇଥାଏ। ବିଶେଷକରି ଜୁଲାଇରୁ ନଭେମ୍ବର ମାସ ପର୍ଯ୍ୟନ୍ତ ଏହି ରୋଗର ଭୟାବହତା ବଢ଼ିଥାଏ। ତେଣୁ ଏବେ ବର୍ଷା ଋତୁ ଆରମ୍ଭ ହୋଇଛି। ସଚେତନ ହେବା ସହ ଜନ ସଚେତନତା ସୃଷ୍ଟି କରିବା ଆବଶ୍ୟକ ବୋଲି ଡା.ଆଚାର୍ଯ୍ୟ କହିଥିଲେ। ସେହିପରି ଏହି ରୋଗର ମୁଖ୍ୟ ଲକ୍ଷଣ, କାରଣ, ନିରାକରଣ ଓ ନିୟନ୍ତ୍ରଣ ସମ୍ପର୍କରେ ପିଏଚ୍‌ଇଓ ପ୍ରଭାସିନୀ ପଣ୍ଡା ବିସ୍ତୃତ ଆଲୋଚନା କରିଥିଲେ। ଜନବସତି ଅଞ୍ଚଳରେ ଜମାହୋଇ ରହିଥିବା ଆବର୍ଜନା ସଫେଇକୁ ଗୁରୁତ୍ୱ ଦେବାକୁ ନିବେଦନ କରିଥିଲେ। ଏହି ରୋଗ ସମ୍ପର୍କରେ ସ୍କୁଲ, କଲେଜ, ଅଙ୍ଗନୱାଡି କେନ୍ଦ୍ର ଏବଂ ପ୍ରତ୍ୟେକ ଗ୍ରାମର ଘର ଘର ବୁଲି ସଚେତନତା ସୃଷ୍ଟି କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଚଳିତ ବର୍ଷ ବ୍ଲକ ଅଞ୍ଚଳରେ କେହି ଜଣେ ହେଲେ ଏହି ରୋଗରେ ପୀଡ଼ିତ ନ ହେବେ ସେଥିପାଇଁ ସମସ୍ତେ ଜାଗ୍ରତ ହୁଅନ୍ତୁ ବୋଲି ବିଡିଓ ସାହୁ ବିଭାଗୀୟ ଅଧିକାରୀ ଓ କର୍ମଚାରୀମାନଙ୍କୁ ପରାମର୍ଶ ଦେଇଥିଲେ। ବିପିଏମ ଦିଲୀପ ସାହୁ ଧନ୍ୟବାଦ ଦେଇଥିଲେ।

### କଂଗ୍ରେସରେ ଯୋଗଦେଲେ ଆଇନଜୀବୀ ବିଶ୍ୱଜିତ୍

ଟାଙ୍ଗୀ,୧୩।୭(ରଘୁନାଥ ସାହୁ)

ଟାଙ୍ଗୀ ଅଞ୍ଚଳର ବରିଷ୍ଠ ଆଇନଜୀବୀ ବିଶ୍ୱଜିତ୍ ରାଉତରାୟ ବୁଧବାର ଭୁବନେଶ୍ୱରସ୍ଥିତ ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟରେ ରାଜ୍ୟ ସଭାପତି ଶରତ ପଟ୍ଟନାୟକ, ଖୋର୍ଦ୍ଧା ଜିଲା ସଭାପତି ସୁରେଶ ରାଉତରାୟଙ୍କ ଉପସ୍ଥିତିରେ କଂଗ୍ରେସ ଦଳରେ ସାମିଲ ହୋଇଛନ୍ତି। ଆଇନଜୀବୀ ରାଉତରାୟ ଅଞ୍ଚଳର ବିଭିନ୍ନ ସଙ୍ଗଠନ ସହିତ ଜଡ଼ିତ ଅଛନ୍ତି। ଲୋକମାନଙ୍କ ହକ୍ ପାଇଁ ବିଭିନ୍ନ ସମୟରେ ଆନ୍ଦୋଳନର ନେତୃତ୍ୱ ନେଇଛନ୍ତି। ରାଉତରାୟଙ୍କ ଯୋଗଦାନ ପରେ ଟାଙ୍ଗୀ ବ୍ଲକରେ କଂଗ୍ରେସ ଦଳ ସୁଦୃଢ଼ ହେବ ବୋଲି ଆଶା କରାଯାଉଛି।

## ହାଇକୋର୍ଟରେ ଫଇସଲା ହାର ୧୨୬.୬୬% ବୃଦ୍ଧି

**ଇ-ବ୍ୟବସ୍ଥା ଆଣିଲା ସଫଳତା**

କଟକ,୧୩।୭ (କାର୍ତ୍ତିକ ସାହୁ)

ଓଡ଼ିଶା ହାଇକୋର୍ଟ ଚଳିତ ବର୍ଷର ପ୍ରଥମାର୍ଦ୍ଧ ଜାନୁୟାରୀରୁ ଜୁନ୍ ପର୍ଯ୍ୟନ୍ତ ମାମଲାଗୁଡ଼ିକର ବିଚାର ଓ ଫଇସଲାରେ ରେକର୍ଡ ସଂଖ୍ୟକ ଫଳ ପ୍ରଦର୍ଶନ କରିଛି। ୨୦୨୧ ଓ ୨୦୨୨ ବର୍ଷ ତୁଳନାରେ ୨୦୨୩ରେ ଅଦ୍ୟାବଧି ବିଚାର ବିଭାଗରେ ଯଥେଷ୍ଟ ଉନ୍ନତି ସାଧିତ ହୋଇଥିବା ଜଣାପଡ଼ିଛି। ହାଇକୋର୍ଟ ପକ୍ଷରୁ ଗ୍ରହଣ କରାଯାଇଥିବା ଇ-କୋର୍ଟ, ଇ-ଫାଇଲିଂ ଆଦି ବ୍ୟବସ୍ଥା ଦ୍ୱାରା ଉଭୟ ହାଇକୋର୍ଟ ଓ ଜିଲା କୋର୍ଟଗୁଡ଼ିକରେ ବିଚାର ପ୍ରକ୍ରିୟା ତ୍ୱରାନ୍ୱିତ ହେବା ସହ ମାମଲା ଫଇସଲା ହାର ବୃଦ୍ଧି ପାଇ ପଡ଼ିରହିଥିବା ମାମଲା ସଂଖ୍ୟା ବହୁ ଭାବେ ହ୍ରାସ ପାଇଥିବା ହାଇକୋର୍ଟ ପକ୍ଷରୁ ପ୍ରଦତ୍ତ ପ୍ରେସ୍ ଇସ୍ତାହାରରୁ ଜଣାଯାଇଛି।

୨୦୨୩ର ପ୍ରଥମାର୍ଦ୍ଧରେ ୧୩୬୮ଟି ରାୟ ପ୍ରକାଶ ପାଇଥିବା ବେଳେ ୨୦୨୧ରେ ୩୪୧ ଓ ୨୦୨୨ରେ ୯୮୨ଟି ରାୟ ପ୍ରକାଶ ପାଇଥିଲା। ୨୦୨୧ରେ ୪୨,୨୭୮ଟି ମାମଲା ପଞ୍ଜୀକରଣ ହୋଇଥିବା ବେଳେ ୩୯,୨୫୯ଟି ଫଇସଲା ହୋଇଥିଲା। ସେହିପରି ୨୦୨୨ରେ ୫୩,୧୫୫ଟି ମାମଲା ପଞ୍ଜୀକରଣ ହୋଇଥିବା ବେଳେ ୫୯,୮୫୦ଟି ମାମଲା ଫଇସଲା ହୋଇଥିଲା। ହେଲେ ୨୦୨୩ ଜୁନ୍ ଯାଏ ୪୯,୬୩୫ ମାମଲା ପଞ୍ଜୀକୃତ ହୋଇଥିବା ବେଳେ ୬୨,୮୬୯ଟି ମାମଲା ଫଇସଲା ହୋଇଛି। ଫଳରେ ମାମଲା ଫଇସଲା ହାର ୨୦୨୧ରେ ୯୨.୮୫%, ୨୦୨୨ରେ ୧୧୨.୫୯% ହୋଇଥିବା ବେଳେ ୨୦୨୩ ପ୍ରଥମାର୍ଦ୍ଧରେ ୧୨୬.୬୬% ହୋଇଛି। ମାମଲା ଫଇସଲା ହାର ବୃଦ୍ଧି ପାଇବା କାରଣରୁ ବିଚାର ନହୋଇ ପଡ଼ିରହିଥିବା ମାମଲା ସଂଖ୍ୟା ବହୁ ଭାବେ ହ୍ରାସ ପାଇଛି। ୨୦୨୨ ଜୁନ୍‌ରେ ପଡ଼ିରହିଥିବା ମାମଲା ସଂଖ୍ୟା ୧,୮୯,୮୪୭ ଥିବା ବେଳେ ୨୦୨୩ ଜୁନ୍ ୩୦ରେ ଏହି ସଂଖ୍ୟା ୧,୪୬,୫୮୨ ହୋଇଛି। ହାଇକୋର୍ଟ ପକ୍ଷରୁ ନିଆଯାଇଥିବା ଇ-ପଦକ୍ଷେପଗୁଡ଼ିକ ଯୋଗୁ ଏସବୁ ସମ୍ଭବ ହୋଇପାରିଛି। କୋର୍ଟର କାର୍ଯ୍ୟ ଦିବସ ନଷ୍ଟ ନହୋଇ ବିଚାର ପ୍ରକ୍ରିୟା ତ୍ୱରାନ୍ୱିତ ହୋଇଛି।

ସେହିପରି ଜିଲାର କୋର୍ଟଗୁଡ଼ିକରେ ମଧ୍ୟ ମାମଲା ଫଇସଲାର ହାର ବୃଦ୍ଧି ପାଇଛି। ୨୦୨୧ରେ ୧,୮୯,୩୧୫ ମାମଲା ପଞ୍ଜୀକରଣ ହୋଇଥିବା ବେଳେ ୯୦,୨୩୮ ମାମଲା ଫଇସଲା ହୋଇଥିଲା। ୨୦୨୨ରେ ୨,୩୫,୬୨୦ ମାମଲା ପଞ୍ଜୀକରଣ ହୋଇଥିବାବେଳେ ୧,୫୫,୭୧୨ ମାମଲା ଫଇସଲା ହୋଇଥିଲା। ହେଲେ ୨୦୨୩ ଜୁନ୍ ବେଳକୁ ୨,୩୨,୩୬୩ ମାମଲା ପଞ୍ଜୀକରଣ ହୋଇଥିବା ବେଳେ ୨,୦୨,୨୧୦ ମାମଲା ଫଇସଲା ହୋଇଥିବା ଜଣାଯାଇଛି। ସେହିପରି ଜିଲାର କୋର୍ଟଗୁଡ଼ିକରେ ୨୦୨୧ରେ ୩୬,୪୦୩ଟି, ୨୦୨୨ରେ ୬୦,୬୩୨ଟି ରାୟ ପ୍ରଦାନ ହୋଇଥିବା ବେଳେ ୨୦୨୩ ଜୁନ୍ ସୁଦ୍ଧା ୭୧,୩୬୮ଟି ମାମଲାର ରାୟ ପ୍ରକାଶ ପାଇଛି। ଏଥିସହ ବିଚାର ନ ହୋଇ ପଡ଼ିରହିଥିବା ମାମଲା ସଂଖ୍ୟା ୨୦୨୨ ଜୁନ୍‌ରେ ୧୮,୬୮,୮୯୭ ଥିବା ବେଳେ ୨୦୨୩ ଜୁନ୍‌ରେ ଏହା ୧୮,୫୬,୨୫୩କୁ ହ୍ରାସ ପାଇଛି। ସେହିପରି ବିଭିନ୍ନ କାରଣରୁ କାର୍ଯ୍ୟ ଦିବସ ନଷ୍ଟ ୨୦୨୧ ଓ ୨୦୨୨ ତୁଳନାରେ ୨୦୨୩ରେ ନଗଣ୍ୟ ହୋଇଛି।

## ମଦ ଜବତ, ପୋଚ ନଷ୍ଟ: ୫ ଗିରଫ



ଜବତ ମଦ ଏବଂ ଗିରଫ ଅଭିଯୁକ୍ତମାନେ।

ବାଲୁଗାଁ,୧୩।୭ (ସଂଗ୍ରାମ ପାଇକରାୟ)

ବାଣପୁର, ବାଲୁଗାଁ ଅଞ୍ଚଳରେ ଚୋରା ମଦ କାରବାର ବଢ଼ିଚାଲିଛି। ଅବକାରୀ ବିଭାଗ ପକ୍ଷରୁ ବିଭିନ୍ନ ସମୟରେ ଚଢ଼ାଉ କରାଯାଇ ଅଭିଯୁକ୍ତମାନଙ୍କୁ ଗିରଫ କରାଯାଉଥିଲେ ମଧ୍ୟ ଏହି କାରବାର ଥମୁନାହିଁ। ଜିଲାପାଳ କେ.ସୁଦର୍ଶନ ଚକ୍ରବର୍ତ୍ତୀ ଓ ଅବକାରୀ ଅଧୀକ୍ଷକ ଝସକେତନ ବରିହାଙ୍କ ନିର୍ଦ୍ଦେଶକ୍ରମେ ଅଞ୍ଚଳରେ ଦେଶୀ ଓ ବିଦେଶୀ ମଦ କାରବାରକୁ ରୋକିବା ନିମନ୍ତେ ଅବକାରୀ ବିଭାଗ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ଗୁରୁବାର ସକାଳେ ବାଲୁଗାଁ ଓ ଟାଙ୍ଗୀ ଅବକାରୀ ବିଭାଗ ସହ କଟକ ଅବକାରୀ ଫ୍ଲାଇଂ ସ୍କ୍ୱାଡ୍ ପକ୍ଷରୁ ବାଣପୁର ଥାନା ଅଧୀନ ଆଦିବାସୀ ଅଧ୍ୟୁଷିତ ନୀଳାଦ୍ରିପ୍ରସାଦ ଓ ଦାମିଆ ବରବରା ଜଙ୍ଗଲ ଅଞ୍ଚଳର ଦେଶୀମଦ ଭାଟି ଉପରେ ଚଢ଼ାଉ କରାଯାଇଥିଲା। ହଜାରେ ଲିଟର ପୋଚ ଓ ୪୧୦ ଲିଟର ଦେଶୀ ମଦ ଜବତ କରାଯାଇ ନଷ୍ଟ କରି ଦିଆଯାଇଛି। ଏଥିରେ ସମ୍ପୃକ୍ତି ନେଇ ୪ ଜଣଙ୍କୁ ଗିରଫ କରାଯାଇଛି। ସେହିପରି ଏହି ଟିମ୍ ଟାଙ୍ଗୀ ଥାନା ଅଞ୍ଚଳରେ ଚଢ଼ାଉ କରି ଜଣେ ଚୋରା ମଦ ବେପାରୀଙ୍କୁ ଗିରଫ କରିଛି। ଏନେଇ ଅବକାରୀ ବିଭାଗ ପକ୍ଷରୁ ପୃଥକ୍ ଭାବେ ୫ଟି ମାମଲା ରୁଜୁ କରାଯାଇଛି। ଟାଙ୍ଗୀ ଅବକାରୀ ଅଧିକାରୀ ଆଲୋକ ପ୍ରଧାନ, ବାଲୁଗାଁ ଅବକାରୀ ଅଧିକାରୀ ବି. ମନୋଜ କୁମାର, କଟକ ଅବକାରୀ ଫ୍ଲାଇଂ ସ୍କ୍ୱାଡ୍‌ର ଏସ୍‌ଆଇ ରଜନୀ ମିଞ୍ଜ, ନୀଳାଦ୍ରି ବିହାରୀ ମିଶ୍ରଙ୍କ ସମେତ ଅନ୍ୟ ଅବକାରୀ କର୍ମଚାରୀ ଚଢ଼ାଉରେ ସାମିଲ ଥିଲେ।

## ବିଜେଡିରେ ମିଶିଲେ ୨ ସ୍ୱାଧୀନ କାଉନ୍‌ସିଲର

ଜଟଣୀ,୧୩।୭(ରବୀନ୍ଦ୍ର ନାଥ ମହାକୁଡ଼)

ଜଟଣୀ ପୌରାଞ୍ଚଳ ଅନ୍ତର୍ଗତ ୱାର୍ଡ ନମ୍ବର ୨୦ର କାଉନ୍‌ସିଲର ସନ୍ଧ୍ୟାରାଣୀ ଜାନି ଏବଂ ୱାର୍ଡ ନମ୍ବର ୧୧ର ଦିଲୀପ କୁମାର ମାର୍ଥା ବିଧିବଦ୍ଧ ଭାବେ ବିଜୁ ଜନତା ଦଳ(ବିଜେଡି)ରେ ଯୋଗଦେଇଛନ୍ତି। ଉଭୟ ୨୦୨୨ ପୌର ନିର୍ବାଚନରେ ସ୍ୱାଧୀନ ଭାବେ ପ୍ରତିଦ୍ୱନ୍ଦିତା କରି ନିର୍ବାଚିତ ହୋଇଥିଲେ। ଭୁବନେଶ୍ୱର ଶଙ୍ଖ ଭବନରେ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, ଖୋର୍ଦ୍ଧା ଜିଲା ବିଜେଡି ସଭାପତି ବିଭୁତି ଭୂଷଣ ବଳବନ୍ତରାୟ, ଭୁବନେଶ୍ୱର ମେୟର ସୁଲୋଚନା ଦାସ, ବିଧାୟକ ସୁଶାନ୍ତ ରାଉତ, ରାଜ୍ୟ ସଭା ସଦସ୍ୟ ମୁଜିବୁଲ୍ଲା ଖାଁ, ବିଜେଡି ନେତ୍ରୀ ଶ୍ରୀମୟୀ ମିଶ୍ର. ଖୋର୍ଦ୍ଧା ଜିଲ୍ଲା ପ୍ରଭାରୀ ରବୀନ୍ଦ୍ର ଜେନା, ଜଟଣୀ ପ୍ରଭାରୀ କୈଳସ ପାତ୍ର, ଜିଲା ସମ୍ପାଦକ ଅନନ୍ତ ଶତପଥୀ ଏବଂ ଜଟଣୀ ନଗରପାଳ ଅନନ୍ତ ବେହେରାଙ୍କ ଉପସ୍ଥିତରେ ଦଳରେ ସାମିଲ ହୋଇଥିଲେ। ମୁଖ୍ୟମନ୍ତ୍ରୀ ନବୀନ ପଟନାୟକ ଓ ସଙ୍ଗଠନ ସମ୍ପାଦକ ପ୍ରଣବ ପ୍ରକାଶ ଦାସଙ୍କ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ବିଧିବଦ୍ଧ ଭାବେ ଦୁଇ କାଉନସିଲର ବିଜେଡିରେ ଯୋଗଦେଇଥିବା ନଗରପାଳ ବେହେରା ସୂଚନା ଦେଇଛନ୍ତି।



ଭୁବନେଶ୍ୱର ଶଙ୍ଖ ଭବନରେ ଅନୁଷ୍ଠିତ ମିଶ୍ରଣ ପର୍ବରେ ବିଜେଡିରେ ସାମିଲ ହୋଇଥିବା ୨ ସ୍ୱାଧୀନ କାଉନ୍‌ସିଲର।

## ଅଭିଯୁକ୍ତଙ୍କ ଗିରଫ ଦାବିରେ ରାସ୍ତାରୋକୋ

**ଜମି ବିବାଦକୁ ନେଇ ଯୁବକଙ୍କୁ ହତ୍ୟା ଘଟଣା**

କୃଷ୍ଣପ୍ରସାଦ,୧୩।୭(କୈଳାଶ ଚନ୍ଦ୍ର ପଟ୍ଟନାୟକ)



ଜମିବାଡ଼ି ବିବାଦକୁ ନେଇ ପୁରୀ ଜିଲା କୃଷ୍ଣପ୍ରସାଦ ଥାନା ଅଧୀନ ମୁଣ୍ଡାବର ଗାଁର ଗୁଣମଣି ସାହୁଙ୍କୁ ଗତ ଜୁନ ୨୬ରେ ହତ୍ୟା କରାଯାଇଥିବା ନେଇ ଅଭିଯୋଗ ହୋଇଥିଲା। ଏହି ଘଟଣାକୁ ୧୮ଦିନ ବିତିଯାଇଥିଲେ ମଧ୍ୟ ଅଭିଯୁକ୍ତଙ୍କୁ ଧରିପାରୁନି ପୋଲିସ। ତେବେ ହତ୍ୟା ଘଟଣାର ସମ୍ପୃକ୍ତ ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରିବା ଓ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବିରେ ମୃତ ଗୁଣମଣିଙ୍କ ପରିବାର ଲୋକ ଓ ଗ୍ରାମବାସୀ ବୁଧବାର କୃଷ୍ଣପ୍ରସାଦ ଥାନା ଆଗରେ ଧାରଣା ଦେଇଥିଲେ। ତେବେ କୌଣସି ସୁଫଳ ନ ମିଳିବାରୁ ଦ୍ୱିତୀୟ ଦିନ ଅର୍ଥାତ୍ ଗୁରୁବାର ଥାନା ସମ୍ମୁଖ ରାସ୍ତା ଅବରୋଧ କରିଥିଲେ। ଫଳରେ ଉଭୟପଟୁ ଆସୁଥିବା ଯାନବାହନ ଅଟକି ରହିଥିଲା। ଖବରପାଇ ଅତିରିକ୍ତ ଏସ୍‌ପି ବିଷ୍ଣୁ ପ୍ରସାଦ ପତି ଟିମ୍ ସହ ପହଞ୍ଚି ଆନ୍ଦୋଳନକାରୀଙ୍କୁ ବୁଝାଶୁଝା କରିଥିଲେ। ଅଭିଯୁକ୍ତମାନଙ୍କୁ ଗିରଫ ନ କରିବା ପର୍ଯ୍ୟନ୍ତ ରାସ୍ତାରୋକୋ ଜାରି ରହିବ ବୋଲି ଆନ୍ଦୋଳନକାରୀ କହିଥିଲେ। ତେବେ ଖବର ଲେଖା ହେବା ପର୍ଯ୍ୟନ୍ତ ରାସ୍ତାରୋକୋ ଜାରି ରହିଥିବା ଜଣାପଡ଼ିଛି।

ସୂଚନାଥାଉ କି, ଘରବାଡ଼ିକୁ କେନ୍ଦ୍ର କରି କିଛିଦିନ ହେବ ମୁଣ୍ଡାବର ଗ୍ରାମର ଗୁଣମଣିଙ୍କ ସହ ତାଙ୍କ ଦାଦା ପୁଅଙ୍କ ମଧ୍ୟରେ ବିବାଦ ଲାଗିରହିଥିଲା। ଗୁଣମଣି ବାରିରେ ବାଡ଼ ପୋତିବା ବେଳେ ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା। ତେବେ ସେଠାରେ ଗୁଣମଣିଙ୍କୁ ମାଡ଼ ମରାଯାଇଥିଲା। ଗୁଣମଣିଙ୍କୁ ପରିବାର ଲୋକ ଖୋଜିଥିଲେ ମଧ୍ୟ ପାଇ ନ ଥିଲେ। ପରଦିନ ସକାଳୁ ଏକ ବରଗଛରେ ଗୁଣମଣିଙ୍କ ମୃତଦେହ ଝୁଲୁଥିବା ଦେଖିବାକୁ ମିଳିଥିଲା। ଖବରପାଇ ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ମେଡିକାଲ ପଠାଇଥିଲା। ଏନେଇ ଗୁଣମଣିଙ୍କ ପରିବାର ଲୋକେ ଥାନାରେ ଅଭିଯୋଗ କରିଥିଲେ।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୧୩।୭।୨୦୨୩

| | |
|---|---|
| ୪,୪୦,୮୫୨ ଟଙ୍କା | |
| ସୁନା | ୫୦୦ ମିଲିଗ୍ରାମ୍ |
| ରୁପା | ୮୪.୫୫୦ ଗ୍ରାମ୍ |

# ମତ୍ସ୍ୟଜୀବୀଙ୍କ ନାଁରେ ୧୦ କୋଟି ଋଣ ନେଇ ଆତ୍ମସାତ୍

- କାର୍ଯ୍ୟାନୁଷ୍ଠାନ ଦାବି କଲା ମତ୍ସ୍ୟଜୀବୀ ସଂଘ
- ମତ୍ସ୍ୟ ସମ୍ପଦ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ

ପୁରୀ, ୧୩।୭(ଅଜିତ୍ ମହାନ୍ତି)

ଆର୍‌କେଭିଓଆଇ-୧ ଏବଂ ୨ ମାଧ୍ୟମରେ ଇଞ୍ଜିନ, ଜାଲ, ଡଙ୍ଗା କିଣିବା ବାବଦକୁ ସରକାର ଦେଉଥିବା ରିହାତିକୁ ଦୁଇଟି ଘରୋଇ ସଂସ୍ଥା ପେଣ୍ଟକଟା ଓ ଚନ୍ଦ୍ରଭାଗା ଅଞ୍ଚଳର ଗରିବ ମତ୍ସ୍ୟଜୀବୀଙ୍କ ନାମରେ ବ୍ୟାଙ୍କ ଋଣ ନେଇ ଆତ୍ମସାତ୍ କରିଥିବା ଅଭିଯୋଗ ହୋଇଛି। ସାଗରପୁତ୍ର ମତ୍ସ୍ୟଜୀବୀ ସଂଘ ଏହି ଅଭିଯୋଗ ଆଣି ଗୁରୁବାର ମତ୍ସ୍ୟ ସମ୍ପଦ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ତଦନ୍ତ ପାଇଁ ବିଭାଗୀୟ ସଚିବ ଏବଂ ଭିଜିଲାନ୍ସ ଡିଜିଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଛନ୍ତି।

ଅଭିଯୋଗକାରୀମାନେ ଦର୍ଶାଇଛନ୍ତି ଯେ, ଗତ ଫାଇଲିନ ବାତ୍ୟାରେ ରାଜ୍ୟ ସରକାର କ୍ଷତିଗ୍ରସ୍ତ ଗରିବ ମତ୍ସ୍ୟଜୀବୀଙ୍କୁ ଡଙ୍ଗା ଓ ଇଞ୍ଜିନ, ଜାଲ ରିହାତି ମାଧ୍ୟମରେ ଯୋଗାଇଦେବା ପାଇଁ ଯୋଜନା କରିଥିଲେ। ତେବେ କିଛି ମନ୍ଦ ଉଦ୍ଦେଶ୍ୟ ରଖି ଦୁଇଟି ଘରୋଇ ସଂସ୍ଥା ସମ୍ପୃକ୍ତ ମତ୍ସ୍ୟଜୀବୀଙ୍କ ନାମରେ ବ୍ୟାଙ୍କରେ ଋଣ କରି ୧୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ନେଇ ଫେରାର ହୋଇଯାଇଛି। ବ୍ୟାଙ୍କ କର୍ତ୍ତୃପକ୍ଷ ଋଣ ଶୁଝିବାକୁ କହିବାରୁ ମତ୍ସ୍ୟଜୀବୀମାନେ ଏହା ଜାଣିବାକୁ ପାଇଥିଲେ। ଯେଉଁ ହିତାଧିକାରୀ ୨୦୦୨ ମସିହାରୁ ମୃତ୍ୟୁବରଣ କରିସାରିଛନ୍ତି ସେମାନଙ୍କ ନାମରେ ମଧ ସମ୍ପୃକ୍ତ ସଂସ୍ଥା ୨୦୧୪/୨୦୧୫ ଆର୍ଥିକ ବର୍ଷରେ ଋଣ କରି ସବ୍‌ସିଡି ନେଇଥିବା ଅଭିଯୋଗ ହୋଇଛି। ଏହାର ଉଚ୍ଚସ୍ତରୀୟ ତଦନ୍ତ ସହ କାର୍ଯ୍ୟାନୁଷ୍ଠାନ ପାଇଁ ସଂଘ ପକ୍ଷରୁ ଦାବି କରାଯାଇଛି। ଏ ସଂକ୍ରାନ୍ତରେ ଜିଲା ଅତିରିକ୍ତ ମତ୍ସ୍ୟ ଅଧିକାରୀଙ୍କୁ ଅଭିଯୋଗ କରିବା ସତ୍ତ୍ୱେ ସୁଫଳ ମିଳିନାହିଁ। ସମ୍ପୃକ୍ତ ସଂସ୍ଥା ଦୁଇଟି ବିରୋଧରେ କାର୍ଯ୍ୟାନୁଷ୍ଠାନ ନ ହେବା ପର୍ଯ୍ୟନ୍ତ ପେଣ୍ଟକଟାରେ ବୋଟ୍ ଓ ଇଞ୍ଜିନ ଯୋଗାଇବା ବନ୍ଦ କରାଯାଉ। ୭ଦିନ ମଧ୍ୟରେ ଦାବି ପୂରଣ ନ ହେଲେ ଆନ୍ଦୋଳନ କରାଯିବ ବୋଲି ସଂଘ ପକ୍ଷରୁ କୁହାଯାଇଛି। ବିକ୍ଷୋଭରେ ନାଗାରାଜୁ, ଜି. ଗାସି, ଜି. ସୁରୀ, ପି. ଗୋପୀ, ଜି.ମାମାଲି, ଏମ୍. ଗୋପୀ, ଜି. ରାମାନ୍ନାଙ୍କ ସମେତ ବହୁ ମତ୍ସ୍ୟଜୀବୀ ଏବଂ ଶ୍ରୀଜଗନ୍ନାଥ ସେନାର ଆବାହକ ପ୍ରିୟଦର୍ଶନ ପଟ୍ଟନାୟକ ପ୍ରମୁଖ ସାମିଲ ଥିଲେ।




ମତ୍ସ୍ୟ ସମ୍ପଦ କାର୍ଯ୍ୟାଳୟ ସମ୍ମୁଖରେ ମତ୍ସ୍ୟଜୀବୀ ସଂଘ ଏବଂ ଅନ୍ୟ ଅନୁଷ୍ଠାନ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ । (ଫଟୋ-ଯଜ୍ଞେଶ୍ୱର ମହାନ୍ତି)

# ଫାଣ୍ଡିରୁ ଚମ୍ପଟ୍ ଅଭିଯୁକ୍ତ ମାସେ ପରେ ଗିରଫ

ଗୋପ, ୧୩।୭(ଭାରତୀ ଭୂଷଣ ଉପାଧ୍ୟାୟ)

**ଅଭିଯୁକ୍ତଙ୍କ ନାମରେ ୩୦ରୁ ଊର୍ଦ୍ଧ୍ୱ ମାମଲା**

ନୟାହାଟ ଫାଣ୍ଡି ହାଜତରୁ ପୋଲିସ ବଳୟ ମଧ୍ୟରେ ଥିବା ଜଣେ ଚମ୍ପଟ ମାରିଥିବା ଅଭିଯୁକ୍ତଙ୍କୁ ମାସେ ପରେ ଗୁରୁବାର ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ନୟାହାଟ ଫାଣ୍ଡି ଅନ୍ତର୍ଗତ ଧୁମାଳ ଗ୍ରାମର କୁଖ୍ୟାତ ଅପରାଧୀ ଅଜୟ କୁମାର ଖଟୋଇ (୨୮)। ଜାମିନ ଆବେଦନ ଖାରଜ ହେବା ପରେ କୋର୍ଟ ଅଭିଯୁକ୍ତଙ୍କୁ ଜେଲକୁ ପଠାଇ ଦେଇଥିବା ଥାନା ଅଧିକାରୀ ସୁନୀଲ କୁମାର ପ୍ରଧାନ ସୂଚନା ଦେଇଛନ୍ତି। ପ୍ରକାଶ ଯେ, ଅଜୟ ବିଭିନ୍ନ ଥାନା ଅଞ୍ଚଳରେ ଚୋରି, ରାହାଜାନୀ, ଡକାୟତି ସହିତ ୩୦ରୁ ଊର୍ଦ୍ଧ୍ୱ ମାମଲା ରହିଥିଲା। ଗତ ଜୁନ ୧୩ ତାରିଖ ରାତିରେ ଅଭିଯୁକ୍ତ ଅଜୟ ନିକଟସ୍ଥ ଗାଁର ଜଣେ ଯୁବତୀଙ୍କ ୪ଟି ମୋବାଇଲ ସହିତ ସୁନା ଅଳଙ୍କାର ଚୋରି କରି ନେବା ପରେ ଫେରାର୍ ରହିଥିଲା। ଏ ସମ୍ପର୍କରେ ଅଭିଯୋଗ ହେବା ପରେ ଥାନାରେ ମାମଲା(ନଂ. ୨୪୨/୨୩) ରୁଜୁ କରି ପୋଲିସ ଅଜୟଙ୍କୁ ଗିରଫ କରିବା ସହ କେତେକ ଚୋରି ମୋବାଇଲ ଜବତ କରିଥିଲା। ପରଦିନ ନୟାହାଟ ଫାଣ୍ଡିରେ ଥିବାବେଳେ ଅଜୟ କୌଶଳକ୍ରମେ ଚମ୍ପଟ ମାରିଥିଲା। ଅପରାଧୀ ଫାଣ୍ଡିରୁ ଚମ୍ପଟ ମାରିବା ଖବର ପ୍ରକାଶ ପାଇବା ପରେ ଜିଲା ଏସପି ଡିୟୁଟିରେ ଥିବା କନଷ୍ଟେବଳ ରାଜନ ମିଞ୍ଜିକୁ ନିଲମ୍ବିତ କରିଥିଲେ। ପୋଲିସ କୁଖ୍ୟାତ ଅପରାଧୀ ଅଜୟଙ୍କୁ ଖୋଜୁଥିବା ବେଳେ ଗୋପ ଥାନା ଅଧିକାରୀ ସୁନିଲ କୁମାର ପ୍ରଧାନ ଓ ଫାଣ୍ଡି ଅଧିକାରୀ କୁନାଲ କୁମାର ଗୁରୁବାର ଅଜୟ ଘରେ ଥିବା ବିଶେଷ ସୂତ୍ରରୁ ଖବରପାଇ ପୋଲିସ ଚଢ଼ାଉ କରି ତାକୁ ଗିରଫ କରିଥିଲେ।

## ସଂକ୍ଷେପରେ

### ବାଇକ୍ ଡିକି ଭାଙ୍ଗି ଦେଢ଼ ଲକ୍ଷ ଲୁଟ୍

କାକଟପୁର,୧୩।୭(ଶୁଭଦର୍ଶନ ମିଶ୍ର)- କାକଟପୁର ଥାନା ଅଧୀନ ତେନ୍ତୁଳିଆ ଗ୍ରାମର ସୁଦର୍ଶନ କାଳିଆ କାକଟପୁରସ୍ଥିତ ଷ୍ଟେଟ ବ୍ୟାଙ୍କରୁ ଦେଢ଼ଲକ୍ଷ ଟଙ୍କା ଉଠାଇ ଏକ ଔଷଧ ଷ୍ଟୋର ସମ୍ମୁଖରେ ଗାଡ଼ି ରଖି ଔଷଧ କିଣୁଥିଲେ। ୨ ଦୁର୍ବୃତ୍ତ ତାଙ୍କ ଗାଡ଼ି ଡିକି ଭାଙ୍ଗି ସେଥିରୁ ସବୁ ଟଙ୍କା ଲୁଟି ଫେରାର ହୋଇଯାଇଛନ୍ତି। ସିସିଟିଭି ଫୁଟେଜକୁ ଅନୁଧ୍ୟାନ କରି ପୋଲିସ ଚାରିଛକ ପର୍ଯ୍ୟନ୍ତ ଦୁର୍ବୃତ୍ତଙ୍କୁ ପିଛା କରିଥିଲେ ମଧ ସେମାନଙ୍କ ଟେର ପାଇନାହିଁ। ଅପରାଧୀମାନେ ନିଆଳିଠାରୁ ବନମାଳୀପୁର ଅଞ୍ଚଳ ଦେଇ ଫେରାର ହୋଇଯାଇଥିବା ଅନୁମାନ କରାଯାଉଛି ବୋଲି କାକଟପୁର ଥାନାଧିକାରୀ ରଞ୍ଜନ ମଲ୍ଲିକ କହିଛନ୍ତି। ଆଖପାଖ ଥାନାକୁ ଖବର ଦିଆଯିବା ସହ ଦୁର୍ବୃତ୍ତଙ୍କୁ ଧରିବା ପାଇଁ ଛାନ୍‌ଭିନ ଚାଲୁ ରହିଛି।

### ସମ୍ବିତ ପାତ୍ରଙ୍କ ଜନସମର୍ଥନ ଯାତ୍ରା

ପୁରୀ, ୧୩।୭(ଅଜିତ ମହାନ୍ତି):ପୁରୀ ଜିଲା ଘାଟକୋଲି ପଞ୍ଚାୟତର ଗୌଉଡ଼ରଣପଡ଼ା ଗ୍ରାମରେ ବିଶ୍ୱଶାନ୍ତି ମହାଯଜ୍ଞ ଏବଂ ଶ୍ରୀ ଶ୍ରୀ ଭଗବତ ବାସୁଦେବ ମନ୍ଦିର ପ୍ରତିଷ୍ଠା କାର୍ଯ୍ୟ ସମାପନ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଭାଜପା ରାଷ୍ଟ୍ରୀୟ ପ୍ରବକ୍ତା ସମ୍ବିତ ପାତ୍ର ଓ ବ୍ରହ୍ମଗିରିର ଯୁବ ନେତ୍ରୀ ଉପାସନା ମହାପାତ୍ର ଯୋଗଦେଇଥିଲେ। ଏହି ଅବସରରେ ପାତ୍ର ଘାଟକୋଲି ପଞ୍ଚାୟତରେ ଜନସମର୍ଥନ ଯାତ୍ରା କରିଛନ୍ତି। ସେ ଗୌଉଡ଼ରଣପଡ଼ା ଗ୍ରାମର ପ୍ରତ୍ୟେକ ଘରକୁ ଯାଇ ମୋଦି ସରକାରଙ୍କ ୯ ବର୍ଷରେ ଜନତାଙ୍କ ପାଇଁ କରାଯାଇଥିବା ଯୋଜନା ବିଷୟରେ ଅବଗତ କରାଇଛନ୍ତି। ଗ୍ରାମବାସୀଙ୍କ ଉଦ୍ୟମରେ ଶ୍ରୀବାସୁଦେବ ମନ୍ଦିର ପ୍ରତିଷ୍ଠାକୁ ସେ ପ୍ରଶଂସା କରିଛନ୍ତି। ସନାତନ ଧର୍ମର ପ୍ରଚାର ପ୍ରସାର ତଥା ସୁରକ୍ଷା ପାଇଁ ଏଭଳି କାର୍ଯ୍ୟକ୍ରମ ହାତକୁ ନିଆଯିବା ଆବଶ୍ୟକ ବୋଲି ପାତ୍ର କହିଛନ୍ତି।

### ୧୮ରେ ବରୁଣେଇରେ ହେବ ପାଇକ ସମାବେଶ

ଖୋର୍ଦ୍ଧା,୧୩।୭(ପ୍ରଭାତ ପାଣିଗ୍ରାହୀ): ବରୁଣେଇ ପାହାଡ଼ ପାଦଦେଶରେ ପ୍ରସ୍ତାବିତ ପାଇକ ସ୍ମାରକୀ ନିର୍ମାଣ ବିଳମ୍ବ ନେଇ ପ୍ରତିବାଦ କରିଛି ଓଡ଼ିଶା ରାଜ୍ୟ ପାଇକ ଆଖଡ଼ା ମହାସଂଘ। ପାଇକ ବିଦ୍ରୋହକୁ ପ୍ରଥମ ସ୍ୱାଧୀନତା ସଂଗ୍ରାମ ମାନ୍ୟତା, ପାଇକ ରେଜିମେଣ୍ଟ ଗଠନ ଏବଂ ଭାରତ ବର୍ଷର ଶେଷ ସ୍ୱାଧୀନ ଦୁର୍ଗ ଖୋର୍ଦ୍ଧାଗଡ଼ର ପୁନରୁଦ୍ଧାର ଦାବିରେ ପୁଣି ଥରେ ବରୁଣେଇଠାରେ ଆସନ୍ତା ୧୮ ତାରିଖରେ ପାଇକ ସମାବେଶ ଅନୁଷ୍ଠିତ ହେବ। ଉପରୋକ୍ତ ଦାବି ପୂରଣ ନେଇ ଦିଲ୍ଲୀ ଚଲୋ ନିମନ୍ତେ ରାଜ୍ୟସାରା ଜନଜାଗରଣ ପାଇଁ ଶୁଭାରମ୍ଭ କରାଯିବ ବୋଲି ଗୁରୁବାର ଏକ ଘରୋଇ କଲ୍ୟାଣ ମଣ୍ଡପଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ମହାସଂଘ ସମ୍ପାଦକ ତଥା ପୂର୍ବତନ ବିଧାୟକ ଦିଲ୍ଲୀପ ଶ୍ରୀଚନ୍ଦନ କହିଛନ୍ତି।



ପୁରୀ ଗଜପତିନଗର ଯୁବ ପରିଷଦ ପକ୍ଷରୁ ବିନାୟକ ବିଗ୍ରହ ଉତ୍ସବ ଅବସରରେ ଅନୁଷ୍ଠିତ ସାଂସ୍କୃତିକ ଉତ୍ସବରେ ମାଲଖମ୍ବ ପ୍ରଦର୍ଶନ କରୁଛନ୍ତି ।

### ହାଇୱାକୁ ଧକ୍କା ଦେଲା କାର୍: ୨ ଗୁରୁତର

ପୁରୀ, ୧୩।୭(ଅଜିତ ମହାନ୍ତି):

ମାଳତିପାଟପୁର ବସ୍‌ଷ୍ଟାଣ୍ଡ ନିକଟରେ ବୁଧବାର ବିଳମ୍ବିତ ରାତିରେ ହାଇୱାକୁ ପଛପଟୁ ଏକ କାର୍ ଧକ୍କା ଦେଇଛି। ଏଥିରେ ଦୁଇଜଣ ଗୁରୁତର ଆହତ ହୋଇଛନ୍ତି। ସେମାନେ ହେଲେ କଟକ ଜିଲା ସଦର ଥାନା ଅଧୀନ ଦେଉଳି ସାହିର ରଶ୍ମିରଞ୍ଜନ ପଣ୍ଡା ଓ ଜଗତସିଂହପୁର ତିର୍ତ୍ତୋଲ ଥାନା ଅଞ୍ଚଳର ତପନ କୁମାର ପଲାଇ। ଦୁହେଁ ଅନ୍ୟ ଜଣଙ୍କ ସହ ଏକ କାର୍‌ରେ ଭୁବନେଶ୍ୱରରୁ ପୁରୀ ଅଭିମୁଖେ ଆସୁଥିଲେ। ମାଳତୀପାଟପୁର ବସଷ୍ଟାଣ୍ଡ ନିକଟ ଜାତୀୟ ରାଜପଥରେ ତାଙ୍କ ସମ୍ମୁଖରେ ଏକ ହାଇୱା ଯାଉଥିଲା। କାର୍ ଚାଳକ ଭାରସାମ୍ୟ ହରାଇ ଉକ୍ତ ହାଇୱାକୁ ଧକ୍କା ଦେଇଥିଲେ। ଏ ସମ୍ପର୍କରେ ଖବରପାଇ ହାଇୱେ ପାଟ୍ରୋଲିଂ ପୋଲିସ ପହଞ୍ଚି ଆହତଙ୍କୁ ଉଦ୍ଧାର କରି ମେଡିକାଲକୁ ପଠାଇଥିଲା।

### ଚୋରି ଅଭିଯୋଗରେ ୨ ଗିରଫ

ପୁରୀ, ୧୩।୭(ଅଜିତ ମହାନ୍ତି):

ଜଗନ୍ନାଥ ବଲ୍ଲଭ ପାର୍କ ନିର୍ମାଣସ୍ଥଳରୁ ଚୋରି କରିବା ଅଭିଯୋଗରେ ଟାଉନ ଥାନା ପୋଲିସ ଜଣେ ଯୁବକଙ୍କୁ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଛି। ସେ ହେଲେ କୁମ୍ଭାରପଡ଼ା ଥାନା ଅନ୍ତର୍ଗତ ଲକ୍ଷ୍ମୀମାର୍କେଟର ଗଣେଶ ଓରଫ ବାଦଲ ଭୋଇ। ପୋଲିସ ଏକ କେସ୍ (ନଂ. ୨୫୦/୨୩) ରୁଜୁ କରିଛି। ସୂଚନାନୁଯାୟୀ ଗତ ୧୦ ତାରିଖ ରାତିରେ ଗଣେଶ ଅନ୍ୟ ସହଯୋଗୀଙ୍କ ସହ ଜଗନ୍ନାଥ ବଲ୍ଲଭ ପାର୍କ ନିର୍ମାଣସ୍ଥଳରେ ପ୍ରବେଶ କରି ୮ଟି ଆଲୁମିନିୟମ ପ୍ଲେଟ, ୧୦ଟି ଲୁହାପାଇପ, ୨ଟି ଲୁହାରଡ ଚୋରି କରୁଥିଲେ। ସୂଚନା ପାଇ ପୋଲିସ ପହଞ୍ଚି ଗଣେଶଙ୍କୁ ଗିରଫ କରିଥିବା ବେଳେ ଅନ୍ୟମାନେ ଖସି ପଳାଇଥିଲେ। ତାଙ୍କଠାରୁ ଚୋରି ଜିନିଷ ଜବତ କରାଯାଇଛି। ସେହିପରି ଅଠରନଳା ଅଞ୍ଚଳରୁ ବାଇକ୍ ଚୋରି ଅଭିଯୋଗରେ କୁମ୍ଭାରପଡ଼ା ଥାନା ପୋଲିସ ଜଣଙ୍କୁ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଛି। ସେ ହେଲେ ଯାଜପୁର ସାପଗାଡ଼ିଆର ଶିବ ମୁଖି। ତାଙ୍କଠାରୁ ଚୋରା ବାଇକ୍ ଜବତ ହୋଇଛି। ଏନେଇ ପୋଲିସ ଏକ ମାମଲା (ନଂ. ୧୪୦/୨୩) ରୁଜୁ କରିଛି।

# ଚାଷୀଙ୍କୁ ଜଳଯୋଗାଣରେ ଅବହେଳା କଲେ ଅଧିକାରୀ ଦାୟୀ




ବୈଠକରେ ବିଧାୟକ ସମୀର ରଞ୍ଜନ ଦାଶ ଏବଂ ଅନ୍ୟମାନେ ।

ବଳଙ୍ଗା, ୧୩।୭(କେଦାରେଶ୍ୱର ନନ୍ଦ)

ବଳଙ୍ଗା ଜଳସମ୍ପଦ ଅଧୀନରେ ଥିବା ଚନ୍ଦନପୁର ଶାଖା କେନାଲ ଓ ନୂଆଗାଁ କେନାଲରେ ୧୫ ତାରିଖରେ ପାଣି ଆସିବ। ପାଣି ଆସିବା ପୂର୍ବରୁ କିଭଳି ତଳ ମୁଣ୍ଡରେ ଥିବା ଚାଷଜମିକୁ ସହଜ ଉପାୟରେ ଜଳ ଯୋଗାଣ କରାଯାଇପାରିବ ତାକୁ ଦୃଷ୍ଟିରେ ରଖି ଖୁବ୍‌ଶୀଘ୍ର ଓ ମୁଖ୍ୟ କେନାଲ ସହ ଶାଖା, ପ୍ରଶାଖା କେନାଲରେ ପୁନରୁଦ୍ଧାର କାର୍ଯ୍ୟ ଶେଷ କର। ଚାଷୀମାନଙ୍କ ସମସ୍ୟାକୁ ଗୁରୁତ୍ୱ ଦିଅ। ଯଦି ଚାଷୀଙ୍କର ଚାଷ ଜମିକୁ ଜଳ ଯୋଗାଣରେ କୌଣସି ଅନିୟମିତତା ହୁଏ, ସେଥିପାଇଁ ବିଭାଗୀୟ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ସହ ବିଭାଗୀୟ ଯନ୍ତ୍ରୀ ଦାୟୀ ରହିବେ ବୋଲି ଗୁରୁବାର ବଳଙ୍ଗା ଜଳସମ୍ପଦ ଉପଖଣ୍ଡ ଡାକବଙ୍ଗଳା ପରିସରରେ ଅନୁଷ୍ଠିତ ଆସନ୍ନ ବନ୍ୟା ନିୟନ୍ତ୍ରଣ ଓ ଖରିଫ ଜଳସେଚନ ନିମନ୍ତେ ପ୍ରସ୍ତୁତି ବୈଠକରେ ସ୍ଥାନୀୟ ବିଧାୟକ ସମୀର ରଞ୍ଜନ ଦାଶ ଯୋଗଦେଇ କହିଛନ୍ତି। ସେହିଭଳି ଆସନ୍ନ ବନ୍ୟା ନିୟନ୍ତ୍ରଣ ପାଇଁ ବଳଙ୍ଗା ଜଳସମ୍ପଦ ଉପଖଣ୍ଡ ଅଧୀନରେ ଥିବା ଭାର୍ଗବୀ ନଦୀ ବନ୍ଧର ସୁଦୃଢ଼ୀକରଣ କାର୍ଯ୍ୟ ବିଷୟରେ ବିଭାଗୀୟ ଯନ୍ତ୍ରୀଙ୍କୁ ପଚାରି ବୁଝିଥିଲେ। ଗୋପ ଜଳସମ୍ପଦ ଅଧୀନରେ ହୋଇଥିବା କୁଶଭଦ୍ରା ନଦୀ ବନ୍ଧ ଦବିଯିବାକୁ ନେଇ ବିଭାଗୀୟ ଅଧିକାରୀ ସହ ହେଡକ୍ୱାର୍ଟର ଯନ୍ତ୍ରୀଙ୍କ ଉପରେ ବର୍ଷିଥିଲେ ବିଧାୟକ ଦାଶ। ଏପରିକି ତାଙ୍କୁ କାରଣ ଦର୍ଶାଅ ନୋଟିସ ଜାରି ପାଇଁ ଅଧିକ୍ଷଣ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ବିଭାଗ ଅଧୀନରେ କରାଯାଇଥିବା ବିଭିନ୍ନ କାର୍ଯ୍ୟର ଠିକ୍ ପରିଚାଳନା କରି କୌଣସି ପରିସ୍ଥିତିରେ ନିର୍ମାଣ ନିମ୍ନମାନର କାର୍ଯ୍ୟ ଉପରେ ସାଲିସ ନ କରିବା ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ବୈଠକରେ ନିମାପଡ଼ା ଜଳସମ୍ପଦ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ବୈକୁଣ୍ଠ ନାଥ ଦଳାଇ, ବଳଙ୍ଗା ଜଳସମ୍ପଦ ଉପଖଣ୍ଡ ଅଧୀନରେ ଥିବା ଗୋପ ଜଳସମ୍ପଦ ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀ ସଂଗ୍ରାମ କେଶରୀ ମହାନ୍ତି, ସରପଞ୍ଚଙ୍କ ପ୍ରତିନିଧି ସୁକାନ୍ତ ବରାଳ, ସହକାରୀ ଯନ୍ତ୍ରୀ ଅଜୟ ପ୍ରଧାନ, ପ୍ରଶାନ୍ତ ମହାନ୍ତି, ବାଲିପାଟଣା, ଗୋପ, ବଳଙ୍ଗା ଉପଖଣ୍ଡର ସମସ୍ତ ଅଧିକାରୀ ଓ ଯନ୍ତ୍ରୀମାନେ ଉପସ୍ଥିତ ଥିଲେ।

# ଗ୍ରାମକୁ ବଦନାମ କରାଯାଉଥିବା ଅଭିଯୋଗ

ପିପିଲି, ୧୩।୭(ଦୁର୍ଗାମାଧବ ମିଶ୍ର):

ପିପିଲି ବ୍ଲକ କଂଟି ପଞ୍ଚାୟତର ବାହିଲିପଡା ଗ୍ରାମକୁ ବଦନାମ କରାଯାଉଥିବା ନେଇ ଗ୍ରାମବାସୀ ପୁରୀ ଜିଲାପାଳ ଓ ଏସ୍‌ପିଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ, କେତେକ ଗଣମାଧ୍ୟମରେ ଗାଁର ସ୍ନେହକର ପାଟସାହାଣୀଙ୍କୁ ୧୨ବର୍ଷ ଧରି ନିଆଁପାଣି ବାସନ୍ଦ କରାଯାଇଥିବା ନେଇ ଖବର ପ୍ରକାଶ ପାଇଛି। ତେବେ ଗ୍ରାମରେ ଏଭଳି କୌଣସି ଘଟଣା ଘଟି ନାହିଁ ବୋଲି ଉକ୍ତ ଗ୍ରାମ୍ୟ କମିଟିର ସଭାପତି ଅମରେନ୍ଦ୍ର ନାୟକ ଓ ସମ୍ପାଦକ ଡାନିଏଲ ଦାସ କହିଛନ୍ତି। ଉକ୍ତ ଗାଁରେ ଏକ ନିର୍ଦ୍ଦିଷ୍ଟ ସମ୍ପ୍ରଦାୟର ସଂଖ୍ୟାଲଘୁ ପରିବାର ଅତି ଶୃଙ୍ଖଳା ମଧ୍ୟରେ ବସବାସ କରୁଛନ୍ତି। ବହୁ ବର୍ଷ ପୂର୍ବେ ଗ୍ରାମର ଜଣେ ବ୍ୟକ୍ତି ଚର୍ଚ୍ଚ ଜାଗା ଜବରଦଖଲ କରିବାକୁ ନେଇ ଅସନ୍ତୋଷ ପ୍ରକାଶ ପାଇବାରୁ ଗ୍ରାମ ମଧ୍ୟରେ ତାହାକୁ ଆପୋଷ ଆଲୋଚନା କରାଯାଇଥିଲା। ସର୍ବସାଧାରଣ ଜାଗା ଜବରଦଖଲ ହେଉଥିବାରୁ ଯାତାୟାତ ନେଇ ଅସୁବିଧା ହେତୁ ତାଙ୍କୁ ଲୋକେ ବିରୋଧ କରିବାରୁ ଗ୍ରାମବାସୀଙ୍କ ସହ ମିଳାମିଶା କରୁନଥିଲେ। କିନ୍ତୁ ସେ ଇଲେକଟ୍ରୋନିକ୍ସ ମରାମତି କାରିଗର ହୋଇଥିବାରୁ ଏବେବି ସେ ଗ୍ରାମର ବିଭିନ୍ନ ଲୋକଙ୍କ ଘରକୁ ଯାଇ କାର୍ଯ୍ୟ କରୁଛନ୍ତି। ଏପରି ଅବସ୍ଥାରେ କେତେକ ନିନ୍ଦୁକ ଗ୍ରାମବାସୀଙ୍କ ଭାଇଚାରା ପ୍ରତି ଇର୍ଷାନ୍ୱିତ ହୋଇ ଗ୍ରାମରେ କଙ୍ଗାରୁକୋର୍ଟ, ଉକ୍ତ ବ୍ୟକ୍ତିଙ୍କୁ ନିଆଁପାଣି ବାସନ୍ଦ ଆଦି ଅପପ୍ରଚାର କରାଯାଉଛି ବୋଲି ଗ୍ରାମ୍ୟ କମିଟି ଅଭିଯୋଗ କରିଛି। ଗ୍ରାମର ଭାଇଚାରାକୁ ନେଇ କୁତ୍ସାରଟନା କରୁଥିବା ନିନ୍ଦୁକଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ପାଇଁ ଗ୍ରାମବାସୀ ଜିଲାପାଳ ଓ ଏସପିଙ୍କ ନିକଟରେ ଲିଖିତ ଭାବେ ଦାବି ଜଣାଇଛନ୍ତି। ଏ ନେଇ କଂଟି ସରପଞ୍ଚ ମୋନାଲିସା ଶ୍ରୀଚନ୍ଦନ କହିଛନ୍ତି, ନିଆଁପାଣି ବାସନ୍ଦ ଅଭିଯୋଗ ଭିତ୍ତିହୀନ। ଘଟଣାର ନିରପେକ୍ଷ ତଦନ୍ତକରାଯାଉ ବୋଲି ସେ କହିଥିଲେ।



ପୁରୀ ଚନ୍ଦନପୁରର ଦିବ୍ୟଜ୍ୟୋତି ମାର୍ଥା ତାଳପତ୍ରରେ ଉତ୍ତର କାଶୀ ଜଗନ୍ନାଥ ମନ୍ଦିରର କଳାକୃତି ଅଙ୍କନ କରୁଛନ୍ତି । (ଫଟୋ-ଯଜ୍ଞେଶ୍ୱର ମହାନ୍ତି)

# ତମାଖୁମୁକ୍ତ ହେବ ଶିକ୍ଷାନୁଷ୍ଠାନ, ବଡ଼ଦାଣ୍ଡ ଅଞ୍ଚଳ

ପୁରୀ, ୧୩।୭( ଅଜିତ୍ ମହାନ୍ତି)

**କୋଟପା ଆଇନ କଡ଼ାକଡ଼ି ଲାଗୁ କରାଯିବ**

ତମାଖୁମୁକ୍ତ ଯୁବା ଅଭିଯାନ ଉପଲକ୍ଷେ ଜିଲାସ୍ତରୀୟ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲାରେ ତମାଖୁମୁକ୍ତ ଶିକ୍ଷାନୁଷ୍ଠାନ କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରାଯିବ। ଗ୍ରାମପଞ୍ଚାୟତଗୁଡ଼ିକୁ ମଧ ତମାଖୁମୁକ୍ତ କରାଯିବାକୁ ପଦକ୍ଷେପ ନିଆଯିବ। ଏ ନେଇ ସଚେତନତା କରାଯିବା ସହ ଶପଥ ପାଠ କରାଯାଇଥିଲା। କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ପ୍ରଦୀପ କୁମାର ସାହୁ ଅଧ୍ୟକ୍ଷତା କରିଥିଲେ। ତମାଖୁ ମୁକ୍ତ ଶିକ୍ଷାନୁଷ୍ଠାନ, ତମାଖୁ ମୁକ୍ତ ଗ୍ରାମପଞ୍ଚାୟତ ଓ କୋଟପା ଆଇନକୁ କଡ଼ାକଡ଼ି ଭାବେ ପାଳନ କରିବା ପାଇଁ ବୈଠକରେ ନିଷ୍ପତ୍ତି ନିଆଯାଇଛି। ବଡ଼ଦାଣ୍ଡ ଅଞ୍ଚଳରେ ବିଭିନ୍ନ ପ୍ରକାର ସଚେତନତା ଓ ଚଢ଼ାଉ କରାଯାଇ ତମାଖୁମୁକ୍ତ ଅଞ୍ଚଳ କରାଯିବାକୁ ସ୍ଥିର ହୋଇଛି। ବୈଠକରେ ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ବିରଜା ଶଙ୍କର ରଥ, ଅତିରିକ୍ତ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ଲଲଟେନ୍ଦୁ ନାୟକ, ଭେଷଜ ନୀରିକ୍ଷକ ଅଞ୍ଜନ କୁମାର ସାହୁ, ସ୍ୱାସ୍ଥ୍ୟ ଅଧିକାରୀ ଡା. ଅଶୋକ କୁମାର ମିଶ୍ର, ଜିଲା ସମାଜ ମଙ୍ଗଳ ଅଧିକାରୀ ଚିନ୍ମୟୀ ରଥ, ଜିଲା ମତ୍ସ୍ୟ ଅଧିକାରୀ ବିଭୂତି ରଞ୍ଜନ ରାଉତ, କୃଷି ଅଧିକାରୀ ଅଶୋକ କୁମାର ସାହୁ, ସି. ଡି. ମହାରଣା, ମିଶନ ଓଡ଼ିଶା ସମ୍ପାଦକ ମଧୁସୂଦନ ମିଶ୍ର, ସିଟି ଡିଏସ୍‌ପି କେ. କେ. ହରିପ୍ରସାଦ, ଏନ୍‌ଏଚ୍‌ଏମ୍ ଜିଲା ହିସାବ ପରିଚାଳକ ବିଜୟ କୁମାର ନାୟକ, ଅତିରିକ୍ତ ଶିକ୍ଷା ଅଧିକାରୀ ମମତା ମିଶ୍ର, ଆଶା ପରିଚାଳକ ଅଶୋକ କୁମାର ସାହୁ, ଖାଦ୍ୟସୁରକ୍ଷା ଅଧିକାରୀ ବେଦଶ୍ରୀ ସାହୁ ଉପସ୍ଥିତ ଥିଲେ। ଡା. ସୁଶାନ୍ତ କୁମାର ବିଶ୍ୱାଳ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ।



ବୈଠକରେ ଅତିରିକ୍ତ ଜିଲାପାଳ ପ୍ରଦୀପ କୁମାର ସାହୁ ଏବଂ ଅନ୍ୟମାନେ ।

# ଶିକ୍ଷାଦାନ କ୍ଷେତ୍ରରେ ଉଦାହରଣ ସୃଷ୍ଟି କରିବ ସତ୍ୟବାଦୀ

ସାକ୍ଷୀଗୋପାଳ, ୧୩।୭(ପ୍ରଶାନ୍ତ ବାରିକ/କିଶୋର ମହାପାତ୍ର)

**ସତ୍ୟବାଦୀ ବ୍ଲକ ଏଲିମେଣ୍ଟାରୀ ଶିକ୍ଷକ ସଂଘ ବୈଠକ**

ସତ୍ୟବାଦୀ ବ୍ଲକର ଏଲିମେଣ୍ଟାରୀ ଶିକ୍ଷକ ସଂଘର ଏକ ବୈଠକ ଗୁରୁବାର ସ୍ଥାନୀୟ ଶ୍ରୀରାମଚନ୍ଦ୍ରପୁର ନୋଡାଲ ଉ:ପ୍ରା ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ସଂଘର ଆବାହକ ସୁନିଲ ବେହେରା ଏଥିରେ ଅଧ୍ୟକ୍ଷତା କରିଥିଲେ। ଏଥିରେ ସତ୍ୟବାଦୀର ବିଭିନ୍ନ ସଙ୍ଘ ସଭାପତି, ସମ୍ପାଦକ ଓ କମିଟି ସଭ୍ୟାସଭ୍ୟ ପ୍ରମୁଖ ଉପସ୍ଥିତ ଥିଲେ। ଅବସରପ୍ରାପ୍ତ ଶିକ୍ଷକ ଦୁର୍ଗା ପ୍ରସାଦ ମିଶ୍ରଙ୍କ ସଭାପତିତ୍ୱରେ ହେଉଥିବା ସଭାରେ ବରିଷ୍ଠ ଶିକ୍ଷକ ସନ୍ତୋଷ ତ୍ରିପାଠୀ, ସୋମନାଥ ନନ୍ଦ, ଗୋବିନ୍ଦ ଚନ୍ଦ୍ର ପ୍ରଧାନ, ରାମଚନ୍ଦ୍ର ଦାଶ, ଦିବ୍ୟରଞ୍ଜନ ଦାଶ, ସିବାରମ ଖଟେଇ, ପୂର୍ଣ୍ଣଚନ୍ଦ୍ର ବେହେରା ପ୍ରମୁଖ ଯୋଗଦେଇଥିଲେ। ଶିକ୍ଷକ ସଙ୍ଗଠନକୁ ଦୃଢ଼ କରିବା ସହ ଶିକ୍ଷାଦାନ କ୍ଷେତ୍ରରେ ସତ୍ୟବାଦୀ ସମଗ୍ର ରାଜ୍ୟରେ ଆଗାମୀ ଦିନରେ ଏକ ଉଦାହରଣ ସୃଷ୍ଟି କରିବା ଦିଗରେ ସମସ୍ତେ ଏକ ହୋଇ କାର୍ଯ୍ୟ କରିବାକୁ ଅତିଥିମାନେ ଗୁରୁତ୍ୱାରୋପ କରିଥିଲେ। ୨୦୧୯ ସେପ୍ଟେମ୍ବର ୫ରେ ସ୍ଥାନୀୟ ଏକ ମଣ୍ଡପରେ ଶିକ୍ଷକ ସମ୍ବର୍ଦ୍ଧନା ଉତ୍ସବ ଆୟୋଜିତ ହୋଇଥିଲା। ସେଥିରେ ସତ୍ୟବାଦୀ ବିଧାୟକ ଶିକ୍ଷକ ସଂଘର ଏକ ଗୃହ ନିର୍ମାଣ ନିମନ୍ତେ ୧୦ ଲକ୍ଷ ଟଙ୍କାର ସହାୟତା ଘୋଷଣା ହୋଇଥିଲେ ମଧ ଅଦ୍ୟାବଧି ତାହା ହୋଇ ନ ଥିବାରୁ ସଂଘ ପୁନର୍ବାର ବିଧାୟକ ସାମନ୍ତରାୟଙ୍କୁ ଭେଟି ଏ ଦିଗରେ ଆଲୋଚନା କରିବ। ଆବଶ୍ୟକ ପଡିଲେ ଶିକ୍ଷକମାନେ ଡୋନେସନ ଦେଇ ସଂଘ ଗୃହ ନିର୍ମାଣ କରିବେ ବୋଲି ବୈଠକରେ ନିଷ୍ପତ୍ତି ହୋଇଛି। ବିଦ୍ୟାଳୟରେ ଖାଲି ପଡ଼ିଥିବା ଶିକ୍ଷକ ପଦବୀ ପୂରଣ ସହ ଉନ୍ନତ ଶିକ୍ଷା ଦାନ ଉପରେ ବରିଷ୍ଠ ଶିକ୍ଷକ ସୁକାନ୍ତ ମିଶ୍ର ଗୁରୁତ୍ୱାରୋପ କରିଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ବିଜୟଲକ୍ଷ୍ମୀ ଦେବୀ ଧନ୍ୟବାଦ ଦେଇଥିଲେ।



ସତ୍ୟବାଦୀର ଶ୍ରୀରାମଚନ୍ଦ୍ରପୁର ନୋଡାଲ ଉପ୍ରା ବିଦ୍ୟାଳୟରେ ଏଲିମେଣ୍ଟାରୀ ଶିକ୍ଷକ ସଂଘର ବୈଠକରେ ଯୋଗ ଦେଇଥିବା ଶିକ୍ଷୟିତ୍ରୀ ଶିକ୍ଷକ।

## ସଂକ୍ଷେପରେ

### ସାପ କାମୁଡ଼ାରେ ଛାତ୍ରୀ ମୃତ

**ଖୁଣ୍ଟୁଣୀ,୧୩।୭(ସଚ୍ଚିଦାନନ୍ଦ ପଣ୍ଡା):** ଖୁଣ୍ଟୁଣୀ ଥାନା ଅନ୍ତର୍ଗତ ରାଧାକୃଷ୍ଣପୁର ପଞ୍ଚାୟତର ପାଦପଥର ଆଦିବାସୀପଡ଼ା ଗ୍ରାମରେ ଜଣେ କଲେଜ ଛାତ୍ରୀଙ୍କ ଏକ ସାପ କାମୁଡ଼ାରେ ମୃତ୍ୟୁ ଘଟିଛି। ସେ ହେଲେ ଏହି ଥାନା ପାଦପଥର ଗ୍ରାମର ବାସନ୍ତୀ କୁଦାତା (୧୬)। ସୂଚନା ମୁତାବକ, ବାସନ୍ତୀ ବୁଧବାର ରାତିରେ ନିଜ ମା' ଭଉଣୀଙ୍କ ସହିତ ଘରେ ଶୋଇଥିଲେ। ଏହି ସମୟରେ ଏକ ଚିତି ସାପ ଆସି ବାସନ୍ତୀଙ୍କୁ କାମୁଡ଼ି ଦେଇଥିଲା। ବାସନ୍ତୀ ତୁରନ୍ତ ଉଠି ପରିବାର ଲୋକଙ୍କୁ କହିବାରେ ବାପା ମା ଉଠି ଏକ ଚିତି ସାପ ଦେଖିଥିଲେ। ସାପକୁ ସେମାନେ କାବୁ କରି ରଖିବା ସହ ବାସନ୍ତୀଙ୍କୁ ତୁରନ୍ତ ଏକ ଅଟୋ ଯୋଗେ ଚିକିତ୍ସା ପାଇଁ ଆଠଗଡ଼ ଉପଖଣ୍ଡ ଚିକିତ୍ସାଳୟକୁ ନେଇ ଭର୍ତ୍ତି କରିଥିଲେ। ସେଠାରେ ଅବସ୍ଥା ଗୁରୁତର ହେବାରୁ ଡାକ୍ତର ତାଙ୍କୁ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରିଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଗୁରୁବାର ବାସନ୍ତୀଙ୍କ ମୃତ୍ୟୁ ଘଟିଥିବା ଜଣାପଡିଛି। ରାତିରେ ବଡ଼ଡାକ୍ତରଖାନାରୁ ବାସନ୍ତୀଙ୍କ ମୃତଦେହ ବ୍ୟବଚ୍ଛେଦ ହୋଇ ଆସିବା ପରେ ଗ୍ରାମ ଶ୍ମଶାନରେ ସତ୍କାର କରାଯାଇଛି। ବାସନ୍ତୀଙ୍କ ଅକାଳ ମୃତ୍ୟୁରେ ପାଦପଥର ସମେତ ତାଙ୍କର କଲେଜ ସହପାଠିନୀ ଓ ଆଖପାଖ ଗ୍ରାମରେ ଶୋକରଛାୟା ଖେଳିଯାଇଛି।

### ହୋଲ ମାର୍ଟ ଲୁଗା ବଜାରକୁ ସିଲ କଲା ସିଏମ୍‌ସି

**କଟକ,୧୩।୭(ସୁପ୍ରିୟା ପ୍ରିୟଦର୍ଶିନୀ):** କଟକ ମହାନଗର ନିଗମ (ସିଏମସି) ଏନଫୋର୍ସମେଣ୍ଟ ଟିମ ପକ୍ଷରୁ ସିଡିଏ ସେକ୍ଟର-୭ ଅଞ୍ଚଳରେ ଥିବା ହୋଲ ମାର୍ଟ ଲୁଗାବଜାରରେ ଚଡ଼ାଉ କରାଯାଇଛି। ସହକାରୀ କମିସନର ତ୍ରିଶୂଳ ମାଦ୍ରିଙ୍କ ନେତୃତ୍ୱରେ ଏହି ଚଡ଼ାଉ ହୋଇଥିଲା। ଦୀର୍ଘଦିନ ଧରି ଟ୍ରେଡ ଲାଇସେନ୍ସ ଏବଂ ୟୁଜର୍ସ ଫି ବାବଦକୁ ସମ୍ପୃକ୍ତ ସଂସ୍ଥା ବକେୟା ଟିକସ ଅର୍ଥ ପୈଠ କରି ନଥିବାରୁ ସିଲ୍ କରିଦିଆଯାଇଛି। ମର୍କତନଗର ଥାନା ପୋଲିସ ସହଯୋଗ କରିଥିବାବେଳେ ସିଏମ୍‌ସି ଏନଫୋର୍ସମେଣ୍ଟ ବିଭାଗର ପ୍ରଫୁଲ୍ଲ ମଙ୍ଗଳ ପ୍ରମୁଖ ଉପସ୍ଥିତ ଥିଲେ। ତେବେ ଚଡ଼ାଉ ପରେ ସମ୍ପୃକ୍ତ ସଂସ୍ଥା ୭୦ ହଜାର ଟଙ୍କାର ଟ୍ରେଡ ଲାଇସେନ୍ସ ବାବଦକୁ ଟିକସ ସିଏମ୍‌ସିରେ ଦାଖଲ କରିଛି ।

### ବିଦ୍ୟାଳୟକୁ ମିଳିଲା +୨ ମାନ୍ୟତା

**ଚୌଦ୍ୱାର,୧୩।୭(ଆଶୁତୋଷ ଦାସ):** ଚୌଦ୍ୱାର ନିକଟ ବାଣୀପଦାସ୍ଥିତ ଉତ୍କଳ ଇଣ୍ଟର ନ୍ୟାଶନାଲ ସ୍କୁଲକୁ ସିବିଏସ୍‌ଇ ପାଠ୍ୟକ୍ରମରେ +୨ ଶ୍ରେଣୀ ଖୋଲିବା ପାଇଁ ମାନ୍ୟତା ମିଳିଥିବା ଜଣାପଡ଼ିଛି। ବିଦ୍ୟାଳୟର ମୁଖ୍ୟ ଗଣେଶ ପ୍ରସାଦ ବେହେରା ସୂଚନା ଦେଇଛନ୍ତି ଯେ, କେନ୍ଦ୍ରୀୟ ଉଚ୍ଚ ମାଧମିକ ଶିକ୍ଷା ବୋର୍ଡ ତରଫରୁ ବିଦ୍ୟାଳୟକୁ ସିବିଏସ୍‌ଇ /୧୫୩୦୩୭୧/ଏସ୍‌ଏସ୍ ୯୦୫୧୯-୨୩-୨୪ ତା ୧୧.୭.୨୩ ମାଧମରେ ଏସମ୍ପର୍କରେ ଜଣାଇ ଦିଆଯାଇଛି। ଏ ଖବର ପ୍ରଚାରିତ ହେବାରେ ଚୌଦ୍ୱାର ଅଞ୍ଚଳରେ ଛାତ୍ରୀଛାତ୍ର ଓ ଅଭିଭାବକମାନଙ୍କ ମଧ୍ୟରେ ଆନନ୍ଦ ପ୍ରକାଶ ପାଇଛି। ଏହି +୨ ଶ୍ରେଣୀରେ ବିଜ୍ଞାନ, କଳା ଓ ବାଣିଜ୍ୟ ବିଭାଗରେ ଛାତ୍ରୀଛାତ୍ରମାନେ ନାମ ଲେଖାଇପାରିବେ ବୋଲି ଗୁରୁବାର ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ପରିଚାଳନା କମିଟି ଉପଦେଷ୍ଟା ସୁବ୍ରତ ସାମଲ ସୂଚନା ଦେଇଛନ୍ତି।

### ଉତ୍କଳ ବିକାଶ ପରିଷଦ ପକ୍ଷରୁ ମିଶନ ଶକ୍ତି ବିଭାଗକୁ ଦାବିପତ୍ର

**କଟକ ସଦର,୧୩।୭(ସୁଶାନ୍ତ କୁମାର ଜେନା):** କଟକ ସଦର ବ୍ଲକ ଅଞ୍ଚଳର ଅଗ୍ରଣୀ ସାମାଜିକ ସଂଗଠନ ଉତ୍କଳ ବିକାଶ ପରିଷଦ ପକ୍ଷରୁ ସଭାପତି ଯୁବ ସମାଜସେବୀ ଇଂ.ପ୍ରକାଶ ଚନ୍ଦ୍ର ସେଠୀଙ୍କ ନେତୃତ୍ୱରେ ଏକ ଦାବିପତ୍ର ଜୀବିକା ମିଶନର ନିର୍ଦ୍ଦେଶକଙ୍କୁ ଭୁବନେଶ୍ୱରରେ ବୁଧବାର ପ୍ରଦାନ କରାଯାଇଥିଲା। ଏହି ଦାବିପତ୍ରରେ ମିଶନ ଶକ୍ତି ଯୋଜନାରେ ନିଯୁକ୍ତ କର୍ମଚାରୀ ଯଥା ସିଆରପି ଓ ଏମବିକେ ଆଦି ବିଜୁ ଜନତା ଦଳ(ବିଜେଡି)ର ପ୍ରଚାର ଓ ପ୍ରସାରରୁ ନିବୃତ ରହି ଓଡ଼ିଶା ପାଇଁ ପ୍ରଶାସନ ନିୟମ ଅନୁଯାୟୀ କାମ କରିବାକୁ ଏବଂ ସଦର ବିଧାୟକଙ୍କ ପ୍ରଚାରଠାରୁ ଦୂରରେ ରହିବାକୁ ଉଲ୍ଲେଖ କରାଯାଇଛି। ପରିଷଦ ପକ୍ଷରୁ ଜୟନ୍ତୀ ସାହୁ, ଆଶୋକ ସାହୁ, ଦେବୀପ୍ରସାଦ ପତି, ସୁଧାଂଶୁ ଶେଖର ପଣ୍ଡା, ଆଶୋକ ମହାନ୍ତି, ଗାନ୍ଧୀ ଗୁରୁ ଦାସ ପ୍ରମୁଖ ଦାବିପତ୍ର ପ୍ରଦାନ ସମୟରେ ଉପସ୍ଥିତ ଥିଲେ। ଏହାର ତଦନ୍ତ କରାଯାଇ ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ବିଭାଗୀୟ କର୍ତ୍ତୃପକ୍ଷ ପରିଷଦର କାର୍ଯ୍ୟକର୍ତ୍ତା ବର୍ଗଙ୍କୁ ପ୍ରତିଶ୍ରୁତି ଦେଇଥିବା ସେଠୀ ଜଣାଇଛନ୍ତି।

# ହାଇକୋର୍ଟରେ ଫଇସଲା ହାର ୧୨୬.୬୬% ବୃଦ୍ଧି

## ଇ-ବ୍ୟବସ୍ଥା ଆଣିଲା ସଫଳତା



**କଟକ,୧୩।୭ (କାର୍ତ୍ତିକ ସାହୁ)**

ଓଡ଼ିଶା ହାଇକୋର୍ଟ ଚଳିତ ବର୍ଷର ପ୍ରଥମାର୍ଦ୍ଧ ଜାନୁୟାରୀରୁ ଜୁନ୍ ପର୍ଯ୍ୟନ୍ତ ମାମଲାଗୁଡ଼ିକର ବିଚାର ଓ ଫଇସଲାରେ ରେକର୍ଡ ସଂଖ୍ୟକ ଫଳ ପ୍ରଦର୍ଶନ କରିଛି। ୨୦୨୧ ଓ ୨୦୨୨ ବର୍ଷ ତୁଳନାରେ ୨୦୨୩ରେ ଅଦ୍ୟାବଧି ବିଚାର ବିଭାଗରେ ଯଥେଷ୍ଟ ଉନ୍ନତି ସାଧିତ ହୋଇଥିବା ଜଣାପଡ଼ିଛି। ହାଇକୋର୍ଟ ପକ୍ଷରୁ ଗ୍ରହଣ କରାଯାଇଥିବା ଇ-କୋର୍ଟ, ଇ-ଫାଇଲିଂ ଆଦି ବ୍ୟବସ୍ଥା ଦ୍ୱାରା ଉଭୟ ହାଇକୋର୍ଟ ଓ ଜିଲା କୋର୍ଟଗୁଡ଼ିକରେ ବିଚାର ପ୍ରକ୍ରିୟା ଦ୍ୱରାନ୍ୱିତ ହେବା ସହ ମାମଲା ଫଇସଲା ହାର ବୃଦ୍ଧି ପାଇ ପଡ଼ିରହିଥିବା ମାମଲା ସଂଖ୍ୟା ବହୁ ଭାବେ ହ୍ରାସ ପାଇଥିବା ହାଇକୋର୍ଟ ପକ୍ଷରୁ ପ୍ରଦତ୍ତ ପ୍ରେସ୍ ଇସ୍ତାହାରରୁ ଜଣାଯାଇଛି।

୨୦୨୩ର ପ୍ରଥମାର୍ଦ୍ଧରେ ୧୩୬୮ଟି ରାୟ ପ୍ରକାଶ ପାଇଥିବା ବେଳେ ୨୦୨୧ରେ ୩୪୧ ଓ ୨୦୨୨ରେ ୯୮୨ଟି ରାୟ ପ୍ରକାଶ ପାଇଥିଲା। ୨୦୨୧ରେ ୪୨,୨୭୮ଟି ମାମଲା ପଞ୍ଜୀକରଣ ହୋଇଥିବା ବେଳେ ୩୯,୨୫୯ଟି ଫଇସଲା ହୋଇଥିଲା। ସେହିପରି ୨୦୨୨ରେ ୫୩,୧୫୫ଟି ମାମଲା ପଞ୍ଜୀକରଣ ହୋଇଥିବା ବେଳେ ୫୯,୮୫୦ଟି ମାମଲା ଫଇସଲା ହୋଇଥିଲା। ହେଲେ ୨୦୨୩ ଜୁନ୍ ଯାଏ ୪୯,୬୩୫ ମାମଲା ପଞ୍ଜୀକୃତ ହୋଇଥିବା ବେଳେ ୬୨,୮୬୯ଟି ମାମଲା ଫଇସଲା ହୋଇଛି। ଫଳରେ ମାମଲା ଫଇସଲା ହାର ୨୦୨୧ରେ ୯୨.୮୫%, ୨୦୨୨ରେ ୧୧୨.୫୯% ହୋଇଥିବା ବେଳେ ୨୦୨୩ ପ୍ରଥମାର୍ଦ୍ଧରେ ୧୨୬.୬୬% ହୋଇଛି। ମାମଲା ଫଇସଲା ହାର ବୃଦ୍ଧି ପାଇବା କାରଣରୁ ବିଚାର ନହୋଇ ପଡ଼ିରହିଥିବା ମାମଲା ସଂଖ୍ୟା ବହୁ ଭାବେ ହ୍ରାସ ପାଇଛି। ୨୦୨୨ ଜୁନ୍‌ରେ ପଡ଼ିରହିଥିବା ମାମଲା ସଂଖ୍ୟା ୧,୮୯,୮୪୭ ଥିବା ବେଳେ ୨୦୨୩ ଜୁନ୍ ୩୦ରେ ଏହି ସଂଖ୍ୟା ୧,୪୬,୫୮୨ ହୋଇଛି। ହାଇକୋର୍ଟ ପକ୍ଷରୁ ନିଆଯାଇଥିବା ଇ-ପଦକ୍ଷେପଗୁଡ଼ିକ ଯୋଗୁ ଏସବୁ ସମ୍ଭବ ହୋଇପାରିଛି। କୋର୍ଟର କାର୍ଯ୍ୟ ଦିବସ ନଷ୍ଟ ନହୋଇ ବିଚାର ପ୍ରକ୍ରିୟା ଦ୍ୱରାନ୍ୱିତ ହୋଇଛି।

ସେହିପରି ଜିଲାର କୋର୍ଟଗୁଡ଼ିକରେ ମଧ୍ୟ ମାମଲା ଫଇସଲାର ହାର ବୃଦ୍ଧି ପାଇଛି। ୨୦୨୧ରେ ୧,୮୯,୩୧୫ ମାମଲା ପଞ୍ଜୀକରଣ ହୋଇଥିବା ବେଳେ ୯୦,୨୩୮ ମାମଲା ଫଇସଲା ହୋଇଥିଲା। ୨୦୨୨ରେ ୨,୩୫,୬୨୦ ମାମଲା ପଞ୍ଜୀକରଣ ହୋଇଥିବାବେଳେ ୧,୫୫,୭୧୨ ମାମଲା ଫଇସଲା ହୋଇଥିଲା। ହେଲେ ୨୦୨୩ ଜୁନ୍ ବେଳକୁ ୨,୩୨,୩୬୩ ମାମଲା ପଞ୍ଜୀକରଣ ହୋଇଥିବା ବେଳେ ୨,୦୨,୨୧୦ ମାମଲା ଫଇସଲା ହୋଇଥିବା ଜଣାଯାଇଛି। ସେହିପରି ଜିଲାର କୋର୍ଟଗୁଡ଼ିକରେ ୨୦୨୧ରେ ୩୬,୪୦୩ଟି, ୨୦୨୨ରେ ୬୦,୬୩୨ଟି ରାୟ ପ୍ରଦାନ ହୋଇଥିବା ବେଳେ ୨୦୨୩ ଜୁନ୍ ସୁଦ୍ଧା ୭୧,୩୬୮ଟି ମାମଲାର ରାୟ ପ୍ରକାଶ ପାଇଛି। ଏଥିସହ ବିଚାର ନ ହୋଇ ପଡ଼ିରହିଥିବା ମାମଲା ସଂଖ୍ୟା ୨୦୨୨ ଜୁନ୍‌ରେ ୧୮,୬୮,୮୯୭ ଥିବା ବେଳେ ୨୦୨୩ ଜୁନ୍‌ରେ ଏହା ୧୮,୫୬,୨୫୩କୁ ହ୍ରାସ ପାଇଛି। ସେହିପରି ବିଭିନ୍ନ କାରଣରୁ କାର୍ଯ୍ୟ ଦିବସ ନଷ୍ଟ ୨୦୨୧ ଓ ୨୦୨୨ ତୁଳନାରେ ୨୦୨୩ରେ ନଗଣ୍ୟ ହୋଇଛି।



କଟକ ଦୋଳମୁଣ୍ଡାଇ ରାସ୍ତାରେ ଗୁରୁବାର ରାତିରେ ଏକ ଟ୍ରକ୍‌ରେ କ୍ରେନ୍ ନେଇ ଯାଉଥିବାବେଳେ ବିଦ୍ୟୁତ୍ ତାର ଲାଗି ଖୁଣ୍ଟ ଉପୁଡ଼ି ପଡ଼ିଛି।




ସିଡିଏଫ୍‌ସିର ଆଞ୍ଚଳିକ ସଦସ୍ୟଙ୍କୁ ବହିଷ୍କାର ଓ ଗିରଫ ଦାବିରେ ରାଜ୍ୟ ଅନୁସୂଚିତ ଜାତି ଜନଜାତି ପଛୁଆବର୍ଗ ସଂଖ୍ୟାଲଘୁ ସମ୍ପ୍ରଦାୟ ସମିତି ପକ୍ଷରୁ ଗୁରୁବାର ବକ୍ସିବଜାରସ୍ଥିତ ଚଳଚ୍ଚିତ୍ର ଭବନ ସମ୍ମୁଖରେ ଧାରଣା ଦିଆଯାଇଛି।

# ଜଷ୍ଟିସ ବିଶ୍ୱନାଥ ରଥ ପାଇବେ ମହାନ ସନ୍ତାନ ପୁରସ୍କାର

## ୧୬ରେ ଆଇସିଓଆଇ ସମ୍ମିଳନୀ

**କଟକ,୧୩।୭(ସୁପ୍ରିୟା ପ୍ରିୟଦର୍ଶିନୀ)**



ଜଷ୍ଟିସ ବିଶ୍ୱନାଥ ରଥ

ଇଣ୍ଡିଆନ କନଫରେନ୍ସ ଅଫ୍ ଇଣ୍ଟେଲେକଚୁଆଲ (ଆଇସିଓଆଇ) ପକ୍ଷରୁ ଓଡ଼ିଶା ହାଇକୋର୍ଟ ବିଚାରପତି ଜଷ୍ଟିସ ବିଶ୍ୱନାଥ ରଥଙ୍କୁ ପୁରସ୍କାର ପ୍ରଦାନ କରାଯିବ। ଆସନ୍ତା ୧୬ତାରିଖରେ ନୂଆଦିଲ୍ଲୀରଠାରେ ଆଇସିଓଆଇ ସମ୍ମିଳନୀ ଅନୁଷ୍ଠିତ ହେବ। ଏହି ଅବସରରେ ଦେଶର କେତେଜଣ ବିଶିଷ୍ଟ ବ୍ୟକ୍ତିବିଶେଷଙ୍କୁ ଗ୍ରେଟ ସନ୍ ଅଫ୍ ଇଣ୍ଡିଆ ଓ ଗ୍ରେଟ ଡଟର ଅଫ୍ ଇଣ୍ଡିଆ(ଦେଶର ମହାନ ସନ୍ତାନ)ପୁରସ୍କାର ପ୍ରଦାନ କରାଯିବ। ଆଇସିଓଆଇ ପକ୍ଷରୁ ଓଡିଶା ହାଇକୋର୍ଟ ବିଚାରପତି ଜଷ୍ଟିସ ବିଶ୍ୱନାଥ ରଥଙ୍କୁ ମଧ୍ୟ ଉକ୍ତ ପୁରସ୍କାର ପ୍ରଦାନ କରାଯିବ। ଇଣ୍ଡିଆନ କନଫରେନ୍ସ ଅଫ୍ ଇଣ୍ଟେଲକଚୁଆଲ ସଂଗଠନ ସଭାପତି ସୁପ୍ରିମକୋର୍ଟର ପୂର୍ବତନ ବିଚାରପତି ତଥା ଓଡ଼ିଶା ହାଇକୋର୍ଟର ପୂର୍ବତନ ମୁଖ୍ୟ ବିଚାରପତି ଜଷ୍ଟିସ ଭି.ଗୋପାଳଗୌଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ସୁପ୍ରିମକୋର୍ଟ ବିଚାରପତି ଜଷ୍ଟିସ ପ୍ରଶାନ୍ତ କୁମାର ମିଶ୍ର ଓ ଛତିଶଗଡ ରାଜ୍ୟପାଳ ବିଶ୍ୱଭୂଷଣ ହରିଚନ୍ଦନ ପ୍ରମୁଖ ଅତିଥି ଭାବେ ଯୋଗଦେବେ।

# ୩ ମାସରେ ୪କୋଟି ଟଙ୍କାର ଟିକସ ସଂଗ୍ରହ

## ସିଏମ୍‌ସି ଲାଇସେନ୍ସ ଷ୍ଟାଣ୍ଡିଂ କମିଟି ବୈଠକ

**କଟକ,୧୩ ।୭(ସୁପ୍ରିୟା ପ୍ରିୟଦର୍ଶିନୀ)**

ତିନି ମାସ ମଧ୍ୟରେ ମହାନଗର ନିଗମ (ସିଏମ୍‌ସି)ର ରାଜସ୍ୱ ଆଦାୟରେ ଅଭିବୃଦ୍ଧି ଘଟିଛି । ଗତ ୩ ମାସରେ ଲାଇସେନ୍ସ ବିଭାଗର ଦ୍ୱାରା ୪କୋଟି ଟଙ୍କାର ଟିକସ ସଂଗ୍ରହ କରାଯାଇଛି। ସେହିପରି ସ୍ୱଚ୍ଛସାଥୀମାନେ ପ୍ରତି ୱାର୍ଡ ଅଞ୍ଚଳରେ ଥିବା ଛୋଟ ବଡ଼ ବ୍ୟବସାୟ ପ୍ରତିଷ୍ଠାନଗୁଡିକର ତାଲିକା ପ୍ରସ୍ତୁତି କରି ସିଏମ୍‌ସି ନିକଟରେ ଦାଖଲ କରିବେ। ପରେ ସିଏମସି ଦ୍ୱାରା ସେମାନଙ୍କର ଲାଇସେନ୍ସ ଅଛି କି ନାହିଁ ଯାଞ୍ଚ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ସ୍ଥିର ହୋଇଥିଲା। ଯେଉଁମାନେ ଟ୍ରେଡ ଲାଇସେନ୍ସ କରିନାହାନ୍ତି, ସେମାନଙ୍କୁ ଅଗଷ୍ଟ ୧୫ ତାରିଖ ପର୍ଯ୍ୟନ୍ତ ସମୟ ଦିଆଯାଇଛି। ସମ୍ପୃକ୍ତ ବ୍ୟବସାୟୀ ଭାବେ ଟ୍ରେଡ ଲାଇସେନ୍ସ କରିବା ସହ ବକେୟା ଦେୟ ପୈଠ କରିବାକୁ ଗୁରୁବାର ଲାଇସେନ୍ସ ଷ୍ଟାଣ୍ଡିଂ କମିଟିର ବୈଠକରେ ନିଷ୍ପତ୍ତି ନିଆଯାଇଛି। ବିଜୁ ଭବନରେ କମିଟିର ଅଧ୍ୟକ୍ଷା ଏ ଶ୍ରୀଦେବୀ ବୈଠକରେ ପୌରୋହିତ୍ୟ କରିଥିଲେ। ବୈଠକରେ ଗତ ୩ମାସ ମଧ୍ୟରେ ଲାଇସେନ୍ସ ଏବଂ ୟୁଜର୍ସ ଫି ବାବଦକୁ ଆଦାୟ ହୋଇଥିବା ରାଜସ୍ୱ ନେଇ ଆଲୋଚନା ହୋଇଥିଲା। ସେହିଭଳି କିଲଖାନାରେ ବ୍ୟବସାୟୀଙ୍କଠାରୁ ମନଇଚ୍ଛା ଫି ଆଦାୟ କରାଯିବାକୁ ନେଇ ବୈଠକରେ ଅସନ୍ତୋଷ ପ୍ରକାଶ ପାଇଥିଲା। ପ୍ରତି ଖାସି ପିଛା ୩୦ ଟଙ୍କା ଲେଖାଏ ଫି ସିଏମସି ଦ୍ୱାରା ଧାର୍ଯ୍ୟ ହୋଇଥିବା ବେଳେ ଟେଣ୍ଡର ନେଇଥିବା ସଂସ୍ଥା ୭୦ରୁ ୮୦ ଟଙ୍କା ଆଦାୟ କରୁଥିବା କମିଟିର ସଦସ୍ୟ ଗଗନ ଓଝା ଅଭିଯୋଗ କରିଥିଲେ ।

# ଗୌରୀଶଙ୍କରଙ୍କ ଦୃଷ୍ଟିଭଙ୍ଗୀ ଓଡ଼ିଶା ନିର୍ମାଣରେ ସହାୟକ ଥିଲା

**କଟକ,୧୩।୭(ସୁପ୍ରିୟା ପ୍ରିୟଦର୍ଶିନୀ)**



ସ୍ୱାଧୀନତା ସଂଗ୍ରାମୀ ପଦ୍ମଚରଣ ନାୟକ ଓ ବରିଷ୍ଠ ସାମ୍ବାଦିକ କାନନ୍ ଦାଶଙ୍କୁ ସମ୍ମାନିତ କରାଯାଉଛି।

## କର୍ମବୀର ଗୌରୀଶଙ୍କର ରାୟଙ୍କ ଜୟନ୍ତୀ ପାଳିତ

ଓଡ଼ିଆ ଭାଷା-ସାହିତ୍ୟର ପୃଷ୍ଠପୋଷକ କର୍ମବୀର ଗୌରୀଶଙ୍କର ରାୟଙ୍କ ବ୍ୟକ୍ତିତ୍ୱ ଥିଲା ବହୁମୁଖୀ ଏବଂ ତାଙ୍କ ଜୀବନ ଥିଲା ସଂଘର୍ଷମୟ। କଟକରେ ଜନ୍ମିତ ଗୌରୀଶଙ୍କର ଶିକ୍ଷକତାରୁ କର୍ମମୟ ଜୀବନ ଆରମ୍ଭ କରିଥିଲେ। ଗୌରୀଶଙ୍କରଙ୍କ ଦୃଷ୍ଟିଭଙ୍ଗୀ ଆଧୁନିକ ଓଡ଼ିଶା ନିର୍ମାଣରେ ଯଥେଷ୍ଟ ସହାୟକ ହୋଇଥିଲା। ତାଙ୍କ ଦ୍ୱାରା ପ୍ରତିଷ୍ଠିତ ପ୍ରଥମ ସାପ୍ତାହିକ ଓଡ଼ିଆ ଖବର କାଗଜ ଉତ୍କଳ ଦୀପିକା ଓଡ଼ିଶା ପ୍ରଦେଶ ଗଠନରେ ସ୍ୱତନ୍ତ୍ର ଭୂମିକା ଗ୍ରହଣ କରିବା ସହ ଓଡ଼ିଆ ଭାଷାର ପ୍ରଚଳନ ଓ ଓଡ଼ିଆ ଭାଷା ସାହିତ୍ୟକୁ ନୂତନ ଦିଗ୍‌ଦର୍ଶନ ଦେଇପାରିଥିବା ବେଳେ ନାରୀ ଶିକ୍ଷା ପ୍ରସାରରେ ତାଙ୍କର ପ୍ରଚେଷ୍ଟା ସ୍ମରଣୀୟ ବୋଲି ଗୁରୁବାର ଗୌରୀଶଙ୍କର ରାୟଙ୍କ ୧୮୫ ତମ ଜୟନ୍ତୀ ଶ୍ରୀରାମଚନ୍ଦ୍ର ଭବନରେ ପାଳନ ଅବସରରେ ତାଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣପୂର୍ବକ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରି ଅତିଥିମାନେ ଉପରୋକ୍ତ ବିଷୟ ପ୍ରକାଶ କରିଛନ୍ତି।

ଏହି ଅବସରରେ କଟକ ମହାନଗର ନିଗମ ମେୟରସୁବାସ ଚନ୍ଦ୍ର ସିଂ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଗୌରୀଶଙ୍କରଙ୍କ ନିର୍ଭୀକତା ଓ ନିରପେକ୍ଷତା ଓଡ଼ିଆ ଜନଜୀବନକୁ ପରିପୁଷ୍ଟ କରିବା ସହ ଓଡ଼ିଆ ଭାଷା ସାହିତ୍ୟ ସୁରକ୍ଷାରେ ତାଙ୍କର ଅନବଦ୍ୟ ଭୂମିକା ଥିଲା ବୋଲି କହିଥିଲେ। ସଭାରେ ଜିଲାପାଳ ଡ. ଭବାନୀ ଶଙ୍କର ଚୟନୀ ସମ୍ମାନିତ ଅତିଥିଭାବେ ଯୋଗଦେଇ କହିଥିଲେ, ଗୌରୀଶଙ୍କରଙ୍କ ସାମାଜିକ ଓ ସାଂସ୍କୃତିକ ଜନଜୀବନ ତଥା ସମାଜସେବା କ୍ଷେତ୍ରରେ ଏକ ନୂତନ ଆଭିମୁଖ୍ୟର ପରମ୍ପରା ସୃଷ୍ଟି କରିଥିଲେ। ସୂଚନା ଓ ଲୋକ ସମ୍ପର୍କ ବିଭାଗର ଉପନିର୍ଦ୍ଦେଶକ ଲଲାଟେନ୍ଦୁ ମହାପାତ୍ର, କର୍ମବୀର ଗୌରୀଶଙ୍କର ରାୟ ସ୍ମୃତି ସଂସଦର କାର୍ଯ୍ୟକାରୀ ସଭାପତି ବାବାଜୀ ପଟ୍ଟନାୟକ, ସିଏମ୍‌ସି କର୍ପୋରେଟର ଇଂ ମହମ୍ମଦ ଇଫ୍‌ତିକର ଆଲମ, କର୍ପୋରେଟର କ୍ୟୁରେସା ନୁର, ମହାନଗର ନିଗମ ବୃକ୍ଷରୋପଣ ଷ୍ଟାଣ୍ଡିଂ କମିଟି ଅଧକ୍ଷ ମୋନାଲିସା ଦାସ, ଉପଆୟୁକ୍ତ କଟକ ମହାନର ନିଗମ ଅଜୟ ମହାନ୍ତି, ଜିଲା ସଂସ୍କୃତି ଅଧିକାରୀ ନଳିନୀକାନ୍ତ ସାହୁ, କର୍ମବୀର ଗୌରୀଶଙ୍କର ରାୟ ସ୍ମୃତି ସଂସଦର ସମ୍ପାଦକ ଇନ୍ଦ୍ରଜିତ ଘୋଷ ଉପସ୍ଥିତ ଥିଲେ। ପରେ ସ୍ୱାଧୀନତା ସଂଗ୍ରାମୀ ପଦ୍ମଚରଣ ନାୟକ ଓ ବରିଷ୍ଠ ସାମ୍ବାଦିକ କାନନ୍ ଦାଶଙ୍କୁ ଗୌରୀଶଙ୍କର ସମ୍ମାନ ପ୍ରଦାନ କରାଯାଇଥିଲା।

# ତହସିଲଦାରଙ୍କ ବଦଳି ଦାବିରେ ଧାରଣା



ତହସିଲ ଫାଟକ ସମ୍ମୁଖରେ ବିଭିନ୍ନ ସଂଗଠନ ପକ୍ଷରୁ ଧରଣା।

**କଣ୍ଟାପଡ଼ା,୧୩।୭(ସୂରନାରାୟଣ ସାହୁ)**

କଣ୍ଟାପଡ଼ା ତହସିଲଦାରଙ୍କ ବଦଳି ସହ ୬ଦଫା ଦାବିନେଇ କଣ୍ଟାପଡା ବ୍ଲକ ଅଞ୍ଚଳର ବିଭିନ୍ନ ସଂଗଠନ ପକ୍ଷରୁ ଗୁରୁବାର ତହସିଲ କାର୍ଯ୍ୟାଳୟର ମୁଖ୍ୟ ଫାଟକ ସମ୍ମୁଖରେ ଗଣଧାରଣା ଦିଆଯାଇଥିଲା। ଖବରପାଇ କଟକସଦର ଉପଜିଲାପାଳ କମଳଲୋଚନ ଦାଶ ଧରଣାସ୍ଥଳରେ ପହଞ୍ଚି ଦାବିଗୁଡିକ ସମ୍ପର୍କରେ ଆଲୋଚନା କରିବାପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ଖବରରୁ ପ୍ରକାଶ କଣ୍ଟାପଡା ତହସିଲଦାର ଗତ ୨ବର୍ଷହେଲା କାର୍ଯ୍ୟରେ ଯୋଗଦେବା ପରଠାରୁ ତହସିଲର ମୁଖ୍ୟ ଫାଟକ ସମ୍ପୂର୍ଣ୍ଣ ବନ୍ଦ ରହୁଥିବାବେଳେ ଅନ୍ୟ ଏକ ଫାଟକର ଅଣଓସାରିଆ ଗଳିବାଟ ଜନସାଧାରଣଙ୍କ ଉଦ୍ଦେଶ୍ୟରେ ଖୋଲାଯାଉଥିଲା। ଏତଦ୍‌ବ୍ୟତୀତ ମ୍ୟୁଟେଶନ କେସ୍, ସାର୍ଟିଫିକେଟ, ଜମିପଟା ପ୍ରଦାନ, ସୀମା ନିର୍ଦ୍ଧାରଣ, ଜାତିଗତ ପ୍ରମାଣପତ୍ର, ଲିଗାଲ ହେୟାର ପ୍ରଦାନ କରିବାରେ ଅହେତୁକ ବିଳମ୍ବ ଯୋଗୁ ଜନସାଧାରଣଙ୍କ ଭିତରେ ଅସନ୍ତୋଷ ପ୍ରକାଶ କରି ଆସୁଥିଲେ। ଏ ସମ୍ପର୍କରେ ବିଭିନ୍ନ ସମୟରେ ସ୍ଥାନୀୟ ଜନସାଧାରଣଙ୍କ ପକ୍ଷରୁ କଟକ ଜିଲାପାଳଙ୍କ ଜନଶୁଣାଣି ଶିବିରରେ ଅଭିଯୋଗ କରି ଆସୁଥିଲେ। ଏହାର କୌଣସି ସୁଫଳ ନମିଳିବାରୁ ଗୁରୁବାର କଣ୍ଟାପଡ଼ା ବ୍ଲକର ଗ୍ରାମାଞ୍ଚଳ ବିକାଶ ପରିଷଦ, ବରିଷ୍ଠ ନାଗରିକ ମଞ୍ଚ, ଆଞ୍ଚଳିକ ବିକାଶ ପରିଷଦ, ଜନସୁରକ୍ଷା ମଞ୍ଚ ଓ କଣ୍ଟାପଡା ଆଇନଜୀବୀ ସଂଘ ଓ ଜନସାଧାରଣଙ୍କ ପକ୍ଷରୁ ଗଣଧରଣା ଦିଆଯାଇଥିଲା। ପରେ ଉପଜିଲାପାଳ କମଳଲୋଚନ ଦାଶ ଅପରାହ୍ନରେ ଧାରଣାସ୍ଥଳରେ ପହଞ୍ଚି ମୁଖ୍ୟଫାଟକ ଖୋଲାରହିବା ପାଇଁ କହିବାସହ ମୁଖ୍ୟ ଦାବିଗୁଡିକୁ ସରକାରଙ୍କ ନିକଟକୁ ପଠାଇବା ପାଇଁ ପ୍ରତିଶ୍ରୁତି ଦେଇଥିଲେ।

# ଶିଶୁ ମନ୍ଦିରରେ ବନ ମହୋତ୍ସବ

**ଚୌଦ୍ୱାର,୧୩।୭(ଆଶୁତୋଷ ଦାସ)**

ଆଗ୍ରାହାଟସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଗୁରୁବାର ବନ ମହୋତ୍ସବ ପାଳିତ ହୋଇଯାଇଛି। ବିଦ୍ୟାଳୟ ପରିଚାଳନା କମିଟି ସଭାପତି ପ୍ରତାପ କିଶୋର ମହାପାତ୍ରଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଚୌଦ୍ୱାର ବନପାଳ ପୂର୍ଣ୍ଣଚନ୍ଦ୍ର ମହାନ୍ତି, ସାମାଜିକ କର୍ମୀ ସନ୍ତୋଷ ମହାନ୍ତି, ଓଡ଼ିଶା ବିକାଶ ଶିକ୍ଷା ସମିତି ସଭାପତି କିଶୋର ଚନ୍ଦ୍ର ମହାନ୍ତି ପ୍ରମୁଖ ଅତିଥି ଭାବେ ଯୋଗଦେଇ ପରିବେଶ ସୁରକ୍ଷା, ବନିକରଣ ଓ ଚାରାରୋପଣ ସମ୍ପର୍କରେ ଉପସ୍ଥିତ ଛାତ୍ରଛାତ୍ରୀଙ୍କୁ ବୁଝାଇଥିଲେ। କମିଟିର ଶତ୍ରୁଘ୍ନ ବେହେରା, ନିରୋଦ ଚନ୍ଦ୍ର ନାୟକ, ବିଜୟ ଜେନା, ପ୍ରଭାଷ ବରାଳ, ଧରିତ୍ରୀ ସାହୁ, ବିଳାସିନୀ ରାଉତ, ରମେଶ ଚନ୍ଦ୍ର ବେହେରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ବିଜୟ ପ୍ରତାପ ସାହୁ ସ୍ୱାଗତ ଭାଷଣ ଓ କ୍ଷୀରୋଦ ଚନ୍ଦ୍ର ସାହୁ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ବିଦ୍ୟାଳୟ ପରିସରରେ ଚାରାରୋପଣ କରାଯାଇଥିଲା।



# ନୂଆ ରୂପ ପାଇବ ସତୀଚଉରା ଶ୍ମଶାନ

**କଟକ,୧୩।୭(ସୁପ୍ରିୟା ପ୍ରିୟଦର୍ଶିନୀ)**

କଟକ ସହରରେ ଥିବା ପୁରାତନ ଶ୍ମଶାନ ସତୀଚଉରାର ନବୀକରଣ କରାଯିବ। ସହରରେ ଚାଲିଥିବା ଉନ୍ନୟନମୂଳକ କାର୍ଯ୍ୟକୁ ଅଧିକ ଦ୍ୱରାନ୍ୱିତ କରିବା ପାଇଁ ପ୍ରଶାସନ ବଦ୍ଧପରିକର ହୋଇଥିଲା ବେଳେ ଏକ ଡିପିଆର ପ୍ରସ୍ତୁତ କରାଯାଇ ସତୀଚଉରା ଶ୍ମଶାନର ନବୀକରଣ କାର୍ଯ୍ୟ ଖୁବ୍‌ଶୀଘ୍ର ଆରମ୍ଭ ହେବ। ଏହି ପରିପ୍ରେକ୍ଷୀରେ ଗୁରୁବାର ସିଏମସି ମେୟର ସୁବାସ ସିଂ ଓ କମିଶନର ନିଖିଲ ପଓ୍ୱନ କଲ୍ୟାଣ ଶ୍ମଶାନ ପରିଦର୍ଶନ କରି ନବୀକରଣ କାମ କିପରି ଓ କେଉଁ ଢଙ୍ଗରେ ଆରମ୍ଭ କରାଯିବ ସେ ସମ୍ପର୍କରେ ଅନୁଧ୍ୟାନ କରିଥିଲେ। ବିଶେଷକରି ଶ୍ମଶାନର ପ୍ରବେଶ ପଥ ଓ ପ୍ରସ୍ଥାନ ପଥକୁ ଅଧିକ ଆକର୍ଷଣୀୟ ଭାବେ ନବୀକରଣ କରାଯିବା ସହ ଆଧୁନିକ ଶୌଚାଳୟ, ଜଳ ଯୋଗାଣ ବ୍ୟବସ୍ଥା, ବିଦ୍ୟୁତକରଣ, ରାସ୍ତା ଓ ସୌନ୍ଦର୍ଯ୍ୟକରଣ କାର୍ଯ୍ୟ କରାଯିବ ବୋଲି କମିଶନର କଲ୍ୟାଣ କହିଛନ୍ତି।



ମେୟର ସୁବାସ ସିଂ, କମିଶନର ନିଖିଲ ପଓ୍ୱନ କଲ୍ୟାଣ ଗଡ଼ଖାଇ ଅଞ୍ଚଳ ବୁଲି ଅନୁଧ୍ୟାନ କରୁଛନ୍ତି।

## ମେୟର, କମିଶନରଙ୍କ ଉନ୍ନୟନ କାର୍ଯ୍ୟ ଅନୁଧ୍ୟାନ

ଏହାବ୍ୟତୀତ ଉଭୟ ଗଡଖାଇ ପରିଦର୍ଶନ କରିବା ସହ ସେଠାରେ କିପରି ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ଓ ସୌନ୍ଦର୍ଯ୍ୟକରଣ ଦ୍ୱରାନ୍ୱିତ ହୋଇପାରିବ ସେନେଇ ପ୍ରତ୍ନତତ୍ତ୍ୱ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ପ୍ରକାଶ ଥାଉକି, ଦୁର୍ଗ ଚାରିପଟରେ ଥିବା ଗଡଖାଇର ଦଳ ସଫା କରାଯାଇ ସୌନ୍ଦର୍ଯ୍ୟକରଣ କରିବାକୁ ସିଏମ୍‌ସି ଲକ୍ଷ୍ୟ ରଖିଛି । ଏହି ପରିଦର୍ଶନ ସମୟରେ କର୍ପୋରେଟର ଗୀତାଞ୍ଜଳି ବେହେରା, ପ୍ରିୟମ୍ବଦା ସ୍ୱାଇଁ, ପ୍ରିୟମ୍ବଦା ମହାନ୍ତି, ପ୍ରଦୀପ ରାଉତ, ଡେପୁଟି କମିଶନର ଅଜୟ ମହାନ୍ତି, ସିଟି ଇଞ୍ଜିନିୟର ଅତନୁ ସାମନ୍ତ ପ୍ରମୁଖ ଉପସ୍ଥିତ ଥିଲେ।

## ଆଜି କ'ଣ କେଉଁଠି

**ଭୁବନେଶ୍ୱର**

- ଜାତୀୟ ସମ୍ବାଦପତ୍ର ସମ୍ପାଦକ ସଂଘ ଓ ଓଡ଼ିଶା ସାମ୍ବାଦିକ ସଂଗଠନ ପକ୍ଷରୁ ରାଜ୍ୟସ୍ତରୀୟ ପାଠକ ପର୍ବ, ସୂଚନା ଭବନ, ପୂର୍ବାହ୍ନ ୧୧ଟା।
- ରିଜିଓନାଲ ସାଇନ୍ସ ସେଣ୍ଟର ପକ୍ଷରୁ ଚନ୍ଦ୍ରଯାନ-୩ର ଲଞ୍ଚର ଉତ୍ସବରେ ଭାରତର ଅନ୍ତରୀକ୍ଷ ବିଜ୍ଞାନର ସଫଳତା ଉପରେ ଆଲୋଚନା, ଆଚାର୍ଯ୍ୟ ବିହାର, ଅପରାହ୍ନ ୨ଟା।
- ଉପାସନା ପକ୍ଷରୁ ମୁକେଶ ଲାଇଟ୍ ମେଲୋଡିୟସ୍ ସଙ୍ଗୀତ ସନ୍ଧ୍ୟା, ରବୀନ୍ଦ୍ର ମଣ୍ଡପ, ସନ୍ଧ୍ୟା ୬ଟା ୫।

**କଟକ**

- ଡେଙ୍ଗୁ ସଚେତନତା ଅଭିଯାନ, ୨୬ ନଂ. ୱାର୍ଡ କୁମ୍ଭାର ସାହି, ସକାଳ ୮ଟା।
- ହାଇକୋର୍ଟ ପକ୍ଷରୁ ଜୁଡିସିଆଲ ହିଷ୍ଟ୍ରି ଆଣ୍ଡ ଆର୍କାଇଭିଂ ଶୀର୍ଷକ ୩ଦିନିଆ ଜାତୀୟ ସମ୍ମିଳନୀ ଉଦ୍‌ଘାଟନ, ଜୁଡିସିଆଲ ଏକାଡେମୀ, ସନ୍ଧ୍ୟା ୬ଟା।

# ବିଏମ୍‌ଡବ୍ଲ୍ୟୁ ଜବତ, ମିଳୁନାହାନ୍ତି ଗୋଲ୍ଡେନ୍ ବାବା

- ବିଭିନ୍ନ ଠକେଇ ମାମଲାରେ ଅଭିଯୁକ୍ତ ଅଛନ୍ତି ଜ୍ୟୋତିରଞ୍ଜନ
- ପୂର୍ବରୁ ଦାମୀ ଅଡି କାର୍ ଜବତ କରିଥିଲା ଇଡି
- ୨୦୨୧ରୁ ୱାଣ୍ଟେଡ୍ ଘୋଷଣା କରିଛି ଇଓଡବ୍ଲ୍ୟୁ




ଫେରାର ଥିବା ଗୋଲ୍ଡେନ୍ ବାବା ଓ ଜବତ ହୋଇଥିବା ବିଏମ୍‌ଡବ୍ଲ୍ୟୁ କାର୍।

**ଭୁବନେଶ୍ୱର,୧୩।୭(ସତ୍ୟଜିତ୍ ରାଉତ)**

ବିଭିନ୍ନ ଠକେଇ ମାମଲାରେ ଫେରାର ଥିବା ଗୋଲ୍ଡେନ ବାବା ଓରଫ ଜ୍ୟୋତିରଞ୍ଜନ ବେଉରାଙ୍କ ଏକ ଦାମୀ ବିଏମ୍‌ଡବ୍ଲ୍ୟୁ କାର୍‌କୁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଗୁରୁବାର ଜବତ କରିଛି। ନମ୍ବର ପ୍ଲେଟ୍ ନ ଥିବା ଏହି କାର୍‌ଟି ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲର ପାର୍କିଂ ସ୍ଥଳରେ ରହିଥିଲା। ତେବେ ଇଡି ଅଧିକାରୀମାନେ ଏହାକୁ ଜବତ କରିବା ପରେ ନୟାପଲ୍ଲୀସ୍ଥିତ ଆଞ୍ଚଳିକ କାର୍ଯ୍ୟାଳୟକୁ ନେଇଛନ୍ତି। ଏହି କାର୍‌ର ଦାମ୍ ପ୍ରାୟ ୧ କୋଟି ଟଙ୍କା ହେବ ବୋଲି ଅନୁମାନ କରାଯାଉଛି। ତେବେ କାର୍‌ଟିକୁ ଉକ୍ତ ସ୍ଥାନରେ କିଏ ରଖିଥିଲେ ତାହା ଏବେ ସ୍ପଷ୍ଟ ହୋଇନାହିଁ। ଏନେଇ ଇଡି ପକ୍ଷରୁ ଅଧିକ ତଦନ୍ତ କରାଯାଉଛି। ଏ ସଂକ୍ରାନ୍ତରେ କିଛିଦିନ ମଧ୍ୟରେ ଇଡି ପକ୍ଷରୁ ବିସ୍ତୃତ ସୂଚନା ଦିଆଯିବ ବୋଲି କୁହାଯାଇଛି। ଏହାପୂର୍ବରୁ ଗତ ଏପ୍ରିଲ ୨୬ରେ ଏକ ଦାମୀ ଅଡି କାର୍‌କୁ ଇଡି ଜବତ କରିଥିଲା।

ସୂଚନା ଅନୁଯାୟୀ, ଜ୍ୟୋତି ଟ୍ରେଡିଙ୍ଗ୍ ଏଣ୍ଡ୍ କୋ.ର ମାଲିକ ହେଉଛନ୍ତି ଗୋଲ୍ଡେନ ବାବା। ତାଙ୍କ ନାମରେ ଚନ୍ଦ୍ରଶେଖରପୁର, ଶହୀଦନଗର ଆଦି ଥାନାରେ ୮ରୁ ଊର୍ଦ୍ଧ୍ୱ ଠକେଇ ମାମଲା ରହିଛି। ଏମ୍‌ଏସ୍ ନ୍ୟାଶନାଲ୍ ଏଣ୍ଟରପ୍ରାଇଜେସ୍ ନାମକ ଏକ ଖଣି କମ୍ପାନୀକୁ ୧୨.୪ କୋଟି ଟଙ୍କା ଠକେଇ କରିଥିବା ମାମଲାରେ ଚନ୍ଦ୍ରଶେଖରପୁର ଥାନା ପୋଲିସ ୨୦୧୮ ଡିସେମ୍ବର ୩୧ରେ ଗୋଲ୍ଡେନ ବାବାଙ୍କୁ ଗିରଫ କରି ଜେଲ ପଠାଇଥିଲା। ହେଲେ ପରବର୍ତ୍ତୀ ସମୟରେ ସେ ବେଲ୍‌ରେ ଆସି ଫେରାର ହୋଇଯାଇଥିଲେ। ଏପରିକି କଳାରାହାଙ୍ଗ ଓ ନୀଳାଦ୍ରିବିହାରସ୍ଥିତ ଘରକୁ ଆସି ନ ଥିଲେ। ଏହାପରେ ଇଓଡବ୍ଲ୍ୟୁରେ ବାବାଙ୍କ ନାମରେ ବହୁ ଠକେଇ ଅଭିଯୋଗ ଆସିଥିଲା। ଇଓଡବ୍ଲ୍ୟୁ ଏକ ମାମଲା (ନଂ.୦୨/୨୦୧୯) ରୁଜୁ କରି ତଦନ୍ତ ଆରମ୍ଭ କରିବା ସହ ଗୋଲ୍ଡେନ ବାବାଙ୍କୁ ଖୋଜାଖୋଜି କରି ପାଇ ନ ଥିଲା। ପରେ ବେଆଇନ ଅର୍ଥ କାରବାର ଦିଗକୁ ନେଇ ଇଡି ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଏପରିକି ଇଓଡବ୍ଲ୍ୟୁ ୨୦୧୯ରେ ତାଙ୍କ ୭ଟି ବ୍ୟାଙ୍କ ଆକାଉଣ୍ଟରୁ ପ୍ରାୟ ୫୧ ଲକ୍ଷ ଟଙ୍କା ମଧ୍ୟ ଫ୍ରିଜ୍ କରିଥିଲା। ୨୦୨୧ ନଭେମ୍ବର ୨୯ରେ ଇଓଡବ୍ଲ୍ୟୁ ଗୋଲ୍ଡେନ ବାବାଙ୍କୁ ୱାଣ୍ଟେଡ୍ ଘୋଷଣା କରିଥିଲା। ଏଥିସହ ସୂଚନାଦାତାଙ୍କୁ ପୁରସ୍କାର ମଧ୍ୟ ଦିଆଯିବ ବୋଲି ଘୋଷଣା କରାଯାଇଥିଲା।

## ନନ୍ଦନକାନନରେ ବାଘୁଣୀ 'ସାରା' ଅସୁସ୍ଥ

**ବାରଙ୍ଗ,୧୩।୭(ଲିଙ୍ଗରାଜ ରାଉତ):** ନନ୍ଦନକାନନର ୩୧ ନଂ. ଏନ୍‌କ୍ଲୋଜରରେ ରହୁଥିବା ୧୮ବର୍ଷୀୟା ସାଧାରଣ ରଙ୍ଗର ବାଘୁଣୀ 'ସାରା' ରକ୍ତହୀନତା ପାଇଁ ଦୁର୍ବଳ ହୋଇ ଅସୁସ୍ଥ ହୋଇପଡ଼ିଛି। ୫ଦିନ ହେବ ରକ୍ତହୀନତା ସମସ୍ୟା ହେତୁ ନନ୍ଦନକାନନ କର୍ତ୍ତୃପକ୍ଷଙ୍କ ନିର୍ଦ୍ଦେଶକ୍ରମେ ସାରାକୁ ଫିଡିଙ୍ଗ ଚାମ୍ବର ପୃଥକୀକରଣ ଖୁଆଡ଼ରେ ରଖାଯାଇ ବନ୍ୟପ୍ରାଣୀ ଚିକିତ୍ସକଙ୍କ ଦ୍ୱାରା ଚିକିତ୍ସା ଜାରି ରହିଛି। ସେ ଠିକ୍ ଭାବେ ଖିଆପିଆ କରିପାରୁନାହିଁ। ସେ ଦିନକୁ ଦିନ ଦୁର୍ବଳ ହେବା ସହ ଗୋଟିଏ ସ୍ଥାନରେ ଶୋଇ ରହୁଛି। ତା' ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ପରିଲକ୍ଷିତ ହେଉନାହିଁ। ଅନ୍ୟପକ୍ଷରେ ନିମ୍ନମାନର ଖାଦ୍ୟ ଯୋଗାଣ ଯୋଗୁ ବିଭିନ୍ନ ରୋଗଜନିତ ସମସ୍ୟା ଦେଖାଦେଉଛି ବୋଲି ଚର୍ଚ୍ଚା ହେଉଛି। ସାରାକୁ ୪ବର୍ଷ ବୟସରେ ଭୋପାଳରୁ ୨୦୦୯ ଏପ୍ରିଲ ୧୮ରେ ପ୍ରାଣୀ ଅଦଳବଦଳ ପ୍ରକ୍ରିୟାରେ ନନ୍ଦନକାନନକୁ ଅଣାଯାଇଥିଲା। ସେହିଭଳି ଭାବେ ନନ୍ଦନକାନନର ୩୭ ନଂ.(ଘ) ଏନ୍‌କ୍ଲୋଜରରେ ରହୁଥିବା ଏକ ମାଈ ବେଲେରା ମୂଷା ବୁଧବାର ଗୋଟିଏ ଶାବକ ଜନ୍ମ ଦେଇଛି। ଏହି ଶାବକଟି ଜନ୍ମ ହେବା ପରେ ମାଆ ଓ ଶାବକ ଦୁହେଁ ସୁସ୍ଥଥିବାବେଳେ ସେମାନଙ୍କ ସଂଖ୍ୟା ୪କୁ ବୃଦ୍ଧି ହୋଇଛି। ତହିଁ ମଧ୍ୟରେ ୨ଅଣ୍ଡିରା ଗୋଟିଏ ମାଈଥିବାବେଳେ ନବଜାତ ବେଲେରା ମୂଷା ଶାବକର ଲିଙ୍ଗ ଚିହ୍ନଟ ହୋଇନାହିଁ।




ଚନ୍ଦ୍ରାୟନ-୩ର ସଫଳ ଉତ୍‌କ୍ଷେପଣ କାମନା ସହ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକ ଗୁରୁବାର ୫୦୦ ଷ୍ଟିଲ୍ ଗ୍ଲାସ୍ ବ୍ୟବହାର କରି ପୁରୀ ବେଳାଭୂମିରେ ପ୍ରସ୍ତୁତ କରିଥିବା ବାଲୁକା କଳା। (ଫଟୋ- ଯଜ୍ଞେଶ୍ୱର ମହାନ୍ତି)

## ଛାତ୍ରୀଙ୍କୁ ଦୁର୍ବ୍ୟବହାର, ଛାତ୍ର ଗିରଫ

**ଭୁବନେଶ୍ୱର,୧୩।୭ (ସୂର୍ଯ୍ୟକାନ୍ତ ବେହେରା)**

ବିଜେବି କଲେଜର ଜଣେ ଛାତ୍ରୀଙ୍କୁ ଦୁର୍ବ୍ୟବହାର ଅଭିଯୋଗରେ ବଡଗଡ ଥାନା ପୋଲିସ ଉକ୍ତ କଲେଜରେ ପଢୁଥିବା ରାୟଗଡା ଚାନ୍ଦିଲି ଗାଁର ରାଘବେନ୍ଦ୍ର କରକାରିଆ(୨୧)ଙ୍କୁ ଗିରଫ କରିଛି। କୌଣସି କାରଣକୁ ନେଇ ପୀଡିତା ଛାତ୍ରୀ ଓ ରାଘବେନ୍ଦ୍ରଙ୍କ ମଧ୍ୟରେ କିଛିଦିନ ପୂର୍ବେ ତିକ୍ତତା ଦେଖାଦେଇଥିଲା। ଏହାକୁ ନେଇ ଅଭିଯୁକ୍ତ ରାଘବେନ୍ଦ୍ର ଉକ୍ତ ଛାତ୍ରୀଙ୍କୁ ହଇରାଣ କରୁଥିଲେ। ପରେ କଲେଜର ଅନ୍ୟ ସହପାଠୀଙ୍କ ସହଯୋଗରେ ଘଟଣାର ସମାଧାନ ହୋଇଥିଲା ଓ ଛାତ୍ରୀ ଜଣକ ରାଘବେନ୍ଦ୍ରଙ୍କ ସହ ସମ୍ପର୍କ ଛିନ୍ନ କରିଥିଲେ। କିନ୍ତୁ ଗତ ୭ ତାରିଖ ଦିନ ଛାତ୍ରୀଜଣକ କଲେଜ କ୍ଲାସ୍ ସାରି ବସ୍‌ରେ ଘରକୁ ଯିବା ସମୟରେ ଅଭିଯୁକ୍ତ ତାଙ୍କ ପିଛା କରି ଉକ୍ତ ବସ୍‌ରେ ଯାଇଥିଲେ। ପିପିଲି ଟୋଲ୍‌ଗେଟ ନିକଟରେ ଛାତ୍ରୀଜଣକ ଓହ୍ଲାଇବା ପରେ ଅଭିଯୁକ୍ତ ରାଘବେନ୍ଦ୍ର ବସ୍‌ରୁ ଓହ୍ଲାଇ ସର୍ବସମ୍ମୁଖରେ ତାଙ୍କୁ ଦୁର୍ବ୍ୟବହାର କରିଥିଲେ। ଏପରିକି ତାଙ୍କ ପାଖରେ ଥିବା କିଛି ଫଟୋ ସାମାଜିକ ଗଣମାଧ୍ୟମରେ ଭାଇରାଲ କରିଦେବାର ଧମକ ମଧ୍ୟ ଦେଇଥିଲେ। ଏନେଇ ପୀଡିତା ଥାନାରେ ଅଭିଯୋଗ କରିଥିଲେ।

## ୧.୫ ଲକ୍ଷର ବ୍ରାଉନ୍‌ସୁଗାର ଜବତ, ୨ ଗିରଫ

**ଯାଁଲା,୧୩।୭(ବୁଲା ବାରିକ):** ଖୋର୍ଦ୍ଧା ଜିଲାରେ ବ୍ରାଉନ୍‌ସୁଗାର କାରବାର ବଢ଼ିଚାଲିଛି। ଏସ୍‌ଟିଏଫ୍, ପୋଲିସ ଓ ଅବକାରୀ ବିଭାଗର ବାରମ୍ବାର ଚଢ଼ାଉ ସତ୍ତ୍ୱେ ଏହି କାରବାର ଥମୁନାହିଁ। ଗୁରୁବାର ଇନ୍‌ଫୋଭ୍ୟାଲି ଥାନା ପୋଲିସ ପିତାପଲ୍ଲୀ ଅଣ୍ଡରପାସ୍‌ରୁ ଦୁଇ ବ୍ରାଉନ୍‌ସୁଗାର ବେପାରୀଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ଏହି ଥାନା ଅଧୀନ ଗଙ୍ଗପଡ଼ା ପଞ୍ଚାୟତ ଗମେଇ ଗ୍ରାମଣ୍ଡିହର ସୌମ୍ୟରଞ୍ଜନ ମହାନ୍ତି (୨୩) ଓ ପିତାପଲ୍ଲୀର ରଶ୍ମି ରଞ୍ଜନ ପ୍ରଧାନ(୨୫)। ଏମାନଙ୍କ ନିକଟରୁ ୧୭.୬୫ ଗ୍ରାମ ବ୍ରାଉନ୍‌ସୁଗାର, ଗୋଟିଏ ବାଇକ୍, ମୋବାଇଲ ଫୋନ ଓ ୫୨୦ ଟଙ୍କା ଜବତ ହୋଇଛି। ଜବତ ବ୍ରାଉନ୍‌ସୁଗାର ମୂଲ୍ୟ ୧.୫ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ହେବ। ସୂଚନା ମୁତାବକ, ପିତାପଲ୍ଲୀ ଅଣ୍ଡରପାସ୍ ତଳେ ବ୍ରାଉନ୍‌ସୁଗାର କାରବାର ହେଉଥିବା ନେଇ ଇନ୍‌ଫୋଭ୍ୟାଲି ପୋଲିସକୁ ସୂଚନା ମିଳିଥିଲା। ଥାନା ଅଧିକାରୀଙ୍କ ନିର୍ଦ୍ଦେଶକ୍ରମେ ଏକ ଟିମ୍ ଘଟଣାସ୍ଥଳରେ ପହଞ୍ଚି ଚଢ଼ାଉ କରି ଦୁଇ ଜଣଙ୍କୁ ଧରିବା ସହ ସେମାନଙ୍କଠାରୁ ବ୍ରାଉନସୁଗାର, ବାଇକ୍, ମୋବାଇଲ ଓ ଟଙ୍କା ଜବତ କରିଥିଲେ।

# ୩ ଲକ୍ଷ ଦାବିକଲେ ଅପହର୍ତ୍ତା

### ୮ଦିନ ହେବ ଦଶମ ଛାତ୍ର ଯୋଗେଶଙ୍କ ପତ୍ତା ମିଳୁନି

**ଭୁବନେଶ୍ୱର,୧୩।୭ (ସୂର୍ଯ୍ୟକାନ୍ତ ବେହେରା)**

ଗତ ୬ ତାରିଖରୁ ନିଖୋଜ ଥିବା ଦଶମ ଶ୍ରେଣୀ ଛାତ୍ର ଯୋଗେଶ ବାଲାଜୀଙ୍କ ପତ୍ତା ମିଳୁନି। ମୈତ୍ରୀବିହାର ଥାନା ପୋଲିସ ଏକ ଅପହରଣ ମାମଲା ରୁଜୁ କରିବା ସହ ବିଭିନ୍ନ ଥାନା ଓ ସ୍ୱେଚ୍ଛାସେବୀ ସଙ୍ଗଠନକୁ ନିଖୋଜ ଛାତ୍ରଙ୍କ ଫଟୋ ପଠାଇ ତଦନ୍ତ ଚଳାଇଛି। ଇତିମଧ୍ୟରେ ୮ଦିନ ବିତିଯାଇଛି। ପୁଅକୁ ଖୋଜିଖୋଜି ନିରାଶ ହେବା ପରେ ମା'ବାପା ଶେଷରେ ଥାନା ଆଗରେ ଧାରଣାରେ ବସିଛନ୍ତି। ପୁଅକୁ ଛାଡ଼ିବା ପାଇଁ ଅପହରଣକାରୀମାନେ ୩ ଲକ୍ଷ ଟଙ୍କା ଦାବି କରୁଥିବା ସେମାନେ ଅଭିଯୋଗ କରିଛନ୍ତି। ଅପହରଣକାରୀମାନେ ହ୍ୱାଟ୍‌ସଆପ୍‌ରେ ମେସେଜ୍ କରି ଟଙ୍କା ମାଗିବା ସହ ନ ଦେଲେ ପିଲାକୁ ସୁରକ୍ଷିତ ପାଇବେ ନାହିଁ ବୋଲି ଧମକ ଦେଉଛନ୍ତି। ପୋଲିସ ପ୍ରଥମେ ଘଟଣାକୁ ଆହୁକା ଭାବେ ନେଇଥିବାବେଳେ ଏବେ ଉକ୍ତ ମେସେଜ ଦେଖିବା ପରେ ସେହି ଦିଗରେ ତଦନ୍ତକୁ ଆଗକୁ ବଢ଼ାଇଛି। ହେଲେ ଅଭିଯୁକ୍ତମାନେ ଏକ ଆପ୍ ମାଧ୍ୟମରେ ମେସେଜ କରିଥିବାରୁ ପୋଲିସ ଅଡୁଆରେ ପଡିଛି।

ସୂଚନାନୁସାରେ, ନିଖୋଜ ଯୋଗେଶ ସ୍ଥାନୀୟ ଅଞ୍ଚଳର ଏକ ସ୍କୁଲରେ ଦଶମ ଶ୍ରେଣୀରେ ପଢୁଥିଲେ। ଗୁରୁବାର ଯୋଗେଶ ଏକ କୋଚିଂକୁ ଯିବାକୁ କହି ଘରୁ ବାହାରିଥିଲେ। କିନ୍ତୁ ଆଉ ଘରକୁ ଫେରି ନ ଥିଲେ। ପରିବାର ଲୋକେ ବିଭିନ୍ନ ସ୍ଥାନରେ ଖୋଜିଥିଲେ ମଧ୍ୟ କୌଣସି ସୂଚନା ନ ପାଇବାରୁ ଥାନାରେ ଅଭିଯୋଗ କରିଥିଲେ।

### ଥାନା ଆଗରେ ଧାରଣାରେ ମା'ବାପା



## ପୋଖରୀରେ ବୁଡ଼ି ଛାତ୍ର ମୃତ

**ଭୁବନେଶ୍ୱର,୧୩।୭ (ସୂର୍ଯ୍ୟକାନ୍ତ ବେହେରା)**

ମଞ୍ଚେଶ୍ୱର ଥାନା ଅନ୍ତର୍ଗତ ପଳାଶୁଣୀ ପ୍ରାଚୀ ବିହାର ବଢେଇ ଠାକୁରାଣୀ ପୋଖରୀରେ ଗାଧୋଉଥିବାବେଳେ ଜଣେ ଛାତ୍ରଙ୍କ ମୃତ୍ୟୁ ଘଟିଛି। ସେ ହେଲେ କପିଳେଶ୍ୱର ବିହାରରେ ରହୁଥିବା ଗଞ୍ଜାମର ସିପୁନ ପ୍ରଧାନ (୧୦)। ସିପୁନ ଜଣେ ସାଙ୍ଗଙ୍କ ସହ ଗୁରୁବାର ସନ୍ଧ୍ୟାରେ ଉକ୍ତ ପୋଖରୀରେ ଗାଧୋଇବା ସହ ପାଣିରେ ବୁଡ ପକାଇଥିଲେ। ହେଲେ ପାଣି ଭିତରୁ ନ ବାହାରିବାରୁ ସାଙ୍ଗ ଜଣକ ଡାକ ପକାଇଥିଲେ। ପାଖରେ ଥିବା ଲୋକେ ଖୋଜାଖୋଜି କରିବା ସହ ଅଗ୍ନିଶମ କେନ୍ଦ୍ରକୁ ଖବର ଦେଇଥିଲେ। ଅଗ୍ନିଶମ ଟିମ୍ ପହଞ୍ଚି ସିପୁନଙ୍କୁ ପାଣିରୁ ଉଦ୍ଧାର କରି ସ୍ଥାନୀୟ ଲୋକଙ୍କ ସହାୟତରେ ହସ୍ପିଟାଲକୁ ନେଇଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଅନ୍ୟପଟେ ପୋଲିସ ବିଳମ୍ବରେ ପହଞ୍ଚିଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି।




ସ୍ଥାୟୀ ନିଯୁକ୍ତି ସହ ୩ ଦଫା ଦାବି ନେଇ କମ୍ପ୍ୟୁଟର ଶିକ୍ଷକମାନେ ଗୁରୁବାର ଭୁବନେଶ୍ୱର ଲୋୟର ପିଏମ୍‌ଜିରେ ବିକ୍ଷୋଭ ଶୋଭାଯାତ୍ରାରେ ବିଧାନସଭା ଅଭିମୁଖେ ଯାଉଥିବାବେଳେ ପୋଲିସ ବ୍ୟାରିକେଡ୍ ପକାଇ ଅଟକାଉଛି। (ଫଟୋ-ମନୋରଞ୍ଜନ ମିଶ୍ର)



କଟକ ଚୌଧୁରୀ ବଜାରରେ ଥିବା ଏକ ପାଇକାରୀ ରାକ୍ଷୀ ଦୋକାନରୁ ଖୁଚୁରା ବ୍ୟବସାୟୀମାନେ ରାକ୍ଷୀ କିଣୁଛନ୍ତି। (ଫଟୋ-ରାଜକିଶୋର ମହାନ୍ତି)

## ସେଲ୍‌ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ସନ୍ତୋଷ



@ ବିକାଶ



@ ମନୋରଞ୍ଜନ



@ ସଙ୍କେତ



@ ସୌମ୍ୟ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।

## ରବିବାର ସାର୍ଥକ 'ରଜ କୁଇନ୍'ର ଗ୍ରାଣ୍ଡ୍ ଫିନାଲେ

**ଭୁବନେଶ୍ୱର, ୧୩।୭ (ଶର୍ମିଷ୍ଠା ପାଣିଗ୍ରାହୀ)**




ଓଡ଼ିଶା ଟେଲି ଦୁନିଆର ଲୋକପ୍ରିୟ ରିଆଲିଟି ଶୋ' ଜୀ ସାର୍ଥକର 'ରଜ କୁଇନ୍ ଓଡ଼ିଆ... ଆକାଶଟା ତୋର' ପ୍ରତିଯୋଗିତା ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଆସନ୍ତା ରବିବାର ସନ୍ଧ୍ୟା ୬ଟା ୩୦ରେ ଏହାର ଗ୍ରାଣ୍ଡ୍ ଫାଇନାଲ ଅନୁଷ୍ଠିତ ହେବ। ବହୁ ପ୍ରତିଭାବାନ୍ ପ୍ରତିଯୋଗୀଙ୍କୁ ନେଇ ଏହି ରିଆଲିଟି ଶୋ' ବିଭିନ୍ନ ପ୍ରତିଯୋଗିତାମୂଳକ ରାଉଣ୍ଡ୍ ଦେଇ ଗତି କରିବା ସହ ଏଲିମିନେଶନ ରାଉଣ୍ଡ୍ ଶେଷରେ ୧୨ଜଣ ପ୍ରତିଯୋଗୀ ଗ୍ରାଣ୍ଡ୍ ଫାଇନାଲରେ ପହଞ୍ଚିଛନ୍ତି। ଗ୍ରାଣ୍ଡ୍ ଫାଇନାଲରେ ୩୦ରୁ ଅଧିକ ପ୍ରଦର୍ଶନ ରହିଛି। ଦର୍ଶକମାନେ କେବଳ ପ୍ରତିଯୋଗୀଙ୍କ ପ୍ରଦର୍ଶନ ନୁହେଁ, ଅନ୍ୟ କଳାକାରଙ୍କ ପ୍ରଦର୍ଶନ ମଧ୍ୟ ଦେଖିବାକୁ ପାଇବେ। ଜୀ-ସାର୍ଥକର ମେଗା ଧାରାବାହିକ 'ଖୁସିର ଛୁଙ୍କ' ରେ ଖୁସି, 'ମୁଁ ବି ବିଜୟିନୀ' ରେ ସ୍ତୁତି , 'ଝିଲ୍ଲୀ'ରେ ଝିଲ୍ଲୀ ଓ 'ସାଥିରେ' ରେ ଧାରାଙ୍କ ବ୍ୟତୀତ ଲୋକପ୍ରିୟ କଳାକାର ଦିବ୍ୟା, ଶୀତଲ, ତମନ୍ନା, ଶୈଳେନ୍ଦ୍ର, ସରାଜ ଓ ପୁନମଙ୍କ ସହିତ ଲୋକପ୍ରିୟ କଣ୍ଠଶିଳ୍ପୀ ଅସୀମା ପଣ୍ଡା, ଗୁଡ୍‌ଲି ରଥ, କୁଲ୍‌ଦୀପ, ତାରିକ ଅଜିଜ୍, ଗୌରବ ଓ ପ୍ରଜ୍ଞାଙ୍କ ଗୀତ ମଧ୍ୟ ଶୁଣିବାକୁ ପାଇବେ। ଶୋ'ର ପ୍ରମୁଖ ଆକର୍ଷଣ ସାଜିଥିବା ଓଡ଼ିଆ ସିନେମା ଜଗତର ୩ ଲୋକପ୍ରିୟ କଳାକାର ସିଦ୍ଧାନ୍ତ ମହାପାତ୍ର, ଏଲିନା ସାମନ୍ତରାୟ ଓ ଶ୍ରୀତମ ଦାସଙ୍କ ପରି ବିଚାରକମାନେ ପ୍ରତିଯୋଗୀଙ୍କ ଦକ୍ଷତା ପରଖିବେ। ଦର୍ଶକମାନେ ଏହି ପ୍ରତିଯୋଗିତାର ଗ୍ରାଣ୍ଡ୍ ଫାଇନାଲର ମଜା ନେବାକୁ ଜୀ-ସାର୍ଥକର ଚିଫ୍ କ୍ଲଷ୍ଟର ହେଡ୍ ସମ୍ରାଟ ଘୋଷ ଏବଂ ଚିଫ୍ ଚ୍ୟାନେଲ ଅଫିସର ପ୍ରତୀକ ସିଲ୍ ନିବେଦନ କରିଛନ୍ତି।

**ଶେୟାର ବଜାରରେ ଉତ୍ସାହ**

**ନୂଆଦିଲ୍ଲୀ:** ଦିନକ ପରେ ପୁଣିଥରେ ଶେୟାର ବଜାରରେ ଉତ୍ସାହ ଦେଖାଦେଇଛି। ଏପରିକି ଚଳିତ ସପ୍ତାହର ୪ର୍ଥ କାର୍ଯ୍ୟ ଦିବସ(ଗୁରୁବାର)ର ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ବଢ଼ାଇ ପାରିଛନ୍ତି। ଗୁରୁବାର ଷ୍ଟକ ମାର୍କେଟର କାରବାର ଶେଷ ସୁଦ୍ଧା ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍ଇ)ର ସେନ୍‌ସେକ୍ସ ୧୬୫ (୧୬୪.୯୯) ପଏଣ୍ଟ ବୃଦ୍ଧି ଘଟି ୬୫,୫୫୯ (୬୫,୫୫୮.୮୯)ଅଙ୍କରେ କାରବାର ବନ୍ଦ କରିଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍ଏସ୍ଇ)ର ନିଫ୍ଟି-୫୦ରେ ମଧ୍ୟ ୨୯ (୨୯.୪୫ ପଏଣ୍ଟ ବଢ଼ି ୧୯,୪୧୪ (୧୯,୪୧୩.୭୫)ଅଙ୍କରେ କାରବାର ବନ୍ଦ ହୋଇଥିବା ଜଣାପଡ଼ିଛି।

# ଅକ୍ଟୋବର ୨୭ରୁ ଆଇଏମ୍‌ସିର ୭ମ ସଂସ୍କରଣ

**ଭୁବନେଶ୍ୱର,୧୩।୭ (ଅଭୟ ଦାଶ)**



ପ୍ରତି ବର୍ଷ ପରି ଚଳିତ ବର୍ଷ ମଧ୍ୟ ନୂଆଦିଲ୍ଲୀର ପ୍ରଗତି ମଇଦାନଠାରେ 'ଇଣ୍ଡିଆ ମୋବାଇଲ କଂଗ୍ରେସ' (ଆଇଏମ୍‌ସି)ର ୭ମ ସଂସ୍କରଣ ଆୟୋଜିତ ହେବାକୁ ଯାଉଛି। ଉଲ୍ଲେଖଯୋଗ୍ୟ, ୨୦୨୩ ଅକ୍ଟୋବର ୨୭ରୁ ୨୯ ମଧ୍ୟରେ ଉକ୍ତ କାର୍ଯ୍ୟକ୍ରମ ସେଲ୍ୟୁଲାର୍ ଅପରେଟର୍ସ ଆସୋସିଏଶନ ଅଫ୍ ଇଣ୍ଡିଆ (ସିଓଏଆଇ) ଓ ଟେଲି ଯୋଗାଯୋଗ ବିଭାଗ (ଡିଓଟି)ର ମିଳିତ ସହଯୋଗ ଏବଂ ଏସିଆର ପ୍ରିମିୟର ଡିଜିଟାଲ ଟେକ୍ନୋଲୋଜି ପ୍ରଦର୍ଶନୀ 'ଆଇଏମ୍‌ସି-୨୩'ରେ ଗ୍ଲୋବାଲ ଡିଜିଟାଲ ଇନୋଭେଶନ ଶୀର୍ଷକ ବିଷୟବସ୍ତୁ ସହିତ ଆୟୋଜିତ ହେଉଛି। ଏପରିକି ଟେକ୍ନୋଲୋଜି ଇକୋସିଷ୍ଟମରେ ଶିଳ୍ପ, ସରକାର, ଶିକ୍ଷାନୁଷ୍ଠାନ ଓ ଅନ୍ୟାନ୍ୟ ମୁଖ୍ୟ ହିତାଧିକାରୀଙ୍କ ପାଇଁ ଏହା ଏକ ଉପଯୁକ୍ତ ବୈଠକ ସ୍ଥଳୀ ଓ ପ୍ରଦର୍ଶନୀ ବୋଲି ଆୟୋଜକଙ୍କ ପକ୍ଷରୁ କୁହାଯାଇଛି। ସେହିଭଳି ଏହି ପ୍ରତିଷ୍ଠିତ କାର୍ଯ୍ୟକ୍ରମରେ ୧ଲକ୍ଷରୁ ଅଧିକ ଅଂଶଗ୍ରହଣକାରୀ, ୫୦୦୦ରୁ ଅଧିକ ସିଏକ୍ସଓ-ସ୍ତରର ପ୍ରତିନିଧି, ୩୫୦ରୁ ଅଧିକ ବକ୍ତା ଓ ୪୦୦ରୁ ଅଧିକ ପ୍ରଦର୍ଶନକାରୀ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି। ସିଓଏଆଇର ଅଧ୍ୟକ୍ଷ ପି.କେ ମିତ୍ତଲ କହିଛନ୍ତି, ଏସିଆର ଏହି ସର୍ବବୃହତ୍ ଟେଲିକମ୍ ଇଭେଣ୍ଟ ଭାରତର ଦ୍ରୁତ ଅଭିବୃଦ୍ଧିଶୀଳ ଟେକ୍ ଶିଳ୍ପ ପାଇଁ ଏକ ବଡ ସଫଳତା ହେବ। ବିଶେଷ କରି ଆଇଏମ୍‌ସି-୨୦୨୩ ରେ ବିଭିନ୍ନ ବି୨ଜି ଓ ବି୨ବି ଫୋରମ୍ ଓ ଇଣ୍ଡଷ୍ଟ୍ରି ରାଉଣ୍ଡ ଟେବୁଲ, ବୃହତ୍ ବିଶ୍ୱବିଦ୍ୟାଳୟ ଓ ଛାତ୍ରୀଛାତ୍ର ସମାରୋହ ଓ ଗ୍ଲୋବାଲ ବାୟର ଫୋରମ୍‌ଗୁଡ଼ିକର ଶୁଭାରମ୍ଭ କରିବାକୁ ଯୋଜନା ରଖିଛି। ଏହି ପରିପ୍ରେକ୍ଷୀରେ କେନ୍ଦ୍ର ଯୋଗାଯୋଗ, ବୈଦ୍ୟୁତିକ ଓ ସୂଚନା ପ୍ରଯୁକ୍ତିବିଦ୍ୟା ଏବଂ ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି, ଆଇଏମ୍‌ସି ଦେଶରେ ଏକ ପ୍ରମୁଖ ଟେକ୍ନୋଲୋଜି ଇଭେଣ୍ଟ ଭାବେ ଉଭା ହୋଇଛି। ସେହିଭଳି କେନ୍ଦ୍ର ଯୋଗାଯୋଗ ରାଷ୍ଟ୍ରମନ୍ତ୍ରୀ ଦେଭୁସିନ୍ ଚୌହାନ କହିଛନ୍ତି, ଭାରତରେ ଟେଲିକମ୍ ଶିଳ୍ପ ବିଗତ କିଛି ବର୍ଷ ମଧ୍ୟରେ ବହୁ ମାତ୍ରାରେ ପରିବର୍ତ୍ତନ ହୋଇଛି ଏବଂ ଆଇଏମ୍‌ସି ମଧ୍ୟ ବିଶ୍ୱ ଓ ଏସିଆର ଏକ ପ୍ରିମିୟର ଟେକ୍ନୋଲୋଜି ଇଭେଣ୍ଟ ଭାବେ ନିଜକୁ ପ୍ରତିଷ୍ଠିତ କରିଛି। ସେହିପରି ଡିଓଟିର ଅତିରିକ୍ତ ସଚିବ ଭି.ଏଲ୍ କାନ୍ଥା ରାଓ କହିଛନ୍ତି, ଆଇଏମ୍‌ସି ହେଉଛି ଶିଳ୍ପ ଓ ସରକାରଙ୍କ ପାଇଁ ଏକ ପ୍ରତିଷ୍ଠିତ କାର୍ଯ୍ୟକ୍ରମ। ଚଳିତ ବର୍ଷ ଆମେ ଅଧିକ ଅନ୍ତର୍ଜାତୀୟ ଅଂଶଗ୍ରହଣର ଆଶା ରଖିଛୁ ଏବଂ ଅନ୍ୟ ସମ୍ବନ୍ଧିତ ଶିଳ୍ପଗୁଡ଼ିକୁ ମଧ୍ୟ ସମ୍ପୃକ୍ତ କରିବାକୁ ଚେଷ୍ଟା କରୁଛୁ।

## ଓପୋର ରେନୋ ସିରିଜ

**ଭୁବନେଶ୍ୱର,୧୩।୭**

ଓପୋର ବହୁ ପ୍ରତୀକ୍ଷିତ ତଥା ରେନୋ ସିରିଜର ନୂତନ ଉତ୍ପାଦଗୁଡ଼ିକ ନିକଟରେ ସର୍ବଭାରତୀୟ ଉନ୍ମୋଚନ ହୋଇଯାଇଛି। ବିଶେଷକରି ରେନୋ-୧୦ପ୍ରୋ+ ୫ଜି, ରେନୋ-୧୦ପ୍ରୋ ୫ଜି ଓ ରେନୋ-୧୦ ୫ଜି ୪ବର୍ଷରୁ ଅଧିକ ସମୟ ପର୍ଯ୍ୟନ୍ତ କାର୍ଯ୍ୟକ୍ଷମ ରହୁଥିବା ବ୍ୟାଟେରି ପାଇଁ ବିଏଚ୍ଇ, ଫାଷ୍ଟ ଚାର୍ଜିଂ ପାଇଁ ସୁପର ଭିଓଓସି ଟିଏମ୍ ଓ ଡାଇନାମିକ୍ କମ୍ପ୍ୟୁଟିଂ ଇଞ୍ଜିନ ଭଳି ଓପୋ ଟେକ୍ନୋଲୋଜି ଉଦ୍ଭାବନଗୁଡିକ ସହ ଆସୁଛି। ଏ ସମ୍ପର୍କରେ ଓପୋ ଇଣ୍ଡିଆର ଚିଫ୍ ମାର୍କେଟିଂ ଅଫିସର ଦମୟନ୍ତ ସିଂହ ଖାନୋରିଆ କହିଛନ୍ତି, ରେନୋ୧୦ ସିରିଜ୍‌ର ଶୁଭାରମ୍ଭ ସହ ଆମେ ଗ୍ରାହକଙ୍କୁ ଚମତ୍କାର ଅନୁଭୂତି ପ୍ରଦାନ କରିବା ପାଇଁ ଆମର ଅତ୍ୟାଧୁନିକ ଟେଲିଫଟୋ କ୍ୟାମେରା ଓ ଘରୋଇ ସୁପରଭିଓଓସି ଫ୍ଲାଶ୍ ଚାର୍ଜିଂ ଟେକ୍ନୋଲୋଜି ମାଧ୍ୟମରେ ପୋଟ୍ରେଟ୍ ଫଟୋଗ୍ରାଫିକୁ ବୈପ୍ଳବିକ କରିଛୁ।

## ବଜାରରେ ନାଲ୍‌କୋର ନୂତନ ଉତ୍ପାଦ



ନାଲକୋର ଉଚ୍ଚ ପଦାଧିକାରୀଙ୍କ ଉପସ୍ଥିତିରେ ପ୍ଲାଣ୍ଟର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଅମିୟ କୁମାର ସ୍ୱାଇଁ ପତାକା ଦେଖାଇ ଉତ୍ପାଦ ବୋଝେଇ ଟ୍ରକଗୁଡିକୁ ବଜାର ପ୍ରବେଶ କରାଉଛନ୍ତି।

**ଭୁବନେଶ୍ୱର,୧୩।୭**

ଦେଶର ପ୍ରମୁଖ ନବରତ୍ନ ଉଦ୍ୟୋଗ ନ୍ୟାଶନାଲ ଆଲୁମିନିୟମ୍ କମ୍ପାନୀ ଲିମିଟେଡ୍ ବା ନାଲ୍‌କୋର ନୂତନ ଉତ୍ପାଦ 'ମେକାନାଇଜ୍‌ଡ ସୋ ଇନଗଟର'ର ବଜାର ପ୍ରବେଶ ସମ୍ପର୍କରେ ଘୋଷଣା କରାଯାଇଛି। ବିଶେଷ କରି କମ୍ପାନୀ ତା'ର ପ୍ରଡକ୍ଟ ପୋର୍ଟଫୋଲିଓକୁ ଅଧିକ ମଜଭୁତ ଓ ସୁବିସ୍ତୃତ କରିବା ଜାରି ରଖିଛି। ଏପରିକି ଅତୀତରେ ସ୍ୱତନ୍ତ୍ର ଗୁଣଯୁକ୍ତ ମେକାନାଇଜ୍‌ଡ ସୋ ଇନଗଟରର ସଫଳ ପରୀକ୍ଷଣ ପରେ କମ୍ପାନୀ ଉକ୍ତ ଉତ୍ପାଦକୁ ଘରୋଇ ବଜାରରେ ପ୍ରବେଶ ସହ ଏଭଳି ଏକ ବହୁମୁଖୀ ଉତ୍ପାଦର ବାଣିଜ୍ୟିକ ବିକ୍ରୟ ମଧ୍ୟ ଆରମ୍ଭ କରିଛି। ଉଲ୍ଲେଖଯୋଗ୍ୟ, ନାଲକୋର ଅନୁଗୋଳସ୍ଥିତ ସ୍ମେଲଟର ପ୍ଲାଣ୍ଟ ପରିସରରେ ଉକ୍ତ ଉତ୍ପାଦର ପ୍ରଥମ କନ୍‌ସାଇନମେଣ୍ଟକୁ ବଜାର ପ୍ରବେଶ କରାଇଛି। ଅପରପକ୍ଷରେ ନାଲକୋ ଦ୍ୱାରା ପ୍ରସ୍ତୁତ ମେକାନାଇଜ୍‌ଡ ସୋ ଇନଗଟ, ଖାଦ ମୁକ୍ତ ହୋଇଥିବା ବେଳେ ଏଥିରୁ ପ୍ରସ୍ତୁତ ଉତ୍ପାଦ ଅଧିକ ମସୃଣ ଓ ଗୁଣାତ୍ମକ ହୋଇଥାଏ। ବିଭିନ୍ନ ଉତ୍ପାଦ ପ୍ରସ୍ତୁତ କରୁଥିବା ଏମ୍ଏସ୍ଏମ୍ଇଗୁଡ଼ିକ ପାଇଁ ଏହା ବିଶେଷ ଭାବେ ଲାଭ ଦାୟକ ହେବ। ଏହି ସ୍ୱତନ୍ତ୍ର ମେକାନାଇଜ୍‌ଡ ସୋ ଇନଗଟ ଖଣ୍ଡ ପ୍ରତି ୬୫୦ କି.ଗ୍ରା.(+/- ୫୦ କି.ଗ୍ରା) ଓଜନରେ ଉପଲବ୍ଧ ଅଟେ। ଉଭୟ ଘରୋଇ ତଥା ଅନ୍ତର୍ଜାତୀୟ ବଜାରରେ ଗ୍ରାହକଙ୍କ ଆବଶ୍ୟକତା ପୂରଣ କରିବାରେ ଏହି ଉତ୍ପାଦ ବହୁ ମାତ୍ରାରେ ସହାୟକ ହୋଇପାରିବ।

## ଗୁଆହାଟୀରେ ଫିକିର ପ୍ରଥମ ଏନ୍ଇସିଏମ୍

**ଭୁବନେଶ୍ୱର,୧୩।୭**

ଫେଡେରେଶନ୍ ଅଫ୍ ଇଣ୍ଡିଆନ୍ ଚାମ୍ବର୍ସ ଅଫ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରି (ଫିକି) ପକ୍ଷରୁ ଉତ୍ତର-ପୂର୍ବ ରାଜ୍ୟରେ ଏହାର ପ୍ରଥମ ଜାତୀୟ କାର୍ଯ୍ୟକାରୀ କମିଟି ବୈଠକ (ଏନ୍ଇସିଏମ୍) ଆସାମର ଗୁଆହାଟୀଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଆସାମର ମୁଖ୍ୟମନ୍ତ୍ରୀ ଡ. ହିମନ୍ତ ବିଶ୍ୱଶର୍ମା ସମ୍ମାନିତ ଅତିଥି ଭାବେ ଯୋଗଦେଇ ଫିକି ଓ ଏନ୍ଇସିଏମ ବିଷୟରେ ସଂକ୍ଷିପ୍ତ ମତ ଉପସ୍ଥାପନ ସହ ଭିତ୍ତିଭୂମି କ୍ଷେତ୍ରରେ ପର୍ଯ୍ୟାପ୍ତ ନିବେଶ ଏବଂ ସରକାରଙ୍କ ସ୍ୱଚ୍ଛ ବ୍ୟବସ୍ଥା ଦ୍ୱାରା ରାଜ୍ୟରେ ଅଭିବୃଦ୍ଧି ଆଦି ସମ୍ପର୍କରେ ବିସ୍ତୃତ ଆଲୋକପାତ କରିଥିଲେ। ସେହିପରି ଫିକିର ସଭାପତି ଶୁଭ୍ରକାନ୍ତ ପଣ୍ଡା କହିଥିଲେ, ଉତ୍ତର-ପୂର୍ବ ରାଜ୍ୟର ବିଭିନ୍ନ ଅଞ୍ଚଳରେ ପର୍ଯ୍ୟାପ୍ତ ପରିମାଣର ପ୍ରାକୃତିକ ସମ୍ପଦ ରହିଛି ଓ ଆଗାମୀ ଦିନରେ ଭାରତବର୍ଷର ଅଭିବୃଦ୍ଧିରେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ। ସେହିଭଳି ଏହି ସମସ୍ତ ଅଞ୍ଚଳ ମଧ୍ୟରେ ଆସାମ ସର୍ବବୃହତ ଅର୍ଥନୀତି ହେବା ସହିତ ଅଧିକ ମାନବ ସମ୍ବଳ ଥିବା ରାଜ୍ୟ ଭାବେ ଉଭା ହୋଇଛି। ଏପରିକି ଉଭୟ ଭୌତିକ ଏବଂ ଡିଜିଟାଲ ଭିତ୍ତିଭୂମି ବିକାଶ ଯୋଗୁଁ ଏହା ଦ୍ରୁତଗତିରେ ଅଭିବୃଦ୍ଧି କରୁଛି ବୋଲି ପଣ୍ଡା ମତ ପ୍ରକାଶ କରିଥିଲେ। ଅପରପକ୍ଷରେ 'ଭାରତର ଉତ୍ତର-ପୂର୍ବକୁ ବିଶ୍ୱ ସହିତ ସଂଯୋଗ କରିବା'ଶୀର୍ଷକ ବିଷୟ ବସ୍ତୁ ଆଧାରିତ ଏହି ଅଧିବେଶନ ସହିତ ଗୁଆହାଟୀଠାରେ ଥିବା ଆଇଆଇଟି ପରିସରରେ ଛାତ୍ରୀଛାତ୍ର ଏବଂ ପରିଚାଳନା କର୍ତ୍ତୃପକ୍ଷଙ୍କ ସହ ମତ ବିନିମୟ କାର୍ଯ୍ୟକ୍ରମ ମଧ୍ୟ ଅନୁଷ୍ଠିତ ହୋଇଥିଲା। ଉକ୍ତ ଅଧିବେଶନରେ ଭାରତବର୍ଷର ବିଭିନ୍ନ ଶିଳ୍ପ ଉଦ୍ୟୋଗୀ ତଥା ବିଜନେସ୍ ଲିଡର୍ସମାନଙ୍କ ସହିତ ଦେଶରେ ଅବସ୍ଥାପିତ ଜାପାନର ଆମ୍ବାସାଡ଼ର ହିରୋସି ସୁଜୁକି ମଧ୍ୟ ଅଂଶଗ୍ରହଣ କରିଥିଲେ। ସୂଚନାଯୋଗ୍ୟ, ୧୯୨୭ରେ ସ୍ଥାପିତ ଭାରତର ଅନ୍ୟତମ ସର୍ବପୁରାତନ ପ୍ରମୁଖ ଚାମ୍ବର 'ଦି ଫେଡେରେଶନ୍ ଅଫ୍ ଇଣ୍ଡିଆନ୍ ଚାମ୍ବର୍ସ ଅଫ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରି'(ଫିକି) ଭାବେ ବେଶ୍ ପରିଚିତ।

## ଜାହ୍ନବୀ ନିସାନର ଏକ୍ସକ୍ଲୁସିଭ ଶୋ'ରୁମ୍ ଉଦ୍‌ଘାଟିତ

**ଭୁବନେଶ୍ୱର,୧୩।୭: (ଅଭୟ ଦାଶ/ ସତ୍ୟ ରଞ୍ଜନ ଦାସମହାପାତ୍ର)**




ନିସାନ ମୋଟର ଇଣ୍ଡିଆ ପ୍ରାଇଭେଟ ଲିମିଟେଡ (ଏନ୍ଏମ୍ଆଇପିଏଲ୍)ର ଏକ୍ସକ୍ଲୁସିଭ ଆଉଟଲେଟ ପାହାଳର ପ୍ରାଚୀ ବଜାରଠାରେ ଉଦ୍‌ଘାଟିତ ହୋଇଯାଇଛି। ଉଲ୍ଲେଖଯୋଗ୍ୟ, ଏନ୍ଏମ୍ଆଇପିଏଲ୍‌ର ସ୍ୱୀକୃତିପ୍ରାପ୍ତ ଡିଲର ଜାହ୍ନବୀ ନିସାନ ଆନୁକୂଲ୍ୟରେ ଉକ୍ତ ବ୍ରାଣ୍ଡ ନ୍ୟୁ ଶୋ'ରୁମ୍‌ର ଶୁଭାରମ୍ଭ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଜାହ୍ନବୀ ନିସାନର ପରିଚାଳନା ନିର୍ଦ୍ଦେଶକ ଅମିତ ଜୟସ୍ୱାଲ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜାହ୍ନବୀ ନିସାନ ଶୋ'ରୁମ୍‌ର ଜିଏମ୍ ସୁସ୍ମିତା ପଟ୍ଟନାୟକ, ସର୍ଭିସ୍ ମ୍ୟାନେଜର ରାଜୀବ କୁମାରଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ। ବିଶେଷକରି ଉକ୍ତ ଶୋ' ରୁମ୍‌ରେ ନିସାନର ସମସ୍ତ ମଡେଲର ବିକ୍ରି ସହିତ ସର୍ଭିସ, ସ୍ପେୟାର ସହ ମାକ୍ସିକେୟାର ସୁବିଧା ଉପଲବ୍ଧ। ଏପରିକି ଶୋ'ରୁମ୍ ପକ୍ଷରୁ ଗ୍ରାହକମାନଙ୍କ ପାଇଁ ଜିରୋ କ୍ୟାଶ୍‌ଲେସ୍ ବଡି ସପ ସୁବିଧା ଯୋଗାଇ ଦିଆଯାଉଛି। ସେହିଭଳି ଆଗାମୀ ଦିନରେ ଓଡ଼ିଶାର ଅନୁଗୋଳ, ରାଉରକେଲା, ବ୍ରହ୍ମପୁର, ବାଲେଶ୍ୱର ଭଳି ସହରରେ ବ୍ରାଣ୍ଡର ନୂତନ ଶୋ'ରୁମ୍ ଖୋଲିବା ପାଇଁ ଯୋଜନା ରହିଛି। ଏ ସମ୍ପର୍କରେ ଜାହ୍ନବୀ ନିସାନର ଜିଏମ୍ ସୁସ୍ମିତା ପଟ୍ଟନାୟକ କହିଛନ୍ତି, ଓଡ଼ିଶା ବଜାରରେ ନିସାନର ଏହା ଏକମାତ୍ର ଶୋ'ରୁମ୍ ହୋଇଥିବାବେଳେ ଶୋ'ରୁମ୍ (ଜାହ୍ନବୀ ନିସାନ)ରୁ ଗ୍ରାହକମାନେ ସର୍ବନିମ୍ନ ୫.୯୯ ଲକ୍ଷ ଟଙ୍କା ମୂଲ୍ୟର କମ୍ପାକ୍ଟ ଏସ୍‌ୟୁଭି କାର୍ କ୍ରୟ କରିପାରିବେ। ସେହିଭଳି ପ୍ରତ୍ୟେକ ଗ୍ରାହକଙ୍କ ଲାଗି ଘରୁ ଗାଡି ପିକ୍ ଅପ୍ ଓ ଡ୍ରପ୍‌ର ସୁବିଧା ରହିଛି। ଅପରପକ୍ଷରେ ଗ୍ରାହକସନ୍ତୁଷ୍ଟି ଉକ୍ତ ଶୋ'ରୁମ୍‌ର ମୂଳ ଲକ୍ଷ୍ୟ ବୋଲି ସୁସ୍ମିତା ପଟ୍ଟନାୟକ କହିବା ସହ ମାସିକ ଭାବେ ରାଜ୍ୟର ସବୁ ଜିଲାରେ ପର୍ଯ୍ୟାୟକ୍ରମେ ଗ୍ରାହକମାନଙ୍କୁ ଦ୍ୱାରଦେଶ ସେବା ଯୋଗାଇଦେବା ଲକ୍ଷ୍ୟ ରଖାଯାଇଛି।

## ଟିଏସ୍ଏମ୍ଏଲ୍‌ର ସ୍ୱତନ୍ତ୍ର ଅଭିଯାନ

**ଭୁବନେଶ୍ୱର,୧୩।୭**

ଟାଟା ଷ୍ଟିଲ ମାଇନିଂ ଲିମିଟେଡ (ଟିଏସ୍ଏମ୍ଏଲ) ପକ୍ଷରୁ ସାପ ସଂକ୍ରାନ୍ତୀୟ ଭ୍ରାନ୍ତ ଧାରଣା ଦୂର କରିବା ସହିତ ସାପକୁ ନେଇ ଲୋକଙ୍କ ମଧ୍ୟରେ ବ୍ୟାପକ ସଚେତନତା ସୃଷ୍ଟି କରିବା ପାଇଁ ଏକ ସ୍ୱତନ୍ତ୍ର ଅଭିଯାନର ଶୁଭାରମ୍ଭ କରାଯାଇଛି। ଏପରିକି ଟିଏସ୍ଏମ୍ଏଲ୍‌ର ଯାଜପୁର ଜିଲା ସ୍ଥିତ ସୁକିନ୍ଦା କ୍ରୋମାଇଟ୍ ଖଣି ପରିସରରେ 'ସାପ ଆମର ବନ୍ଧୁ' ଶୀର୍ଷକ ଏକ କାର୍ଯ୍ୟକ୍ରମ ମଧ୍ୟ ଆୟୋଜିତ ହୋଇଯାଇଛି। ଏ ସମ୍ପକରେ ଟାଟା ଷ୍ଟିଲ୍ ମାଇନିଂର ପରିଚାଳନା ନିର୍ଦ୍ଦେଶକ ପଙ୍କଜ ସତିଜା କହିଛନ୍ତି, ଜୈବବିବିଧତା ଓ ବନ୍ୟଜନ୍ତୁଙ୍କ ସୁରକ୍ଷାର ବିଷୟ ଉପରେ ଆମେ ସର୍ବଦା ଗୁରୁତ୍ୱ ଦେଉଥାଉ। ଏପରିକି ଆମର ବିଶ୍ୱାସ ରହିଛି ଯେ ସାପ ଆମର ବନ୍ଧୁ, ଉକ୍ତ କାର୍ଯ୍ୟକ୍ରମ ଜରିଆରେ ଏହି ଶାନ୍ତ ଓ ବିରଳ ପ୍ରଜାତିକୁ ଭଲ ଭାବେ ବୁଝିବା ଏବଂ ମଣିଷ ଓ ପ୍ରକୃତି ମଧ୍ୟରେ ଏକ ସୌହାର୍ଦ୍ଦ୍ୟପୂର୍ଣ୍ଣ ସମ୍ପର୍କ ସୃଷ୍ଟି କରିବାକୁ ଆମେ ଲକ୍ଷ୍ୟ ରଖିଛୁ। ଅପରପକ୍ଷରେ ଭୁବନେଶ୍ୱରର ସ୍ୱେଚ୍ଛାସେବୀ ସଂଗଠନ 'ସ୍ନେକ୍ ହେଲ୍‌ପଲାଇନ୍'ସହଯୋଗିତାରେ ଆୟୋଜନ କରାଯାଇଥିବା ଏଭଳି ଏକ କାର୍ଯ୍ୟକ୍ରମରେ କମ୍ପାନୀର କର୍ମଚାରୀ, ସେମାନଙ୍କ ପରିବାର ସଦସ୍ୟ, ସଫେଇ, ଉଦ୍ୟାନ କୃଷି ଓ ନିରାପତ୍ତା ବିଭାଗର ଆଗ ଧାଡ଼ିର କର୍ମୀ ଏବଂ ଆଶା ଓ ଅଙ୍ଗନୱାଡ଼ି କର୍ମୀଙ୍କ ଭଳି ଗୋଷ୍ଠୀ ସ୍ୱାସ୍ଥ୍ୟ ସଦସ୍ୟ, ସ୍ଥାନୀୟ ଚାଷୀ, ପଞ୍ଚାୟତିରାଜ ଅନୁଷ୍ଠାନର (ପିଆରଆଇ) ସଦସ୍ୟ ଓ ଗଣମାଧ୍ୟମ ପ୍ରତିନିଧିଙ୍କ ମଧ୍ୟରେ ସାପ ସଂକ୍ରାନ୍ତରେ ସଚେତନତାର ପ୍ରସାର କରାଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ପ୍ରାୟ ୧୦୦ରୁ ଅଧିକ ଲୋକ ଅଂଶଗ୍ରହଣ କରିଥିଲେ।

**ଫୁର୍‌ସତ୍**

# 'ଓଏମ୍‌ଜି-୨' ରିଲିଜ୍‌ରେ ବ୍ରେକ୍




**ମୁମ୍ବାଇ:** ବର୍ତ୍ତମାନ ସମୟରେ ଅଭିନେତା ଅକ୍ଷୟ କୁମାରଙ୍କ ଫିଲ୍ମ 'ଓଏମ୍‌ଜି-୨'କୁ ନେଇ ଚର୍ଚ୍ଚା ଲାଗିରହିଛି। ଫିଲ୍ମ 'ଆଦିପୁରୁଷ'ର ବିବାଦୀୟ ଡାଇଲଗ୍ ପରେ ସେନ୍ସର ବୋର୍ଡ ଅତ୍ୟନ୍ତ ସତର୍କ ହୋଇପଡ଼ିଛି। କୌଣସି ବି ଫିଲ୍ମ ଯାହା ଭଗବାନଙ୍କ ସମ୍ବନ୍ଧୀୟ ତାକୁ ବିନା ଯାଞ୍ଚରେ ପ୍ରେକ୍ଷାଳୟକୁ ଛଡ଼ାଯିବନି ବୋଲି ନିଷ୍ପତ୍ତି ନେଇଛି। ଏପରି ସତର୍କତା ପାଇଁ

**ଫିଲ୍ମକୁ ରିଭ୍ୟୁ କମିଟି ପାଖକୁ ପଠାଇଲା ସେନ୍ସର ବୋର୍ଡ**

ସେନ୍ସର ବୋର୍ଡ ନିକଟରେ ଅକ୍ଷୟଙ୍କ ଫିଲ୍ମ 'ଓଏମ୍‌ଜି-୨' ରିଲିଜ୍‌ରେ ରୋକ୍ ଲଗାଇଛି। ଏଥିପାଇଁ ସେନ୍ସର ବୋର୍ଡ ଫିଲ୍ମକୁ ରିଭ୍ୟୁ କମିଟି ପାଖକୁ ପଠାଇଛି। ରିଭ୍ୟୁ କମିଟିର ନିଷ୍ପତ୍ତି ପରେ ସିନେମା ପ୍ରେକ୍ଷାଳୟକୁ ଯିବ କି ନାହିଁ ତାହା ଜଣାପଡ଼ିବ। କିନ୍ତୁ ଫିଲ୍ମକୁ ଏ ପର୍ଯ୍ୟନ୍ତ ବ୍ୟାନ୍ କରାଯାଇନାହିଁ। ଏଥିରେ ବ୍ୟବହୃତ ହୋଇଥିବା ସମସ୍ତ ଡାଇଲଗ୍‌ରେ ଯେପରି ଭଗବାନଙ୍କୁ ଅପମାନିତ କରା ନ ଯାଏ, ତା'ର ଯାଞ୍ଚ କରାଯିବ। ପୂର୍ବରୁ ରିଲିଜ୍ ହୋଇଥିବା ଫିଲ୍ମ 'ଆଦିପୁରୁଷ'ର ପୋଷାକ ଏବଂ ଡାଇଲଗ୍‌କୁ ନେଇ ବିବାଦ ସୃଷ୍ଟି ହୋଇଥିଲା। ଯେଉଁଥିରେ ରାମାୟଣଙ୍କୁ ଭିନ୍ନ ଭାବରେ ଦର୍ଶାଯାଇଛି। ୨୦୧୨ରେ ରିଲିଜ୍ ହୋଇଥିବା 'ଓଏମ୍‌ଜି'ରେ ଅକ୍ଷୟଙ୍କ ସହ ପରେଶ ରାୱଲଙ୍କୁ ଦେଖିବାକୁ ମିଳିଥିଲା। ସେଥିରେ ଅକ୍ଷୟ କୃଷ୍ଣଙ୍କ ଚରିତ୍ରରେ ନଜରକୁ ଆସିଥିବାବେଳେ ପରେଶ ଜଣେ ଭଗବାନଙ୍କ ମୂର୍ତ୍ତି ବିକାଳି ଭୂମିକାରେ ନଜରକୁ ଆସିଥିଲେ। ମୁଭିରେ ପରେଶ ଭଗବାନଙ୍କୁ ମାନୁ ନ ଥିଲେ। ଯାହା ଆଧ୍ୟାତ୍ମିକ କମେଡି ଡ୍ରାମାକୁ ନେଇ ଚିତ୍ରଣ କରାଯାଇଥିଲା। 'ଓଏମ୍‌ଜି-୨'ର ଏକ ଟିଜର ଜୁଲାଇ ୧୧ରେ ରିଲିଜ୍ ହୋଇଥିଲା। ଟିଜର ଆରମ୍ଭରୁ ମୁଖ୍ୟ ଚରିତ୍ରରେ ଥିବା ପଙ୍କଜ ତ୍ରିପାଠୀଙ୍କ ଭଏସ ଶୁଣିବାକୁ ମିଳିଥିଲା। ସେ କହିଛନ୍ତି, ଜଣେ ଭଗବାନ କି ନାହିଁ ଆସ୍ତିକ ଏବଂ ନାସ୍ତିକ ମଣିଷ କହିଦେଇପାରିବ। ହେଲେ ଭଗବାନ ନିଜ ସୃଷ୍ଟିର କେଉଁ ମଣିଷଙ୍କ ପ୍ରତି ଭେଦଭାବ କରନ୍ତିନି। ଏହାପରେ ଅକ୍ଷୟ ଈଶ୍ୱରଙ୍କ ଉପରେ ଭରସା ରଖେ, ତୁମେ ଶିବଙ୍କ ଦାସ ବୋଲି କହିଥିଲେ। ତେବେ ମୁଭିରେ ୟାମି ଗୌତମ ଜଣେ ଆଇନଜୀବୀ ଭୂମିକାରେ ନଜରକୁ ଆସିବେ।

## 'ଚନ୍ଦୁ ଚାମ୍ପିୟନ'ର ଶୁଟିଂ ଆରମ୍ଭ କଲେ କାର୍ତ୍ତିକ

**ମୁମ୍ବାଇ**



କାର୍ତ୍ତିକ ଆର୍ଯ୍ୟନ

ନିକଟରେ ଅଭିନେତା କାର୍ତ୍ତିକ ଆର୍ଯ୍ୟନଙ୍କ ଫିଲ୍ମ 'ସତ୍ୟ ପ୍ରେମ୍ କି କଥା' ରିଲିଜ୍ ହୋଇଥିବାବେଳେ ବକ୍ସ ଅଫିସରେ ତାହ ଭଲ ରୋଜଗାର କରିଥିଲା। ଏବେ ସେ ତାଙ୍କ ଆଗାମୀ ଫିଲ୍ମ 'ଚନ୍ଦୁ ଚାମ୍ପିୟନ'ର ଶୁଟିଂ ଆରମ୍ଭ କରିଛନ୍ତି। କବି ଖାନ୍‌ଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମ ତାଙ୍କ ପାଇଁ ଅଧିକ ଚ୍ୟାଲେଞ୍ଜିଂ ହେବ ବୋଲି ଆର୍ଯ୍ୟନ କହିଛନ୍ତି। ଏନେଇ ଆର୍ଯ୍ୟନ ଏକ ଫଟୋ ଶେୟାର କରିଛନ୍ତି। ଯେଉଁଥିରେ ସେ ଏକ ଜିମ୍‌ରେ ଥିବା ନଜରକୁ ଆସିଛନ୍ତି। ତାଙ୍କର ଅଧିକ ଚ୍ୟାଲେଞ୍ଜିଂ ଏବଂ ରୋମାଞ୍ଚକର ଯାତ୍ରା ଆରମ୍ଭ ହେଲା ବୋଲି ସେ କ୍ୟାପ୍ସନରେ ଲେଖିଛନ୍ତି। ଏଥିରେ ତାଙ୍କ ସହ ଶ୍ରଦ୍ଧା କପୁର ଏବଂ କ୍ୟାଟ୍ରିନା କୈଫଙ୍କୁ ମଧ୍ୟ ମୁଖ୍ୟ ଚରିତ୍ରରେ ଦେଖିବାକୁ ମିଳିବ। ସାଜିଦ୍ ନାଦିଆଡୱାଲା ଏଥିରେ ପ୍ରଯୋଜନା କରିଥିବାବେଳେ ମୁଭିଟି ୨୦୨୪ ଜୁନ୍ ୧୪ରେ ପ୍ରେକ୍ଷାଳୟକୁ ଆସିବ ବୋଲି ଯୋଜନା ରହିଛି। ତେବେ କାର୍ତ୍ତିକ ୨୦୧୧ରେ ବଲିଉଡ୍‌ରେ 'ପ୍ୟାର କେ ପଞ୍ଚନାମା' ଜରିଆରେ ଡେବ୍ୟୁ କରିଥିଲେ। ଏହାପରେ ସେ ଅନେକ ଫିଲ୍ମ ଦର୍ଶକଙ୍କୁ ଭେଟି ଦେଇଛନ୍ତି। ଏଥିସହ ସେ ଟେଲିଭିଜନ ଶୋ' ଏବଂ ମ୍ୟୁଜିକ୍ ଭିଡିଓରେ ନଜରକୁ ଆସିଥିଲେ।

## ଅବାରେକାଇ ମେଳା

**ବେଙ୍ଗାଲୁରୁ:** ଯେତେବେଳେ ବି ଆମେ ଜଲେବି ବିଷୟରେ ଚିନ୍ତାକରୁ ସେତେବେଳେ ଆମ ମନରେ ଗୋଲ ଏବଂ ହଳଦିଆ ରଙ୍ଗର ଜଲେବି ନଜରକୁ ଆସିଥାଏ। ହେଲେ ନିକଟରେ ସବୁଜ ରଙ୍ଗର ଜଲେବି ସୋସିଆଲ ମିଡିଆରେ ବେଶ୍ ଭାଇରାଲ ହେବାରେ ଲାଗିଛି, ଯାହାକୁ ମାଉଣ୍ଟ ଡ୍ୟୁ ଜଲେବି ବୋଲି କୁହାଯାଉଛି। ପ୍ରକୃତରେ କର୍ନାଟକରେ ଏହାକୁ ଅଭରେବଲି ଜଲେବି ନାମରେ ଜଣାଯାଏ। ଏହା ବେଙ୍ଗାଲୁରୁରେ ବେଶ୍ ଲୋକପ୍ରିୟ। ଏଥିରେ କୌଣସି ରଙ୍ଗ କିମ୍ବା ଖାଦ ମିଶାଯାଇନି। ଏହା ଏକ ହାୟାସିନ୍ଥ ବିନ୍‌ରୁ ପ୍ରସ୍ତୁତ କରାଯାଏ। ଯାହାଫଳରେ ଜଲେବିର ରଙ୍ଗ ସବୁଜ ଦେଖାଯାଏ। ଏହି ଅଭରେବଲି ଜଲେବି ପ୍ରସ୍ତୁତ ପ୍ରଣାଳୀ ମଧ୍ୟ ଭିନ୍ନ ହୋଇଥାଏ। ପ୍ରଥମେ ମଇଦାକୁ ହାୟାସିନ୍ଥ ବିନ୍‌ର ପେଷ୍ଟ ସହିତ ମିଶାଯାଇ କିଛି ଘଣ୍ଟା ପାଇଁ ରଖାଯାଇଥାଏ। ପରେ ତାକୁ ଶିରାରେ ଭିଜାଯାଏ। ଏହାର ସ୍ୱାଦ ଏତେ ସ୍ୱାଦିଷ୍ଟ ହୋଇଥାଏ ଯେ, ବେଙ୍ଗାଲୁରୁରେ ଏହାର ନାମରେ ଏକ ମେଳା ମଧ୍ୟ ଲାଗେ। ଯାହା ଅବାରେକାଇ ମେଳା ନାମରେ ଜଣାଶୁଣା। ଯେଉଁଠାରେ ଲୋକେ ଭିନ୍ନ ଭିନ୍ନ ପ୍ରକାରର ଜଲେବିର ସ୍ୱାଦ ଚାଖିବାକୁ ଆସିଥାନ୍ତି। ହେଲେ ଅଭରେବଲି ଜଲେବିର ସ୍ୱାଦ ସମ୍ପୂର୍ଣ୍ଣ ଭିନ୍ନ ହୋଇଥାଏ।



## ଉଡ଼ି ଉଡ଼ି ପିଜ୍ଜା ଡେଲିଭରି



**ଲଣ୍ଡନ:** ଯୁଗ ଆଧୁନିକ ହେବା ସହ ଲୋକେ ମଧ୍ୟ ଆଧୁନିକ ପ୍ରଣାଳୀକୁ ଆପଣେଇଲେଣି। ଲୋକେ ଘରେ ବସି ସମସ୍ତ ସାମଗ୍ରୀ ଅର୍ଡର କରୁଛନ୍ତି। ତେବେ ଖାଦ୍ୟ ପଦାର୍ଥ ମଧ୍ୟରେ ଲୋକେ ପିଜ୍ଜାକୁ ବେଶି ପସନ୍ଦ କରିଥାନ୍ତି। ଏବେ ଡୋମିନସ୍ ପିଜ୍ଜା ତାଙ୍କ ଗ୍ରାହକଙ୍କ ପାଇଁ କିଛି ନୂତନ ଯୋଜନା ଆଣିଛି। ଏବେ ଆଉ ଖାଦ୍ୟ ଡେଲିଭରି ବୟ କିମ୍ବା ବାଇକ୍ ମାଧ୍ୟମରେ ନୁହେଁ ଏଣିକି ଉଡ଼ି ଉଡ଼ି ଆସି ପହଞ୍ଚିବ। ଏହା ଅଜବ ଲାଗୁଥିଲେ ବି ସତ। ପ୍ରଥମ ଥର ପାଇଁ ଦେଶରେ ଡୋମିନସ୍ ଏପରି ଏକ ଅଭିନବ ଯୋଜନା ଆଣିଛି। ଏଥିରେ ଜଣେ ଡେଲିଭରି ବୟ ଜେଟ୍‌ପ୍ୟାକ ପିନ୍ଧିବେ ଏବଂ ପିଠିରେ ଏକ ପିଜ୍ଜା ଥିବା ବ୍ୟାଗ ନେଇ ପିଜ୍ଜା ଡେଲିଭରି କରିବେ ; ଯାହା କି ତାଙ୍କର ଅନେକ ସମୟ ବଞ୍ଚାଇବ। ବ୍ରିଟେନ୍‌ରେ ଡୋମିନସ୍ କମ୍ପାନୀ ଏପରି ଉପାୟ ଅବଲମ୍ବନ କରିଛି। ଯାହାକୁ ରକେଟ୍ ମ୍ୟାନ ଜେଟ୍‌ପ୍ୟାକ୍ ଡେଲିଭରି କୁହାଯାଉଛି। ଜଣେ ଡେଲିଭରି ବୟ ଉଡ଼ି ଉଡ଼ି ଯାଇ ଚାଲିଥିବା ଏକ ସଙ୍ଗୀତ କାର୍ଯ୍ୟକ୍ରମରେ ପିଜ୍ଜା ଡେଲିଭରି କରିଛନ୍ତି। ଏହି ଜେଟ୍ ଶୁଟ୍ ଡେଲିଭରି ବୟକୁ ସୁରକ୍ଷା ଦେବା ସହ ଖାଦ୍ୟକୁ ମଧ୍ୟ ଗରମ ରଖିବ।

## ସଂକ୍ଷେପରେ

### ବୃଦ୍ଧାଙ୍କୁ କଚାଡ଼ି ମାରିଲା ଦନ୍ତା

■ ବର୍ତ୍ତିଲେ ସ୍ୱାମୀ, ୨ ଛୁଆ
■ ପ୍ରତିଶ୍ରୁତି ପରେ ରାସ୍ତାରୁ ଉଠିଲା ମୃତଦେହ

ଟେନ୍ସା,୧୩।୭( ସମୀର କୁମାର ପାଢ଼ୀ) ସୁନ୍ଦରଗଡ଼ ଜିଲା ବରସୁଆଁ ରେଞ୍ଜ ଅନ୍ତର୍ଗତ କୋଇଡା ବ୍ଲକ ଡେଙ୍ଗୁଲା ଗ୍ରାମରେ ଦନ୍ତା ଆକ୍ରମଣରେ ଜଣେ ବୃଦ୍ଧାଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ସୀତା ମୁଣ୍ଡା(୩୬)। ହେଲେ ଦନ୍ତା ଆକ୍ରମଣରୁ ଅଳ୍ପକେ ସ୍ୱାମୀ ଓ ୨ ଛୁଆ ବର୍ତ୍ତି ଯାଇଛନ୍ତି। କ୍ଷତିପୂରଣ ଦାବିରେ ପରିବାର ଲୋକେ ଟେନ୍ସା- କୋଇଡ଼ା ରାସ୍ତା ଅବରୋଧ କରିଥିଲେ। ଖବର ପାଇ କୋଇଡ଼ା ପୋଲିସ, ବରସୁଆଁ ରେଞ୍ଜ ଅଧିକାରୀ ନବୀନ ପ୍ରଧାନ, ଡେଙ୍ଗୁଲା ଫରେଷ୍ଟର କୃଷ୍ଣ ଚନ୍ଦ୍ର ସାହୁ ଘଟଣା ସ୍ଥଳରେ ପହଁଞ୍ଚିପରିବାର ବର୍ଗଙ୍କୁ ବୁଝାଶୁଝାକରିଥିଲେ। ମୃତକଙ୍କ ପରିବାରକୁ ୬ ଲକ୍ଷ ଟଙ୍କା ଅନୁକମ୍ପା ରାଶି ପ୍ରଦାନ କରାଯିବା ନେଇ ପ୍ରତିଶ୍ରୁତି ଦିଆଯାଇଛି। ମୃତଦେହ ସତ୍କାର ପାଇଁ ନଗଦ ୫୦ ହଜାର ଟଙ୍କା ପ୍ରଦାନ କରାଯିବା ପରେ ରାସ୍ତାରୋକୋ ହଟିଥିଲା। ପୋଲିସ ମୃତଦେହ ଜବତ କରି କୋଇଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ସୂଚନାଯୋଗ୍ୟ, ସ୍ୱାମୀ ପରମା ମୁଣ୍ଡା ଓ ସ୍ତ୍ରୀ ସୀତା ରାତିରେ ୨ ଛୁଆଙ୍କ ସହ ଘରେ ଶୋଇଥିଲେ। ଗୁରୁବାର ଭୋର ୫ଟା ସମୟରେ ଦନ୍ତାହାତୀ ଖାଦ୍ୟ ଅନ୍ୱେଷଣରେ ପରମାଙ୍କ ଘର ଭଙ୍ଗାରୁଜା କରିଥିଲା। ଭଙ୍ଗାରୁଜା ଶବ୍ଦ ଶୁଣି ସ୍ୱାମୀ ସ୍ତ୍ରୀ ୨ ଛୁଆକୁ ଧରି ଘରବାହାରକୁ ଦୌଡ଼ିପଳାଉଥିବା ସମୟରେ ଦନ୍ତା ଶୁଣ୍ଢରେ ପଛପଟୁ ସୀତାଙ୍କୁ ଟାଣି ଆଣି ତଳେ କଚାଡ଼ିଦଳି ଦେଇଥିଲା। ଫଳରେ ଘଟଣା ସ୍ଥଳରେ ସୀତାଙ୍କ ମୃତ୍ୟୁ ହୋଇଯାଇଥିଲା।

### ବାଲିମେଳା ପୋଟେରୁ ଜଳସେଚନ ପ୍ରକଳ୍ପକୁ ଜାତୀୟସ୍ତରୀୟ ପ୍ଲାଟିନମ ଆୱାର୍ଡ




ବାଲିମେଳା, ୧୩।୭(ଶିବଦତ୍ତ ସାହୁ ) ମାଲକାନଗିରି ଜିଲା ପୋଟେରୁ ଜଳସେଚନ ପ୍ରକଳ୍ପ ଜାତୀୟସ୍ତରରେ ଏସ୍‌କେ ଓ ସିଏଚ୍ ସଂସ୍ଥା ତରଫରୁ ପ୍ଲାଟିନମ୍ ସମ୍ମାନରେ ସମ୍ମାନିତ ହୋଇଛି। ଜଳସେଚନ ସୁପରିଚାଳନା ସହ ଠିକ୍ ସମୟରେ ଚାଷୀଙ୍କ ପାଖରେ ପହଞ୍ଚାଇବା ଓ କେନାଲ ପରିଚାଳନା ଆଦି ପାଇଁ ବାଲିମେଳା ଜଳସେଚନ ପ୍ରକଳ୍ପକୁ ଜାତୀୟସ୍ତରରେ ପ୍ଲାଟିନମ ଆୱାର୍ଡରେ ସମ୍ମାନିତ କରାଯାଇଛି। ମୁଖ୍ୟ ନିର୍ମାଣ ଯନ୍ତ୍ରୀ ଚନ୍ଦ୍ରଶେଖର ମିଶ୍ର କହିଛନ୍ତି, ଏ ପୁରସ୍କାର ପାଇଁ ପୋଟେରୁ ପ୍ରକଳ୍ପର ସମସ୍ତ କର୍ମଚାରୀଙ୍କର ଅବଦାନ ରହିଛି। ବିଶେଷ ଭାବେ ଜଳସେଚିତ ଗ୍ରାମଗୁଡ଼ିକରେ ପାଣି ପଞ୍ଚାୟତ ଗଠନକରି ଆମ କର୍ମଚାରୀ ଓ ଚାଷୀମାନେ ମିଶି ଜଳ ସୁପରିଚାଳନା କରିବା ଦ୍ୱାରା ଆଜି ଜିଲାର ସମସ୍ତ ଚାଷୀ ଉପକୃତ ହୋଇଛନ୍ତି। ବର୍ତ୍ତମାନ ତମସା କେନାଲରେ କଂକ୍ରିଟ କାମ ଚାଲିଛି। ଏହା ସରିବା ପରେ ଜଳ ପରିଚାଳନା ଆହୁରି ଭଲ ହେବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି।

# ନିରୀହ ଜମିହରାଙ୍କୁ କାରଖାନା ମନା

## ନୁଭୋକୋ କାରଖାନା କର୍ତ୍ତୃପକ୍ଷଙ୍କ ପ୍ରରୋଚନା

■ ନିଯୁକ୍ତି ପାଇଲେନି କ୍ଷତିଗ୍ରସ୍ତ ପରିବାର
■ଶିଳ୍ପ ପାଇଁ ଜମି ଦେଇ ଚାଷୀ ଦିନ ମଜୁରିଆ

ଯାଜପୁର/କଳିଙ୍ଗନଗର, ୧୩।୭
(ହର୍ଷବର୍ଦ୍ଧନ ବେହେରା/ ଶୁଭାଶିଷ ରାଉତ)

କଳିଙ୍ଗନଗର ଶିଳ୍ପାଞ୍ଚଳର ମାଣତିରା ଗ୍ରାମର ନିରୀହ ଜମିହରାଙ୍କୁ କାରଖାନା ଗେଟ୍ ପରିସରରେ ବି ପାଦ ଥାପିବା ମନା। ଏଭଳି କଠୋର ନିଷ୍ପତ୍ତି ନେଇଛନ୍ତି ଡବଲ ବୁଲ୍ ସିମେଣ୍ଟ ନୁଭୋକୋ(ପୂର୍ବ ନାମ ଇମାମି ସିମେଣ୍ଟ)କାରଖାନା କର୍ତ୍ତୃପକ୍ଷ। ଏହି ସିମେଣ୍ଟ କାରଖାନା ପ୍ରତିଷ୍ଠା ପୂର୍ବରୁ ୨୦୧୨।୨୦୧୬ରେ ଅନୁଷ୍ଠିତ ଏକ ତ୍ରିପାକ୍ଷିକ ବୈଠକରେ ନିଯୁକ୍ତି ଏବଂ ଅନ୍ୟାନ୍ୟ କ୍ଷେତ୍ରରେ ଲିଖିତ ପ୍ରତିଶ୍ରୁତି ଦେଇ ଉତ୍ପାଦନ ହେବା ପରେ ଜମିହରାଙ୍କୁ ଠକି ଚାଲିଛି। ଫଳରେ ୫୦ରୁ ଊର୍ଦ୍ଧ୍ୱ ନିରୀହ ଜମିହରା ପରିବାର ନିଯୁକ୍ତି ନ ପାଇ ଦିନ ମଜୁରିଆ ସାଜିଛନ୍ତି। ଏପରି କି କ୍ଷତିଗ୍ରସ୍ତ ପରିବାର ଲୋକେ ନିଯୁକ୍ତି ଦାବି କରି କାରଖାନା ସମ୍ମୁଖରେ ଏକାଧିକ ଥର ଆନ୍ଦୋଳନ କରିବା ପରେ ସେମାନଙ୍କୁ ଭାଗ ଭାଗ କରିବା ପାଇଁ କୂଟନୀତି ଆପଣାଇଥିବା ଅଭିଯୋଗ ହୋଇଛି। ଏହାସହ ଯେଉଁ କେତେକ ଜମିହରା ପରିବାର ନିଯୁକ୍ତି ପାଇଛନ୍ତି ସେମାନେ ବହୁତ କମ ଦରମାରେ ଠିକା ଶ୍ରମିକ କିମ୍ୱା ଦିନ ମଜୁରିଆ ଭାବେ ଖଟୁଛନ୍ତି। ଏହିକ୍ରମରେ ଗତ ୨୮ ତାରିଖରେ କର୍ମଚାରୀମାନେ ନିୟମିତ ନିଯୁକ୍ତି ସହ ଦରମା ବୃଦ୍ଧି ଆଦି ଦାବି କରି କାରଖାନା ସମ୍ମୁଖରେ ଆନ୍ଦୋଳନ କରିଥିବା ସୂଚନା ମିଳିଛି ।

ଯାଜପୁର ଜିଲା କଳିଙ୍ଗନଗର ପ୍ରଭାବିତ ଅଞ୍ଚଳବାସୀ ତଥା କ୍ଷତିଗ୍ରସ୍ତ ପରିବାରଙ୍କ ସମସ୍ୟାଠାରୁ ଦୂରେଇ ଯାଉଥିବାରୁ ଶିଳ୍ପ ଓ ଖଣିସଂସ୍ଥାଗୁଡିକ ଉପରେ ଜନ ଅଶାନ୍ତି ବିସ୍ଫୋରକ ପରିସ୍ଥିତି ସୃଷ୍ଟି କରିଛି। ସ୍ଥାନୀୟ ନିଯୁକ୍ତି ଆଶା କ୍ରମଶଃ ମଉଳି ଯାଉଥିବାରୁ ଶିଳ୍ପ ପ୍ରତି ଲୋକଙ୍କ ମୋହ ତୁଟିବାରେ ଲାଗିଛି। ୯୦ଦଶକରେ ଏକର ପିଛା ମାତ୍ର ୩୭ ହଜାର ଟଙ୍କାରେ ଲୋକଙ୍କ ହଜାର ହଜାର ଏକର ଜମି ରାଜ୍ୟ ସରକାରଙ୍କ ସଂସ୍ଥା ଇଡ୍‌କୋ ଜରିଆରେ ଅଧିଗ୍ରହଣ କରାଯାଇଛି। ଏହି ପ୍ରକ୍ରିୟାରେ ଭିଟାମାଟି ଜମି ହରାଉଥିବା ଲୋକ ନ୍ୟାୟ ପାଉ ନ ଥିବା କାରଣରୁ ଶିଳ୍ପକୁ ନେଇ ଅସନ୍ତୋଷ ସୃଷ୍ଟି ହେଉଛି। ଏହି କ୍ରମରେ ମେସର୍ସ ଇମାମି ସିମେଣ୍ଟ ଲିମିଟେଡ ବା ନୁଭୋକୋ କାରଖାନା ଦାନଗଦି ତହସିଲ ଅନ୍ତର୍ଗତ ମାନତିରା ମୌଜା ଦଶମାଣିଆଠାରେ ପ୍ରାୟ ୩ ବର୍ଷ ହେବ ସିମେଣ୍ଟ ଗ୍ରାଇଣ୍ଡିଂ ମିଲ ପ୍ରକଳ୍ପରୁ ଉତ୍ପାଦନ ଆରମ୍ଭ ହୋଇଛି। ହେଲେ ପୂର୍ବ ପ୍ରତିଶ୍ରୁତି ଅନୁସାରେ ଇମାମି କାରଖାନା କର୍ତ୍ତୃପକ୍ଷ ପ୍ରାୟ ୫୦ରୁ ଊର୍ଦ୍ଧ୍ୱ ଜମିହରା ପରିବାରଙ୍କୁ ଏଯାଏ ସ୍ଥାୟୀ ନିଯୁକ୍ତି ଦେଇ ପାରିନାହାଁନ୍ତି। ଏନେଇ ବାରମ୍ବାର କ୍ଷତିଗ୍ରସ୍ତ ପରିବାର କମ୍ପାନୀ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରୁଥିଲେ ହେଁ ବିଭିନ୍ନ ଆଳ ଦେଖାଇ ଦିନ ଗଡ଼ାଇ ଚାଲିଛନ୍ତି।


ଦରମା ବୃଦ୍ଧି ଦାବିରେ କର୍ମଚାରୀମାନେ ଧାରଣାରେ ବସିଛନ୍ତି।

୨୦୧୭ରେ କଳିଙ୍ଗନଗରରେ ଇମାମି ସିମେଣ୍ଟ କାରଖାନା ଗଢି ଉଠିଥିଲା । ବର୍ଷକୁ ୨.୦ ମିଲିୟନ ଟନ୍ ପୋର୍ଟଲ୍ୟାଣ୍ଡ ପୋଯୋଲୋନା ସିମେଣ୍ଟ(ପିପିସି), ପୋର୍ଟଲ୍ୟାଣ୍ଡ ଧାତୁ ଖାଦ(ପିଏସ୍‌ସି) ଏବଂ ସାଧାରଣ ପୋର୍ଟଲ୍ୟାଣ୍ଡ ସିମେଣ୍ଟ(ଓପିସି) ଉତ୍ପାଦନ କରିବାକୁ ଏହି କାରଖାନା ଲକ୍ଷ୍ୟ ରଖିଥିଲା । ପ୍ରକଳ୍ପରେ ସମୁଦାୟ ୪୦୧ କୋଟି ଟଙ୍କା ଖର୍ଚ୍ଚ ହେବ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଥିଲା । ଏହାସହ ପ୍ରକଳ୍ପର ନିର୍ମାଣ ଅବଧି ସମୟରେ ପ୍ରାୟ ୪୫୦ କର୍ମଚାରୀ ଏବଂ ୫୮ ସ୍ଥାୟୀ କର୍ମଚାରୀ ନିଯୁକ୍ତି ପାଇବେ ବୋଲି ପ୍ରତିଶ୍ରୁତି ଦିଆଯାଇଥିଲା । ପ୍ରକଳ୍ପ ପାଇଁ ସମୁଦାୟ ୭୦.୫୦ ଏକର ଜମି ସରକାରଙ୍କଠାରୁ ଲିଜ୍ ସୂତ୍ରରେ ମିଳିଥିଲା। କିନ୍ତୁ ଜମିହରାଙ୍କୁ ସ୍ଥାନୀୟ ନିଯୁକ୍ତି ମିଳିବାର ସନ୍ଦେହ କରି ପ୍ରଥମ ଜନଶୁଣାଣିକୁ ପ୍ରଭାବିତ ଲୋକେ ବିରୋଧ କରିଥିଲେ । ପରବର୍ତ୍ତୀ ସମୟରେ ଇମାମି କର୍ତ୍ତୃପକ୍ଷ ଚଞ୍ଚକତା କରି କେତେଜଣ ପ୍ରଭାବଶାଳୀ ରାଜନେତାଙ୍କୁ ହାତକରି ଜନଶୁଣାଣିକୁ ସଫଳ କରିଥିଲେ। ସେତେବେଳେ ସମସ୍ତ ଜମିହରା ପରିବାରଙ୍କୁ ନିଯୁକ୍ତି ସମେତ ସ୍ୱଚ୍ଛ ପାନୀୟ ଜଳ ବ୍ୟବସ୍ଥା, ଜମିହରା ପରିବାରଙ୍କୁ ନିଯୁକ୍ତିରେ ପ୍ରାଧାନ୍ୟ, ବିଭିନ୍ନ ଦକ୍ଷତା ବିକାଶ କାର୍ଯ୍ୟକ୍ରମ, ୩ ମାସରେ ଥରେ ସ୍ୱାସ୍ଥ୍ୟ କ୍ୟାମ୍ପର ଆୟୋଜନ, ପ୍ରଦୂଷଣ ନିୟନ୍ତ୍ରଣ ଆଦି ପ୍ରତିଶ୍ରୁତି ପାଣିର ଗାର ହୋଇଛି। ଫଳରେ ଜମିହରା ପରିବାରବର୍ଗଙ୍କ ମଧ୍ୟରୁ କୃପାସିନ୍ଧୁ ଜେନା, ସନ୍ତୋଷ ଜେନା, ମହେନ୍ଦ୍ର ଜେନା, ପ୍ରେମାନନ୍ଦ ଜେନା, ବିଶ୍ୱରଞ୍ଜନ ଜେନା, ଅମରେନ୍ଦ୍ର ଜେନା, ପ୍ରଶାନ୍ତ ବ୍ରହ୍ମ, ସୁଶାନ୍ତ ବ୍ରହ୍ମ, ସୋମନାଥ ବ୍ରହ୍ମ, ଦୀପକ କୁମାର ନାୟକ, ଦେବୀପ୍ରସାଦ ଜେନା ପ୍ରମୁଖ ଜମିହରା ପରିବାର ଏବେ ଦୁର୍ଦ୍ଦିନରେ କାଳାତିପାତ କରୁଛନ୍ତି। ଦୀର୍ଘ ୭ ବର୍ଷ ହେଲା ପୁନର୍ବାସ ଓ ଥଇଥାନ ଉପଦେଷ୍ଟା କମିଟି ବୈଠକ ନିୟମିତ ବସୁ ନ ଥିବାରୁ କ୍ଷତିଗ୍ରସ୍ତ ପରିବାରଗୁଡିକର ସମସ୍ୟା ଅସମାହିତ ରହିଛି। ଫଳରେ ଲୋକଙ୍କ ମଧ୍ୟରେ ଧୈର୍ଯ୍ୟଚ୍ୟୁତି ଘଟିବାରେ ଲାଗିଛି। ଉଚ୍ଚସ୍ତରରେ ପ୍ରତିନିଧିତ୍ୱ କରୁଥିବା ଜନ ପ୍ରତିନିଧିଙ୍କ ଭୂମିକା ମଧ୍ୟ ସନ୍ତୋଷଜନକ ଓ ଗ୍ରହଣଯୋଗ୍ୟ ଲୋକଙ୍କ ପାଇଁ ହେଉନାହିଁ ବୋଲି ମତପ୍ରକାଶ ପାଇଛି। ଗତ ପ୍ରାୟ ୨ ବର୍ଷ ହେଲା ଇମାମି ସିମେଣ୍ଟ ବିକ୍ରି ହୋଇ ନୁଭୋକୋ ନାମରେ ନାମିତ ହୋଇଛି।

ଏ ସଂକ୍ରାନ୍ତରେ କଳିଙ୍ଗନଗର ଅତିରିକ୍ତ ଜିଲାପାଳ ସନ୍ତୋଷ କୁମାର ମିଶ୍ରଙ୍କୁ ପଚାରିବାରୁ ସେ କହିଛନ୍ତି, ଯେଉଁମାନଙ୍କ ଜମି ଯାଇଛି ସେମାନଙ୍କୁ ଅତିରିକ୍ତ କ୍ଷତିପୂରଣ ପ୍ରଦାନ କରାଯାଇଛି। ଏହି କମ୍ପାନୀ ପ୍ରତିଷ୍ଠାରେ କେହି ବିସ୍ଥାପିତ ହୋଇ ନାହାନ୍ତି। ତଥାପି ସ୍ଥାନୀୟ ନିଯୁକ୍ତି ଉପରେ ପ୍ରାଧାନ୍ୟ ଦିଆଯାଉଛି। ତେବେ ପୂର୍ବ ପ୍ରତିଶ୍ରୁତି କାହିଁକି ପୂରଣ କରାଯାଇ ନାହିଁ, ସେ ନେଇ ଆବଶ୍ୟକ ତଦନ୍ତ କରି ପଦକ୍ଷେପ ଗ୍ରହଣ କରାଯିବ।


emami cement limited
KNIC, Village-Mantira, Tehsil-Danagadi, Jajpur Road, Odisha – 755028

Date: 20.12.2016

**Commitment of Emami Cement Limited**

Emami Cement Ltd. intends to set up a 2.0 MTPA Cement Grinding Unit at - Village Mantira, Tehsil - Danagadi, Kalinganagar Industrial Complex Distt. - Jajpur, Odisha

The company is committed to execute the following CSR activities for development and upliftment of people of local villages falling in the immediate vicinity/ adjoining of the project site in due course of time –

1. Strengthen and widen road from main road to Jagannath temple of Mantira village of maximum 1 km length as per R&B specifications subject to permission / approval from the concerned authorities.
2. Make arrangement for supply of safe drinking water to local villages falling in the immediate vicinity/ adjoining of the project site.
3. Repair / renovation of water pumping system for Mantira village.
4. Priority shall be given to land losers of the Emami Cement project site and then peripheral area while giving jobs based on the eligibility, required qualifications and subject to fulfilment of the laid down criteria of the company ( viz. Age / antecedent records etc.) as soon as the plant will be operational for continuous production.
5. Construction of community centre of about 1500 sq. Ft size as well as boundary wall existing Mantira Grama Debati Temple.
6. Sufficient support to local youths for sports, skill development and training of SHG (Self Health Group) on case to case basis.
7. Medical / Health awareness camps will be organised every quarter at local village the immediate vicinity / adjoining of the project site with the help of local hospital authorities.
8. Renovation of entry gate using the existing pillars at the entrance of Mantira village.
9. Company will take all necessary measures to control the pollution as per guideline Odisha Pollution Control Board during operation of the plant.

The company will abide to execute all the above jobs as per Govt. Norms of CSR activities

Representatives of local villages in the immediate vicinity / adjoining of the project site agreed to provide full support to the management of Emami Cement Ltd. for installation operation of the aforesaid cement plant in a very peaceful manner.

For Emami Cement Ltd.
Authorised Signatory

Registered Office:
Emami Tower, 2nd floor, 687 Anandapur, e.m. bypass, Kolkata 700107
CIN: U2690WB2007PLC116503

ତ୍ରିପାକ୍ଷିକ ବୈଠକ ପରେ ପ୍ରସ୍ତୁତ ହୋଇଥିବା ପ୍ରତିଶ୍ରୁତି ପତ୍ରର ନକଲ।

# ଫସଲ ବୀମା ଯୋଜନା: ୨ ହେକ୍ଟର ଯାଏ ପ୍ରିମିୟମ୍ ରାଜ୍ୟ ବହନ କରିବ

## ଜାରି ହେବ ଫସଲ ବୀମାଚକ୍ର

ଭୁବନେଶ୍ୱର,୧୩।୭(ଅନିଲ ଦାସ)

ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା (ପିଏମ୍ଏଫ୍‌ବିୱାଇ) ଅଧୀନରେ ରାଜ୍ୟ ସରକାର ନିଜସ୍ୱ ସବ୍‌ସିଡି ଅଂଶ ସହ ଚାଷୀଙ୍କ ପ୍ରିମିୟମ ବହନ କରିବେ। ପ୍ରତ୍ୟେକ ଚାଷୀଙ୍କୁ ୨ ହେକ୍ଟର (୫ ଏକର) ପର୍ଯ୍ୟନ୍ତ ଚାଷଜମି ଉପରେ ଏହି ସୁବିଧା ମିଳିବ। ଏହା ଦ୍ୱାରା ରାଜ୍ୟର ଅଧିକରୁ ଅଧିକ କ୍ଷୁଦ୍ର ଓ ନାମମାତ୍ର ଚାଷୀ ଉପକୃତ ହୋଇପାରିବେ। ଏହି ସୁବିଧା ପାଇବା ନିମନ୍ତେ ଚାଷୀମାନଙ୍କୁ ଯୋଜନା ଅଧୀନରେ ପଞ୍ଜୀକରଣ କରିବାକୁ ପଡ଼ିବ। ସେମାନଙ୍କ ବ୍ୟାଙ୍କ ଖାତାକୁ ସଚଳ ଓ କାର୍ଯ୍ୟକ୍ଷମ କରିବା ପାଇଁ ଟୋକନ୍ ମନି ବାବଦରେ ୧ ଟଙ୍କା ଦେବାକୁ ପଡ଼ିବ। ୨ ହେକ୍ଟରରୁ ଅଧିକ ଚାଷଜମି ଥିବା କୃଷକମାନଙ୍କୁ ୨ ହେକ୍ଟର ବାଦ୍ ଅନ୍ୟ ଜମି ନିମନ୍ତେ ପ୍ରିମିୟମ ଅଂଶ ଦେବାକୁ ପଡ଼ିବ। ରାଜ୍ୟ ସରକାରଙ୍କ ସମବାୟ ବିଭାଗ ପକ୍ଷରୁ ଏ ସଂକ୍ରାନ୍ତରେ ଗୁରୁବାର ଏକ ସଂକଳ୍ପନାମା ଜାରି କରାଯାଇଛି।

ଚଳିତ ବର୍ଷ ଏକ ନୂତନ ବୀମାଚକ୍ର (ଖରିଫ ୨୦୨୩ରୁ ରବି ୨୦୨୫–୨୬ ପର୍ଯ୍ୟନ୍ତ) ଆରମ୍ଭ ହୋଇଛି। ରାଜ୍ୟ ସରକାର ଉପରୋକ୍ତ ଫସଲ ବୀମା ଯୋଜନା ଜାରି ରଖିବା ପାଇଁ ନିଷ୍ପତ୍ତି ନେଇଛନ୍ତି। ଏହି ନୂତନ ଫସଲ ବୀମା ଚକ୍ର ପାଇଁ ଇ–ଟେଣ୍ଡର ମାଧ୍ୟମରେ ୪ଟି ବୀମା କମ୍ପାନୀ ଚୟନ କରାଯାଇଛି। ସେଗୁଡ଼ିକ ହେଉଛି–ଏଗ୍ରିକଲ୍‌ଚରାଲ ଇନ୍‌ସ୍ୟୁରାନ୍ସ କମ୍ପାନୀ ଅଫ୍ ଇଣ୍ଡିଆ ଲିମିଟେଡ୍, ଏସ୍‌ବିଆଇ ଜେନେରାଲ ଇନ୍‌ସ୍ୟୁରାନ୍ସ କମ୍ପାନୀ ଲିମିଟେଡ୍, ଫ୍ୟୁଚର ଜେନେରାଲି ଇଣ୍ଡିଆ ଇନ୍‌ସ୍ୟୁରାନ୍ସ ଲିଃ ଏବଂ ରିଲିଆନ୍ସ ଜିଆଇସି ଲିମିଟେଡ୍। ଏହି ଫସଲ ବୀମା ଯୋଜନା ଅଧୀନରେ ପ୍ରାୟ ୧୦ରୁ ୧୨ ଲକ୍ଷ ଚାଷୀଙ୍କ ୧୦ ଲକ୍ଷ ହେକ୍ଟର ପରିମିତ ଚାଷଜମିକୁ ବୀମାଭୁକ୍ତ କରାଯାଉଛି। ରାଜ୍ୟର ଚାଷୀମାନଙ୍କ ସ୍ୱାର୍ଥ ଦୃଷ୍ଟିରୁ ବୀମାଭୁକ୍ତ କୃଷକ ସଂଖ୍ୟା ଏବଂ ଚାଷଜମିର ପରିମାଣ ବୃଦ୍ଧିକରିବା ନିମନ୍ତେ ଓଡ଼ିଶା ସରକାର ଐତିହାସିକ ପଦକ୍ଷେପ ନେଇଛନ୍ତି। ଏହି ଖରିଫ ଋତୁରୁ ରାଜ୍ୟ ସରକାର ଫସଲ ବୀମା ଯୋଜନା ଅଧୀନରେ ବୀମା ପ୍ରିମିୟମର କୃଷକଙ୍କ ଅଂଶ ନିଜସ୍ୱ ଉତ୍ସରୁ ବହନ କରିବେ। ଏହା ଦ୍ୱାରା ପ୍ରିମିୟମ ଅର୍ଥ ଅଭାବରୁ କ୍ଷୁଦ୍ର ଏବଂ ନାମମାତ୍ର ଚାଷୀ ଯୋଜନାର ଲାଭ ପାଇବାରୁ ବଞ୍ଚିତ ହେବେ ନାହିଁ।

ଖରିଫ ୨୦୧୬ଠାରୁ ରାଜ୍ୟରେ ପିଏମ୍ଏଫ୍‌ବିୱାଇ କାର୍ଯ୍ୟକାରୀ ହେଉଛି। ପାଣିପାଗର ଅନିଶ୍ଚିତତା କାରଣରୁ ଚାଷୀମାନଙ୍କ ଫସଲ ଉତ୍ପାଦନରେ କ୍ଷତିରୁ ଏହି ଫସଲ ବୀମା ଯୋଜନା ସୁରକ୍ଷା ପ୍ରଦାନ କରିଥାଏ। ଫସଲ ବୀମା ଯୋଜନା ଅଧୀନରେ ବିହନ ବୁଣିବାରେ ବାଧା, ଉତ୍ପାଦନର ମଧ୍ୟଭାଗରେ ପ୍ରତିକୂଳ ପରିସ୍ଥିତି ଦେଖାଦେବା, ବିପର୍ଯ୍ୟୟ ଓ ଅମଳ ପରବର୍ତ୍ତୀ କ୍ଷତିଆଦିବୀମାଭୁକ୍ତ ହୋଇଥାଏ। ଭାରତ ସରକାରଙ୍କ ଦ୍ୱାରା ପ୍ୟାନେଲଭୁକ୍ତ ବୀମା କମ୍ପାନୀଗୁଡ଼ିକ ମଧ୍ୟରେ ଏକ ଖୋଲା ବିଡିଂ ପ୍ରକ୍ରିୟା ମାଧ୍ୟମରେ ପ୍ରତି ୩ ବର୍ଷରେ ଥରେ ମନୋନୀତ ବୀମା କମ୍ପାନୀଗୁଡ଼ିକ ଦ୍ୱାରା ଏହି ଫସଲ ବୀମା ଯୋଜନା କାର୍ଯ୍ୟକାରୀ ହୋଇଥାଏ। କୃଷକମାନେ ସାଧାରଣତଃ ଖରିଫ ପାଇଁ ବୀମାଭୁକ୍ତ ରାଶିର ୨ ପ୍ରତିଶତ, ରବି ଫସଲ ପାଇଁ ୧.୫ ପ୍ରତିଶତ (ବାଣିଜ୍ୟିକ ଫସଲ ବ୍ୟତୀତ) ଏବଂ ବାଣିଜ୍ୟିକ ଫସଲ ପାଇଁ ୫ ପ୍ରତିଶତ ପ୍ରିମିୟମ ଦେଇଥାନ୍ତି। ପ୍ରିମିୟମର ଅବଶିଷ୍ଟ ଅର୍ଥରାଶି ସବ୍‌ସିଡି ଭାବେ ପ୍ରଦାନ କରାଯାଇଥାଏ। ଏହି ସବ୍‌ସିଡି ଭାରତ ସରକାର ଓ ରାଜ୍ୟ ସରକାର ସମାନ ଅନୁପାତରେ ଦେଇଥାନ୍ତି।



ଭାରତର ଉତ୍ତର-ପୂର୍ବ ରାଜ୍ୟରେ ଫେଡେରେଶନ୍ ଅଫ୍ ଇଣ୍ଡିଆନ୍ ଚାମ୍ବର୍ସ ଅଫ୍ କମର୍ସ ଆଣ୍ଡ୍ ଇଣ୍ଡଷ୍ଟ୍ରି (ଫିକି)ର ପ୍ରଥମ ଜାତୀୟ କାର୍ଯ୍ୟକାରୀ କମିଟି ବୈଠକ ଆସାମର ଗୁଆହାଟୀଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଏକ ବିଶେଷ ଅବସରରେ ଫିକିର ସଭାପତି ଶୁଭ୍ରକାନ୍ତ ପଣ୍ଡା ଏବଂ ଆସାମ ମୁଖ୍ୟମନ୍ତ୍ରୀ ଡ. ହିମନ୍ତ ବିଶ୍ୱଶର୍ମା।

# ଲାପ୍‌ଟପ୍ ପାଇଁ ୧୫ରୁ ଆବେଦନ

ଭୁବନେଶ୍ୱର,୧୩।୭ (ଅନୁରାଧା ମହାରଣା)

ଲାପଟପ୍ ଡିବିଟି ଯୋଜନା ୨୦୨୧ ଓ ୨୦୨୨ ଅଧୀନରେ ଦ୍ୱାଦଶ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଥିବା ୧୫ ହଜାର ମେଧାବୀଙ୍କୁ ଲାପଟପ୍ ପ୍ରଦାନ କରାଯିବ। ଏଥିପାଇଁ ଜୁଲାଇ ୧୫ରୁ ଅଗଷ୍ଟ ୫ ମଧ୍ୟରେ ଆବେଦନ କରିବା ପାଇଁ ଉଚ୍ଚ ଶିକ୍ଷା ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଏହି ଯୋଜନାରେ ଯୋଗ୍ୟ ଛାତ୍ରୀଛାତ୍ରଙ୍କ ତାଲିକା www.dhe.odisha.gov.in ଓ www.scholarship.odisha.gov.in ୱେବ୍‌ସାଇଟରେ ଉପଲବ୍ଧ ହୋଇଛି। ଲାପଟପ୍ ଡିବିଟି ଯୋଜନା ୨୦୨୧ ପାଇଁ ୨୦୨୨ ମାର୍ଚ୍ଚ ୨୯ରୁ ଆବେଦନ ଗ୍ରହଣ କରାଯାଉଥିବାବେଳେ ଲାପଟପ୍ ଡିବିଟି ଯୋଜନା ୨୦୨୨ ପାଇଁ ୨୦୨୩ ଏପ୍ରିଲ ୫ରୁ ଆବେଦନ କରାଯାଉଛି। ତେବେ ବର୍ତ୍ତମାନ ସୁଦ୍ଧା ଆବେଦନ କରି ନ ଥିବା ମେଧାବୀ ଛାତ୍ରୀଛାତ୍ର www.scholarship.odisha.gov.in ମାଧ୍ୟମରେ ଆବେଦନ କରିପାରିବେ। ନିଜ ଆଧାର ନମ୍ବର ଏବଂ ଆଧାର ସହିତ ସଂଯୋଗ ହୋଇଥିବା ମୋବାଇଲ ନମ୍ବର ମାଧ୍ୟମରେ ପଞ୍ଜିକରଣ କରି ନିର୍ଦ୍ଧାରିତ ମାର୍ଗଦର୍ଶିକା ଅନୁଯାୟୀ ବିବରଣୀ ପ୍ରଦାନ କରିବାକୁ କୁହାଯାଇଛି।

# ୧୬ରେ ଇଣ୍ଡିଆନ କନ୍‌ଫରେନ୍ସ ଅଫ୍ ଇଣ୍ଟେଲେକ୍‌ଚୁଆଲ

■ ଯୋଗଦେବେ ହାଇକୋର୍ଟ ବିଚାରପତି ବିଶ୍ୱନାଥ ରଥ
■ ବିଶ୍ୱଭୂଷଣ ହରିଚନ୍ଦନଙ୍କ ଆତ୍ମଜୀବନୀ ପୁସ୍ତକ ଉନ୍ମୋଚନ ହେବ

କଟକ,୧୩।୭ (କାର୍ତ୍ତିକ ସାହୁ)

ଇଣ୍ଡିଆନ କନ୍‌ଫରେନ୍ସ ଅଫ ଇଣ୍ଟେଲେକ୍‌ଚୁଆଲ ସମ୍ମିଳନୀ ନୂଆଦିଲ୍ଲୀସ୍ଥିତ ସି.ଡି. ଦେଶମୁଖ ଅଡିଟୋରିୟମ ହଲରେ ଆସନ୍ତା ୧୬ତାରିଖରେ ଅନୁଷ୍ଠିତ ହେବ। ଓଡ଼ିଶା ହାଇକୋର୍ଟର ବରିଷ୍ଠ ବିଚାରପତି ବିଶ୍ୱନାଥ ରଥ ଏଥିରେ ଯୋଗଦେବେ। ଅନୁଷ୍ଠାନର ସଭାପତି ସୁପ୍ରିମକୋର୍ଟର ପୂର୍ବତନ ବିଚାରପତି ଭି. ଗୋପାଳ ଗୌଡ଼ଙ୍କ ଅଧକ୍ଷତାରେ ହେବାକୁ ଥିବା ଏହି ସମ୍ମିଳନୀରେ ସୁପ୍ରିମକୋର୍ଟର ବିଚାରପତି ପ୍ରଶାନ୍ତ କୁମାର ମିଶ୍ର ଏବଂ ଛତିଶଗଡ଼ ରାଜ୍ୟପାଳ ବିଶ୍ୱଭୂଷଣ ହରିଚନ୍ଦନ ଅତିଥି ଭାବେ ଯୋଗଦେବେ। ଏହି ଅବସରରେ ବିଶ୍ୱଭୂଷଣଙ୍କ ଆତ୍ମଜୀବନୀ 'ବ୍ୟାଟେଲ୍ ନଟ୍ ୟେଟ୍ ଓଭର' ପୁସ୍ତକ ଉନ୍ମୋଚନ କରାଯିବ। ଏଥିସହ ବହୁ ବିଶିଷ୍ଟ ବ୍ୟକ୍ତିଙ୍କୁ 'ଗ୍ରେଟ୍ ସନ୍ ଅଫ୍ ଇଣ୍ଡିଆ' ଏବଂ 'ଗ୍ରେଟ୍ ଡଟର୍ ଅଫ୍ ଇଣ୍ଡିଆ' ସମ୍ମାନ ପ୍ରଦାନ କରାଯିବାର କାର୍ଯ୍ୟକ୍ରମ ରହିଥିବା ସୂଚନା ମିଳିଛି।

# ମେଡିକାଲରେ ମୁଖ୍ୟମନ୍ତ୍ରୀଙ୍କ ଭାଇ ଦିଲୀପ

## ସ୍ୱାସ୍ଥ୍ୟସେବା ଯୋଗାଇଲେ ବିଧାୟକ ମହମ୍ମଦ ମୋକିମ

କଟକ,୧୩।୭(କାର୍ତ୍ତିକ ସାହୁ)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବଡ଼ବାପା ପୁଅ ଦିଲୀପ ପଟ୍ଟନାୟକ ସ୍ଥାନୀୟ ଘରୋଇ ମେଡିକାଲରେ ଭର୍ତ୍ତି ହୋଇଛନ୍ତି। ତାଙ୍କୁ ଗୁରୁବାର ହ୍ୱିଲଚେୟାରରେ ବସାଇ ଏକ ମେଡିକାଲ ନେବା ସହ ଚିକିତ୍ସା କରାଇବାର ସୁବନ୍ଦୋବସ୍ତ କରିଛନ୍ତି ବିଧାୟକ ମହମ୍ମଦ ମୋକିମ।ଏଥିସହ ତାଙ୍କୁ ଆବଶ୍ୟକ ଔଷଧ ଓ ଅନ୍ୟାନ୍ୟା ସାମଗ୍ରୀ ଯୋଗାଇ ଦେବାର ବ୍ୟବସ୍ଥା କରିଛନ୍ତି। ସୂଚନାଯୋଗ୍ୟ, ମୁଖ୍ୟମନ୍ତ୍ରୀଙ୍କ ବଡ଼ବାପା ଜର୍ଜ ପଟ୍ଟନାୟକଙ୍କ ପୁତ୍ର ଦିଲୀପ ଓ କନ୍ୟା ରେଖା ଏବେ ଦୁର୍ଦ୍ଦିନରେ କାଳାତିପାତ କରୁଛନ୍ତି। ତାଙ୍କୁ ଦେଖାଶୁଣା କରିବାକୁ କେହି ନାହାନ୍ତି। ଏ ବାବଦରେ ଜାଣିବା ପରେ ବାରବାଟୀ କଟକ ବିଧାୟକ ଇଂ ମହମ୍ମଦ ମୋକିମ ମଙ୍ଗଳବାର ତାଙ୍କ ନିକଟରେ ପହଞ୍ଚି ଭଲମନ୍ଦ ପଚାରି ବୁଝିବା ସହ ଆବଶ୍ୟକ ସହାୟତା ପ୍ରଦାନ କରିଥିଲେ। ନିଜ ନିର୍ବାଚନମଣ୍ଡଳୀର ୨ଜଣ ଅସହାୟଙ୍କ କଥା ବୁଝିବା ପାଇଁ ନିଜ କର୍ତ୍ତବ୍ୟ ତୁଲାଇବାକୁ ଆସିଛନ୍ତି ବୋଲି ବିଧାୟକ କହିଥିଲେ। ଏପରିକି ଦରକାର ପଡ଼ିଲେ ତାଙ୍କୁ ହସ୍ପିଟାଲ ନେବାର ସହଯୋଗ କରିବେ ବୋଲି ବିଧାୟକ କହିଥିଲେ। ଦିଲୀପଙ୍କ ଗୋଡ଼ ଦୁର୍ଘଟଣାରେ ଭାଙ୍ଗିଯାଇଥିବା କାରଣରୁ ସେ ଏବେ ଚାଲିବାକୁ ସକ୍ଷମ ନାହାନ୍ତି। ଅପରପକ୍ଷେ ଭଉଣୀ ରେଖା ମଧ୍ୟ ଚଳିତ ଶକ୍ତିହୀନ ହୋଇଥିବାରୁ ହୁଇଲ୍ ଚେୟାର ଅଥବା ଶଯ୍ୟାରେ ତାଙ୍କର ଦିନ କଟୁଛି। ସୂଚନାଯୋଗ୍ୟ, ବିଜୁ ପଟ୍ଟନାୟକଙ୍କ ବଡ଼ ଭାଇ ଜର୍ଜ ପଟ୍ଟନାୟକ ସେ ସମୟରେ ଜଣେ ପ୍ରସିଦ୍ଧ ଦାନ୍ତ ଡାକ୍ତର ଓ ସାନ ଭାଇ ଜୟାନନ୍ଦ ପଟ୍ଟନାୟକ ଜଣେ ପାଇଲଟ ଥିଲେ। ମୋଟ ୪୨ ଗୁଣ୍ଠ ଜମିରେ ଆନନ୍ଦ ଭବନ ଗଢ଼ି ଉଠିଥିବା ବେଳେ ପରବର୍ତ୍ତୀ ସମୟରେ ଉକ୍ତ ଜମି ଏହି ତିନି ଭାଇଙ୍କ ମଧ୍ୟରେ ବଣ୍ଟା ହୋଇଯାଇଥିଲା।



ଦିଲୀପ ପଟ୍ଟନାୟକଙ୍କୁ ହସ୍ପିଟାଲ ନିଆଯାଉଛି।

# ତ୍ରିକୋଣୀୟ ପ୍ରେମରୁ ହତ୍ୟା

## ରଜତ ପ୍ରଧାନ ହତ୍ୟାକାଣ୍ଡର ପର୍ଦ୍ଦାଫାଶ

■ ୨ ଗିରଫ, ୪ ନାବାଳକ ଅଭିଯୁକ୍ତଙ୍କୁ ଜୁଭେନାଇଲ ବୋର୍ଡରେ ହାଜର
■ ମାରଣାସ୍ତ୍ର, ମୋବାଇଲ, ୨ ବାଇକ୍ ଜବତ

ବଲାଙ୍ଗୀର, ୧୩।୭
(ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ସଦର ଥାନା ଅନ୍ତର୍ଗତ ଅଇଁଲାତୁଆଁ ଗାଁର ରଜତ ପ୍ରଧାନ(୨୩) ହତ୍ୟାକାଣ୍ଡର ପର୍ଦ୍ଦାଫାଶ ହୋଇଛି। ଅଭିଯୁକ୍ତମାନେ ରଜତଙ୍କୁ ହତ୍ୟା କରିବା ପରେ ରେଳଲାଇନ୍ କଡରେ ତାଙ୍କ ମୃତଦେହ ଫିଙ୍ଗିଦେଇ ଏହାକୁ ଦୁର୍ଘଟଣା ରୂପ ଦେବାକୁ ଚେଷ୍ଟା କରିଥିଲେ। ତ୍ରିକୋଣୀୟ ପ୍ରେମ ଘଟଣାରୁ ଏହି ଜଘନ୍ୟ ହତ୍ୟା ଘଟିଥିବା ପୋଲିସ ପକ୍ଷରୁ କୁହାଯାଇଛି। ହତ୍ୟା ଘଟଣାରେ ପୁଇଁତଳା ଥାନା ସିଲେଟପଡା ଗାଁର ୪ ଜଣ ନାବାଳକ ସମେତ ୬ ଜଣଙ୍କୁ ପୋଲିସ କାବୁ କରିଛି। ଦୁଇ ଅଭିଯୁକ୍ତ ସିଲେଟପଡାର ସୂର୍ଯ୍ୟକାନ୍ତ ସେଲମା (୨୧) ଏବଂ ରାଜୀବ ବଗର୍ତ୍ତୀ (୨୧)ଙ୍କୁ ପୋଲିସ ଗୁରୁବାର ଗିରଫ କରି କୋର୍ଟଚାଲାଣ କରିଛି। ଏଥିସହ ୪ ନାବାଳକଙ୍କୁ ଜୁଭେନାଇଲ ବୋର୍ଡରେ ହାଜର କରିଛି। ଅଭିଯୁକ୍ତଙ୍କଠାରୁ ପୋଲିସ ବିଭିନ୍ନ ପ୍ରକାର ମାରଣାସ୍ତ୍ର, ମୋବାଇଲ ଜବତ କରିଛି। ବଲାଙ୍ଗୀର ଏସ୍‌ପି ଋଷିକେଶ ଖିଲାରି ହତ୍ୟାକାଣ୍ଡ ସମ୍ପର୍କରେ ସଦର ଥାନାରେ ଖବରଦାତା ସମ୍ମିଳନୀ କରି ସୂଚନା ଦେଇଛନ୍ତି। ଗତ ଜୁନ୍ ୨୪ ତାରିଖ ସନ୍ଧ୍ୟାରୁ ରଜତ ନିଖୋଜ ହୋଇଯାଇଥିଲେ। ଖୋଜାଖୋଜି କରିବା ପରେ ମଧ୍ୟ ପରିବାର ଲୋକେ ତାଙ୍କୁ ନ ପାଇବାରୁ ସଦର ଥାନାରେ ଅଭିଯୋଗ କରିଥିଲେ। ୨୫ ତାରିଖ ଖଜେନପାଲି ନିକଟ ବଲାଙ୍ଗୀର–ଦେଓଗାଁ ରେଳଲାଇନ୍ କଡରୁ ରଜତଙ୍କ ମୃତଦେହକୁ ବଲାଙ୍ଗୀର ରେଲୱେ ପୋଲିସ ଉଦ୍ଧାର କରି ଅପମୃତ୍ୟୁ ମାମଲା ରୁଜୁ କରିଥିଲା। ଏହା ଏକ ଯୋଜନାବଦ୍ଧ ହତ୍ୟାକାଣ୍ଡ ବୋଲି ମୃତକଙ୍କ ପରିବାର ଓ ଗାଁ ଲୋକେ ଅଭିଯୋଗ କରିଆସୁଥିଲେ। ରଜତଙ୍କୁ ଅପହରଣ ପରେ ହତ୍ୟା କରି ରେଳଲାଇନ୍ କଡରେ ଫିଙ୍ଗି ଦେଇଥିବା ଅଭିଯୋଗ କରିଥିଲେ। ଏଭଳିକି ପରିବାର ଏବଂ ଗାଁ ଲୋକେ ରଜତଙ୍କୁ ନ୍ୟାୟ ଦାବିରେ ଏସ୍‌ପି ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏହାପରେ ଏସ୍‌ପି ଖିଲାରି ଘଟଣାର ସ୍ୱତନ୍ତ୍ର ତଦନ୍ତ କରିବାକୁ ସଦର ଥାନା ପୋଲିସକୁ ନିର୍ଦ୍ଦେଶ ଦେଇଥିଲେ। ସଦର ପୋଲିସ ତଦନ୍ତ ଆରମ୍ଭ କରି ପୁଇଁତଳା ଥାନା ଅନ୍ତର୍ଗତ ସିଲେଟପଡା ଗାଁରୁ ୬ ଜଣଙ୍କୁ ଉଠାଇ ଆଣି ପଚରାଉଚରା କରିଥିଲା। ଏଥିରୁ ପ୍ରେମଜନିତ ହତ୍ୟାକାଣ୍ଡ ବୋଲି ଜଣାପଡିଥିଲା। ସିଲେଟପଡାର ଗିରଫ ଅଭିଯୁକ୍ତ ସୂର୍ଯ୍ୟକାନ୍ତ ସେଲମାଙ୍କୁ ପୋଲିସ ମୁଖ୍ୟ ଅଭିଯୁକ୍ତ ଦର୍ଶାଇଛି। ଗୋଟିଏ ଝିଅକୁ ଭଲ ପାଉଥିବାରୁ ରଜତଙ୍କୁ ରାସ୍ତାରୁ ହଟାଇବା ପାଇଁ ହତ୍ୟା ଯୋଜନା କରିଥିବା ଏସ୍‌ପି ଖିଲାରି ସୂଚନା ଦେଇଥିଲେ। ଜୁନ୍ ୨୪ ତାରିଖ ସନ୍ଧ୍ୟାରେ ଏକ ମୋବାଇଲ ଫୋନ୍‌ରେ ଝିଅ ସହ ଭେଟ ହେଉଥିବା ସ୍ଥାନକୁ ରଜତଙ୍କୁ ଡକାଯାଇଥିଲା ଏବଂ ସେଠାରୁ ଅଭିଯୁକ୍ତମାନେ ତାଙ୍କୁ ଦୁଇଟି ମୋଟର ସାଇକେଲରେ ଉଠାଇ ନେଇ ହତ୍ୟା କରିଥିଲେ ବୋଲି ଏସ୍‌ପି କହିଥିଲେ। ପରେ ରଜତଙ୍କ ମୋବାଇଲ ଫୋନ୍‌କୁ ଏକ କୂଅରେ ଫିଙ୍ଗି ଦେଇଥିଲେ। ବୁଧବାର ଅଟକ ଅଭିଯୁକ୍ତମାନଙ୍କୁ ନେଇ ପୋଲିସ ଟିମ୍ ଓ ଓଡ୍ରାଫ୍ ଟିମ୍ ସିଲେଟ୍‌ପଡା ଗ୍ରାମକୁ ଯାଇ ସେଠାକାର ଏକ କୂଅରୁ ରଜତଙ୍କ ମୋବାଇଲ ଫୋନ୍ ଉଦ୍ଧାର କରିବା ସହ ଅଳ୍ପ କିଛି ଦୂରରୁ ଏକ ମାରଣାସ୍ତ୍ର ଜବତ କରିଥିଲା। ରଜତଙ୍କ ପିତା ନିରାକାର ପ୍ରଧାନ ହତ୍ୟାକାରୀଙ୍କୁ ଫାଶୀ ଦିଆଯାଉ ବୋଲି କହିଛନ୍ତି। ଏଭଳିକି ଯେଉଁ ଝିଅ ପାଇଁ ତାଙ୍କ ପୁଅକୁ ହତ୍ୟା କରାଯାଇଛି ସେ ମଧ୍ୟ ଏହି ହତ୍ୟାକାଣ୍ଡରେ ସମ୍ପୃକ୍ତ ଅଛି କହି ତାଙ୍କୁ ମଧ୍ୟ ଗିରଫ ଦାବି କରିଛନ୍ତି। ଖବରଦାତା ସମ୍ମିଳନୀରେ ଏସ୍‌ପି ଖିଲାରିଙ୍କ ସହ ଏସ୍‌ଡିପିଓ ତୋଫାନ ବାଗ ଓ ସଦର ଥାନା ଆଇଆଇସି ଶ୍ରୀକାନ୍ତ ସାହୁ ଉପସ୍ଥିତ ଥିଲେ।


ଦୁଇ ଅଭିଯୁକ୍ତଙ୍କ ସହ ଜବତ ବାଇକ୍, ମାରଣାସ୍ତ୍ର ଏବଂ ମୋବାଇଲ।

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..................................


ଫିନା
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ରୋହିତ-ଜୟସ୍ୱାଲଙ୍କ ଦ୍ୱିଶତକୀୟ ଭାଗୀଦାରି

**ଡୋମିନିକା, ୧୩।୭**

ଡୋମିନିକାରେ ଅନୁଷ୍ଠିତ ଭାରତ ଓ ୱେଷ୍ଟଇଣ୍ଡିଜ୍ ଟେଷ୍ଟ ସିରିଜର ପ୍ରଥମ ମ୍ୟାଚ୍‌ରେ ଦୃଢ ସ୍ଥିତିରେ ରହିଛି ଭ୍ରମଣକାରୀ ଦଳ। ପ୍ରଥମ ଦିନରେ ୱେଷ୍ଟଇଣ୍ଡିଜକୁ ୧୫୦ ରନ୍‌ରେ ସୀମିତ ରଖିବା ପରେ ଦ୍ୱିତୀୟ ଦିନର ଚା ପାନ ବିରତି ସୁଦ୍ଧା ଭାରତ ୨ ଉଇକେଟ ହରାଇ ୨୬୨ ରନ୍ କରିଛି। ଭାରତ ପକ୍ଷରୁ ଅଧିନାୟକ ରୋହିତ ଶର୍ମା ଓ ପଦାର୍ପଣକାରୀ ଯଶସ୍ୱୀ ଜୟସ୍ୱାଲ ଅପରାଜିତ ଶତକ ହାସଲ କରିଛନ୍ତି। ଉଭୟ ପ୍ରଥମ ଉଇକେଟରେ ୨୨୯ ରନ୍ ଯୋଡିଥିଲେ। ଭାରତୀୟ ଦଳ

**ପ୍ରଥମ ଟେଷ୍ଟ**

୧୨୦ ରନ୍‌ରେ ଆଗୁଆ ରହି ଏକ ବଡ ସ୍କୋର ଆଡକୁ ଅଗ୍ରସର ହେଉଛି। ପ୍ରଥମ ଦିନର ଅସମାପ୍ତ ସ୍କୋରରୁ ଖେଳ ଆରମ୍ଭ କରିଥିଲା ଭାରତ। ଉଭୟ ରୋହିତ ଓ ଜୟସ୍ୱାଲ ଚମତ୍କାର ଢଙ୍ଗରେ ବ୍ୟାଟିଂ କରିବା ସହ ଦ୍ୱିଶତକୀୟ ଭାଗୀଦାରି କରିଥିଲେ। ପ୍ରଥମ ଟେଷ୍ଟ ଖେଳୁଥିବା ଜୟସ୍ୱାଲ ଶତକ ହାସଲ କରି ପଦାର୍ପଣକୁ ସ୍ମରଣୀୟ କରିଥିଲେ। ଅନ୍ୟପକ୍ଷରେ ଦୀର୍ଘ ଦିନ ପରେ ଏକ ଶତକ ସହିତ ଫର୍ମକୁ ଫେରିଛନ୍ତି ରୋହିତ। ତୃତୀୟ ଭାରତୀୟ ଓପନର ଭାବରେ ଜୟସ୍ୱାଲ ପଦାର୍ପଣରେ ଶତକ ହାସଲ କରିବା ସହ ୨୮୦ ବଲ୍ ଖେଳି ୧୨୯ ରନ୍‌ରେ ବ୍ୟାଟିଂ କରୁଛନ୍ତି। ଏହି ଇନିଂସରେ ୧୩ ଚୌକା ସାମିଲ ଥିଲା। ଅନ୍ୟପକ୍ଷରେ ରୋହିତ ୨୨୧ ବଲ୍ ଖେଳି ୧୦ ଚୌକା ଓ ୨ ଛକା ସହିତ ୧୦୩ ରନ୍‌ରେ କରିଥିଲେ। ପାର୍ଟ ଟାଇମର ଆଠନାଜେଙ୍କ ବଲ୍‌ରେ ରୋହିତ ଆଉଟ ହେବା ପରେ ଶୁବମାନ ଗିଲ୍ ୬ ରନ୍ କରି ୱାରିକାନଙ୍କ ଶିକାର ହୋଇଥିଲେ। ଖବର ପ୍ରସ୍ତୁତି ବେଳକୁ ବିରାଟ କୋହଲି ୯ ରନ୍ କରି ଜୟସ୍ୱାଲଙ୍କ ସହିତ ବ୍ୟାଟିଂ କରୁଛନ୍ତି। ୱେଷ୍ଟଇଣ୍ଡିଜ ପକ୍ଷରୁ ଆଲିକ୍ ଆଠନାଜେ ଓ ଜୋମେଲ ୱାରିକାନ ଗୋଟିଏ ଲେଖାଏ ଉଇକେଟ ନେଇଛନ୍ତି।

**ସଂକ୍ଷିପ୍ତ ସ୍କୋର**

ୱେଷ୍ଟଇଣ୍ଡିଜ୍ ପ୍ରଥମ ଇନିଂସ ୬୪.୩ ଓଭରରେ ୧୫୦/୧୦ (ଆଲିକ୍ ଆଠନାଜେ-୪୭, କ୍ରେଗ୍ ବ୍ରାଥୱେଟ-୨୦, ରାହକିମ କର୍ନୱାଲ-୧୯*, ଆର. ଅଶ୍ୱିନ-୫/୬୦, ରବୀନ୍ଦ୍ର ଜାଡେଜା-୩/୨୬, ଶାର୍ଦ୍ଦୂଳ ଠାକୁର-୧/୧୫)। ଭାରତ ପ୍ରଥମ ଇନିଂସ ୯୧ ଓଭରରେ ୨୭୦/୨(ରୋହିତ ଶର୍ମା-୧୦୩, ଯଶସ୍ୱୀ ଜୟସ୍ୱାଲ-୧୨୯*, ଆଲିକ୍ ଆଠନାଜେ-୧/୩୨, ଜୋମେଲ ୱାରିକାନ-୧/୭୩)।




ଅର୍ଦ୍ଧଶତକୀୟ ଇନିଂସ୍ ଅବସରରେ ଯଶସ୍ୱୀ ଜୟସ୍ୱାଲ ଓ ରୋହିତ ଶର୍ମା।

**ଆଇସିସିର ଘୋଷଣା**

## ପୁରୁଷ ଓ ମହିଳାଙ୍କୁ ସମାନ ପୁରସ୍କାର

**ଡର୍ବାନ, ୧୩।୭ (ପି.ଟି.):** ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ବିଶ୍ୱ କ୍ରିକେଟରେ ନୂଆ ଯୁଗ ଆରମ୍ଭ କରିବାକୁ ଯାଇ ଏହାର ଗ୍ଲୋବାଲ ଇଭେଣ୍ଟ ଗୁଡ଼ିକରେ ପୁରୁଷ ଓ ମହିଳା ଦଳ ପାଇଁ ସମାନ ପୁରସ୍କାର ରାଶି ଘୋଷଣା କରିଛି। ଗତ ୫୦ ଓଭର ବିଶିଷ୍ଟ ବିଶ୍ୱକପ୍‌ରେ ଚାମ୍ପିୟନ ଇଂଲଣ୍ଡ ୪ ନିୟୁତ ଡଲାର ଏବଂ ରନର୍ସ ଅପ୍ ନ୍ୟୁଜିଲାଣ୍ଡ ୨ ନିୟୁତ ଡଲାର ପୁରସ୍କାର ପାଇଥିଲା। ଅନ୍ତର୍ଜାତୀୟ କ୍ରିକେଟ ପରିଷଦ ଗୁରୁବାର ଆଇସିସି ଇଭେଣ୍ଟଗୁଡ଼ିକରେ ପୁରୁଷ ଓ ମହିଳା ଟିମ୍ ପାଇଁ ସମାନ ପୁରସ୍କାର ରାଶି ଘୋଷଣା କରିଛନ୍ତି। ଡର୍ବାନଠାରେ ଆଇସିସିର ବାର୍ଷିକ ସମ୍ମିଳନୀରେ ନିଷ୍ପତ୍ତି ନିଆଯାଇଛି। ଆଇସିସି କ୍ରମେ ୨୦୩୦ ସୁଦ୍ଧା ପୁରୁଷ ଓ ମହିଳାଙ୍କ ପୁରସ୍କାର ରାଶିକୁ ସମାନ କରାଯିବ ବୋଲି କହିଥିଲା। ମାତ୍ର ଯଥେଷ୍ଟ ପୂର୍ବରୁ ଏହାକୁ କାର୍ଯ୍ୟକାରୀ କରାଯାଇଥିବା ଆଇସିସି ଏକ ବିବୃତିରେ କହିଛି। ଦଳଗୁଡ଼ିକ ଏଣିକି ପ୍ରତିଯୋଗିତାଗୁଡ଼ିକରେ ସେମାନଙ୍କ ସ୍ଥାନ ସହିତ ପ୍ରତିଟି ବିଜୟରେ ସମାନ ପୁରସ୍କାର ପାଇବେ। ଆଇସିସି ଚେୟାରମ୍ୟାନ ଗ୍ରେଗ୍ ବାର୍କଲେ କହିଛନ୍ତି, ଆମ ଖେଳ ଇତିହାସରେ ଏହା ଏକ ଉଲ୍ଲେଖନୀୟ ମୁହୂର୍ତ୍ତ।

# ପୂର୍ବାଞ୍ଚଳ ଦଳରେ ଓଡ଼ିଶାର ଶୁଭ୍ରାଂଶୁ




ଶୁଭ୍ରାଂଶୁ ସେନାପତି ଓ ତାରିଣୀ ସ'।

**ଭୁବନେଶ୍ୱର, ୧୩।୭ (ତପନ ସ୍ୱାଇଁ)**

ଘରୋଇ କ୍ରିକେଟର ଅନ୍ୟତମ ସମ୍ମାନଜନକ ପ୍ରତିଯୋଗିତା ଦେଓଧର ଟ୍ରଫି ଚଳିତ ମାସ ୨୪ ତାରିଖରୁ ପୁଡୁଚେରୀଠାରେ ଆରମ୍ଭ ହେବାକୁ ଯାଉଛି। ଏହା ଅଗଷ୍ଟ ୩ ପର୍ଯ୍ୟନ୍ତ ଚାଲିବ। ଏଥିରେ ପୂର୍ବାଞ୍ଚଳ ପଶ୍ଚିମାଞ୍ଚଳ, ଉତ୍ତରାଞ୍ଚଳ, ଦକ୍ଷିଣାଞ୍ଚଳ, କେନ୍ଦ୍ରାଞ୍ଚଳ ଓ ଉତ୍ତର ପୂର୍ବାଞ୍ଚଳ ଆଦି ୬ଟି ଦଳ ଅଂଶଗ୍ରହଣ କରିବ। ପ୍ରତିଯୋଗିତା ପାଇଁ ଗୁରୁବାର ଘୋଷିତ ପୂର୍ବାଞ୍ଚଳ ଦଳରେ ଓଡ଼ିଶାର ଶୁଭ୍ରାଂଶୁ ସେନାପତି ସ୍ଥାନ ପାଇଛନ୍ତି। ଷ୍ଟାଣ୍ଡବାଇ ତାଲିକାରେ ରହିଛନ୍ତି ଅନ୍ୟତମ ଓଡ଼ିଆ ଖେଳାଳି ତାରିଣୀ ସ'। ମନୋନୀତ ଉଭୟ ଖେଳାଳିଙ୍କୁ ଓଡ଼ିଶା କ୍ରିକେଟ ଆସୋସିଏଶନ ସଭାପତି ପ୍ରଣବ ପ୍ରକାଶ ଦାସ, ସମ୍ପାଦକ ସଞ୍ଜୟ ବେହେରା ଓ ଅନ୍ୟ କର୍ମକର୍ତ୍ତାମାନେ ଅଭିନନ୍ଦନ ଜଣାଇଛନ୍ତି। ପୂର୍ବାଞ୍ଚଳ ୨୪ ତାରିଖରେ କେନ୍ଦ୍ରାଞ୍ଚଳ ବିପକ୍ଷରେ ଖେଳି ଅଭିଯାନ ଆରମ୍ଭ କରିବ। ଏହାପରେ

**ଦେଓଧର ଟ୍ରଫି**

**ଷ୍ଟାଣ୍ଡବାଇରେ ତାରିଣୀ ସ'**

୨୬ରେ ଉତ୍ତର ପୂର୍ବାଞ୍ଚଳ, ୨୮ରେ ଉତ୍ତରାଞ୍ଚଳ, ୩୦ରେ ଦକ୍ଷିଣାଞ୍ଚଳ ଓ ଅଗଷ୍ଟ ୧ରେ ଦକ୍ଷିଣାଞ୍ଚଳ ବିପକ୍ଷରେ ଖେଳିବ। ଦୁଇ ଶୀର୍ଷ ଦଳ ମଧ୍ୟରେ ଫାଇନାଲ ଅଗଷ୍ଟ ୩ରେ ଅନୁଷ୍ଠିତ ହେବ। **ପୂର୍ବାଞ୍ଚଳ ଦଳ:** ସୌରଭ ତିୱାରୀ (ଅଧିନାୟକ), ଉତ୍କର୍ଷ ସିଂ, ଅଭିମନ୍ୟୁ ଇଶ୍ୱରନ, ରିଷଭ ଦାସ, ଶୁଭ୍ରାଂଶୁ ସେନାପତି, ବିରାଟ ସିଂ, ସୁଦୀପ କୁମାର ଘରମି, କୁମାର କୁଶାଗ୍ର, ଅଭିଷେକ ପୋରେଲ, ରିୟାନ ପରାଗ, ଶାହାବାଜ ଅହମଦ, ଅଭିନବ ଚୌଧୁରୀ, ମଣି ଶଙ୍କର ମୁରା ସିଂ, ମୁକ୍ତାର ହୁସେନ, ଆକାଶ ଦୀପ। ଷ୍ଟାଣ୍ଡବାଇ: ବିକ୍ରମ ଦାସ, ଶିବ ଶଙ୍କର ରୟ, ଅନୁକୂଳ ରୟ, ପ୍ରଦୀପ ପରମାଣିକ, ତାରିଣୀ ସ', ଅଭିଜିତ ସକେତ।

# ଟ୍ୟୁନିସିଆକୁ ହରାଇଲା ଭାରତ



ବିଜୟୀ ଭାରତୀୟ ଭଲିବଲ ଦଳ।

**ଭୁବନେଶ୍ୱର, ୧୩।୭ (ତପନ ସ୍ୱାଇଁ)**

ଅନ୍ତର୍ଜାତୀୟ ଭଲିବଲ ଫେଡେରେଶନ (ଏଫ୍ଆଇଭିବି) ଆନୁକୂଲ୍ୟରେ ବାହାରିନର ମାନାମାଠାରେ ଚାଲିଥିବା ୨୧ ବର୍ଷରୁ କମ୍ ବିଶ୍ୱ ଭଲିବଲ ଚାମ୍ପିୟନଶିପ୍‌ର ଗୁରୁବାର ଅନୁଷ୍ଠିତ ପ୍ରିଲିମିନାରି ଲିଗ୍ ମ୍ୟାଚରେ ଭାରତ ୩-୦ ସେଟ୍‌ରେ ଟ୍ୟୁନିସିଆକୁ ପରାସ୍ତ କରିଛି।

**୨୧ ବର୍ଷରୁ କମ୍ ବିଶ୍ୱ ଭଲିବଲ ଚାମ୍ପିୟନଶିପ୍**

ଗ୍ରୁପ୍ 'ଜି'ରେ ସ୍ଥାନ ପାଇଥିବା ଭାରତ ଆଫ୍ରିକୀୟ ପାୱାର ହାଉସ ଟ୍ୟୁନିସିଆକୁ ପ୍ରତ୍ୟାବର୍ତ୍ତନର କୌଣସି ସୁଯୋଗ ଦେଇ ନ ଥିଲା। ୩ଟି ଯାକ ସେଟ୍‌ରେ ପ୍ରାଧାନ୍ୟ ବିସ୍ତାର କରି ଭାରତ ୨୫-୧୫, ୨୫-୧୯, ୨୫-୧୩ରେ ବିଜୟ ହାସଲ କରିଥିଲା। ଆଟାକର ଅମନ୍ ଓ ତନିଶ୍, ଅଲ୍‌ରାଉଣ୍ଡର ହର୍ଷିତ ଓ ସେଟର ସମୀର ଭାରତ ବିଜୟରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ। ଭାରତୀୟ ଖେଳାଳିଙ୍କ ପ୍ରଦର୍ଶନରେ ମୁଖ୍ୟ କୋଚ୍ ଜି.ଇ. ଶ୍ରୀଧରନ ସନ୍ତୋଷ ପ୍ରକାଶ କରିଛନ୍ତି।

# ଦୃଢ଼ ସ୍ଥିତିରେ ଦକ୍ଷିଣାଞ୍ଚଳ

**ବେଙ୍ଗାଲୁରୁ, ୧୩।୭ (ପି.ଟି.)**

ବେଙ୍ଗାଲୁରୁ ସ୍ଥିତ ଚିନ୍ନାସ୍ୱାମୀ ଷ୍ଟାଡିୟମରେ ଅନୁଷ୍ଠିତ ଦୁଲିପ୍ ଟ୍ରଫି ଫାଇନାଲରେ ଦୃଢ ସ୍ଥିତିରେ ରହିଛି ଦକ୍ଷିଣାଞ୍ଚଳ। ପ୍ରଥମ ଇନିଂସରେ ଦଳ ୨୧୩ ରନ୍‌ରେ ଅଲ୍ଆଉଟ ହୋଇଥିବା ବେଳେ ଦ୍ୱିତୀୟ ଦିନର ଷ୍ଟମ୍ପ ଅପସାରଣ ସୁଦ୍ଧା ପଶ୍ଚିମାଞ୍ଚଳ ୧୨୯ ରନ୍‌ରେ ୭ ଉଇକେଟ ହରାଇଛି। ପିଚ୍ ପେସ୍ ବୋଲିଂକୁ ସୁହାଉଥିବା ବେଳେ ଦକ୍ଷିଣାଞ୍ଚଳ ଦୃଢ ସ୍ଥିତିରେ ରହିଛି।

ପ୍ରଥମ ଦିନର ଅସମାପ୍ତ ସ୍କୋର ୧୮୨/୭ରୁ ଖେଳ ଆରମ୍ଭ କରି ଦକ୍ଷିଣାଞ୍ଚଳ ୨୧୩ ରନ୍‌ରେ ଅଲଆଉଟ୍ ହୋଇଥିଲା। ୱାଶିଂଟନ୍ ସୁନ୍ଦର ୨୨ ରନ କରିଥିଲେ। ପଶ୍ଚିମାଞ୍ଚଳ ପକ୍ଷରୁ ସାମ୍ସ ମୁଲାନୀ ସର୍ବାଧିକ ୩ ଉଇକେଟ ନେଇଥିବା ବେଳେ ଚିନ୍ତନ ଗଜା, ଧର୍ମେନ୍ଦ୍ର ସିଂ ଜାଡେଜା ଓ ଅର୍ଜନ ନାଗ୍ୱସ୍ୱାଲା ଦୁଇଟି ଲେଖାଏ ଉଇକେଟ ନେଇଥିଲେ। ଟପ୍-୩ ବ୍ୟାଟରଙ୍କୁ ଛାଡିଦେଲେ ଅନ୍ୟ କୌଣସି ଖେଳାଳି ଦୁଇ ଅଙ୍କରେ ପହଞ୍ଚିପାରି ନ ଥିଲେ। ଭାରତୀୟ ଦଳର ପୂର୍ବତନ ଓପନର ପୃଥ୍ୱୀ ଶ ୬୫ ରନ୍‌ର ଇନିଂସ

**ଦୁଲିପ ଟ୍ରଫି ଫାଇନାଲ**

ଖେଳିଥିବା ବେଳେ ପ୍ରିୟଙ୍କ ପାଞ୍ଚଲ ୧୧ ଓ ହାର୍ଭିକ୍ ଦେଶାଇ ୨୧ ରନ୍ କରିଥିଲେ। ପୃଥ୍ୱୀ ୧୦୧ ବଲ୍ ଖେଳି ୯ ଚୌକା ମାରିଥିଲେ। ପରବର୍ତ୍ତୀ ୨୭ ରନ୍ ମଧ୍ୟରେ ପଶ୍ଚିମାଞ୍ଚଳ ୫ ବ୍ୟାଟରଙ୍କୁ ହରାଇଥିଲା। ବିଦ୍ୱଥ୍ କାଭେରପ୍ପା ଘାତକ ବୋଲିଂ କରି ୪ ଉଇକେଟ ନେଇଥିବା ବେଳେ ବିଜୟ କୁମାର ବ୍ୟଶକ ୨ ଓ ବାସୁକୀ କୌଶିକ୍ ଗୋଟିଏ ଉଇକେଟ ନେଇ ବିପର୍ଯ୍ୟୟ ଘଟାଇଥିଲେ।

**ସଂକ୍ଷିପ୍ତ ସ୍କୋର**

ଦକ୍ଷିଣାଞ୍ଚଳ ପ୍ରଥମ ଇନିଂସ ୭୮.୪ ଓଭରରେ ୨୧୩/୧୦( ହନୁମା ବିହାରୀ-୬୩, ତିଳକ ବର୍ମା-୪୦, ମୟଙ୍କ ଅଗ୍ରୱାଲ-୨୮, ସାମ୍ସ ମୁଲାନୀ-୩/୨୯, ଚିନ୍ତନ ଗଜା-୨/୨୭, ଧର୍ମେନ୍ଦ୍ର ସିଂ ଜାଡେଜା-୨/୩୩)। ପଶ୍ଚିମାଞ୍ଚଳ ପ୍ରଥମ ଇନିଂସ ୪୫ ଓଭରରେ ୧୨୯/୭(ପୃଥ୍ୱୀ ଶ-୬୫, ପ୍ରିୟଙ୍କ ପାଞ୍ଚଲ-୧୧, ହାର୍ଭିକ୍ ଦେଶାଇ-୨୧, ବିଦ୍ୱଥ୍ କାଭେରପ୍ପା-୪/୪୪, ବିଜୟ କୁମାର ବ୍ୟଶକ୍-୨/୨୯, ବାସୁକୀ କୌଶିକ୍-୧/୨୬)।

# ସିନ୍ଧୁ, ଲକ୍ଷ୍ୟଙ୍କ ସହଜ ବିଜୟ

**କାଉନ୍‌ସିଲ ବ୍ଲଫ୍ସ (ୟୁଏସ୍), ୧୩।୭ (ପି.ଟି.):** ୟୁଏସ୍ ଓପନ ସୁପର ୩୦୦ ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତାରେ ଭାରତର ପି.ଭି. ସିନ୍ଧୁ ଓ ଲକ୍ଷ୍ୟ ସେନ ସେମାନଙ୍କ ପ୍ରଥମ ରାଉଣ୍ଡ ମ୍ୟାଚ ଜିତିଛନ୍ତି। ସିନ୍ଧୁ ତାଙ୍କ ଓପନିଂ ରାଉଣ୍ଡ ମ୍ୟାଚରେ ଭାରତୀୟ ବଂଶୋଦ୍ଭବ ଆମେରିକାନ ଦୀଶା ଗୁପ୍ତାଙ୍କୁ ୨୧-୧୫, ୨୧-୧୨ରେ ହରାଇ ଦେଇଥିଲେ। ସେ ମାତ୍ର ୧୭ ମିନିଟ୍‌ରେ ଏହି ମ୍ୟାଚ ଜିତି ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଥିଲେ। ପୁରୁଷ ସିଙ୍ଗଲ୍ସରେ ଲକ୍ଷ୍ୟ ଫିନ୍‌ଲାଣ୍ଡର କାଲେ କୋଲ୍‌ଜୋନେନ୍‌ଙ୍କ ବିପକ୍ଷ ମ୍ୟାଚ ୨୧-୮, ୨୧-୧୬ରେ ସହଜ ବିଜୟ ହାଲ କରିଛନ୍ତି। ଅନ୍ୟ ଏକ ପୁରୁଷ ସିଙ୍ଗଲ୍ସ ମ୍ୟାଚରେ ଏସ୍. ଶଙ୍କର ସୁବ୍ରମଣ୍ୟମ ତାଙ୍କ ଆୟର୍ଲାଣ୍ଡ ପ୍ରତିଦ୍ୱନ୍ଦ୍ୱୀ ଏନ୍‌ହାଟ୍ ଏନ୍‌ଗୁୟେନଙ୍କୁ ୨୧-୧୧, ୨୧-୧୬ରେ ହରାଇ ଦେଇଛନ୍ତି। ସୁବ୍ରମଣ୍ୟମ ଦୁଇଟି କ୍ୱାଲିଫାଇଂ ମ୍ୟାଚ ଖେଳି ଟୁର୍ନାମେଣ୍ଟର ମୁଖ୍ୟ ଡ୍ର'ରେ ପ୍ରବେଶ କରିଥିଲେ। ତେବେ ବି. ସାଇ ପ୍ରଣିଥ ଏକ ସଂଘର୍ଷପୂର୍ଣ୍ଣ ପ୍ରଥମ ରାଉଣ୍ଡ ମ୍ୟାଚରେ ବିଶ୍ୱର ୨୩ ନମ୍ବର ମାନ୍ୟତାପ୍ରାପ୍ତ ଚାଇନିଜ ଖେଳାଳି ଲି ଶି ଫେଙ୍ଗ୍‌ଙ୍କଠାରୁ ୧୬-୨୧, ୨୧-୧୪, ୨୧-୧୯ରେ ହାରିଯାଇଛନ୍ତି।

# ପ୍ରଧାନମନ୍ତ୍ରୀଙ୍କୁ ଚିଠି ଲେଖିଲେ ମହିଳା ରେସ୍‌ଲର

**ନୂଆଦିଲ୍ଲୀ, ୧୩।୭ (ପି.ଟି.)**

ଏସିଆନ୍ ଚାମ୍ପିୟନଶିପ୍ ଓ ବିଶ୍ୱ ଚାମ୍ପିୟନଶିପ୍ ପାଇଁ ଭାରତୀୟ ଦଳ ଘୋଷଣାକୁ ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ପତ୍ର ଲେଖିଛନ୍ତି ଏକାଧିକ ମହିଳା ରେସ୍‌ଲର। ଏହା ମଧ୍ୟରେ ରାଜ୍ୟଗୋଷ୍ଠୀ ଓ ଏସିଆନ୍ ଚାମ୍ପିୟନଶିପ୍ ପଦକ ବିଜେତା ଅନେକ ଖେଳାଳି ରହିଛନ୍ତି। ଆଇଓଏ ନିଯୁକ୍ତ ଆଡ୍ ହକ୍ ପ୍ୟାନେଲ ପକ୍ଷରୁ ୬ ଜଣ ଧାରଣାରତ ରେସ୍‌ଲରଙ୍କୁ ଟ୍ରାଏଲ୍ସରୁ ବାଦ ଦେବା ପାଇଁ ଅନୁରୋଧ କରାଯିବା ପରେ ଏହାକୁ ବିରୋଧ କରାଯାଇଛି। ରୋହତକ ସ୍ଥିତ ଶ୍ରୀ ଛୋଟୁ ରାମ ଅଖାଡାର ୨୪ ଜଣ ମହିଳା ରେସ୍‌ଲର ଏହି ଚିଠି ଲେଖିଛନ୍ତି। ଏହା ପୂର୍ବରୁ ସାଇ ନିର୍ଦ୍ଦେଶକ ସନ୍ଦୀପ ପ୍ରଧାନଙ୍କୁ ମଧ୍ୟ ଚିଠି ଲେଖା ଯାଇଥିଲା। ଏହା ସହିତ ଚିଠିରେ ଧାରଣାରତ ଖେଳାଳିଙ୍କୁ ଆଶ୍ୱସ୍ତି ଦିଆଯିବାକୁ ବିରୋଧ କରାଯାଇଛି। ୩ ଜଣ ଅଲିମ୍ପିଆନ୍ ରେସ୍‌ଲରଙ୍କୁ ୱାନ୍ ବାଉଟ୍ ଟ୍ରାଏଲ ମିଳିବା ଗ୍ରହଣଯୋଗ୍ୟ, ମାତ୍ର ଅନ୍ୟ ୩ ଜଣଙ୍କୁ ସମାନ ସୁବିଧା ମିଳିବା ଆଦୌ ଯୁକ୍ତିଯୁକ୍ତ ନୁହେଁ ବୋଲି କୁହାଯାଇଛି। ଜୁଲାଇ ୨୩ ତାରିଖ ସୁଦ୍ଧା ଆଇଓଏ ରେସଲରଙ୍କ ଚୂଡାନ୍ତ ତାଲିକା ପ୍ରକାଶ କରିବ।


CLASSIFIED DISPLAY
ALL EDITION - BW (Everyday)
MORE SPACE • SAME PRICE
TARIFF
For Booking Contact 0674-2580385, 8637280816, 7894447167, 9338226625

ଲୋନ୍! ଲୋନ୍! ଲୋନ୍!
Global Finance
(Govt. Regd)
ସମସ୍ତ ସରକାରୀ ଯୋଜନା ଅଧୀନରେ ଆଧାରକାର୍ଡ, ପର୍ସନାଲ, ପ୍ରପର୍ଟି, ବିଜ୍‌ନେସ୍ ଲୋନ୍ ପାଆନ୍ତୁ।
2% ସୁଧ 40% ଛାଡ଼
(ମହିଳାଙ୍କ ପାଇଁ ବିଶେଷ ରିହାତି)
(ସିବିଲ ଖରାପ ହୋଇଥିଲେ ମଧ୍ୟ)
ଯୋଗାଯୋଗ କରନ୍ତୁ
9473748805

ପାଠକଙ୍କ ପାଇଁ ସୂଚନା
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

Classified Everyday
0674-2580101, 2549949


REAL ESTATE
SALE

Puri Senapati Bagicha sthitiban gharabadi plot with compound wall, front road for sale. Contact: 8895729136, 9437281290. D-0804

ଗୃହୋପଯୋଗୀ ସ୍ଥିତିବାନ ପ୍ଲଟ୍ 30" ରୋଡ୍, ଇଲେକ୍ଟ୍ରି ସହ ପିତାପଲ୍ଲିରେ ମିଳୁଛି- 7787017414. D-74888

ଭୁବନେଶ୍ୱର ପିତାପଲ୍ଲି ଛକରେ immediate ଘର କଲାଭଳି ପ୍ଲଟ୍ road, ଇଲେକ୍ଟ୍ରିସିଟି ଥାଇ ମିଳୁଛି। Owner-9090963952. D-74885

ଟଙ୍କପାଣିରୋଡ୍ ବାଙ୍କୁଆଳ ହାଇସ୍କୁଲ ପାଖରେ 1500sqft. ଜାଗାରେ 2100sqft. Duplex ଘର 79 ଲକ୍ଷରେ ବିକ୍ରୟ ହେବ। ବ୍ୟାଙ୍କ ଲୋନ ସୁବିଧାଅଛି । ଏକ ବର୍ଷ ଭିତରେ ଘର ହସ୍ତାନ୍ତର ହେବ। Contact for details: 9438220432/ 8144658008. D-0815

3 acres developed sthitiban plot with boundary wall, 2 Nos. borewell, RCC out house at Khurda (Dadhimachagadia), 900 mtrs. from National Highway, 65 lakhs per acre. Suitable for commercial / industrial / farmhouse. Contact: 9338342502, 8338991113. D-74542

ଭୁବନେଶ୍ୱର ଜଟଣୀଗେଟ୍ ପାଖରେ 1200sqft., 3,60,000/-, ଛତାବର 1200sqft., 3,00,000/-, ନଖରା- 300/-. 7978663279. D-74883

For sale residential cum commercial plot 6km. from Phulnakhara, from Bhubaneswar 11km. 3500sqft. 7809525452. D-75008

C.V. Raman ଛକରୁ 3 Km. ଦୂରରେ BIIT College backside 30 ft. Road ଥାଇ ପ୍ଲଟ୍ ମିଳୁଅଛି। 7978676652. D-74889

ଭୁବନେଶ୍ୱର ବାଲିଅନ୍ତାରେ 30ft road, ଇଲେକ୍ଟ୍ରିସିଟି ଥାଇ ଘରବାରି ପ୍ଲଟ୍ ମିଳୁଅଛି। 9114121344, 7978203723. D-74882

ପାଠକଙ୍କ ପାଇଁ ସୂଚନା
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।




Newly open SPA positively health benefits with expert therapist. 9040286886. D-75130

Newly opened (one 8 SPA)/ (Salon service) with export therapist. 9938843929. D-75129

Newly open health benefits SPA special offer @ 799 Jaydev Vihar. 8018429809. D-75128

Herbal full body massage by smart/expert therapist. Contact: 9124139069. D-75005

Relax, Refresh your Body, Mind at Saikrupa Spa with best therapies. 8984068077. D-0725

Asribada Panchakarma herbal SPA Kesharimall, Bhubaneswar. Contact: 8926173473. D-75004

ଧରିତ୍ରୀ DHARITRI
Scan & Pay
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।
BHIM UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।

AFFIDAVIT
By an affidavit sworn before the Notary Public, Jharsuguda, I Rama Sandha, W/o. Padan Thapa, R/o. Beheramal, Jharsuguda, at present residing at Sadashibpur Bad Babupur, PS/Dist. Dhenkanal declare that my actual name is Rama Sandha but in Aadhaar card my name has been mentioned as Rupa Thapa. That the names Rama Sandha and Rupa Thapa relates to same and one person. D-0816

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

ମନେ ପଡ଼ନ୍ତି
ଦଶାହ ଅବସରରେ

ସ୍ୱର୍ଗତ ଅଭିମନ୍ୟୁ କର
ବେଲଟିକିରି, ଢେଙ୍କାନାଳ
ଆବିର୍ଭାବ-୧୭।୦୫।୧୯୪୫
ତିରୋଧାନ- ୦୫।୦୭।୨୦୨୩
ଆପଣଙ୍କର ଆଦର୍ଶ ଆମମାନଙ୍କର ଚିର ସ୍ମରଣୀୟ ହୋଇ ରହୁ। ଆପଣଙ୍କ ଅମରାତ୍ମା ଶାନ୍ତି ଓ ସଦ୍‌ଗତି ଲାଭ କରୁ, ଏତିକି ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା।
ଶୋକସନ୍ତପ୍ତ: ପରିବାରବର୍ଗ ଓ ଆତ୍ମୀୟସ୍ୱଜନ
ଧ-୭୪୦୭୯

Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

**୧୯୮୦ ବେଳକୁ କିମ୍ବଦନ୍ତୀ ବକ୍ସର ମହମ୍ମଦ ଅଲୀଙ୍କ ସହ ଲଢ଼ିବା ସାଧାରଣ ବକ୍ସରଙ୍କ ପାଇଁ ଦୁଃସ୍ୱପ୍ନ ଥିଲା। ଏହିପରି ଏକ ସମୟରେ ଜଣେ ଭାରତୀୟ ବକ୍ସର ଅଲୀଙ୍କ ସହ ଲଢ଼ି ନିଜ ଅଦମ୍ୟ ସାହସ ପ୍ରଦର୍ଶନ କରିଥିଲେ। ଏହି ଭାରତୀୟ ହେଭିୱେଟ୍ ବକ୍ସର ହେଉଛନ୍ତି କୌର ସିଂ। ଲଢ଼େଇରେ କୌର ସିଂ ହାରିଯାଇଥିଲେ ସତ, ମାତ୍ର ତାଙ୍କ ବୀରତ୍ୱପୂର୍ଣ୍ଣ ବକ୍ସିଂ କ୍ୟାରିୟର ଦେଶର ଯୁବ ପିଢ଼ି ପାଇଁ ପ୍ରେରଣାର ଉତ୍ସ ହୋଇରହିବ....**

# ସାହସୀ ବକ୍ସର

– ସ୍ୱାଗତ ସମ୍ପଦ

୧୯୬୦ ରୋମ୍ ଅଲିମ୍ପିକ୍ସରେ ବକ୍ସିଂ ଚାମ୍ପିୟନ ହେବା ପରେ ମହମ୍ମଦ ଅଲୀ ଓରଫ୍ କ୍ୟାସିୟସ୍ କ୍ଲେ ପେସାଦାର ବକ୍ସିଂରେ ନିଜ ବିଜୟଯାତ୍ରା ଆରମ୍ଭ କରିଥିଲେ। ୧୯୮୦ ବେଳକୁ ସେ ଜଣେ ଅଗ୍ରଣୀ ପେସାଦାର ବକ୍ସର ଭାବେ ସମଗ୍ର ବିଶ୍ୱରେ ପରିଚିତ ହୋଇ ସାରିଥିଲେ। ମହମ୍ମଦ ଅଲୀଙ୍କ ସହ ବକ୍ସିଂ (ମୁଷ୍ଟିଯୁଦ୍ଧ) ଲଢ଼ିବା ସାଧାରଣ ବକ୍ସରଙ୍କ ପାଇଁ ଥିଲା ଦୁଃସ୍ୱପ୍ନ। ଏହିପରି ଏକ ସମୟରେ ଜଣେ ଭାରତୀୟ ବକ୍ସର ଅଲୀଙ୍କ ସହ ବକ୍ସିଂ ଲଢ଼ି ନିଜ ଅଦମ୍ୟ ସାହସ ପ୍ରଦର୍ଶନ କରିଥିଲେ। ଏହି ଲଢ଼େଇ ୪ ରାଉଣ୍ଡ ବିଶିଷ୍ଟ ଥିଲା। ସେହି ଭାରତୀୟ ହେଭିୱେଟ୍ ବକ୍ସର ଜଣକ ହେଉଛନ୍ତି କୌର ସିଂ। ସେ ମହମ୍ମଦ ଅଲୀଙ୍କ ଆଗରେ ତିଷ୍ଠିପାରି ନ ଥିଲେ ବି ତାଙ୍କ ବୀରତ୍ୱ ପ୍ରକାଶ ନିଶ୍ଚିତ ଭାବେ ଏକ ପ୍ରେରଣାଦାୟୀ ଘଟଣା। ୧୯୮୦ ମସିହାରେ ଅଲୀ–କୌର ବକ୍ସିଂ ଦିଲ୍ଲୀର ତତ୍କାଳୀନ ନ୍ୟାଶନାଲ ଷ୍ଟାଡିୟମରେ ଅନୁଷ୍ଠିତ ହୋଇଥିଲା। କୌର ମ୍ୟାଚ୍ ହାରିଯାଇଥିଲେ ମଧ୍ୟ ତାଙ୍କ ନାମ ମହମ୍ମଦ ଅଲୀଙ୍କ ପରି ଜଣେ ବିଶ୍ୱ ବିଖ୍ୟାତ ବକ୍ସରଙ୍କ ସହ ଯୋଡ଼ିହୋଇରହିଛି।

ପଞ୍ଜାବର ସାଙ୍ଗ୍ରୁର ଜିଲା ଅନ୍ତର୍ଗତ ଖନାଲ୍ ଖର୍ଦ୍ଦ ଗ୍ରାମରେ ୧୯୪୯ ମସିହାରେ କୌର ସିଂଙ୍କ ଜନ୍ମ। ସେ ଭାରତୀୟ ପ୍ରତିରକ୍ଷା ବିଭାଗରେ ଚାକିରି କରୁଥିଲେ। ସେଠାରେ ସେ ମୁଷ୍ଟିଯୁଦ୍ଧ କ୍ରୀଡ଼ାରେ ମନୋନିବେଶ କରିଥିଲେ। କୌର ଜାତୀୟ ଚାମ୍ପିୟନଶିପ୍‌ରେ ଅଂଶ ଗ୍ରହଣକରି ହେଭିୱେଟ୍ ଶ୍ରେଣୀରେ ୪ଥର ସ୍ୱର୍ଣ୍ଣପଦକ ହାସଲ କରିଥିଲେ। ୧୯୮୨ ଦିଲ୍ଲୀ ଏସିଆନ୍ ଗେମ୍ସରେ ତାଙ୍କ ବକ୍ସିଂ ମୁକାବିଲା ଚିରସ୍ମରଣୀୟ ହୋଇରହିବ। ସେ ହେଭିୱେଟ୍ ଶ୍ରେଣୀରେ ସ୍ୱର୍ଣ୍ଣପଦକ ଜିତିଥିଲେ। ଏହି ବିଶେଷ ସଫଳତା ପାଇଁ କୌରଙ୍କୁ ଅର୍ଜୁନ ପୁରସ୍କାର ପ୍ରଦାନ କରାଯାଇଥିଲା। ୧୯୮୩ରେ କୌରଙ୍କ ହାତକୁ ଆସିଥିଲା ପଦ୍ମଶ୍ରୀ ପୁରସ୍କାର। ୧୯୮୪ ଲସ୍ ଏଞ୍ଜେଲ୍ସ ଅଲିମ୍ପିକ୍ସ ବକ୍ସିଂରେ ସେ ଭାରତର ପ୍ରତିନିଧିତ୍ୱ କରିଥିଲେ। ସେ ଅନ୍ତର୍ଜାତୀୟ ଟୁର୍ନାମେଣ୍ଟରେ ଭାଗନେଇ ୬ଟି ସ୍ୱର୍ଣ୍ଣ ପଦକ ଜିଣିଥିଲେ। କୌର ୧୯୭୧ ଭାରତ–ପାକ୍ ଯୁଦ୍ଧ ଲଢ଼ିଥିଲେ। ସେନା ଚାକିରିରୁ ଅବସର ନେଲା ପରେ ନିଜ ଗ୍ରାମ ଖନାଲ୍ ଖର୍ଦ୍ଦରେ ରହୁଥିଲେ। ତାଙ୍କର ୨ ପୁଅ ଓ ଜଣେ ଝିଅ ଅଛନ୍ତି। ତେବେ ବାର୍ଦ୍ଧକ୍ୟଜନିତ ରୋଗରେ ପୀଡ଼ିତ ହୋଇ ହରିୟାଣାର କୁରୁକ୍ଷେତ୍ରରେ ଥିବା ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିବାବେଳେ ସେ ୭୪ବର୍ଷ ବୟସରେ ପ୍ରାଣ ହରାଇଥିଲେ। କୌର ସିଂଙ୍କ ବୀରତ୍ୱପୂର୍ଣ୍ଣ ବକ୍ସିଂ କ୍ୟାରିୟର ଦେଶର ଯୁବପିଢ଼ି ପାଇଁ ପ୍ରେରଣାର ଉତ୍ସ ହୋଇରହିବ।



କୌର ସିଂ

# ପୁଣି ପଦ୍ମିନୀ

**ଓଡ଼ିଶାର ଚେସ୍ ସମ୍ରାଜ୍ଞୀ ପଦ୍ମିନୀ ରାଉତ ନିଜ ଜାଜ୍ୱଲ୍ୟମାନ କ୍ୟାରିୟରରେ ଆଉ ଏକ ସଫଳତାର ଫର୍ଦ୍ଦ ଯୋଡ଼ିଛନ୍ତି। ଅହମଦାବାଦରେ ନିକଟରେ ଶେଷ ହୋଇଥିବା ଜାତୀୟ ମହିଳା ଚେସ୍‌ରେ ସେ ଟାଇଟଲ ବିଜୟିନୀ ହୋଇଛନ୍ତି। ଫଳରେ କିଛି ବର୍ଷର ନୀରବତା ପରେ ପୁଣି ଚର୍ଚ୍ଚାକୁ ଆସିଛନ୍ତି ଏହି ଚେସ୍ କୁଇନ।**

–ପ୍ରସ୍ତୁତି: ତପନ ସ୍ୱାଇଁ

ଓଡ଼ିଶାର ଚେସ୍ ସମ୍ରାଜ୍ଞୀ ପଦ୍ମିନୀ ରାଉତ ନିଜ ଜାଜ୍ୱଲ୍ୟମାନ କ୍ୟାରିୟରରେ ଆଉ ଏକ ସଫଳତାର ଫର୍ଦ୍ଦ ଯୋଡ଼ିଛନ୍ତି। ଅହମଦାବାଦରେ ନିକଟରେ ଶେଷ ହୋଇଥିବା ଜାତୀୟ ମହିଳା ଚେସ୍‌ରେ ସେ ଟାଇଟଲ ବିଜୟିନୀ ହୋଇଛନ୍ତି। ଫଳରେ କିଛି ବର୍ଷର ନୀରବତା ପରେ ପୁଣି ଚର୍ଚ୍ଚାକୁ ଆସିଛନ୍ତି ଏହି ଭାରତୀୟ ଚେସ୍ କୁଇନ। ପଦ୍ମିନୀଙ୍କ ପାଇଁ ଜାତୀୟ ଟାଇଟଲ ଯଦିଓ ନୂଆ କଥା ନୁହେଁ, ତେବେ ନିଜ ଲକ୍ଷ୍ୟପଥରେ ଅଗ୍ରସର ହେବା ପାଇଁ ଏହା ମନୋବଳ ବଢ଼ାଇଛି। ସମ୍ମାନଜନକ ମହିଳା ଗ୍ରାଣ୍ଡମାଷ୍ଟର (ଡବ୍ଲ୍ୟୁଜିଏମ୍) ଓ ଅନ୍ତର୍ଜାତୀୟ ମାଷ୍ଟର (ଆଇଏମ୍) ଟାଇଟଲ ଜିତି ସାରିଥିବା ପଦ୍ମିନୀ ଓଡ଼ିଶାର ପ୍ରଥମ ମହିଳା ଖେଳାଳିଭାବେ ଗ୍ରାଣ୍ଡମାଷ୍ଟର ହେବା ପାଇଁ ଲକ୍ଷ୍ୟ ରଖିଛନ୍ତି। ଲକ୍ଷ୍ୟ ଦିଗରେ ଗୋଟିଏ ପାଦ ଅଗ୍ରସର ହୋଇସାରିଛନ୍ତି ଏହି ଦକ୍ଷ ଚେସ୍ ତାରକା। ଅର୍ଥାତ୍ ପ୍ରଥମ ଗ୍ରାଣ୍ଡମାଷ୍ଟର ନର୍ମ ସେ ହାସଲକରି ସାରିଛନ୍ତି। ଆଉ ୨ଟି ନର୍ମ ଏବଂ ମ୍ୟାଜିକ ସଂଖ୍ୟା ୨୫୦୦ ଏଲୋ ରେଟିଂ ପୂରଣ ହୋଇଗଲେ ସେ ହୋଇପାରିବେ ଓଡ଼ିଶାର ତୃତୀୟ ଗ୍ରାଣ୍ଡମାଷ୍ଟର। ପୂର୍ବରୁ ଦେବାଶିଷ ଦାସ ଓ ସ୍ୱୟମ୍ଭ ମିଶ୍ର ଏହି ଟାଇଟଲ ଜିତିବାର ଗୌରବ ବହନ କରୁଛନ୍ତି। ଏବେ ପଦ୍ମିନୀଙ୍କର ରେଟିଂ ପଏଣ୍ଟ ୨୩୫୩ ରହିଛି। ଲକ୍ଷ୍ୟ କଷ୍ଟସାଧ୍ୟ ଥିଲେ ମଧ୍ୟ ପୂର୍ବରୁ ଅନେକ ଅସମ୍ଭବକୁ ସମ୍ଭବ କରି ସାରିଥିବା ପଦ୍ମିନୀ ଏଥିରେ ମଧ୍ୟ ଉତ୍ତୀର୍ଣ୍ଣ ହୋଇପାରିବେ ବୋଲି ଓଡ଼ିଶାର ଚେସ୍ ପଣ୍ଡିତମାନେ ଆଶା ରଖିଛନ୍ତି।

ଅହମଦାବାଦରେ ବିଜୟ ସହ ପଦ୍ମିନୀ କ୍ୟାରିୟରରେ ୫ମ ଥର ପାଇଁ ଜାତୀୟ ମହିଳା ଚେସ୍ ଟାଇଟଲ ହାସଲ କରିଛନ୍ତି। ପୂର୍ବରୁ ସେ ୨୦୧୪ରୁ ୨୦୧୭ ପର୍ଯ୍ୟନ୍ତ କ୍ରମାଗତ ୪ ବର୍ଷ ପ୍ରିମିୟର ଜାତୀୟ ମହିଳା ଚେସ୍ ଚାମ୍ପିୟନ ହୋଇଥିଲେ। କରୋନା ମହାମାରୀ ପାଇଁ ଲକ୍ଷ୍ୟ ପଥରେ ତାଙ୍କର ଅଗ୍ରଗତି ଯଦିଓ ମନ୍ଥର ହୋଇଛି ତେବେ ୨୦୨୩ ଜାତୀୟ ମହିଳା ଚେସ୍ ଟାଇଟଲ ଜିତି ସେ ପୁଣି ଟ୍ରାକ୍‌କୁ ଫେରିଥିବା ସମ୍ପର୍କରେ ସୂଚନା ଦେଇଛନ୍ତି। ଗତବର୍ଷ ଜୁଲାଇ–ଅଗଷ୍ଟରେ ତାମିଲନାଡୁର ମହାବଳୀପୁରମ୍‌ରେ ଅନୁଷ୍ଠିତ ୪୪ତମ ଚେସ୍ ଅଲିମ୍ପିଆଡ୍‌ରେ ସେ ଭାରତୀୟ ଦଳର ସଦସ୍ୟ ଥିଲେ। ସେହିପରି ୨୦୨୧ରେ ରୁଷିଆର ସୋଚିରେ ଅନୁଷ୍ଠିତ ପ୍ରଥମ ମହିଳା ଫିଡେ ବିଶ୍ୱକପ୍‌ରେ ଅଂଶଗ୍ରହଣ, ୨୦୨୦ ଅକ୍ଟୋବରରେ ଆୟୋଜିତ ଏସିଆନ ନେସନ୍ସ (ରିଜିଅନ୍ସ) ଅନ୍‌ଲାଇନ୍ କପ୍ ଚେସ୍ ଟୁର୍ନାମେଣ୍ଟରେ ସ୍ୱର୍ଣ୍ଣ ପଦକ, ଫେବୃୟାରୀରେ ଅହମଦାବାଦରେ ଅନୁଷ୍ଠିତ ଜାତୀୟ ମହିଳା ଟିମ୍ ଚେସ୍ ଚାମ୍ପିୟନଶିପ୍‌ରେ ଦଳଗତ ସ୍ୱର୍ଣ୍ଣ ଏବଂ ବ୍ୟକ୍ତିଗତ ରୌପ୍ୟ (ବୋର୍ଡ–୨), ୨୦୧୯ ଏପ୍ରିଲରେ ସିଡ୍‌ନୀରେ ଆୟୋଜିତ ଅନ୍ତର୍ଜାତୀୟ ଓପନ ଚେସ୍ ଟୁର୍ନାମେଣ୍ଟରେ ରନରଅପ୍, ୨୦୧୮ ଡିସେମ୍ବରରେ ଅନୁଷ୍ଠିତ ଏସିଆନ କଣ୍ଟିନେଣ୍ଟାଲ ଚେସ୍ ଚାମ୍ପିୟନଶିପ୍‌ର ମହିଳା ବିଭାଗରେ ସ୍ୱର୍ଣ୍ଣପଦକ, ଜୁଲାଇ–ଅଗଷ୍ଟରେ ଇରାନରେ ଆୟୋଜିତ ଏସିଆନ ନେସନ୍ସ କପ୍ ଚେସ୍‌ର ଦଳଗତ ବିଭାଗରେ ୩ ପଦକ (ବ୍ଲିଜ୍‌ରେ ସ୍ୱର୍ଣ୍ଣ, ର୍‍ୟାପିଡ୍‌ରେ ରୌପ୍ୟ, କ୍ଲାସିକାଲ୍‌ରେ ବ୍ରୋଞ୍ଜ୍) ଏବଂ ୨ଟି ବ୍ୟକ୍ତିଗତ ପଦକ (ରୌପ୍ୟ ଓ ବ୍ରୋଞ୍ଜ୍) ଆଦି ଗତ ୫ ବର୍ଷ ମଧ୍ୟରେ ତାଙ୍କ ସଫଳତାର ଆଉ ଏକ ଏକ ଇସ୍ତାହାର। ୨୦୧୦ରେ ମହିଳା ଗ୍ରାଣ୍ଡମାଷ୍ଟର ଏବଂ ୨୦୧୫ରେ ଅନ୍ତର୍ଜାତୀୟ ମାଷ୍ଟର ଟାଇଟଲ ହାସଲକରି ସାରିଥିବା ପଦ୍ମିନୀ କେବେ ନିଜର ଲକ୍ଷ୍ୟ ଗ୍ରାଣ୍ଡମାଷ୍ଟର ଟାଇଟଲ ହାସଲ କରୁଛନ୍ତି ତା' ଉପରେ ଚେସ୍‌ପ୍ରେମୀଙ୍କ ନଜର ରହିଛି।





ଜାତୀୟ ମହିଳା ଚେସ୍ ଟ୍ରଫି ସହ ପଦ୍ମିନୀ ରାଉତ

## ବିଜୟରୁ ଆରମ୍ଭ ଓ ଶେଷ

ଅହମଦାବାଦରେ ଅନୁଷ୍ଠିତ ଜାତୀୟ ମହିଳା ଚେସ୍‌ରେ ପେଟ୍ରୋଲିୟମ ସ୍ପୋର୍ଟ୍ସ ପ୍ରମୋଶନ ବୋର୍ଡ(ପିଏସ୍‌ପିବି) ପକ୍ଷରୁ ପ୍ରତିନିଧିତ୍ୱ କରିଥିଲେ ପଦ୍ମିନୀ। ୧୧ ରାଉଣ୍ଡ ବିଶିଷ୍ଟ ପ୍ରତିଯୋଗିତାରେ ବିଜୟରୁ ସେ ଅଭିଯାନ ଆରମ୍ଭ କରିଥିଲେ । ତାଙ୍କ ପ୍ରଥମ ପ୍ରତିଦ୍ୱନ୍ଦ୍ୱୀ ଥିଲେ ତେଲଙ୍ଗାନାର ବି. କୀର୍ତ୍ତିକା। ଏହାପରେ ଜମ୍ମୁ–କଶ୍ମୀରର ମହିଳା କ୍ୟାଣ୍ଡିଡେଟ୍ ମାଷ୍ଟର ଆରୁଷୀ କୋଟ୍‌ୱାଲ ଓ ତେଲଙ୍ଗାନାର ପୋଟଲୁରି ସାୟେ ଶ୍ରୀଜାଙ୍କୁ ହରାଇ ବିଜୟରେ ହ୍ୟାଟ୍ରିକ୍ କରିଥିବା ପଦ୍ମିନୀ ୪ର୍ଥ ରାଉଣ୍ଡରେ ଆନ୍ଧ୍ର ପ୍ରଦେଶର ମହିଳା ଅନ୍ତର୍ଜାତୀୟ ମାଷ୍ଟର ବୋମ୍ମିନି ମୋନିକା ଅକ୍ଷୟାଙ୍କଠାରୁ ହାରିଯାଇଥିଲେ। ଏହା ହିଁ ଥିଲା ପ୍ରତିଯୋଗିତାରେ ତାଙ୍କର ଏକମାତ୍ର ପରାଜୟ। ୫ମ ରାଉଣ୍ଡରେ ଉତ୍ତରାଖଣ୍ଡର ଶେରାଲି ପଟ୍ଟନାୟକଙ୍କୁ ହରାଇ ସଫଳ ପ୍ରତ୍ୟାବର୍ତ୍ତନ କରିଥିବା ଏହି ଚେସ୍ ତାରକା ୬ଷ୍ଠ ରାଉଣ୍ଡରେ ପଶ୍ଚିମବଙ୍ଗର ମୃତ୍ତିକା ମଲିକଙ୍କ ସହ ମ୍ୟାଚ ଡ୍ର ରଖିଥିଲେ। ଏହାପରେ ୭ମ ରାଉଣ୍ଡରେ ଆନ୍ଧ୍ର ପ୍ରଦେଶର ମହିଳା ଫିଡେ ମାଷ୍ଟର କୋଟେପାଲି ସାଇ ନିରୁପମା ଓ ୮ମ ରାଉଣ୍ଡରେ ତାମିଲନାଡୁର ମହିଳା ଗ୍ରାଣ୍ଡମାଷ୍ଟର ଭି. ବର୍ଷିନୀଙ୍କୁ ହରାଇବା ପରେ ୯ମ ରାଉଣ୍ଡରେ ଗୋଆର ଅନ୍ତର୍ଜାତୀୟ ମାଷ୍ଟର ଭକ୍ତି କୁଲକର୍ଣ୍ଣୀଙ୍କ ସହ ପଏଣ୍ଟ ଭାଗ କରିଥିଲେ। ୧୦ମ ରାଉଣ୍ଡରେ ମହାରାଷ୍ଟ୍ରର ମହିଳା ଅନ୍ତର୍ଜାତୀୟ ମାଷ୍ଟର ମୃଦୁଲ ଦେହନ୍ଦ୍ରଙ୍କୁ ହରାଇବାପରେ ସେ ଆଉ ପଛକୁ ଫେରି ଚାହିଁ ନ ଥିଲେ। ୧୧ ତଥା ଅନ୍ତିମ ରାଉଣ୍ଡରେ ଉଚ୍ଚ ର‍୍ୟାଙ୍କିଙ୍ଗପ୍ରାପ୍ତ ମହାରାଷ୍ଟ୍ରର ମହିଳା ଗ୍ରାଣ୍ଡମାଷ୍ଟର ଦିବ୍ୟା ଦେଶମୁଖଙ୍କୁ ହରାଇ ସେ ଚାମ୍ପିୟନ ହୋଇଥିଲେ। ପଦ୍ମିନୀ ୯ ପଏଣ୍ଟ ପାଇ ପ୍ରଥମ ସ୍ଥାନ ଅଧିକାର କରିଥିବାବେଳେ ତାଙ୍କ ପିଏସ୍‌ପିବି ସାଥୀ ମହିଳା ଗ୍ରାଣ୍ଡମାଷ୍ଟର ମାରୀ ଆନ୍ ଗୋମ୍ସ ଓ ପଶ୍ଚିମବଙ୍ଗର ମହିଳା ଅନ୍ତର୍ଜାତୀୟ ମାଷ୍ଟର ଅର୍ପିତା ମୁଖାର୍ଜୀ ୮.୫ ପଏଣ୍ଟ ଲେଖାଏ ପାଇ ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିଲେ। ଏଥିରେ ଭାଗ ନେଇଥିବା ଓଡ଼ିଶାର ଅନ୍ୟ ପ୍ରତିଯୋଗୀଙ୍କ ମଧ୍ୟରେ ମହିଳା ଗ୍ରାଣ୍ଡମାଷ୍ଟର କିରଣ ମନୀଷା ମହାନ୍ତି ୭.୫, ଯଶିତା ରାଉତ ୭, ମହିଳା ଅନ୍ତର୍ଜାତୀୟ ମାଷ୍ଟର ସାଇନା ସାଲୋନିକା ୪.୫ ଓ କ୍ୟାଣ୍ଡିଡେଟ ମାଷ୍ଟର ଅପରାଜିତ ଗୋଚ୍ଛିକାର ୪.୫ ପଏଣ୍ଟ ସହ ପ୍ରତିଯୋଗିତା ଶେଷ କରିଥିଲେ।

# ପ୍ୟାରିସ୍ ଅଲିମ୍ପିକ୍ସରେ ପୁରୁଷ ଆର୍ଟିଷ୍ଟିକ୍ ସୁଇମିଂ



ରମେଶ ସାହୁ

**୨୦୨୪ ପ୍ୟାରିସ୍ ଅଲିମ୍ପିକ୍ସରେ ପ୍ରଥମଥର ପାଇଁ ଆର୍ଟିଷ୍ଟିକ୍ ସୁଇମିଂରେ ପୁରୁଷମାନଙ୍କୁ ଦେଖିବାକୁ ମିଳିବ। ୱାର୍ଲ୍ଡ ଆକ୍ୱାଟିକ୍ସର ଅନୁରୋଧକୁ ଅନ୍ତର୍ଜାତୀୟ ଅଲିମ୍ପିକ୍ କମିଟି ଗ୍ରହଣ କରିବା ପରେ ଏହା ସ୍ପଷ୍ଟ ହୋଇଯାଇଛି...**

କଳାତ୍ମକ ସନ୍ତରଣ ବା ଆର୍ଟିଷ୍ଟିକ୍ ସୁଇମିଂ ଏକ ଦ୍ୱିଜାତୀୟ(ହାଇବ୍ରିଡ୍) ସନ୍ତରଣ ପଦ୍ଧତି। ଜିମ୍ନାଷ୍ଟିକ୍ ଶୈଳୀରେ ଅଙ୍ଗ ଚାଳନା ଏବଂ ଆଙ୍ଗିକ ନୃତ୍ୟ(ବାଲେଟ୍) ପଦ୍ଧତିକୁ ନେଇ ଏହି କ୍ରୀଡ଼ା ସମୃଦ୍ଧ। ସୁଇମିଂ ପୁଲ୍‌ର ୯ ଫୁଟ୍ ଗଭୀର ଜଳସ୍ତର ହେଉଛି ସନ୍ତରଣ କଳା ପ୍ରଦର୍ଶନ ସ୍ଥଳୀ। ପାର୍ଶ୍ୱ ସଙ୍ଗୀତ ଅନୁସାରେ ମହିଳାମାନଙ୍କ ଶରୀରର ସର୍ବାଙ୍ଗ ସମକାଳୀନ ମୁଦ୍ରାରେ ପରିଚାଳିତ ହୋଇଥାଏ। ୮ ଜଣିଆ ମହିଳା ଦଳ ସନ୍ତରଣ କଳା ପ୍ରଦର୍ଶନ କରୁଥିଲାବେଳେ ପାର୍ଶ୍ୱ ସଙ୍ଗୀତକୁ ଅନୁସରଣ କରନ୍ତି। ଜଣେ ସୁଇମରଙ୍କ ଏକକ ଆର୍ଟିଷ୍ଟିକ୍ ସୁଇମିଂ ମଧ୍ୟ ଆକର୍ଷଣୀୟ। ପ୍ରତିଯୋଗୀମାନଙ୍କୁ ବୈଷୟିକ ଉତ୍କର୍ଷ, ଅଙ୍ଗଚାଳନା ଶୈଳୀରେ ସମାନତା, ସମକାଳ ରକ୍ଷା, ସୃଜନଶୀଳତା ଏବଂ ପ୍ରଭାବଶାଳୀ ପ୍ରଦର୍ଶନରେ ନଜର ଦେବାକୁ ପଡ଼େ। ୧୯୮୪ ଲସ୍ ଏଞ୍ଜେଲସ୍ ଅଲିମ୍ପିକ୍ ଗେମ୍ସରେ ମହିଳା ଆର୍ଟିଷ୍ଟିକ୍ ସୁଇମିଂ ପଦାର୍ପଣ କରିଥିଲା। ସେଥର ଆମେରିକା ଓ କାନାଡ଼ା ମହିଳାମାନେ ଶ୍ରେଷ୍ଠତ୍ୱ ହାସଲ କରିଥିଲେ। ସେତେବେଳେ ଏହି ଇଭେଣ୍ଟର ନାମ ଥିଲା 'ସିଙ୍କ୍ରୋନାଇଜ୍‌ଡ ସୁଇମିଂ'। ୨୦୧୭ ମସିହାରେ ଏହାକୁ ଆର୍ଟିଷ୍ଟିକ୍ ସୁଇମିଂ ନାମକରଣ କରାଯାଇଥିଲା। ମହିଳା ପ୍ରତିଯୋଗୀଙ୍କୁ ସୁଇମିଂ ପୁଲ୍‌ର ନିମ୍ନଭାଗକୁ ଯାଇ ୨ ଗୋଡ଼କୁ ଜଳସ୍ତର ବାହାରକୁ ଆଣି ଊର୍ଦ୍ଧ୍ୱମୁଖୀ ରଖିବାକୁ ପଡ଼େ। ସନ୍ତରଣ କଳାର ଏଭଳି କ୍ଷଣିକ ପ୍ରଦର୍ଶନ ଦର୍ଶକଙ୍କୁ ଆମୋଦିତ କରେ। ମହିଳାମାନଙ୍କୁ ନିଜ ମୁଣ୍ଡବାଳ ଶୃଙ୍ଖଳା ରଖିବା ଲାଗି ନକ୍ସ ଜିଲାଟିନ୍(ଏକପ୍ରକାର ଅଠାଳିଆ ମିଶ୍ରଣ) ଲଗାଇବାକୁ ପଡ଼େ। ସେହିପରି ନାକପୁଡ଼ାରେ ପାଣି ପ୍ରବେଶକୁ ରୋକିବା ଲାଗି ଏକ ନୋଜ୍ କ୍ଲିପ୍ ଆବଶ୍ୟକ ପଡ଼େ। ତେବେ ପୁରୁଷ ସଂସ୍କରଣ ଆରମ୍ଭ କରିବା ଲାଗି ୱାର୍ଲ୍ଡ ଆକ୍ୱାଟିକ୍ସ ଏବଂ ଆଇଓସି ବା ଅନ୍ତର୍ଜାତୀୟ ଅଲିମ୍ପିକ୍ ପରିଷଦ ମିଳିତ ଉଦ୍ୟମ କରିଥିଲେ। ଏହା ସଫଳ ହୋଇଥିବାରୁ ଆଗାମୀ ପ୍ୟାରିସ ଅଲିମ୍ପିକ୍ସରେ ପୁରୁଷମାନେ ଆର୍ଟିଷ୍ଟିକ୍ ସନ୍ତରଣ ପ୍ରଦର୍ଶନକରି ମହିଳାମାନଙ୍କ ସମକକ୍ଷ ହେବେ।

୨୦୧୫ରୁ ବିଶ୍ୱ ସନ୍ତରଣ ଚାମ୍ପିୟନଶିପ୍‌ରେ ପୁରୁଷ ଆର୍ଟିଷ୍ଟିକ୍ ସୁଇମିଂ ପ୍ରଚଳିତ ଅଛି। ଏହାର ଉଦ୍‌ଘାଟନୀ ପ୍ରତିଯୋଗିତାରେ ଆମେରିକାର ବିଲ୍ ମେ ଯୁଗଳ ଆଙ୍ଗିକ ନୃତ୍ୟ(ଡୁଏଟ୍) ବୈଷୟିକ ଇଭେଣ୍ଟରେ ବିଶ୍ୱ ଚାମ୍ପିୟନ୍ ହୋଇଥିଲେ। ବିଲ୍‌ଙ୍କ ମତରେ ଅଲିମ୍ପିକ୍ ସନ୍ତରଣରେ ପୁରୁଷ ଆର୍ଟିଷ୍ଟିକ୍ ସୁଇମିଂ ସାମିଲ ହେବା ଏକ ବଡ଼ ସଫଳତା। ଅଲିମ୍ପିକ୍ ଗେମ୍ସରେ ମହିଳା କଳାତ୍ମକ ସନ୍ତରଣ ଦର୍ଶକମାନଙ୍କର ପ୍ରିୟ। ଇଭେଣ୍ଟଟି କଳା ପ୍ରଦର୍ଶନ ପାଇଁ ଉତ୍ସର୍ଗ ଥିବାରୁ ଅଲିମ୍ପିକ୍ସ ଗଳାର ହାର ଭାବେ ଏହା ପରିଚିତ। ୨୦୧୭ ଓ ୨୦୨୨ ବିଶ୍ୱ ଚାମ୍ପିୟନଶିପ୍‌ର ଆର୍ଟିଷ୍ଟିକ୍ ଶୃଙ୍ଖଳାରେ ଇଟାଲୀର ଜିଓର୍ଜିଓ ମିନିସିନି ଯୁଗଳ ଡୁଏଟ୍ ଟେକ୍ନିକାଲ ଇଭେଣ୍ଟରେ ଚାମ୍ପିୟନଶିପ୍ ଆଖ୍ୟା ଅର୍ଜନ କରିଥିଲେ। ସେ ଆଇଓସି ଏବଂ ୱାର୍ଲ୍ଡ ଆକ୍ୱାଟିକ୍ସର ନିଷ୍ପତ୍ତିକୁ ମାଇଲଖୁଣ୍ଟ ରୂପେ ବର୍ଣ୍ଣନା କରିଛନ୍ତି। ତେବେ ନିର୍ଦ୍ଦିଷ୍ଟଭାବେ କଳାତ୍ମକ ସନ୍ତରଣରେ ମହିଳାମାନେ ଶ୍ରେଷ୍ଠ। ଏହାର କାରଣ ହେଉଛି ମହିଳା ଶରୀର ଗଠନରେ ଭିନ୍ନତା। ମହିଳାମାନଙ୍କର ଶରୀର ଗଠନ ନମନୀୟ। ଶରୀରର ସଞ୍ଚାଳନା କ୍ଷମତା ମହିଳାଙ୍କଠାରେ ଅଧିକ। ଏଣୁ ଅଲିମ୍ପିକ୍ ଆର୍ଟିଷ୍ଟିକ୍ ସୁଇମିଂ ସେମାନଙ୍କ ଭାଗରେ ରହିବା କିଛି ଆଶ୍ଚର୍ଯ୍ୟର ବିଷୟ ନୁହେଁ। ୧୮୯୦ମସିହା ବେଳକୁ ୟୁରୋପ ମହାଦେଶରେ ସିଙ୍କ୍ରୋନାଇଜ୍‌ଡ୍ ସୁଇମିଂ କ୍ଲବ୍ ସକ୍ରିୟ ଥିଲା। ଜର୍ମାନୀ ରାଜଧାନୀ ବର୍ଲିନ୍‌ଠାରେ ବିଶ୍ୱର ପ୍ରଥମ ସିଙ୍କ୍ରୋନାଇଜ୍‌ଡ ସୁଇମିଂ ପ୍ରତିଯୋଗିତା ହୋଇଥିବା ବିବରଣୀରୁ ଜଣାପଡ଼େ। ୨୦୦୦ ମସିହା ଏଥେନ୍ସ ଅଲିମ୍ପିକ୍ସ ଡାଇଭିଂ ବିଭାଗରେ ନୂଆ ସିଙ୍କ୍ରୋନାଇଜ୍‌ଡ ଡାଇଭିଂ ସାମିଲ ହୋଇଥିଲା। ପୁରୁଷ ଖେଳାଳିଙ୍କ ଦାବିର ଯଥାର୍ଥତାକୁ ଆଇଓସି ଗ୍ରହଣ କରିଛି। ୨୦୨୪ ଜୁଲାଇ ୨୬ରୁ ଜୁଲାଇ ୧୧ ଯାଏ ପ୍ୟାରିସ ଅଲିମ୍ପିକ୍ସ ଅନୁଷ୍ଠିତ ହେବ। ଏଥିପାଇଁ ୧୦ଟି ପୁରୁଷ ଦଳ ଯୋଗ୍ୟ ବିବେଚିତ ହେବେ। ପ୍ରତ୍ୟେକ ଦଳରେ୨ଜଣ ଲେଖାଏ ପ୍ରତିଯୋଗୀ ରହିବେ।



କ୍ରିଷ୍ଟିନା ଲୁମ୍–ଅଣ୍ଡରଉଡ୍‌ଙ୍କ ସହ ବିଲ୍ ମେ'



ଧରିତ୍ରୀ DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ଶୁକ୍ରବାର, ଜୁଲାଇ ୧୪/୨୦୨୩ Bhubaneswar, Friday, July 14/ 2023

# ଦ୍ୱିତୀୟ ଦିବସରେ ଭାରତକୁ ୩ ସ୍ୱର୍ଣ୍ଣ

## ଏସିଆନ ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍

**ବ୍ୟାଙ୍କକ୍, ୧୩।୭(ପି.ଟି.)**

ଏସିଆନ ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍‌ର ଦ୍ୱିତୀୟ ଦିବସରେ ଭାରତ ୩ ସ୍ୱର୍ଣ୍ଣ ପଦକ ହାସଲ କରିଛି। ମହିଳା ୧୦୦ମିଟର ହର୍ଡଲ୍ସର ଜ୍ୟୋତି ୟାରାଜୀ ଏକ ପ୍ରମୁଖ ଅନ୍ତର୍ଜାତୀୟ ଇଭେଣ୍ଟରେ ପ୍ରଥମ ଥର ପ୍ରଥମ ସ୍ଥାନ ଅଧିକାର କରିପାରିଛନ୍ତି। ଅଜୟ କୁମାର ସରୋଜ ଏଠାରେ ପୁରୁଷ ୧୫୦୦ ମିଟର ଟାଇଟଲ ହାସଲ କରିଛନ୍ତି। ରାଜ୍ୟଗୋଷ୍ଠୀ କ୍ରୀଡ଼ା ରୌପ୍ୟ ବିଜେତା ଅବ୍‌ଦୁଲ୍ଲା ଆବୁବାକର ପୁରୁଷ ଟ୍ରିପଲ ଜମ୍ପ ଜିତି ଭାରତ ପାଇଁ ତୃତୀୟ ସ୍ୱର୍ଣ୍ଣ ଆଣିଦେଇଛନ୍ତି। ଐଶ୍ୱର୍ଯ୍ୟା ମିଶ୍ର (୫୩.୦୭ ସେକେଣ୍ଡ) ମଧ୍ୟ ଭାରତ ପାଇଁ ଏକ ପଦକ ଆଣିଦେଇଛନ୍ତି। ସେ ମହିଳା ୪୦୦ମିଟର ଫାଇନାଲରେ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ଭାରତ ପାଇଁ ପ୍ରଥମ ସ୍ୱର୍ଣ୍ଣ ଜ୍ୟୋତି ୟାରାଜୀ ମହିଳା ୧୦୦ମିଟର ହର୍ଡଲ୍ସରେ ଜିତିଛନ୍ତି। କୌଣସି ପ୍ରମୁଖ ଅନ୍ତର୍ଜାତୀୟ ଇଭେଣ୍ଟରେ ସେ ପ୍ରଥମ ଥର ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ସୁପାଚାଲାସାଇ ଷ୍ଟାଡିୟମରେ ଅନୁଷ୍ଠିତ ଫାଇନାଲ ରେସ୍‌ରେ ଜାପାନର ଦୁଇ ଧାବିକା ଟେରାଡା ଆସୁକା (୧୩.୧୩ ସେକେଣ୍ଡ) ଓ ଆଓକି ମାସୁମି (୧୩.୨୬ ସେକେଣ୍ଡ)ଙ୍କୁ ପଛରେ ପକାଇ ୨୩ ବର୍ଷୀୟା ୟାରାଜୀ (୧୩.୦୯ ସେକେଣ୍ଡ) ପ୍ରଥମ ସ୍ଥାନ ଅଧିକାର କରିଥିଲେ। ସୂଚନାଯୋଗ୍ୟ, ୟାରାଜୀଙ୍କ ଜାତୀୟ ରେକର୍ଡ ୧୨.୮୨ ସେକେଣ୍ଡ ରହିଛି। ବୁଧବାର ଅଭିଷେକ ପାଲ୍ ପୁରୁଷ ୧୦,୦୦୦ ମିଟର ରେସ୍ ଜିତି ଭାରତ ପାଇଁ ପଦକ ଖାତା ଖୋଲିଥିଲେ। ୨୬ ବର୍ଷୀୟ ସରୋଜ ପୁରୁଷ ୧୫୦୦ ମିଟର ରେସ୍ ୩:୪୧.୫୧ ସେକେଣ୍ଡରେ ଜିତିଥିଲେ। ତେବେ ଗତ ମାସରେ ଯୁକ୍ତରାଷ୍ଟ୍ର ଆମେରିକାରେ ସେ ତାଙ୍କ ବ୍ୟକ୍ତିଗତ ଶ୍ରେଷ୍ଠ ପ୍ରଦର୍ଶନ ୩:୩୯.୧୯ ସେକେଣ୍ଡଠାରୁ ଅଢେଇ ସେକେଣ୍ଡ ପଛରେ ରହିଥିଲେ। ଗତ ମେ' ମାସରେ ୟୁଏସ୍‌ଏରେ ଟ୍ରେନିଂ ନେଇଥିବା ସରୋଜଙ୍କର ଏସିଆନ ଚାମ୍ପିୟନଶିପ୍‌ରେ ଏହା ହେଉଛି କ୍ରମାଗତ ତୃତୀୟ ପଦକ ଓ ଦ୍ୱିତୀୟ ସ୍ୱର୍ଣ୍ଣ। ଅଜୟକୁମାର ସରୋଜ ଭୁବନେଶ୍ୱରରେ ୨୦୧୭ ସଂସ୍କରଣରେ ଏକ ସ୍ୱର୍ଣ୍ଣ ଏବଂ ୨୦୧୯ରେ ଦୋହାରେ ଏକ ରୌପ୍ୟ ଜିତିଥିଲେ। ଅବୁବାକର ସିଜନର ଶ୍ରେଷ୍ଠ ପ୍ରଦର୍ଶନ ୧୬.୯୨ ମିଟରେ ସହ ସ୍ୱର୍ଣ୍ଣ ପଦକ ଲାଭ କରିଥିବା ବେଳେ ତାଙ୍କ ପଛକୁ ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ରହିଥିଲେ ଜାପାନର ଇକେହାତା ହିକାରୁ (୧୬.୭୩ମିଟର) ଓ କୋରିଆର ଜାଙ୍ଗୁ କିମ୍ (୧୬.୫୯ମିଟର)।


ଜ୍ୟୋତି ୟାରାଜୀ






# ଇଜାଗିରେ ଜିତିଲେ ଦ୍ୱାଦଶ ଷ୍ଟେଜ୍

**ରୋନେ (ଫ୍ରାନ୍ସ), ୧୩।୭:** ସ୍ପାନିଶ ରାଇଡର ଆୟନ ଇଜାଗିରେ ଟୁର୍ ଡି' ଫ୍ରାନ୍ସ ସାଇକେଲ ରେସ୍‌ର ଦ୍ୱାଦଶ ଷ୍ଟେଜ ଜିତିଛନ୍ତି। ସେ ରେସ୍‌ରେ ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ମାଥ୍ୟୁ ବର୍ଗେଡୁ ଏବଂ ମାଟେଓ ଜର୍ଜେନସେନ୍‌ଙ୍କଠାରୁ ୫୮ ସେକେଣ୍ଡ ଆଗରେ ରହି ପ୍ରଥମ ହୋଇଛନ୍ତି। ଅନ୍ୟପକ୍ଷରେ ଡେନମାର୍କର ଗତଥରର ଚାମ୍ପିୟନ ଜୋନାସ ଭିଙ୍ଗେଗାର୍ଡ ଓଭରଅଲ ଲିଡର ଭାବେ ୟେଲୋ ଜର୍ସି ହାସଲ କରିଛନ୍ତି। ଏଥିରେ ସ୍ଲୋଭେନିଆର ଟାଡେଜ ପୋଗାକାର ଓ ଅଷ୍ଟ୍ରେଲିଆର ଜୟ ହିଣ୍ଡଲି ତୃତୀୟ ସ୍ଥାନରେ ଅଛନ୍ତି। ଫ୍ରେଞ୍ଚ ରାଇଡର ଥିବଟ ପିନଟ ୧୬୮.୮ କିଲୋମିଟର ବିଶିଷ୍ଟ ରେସ୍‌ରେ ଚମତ୍କାର ପ୍ରଦର୍ଶନ ସହ ଜେନେରାଲ କ୍ଲାସିଫିକେଶନରେ ଶ୍ରେଷ୍ଠ ୧୦ ମଧ୍ୟରେ ସ୍ଥାନ ପାଇଛନ୍ତି। ଷ୍ଟେଜ୍ ପୂର୍ବରୁ ରେସ୍‌ରୁ ଓହରିଯାଇଛନ୍ତି ଡଚ୍ ସ୍ପ୍ରିଣ୍ଟର ଫାବିଓ ଜାକବସେନ୍। ସାଇକ୍ଲିଂର ଏହି ସର୍ବ ବୃହତ୍ ରେସ୍‌ର ପ୍ରାରମ୍ଭରେ ସେ ଏକ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ। ପ୍ୟାରିସରେ ପହଞ୍ଚିବା ଆଉ ତାଙ୍କ ପକ୍ଷେ ସହଜ ହେବ ନାହିଁ ବୋଲି ସେ କହିଛନ୍ତି।

# ଭୋନ୍ଦ୍ରୋସୋଭା-ଜାବେର୍ ଫାଇନାଲ

## ୱିମ୍ବଲଡନ୍ ଟେନିସ୍


ମାର୍କେଟା ଭୋନ୍ଦ୍ରୋସୋଭା

**ୱିମ୍ବଲଡନ୍, ୧୩।୭**

ଟେନିସ୍ ଗ୍ରାଣ୍ଡସ୍ଲାମ ୱିମ୍ବଲଡନ୍‌ର ମହିଳା ସିଙ୍ଗଲ୍ସ ଫାଇନାଲରେ ପ୍ରବେଶ କରିଛନ୍ତି ଚେକ୍ ରିପବ୍ଲିକ୍‌ର ମାର୍କେଟା ଭୋନ୍ଦ୍ରୋସୋଭା ଓ ଟ୍ୟୁନିସିଆର ଓନ୍ସ ଜାବେର। ଗୁରୁବାର କୋର୍ଟ-୧ରେ ଅନୁଷ୍ଠିତ ପ୍ରଥମ ସେମି ଫାଇନାଲରେ ୟୁକ୍ରେନର ଏଲିନା ସ୍ୱିତୋଲିନାଙ୍କୁ ୬-୩, ୬-୩ର ସିଧାସଳଖ ସେଟ୍‌ରେ ପରାସ୍ତ କରିଥିଲେ। ଏହା ସହିତ ସେ କ୍ୟାରିୟରର ଦ୍ୱିତୀୟ ଗ୍ରାଣ୍ଡସ୍ଲାମ ଫାଇନାଲରେ ପ୍ରବେଶ କରିଛନ୍ତି। ବାମହାତରେ ସର୍ଭ କରୁଥିବା ଭୋନ୍ଦ୍ରୋସୋଭାଙ୍କ ସ୍ପିଡ୍ ଆଗରେ ବିଗତ ସିଜନର ରନର୍ ଅପ୍ ସ୍ୱିତୋଲିନା ଅସହଜ ମନେ ହୋଇଥିଲେ। ଦ୍ୱିତୀୟ ସେମି ଫାଇନାଲଟି ବେଶ ପ୍ରତିଦ୍ୱନ୍ଦ୍ୱିତାପୂର୍ଣ୍ଣ ରହିଥିଲା। ୬ ନମ୍ବର ସିଡ୍ ଜାବେର୍ ୬-୭(୫-୭), ୬-୪ ଓ ୬-୩ ସେଟ୍‌ରେ ବିଶ୍ୱ ମାନ୍ୟତାର ଦ୍ୱିତୀୟ ସ୍ଥାନରେ ଥିବା ଆରିନା ସାବାଲେଙ୍କାଙ୍କୁ ପରାସ୍ତ କରିଥିଲେ। ଏହାକୁ ମିଶାଇ ଦ୍ୱିତୀୟ ଥର ପାଇଁ ୱିମ୍ବଲଡନ୍ ଓ ତୃତୀୟ ଗ୍ରାଣ୍ଡସ୍ଲାମ ଫାଇନାଲରେ ପ୍ରବେଶ କରିଛନ୍ତି ଜାବେର୍। ପ୍ରଥମ ସେଟ୍‌ଟି କଡା ସଂଘର୍ଷପୂର୍ଣ୍ଣ ରହିଥିବା ବେଳେ ଏହାକୁ ଟାଇବ୍ରେକରରେ ଜିତିଥିଲେ ସାବାଲେଙ୍କା। ତେବେ ପରବର୍ତ୍ତୀ ଦୁଇ ସେଟକୁ ଜିତି ଫାଇନାଲରେ ପ୍ରବେଶ କରିଥିଲେ ଜାବେର।












4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୭ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ଶୁକ୍ରବାର, ଜୁଲାଇ ୧୪/୨୦୨୩ Bhubaneswar, Friday, July 14/ 2023

# ଦ୍ୱିତୀୟ ଦିବସରେ ଭାରତକୁ ୩ ସ୍ୱର୍ଣ୍ଣ





**ବ୍ୟାଙ୍କକ୍, ୧୩।୭(ପି.ଟି.)**

### ଏସିଆନ ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍

ଏସିଆନ ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍‌ର ଦ୍ୱିତୀୟ ଦିବସରେ ଭାରତ ୩ ସ୍ୱର୍ଣ୍ଣ ପଦକ ହାସଲ କରିଛି। ମହିଳା ୧୦୦ମିଟର ହର୍ଡଲ୍ସର ଜ୍ୟୋତି ୟାରାଜୀ ଏକ ପ୍ରମୁଖ ଅନ୍ତର୍ଜାତୀୟ ଇଭେଣ୍ଟରେ ପ୍ରଥମ ଥର ପ୍ରଥମ ସ୍ଥାନ ଅଧିକାର କରିପାରିଛନ୍ତି। ଅଜୟ କୁମାର ସରୋଜ ଏଠାରେ ପୁରୁଷ ୧୫୦୦ ମିଟର ଟାଇଟଲ ହାସଲ କରିଛନ୍ତି। ରାଜ୍ୟଗୋଷ୍ଠୀ କ୍ରୀଡ଼ା ରୌପ୍ୟ ବିଜେତା ଅବ୍‌ଦୁଲ୍ଲା ଆବୁବାକର ପୁରୁଷ ଟ୍ରିପଲ ଜମ୍ପ ଜିତି ଭାରତ ପାଇଁ ତୃତୀୟ ସ୍ୱର୍ଣ୍ଣ ଆଣିଦେଇଛନ୍ତି। ଐଶ୍ୱର୍ଯ୍ୟା ମିଶ୍ର (୫୩.୦୭ ସେକେଣ୍ଡ) ମଧ୍ୟ ଭାରତ ପାଇଁ ଏକ ପଦକ ଆଣିଦେଇଛନ୍ତି। ସେ ମହିଳା ୪୦୦ମିଟର ଫାଇନାଲରେ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ଭାରତ ପାଇଁ ପ୍ରଥମ ସ୍ୱର୍ଣ୍ଣ ଜ୍ୟୋତି ୟାରାଜୀ ମହିଳା ୧୦୦ମିଟର ହର୍ଡଲ୍ସରେ ଜିତିଛନ୍ତି। କୌଣସି ପ୍ରମୁଖ ଅନ୍ତର୍ଜାତୀୟ ଇଭେଣ୍ଟରେ ସେ ପ୍ରଥମ ଥର ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ସୁପାଚାଲାସାଇ ଷ୍ଟାଡିୟମରେ ଅନୁଷ୍ଠିତ ଫାଇନାଲ ରେସ୍‌ରେ ଜାପାନର ଦୁଇ ଧାବିକା ଟେରାଡା ଆସୁକା (୧୩.୧୩ ସେକେଣ୍ଡ) ଓ ଆଓକି ମାସୁମି (୧୩.୨୬ ସେକେଣ୍ଡ)ଙ୍କୁ ପଛରେ ପକାଇ ୨୩ ବର୍ଷୀୟା ୟାରାଜୀ (୧୩.୦୯ ସେକେଣ୍ଡ) ପ୍ରଥମ ସ୍ଥାନ ଅଧିକାର କରିଥିଲେ। ସୂଚନାଯୋଗ୍ୟ, ୟାରାଜୀଙ୍କ ଜାତୀୟ ରେକର୍ଡ ୧୨.୮୨ ସେକେଣ୍ଡ ରହିଛି। ବୁଧବାର ଅଭିଷେକ ପାଲ୍ ପୁରୁଷ ୧୦,୦୦୦ ମିଟର ରେସ୍ ଜିତି ଭାରତ ପାଇଁ ପଦକ ଖାତା ଖୋଲିଥିଲେ। ୨୬ ବର୍ଷୀୟ ସରୋଜ ପୁରୁଷ ୧୫୦୦ ମିଟର ରେସ୍ ୩:୪୧.୫୧ ସେକେଣ୍ଡରେ ଜିତିଥିଲେ। ତେବେ ଗତ ମାସରେ ଯୁକ୍ତରାଷ୍ଟ୍ର ଆମେରିକାରେ ସେ ତାଙ୍କ ବ୍ୟକ୍ତିଗତ ଶ୍ରେଷ୍ଠ ପ୍ରଦର୍ଶନ ୩:୩୯.୧୯ ସେକେଣ୍ଡଠାରୁ ଅଢେଇ ସେକେଣ୍ଡ ପଛରେ ରହିଥିଲେ। ଗତ ମେ' ମାସରେ ୟୁଏସ୍‌ଏରେ ଟ୍ରେନିଂ ନେଇଥିବା ସରୋଜଙ୍କର ଏସିଆନ ଚାମ୍ପିୟନଶିପ୍‌ରେ ଏହା ହେଉଛି କ୍ରମାଗତ ତୃତୀୟ ପଦକ ଓ ଦ୍ୱିତୀୟ ସ୍ୱର୍ଣ୍ଣ । ଅଜୟକୁମାର ସରୋଜ ଭୁବନେଶ୍ୱରରେ ୨୦୧୭ ସଂସ୍କରଣରେ ଏକ ସ୍ୱର୍ଣ୍ଣ ଏବଂ ୨୦୧୯ରେ ଦୋହାରେ ଏକ ରୌପ୍ୟ ଜିତିଥିଲେ। ଅବୁବାକର ସିଜନର ଶ୍ରେଷ୍ଠ ପ୍ରଦର୍ଶନ ୧୬.୯୨ ମିଟର ସହ ସ୍ୱର୍ଣ୍ଣ ପଦକ ଲାଭ କରିଥିବା ବେଳେ ତାଙ୍କ ପଛକୁ ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ରହିଥିଲେ ଜାପାନର ଇକେହାତା ହିକାରୁ (୧୬.୭୩ମିଟର) ଓ କୋରିଆର ଜାଙ୍ଗୁ କିମ୍ (୧୬.୫୯ମିଟର)।



ଜ୍ୟୋତି ୟାରାଜୀ

## ଇଜାଗିରେ ଜିତିଲେ ଦ୍ୱାଦଶ ଷ୍ଟେଜ୍

**ରୋନେ (ଫ୍ରାନ୍ସ), ୧୩।୭:** ସ୍ପାନିଶ ରାଇଡର ଆୟନ ଇଜାଗିରେ ଟୁର୍ ଡି' ଫ୍ରାନ୍ସ ସାଇକେଲ ରେସ୍‌ର ଦ୍ୱାଦଶ ଷ୍ଟେଜ ଜିତିଛନ୍ତି। ସେ ରେସ୍‌ରେ ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ମାଥ୍ୟୁ ବର୍ଗେଡ଼ୁ ଏବଂ ମାଟେଓ ଜର୍ଜେନସେନ୍‌ଙ୍କଠାରୁ ୫୮ ସେକେଣ୍ଡ ଆଗରେ ରହି ପ୍ରଥମ ହୋଇଛନ୍ତି। ଅନ୍ୟପକ୍ଷରେ ଡେନମାର୍କର ଗତଥରର ଚାମ୍ପିୟନ ଜୋନାସ ଭିଙ୍ଗେଗାର୍ଡ ଓଭରଅଲ ଲିଡର ଭାବେ ୟେଲୋ ଜର୍ସି ହାସଲ କରିଛନ୍ତି। ଏଥିରେ ସ୍ଲୋଭେନିଆର ଟାଡେଜ ପୋଗାକାର ଓ ଅଷ୍ଟ୍ରେଲିଆର ଜୟ ହିଣ୍ଡଲି ତୃତୀୟ ସ୍ଥାନରେ ଅଛନ୍ତି। ଫ୍ରେଞ୍ଚ ରାଇଡର ଥିବଟ ପିନଟ ୧୬୮.୮ କିଲୋମିଟର ବିଶିଷ୍ଟ ରେସ୍‌ରେ ଚମତ୍କାର ପ୍ରଦର୍ଶନ ସହ ଜେନେରାଲ କ୍ଲାସିଫିକେଶନରେ ଶ୍ରେଷ୍ଠ ୧୦ ମଧ୍ୟରେ ସ୍ଥାନ ପାଇଛନ୍ତି। ଷ୍ଟେଜ୍ ପୂର୍ବରୁ ରେସ୍‌ରୁ ଓହରିଯାଇଛନ୍ତି ଡଚ୍ ସ୍ପ୍ରିଣ୍ଟର ଫାବିଓ ଜାକବସେନ୍। ସାଇକ୍ଲିଂର ଏହି ସର୍ବ ବୃହତ୍ ରେସ୍‌ର ପ୍ରାରମ୍ଭରେ ସେ ଏକ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ। ପ୍ୟାରିସରେ ପହଞ୍ଚିବା ଆଉ ତାଙ୍କ ପକ୍ଷେ ସହଜ ହେବ ନାହିଁ ବୋଲି ସେ କହିଛନ୍ତି।

## ଭୋଣ୍ଡ୍ରୋସୋଭା-ଜାବେର୍ ଫାଇନାଲ



ମାର୍କେଟା ଭୋଣ୍ଡ୍ରୋସୋଭା

### ୱିମ୍ବଲଡନ୍ ଟେନିସ୍

**ୱିମ୍ବଲଡନ୍, ୧୩।୭**

ଟେନିସ୍ ଗ୍ରାଣ୍ଡସ୍ଲାମ ୱିମ୍ବଲଡନ୍‌ର ମହିଳା ସିଙ୍ଗଲ୍ସ ଫାଇନାଲରେ ପ୍ରବେଶ କରିଛନ୍ତି ଚେକ୍ ରିପବ୍ଲିକ୍‌ର ମାର୍କେଟା ଭୋଣ୍ଡ୍ରୋସୋଭା ଓ ଟ୍ୟୁନିସିଆର ଓନ୍ସ ଜାବେର। ଗୁରୁବାର କୋର୍ଟ-୧ରେ ଅନୁଷ୍ଠିତ ପ୍ରଥମ ସେମି ଫାଇନାଲରେ ୟୁକ୍ରେନର ଏଲିନା ସ୍ୱିତୋଲିନାଙ୍କୁ ୬-୩, ୬-୩ର ସିଧାସଳଖ ସେଟ୍‌ରେ ପରାସ୍ତ କରିଥିଲେ। ଏହା ସହିତ ସେ କ୍ୟାରିୟରର ଦ୍ୱିତୀୟ ଗ୍ରାଣ୍ଡସ୍ଲାମ ଫାଇନାଲରେ ପ୍ରବେଶ କରିଛନ୍ତି। ବାମହାତରେ ସର୍ଭ କରୁଥିବା ଭୋଣ୍ଡ୍ରୋସୋଭାଙ୍କ ସ୍ପିଡ୍ ଆଗରେ ବିଗତ ସିଜନର ରନର୍ ଅପ୍ ସ୍ୱିତୋଲିନା ଅସହଜ ମନେ ହୋଇଥିଲେ। ଦ୍ୱିତୀୟ ସେମି ଫାଇନାଲଟି ବେଶ ପ୍ରତିଦ୍ୱନ୍ଦ୍ୱିତାପୂର୍ଣ୍ଣ ରହିଥିଲା। ୬ ନମ୍ବର ସିଡ୍ ଜାବେର୍ ୬-୭(୫-୭), ୬-୪ ଓ ୬-୩ ସେଟ୍‌ରେ ବିଶ୍ୱ ମାନ୍ୟତାର ଦ୍ୱିତୀୟ ସ୍ଥାନରେ ଥିବା ଆରିନା ସାବାଲେଙ୍କାଙ୍କୁ ପରାସ୍ତ କରିଥିଲେ। ଏହାକୁ ମିଶାଇ ଦ୍ୱିତୀୟ ଥର ପାଇଁ ୱିମ୍ବଲଡନ୍ ଓ ତୃତୀୟ ଗ୍ରାଣ୍ଡସ୍ଲାମ ଫାଇନାଲରେ ପ୍ରବେଶ କରିଛନ୍ତି ଜାବେର୍। ପ୍ରଥମ ସେଟ୍‌ଟି କଡା ସଂଘର୍ଷପୂର୍ଣ୍ଣ ରହିଥିବା ବେଳେ ଏହାକୁ ଟାଇବ୍ରେକରରେ ଜିତିଥିଲେ ସାବାଲେଙ୍କା। ତେବେ ପରବର୍ତ୍ତୀ ଦୁଇ ସେଟ୍‌କୁ ଜିତି ଫାଇନାଲରେ ପ୍ରବେଶ କରିଥିଲେ ଜାବେର।













4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ